

ତୁମ୍ବାଡ ୨ରେ
ଅକ୍ଷୟ ନା ନୱାଜୁଦ୍ଦିନ୍
▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-235 ♦FRIDAY ♦20 FEBRUARY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୩୫ ♦ଶୁକ୍ରବାର ♦୨୦ ଫେବୃଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ବ୍ରିଟେନର ପୂର୍ବତନ ରାଜକୁମାର ଆଣ୍ଡ୍ରୁ ଗିରଫ

■ ଲଣ୍ଡନ, ୧୯ ।୨ (ଏଜେନ୍ସି): ଆମେରିକାର କୁଖ୍ୟାତ ଯୌନ ଅପରାଧୀ ଏପଷ୍ଟିନ ସହ ଘନିଷ୍ଠତା ବ୍ରିଟେନର ପୂର୍ବତନ ରାଜମୁକାର ଆଣ୍ଡ୍ରୁଙ୍କୁ ମହଙ୍ଗା ପଡ଼ିଛି । ଏପଷ୍ଟିନ ସହ ସଂପର୍କ ଏବଂ ଯୌନ କେଲେଙ୍କାରୀ ଯୋଗୁଁ ଗତବର୍ଷ ରାଜ ପରିବାରରୁ ତଡ଼ା ଖାଇଥିବା ଆଣ୍ଡ୍ରୁଙ୍କୁ ଆଜି ପୁଲିସ ଗିରଫ କରିଛି । ଆଣ୍ଡ୍ରୁ ଆଜି ତାଙ୍କର ୬୬ତମ ଜନ୍ମଦିନ ପାଳନ କରୁଥିବା ବେଳେ ବ୍ରିଟେନ ପୁଲିସ ତାଙ୍କ ଘରେ ପହଞ୍ଚି ଗିରଫ କରିଛି । ତାଙ୍କୁ ଗିରଫ କରାଯିବା ଘଟଣା ବ୍ରିଟେନରେ ଚାଞ୍ଚଲ୍ୟ ସୃଷ୍ଟି କରିଛି ।



ଏପଷ୍ଟିନ୍ କଳଙ୍କ

ଏପଷ୍ଟିନ ସହ ସଂପର୍କ ଏବଂ ଯୌନ କେଲେଙ୍କାରୀ ଯୋଗୁଁ ଗତବର୍ଷ ଆଣ୍ଡ୍ରୁଙ୍କୁ ରାଜପରିବାରରୁ ବହିଷ୍କାର କରାଯିବା ସହିତ ତାଙ୍କ ଠାରୁ ସମସ୍ତ ରାଜକୀୟ ସୁବିଧାସୁଯୋଗ ପ୍ରତ୍ୟାହାର କରି ନିଆଯାଇଥିଲା । ସେହିଦିନ ଠାରୁ ତାଙ୍କର ଅଡୁଆ ବଢ଼ିବାର ଲାଗିଛି । ତାଙ୍କୁ ନେଇ ପୁଲିସ ଏପଷ୍ଟିନ ଫାଇଲ୍ସର ଯେତେ ଖୋଳତାଡ଼ କରୁଛି, ସେତିକି ନୂଆ ନୂଆ ଏବଂ ବିସ୍ଫୋରକ ତଥ୍ୟ ଆସିବାରେ ଲାଗିଛି । ଆଣ୍ଡ୍ରୁ ବ୍ରିଟେନର ବାଣିଜ୍ୟ ଦୂତ ଥିବା ବେଳେ ଏପଷ୍ଟିନଙ୍କୁ ଅନେକ ଗୋପନୀୟ ତଥ୍ୟ ପ୍ରଦାନ କରିଥିଲେ । ସେ ଏସିଆ ଗସ୍ତ କରି ଫେରିବା ପରେ ଏପଷ୍ଟିନଙ୍କୁ ଭିଏତନାମ, ହଂକଂ, ସେନଝେନ୍ ଏବଂ ସିଙ୍ଗାପୁର ସଂପର୍କରେ ଗୁପ୍ତ ତଥ୍ୟ ଦେଇଥିଲେ । ଆଣ୍ଡ୍ରୁ ହେଉଛନ୍ତି ବ୍ରିଟେନ ରାଜା କିଙ୍ଗ ଚାର୍ଲ୍ସଙ୍କ ଭାଇ । ଏପଷ୍ଟିନ ସହ ଆଣ୍ଡ୍ରୁଙ୍କର ▶ପୃଷ୍ଠା-୧୦

## ପାକିସ୍ତାନରେ ଗ୍ୟାସ ଲିକ୍‌ରୁ ବିସ୍ଫୋରଣ: ୧୬ ମୃତ

■ କରାଚୀ, ୧୯ ।୨ (ଏଜେନ୍ସି): ପାକିସ୍ତାନର କରାଚୀରେ ଗ୍ୟାସ୍ ଲିକ୍ ହେବା କାରଣରୁ ଏକ ବଡ଼ ଧରଣର ବିସ୍ଫୋରଣ ଘଟିଛି । ବିସ୍ଫୋରଣରେ ଏକ ଆବାସିକ ଅଟ୍ଟାଳିକାର କିଛି ଅଂଶ ଭୁଶୁଡ଼ିବା ଫଳରେ ୧୬ଜଣ ମୃତ୍ୟୁବରଣ କରିଛନ୍ତି । ମୃତକଙ୍କ ମଧ୍ୟରେ ମହିଳା ଓ ୯ ଶିଶୁ ଅଛନ୍ତି । ଏହି ଦୁର୍ଘଟଣାରେ ୭ ଶିଶୁଙ୍କ ସହ ୧୪ ଜଣ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି । ଉଦ୍ଧାରକାରୀ ସଂସ୍ଥା ଅନୁଯାୟୀ, ଗୁଲ ରାଣା କଲୋନୀରେ ସନ୍ଦିଗ୍ଧ ଗ୍ୟାସ ଲିକେଜ କାରଣରୁ ଏହି ବିସ୍ଫୋରଣ ହୋଇଥିଲା ଓ ଅଟ୍ଟାଳିକାର କିଛି ଅଂଶ ଭୁଶୁଡ଼ି ପଡ଼ିଥିଲା । ସମସ୍ତ ମୃତକ ଓ ଆହତଙ୍କୁ ସ୍ଥାନୀୟ ସିଭିଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ପୁଲିସ ସମ୍ପୂର୍ଣ୍ଣ ଅଞ୍ଚଳକୁ ଘେରି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛି । ଭଗ୍ନାବଶେଷ ତଳେ କେହି ପୋତି ହୋଇ ରହିଥିବା ଆଶଙ୍କା କରି ଯାଞ୍ଚ୍ ମଧ୍ୟ କରାଯାଉଛି ।

ମୃତକଙ୍କ ମଧ୍ୟରେ ୯ ଶିଶୁ



## ଜିଦ୍‌ରେ ଅଟଳ ବିରୋଧୀ-ଶାସକ

# ବିଧାନସଭା ଅଚଳ

## ଚାଷୀ ମାରଣ ନୀତିକୁ ନେଇ ବିଜେଡିର ଗର୍ଜନ

■ ଭୁବନେଶ୍ୱର, ୧୯।୨ (ସମିସ): ଚାଷୀଙ୍କ ସମସ୍ୟା, ଧାନ କିଣାରେ ଅନିୟମିତତାକୁ ନେଇ ଗତ ଦୁଇଦିନ ଧରି ଅଚଳ ରହିଛି ବିଧାନସଭା । ବିରୋଧୀ ବିଜେଡି ଓ କଂଗ୍ରେସ ରାଜ୍ୟରେ ସରକାରଙ୍କ ଚାଷୀମାରଣ ନୀତିକୁ ନେଇ ସରକାରଙ୍କୁ ଘେରିଥିବା ବେଳେ ଗୃହରେ ପ୍ରଶ୍ନକାଳ, ଶୂନ୍ୟକାଳ ଓ କୌଣସି ଆଲୋଚନା ହୋଇପାରୁନାହିଁ । ଗତକାଲି ପରି ଆଜି ମଧ୍ୟ ବିରୋଧୀ ବିଜେଡି ଓ କଂଗ୍ରେସ ବିଧାନସଭାରେ ଧାନ କିଣା ଅବ୍ୟବସ୍ଥାକୁ ନେଇ ନିଜର ପ୍ରତିବାଦ ଜାରି ରଖିଛନ୍ତି । ଧାନ ବିକ୍ରି ଏବଂ ଚାଷୀ ସମସ୍ୟାକୁ ନେଇ ଉଭୟ ବିରୋଧୀ ପ୍ରବଳ ହଟ୍ଟଗୋଳ କରିଛନ୍ତି । ମଣ୍ଡି ଅବ୍ୟବସ୍ଥା, ସରକାରଙ୍କ ଚାଷୀ ମାରଣ ନୀତି, କଟନୀ ଛଟନୀ ପ୍ରସଙ୍ଗରେ ବିରୋଧୀ ଗୃହ ମଧ୍ୟରେ ପୋଷ୍ଟର ପ୍ରଦର୍ଶନ ସହ ପ୍ରବଳ ହୋ ହାଲ୍ଲା କରିଛନ୍ତି । ଫଳରେ ପ୍ରଥମାର୍ଦ୍ଧରେ ମାତ୍ର ୧୧ ମିନିଟ୍ ଗୃହ କାର୍ଯ୍ୟ ହୋଇପାରିଛି ଏବଂ ଦ୍ୱିତୀୟାର୍ଦ୍ଧରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧନ୍ୟବାଦ




▶ ରାଜ୍ୟପାଳଙ୍କ ଅଭିଭାଷଣ ପୁସ୍ତିକା ଚିରିଲା କଂଗ୍ରେସ

▶ ପ୍ରଥମାର୍ଦ୍ଧରେ ବିଧାନସଭା ଚାଲିଲା ମାତ୍ର ୧୧ ମିନିଟ୍

ପ୍ରସ୍ତାବ ଆଲୋଚନାର ଉତ୍ତର ଦେଉଥିବା ସମୟରେ ବିରୋଧୀ କକ୍ଷତ୍ୟାଗ କରିଛନ୍ତି ।

ଗୁରୁବାର ସକାଳେ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗରେ ସରକାର ସ୍ଲୋଗାନ ଦେଇଥିଲେ । ବିରୋଧୀଙ୍କ ହୋହାଲ୍ଲା ମଧ୍ୟରେ ବିଧାୟିକା ସଂଜଳି ମୁର୍ମୁଙ୍କ ଜଳ ସମ୍ପଦ ବିଭାଗ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପକ୍ଷରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହଲିଙ୍ଗ ରଖିଥିଲେ । ଅତିରିକ୍ତ ପ୍ରଶ୍ନକର୍ତ୍ତା ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ଦ୍ୱାରା ପଚରାଯାଇଥିବା ପ୍ରଶ୍ନର ଉତ୍ତର ମଧ୍ୟ ମନ୍ତ୍ରୀ ରଖିଥିଲେ । ମାତ୍ର ପ୍ରବଳ ହୋ ▶ପୃଷ୍ଠା-୧୦

### ସବୁ ଧାନ କିଣିବେ ସରକାର: ମୁଖ୍ୟମନ୍ତ୍ରୀ



୨୦୪୭ ସୁଦ୍ଧା ଓଡ଼ିଶା ହେବ ଦେଶର ଗ୍ରୋଥ ଇଞ୍ଜିନ୍

ଆଲୋଚନାରେ ଭାଗ ନେଲେନି ବିରୋଧୀ ସଦସ୍ୟ

■ ଭୁବନେଶ୍ୱର, ୧୯।୨ (ସମିସ): ଆମ ସରକାର ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲା, ଆଜି ମଧ୍ୟ ସେତିକି ପ୍ରାପ୍ୟ ପ୍ରଦାନ କରାଯାଉଛି । ୨୦୨୪-୨୫ ଖରିଫ ଋତୁରେ ଆମ ସରକାର ୧୬.୬୦ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କଠାରୁ ୭୩ ଲକ୍ଷ ମେଟ୍ରିକ ଟନରୁ ଊର୍ଦ୍ଧ୍ୱ ଧାନ ସଂଗ୍ରହ କରିଥିବା ବେଳେ ଚାଷୀଙ୍କୁ ପ୍ରାୟ ୨୩,୦୦୦ କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ଚଳିତ ଖରିଫ ୨୦୨୫-୨୬ ଋତୁରେ ଅଦ୍ୟାବଧି ୧୩ ଲକ୍ଷ ୯୧ହଜାରରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରୟ କରିଛନ୍ତି । ସରକାର ଏ ଯାବତ ପ୍ରାୟ ୫୯ ଲକ୍ଷ କୁଇଣ୍ଟାଲ ଧାନ କ୍ରୟ କରି ସାରିଲେଣି । ଏହା ପ୍ରଶାସନିକ ଅନାଗ୍ରହର ପ୍ରତୀକ ନୁହେଁ; ସୁଦୃଢ଼, ପାରଦର୍ଶୀ ଓ ଚାଷୀକଲ୍ୟାଣ ସଂଗ୍ରହ ▶ପୃଷ୍ଠା-୧୦

### 'ମାଗଣା ସଂସ୍କୃତି'କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

## ମାଗଣା ସୁବିଧା ନୁହେଁ, ନିଯୁକ୍ତି ଦିଅ



■ ନୂଆଦିଲ୍ଲୀ, ୧୯ ।୨ (ଏଜେନ୍ସି): ନିର୍ବାଚନ ଆସିଲେ ବିଭିନ୍ନ ରାଜ୍ୟରେ ସରକାର ମାଗଣା ସୁବିଧା ସୁଯୋଗ ଦେବାକୁ ଘୋଷଣା କରୁଛନ୍ତି । ଏଭଳି 'ମାଗଣା ସଂସ୍କୃତି'କୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ । ଏକିପ୍ରକାର ମାଗଣା ସଂସ୍କୃତି ବୋଲି ପ୍ରଶ୍ନ ଉଠାଇ ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ ଏଭଳି ନୀତିଗୁଡ଼ିକ ଉପରେ ପୁନର୍ବିଚାର କରିବାର ସମୟ ଆସିଛି । କାରଣ ଏହା ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରଭାବିତ କରୁଛି । କୋର୍ଟ ଆହୁରି କହିଛନ୍ତି ଯେ, ମାଗଣା ସୁବିଧା ବଦଳରେ ରାଜ୍ୟଗୁଡ଼ିକ ରୋଜଗାର ସୃଷ୍ଟି କରିବା ଉପରେ ଧ୍ୟାନ ଦେବା ଉଚିତ । 'ଯଦି ଆପଣ ସକାଳୁ ସଞ୍ଜ ଯାଏଁ ମାଗଣା ଖାଦ୍ୟ, ତାପରେ ମାଗଣା ସାଇକେଲ ଏବଂ ମାଗଣା ବିଜୁଳି ଦେବେ, ତେବେ ଲୋକେ କାହିଁକି କାମ କରିବେ? ଏହା କାମ କରିବାର ସଂସ୍କୃତି ତଥା ଅଭ୍ୟାସକୁ ପ୍ରଭାବିତ କରୁଛି ।' ସୁପ୍ରିମକୋର୍ଟ ଆହୁରି କହିଛନ୍ତି ଯେ, ଗରିବଙ୍କୁ ସାହାଯ୍ୟ କରିବା ବୁଝାପଡୁଛି । କିନ୍ତୁ ଆର୍ଥିକ ସ୍ଥିତି ଦୃଷ୍ଟିରୁ ଧନୀ ବର୍ଗର ଲୋକଙ୍କୁ କାହିଁକି ମାଗଣା ବିଜୁଳି, ଖାଦ୍ୟ ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯିବ ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି ।

ମାଗଣା ବାଣ୍ଟିଲେ ରାଜକୋଷ ଖାଲି ହୋଇଯିବ

ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ବିପୁଲ ଏମ୍ ପାଞ୍ଚୋଲୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ଏସଂକ୍ରାନ୍ତ ତାମିଲନାଡୁ ମାମଲାର ଶୁଣାଣି କରୁଥିବା ସମୟରେ ଏଭଳି ଢଙ୍ଗରେ ବିରକ୍ତି ପ୍ରକାଶ କରିଛନ୍ତି । ଚଳିତ ବର୍ଷ ତାମିଲନାଡୁରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି ଏବଂ ଏହାପୂର୍ବରୁ ରାଜ୍ୟ ସରକାର ସମସ୍ତଙ୍କ ପାଇଁ ମାଗଣା ବିଜୁଳି ଯୋଗାଇବାକୁ ଘୋଷଣା କରିଛନ୍ତି । ଏଥିରେ କ୍ଷୋଭ ପ୍ରକାଶ କରି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି ଯେ ଏମିତି କଣ ଦରକାର ପଡ଼ିଲା ଯେ ରାଜ୍ୟ ସରକାର ଏହି ଘୋଷଣା କରିଦେଲେ । ସରକାରୀ ଘୋଷଣା ଯୋଗୁଁ ବିଦ୍ୟୁତ ବଣ୍ଟନ କଂପାନୀଙ୍କୁ ସେମାନଙ୍କର ଶୁଳ୍କ ଏବଂ ବଜେଟ୍ କାଲକୁଲେସନ୍ ଆଉଥରେ କରିବାକୁ ପଡୁଛି । କେବଳ ତାମିଲନାଡୁ ନୁହେଁ, ▶ପୃଷ୍ଠା-୧୦

## ଆଜି ରାଜ୍ୟ ବଜେଟ୍

■ ଭୁବନେଶ୍ୱର, ୧୯।୨ (ସମିସ): ଶୁକ୍ରବାର ରାଜ୍ୟ ବଜେଟ୍ ବିଧାନସଭାରେ ଉପସ୍ଥାପନ ହେବ । ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ବଜେଟ୍ ଉପସ୍ଥାପନ କରିବେ । ରାଜ୍ୟରେ ବିଜେପି ସରକାରଙ୍କର ଏହା ଦ୍ୱିତୀୟ ପୂର୍ଣ୍ଣାଙ୍ଗ ବଜେଟ୍ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ଭାବେ ମୋହନ ଚରଣ ମାଝୀ ତାଙ୍କର ତୃତୀୟ ବଜେଟ୍ ଉପସ୍ଥାପନ କରିବେ । ଏହା ପୂର୍ବରୁ ୨୦୨୫-୨୬ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ସହ ଅତିରିକ୍ତ ବଜେଟ୍ ଉପସ୍ଥାପନ କରିଥିଲେ । ଅପରାହ୍ଣରେ ବଜେଟ୍ ଉପସ୍ଥାପନ କରିବା ନେଇ ସୂଚନା ରହିଥିବା ବେଳେ ଏହା ପୂର୍ବରୁ ଗୁରୁବାର ରାଜ୍ୟ ଅର୍ଥନୈତିକ ସର୍ଭେ ରିପୋର୍ଟ ପ୍ରକାଶ ପାଇଛି । ଚଳିତ ବର୍ଷ ରାଜ୍ୟ ବଜେଟ୍ ୩ ଲକ୍ଷ ୧୦ ହଜାର କୋଟି ଛୁଇଁବା ନେଇ ଆକଳନ କରାଯାଉଛି ।



୩.୧୦ ଲକ୍ଷ କୋଟି ଛୁଇଁବ ବଜେଟ !

## ଏଆଇରେ ୧୦ ଲକ୍ଷ କୋଟି ନିବେଶ କରିବ ରିଲାଏନ୍ସ

### ମୋବାଇଲ ଡାଟା ଭଳି ଶସ୍ତା ହେବ ଏଆଇ: ଅମ୍ବାନୀ

■ ନୂଆଦିଲ୍ଲୀ, ୧୯।୨ (ଏଜେନ୍ସି): ଜିଓ ଯେଉଁଭଳି ଭାବରେ ଦେଶରେ ଡାଟାକୁ ଶସ୍ତା କରିଥିଲା, ଠିକ୍ ସେହିପରି ଏବେ କୃତ୍ରିମ ବୁଦ୍ଧିମତ୍ତା (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ)କୁ ମଧ୍ୟ ସାଧାରଣ ଲୋକଙ୍କ ପାଖରେ ସୁଲଭ ମୂଲ୍ୟରେ ଉପଲବ୍ଧ କରାଯିବ । ‹ଭାରତ ଏଆଇକୁ ଭଡାରେ ନେଇପାରିବନାହିଁ ଏବଂ ଜିଓ ଦେଶକୁ ଇଣ୍ଟରନେଟ୍ ଯୁଗ ପରେ ବର୍ତ୍ତମାନ 'ଇଣ୍ଟେଲିଜେନ୍ସ ଯୁଗ' ସହିତ ଯୋଡ଼ିବ । ଯାହାଫଳରେ ମୋବାଇଲ ଡାଟା ଭଳି ଲୋକଙ୍କ ପାଇଁ ଏଆଇ ଶସ୍ତା ହେବ । ଜିଓ ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଆଗାମୀ ୭ ବର୍ଷରେ ଏଆଇରେ ୧୦ ଲକ୍ଷ କୋଟି ଟଙ୍କା ନିବେଶ କରିବେ । ଏହି ନିବେଶ ଭାରତରେ ଶକ୍ତିଶାଳୀ ଏଆଇ ଭିତ୍ତିଭୂମି ସୃଷ୍ଟି କରିବା ସହ ଆଗାମୀ ଦଶକ ପାଇଁ ଆର୍ଥିକ ଦୃଢ଼ତା ସୁନିଶ୍ଚିତ କରାଯିବ ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ଼ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍‌ରେ ଘୋଷଣା କରିଛନ୍ତି ।




କମ୍ପାନୀ ଜାମନଗରରେ ପର୍ଯ୍ୟାୟକ୍ରମେ ମଲ୍ଟି-ଗିଗାୱାଟ୍ ଏଆଇ-ରେଡି ଡାଟା ସେଣ୍ଟର ପାର୍କ ବିକଶିତ କରୁଛି । ୨୦୨୬ ଶେଷ ମଧ୍ୟରେ ୧୨୦ ମେଗାୱାଟ୍ କ୍ଷମତା ଆରମ୍ଭ କରିବାର ଲକ୍ଷ୍ୟ ରହିଛି, ଯାହାକୁ ପରବର୍ତ୍ତୀକାଳରେ ଗିଗାୱାଟ୍ ସ୍ତର ପର୍ଯ୍ୟନ୍ତ ବଢ଼ାଯିବ । ଏହି ସମ୍ପୂର୍ଣ୍ଣ ଭିତ୍ତିଭୂମି ଗ୍ରୀନ୍ ଏନର୍ଜି ଉପରେ ଆଧାରିତ ରହିବ । ସେହିପରି ଜିଓ ଏହାର ନେଟୱର୍କ ଜରିଆରେ ସମଗ୍ର ଦେଶରେ ଏଭଳି କମ୍ପ୍ୟୁଟିଂ କ୍ଷମତା ଉପଲବ୍ଧ କରାଇବ, ଯାହାଦ୍ୱାରା ଏଆଇ ସେବାଗୁଡିକ ଅଳ୍ପ ଖର୍ଚ୍ଚରେ ଏବଂ ଦ୍ରୁତ ଗତିରେ ଲୋକମାନଙ୍କ ପାଖରେ ତଥା ଦୋକାନ, କ୍ଷୁଦ୍ର ବ୍ୟବସାୟ, ସ୍କୁଲ୍, ▶ପୃଷ୍ଠା-୧୦

## ପ୍ରଚଣ୍ଡ ବିସ୍ଫୋରଣରେ ଥରିଲା ଜଗତପୁର

## ମା', ଶିଶୁକନ୍ୟା ମୃତ

■ କଟକ, ୧୯ ।୨ (ସମିସ): ଜଗତପୁର ଥାନା ପାଗା ଫାଣ୍ଡି ଅନ୍ତର୍ଗତ ମହାଜନପୁର ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି । ବାଣ ବିସ୍ଫୋରଣରେ ମା' ଓ ଶିଶୁକନ୍ୟାର ମୃତ୍ୟୁ ହୋଇଛି । ମୃତକଦ୍ୱୟ ହେଲେ, ଗୋବିନ୍ଦ ନାୟକଙ୍କ ବୋହୂ ଓ ନାତୁଣୀ । ଖବର ଲେଖା ହେବା ସୁଦ୍ଧା ସେମାନଙ୍କ ନାମ ଜଣାପଡ଼ିନାହିଁ । ଏହି ଅଘଟଣରେ ଗୋବିନ୍ଦଙ୍କ ପତ୍ନୀ ପ୍ରଭାତୀ ନାୟକ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ କଟକ ଏସ୍‌ସିବିରେ ଭର୍ତ୍ତି କରାଯାଇଛି ।

ସୂଚନାନୁସାରେ, ଦୀର୍ଘ ବର୍ଷ ହେବ ଗୋବିନ୍ଦ ବେଆଇନ ଭାବେ ବାଣ କାରବାର କରୁଥିଲେ । ଏଥିପାଇଁ ସେ ନିଜ ଘରେ ସବୁବେଳେ ବିପୁଳ ପରିମାଣର ବାଣ ମହଜୁଦ ରଖିଥିଲେ । ପାଗା ଫାଣ୍ଡି ପୁଲିସ ନିକଟରେ ଏହି ସୂଚନା ଥିଲେ ମଧ୍ୟ ଆଦୌ ଚଢ଼ଉ କରୁନଥିଲା । ତେବେ ଆଜି କୌଣସି କାରଣବଶତଃ ବାଣଗୁଡ଼ିକରେ ନିଆଁ




ଲାଗିଯିବାରୁ ପ୍ରଚଣ୍ଡ ବିସ୍ଫୋରଣ ହୋଇଥିଲା । ବିସ୍ଫୋରଣ ଏତେ ଶକ୍ତିଶାଳୀ ଓ ଭୟଙ୍କର ଥିଲା ପାଖାପାଖି ଅଞ୍ଚଳଗୁଡ଼ିକ ଥରି ଉଠିଥିଲା । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳି ଯାଇଥିଲା । ଏହି ସମୟରେ ଘରେ ଥିବା ଗୋବିନ୍ଦଙ୍କ ପତ୍ନୀ ପ୍ରଭାତୀ, ତାଙ୍କ ବୋହୂ ଓ ନାତୁଣୀ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୁଲିସ ଓ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି କଟକ ବଡ଼ ମେଡିକାଲକୁ ପଠାଇଥିଲେ । ସେଠାରେ ବୋହୂ ଓ ନାତୁଣୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଥିବା ବେଳେ ପ୍ରଭାତୀଙ୍କ ଅବସ୍ଥା ସଂକଟାପନ୍ନ ରହିଛି । ଜଗତପୁର ଥାନା ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି । ▶ପୃଷ୍ଠା-୧୦

## ଅଜବ ରାଜ୍ୟ, ଗଜବ ନୀତି

## ବିନା ଫିଟନେସରେ ଶିକ୍ଷାନୁଷ୍ଠାନ ଗାଡ଼ି

### ପରିବହନ ବିଭାଗର ୨୪୨ ଗାଡ଼ିରେ ନାହିଁ ପିୟୁସିସି

■ ଭୁବନେଶ୍ୱର, ୧୯।୨ (ସମିସ): ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ଦୈନିକ ଛାତ୍ରଛାତ୍ରୀମାନଙ୍କୁ ନେବା ଆଣିବା କରୁଥିବା ଅନେକ ବସ୍ ଚଳାଚଳ ପାଇଁ ଫିଟ୍ ନୁହେଁ । ସେହିପରି ଖୋଦ୍ ପରିବହନ ପକ୍ଷରୁ ଚାଲୁଥିବା ଅନେକ ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର ନାହିଁ । ଖୋଦ୍ ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନା ବିଧାନସଭାରେ ଏହାକୁ ସ୍ୱୀକାର କରିଛନ୍ତି । ବିଡ଼ମ୍ବନା ହେଉଛି ସରକାରଙ୍କ ନିକଟରେ ଏ ସଂକ୍ରାନ୍ତରେ ତଥ୍ୟ ଥିବା ସତ୍ତ୍ୱେ ଉପରୋକ୍ତ ଗାଡ଼ି ବା ଏହାର କର୍ତ୍ତୃପକ୍ଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗ ପଛଘୁଞ୍ଚା ଦେଉଛନ୍ତି ।



ବିଧାନସଭାରେ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି, ବର୍ତ୍ତମାନ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ୪୦୪୫ ଟି ବସ୍ ଗମନାଗମନ କରୁଛି । ଏଥିମଧ୍ୟରୁ ୧୧୭୧ଟି ବସରେ ଫିଟନେସ୍ ସାର୍ଟିଫିକେଟ ନାହିଁ । ସେହିପରି ଭୁବନେଶ୍ୱରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ୧୭ଟି ବସ୍ ବିନା ଫିଟନେସରେ ଗଡୁଛି ବୋଲି ମନ୍ତ୍ରୀ ବିଧାନସଭାରେ ଉତ୍ତର ରଖିଛନ୍ତି ।

ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ପରିବହନ ବିଭାଗରେ ଚାଲୁଥିବା ଗାଡିକୁ ନେଇ ମଧ୍ୟ ଆଶ୍ଚର୍ଯ୍ୟଜନକ ଚିତ୍ର ସାମନାକୁ ଆସିଛି । ବିଭାଗ ଅଧୀନରେ ଚଳାଚଳ କରୁଥିବା ଅନେକ ଗାଡ଼ି ବିନା ପ୍ରଦୂଷଣ ପ୍ରମାଣପତ୍ରରେ ଗଡୁଛି । ମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ ସରକାରଙ୍କ ନିଜସ୍ୱ ଓ ଭଡ଼ାରେ ପରିବହନ ବିଭାଗରେ ୨୪୨ଟି ଗାଡ଼ି ଚାଲୁଛି । ଏସବୁ ଗାଡ଼ିର ପ୍ରଦୂଷଣ ▶ପୃଷ୍ଠା-୧୦

## ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପିତ

# ରଙ୍ଗ ଗେରୁଆ, ବାମ୍ବା ଗୋଲାପୀ

### ଓଡ଼ିଶା ହେବ ୧୦ ଲକ୍ଷ କୋଟିର ଅର୍ଥନୀତି

■ ଭୁବନେଶ୍ୱର, ୧୯।୨ (ସମିସ): ସରକାର ବଦଳିବା ସହ ଅର୍ଥନୈତିକ ସର୍ଭେ ରିପୋର୍ଟରେ ରାଜ୍ୟର ଛବି ଓ ରଙ୍ଗ ବଦଳିଛି । ବିଧାନସଭାରେ ଉପସ୍ଥାପିତ ଗେରୁ ରଙ୍ଗର ଅର୍ଥନୈତିକ ସର୍ଭେ ରିପୋର୍ଟ ପୁସ୍ତିକାରେ ଅଭିବୃଦ୍ଧିର ଗୋଲାପୀ ଅତର ଢ଼ାଳିଛନ୍ତି ସରକାର । ରାଜ୍ୟର ଅର୍ଥନୀତି ଖୁବ୍ ଶୀଘ୍ର ୧୦ ଲକ୍ଷ କୋଟି ଟଙ୍କା ଛୁଇଁବ ଓ ରାଜ୍ୟ ଘରୋଇ ଉତ୍ପାଦ(ଜିଏସ୍‌ଡିପି) ୯.୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରିଛନ୍ତି । ୨୦୨୪-୨୫ ଆର୍ଥିକବର୍ଷରେ ରାଜ୍ୟ ଅର୍ଥନୀତିର ଆକାର ୯ ଲକ୍ଷ କୋଟି ଟଙ୍କା ଥିଲା ଓ ବାର୍ଷିକ ୯.୫ ପ୍ରତିଶତ ଅଭିବୃଦ୍ଧି ଘଟିବ ବୋଲି ରିପୋର୍ଟରେ କୁହାଯାଇଛି । ସେହିପରି




ଆୟ ହାର ବୃଦ୍ଧିରେ ଦେଶକୁ ଟପିଲା ଓଡ଼ିଶା

ମୁଣ୍ଡ ପିଛା ଆୟ ୧.୮୭ ଲକ୍ଷ ଟଙ୍କା

ବାର୍ଷିକ ଅଭିବୃଦ୍ଧି ହାର ୭.୯% ଆକଳନ

ଜାତୀୟ ହାରକୁ ଟପିବ ଜିଡିପି ଅଭିବୃଦ୍ଧି

୨୦୨୫-୨୬ ଆର୍ଥିକବର୍ଷରେ ରାଜ୍ୟରେ ମୁଣ୍ଡପିଛା ଆୟରେ ୯.୨% ବୃଦ୍ଧି ପାଇଥିବା ଓ ଏହା ଦେଶରେ ମୁଣ୍ଡପିଛା ଆୟ ହାର ୬.୯% ବୃଦ୍ଧିରୁ ଅଧିକ ବୋଲି ଏଥିରେ ଉଲ୍ଲେଖ ରହିଛି । ରାଜ୍ୟବାସୀଙ୍କ ହାରାହାରି ମୁଣ୍ଡପିଛା ଆୟ ୧.୮୭ ଲକ୍ଷ ଟଙ୍କା ବୋଲି ସରକାର କହିଛନ୍ତି ।

୨୦୨୫-୨୬ରେ ରାଜ୍ୟର ବାସ୍ତବ ଅର୍ଥନୈତିକ ଅଭିବୃଦ୍ଧି ୭.୯ ▶ପୃଷ୍ଠା-୧୦

### ଦୁଇ ଦିନରେ ମୁଣ୍ଡପିଛା ଆୟ ୭ ହଜାର ବୃଦ୍ଧି !

■ ଭୁବନେଶ୍ୱର, ୧୯।୨ (ସମିସ): ମାତ୍ର ଦୁଇଦିନରେ ରାଜ୍ୟବାସୀଙ୍କ ବାର୍ଷିକ ମୁଣ୍ଡପିଛା ହାରାହାରି ଆୟ ବଢ଼ିଛି ୭ ହଜାର ଟଙ୍କା । ଏ କଥା ଖୋଦ ରାଜ୍ୟ ସରକାର ବିଧାନସଭାରେ ଉଲ୍ଲେଖ କରିଛନ୍ତି । ତେବେ କେଉଁ ଚମତ୍କାରିତା ବଳରେ ଏପରି ଉପଲବ୍ଧି ହାସଲ ହେଲା ତାହାର ରହସ୍ୟ ସରକାର ସ୍ପଷ୍ଟ କରିନାହାନ୍ତି । ମଙ୍ଗଳବାର ବିଧାନସଭାର ବଜେଟ୍ ଅଧିବେଶନର ପ୍ରାରମ୍ଭରେ ରାଜ୍ୟପାଳ ନିଜ ଅଭିଭାଷଣରେ ରାଜ୍ୟବାସୀଙ୍କ ମୁଣ୍ଡପିଛା ହାରାହାରି ଆୟ ୧.୮୦ ଲକ୍ଷ ଟଙ୍କା ଥିବା ଦର୍ଶାଇଥିଲେ । ଏହା ସହିତ ୨୦୪୭ ସୁଦ୍ଧା ମୁଣ୍ଡପିଛା ହାରାହାରି ଆୟ ୩୨ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଁ ରାଜ୍ୟ ସରକାର ଭିଜନ ଡ଼କୁମେଣ୍ଟର ▶ପୃଷ୍ଠା-୧୦

● ହିନ୍ଦୋଳ ବିଜେଡିର ନୂତନ କାର୍ଯ୍ୟକର୍ତ୍ତା

# ପ୍ରଦ୍ୟୁମ୍ନ ଏନଏସି, ଦେବୀପ୍ରସାଦ ବ୍ଲକ ସଭାପତି

ହିନ୍ଦୋଳ/ଖଜୁରିଆକଟା, ୧୯ ।୨(ସମିସ): ହିନ୍ଦୋଳ ବ୍ଲକ ବିଜେଡିର ନୂତନ କାର୍ଯ୍ୟକର୍ତ୍ତା ଘୋଷଣା ହୋଇଛି । ବିଜେଡି ମୁଖିଆ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ହିନ୍ଦୋଳ ଏନଏସି ସଭାପତି ଭାବେ ବରିଷ୍ଠ ନେତା ପ୍ରଦ୍ୟୁମ୍ନ କୁମାର ବେହେରା, ବ୍ଲକ ସଭାପତି ଭାବେ ପୂର୍ବତନ ରାଜ୍ୟ ଯୁବ ବିଜେଡି ସମ୍ପାଦକ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ଚୟନ କରାଯାଇଛି ।




ସେହିପରି ଓଡ଼ାପଡ଼ା ବ୍ଲକ ସଭାପତି ଭାବେ ସରପଞ୍ଚ ଜଟି ନାଏକ, ରାଜ୍ୟ ମହିଳା ସମ୍ପାଦକ ଭାବେ ମମତା ସାହୁ, ଜିଲ୍ଲା ଉପସଭାପତି ଭାବେ ଜିଲ୍ଲା ପରିଷଦ ସଭ୍ୟ ମମତାଞ୍ଜଳି ବେହେରା, ଜିଲ୍ଲା ସମ୍ପାଦକ ଭାବେ ହିନ୍ଦୋଳ ବ୍ଲକ ଅଧ୍ୟକ୍ଷା ସସ୍ମିତାରାଣୀ ନାୟକ, ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ପୂର୍ବତନ କାଉନସିଲର ରମେଶ ସାହୁ, ପ୍ରଶାନ୍ତ ଦାସ, ଚକ୍ରଧର ଦାସ ପ୍ରମୁଖ ମନୋନୀତ ହୋଇଛନ୍ତି । ପୂର୍ବତନ ସାଂସଦ ମହେଶ ସାହୁଙ୍କ ସୁପାରିସ ଓ ଜିଲ୍ଲା ସଭାପତି ଡ. ନୃସିଂହ ସାହୁଙ୍କ ସମ୍ମତି କ୍ରମେ ଦଳ ସୁପ୍ରିମୋ ନବୀନ ପଟ୍ଟନାୟକ ଏମାନଙ୍କୁ ଦାୟିତ୍ୱ ଅର୍ପଣ କରିଥିବାରୁ ସମସ୍ତ କାର୍ଯ୍ୟକର୍ତ୍ତା ବରିଷ୍ଠ ନେତାମାନଙ୍କୁ କୃତଜ୍ଞତା ଜଣାଇଛନ୍ତି । ଦଳକୁ ଆଗାମୀ ଦିନରେ ଅଧିକ ଶକ୍ତିଶାଳୀ ଓ କ୍ରିୟାଶୀଳ କରିବା ସହ ତୃଣମୂଳ ସ୍ତରରେ କାର୍ଯ୍ୟ କରି ଲୋକଙ୍କ ହକ୍ ପାଇଁ ଲଢ଼େଇ ଜାରି ରଖିବେ ବୋଲି କାର୍ଯ୍ୟକର୍ତ୍ତାମାନେ ପ୍ରକାଶ କରିଛନ୍ତି ।

## ରବି ଫସଲ ନିମନ୍ତେ କୃଷି ନିର୍ଦ୍ଧାରଣ କମିଟି ବୈଠକ

# ୪୪୯୧୬ ହେକ୍ଟର ଜମିକୁ ଜଳସେଚନ କରାଯିବ

ଢେଙ୍କାନାଳ, ୧୯ ।୨(ସମିସ)

ସ୍ଥାନୀୟ ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ରବି ଫସଲ ନିମନ୍ତେ କୃଷି ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଛି । ଖରିଫ ଋତୁରେ ବିଭିନ୍ନ ଫସଲ ପାଇଁ ୧୭୨୪୦୦ ହେକ୍ଟର ଜମି ଧାର୍ଯ୍ୟ କରାଯାଇଥିବା ବେଳେ ୧୬୫୫୨୨ ହେକ୍ଟର ଜମିରେ ଏହି ଚାଷ କରାଯାଇଥିବା ସୂଚନା ଦିଆଯାଇଛି । ରବି ଧାନ ଚାଷ ପାଇଁ ୧୪୦ ହେକ୍ଟର, ଅନ୍ୟାନ୍ୟ ଶସ୍ୟ ଜାତୀୟ ଚାଷ ପାଇଁ ୧୯୮୦ ହେକ୍ଟର, ଡାଲି ଜାତୀୟ ଚାଷ ପାଇଁ ୬୩୩୦୦ ହେକ୍ଟର, ତୈଳବୀଜ ପାଇଁ ୧୯୮୫୦ ହେକ୍ଟର, ପନିପରିବା ପାଇଁ ୧୮୮୦୦ ହେକ୍ଟର, ମସଲା ଜାତୀୟ ଚାଷ ପାଇଁ ୬୦୫୦ ହେକ୍ଟର ଏବଂ ଆଖୁ ଚାଷ ପାଇଁ ୯୫୦ ହେକ୍ଟର ଏପରି ମୋଟ




୧୧୧୦୭୦ ହେକ୍ଟର ଜମିରେ ଚାଷ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହି ଚାଷ କାର୍ଯ୍ୟରେ ୪୩୦୦ ମେଟ୍ରିକ ଟନ ବିଭିନ୍ନ ସାର ବ୍ୟବହାର କରାଯିବ । ଜିଲ୍ଲାରେ ଶ୍ରୀ ଅନ୍ନ ଅଭିଯାନ ଓ ଉନ୍ନତ ଆଖୁ ଉତ୍ପାଦନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ପାରମ୍ପରିକ ସାର ବ୍ୟବହାର ସହ ଉନ୍ନତ କୃଷି ସରଞ୍ଜାମ ବ୍ୟବହାର କରାଯାଇ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଉଛି । ରବି ଫସଲ ପାଇଁ ବିଭିନ୍ନ ଉତ୍ସ ମାଧ୍ୟମରେ ୪୪୯୧୬ ହେକ୍ଟର ଜମିକୁ ଜଳସେଚନ କରାଯିବ ବୋଲି ୱାଟରସେଡ୍‌ର ପିଡି ସନତ କୁମାର ନାୟକ ପ୍ରକାଶ କରିଥିଲେ । ହର୍ଟିକଲଚରର ଡିଡି ଦେବପ୍ରକାଶ ରାଉତରାୟ ରବିରେ ହେବାକୁ ଥିବା ଉଦ୍ୟାନ ଭିତ୍ତିକ ଚାଷ ସମ୍ପର୍କରେ ସୂଚନା ଦେଇଥିଲେ । ଡିଡି, ପ୍ଲାନିଂ ରାଜବଲ୍ଲଭ କର ଶସ୍ୟ ଅମଳର ଯୋଜନା ପ୍ରସ୍ତୁତ ସମ୍ପର୍କରେ ଆଲୋଚନା କରିଥିଲେ । ବୈଠକରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତି, ଜିଲ୍ଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଆଶିଷ ରଞ୍ଜନ ସାହୁ, ସମସ୍ତ ବ୍ଲକର କୃଷି ଅଧିକାରୀ, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । କୃଷି ଜିଲ୍ଲା ଅଧିକାରୀ ଜ୍ଞାନେନ୍ଦ୍ର କୁମାର ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜେଡି ଟାଉନ ସଭାପତି ହେଲେ ବିନୋଦ



ଢେଙ୍କାନାଳ, ୧୯ ।୨(ସମିସ): ବିଜେଡି ଢେଙ୍କାନାଳ ଟାଉନ ସଭାପତି ଭାବେ ପୁନର୍ବାର ବିନୋଦ କୁମାର ମହାନ୍ତିଙ୍କୁ ଦାୟିତ୍ୱ ପ୍ରଦାନ କରଯାଇଛି । ଏଥିପାଇଁ ବିନୋଦ ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବା ସହ ଜିଲ୍ଲା ବିଜେଡି ସଭାପତି ଡ. ନୃସିଂହ ଚରଣ ସାହୁ, ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ, ପୂର୍ବତନ ସାଂସଦ ମହେଶ ସାହୁ, ଡ. ଅବିନାଶ ସାମଲଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି । ଆଗାମୀ ଦିନରେ ଦଳକୁ ତୃଣମୂଳ ସ୍ତରରେ ମଜବୁତ କରି ନିଷ୍ଠାପର ଭାବେ କାର୍ଯ୍ୟ କରିବେ ବୋଲି ସେ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଏଥିନିମନ୍ତେ ସେ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି ।

# ପାଣି ପାଇଁ ଦରହସାହି ଆଦିବାସୀ ହଇରାଣ



ଗଁଦିଆ, ୧୯ ।୨(ସମିସ): ଗଁଦିଆ ବ୍ଲକ ଲାଉଲଇ ପଞ୍ଚାୟତ ୮ନଂ ୱାର୍ଡ ଦରହସାହି ଆଦିବାସୀ ଗ୍ରାମବାସୀମାନେ ଦିନକୁ ଦିନ ପାନୀୟଜଳ ପାଇଁ ହଇରାଣ ହେବାରେ ଲାଗିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ଏହି ଗ୍ରାମରେ ଆରଡବ୍ଲ୍ୟୁଏସଏସ ତରଫରୁ ଏକ ଟାଙ୍କି ନିର୍ମାଣ କରାଯାଇ ଜନସାଧାରଣଙ୍କୁ ଜଳ ଯୋଗାଇଦିଆଯାଉଥିଲା । ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଦୀର୍ଘ ଦିନ ହେଲା ଟାଙ୍କି ଟି ଫାଟିଯାଇ ପାଣି ଗଳୁଛି । ଟାଙ୍କିରେ ପାଣି ଟୋପାଏ ରହିପାରୁନାହିଁ । ଏ ଦିଗରେ ଗ୍ରାମବାସୀ ଦୀର୍ଘ ଦିନ ହେବା ଆରଡବ୍ଲ୍ୟୁଏସଏସ ବିଭାଗକୁ ଜଣାଇଥିଲେ ସୁଦ୍ଧା ଯଥା ପୂର୍ବ ତଥା ପରଧାରାରେ ପାଣି ଚାଲିଯାଇ ଲୋକଙ୍କୁ ହଇରାଣ ହେବାକୁ ପଡୁଛି । ଏ ଦିଗରେ ଜିଲ୍ଲାପାଳ ଦୃଷ୍ଟିଦେଇ ଏହି ଆଦିବାସୀମାନଙ୍କୁ ଜଳ ଯୋଗାଇବା ବନ୍ଦୋବସ୍ତ କରିବାକୁ ଦାବି ହୋଇଛି ।

# ଲକ୍ଷ୍ମୀନାରାୟଣ ପୁଟୁଳି ବୈଶ୍ୟ ସମାଜର ବୈଠକ



ଗଁଦିଆ, ୧୯ ।୨(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଝାରଦା ଗିରିଧାରୀ ଆଶ୍ରମ ପ୍ରାଙ୍ଗଣରେ ଭୀମନଗରୀ ଥାନ ପୁଟୁଳି ବୈଶ୍ୟ ସମାଜର ବାର୍ଷିକ ବୈଠକ ଥାନ ସଭାପତି ଗୋବର୍ଦ୍ଧନ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଲକ୍ଷ୍ମୀନାରାୟଣ ପୁଟୁଳି ବୈଶ୍ୟ ସମାଜ କେନ୍ଦୁପାଟଣାର ସମୀକ୍ଷକ ପ୍ରକୃତିବନ୍ଧୁ ହରିହର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲକ୍ଷ୍ମୀନାରାୟଣ ପୁଟୁଳି ବୈଶ୍ୟ ସମାଜ ସଭାପତି ରୋଟାରିଆନ ରଶ୍ମିକାନ୍ତ ସାହୁ, ମୁଖ୍ୟବକ୍ତା ଭାବେ ସମ୍ପାଦକ ସନ୍ତୋଷ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସଙ୍ଗଠନ ସମ୍ପାଦକ ସୁଶାନ୍ତ କୁମାର ପୃଷ୍ଟି, ସହ ସଙ୍ଗଠନ ସମ୍ପାଦକ ରବୀନ୍ଦ୍ର କୁମାର ସାହୁ ଉପସ୍ଥିତ ହୋଇ ଶୃଙ୍ଖଳିତ ଜୀବନଯାପନ ପାଇଁ ସମସ୍ତେ ଏକ ମନ ଏକ ପ୍ରାଣ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଅନୁଷ୍ଠାନର ସମ୍ପାଦକ ବିଜୟ କୁମାର ପୃଷ୍ଟି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ପ୍ରକୃତିବନ୍ଧୁ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ସଭ୍ୟ କୃଷ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବରିଷ୍ଠ ସଭ୍ୟ କୈଳାସ ଚନ୍ଦ୍ର ପୃଷ୍ଟିଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ ।

# ବିଜେଡି ପକ୍ଷରୁ ନବୀନଙ୍କୁ କୃତଜ୍ଞତା

ଢେଙ୍କାନାଳ, ୧୯ ।୨(ସମିସ): ଢେଙ୍କାନାଳ ଜିଲ୍ଲା ବିଜୁ ଜନତା ଦଳକୁ ତୃଣମୁଳ ସ୍ତରରେ ମଜବୁତ କରିବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଜିଲ୍ଲାର ୮ ବ୍ଲକ, ୩ଟି ଏନଏସି ଓ ଗୋଟିଏ ମ୍ୟୁନିସପାଲିଟି ପାଇଁ ସଭାପତି ଚୟନ କରିଛନ୍ତି । ଏହି ମର୍ମରେ ଗଁଦିଆ ବ୍ଲକ ସଭାପତି ଭାବେ ପ୍ରଦୀପ କୁମାର ରାଉତ, ମ୍ୟୁନିସିପାଲିଟି ସଭାପତି ଭାବେ ବିନୋଦ କୁମାର ମହାନ୍ତି, ସଦର ବ୍ଲକ ସଭାପତି ଭାବେ ଅଖିଳ ଲେଙ୍କା, ହିନ୍ଦୋଳ ଏନଏସି ସଭାପତି ଭାବେ ପ୍ରଦ୍ୟୁମ୍ନ ବେହେରା, ହିନ୍ଦୋଳ ବ୍ଲକ ପାଇଁ ଦେବୀପ୍ରସାଦ ପଟ୍ଟନାୟକ, ଓଡ଼ାପଡ଼ା ବ୍ଲକ ସଭାପତି ଭାବେ ଜଟି ନାଏକ, କାମାକ୍ଷାନଗର ବ୍ଲକ ସଭାପତି ଭାବେ ପ୍ରଭାସ ରଞ୍ଜନ ମିଶ୍ର, କାମାକ୍ଷାନଗର ଏନଏସି ପାଇଁ ଆଦିତ୍ୟ କୁମାର ଆଚାର୍ଯ୍ୟ, ଭୁବନ ବ୍ଲକ ସଭାପତି ଭାବେ ରମେଶ ଚନ୍ଦ୍ର ସାହୁ, ଭୁବନ ଏନ୍‌ଏସି ସଭାପତି ଭାବେ ଶୁଭେନ୍ଦୁ ସାହୁ, କଙ୍କଡ଼ାହାଡ଼ ବ୍ଲକ ସଭାପତି ଭାବେ ରାଜକିଶୋର ସାହୁ ଏବଂ ପରଜଙ୍ଗ ବ୍ଲକ ସଭାପତି ଭାବେ କାରଣ ବେହେରାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ରାଜ୍ୟ ବିଜେଡି ସଭାପତି ଏହି ସମସ୍ତ ସଭାପତିଙ୍କ ଉପରେ ଭରସା କରି ଦାୟିତ୍ୱ ପ୍ରଦାନ କରିଥିବାରୁ ଢେଙ୍କାନାଳ ଜିଲ୍ଲା ବିଜେଡି ସଭାପତି ଡ. ନୃସିଂହ ଚରଣ ସାହୁ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ଦିପ ଷଡ଼ଙ୍ଗୀ, ପୂର୍ବତନ ସାଂସଦ ମହେଶ ସାହୁ, ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ, ଡ. ଅବିନାଶ ସାମଲଙ୍କ ସମେତ ନୂତନ ଭାବେ ଚୟନ ହୋଇଥିବା ସମସ୍ତ ବ୍ଲକ, ମ୍ୟୁନିସିପାଲଟି ଓ ଏନଏସି ସଭାପତିମାନେ ନବୀନଙ୍କୁ କୃତଜ୍ଞତା ଜଣାଇଛନ୍ତି । ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳକୁ ସଙ୍ଗଠିତ କରି ବିପୁଳ ସଂଖ୍ୟାରେ ବିଜୟୀ କରିବା ଦିଗରେ ନିଷ୍ଠାପର ଭାବେ କାର୍ଯ୍ୟ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।

# ବନାଗ୍ନି ପ୍ରତିରୋଧ ସଚେତନତା କାର୍ଯ୍ୟକ୍ରମ



ଖଜୁରିଆକଟା, ୧୯ ।୨(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳ ପକ୍ଷରୁ ଜଙ୍ଗଲନିଆଁ କିପରି ପ୍ରତିରୋଧ କରାଯିବ । ସେସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ହିନ୍ଦୋଳ ରେଞ୍ଜର ତ୍ରିଲୋଚନ ଦେହୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହିନ୍ଦୋଳରେଞ୍ଜ ଦଣ୍ଡିରୀ ସେକ୍ସନ ନିକଟ କନକା ସ୍କୁଲରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜଙ୍ଗଲରେ ଜଣାତରେ କି ଅଜାଣତରେ ଲାଗୁଥିବା ନିଆଁକୁ କିପରି ପ୍ରତିରୋଧ କରାଯିବ, ଜାଣିଶୁଣି ନିଆଁ ଲଗାଇବା ସମୟରେ ଧାରହେଲେ ୨୫ହଜାର ଜୋରିମନା ସହ ଜଙ୍ଗଲ ଆଇନକାନୁନ ସମ୍ବନ୍ଧୀୟ ସଚେତନତା ଉପସ୍ଥିତ ବିଭାଗୀୟ ଅଧିକାରୀ ବୁଝାଇଥିଲେ । ଜଙ୍ଗଲ ସୁରକ୍ଷା କିପରି କରାଯିବ ଏଥିପ୍ରତି ସଚେତନ ରହିବାସହ ପ୍ରତ୍ୟେକ ନାଗରିକ, ବନକର୍ମଚାରୀ ମାନଙ୍କ ଦାୟିତ୍ୱ କର୍ତ୍ତବ୍ୟ ସମ୍ପର୍କରେ ବିସ୍ତୃତ ଭାବେ ବନ ଅଧିକାରୀ ତ୍ରିଲୋଚନ ଦେହୁରୀ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କନକା ସ୍କୁଲ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ରାମଚରିତ ମାନସ ପାରାୟଣ ଉପଲକ୍ଷେ କଳସଯାତ୍ରା

ଢେଙ୍କାନାଳ, ୧୯ ।୨(ସମିସ): ଢେଙ୍କାନାଳ ସହର ଯାଉଁଳି ପୋଖରୀ ମଠ ପରିସରରେ ରାମଚରିତ ମାନସ ନବାହ୍ନ ପାରାୟଣ ଓ ମହାଯଜ୍ଞ ଉପଲକ୍ଷେ କଳସଯାତ୍ରା ଅନୁଷ୍ଠିତ ହୋଇଛି । ଏହି ପାରାୟଣ କାର୍ଯ୍ୟକ୍ରମ



୧୯୭୮ ମସିହାରୁ ପ୍ରତିଷ୍ଠାତା ମହନ୍ତ ସ୍ୱର୍ଗତ ମୋହନ ଚରଣ ଦାସଜୀ ମହାରାଜଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ବ୍ରାହ୍ମଣୀ ନଦୀ କମଗରା ଘାଟ ଠାରେ ତୀର୍ଥାବାହନ କରାଯାଇ କଳସ ଧରି ଶୋଭାଯାତ୍ରାରେ ସହର ପରିକ୍ରମା କରି ମଠ ପ୍ରାଙ୍ଗଣରେ ସ୍ଥାପନ କରାଯାଇଥିଲା । ପାରାୟଣ ୨୦ ତାରିଖରୁ ଆରମ୍ଭ ହୋଇ ୨୮ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ସମସ୍ତ କାର୍ଯ୍ୟକ୍ରମ ମହନ୍ତ ବ୍ରହ୍ମାନନ୍ଦ ଦାସଜୀ ମହାରାଜ, ପ୍ରଭୁପାଦ ମହାରାଜ, ବିଶ୍ୱମ୍ବର ମହାରାଜ, ଉଦୟ ବାବା, ବନମାଳୀ ବାବା ଓ ପାରାୟଣ ସମିତି ସଭ୍ୟ ସଞ୍ଜୟ କୁମର ଭଞ୍ଜ, ପ୍ରଭାତ କୁମାର ଛୋଟରାୟ, ଶିବପ୍ରସାଦ ଦାଶ, ପ୍ରଦ୍ୟୁମ୍ନ ପାଢ଼ୀ, ସୂର୍ଯ୍ୟନାରାୟଣ ନାୟକ, ସୁନୀଲ ପଣ୍ଡା, ବସନ୍ତ ବେହେରା, ଶିବସୁନ୍ଦର ଦାସ, ଜଗନ୍ନାଥ ହୋତା, ସଙ୍କଟ ଭଞ୍ଜନ ବେହେରାଙ୍କ ଦ୍ୱାରା ପରିଚାଳିତ ହୋଇଥିଲା । ପ୍ରଥମ ଦିବସରେ ପ୍ରବଚକ ଭାବେ ପଣ୍ଡିତ ରବି ନାରାୟଣ ହୋତା ସ୍ରୋତାମାନଙ୍କୁ ଶିବପାର୍ବତୀ ବିବାହ ଉପରେ ପ୍ରବଚନ ପ୍ରଦାନ କରିବେ ।

# ୨ ଶିଶୁ ଶ୍ରମିକ ଉଦ୍ଧାର




ଢେଙ୍କାନାଳ, ୧୯ ।୨(ସମିସ): ବିଶ୍ୱ ଯୁବକେନ୍ଦ୍ର, ଶ୍ରମ ବିଭାଗ, ଚାଇଲ୍ଡ ହେଲ୍ପଲାଇନ, ଆଭା ମିଳିତ ଉଦ୍ୟମରେ ଢେଙ୍କାନାଳ ବଜାରରୁ ବେଲଟିଗିରି ପର୍ଯ୍ୟନ୍ତ ବିଭିନ୍ନ ହୋଟେଲ, ଢାବା, ଇଟାଭାଟିରେ ଯାଞ୍ଚ କରି ୨ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି । ଉଦ୍ଧାର ଶିଶୁଙ୍କୁ ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଇଛି ।

# କାଠଗଡ଼ା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଢେଙ୍କାନାଳ, ୧୯ ।୨(ସମିସ): କାଠଗଡ଼ା ଆଶ୍ରମ ବିଦ୍ୟାଳୟର ୭୯ତମ ବାର୍ଷିକ ଉତ୍ସବ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୟନ କୁମାର ଗଡ଼ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ରୁଦ୍ରପ୍ରସନ୍ନ ପରିଜା, ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଧାନଶିକ୍ଷକ ଭାଗବତ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ସଦର ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅୟସକାନ୍ତ ଦାସ, ଖାଦ୍ୟଯୋଗାଣ ମନ୍ତ୍ରୀଙ୍କ ପ୍ରତିନିଧି ବିଭୂତି ଭୂଷଣ ଷଣ୍ଢ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ସମାୟ କଳା, କାଉନ୍‌ସିଲର ବଳରାମ ସେଠୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମହାପାତ୍ର ଓ ଅନିଲ ରଞ୍ଜନ ଦାସ ପ୍ରମୁଖ ଯୋଗଦେଇଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ମମତା ବେହେରା ଓ ଶିକ୍ଷକ ମିହିର କୁମାର ଦେହୁରୀ ସହଯୋଗ କରିଥିଲେ । ମୁଖ୍ୟଅତିଥି ପରିଜା ଉତ୍ତମ ଚରିତ୍ର ଗଠନ ଓ ପଠନରେ ମନୋନିବେଶ କରି ସମାଜରେ ପ୍ରତିଷ୍ଠିତ ହେବାକୁ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ । ମୁଖ୍ୟବକ୍ତା ବିଶ୍ୱାଳ ଶିକ୍ଷା, କ୍ରୀଡ଼ା, ସଙ୍ଗୀତ, ବକ୍ତୃତା ଆଦି କାର୍ଯ୍ୟକ୍ରମରେ ଭାଗନେବା ପାଇଁ ଉତ୍ସାହିତ କରିଥିଲେ । ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶିକ୍ଷକ ଅନିଲ୍ ରଞ୍ଜନ ଦାସ ମଞ୍ଚ ପରିଚାଳନା କରିଥିଲେ ।

# ଦରମାକୁ ନେଇ କଳିଙ୍ଗ ଝୋଟକଳ ଶ୍ରମିକ ଶ୍ରମ ଆୟୁକ୍ତଙ୍କ ଦ୍ୱାରସ୍ଥ



ଢେଙ୍କାନାଳ, ୧୯ ।୨(ସମିସ): ସ୍ଥାନୀୟ ଷ୍ଟେସନ ବଜାରସ୍ଥିତ କଳିଙ୍ଗ ଝୋଟ କଳରେ କାର୍ଯ୍ୟ କରୁଥିବା ୩୦ରୁ ଅଧିକ ଶ୍ରମିକ ଦରମା, ପିଏଫ ଓ ଇଏସଆଇ ପ୍ରଦାନ ନେଇ ଜିଲ୍ଲା ଅତିରିକ୍ତ ଶ୍ରମ ଆୟୁକ୍ତଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଶ୍ରମିକମାନଙ୍କୁ ଗତ ଡିସେମ୍ବର ମାସରୁ ଦରମା ମିଳି ନ ଥିବା ବେଳେ ସେମାନଙ୍କ ଇପିଏଫ, ଇଏସଆଇ ଜମା ହୋଇ ନ ଥବା ଅଭିଯୋଗ କରିଛନ୍ତି । ୩୦ରୁ ଅଧିକ କର୍ମଚାରୀ ଗୁରୁବାର ଅତିରିକ୍ତ ଶ୍ରମ ଆୟୁକ୍ତ ମୋନାଲିସା ନାୟକଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଝୋଟ କଳ ଗତ ଡିସେମ୍ବରରୁ ବନ୍ଦ ହୋଇଛି । ଏ ସମ୍ପର୍କରେ କାରଖାନା ପରିଚାଳନା କରୁଥିବା ବିଜୟ କୁମାର ସାହୁଙ୍କୁ ଯୋଗାଯୋଗ କରିବାରୁ ସେ କୁହନ୍ତି ଯେ କର୍ମଚାରୀମାନଙ୍କର ଗୋଟିଏ ମାସର ଦରମା ବାକି ରହିଛି । କାରଖାନା ପରିସ୍ଥିତି ଭଲ ନାହିଁ । ଝୋଟ ଆମଦାନୀ ହୋଇପାରୁନାହିଁ । ଫଳରେ କାରଖାନା ବନ୍ଦ ରହିଛି । ଶ୍ରମିକମାନେ କରିଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିଛନ୍ତି । ସେହିପରି ଅତିରିକ୍ତ ଶ୍ରମ ଆୟୁକ୍ତ ମୋନାଲିସା ନାୟକଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ ଯେ ଆମେ ଶ୍ରମିକମାନଙ୍କ ଅଭିଯୋଗ ପାଇଛୁ । ସେମାନଙ୍କ ବୋନସ୍ ଠିକ ହୋଇଥିଲା କିନ୍ତୁ ସେମାନଙ୍କୁ ପ୍ରଦାନ କରାଯାଇନାହିଁ । ଦରମା ଗୋଟିଏ ମାସର ବାକି ଅଛି । ତୁରନ୍ତ ଏହାର ସମାଧାନ କରାଯିବ ବୋଲି କହିଛନ୍ତି ।

# ଢେଙ୍କାନାଳରେ ଶିଳ୍ପ ସମୂହର ସ୍ଥାପନ ନେଇ ପ୍ରଶ୍ନବାଚୀ

ଢେଙ୍କାନାଳ, ୧୯ ।୨(ସମିସ)

ରାଜ୍ୟରେ ବିଜେପି ସରକାରଙ୍କୁ ୨ବର୍ଷ ପୂରଣ ହେବାକୁ ଯାଉଥିବା ବେଳେ ଇତିମଧ୍ୟରେ ଢେଙ୍କାନାଳବାସୀଙ୍କୁ ବହୁ ନୂତନ ଶିଳ୍ପ ପ୍ରତିଷ୍ଠାର ସୁନେଲି ସ୍ୱପ୍ନ ଦେଖାଯାଇଛି । ୱାରି ଓ ଆୟୋନେକ୍ସ ସୋଲାର ପ୍ରକଳ୍ପ, ବେଦାନ୍ତ ଆଲୁମିନିୟମର ସ୍ମେଲ୍‌ଟର ପ୍ରତିଷ୍ଠା, ଜିନ୍ଦଲ ଷ୍ଟିଲ ପ୍ଲାଣ୍ଟ, କଲ୍ୟାଣୀ ଏରୋସ୍ପେସ, କପିଳାସ ଚନ୍ଦ୍ରଶେଖର ଜୀଉଙ୍କ ପୀଠର ଅଭିନବ ଉନ୍ନତୀକରଣ, ସର୍ବୋପରି ମେଡିକାଲ କଲେଜ ଆଦି ପ୍ରତିଷ୍ଠା ପ୍ରମୁଖ ପ୍ରସଙ୍ଗ ଭାବେ ଜିଲ୍ଲାର ଉନ୍ନୟନ ସୂଚୀରେ ସ୍ଥାନ ପାଇଛି । ଏସବୁ କାର୍ଯ୍ୟକାରୀ ହେଲେ ଢେଙ୍କାନାଳର ବାସ୍ତବ ସ୍ଥିତି ବଦଳିଯିବ ଓ ଏହା ଏକ ଆଧୁନିକ ମହାନଗର ନିଗମ ଆଡ଼କୁ ଗତି କରିବ । ମାତ୍ର ଏହାକୁ ଟିକିଏ ତଳେଇ ଦେଖିଲେ ଏହା ସ୍ୱପ୍ନ ବା ବାସ୍ତବ ତାହା ସମାଲୋଚକମାନେ କଳନା କରୁଛନ୍ତି । ବହୁ ଆଡ଼ମ୍ବରରେ ଶିଳାନ୍ୟାସ ହୋଇଥିବା ୱାରି ସୋଲାର ପ୍ରକଳ୍ପ ଇଞ୍ଚେ ବି ଆଗକୁ ବଢ଼ିନାହିଁ । ମେଡିକାଲ କଲେଜ ପ୍ରତିଷ୍ଠା ବାବଦ ସରକାରୀ ନୋଟିଫିକେସନ୍ ଏଯାଏଁ ପ୍ରକାଶିତ ହୋଇନାହିଁ । ଅନ୍ୟ ପ୍ରକଳ୍ପଗୁଡ଼ିକର ବିଧିବଦ୍ଧ ପ୍ରତିଷ୍ଠାକୁ ଆଗ୍ରହର ସହ ସାଧାରଣରେ ଅପେକ୍ଷା କରାଯାଇଛି । ମାତ୍ର ଢେଙ୍କାନାଳରେ ପ୍ରତିଷ୍ଠିତ ଗୋଟିଏ ବି ରୁଗଣ ଶିଳ୍ପ ନୂତନ ସରକାରଙ୍କ ଦ୍ୱାରା ପୁନରୁଦ୍ଧାର ହୋଇନାହିଁ । ରାଜ୍ୟର ଖ୍ୟାତନାମା ଗୋବିନ୍ଦପୁର କଳିଙ୍ଗ ସୂତାକଳ, ସିମିନଈର ବୃହତମ କଳତନ୍ତ, ଇପିଷ୍ଟିଲ୍ ରୋଲିଂ ମିଲ୍, ଅମ୍ବାନୀ ଗ୍ରୁପ୍‌ର ଝାରଗାଡ଼ିଆସ୍ଥିତ ପଲିଷ୍ଟର ଫାଇବର କାରଖାନା, ପଞ୍ଚୁପଟିର ଇପିଟାଟା ରିଫ୍ରାକ୍ଟୋରିଜ୍, ଯାହାର କୋଠାବାଡ଼ି ଓ କ୍ୱାର୍ଟର୍ସ ସମୂହ ଏବେ ବି ଅକ୍ଷତ ରହିଛି ଏବଂ ଅମ୍ଳଜାନ ସିଲିଣ୍ଡର ନିର୍ମାଣକାରୀ ଓଡ଼ିଶା ଏୟାର ପ୍ରଡକ୍ଟସ୍ ଆଦି ଯାହା ଦଶବର୍ଷ ହେବ ବନ୍ଦ ହୋଇରହିଛି । ଏଭଳି ଏକାଧିକ ଶିଳ୍ପସଂସ୍ଥା ତାଲାପଡ଼ି ଧୀରେ ଧୀରେ ଅବକ୍ଷୟ ଆଡ଼କୁ ଗତି କରୁଛି ସିନା ଏହାର ପୁନରୁଦ୍ଧାର ଦିଗରେ କାହାର ଦୃଷ୍ଟି ପଡୁନାହିଁ ।




କପିଳାସ ପୀଠ ପାଦଦେଶରେ ସ୍ଥାପିତ ଶିବମୂର୍ତ୍ତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି । କପିଳାସ ବାଙ୍କ ରାସ୍ତାରେ ୧୨ଟି ବୁଲାଣି ଥିବା ସ୍ଥାନରେ ସୌନ୍ଦର୍ଯ୍ୟକରଣ ପ୍ରସ୍ତାବ ଆଜକୁ ୨୫ବର୍ଷ ହେବ ଶୀତଳଭଣ୍ଡାରରେ ରହିଛି । କପିଳାସ ସାଇନ୍ସ ସିଟି ପ୍ରତିଷ୍ଠାର ଆଉ ନାଁଗନ୍ଧ ନାହିଁ । ମହାପୁରୁଷଙ୍କ ଐତିହ୍ୟ ଗ୍ରାମ ଯୋଜନାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସାରଙ୍ଗଧର ଦାସଙ୍କ ଜନ୍ମସ୍ଥାନ ହରେକୃଷ୍ଣପୁର ସ୍ଥାନ ପାଇନାହିଁ କି କାଇମାଟି ନିକଟସ୍ଥ ଏହାର ମୁଖ୍ୟ ପ୍ରବେଶ ପଥରେ ପ୍ରସ୍ତାବିତ ତୋରଣଟିଏ ବି ଦୁଇବର୍ଷ ମଧ୍ୟରେ ପ୍ରତିଶ୍ରୁତି ସତ୍ତ୍ୱେ ଏଯାବତ ସାକାର ହୋଇନାହିଁ । ସେହିପରି ଏକ ଐତିହ୍ୟ ଗ୍ରାମ ହେଉଛି କାଦୁଆ ଯେଉଁ ଗ୍ରାମର ବାସିନ୍ଦା ସଦାନନ୍ଦ ଶବର ମହିମାସ୍ୱାମୀଙ୍କୁ ବାରବର୍ଷ ଧରି ଫଳମୂଳ ଯୋଗାଇ ଆସିଥିଲେ । ଏହି କାଦୁଆ ତପୋବନ ପୀଠ ଯାହା ମହିମା ଧର୍ମର ଅନୁଡ଼ିଶାଳ ଭାବେ ପରିଚିତ । ସେହି ରାସ୍ତାର ପ୍ରବେଶପଥରେ ମହାରାଜା ଭଗୀରଥ ଓ ସଦାନନ୍ଦ ଶବରଙ୍କ ପ୍ରତିକୃତି ସମ୍ବଳିତ ଏକ ଭବ୍ୟ ତୋରଣ ନିର୍ମାଣ ପାଇଁ ଗ୍ରାମବାସୀ ତତ୍କାଳୀନ ଜିଲ୍ଲାପାଳ ସରୋଜ ସେଠୀଙ୍କୁ ୨୦୨୧ରେ ସ୍ମାରକପତ୍ର ଦେଇଥିଲେ । ନିର୍ମାଣ ପାଇଁ ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ତାହା ଗତ ୫ ବର୍ଷ ଭିତରେ କାର୍ଯ୍ୟକାରୀ ହୋଇପାରି ନାହିଁ । ପ୍ରଶାସନିକ ପ୍ରତିଶ୍ରୁତି ସବୁ ପାଣିର ଗାର ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏସବୁ ପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଢେଙ୍କାନାଳ ବିଧାୟକ ତଥା ରାଜ୍ୟ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ବିଧାୟିକା ସୀମାରାଣୀ ନାୟକ, ସାଂସଦ ରୁଦ୍ରନାରାୟଣ ପାଣି ଓ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ପ୍ରମୁଖଙ୍କୁ ଜିଲ୍ଲା ସକ୍ରିୟ ନାଗରିକ ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ ଓ ସମ୍ପାଦକ ଅଶୋକ ନନ୍ଦଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସଭ୍ୟବୃନ୍ଦ ନିବେଦନ କରିଛନ୍ତି । ରୁଗ୍ଣ ଶିଳ୍ପଗୁଡ଼ିକର ପୁନରୁଦ୍ଧାର ହୋଇପାରିଲେ ହଜାର ହଜାର ଯୁବକଙ୍କ କର୍ମସଂସ୍ଥାନ ସମ୍ଭବ ହୋଇପାରିବ । ରାଜ୍ୟ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଏଥିପ୍ରତି ଯତ୍ନବାନ ହେବାକୁ ସକ୍ରିୟ ନାଗରିକ ପରିଷଦ ପକ୍ଷରୁ ଦାବି କରାଯାଇଛି ।

## ‘ଭାଗବତ ପାଠ ସଦାଚାର ଓ ଶିଷ୍ଟାଚାର ମାଧ୍ୟମରେ ବ୍ୟକ୍ତିତ୍ୱ ନିର୍ମାଣ କରେ’



ଜଗତସିଂହପୁର,୧୯।୨(ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ମଣ୍ଡଳର ସାହାଡ଼ା ଗ୍ରାମରେ ଶ୍ରୀଶ୍ରୀ ଗୋପୀନାଥଜିଉଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବର ତୃତୀୟ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ସନ୍ଧ୍ୟାରେ ଡ. ବଟ କିଶୋର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଗନ୍ନାଥ ସଂସ୍କୃତି ପ୍ରଚାରକ ସୁଧୀର ସାହାଣୀ କହିଲେ ଯେ ଶ୍ରୀମଦ୍ ଭଗବତ୍ ଗୀତା ଓ ଭାଗବତ ପାଠ କଲେ ଜଣେ ସଦାଚାରୀ ଓ ଶିଷ୍ଟାଚାରୀ ହୁଏ ଏବଂ ଭଗବତ୍ ମାର୍ଗରେ ଅଗ୍ରସର ହୁଏ। ବ୍ୟକ୍ତିତ୍ୱ ନିର୍ମାଣ ମାଧ୍ୟମରେ ସମାଜରେ ପରିବର୍ତ୍ତନ ଆସେ। ଅନ୍ୟତମ ବକ୍ତା ଭାବେ ଯୋଗଦେଇ ପଣ୍ଡିତ ହୃଷିକେଶ ସାହୁ ଭାଗବତରେ ବର୍ଣ୍ଣିତ ସାଂଖ୍ୟ ଦର୍ଶନ ଉପରେ ଆଲୋକପାତ କରିଥିଲେ। ସହବକ୍ତା ଭାବେ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ଅଭୟ ନାୟକ କହିଲେ ଯେ ମାଆଙ୍କ ନିବେଦନରେ ଲିଖିତ ଓଡ଼ିଆ ଭାଗବତର ସ୍ରଷ୍ଟା ଅତିବଡ଼ୀ ଜଗନ୍ନାଥଙ୍କ ଅବଦାନକୁ ବର୍ଣ୍ଣନା କରିବା ସହ ଧ୍ରୁବ ଓ କପିଳ ମୁନୀ ଉପାଖ୍ୟାନକୁ ଉପସ୍ଥାପିତ କରିଥିଲେ।

## ସଂଗ୍ରାମୀ ଗୌରାଙ୍ଗ ଚରଣ ଦାସଙ୍କ ଶ୍ରାଦ୍ଧୋତ୍ସବ




ଜଗତସିଂହପୁର,୧୯।୨(ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପ୍ରଜା ଆନ୍ଦୋଳନ ଓ କୃଷକ ଆନ୍ଦୋଳନର ଅନନ୍ୟ ନେତା ଗୌରାଙ୍ଗ ଚରଣ ଦାସଙ୍କ ୫୪ତମ ଶ୍ରାଦ୍ଧୋତ୍ସବ ଆଜି ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ସ୍ଥାନୀୟ ତରଡ଼ାପଡ଼ାସ୍ଥିତ ଟାଇମ୍ସ ଗୁରୁକୁଳ ପରିସରରେ ପାଳିତ ହୋଇଯାଇଛି। ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଏଥିରେ ସଭାପତିତ୍ୱ କରି ସଂଗ୍ରାମୀ ଗୌରାଙ୍ଗ ଚରଣ ଦାସଙ୍କ ତ୍ୟାଗପୂତ ଜୀବନ ଅବିସ୍ମରଣୀୟ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ ଯୋଗଦେଇ ଲବଣ ସତ୍ୟାଗ୍ରହ, ଭାରତଛାଡ଼ ଆନ୍ଦୋଳନରେ ସ୍ୱର୍ଗତ ଗୌରାଙ୍ଗ ଚରଣ ଦାସଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ନିର୍ଦ୍ଦେଶକ ରଶ୍ମିରଞ୍ଜନ ମିଶ୍ର, ଶିକ୍ଷୟିତ୍ରୀ ପୂଜାରାଣୀ ବାରିକ, ସୌମ୍ୟା ଶୁଭଦର୍ଶିନୀ, ଶର୍ମିଷ୍ଠା ପ୍ରିୟଦର୍ଶିନୀ, ଜ୍ୟୋତିର୍ମୟୀ ମହାନ୍ତି, ଚିନ୍ମୟୀ ରାୟ ଓ ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ସ୍ୱର୍ଗତ ଗୌରାଙ୍ଗ ଚରଣ ଦାସଙ୍କ ଦେଶପ୍ରେମ ଓ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଆୟୋଜିତ ମୁକ୍ତି ସଂଗ୍ରାମୀ ଗୌରାଙ୍ଗ ଦାସ ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପରିଷଦ ପକ୍ଷରୁ ମହାପୁରୁଷଙ୍କ ଜୀବନୀ ପୁସ୍ତକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସୁଶ୍ରୀ ଅଞ୍ଜୁଷା ଧନ୍ୟବାଦ ଦେଇଥିଲେ।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ, ହତ୍ୟା ଅଭିଯୋଗ

ବାଲିକୁଦା,୧୯।୨(ସମିସ)



ବାଲିକୁଦା ଥାନା ଅନ୍ତର୍ଗତ ମାଛଗାଁ ପଞ୍ଚାୟତ ସୁକିଦା (ସିଙ୍ଗିଟାଳିଆ) ଗ୍ରାମର ଫଗୁ ସ୍ୱାଇଁଙ୍କ ୩୮ ବର୍ଷୀୟ ପୁଅ ପୀତବାସ ସ୍ୱାଇଁଙ୍କ ଗତ ବୁଧବାର ରାତିରେ ସନ୍ଦେହ ଜନକ ଭାବେ ମୃତ୍ୟୁ ଘଟିଛି। ଏ ନେଇ ବାଲିକୁଦା ପୁଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଥିବା ବେଳେ ସନ୍ଧ୍ୟାରେ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ଏ ନେଇ ଥାନା ଅଧିକାରୀ ସୁଶାନ୍ତ ସାହୁ କହିଛନ୍ତି ଉକ୍ତ ପରିବାର ପକ୍ଷରୁ କୌଣସି ଅଭିଯୋଗ ହୋଇନାହିଁ। ଏଣୁ ଆମେ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛୁ। ରିପୋର୍ଟ ଆସିବା ପରେ ତଦନ୍ତ ଆଗେଇ ପାରିବ। ସୂଚନା ଅନୁଯାୟୀ ଗତ ୧୬ ତାରିଖ ଭୋର ପ୍ରାୟ ୪ଟାରେ ଅଚାନକ ଭାବେ ଶୋଇଥିବା ଅବସ୍ଥାରୁ ଘରେ କାହାକୁ କିଛି ନଜଣାଇ ପୀତବାସ କେଉଁଆଡେ ପଳାଇ ଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ଶେଷରେ ସନ୍ଧ୍ୟାରେ ବାଲିକୁଦା ଥାନାରେ ଏକ ନିଖୋଜ ଅଭିଯୋଗ କରିଥିଲେ। ହେଲେ ପରଦିନ ୧୭ ତାରିଖ ଭୋରରୁ ହଠାତ ଘରେ ପହଞ୍ଚିଥିଲେ ପୀତବାସ। ଏପରିକି ସେ କେଉଁଆଡ଼େ ଯାଇଥିଲେ ସେ ଜାଣି ନଥିବା ପ୍ରକାଶ କରିବା ସହ ତାଙ୍କର ହୋସଆସିବା ବେଳକୁ ସେ ଏକ ଶ୍ମଶାନରେ ଥିଲେ ଓ ତାଙ୍କ ସାରା ଶରୀରରେ ମଶାଣି ପାଉଁଶ ବୋଳାଯାଇଥିବା ପରିବାରକୁ କହିଥିଲେ। ଏହି ପରିସ୍ଥିତିରେ ଦିନ ପ୍ରାୟ ୧୦ଟା ସମୟରେ ତାଙ୍କର ରକ୍ତ ବାନ୍ତି ହୋଇଥିଲା ଓ ପରିବାର ଲୋକେ ବାଲିକୁଦା ମେଡିକାଲ ନେଇଥିଲେ। ସେଠାରେ ସାଲାଇନ ଲାଗିବା ପରେ ସୁସ୍ଥତା ଅନୁଭବ କରିବାରୁ ଡାକ୍ତର ଔଷଧ ଦେଇ ଘରକୁ ପଠାଇ ଦେଇଥିଲେ। ହେଲେ ରାତି ପ୍ରାୟ ୧୧ଟା ସମୟରେ ହଠାତ ଶ୍ୱାସରୁଦ୍ଧ ଭଳି ଅନୁଭବ କରିବାରୁ ପରିବାର ଲୋକେ ମେଡିକାଲ ନେଇଥିଲେ। ହେଲେ ବାଲିକୁଦା ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରୁଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୀତବାସ ଅଚାନକ କେଉଁଆଡ଼େ ଯିବା, ପୁଣି ଫେରି ଆସିବା ଓ ତାଙ୍କର ମୃତ୍ୟୁ ହେବା ଘଟଣାକୁ କେହି କେହି ଆତ୍ମହତ୍ୟା କହୁଥିବା ବେଳେ ପରିବାରରେ କୌଣସି କଳହ ନଥିବାରୁ ତାଙ୍କୁ କିଏ ଗୁଣି ଗାରେଡ଼ି କରି ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରୁଛନ୍ତି। ତେବେ ରିପୋର୍ଟ ଆସିବା ପରେ ହିଁ ବାସ୍ତବ ସତ୍ୟ ସମ୍ମୁଖକୁ ଆସିବ ବୋଲି ଅନୁମାନ କରାଯାଉଛି।

## ୩ ବ୍ରାଉନ୍‌ସୁଗର୍ ବେପାରୀ କୋର୍ଟ ଚାଲାଣ



ପାରାଦୀପ,୧୯।୨(ସମିସ) : ପାରାଦୀପ ପୌରାଞ୍ଚଳ ସମେତ ଏହାର ଆଖପାଖ ଅଞ୍ଚଳରେ ବ୍ରାଉନସୁଗର ବେପାର ବେଧଡ଼କ ଚାଲିଛି। ଗତକାଲି ପାରାଦୀପ ଉପକଣ୍ଠ ଲକଥାନା ଅଧୀନ ଅଞ୍ଚଳ ଚଉମୁହାଣି ନିକଟରୁ ବାଲଦିଆର ତିନି ଜଣ ଯୁବକ ବ୍ରାଉନ ସୁଗାର ବେପାର ରେ ଲିପ୍ତ ଥିବା ଜାଣି ପୁଲିସ ଚଢ଼ଉ କରି ସେମାନଙ୍କୁ ଗିରଫ କରିଥିଲା ଓ ଆଜି ସେମାନଙ୍କୁ ଜେଲ ହାଜତକୁ ପଠାଇ ଦେଇଛି। ସେମାନଙ୍କ ଠାରୁ ୨୧.୪୧ ଗ୍ରାମ ବ୍ରାଉନ୍ ସୁଗାର ଜବତ କରିବା ସହିତ ସେମାନେ ବ୍ୟବହାର କରୁଥିବା ୩ ଟି ମୋବାଇଲ୍ ଓ ମୋଟର ସାଇକେଲ୍ କୁ ମଧ୍ୟ ଜବତ କରାଯାଇଛି। ପାରାଦୀପ ଏଏସପି ସ୍ମୃତିରଞ୍ଜନ କର ଏବଂ ଲକ୍ ଥାନା ଅଧିକାରୀ ରଶ୍ମିରଂଜନ ଦାସଙ୍କ ନିର୍ଦ୍ଦେଶ ପାଇ ପୁଲିସ୍‌ର ଏକ ଟିମ ଘଟଣା ସ୍ଥଳରେ ପହଂଚି ବାଲିଡିଆ ଗାଁ ର ବିଚିତ୍ରାନନ୍ଦ ପ୍ରଧାନଙ୍କ ପୁଅ ବିକ୍ରମ ପ୍ରଧାନ, ହରେକୃଷ୍ଣ ଜେନାଙ୍କ ପୁଅ ବିଶ୍ୱଜିତ ଜେନା ଓ ଦେବେନ୍ଦ୍ର ପ୍ରଧାନଙ୍କ ପୁଅ ରଂଜିତ ପ୍ରଧାନ ଓରଫ ଧାକୁଆ କୁ କାବୁ କରିଥିଲେ।ତେବେ ଏହି ତିନି ଯୁବକ ଏହି ବ୍ରାଉନ ସୁଗାର ବେପାର ରୀତିମତ ଏହି ଅଞ୍ଚଳରେ, ବିଶେଷକରି ଚଉମୁହାଣି ନିକରେ ଚଳାଇ ଆସୁଥିବା ପୁଲିସ ନିକଟରେ ମାନି ଯାଇଥିଲେ।ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସମ୍ପୃକ୍ତ ତିନି ଯୁବକଙ୍କ ମଧ୍ୟରୁ ଦୁଇ ଜଣ ପାଖାପାଖି ୨୫ ବର୍ଷ ମଧ୍ୟରେ ରହିଛନ୍ତି।ତେବେ ଏତେ କମ ବୟସରୁ ଏଭଳି ଚୋରରେ ବ୍ରାଉନ ସୁଗାର ଭଳି ନିଶା ବେପାର କରିବା ଓ ସ୍ଥାନୀୟ ଯୁବକଙ୍କୁ ଏହି ନିଶା ସେବନର ସୁଯୋଗ ଦେଇ ସେମାନଙ୍କ ଭବିଷ୍ୟତ କୁ ଅନ୍ଧାର ଭିତରକୁ ଠେଲି ଦେବା ଛଡା ଆଉ କିଛି ନୁହେଁ ବୋଲି କୁହାଯାଉଛି।ପୁଲିସ ଏଭଳି ଯୁବ ଗୋଷ୍ଠୀ ଙ୍କ ଉପରେ ଦୃଷ୍ଟି ଦେବା ସହ ରୀତିମତ ଚଢ଼ଉ କରିବାକୁ ଦାବି କରାଯାଉଛି।

## ଶିଶୁ ବିକାଶ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ



ବାଲିକୁଦା,୧୯।୨(ସମିସ): ବାଲିକୁଦା ବ୍ଲକ ବରମୁଣ୍ଡଳୀ ପଞ୍ଚାୟତ କେରୁଆଁପଡ଼ାସ୍ଥିତ ଶିଶୁ ବିକାଶ ବିଦ୍ୟାମନ୍ଦିରର ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ପ୍ରଶାନ୍ତ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିଶୁ ବିକାଶ ବିଦ୍ୟା ମନ୍ଦିର ଓଡ଼ିଶାର ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ଶିକ୍ଷାବିତ ପ୍ରେମାନନ୍ଦ ପରିଡ଼ା, ସମ୍ମାନିତ ଅତିଥି ଭାବେ ଶିକ୍ଷକ ସନ୍ତୋଷ କୁମାର ବିଶ୍ୱାଳ, ଦେବକାନ୍ତ ବିଶ୍ୱାଳ ଉପସ୍ଥିତ ରହି ଶିଶୁ ବିକାଶ ବିଦ୍ୟା ମନ୍ଦିର ଶିଶୁମାନଙ୍କର ଭବିଷ୍ୟତ ନିର୍ମାଣ ସହ ରାଷ୍ଟ୍ର ନିର୍ମାଣରେ ପ୍ରମୁଖ ଭୂମିକା ନିର୍ବାହ କରୁଥିବା କହିଥିଲେ। ରାଷ୍ଟ୍ର ପ୍ରୀତି, ପୂଜ୍ୟ ପୂଜା ଠାରୁ ଆଦର୍ଶ ବ୍ୟକ୍ତିତ୍ୱ ଗଠନ ଉପରେ ବିଦ୍ୟାଳୟ ଶିକ୍ଷାଦାନ କରୁଥିବାର ମତବ୍ୟକ୍ତ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ କୈଳାସ ପୁର୍ତ୍ତି ଓ କବି ରମେଶ ଚନ୍ଦ୍ର ବହିରା ବିଚାରକ ଦାୟିତ୍ୱ ତୁଲାଇଥିଲେ। କବି ପ୍ରଶାନ୍ତ ମହାନ୍ତି ସଂଯୋଜନା କରିଥିଲେ। ବିଦ୍ୟାଳୟ ପକ୍ଷରୁ ପ୍ରତିଷ୍ଠାତା ସସ୍ମିତା ସେଠୀ, ବିଜୟ କୁମାର ମହାନ୍ତି, ପ୍ରଧାନ ଆଚାର୍ଯ୍ୟ ମଧୁସ୍ମିତା ସେଠୀ, ଗୁରୁଜୀ ସଂଗ୍ରାମ ମୁଦୁଲି, ଗୁରୁମା ଗୌରୀ ଦାସ, ଶତାବ୍ଦୀ ସଂଗୀତା ରାଉତ, ଗୀତାଞ୍ଜଳି ଦାସ, ରିଙ୍କି ମହାରଣା, କ୍ରିଷ୍ଣା ସାରିକା ମହାନ୍ତି, ଅମ୍ବିକା ଦାସ, କପିନା ଦାସ, ଶୁଭ୍ରାସିନୀ ସ୍ୱାଇଁ, ଦୀପାଞ୍ଜଳି ଦଳାଇ, ଶୁଭ୍ରାଲୀନ ନାୟକ, ସତୀଲତା ମହାନ୍ତି, ଯାଜ୍ଞସେନୀ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୁରୁଜୀ ପବିତ୍ର ବେହେରା ସମ୍ପାଦକୀୟ ବିବରଣୀ ପାଠ କରିବା ସହ ଗୁରୁମା ପ୍ରଜ୍ଞାସ୍ମିତା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## କୁଜଙ୍ଗରେ ୨୫ ଛାତ୍ରଛାତ୍ରୀ ଅନୁପସ୍ଥିତ

କୁଜଙ୍ଗ,୧୯।୨(ସମିସ): ଚଳିତ ମାଟ୍ରିକ୍ ପରୀକ୍ଷାର ପ୍ରଥମ ଦିନରେ କୁଜଙ୍ଗ ବ୍ଲକ୍‌ରେ ୧୬ଟି ପରୀକ୍ଷା କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। କୁଜଙ୍ଗ ବନବିହାରୀ ହାଇସ୍କୁଲକୁ ନୋଡାଲ ସେଣ୍ଟର ମନୋନିତ କରାଯାଇଛି। ଆଜି ମୋଟ ୧୬ଟି କେନ୍ଦ୍ରରେ ୨୮୬୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାପାଇଁ ବ୍ୟବସ୍ଥା ହୋଇଥିବାବେଳେ ପ୍ରଥମ ଦିନ ଓଡ଼ିଆ ବିଷୟରେ ୨୮୩୬ ଜଣ ପରୀକ୍ଷା ଦେଇଥିଲେ। ୨୫ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ।

## ମାଟ୍ରିକ୍ ପରୀକ୍ଷା ଆରମ୍ଭ

## ୭ କେନ୍ଦ୍ରରେ ପରୀକ୍ଷାଦେଲେ ୧୧୨୩ ଛାତ୍ରଛାତ୍ରୀ

ରଘୁନାଥପୁର,୧୯।୨(ସମିସ): ଆଜିଠାରୁ ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା। ରଘୁନାଥପୁର ବ୍ଲକର ୭ ଟି ପରୀକ୍ଷା କେନ୍ଦ୍ରରେ ୧୧୩୬ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଥିଲା। ପ୍ରଥମ ଦିନ ୧୧୨୩ ଛାତ୍ରୀଛାତ୍ର ମାତୃଭାଷା ପରୀକ୍ଷା ଦେଇଥିବାବେଳେ



୧୩ ଜଣ କୌଣସି କାରଣରୁ ଅନୁପସ୍ଥିତ ରହିଥିବା ଏବିଇଓ ଆଶୁତୋଷ ବାନାର୍ଜୀ ସୂଚନା ଦେଇଛନ୍ତି। ନିର୍ଦ୍ଧାରିତ ସମୟରେ ସମସ୍ତ କେନ୍ଦ୍ରରେ ପରୀକ୍ଷା ଆରମ୍ଭ ହୋଇ ଶୃଙ୍ଖଳାର ସହ ଶେଷ ହୋଇଥିଲା। ତେବେ ବିଭିନ୍ନ ପରୀକ୍ଷା କେନ୍ଦ୍ର ଯଥା ରେଢୁଆ ବିସି ହାଇସ୍କୁଲରେ ୨, ସାଦେଇପୁର ଭଦ୍ରେଶ୍ୱର ହାଇସ୍କୁଲରେ ୪, ଜଇସୋଳ ହାଇସ୍କୁଲରେ ୪, ନାଲିବର ହାଇସ୍କୁଲରେ ୧, ତରିକୁନ୍ଦ ହାଇସ୍କୁଲରେ ୨ ଛାତ୍ରଛାତ୍ରୀ ପରୀକ୍ଷାରୁ ବିରତ ରହିଥିଲେ। ଅନ୍ୟପକ୍ଷେ ଆଲର୍ଟ ଅନୁଯାୟୀ ରଘୁନାଥପୁର ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୭୧ ଓ ବର୍ତ୍ତି ହରେକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୩୭ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ କେହି ଅନୁପସ୍ଥିତ ନଥିଲେ। ପରୀକ୍ଷା ନିମନ୍ତେ ବୋର୍ଡ ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାର୍ଡ, ଜିଲ୍ଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ୨ ସ୍କ୍ୱାର୍ଡ ଓ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ତହସିଲଦାର ଓ ବିଡିଓଙ୍କ ତତ୍ତ୍ୱାବଧାନରେ ସ୍କ୍ୱାର୍ଡ ନିୟୋଜିତ ଥିଲେ। ପୂର୍ଣ୍ଣଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟକୁ ପ୍ରଶ୍ନପତ୍ର ଗଚ୍ଛିତ ପାଇଁ ସେଣ୍ଟର କରାଯାଇ ଏହାର ଦାୟିତ୍ୱରେ ଅତିରିକ୍ତ ତହସିଲଦାର ମନୋଜ କୁମାର ବେହେରାଙ୍କୁ ନିୟୋଜିତ ରଖାଯାଇଛି।

## ନାଉଗାଁ ବ୍ଲକ୍‌ର ୭ କେନ୍ଦ୍ରରେ ୧୦୨୧ ଛାତ୍ରଛାତ୍ରୀ; ୧୧ ଅନୁପସ୍ଥିତ

ନାଉଗାଁ,୧୯।୨(ସମିସ): ଆଜିଠୁ ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା। ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକରେ ମୋଟ ୧୭ଟି ହାଇସ୍କୁଲର ଛାତ୍ରଛାତ୍ରୀଙ୍କ ପାଇଁ ବ୍ଲକ୍‌ରେ ୭ଟି ପରୀକ୍ଷା କେନ୍ଦ୍ର ଖୋଲାଯାଇଛି। ଯେଉଁଠି ମୋଟ ୧୦୨୧ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ପରୀକ୍ଷା ଦେବାର ବ୍ୟବସ୍ଥା ହୋଇଥିବା ବେଳେ ଆଜି ଏମାନଙ୍କ ମଧ୍ୟରୁ ୧୧ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇନଥିବା ବ୍ଲକ୍ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ଏହି କେନ୍ଦ୍ରଗୁଡ଼ିକ ମଧ୍ୟରେ ରୋହିଆ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୧୭୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ



ଥିବାବେଳେ ଏମାନଙ୍କ ମଧ୍ୟରୁ ୪ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ। ସେହିପରି ନାଉଗାଁହାଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଦେବାକୁ ଥିବା ୧୭୬ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩ଜଣ, ଅଙ୍ଗେଶ୍ୱରପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୬୬ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨ଜଣ, ତିରୁଣା ଗୋପବନ୍ଧୁ ସ୍ମାରକୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଦେବାକୁ ଥିବା ୧୬୮ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଜଣେ ଓ କଣ୍ଟୁଣିଆ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଦେବାକୁ ଥିବା ୧୦୪ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଜଣେ ଅନୁପସ୍ଥିତ ଥିଲେ। ଅନ୍ୟପଟେ ଅଲଣାହାଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୨୫ଜଣ ଓ ଗଜରାଜପୁର ଆର୍ତ୍ତତ୍ରାଣ ବିଦ୍ୟାପୀଠରେ ୧୧୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି।

## କଟକ-ଚୌଦ୍ୱାରରେ ପାରାଦୀପ ନିର୍ବାଚନ ମଣ୍ଡଳୀର ବନ୍ଧୁ ମିଳନକୁ ନେଇ ଚର୍ଚ୍ଚା

କୁଜଙ୍ଗ,୧୯।୨(ସମିସ): ଗତକାଲି କଟକ-ଚୌଦ୍ୱାରର ଏକ ଫାର୍ମ ହାଉସରେ ପାରାଦୀପ ନିର୍ବାଚନ ମଣ୍ଡଳୀର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। କୁଜଙ୍ଗ ଅଞ୍ଚଳର ବରିଷ୍ଠ ବିଜେପି ନେତା ମନୋଜ କୁମାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ କଟକ ମ୍ୟୁନିସିପାଲିଟିର ସିଟି ଇଞ୍ଜିନିୟର ତଥା କୁଜଙ୍ଗ ବ୍ଲକ୍ ବିଶ୍ୱାଳି ପଞ୍ଚାୟତର ବାସିନ୍ଦା ଇଂ.ଅତନୁ କୁମାର ସାମନ୍ତଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଇଂ.ସାମନ୍ତ ପ୍ରାରମ୍ଭରେ ଏହି ବନ୍ଧୁ ମିଳନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସେ ତାଙ୍କର ସଂକ୍ଷିପ୍ତ ସୂଚନାରେ ସେ ଓ ତାଙ୍କର ଧର୍ମପତ୍ନୀ ଦୀପ୍ତିରେଖା ନାୟକ ସବୁବେଳେ ସାଧାରଣ ଜୀବନରେ ରହି ଆସିଛନ୍ତି, ବିଶେଷକରି ଲୋକମାନଙ୍କର ସୁଖ, ଦୁଃଖ ଅଭାବ ଅସୁବିଧାରେ ଠିଆ ହୋଇ ଆସିଥିବା ବେଳେ ଅଞ୍ଚଳର ବିକାଶକୁ ସବୁବେଳେ ଗୁରୁତ୍ୱ ଦେଇଆସିଥିବା କହିଥିଲେ। ଯାହା ଫଳରେ ଏକ ମହତ୍ୱକାଂକ୍ଷା ନେଇ ଭାରତୀୟ ଜନତା ପାର୍ଟି ପକ୍ଷରୁ ୨୦୧୪ ମସିହାରେ ବିଧାୟକ ପ୍ରାର୍ଥୀ ହୋଇଥିଲେ। ସେ ଯେଉଁ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜନୀତିରେ ଯୋଗ ଦେଇଥିଲେ, ଦଳ ସରକାରକୁ ଆସିବା ପରେ ସେ ଦଳୀୟ ଆଦର୍ଶରେ କିଛିଟା ଶୀଥିଳତା ଦେଖାଦେଇଥିବା କହିଥିଲେ। ତେବେ ତାଙ୍କୁ ଯଦି ସୁଯୋଗ ମିଳେ ତାହେଲେ ସେ କିମ୍ବା ତାଙ୍କର ସହଧର୍ମିଣୀ ପାରାଦୀପ ନିର୍ବାଚନ ମଣ୍ଡଳୀରେ ଲୋକମାନଙ୍କ ସେବା କରିବାକୁ ଆଗେଇ ଆସିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏରସମା-ବଲିକୁଦା ଅଞ୍ଚଳର ବରିଷ୍ଠ ବିଜେପି ନେତା ନୃସିଂହ ଚରଣ ସାହୁ, ପୂର୍ବତନ କୁଜଙ୍ଗ ବିଜେପି ମଣ୍ଡଳ ସଭାପତି ବାବାଜୀ ମହାପାତ୍ର, ଭୂତମୁଣ୍ଡାଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ଇଂ.ସଞ୍ଜୟ କୁମାର ସ୍ୱାଇଁ, ବିଶ୍ୱାଳୀ ପଞ୍ଚାୟତର ବରିଷ୍ଠ ବିଜେପି ନେତା ମଥୁରାନନ୍ଦ ତରାଇ, ପୂର୍ବତନ ବିଜେପି ଜଗତସିଂହପୁର ଜିଲ୍ଲାର ମହିଳା ମୋର୍ଚ୍ଚା ସଭାନେତ୍ରୀ କ୍ରିଷ୍ଣା ମହାନ୍ତି, ଓଡ଼ିଶା ସାହିତ୍ୟ ଏକାଡେମୀ, ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ, ନାଟ୍ୟକାର ରଘୁନାଥ ସାହୁ, ସାମ୍ବାଦିକ ଦୁଷ୍ମନ୍ତ ମାଝୀ, ରଞ୍ଜିତ ପଣ୍ଡା, ଲକ୍ଷ୍ମୀକାନ୍ତ ଦାସ, ସାଇଲୋ ପଞ୍ଚାୟତର ସମ୍ପୂର ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ୨୦୧୪ ମସିହାରେ ପାରାଦୀପ ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ହୋଇଥିବା ଦୀପ୍ତିରେଖା ନାୟକ ନିଜର ବକ୍ତବ୍ୟରେ ବିସ୍ଫୋରକ କଥା କହିଥିଲେ। ସେ କହିଥିଲେ ଯେ ପାରାଦୀପରେ ବିରୋଧୀ ଦଳ ଦୁର୍ବଳ ହୋଇପଡ଼ିଛି। ଗଣତନ୍ତ୍ରରେ ବିରୋଧୀ ଦଳ ମଜଭୁତ ନରହିଲେ ଶାସକ ଦଳ ସ୍ୱେଚ୍ଛାଚାରୀ ହୋଇଯାଏ। ତେଣୁ ଆମେ ଲୋକମାନଙ୍କୁ ସଙ୍ଗଠିତ କରି ଦଳ ଗଠନ କରିବା ବେଳେ ଯେଉଁ ନୀତି ଓ ଆଦର୍ଶବୋଧ କଥା କହି ଆସିଥିଲୁ ଏବେ ଦଳ ତାହାଠାରୁ ଦୂରେଇ ଯାଇଥିବା କହିଥିଲେ। ତେବେ ଏହିଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ସେ ଲୋକମାନଙ୍କୁ ସହଯୋଗ କରିବାକୁ ଆଗେଇ ଆସିବେ ବୋଲି କହିଥିଲେ। ବନ୍ଧୁ ମିଳନରେ ପାରାଦୀପ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ଶତାଧିକ ବିଭିନ୍ନ ରାଜନୈତିକ ଦଳର କର୍ମୀ ଉପସ୍ଥିତ ଥିଲେ। ବାବାଜି ଚରଣ ସେଠୀ ଧନ୍ୟବାଦ ଦେଇଥିଲେ। ବିଶେଷଭାବେ ପାରାଦୀପ ନିର୍ବାଚନ ମଣ୍ଡଳୀର ବହୁ ପୁରାତନ ବିଜେପି କର୍ମୀମାନେ ଉପସ୍ଥିତ ଥିଲେ। ରଂଜନ ବିଶ୍ୱାଳ, ବାବୁଲି ବାରିକ, ସମୀର ଦାସ, ସୋମନାଥ ବଳିଆରସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବାବାଜି ମହାପାତ୍ର ଏହାର ନେତୃତ୍ୱ ନେଇଥିଲେ।

# ବିନା ରୟାଲିଟିରେ ଉଠୁଛି ଶହଶହ ଟ୍ରିପ୍ ମାଟି

ପାରାଦୀପ,୧୮।୨(ସମିସ)



ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବାଲି ମାଫିଆଙ୍କ ଉପରେ ଅଙ୍କୁଶ ଲଗାଇବାକୁ ଜିଲ୍ଲା ପ୍ରଶାସନ ଓ ପୁଲିସର ମିଳିତ ପ୍ରଚେଷ୍ଟା ଜାରି ରହିଥିବାବେଳେ ଏହାକୁ ମାଫିଆମାନେ ମାନୁନଥିବା ଜଣାପଡ଼ିଛି। ବିଭିନ୍ନ ସ୍ଥାନରେ ମିଳିତ ଚଢ଼ଉ ବାଲି ମାଫିଆଙ୍କ ନିଦ ହଜାଇ ଦେଇଥିବାବେଳେ ଏବେ ଜିଲ୍ଲାରେ ମାଟି ମାଫିଆଙ୍କ ଉପଦ୍ରବ ପୁଣି ସାମ୍ନାକୁ ଆସିଛି। ଖବର ପାଇବା ପରେ କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରା ଦୁଇଦିନ ହେବ ଘଟଣାସ୍ଥଳକୁ ଯାଇ ବେଆଇନ ମାଟି ଉଠାଣକୁ ବନ୍ଦ କରିବା ସହିତ ତାଗିଦ କରି ଆସିବା ପରେ ଅପରାହ୍ନ ୧ଟା ପୂର୍ବରୁ ଖୋଲାଖୋଲି ଭାବେ ମାଫିଆମାନେ ଯେଉଁଭଳି ଭାବେ କେତେକ ଜମିରୁ ମାଟି ଉଠାଇବାକୁ ଲାଗିପଡ଼ିଛନ୍ତି, ସେଥିରୁ ଜଣାପଡୁଛି ଯେ ଏମାନେ ପ୍ରଶାସନିକ ଜଳକୁ ଖାତିର କରୁନାହାନ୍ତି। ଅପରପକ୍ଷେ ତହସିଲଦାର ଶ୍ରୀ ବେହେରା ମାଟି ଉଠାଣର ଅନୁମତି ନଥିବାରୁ ଘଟଣାସ୍ଥଳରୁ ୧୭ଟି ହାଇୱା ଚାଲିଯାଇଥିଲେ, ଯେଉଁଗୁଡ଼ିକର ନମ୍ବର ଜଣାପଡ଼ିଛି। ଅନ୍ୟ ୭ଟି ହାଇୱା ଚଢ଼ଉ ବେଳେ ଛତ୍ରଭଙ୍ଗ ଦେଇଥିବାରୁ ନମ୍ବର ଲେଖା ଯାଇପାରି ନାହିଁ ବୋଲି କହିଛନ୍ତି। ତହସିଲଦାର ଶ୍ରୀ ବେହେରାଙ୍କ କହିବା ମୁତାବକ, ବାଲିଆ ରାଜସ୍ୱ ସର୍କଲର ବଉଳାଙ୍ଗ ମୌଜାର କେତେକ ଜମିରୁ ମାଟି ଉଠାଣର ଖବର ମିଳିଥିଲା। ଠିକଣା ଜାଗାରେ ପହଞ୍ଚିବା ପରେ ମାଟି ଉଠାଣ ନିମନ୍ତେ ଦୁଇଟି ଏକ୍ସ୍‌କ୍ୟାଭେଟର ଓ ୨୪ଟି ହାଇୱା ଏଠାରେ ପହଞ୍ଚି ଯାଇଥିବା ଦେଖା ଯାଇଥିଲା। ସେପର୍ଯ୍ୟନ୍ତ ମାଟି ଉଠାଣ ଆରମ୍ଭ ହୋଇନଥିବାରୁ ହାଇୱାଗୁଡ଼ିକ ଖାଲି ରହିଥିଲା। କିନ୍ତୁ ପ୍ରାୟ ୨ରୁ ୪ ଦିନ ତଳୁ ବଉଳାଙ୍ଗ ମୌଜାରୁ ମାଟି ଉଠାଣ ଚାଲିଥିଲା। ବହୁ ପରିମାଣର ମାଟି ଏଠାରୁ ତଡ଼ାଯାଇ ରେଳପଥର ପ୍ରଶସ୍ତିକରଣ କାର୍ଯ୍ୟରେ ବିନିଯୋଗ ହୋଇଥିବା ସାମ୍ନାକୁ ଆସିଛି।

ବର୍ତ୍ତମାନ ବଉଳାଙ୍ଗ ଫାଟକ ପାଖରୁ ପାରାଦୀପ ଆଡ଼କୁ ରେଳପଥର ପ୍ରଶସ୍ତୀକରଣ କାର୍ଯ୍ୟ ଚାଲୁ ରହିଛି। ସମ୍ଭବତଃ ଉକ୍ତ ପ୍ରକଳ୍ପ କାର୍ଯ୍ୟ ନେଇଥିବା ଠିକାସଂସ୍ଥା ଏଠାରୁ ମାଟି ଉଠାଇଥିବା ଅନୁମାନ କରାଯାଉଛି। ତେବେ ନିୟମ ଅନୁସାରେ ଜମିରୁ ମାଟି ଉଠାଣ ପୂର୍ବରୁ ସ୍ଥାନୀୟ ତହସିଲର ଅନୁମତି ନିଆଯିବା କଥା। ଯେତିକି ମାଟି ଆବଶ୍ୟକ ସେହି ହିସାବରେ ରୟାଲଟି ବା ଟିକସ ଅର୍ଥ ଦାଖଲ କରାଯିବା କଥା। କିନ୍ତୁ ବଉଳାଙ୍ଗ ମୌଜାରୁ ମାଟି ଉଠାଣ ନିମନ୍ତେ କେହି ଟିକସ ଅର୍ଥ ତହସିଲରେ ଦାଖଲ କରି ନାହାନ୍ତି। ତା'ଛଡ଼ା ଦରନାଙ୍ଗ ଫାଟକ ପାଖରେ ରେଳବାଇର ଯେଉଁ ପ୍ରକଳ୍ପ କାର୍ଯ୍ୟ ଚାଲିଛି ତାହା ନିଶ୍ଚିତ ଟେଣ୍ଡର ହୋଇଥିବ। ଟେଣ୍ଡର ପାଇଥିବା ସଂସ୍ଥା କାର୍ଯ୍ୟାଦେଶର ଦସ୍ତାବିଜ୍ ତହସିଲରେ ଦାଖଲ କରିବେ। ଯେତିକି ମାଟି ଆବଶ୍ୟକ ଟେଣ୍ଡର୍ କାଗଜପତ୍ର ଦେଖି ସେଇ ପରିମାଣର ଟିକସ ତହସିଲ କର୍ତ୍ତୃପକ୍ଷ ଆଦାୟ କରିବେ।

ଏଠି ଏସବୁ ନିୟମର ଅନୁପାଳନ ସଂପୃକ୍ତ ଠିକାସଂସ୍ଥା କରିନାହାନ୍ତି। ସେ ଦୃଷ୍ଟିରୁ ମାଟି ନେବାକୁ ଆସିଥିବା ସମସ୍ତ ୧୭ ହାଇୱା ଓ ନିୟୋଜିତ ହୋଇଥିବା ଦୁଇ ଏକ୍ସ୍ କ୍ୟାଭେଟର୍ ବାବଦରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଦପ୍ତରକୁ ପ୍ରଥମେ ଅବଗତ କରାଯିବ ବୋଲି କହିଛନ୍ତି।

## ଶମ୍ଭୁ ନାଥ କୁଜଙ୍ଗ ପରିବା ବ୍ୟବସାୟୀ ସଂଘ ସଭାପତି

କୁଜଙ୍ଗ,୧୯।୨(ସମିସ): କୁଜଙ୍ଗ ବଜାର ଉପରେ ଜଗତସିଂପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ବହୁ ବ୍ଲକ୍‌ର ଚାଷୀ, ବ୍ୟବସାୟୀ ଓ ସାଧାରଣ ଜନତା ନିର୍ଭରଶୀଳ। କୁଜଙ୍ଗ ମାଛ, ଶୁଖୁଆ, ପାନ ପାଇଁ ଯେତିକି ସମୃଦ୍ଧ ଥିଲା ତାହା ଶିଳ୍ପର ପ୍ରଭାବ ଯୋଗୁଁ ହ୍ରାସ ପାଇଥିବା ବେଳେ ପରିବା ଓ ସୁନା ଗହଣା ଦୋକାନ ପାଇଁ ବହୁ ସୁନାମ ଅର୍ଜନ କରିଛି। କୁଜଙ୍ଗ ପରିବା ବ୍ୟବସାୟୀ ସଂଘ ସଭାପତି ଭାବରେ ଶମ୍ଭୁ ନାଥ ନିର୍ବାଚିତ ହୋଇଥିବା ଜଣାପଡ଼ିଛି। ୨୭୦ ଜଣ ପରିବା ବ୍ୟବସାୟୀଙ୍କୁ ନେଇ ଗଠିତ ଆଖଣ୍ଡଳମଣି ପରିବା ବ୍ୟବସାୟୀ ସଂଘର ସଭାପତି ନିର୍ବାଚନରେ ଚାରି ଜଣ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିଲେ। ସର୍ବାଧିକ ବ୍ୟବସାୟୀଙ୍କ ସମର୍ଥନ ପାଇ ଶମ୍ଭୁ ନାଥ ନିର୍ବାଚିତ ହୋଇଥିଲେ। ଦ୍ୱିତୀୟ ସର୍ବାଧିକ ସମର୍ଥନ ପାଇଥିବା ଗୋପୀନାଥ ରାଉତ ସମ୍ପାଦକ ଭାବେ ମନୋନୀତ ହୋଇଥିବାବେଳେ ବାବାଜି ଚରଣ ରାଉତ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ସେହିଭଳି ଦଶ ଜଣିଆ କାର୍ଯ୍ୟନିର୍ବାହୀ କମିଟିକୁ ଯଥାକ୍ରମେ ବରିଷ୍ଠ ସଭ୍ୟ ଶିଶିର ନାୟକ, ଫକୀର ଅଧିକାରୀ, ସନାତନ ରାଉତ, ବିଭୂତି ଭୂଷଣ ସ୍ୱାଇଁ, ସୁରେଶ ପ୍ରଧାନ, ଜଗବନ୍ଧୁ ଦାସ, ପ୍ରହଲ୍ଲାଦ ସ୍ୱାଇଁ, କ୍ଷୀରୋଦ ନାଥ, କୃପାସିନ୍ଧୁ ଶୁକ୍ଳ ଓ ବବୁଲ ପରିଡ଼ା ମନୋନୀତ ହୋଇଛନ୍ତି। ପରିବା ବ୍ୟବସାୟୀ ସଂଘ ପକ୍ଷରୁ ସଭାପତି ଶମ୍ଭୁ ନାଥଙ୍କୁ ସ୍ୱାଗତ କରାଯାଇ ବଜାର ପରିକ୍ରମା କରାଯାଇଥିଲା। ଏହି ଅବସରରେ ସାମାଜିକ କର୍ମୀ ସଂଜୀତ ବେହେରା, ଦୁର୍ଗାପ୍ରସାଦ ମହାରଣା ଓ ବଜରଙ୍ଗ ଦଳ ବ୍ଲକ ସଂଯୋଜକ ନୃସିଂହ ନାଥ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।



## ଛଣପୁର ସ୍କୁଲର ବାର୍ଷିକ ଉତ୍ସବ



ରେମୁଣା, ୧୯।୨(ସମିସ): ରେମୁଣା ବ୍ଲକ ଛନପୁର ନୋଡାଲ ଉ. ପ୍ରା. ବିଦ୍ୟାଳୟରେ ୧୫୭ ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତଥା ଛଣପୁର କ୍ଲୋଷ୍ଟରର ପୂର୍ବତନ ସିଆରସିସି ବିଶ୍ୱନାଥ ପ୍ରଧାନଙ୍କ ପୌରହିତରେ ହୋଇଥିବା ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ରାଜେନ୍ଦ୍ର ରାଉତ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଗୋଷ୍ଠି ଶିକ୍ଷାଅଧିକାରୀ ବଳରାମ ନାୟକ, ସମ୍ମାନିତ ଅତିଥିଭାବେ ବିଧାୟକଙ୍କ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି, ସୁତେଇ ପଞ୍ଚାୟତର ସରପଞ୍ଚ କବିତା ମହାନ୍ତି, ସମିତିସଭ୍ୟ ଗିରିଶ ଚନ୍ଦ୍ର ଦଳାଇ, ଏବିଇଓ ମଞ୍ଜୁରାଣୀ ବେହେରା, ପ୍ରଧାନ ଶିକ୍ଷୟତ୍ରୀ ଦମୟନ୍ତୀ ପାଢ଼ୀ, ସି. ଆର. ସି. ସି. ତୁଳସୀ ପ୍ରସାଦ ଦାସ, ସ୍କୁଲର ସ୍ଥାୟୀ ସଭାପତି ସୁରେନ୍ଦ୍ର ରାଉତ, ଶିକ୍ଷାବିତ ଭଗିରଥ ମହାନ୍ତି ପ୍ରମୁଖ ଯୋଗଦେଇ ଛାତ୍ର ଛାତ୍ରୀଙ୍କୁ ଦେଶର ବିକାଶ ପାଇଁ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ। ମୋନାଲିସା ମିଶ୍ର ଅତିଥି ପରିଚୟ କରିଥିଲେ। ସ୍ମିତା ପଟ୍ଟନାୟକ ଏବଂ ଗୀତାରାଣୀ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରିଥିଲେ। ବିଦ୍ୟାଳୟର ୨୫୪ ପିଲାଙ୍କ ମଧରେ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଥିଲା। ବିନତା ପାଣି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲେଶ୍ୱର ପୌରାଞ୍ଚଳ
# ୱାର୍ଡ କାମ ବଣ୍ଟନକୁ ନେଇ ପାତରଅନ୍ତର!

ବାଲେଶ୍ୱର, ୧୯।୨(ସମିସ)

ବାଲେଶ୍ୱର ପୌରାଞ୍ଚଳର ବିଭିନ୍ନ ୱାର୍ଡକୁ କାମ ବଣ୍ଟନ ନେଇ ପାତର ଅନ୍ତର ହେଉଥିବା ଅଭିଯୋଗ ହୋଇଛି। ଫଳରେ ବିଭିନ୍ନ ୱାର୍ଡରେ ବିଭିନ୍ନ ସମସ୍ୟା ଲାଗିରହିବା ସହ ଅଟକିଛି ଅନେକ ବିକାଶମୂଳକ କାର୍ଯ୍ୟ। ଯାହାକୁ ନେଇ ଚଳିତ କାଉନସିଲର ବୈଠକରେ ମଧ ପ୍ରଶ୍ନ ଉଠିଥିଲା। ବିଶେଷକରି ପାତର ଅନ୍ତରରେ ଭାବେ ନୂତନ କାମ ବଣ୍ଟାଯାଉଥିବା ନେଇ ବୈଠକରେ ଆଲୋଚନା ଜୋର୍ ଧରିଥିଲା।

ସୂଚନାଯୋଗ୍ୟ, ପୌରାଞ୍ଚଳର କେଉଁ ୱାର୍ଡରେ ରାସ୍ତା ଅଧପନ୍ତରିଆ ହୋଇପଡ଼ିଛି ତ ପୁଣି କେଉଁଠି ମହାନାଳ କାମ ହୋଇନାହିଁ। ବିଭିନ୍ନ ୱାର୍ଡ ପାଇଁ ନୂଆ ଟେଣ୍ଡର ହୋଇଥିଲେ ମଧ ପାତର ଅନ୍ତର କରି ପ୍ରୋଜେକ୍ଟ ଓ ଟଙ୍କା ଦିଆଯାଇଥିବା କୁହାଯାଇଛି। କେଉଁ ୱାର୍ଡକୁ କୋଟି କୋଟି ଟଙ୍କାର କାମ ବଣ୍ଟନ ହେଉଛି ତ ପୁଣି କେଉଁ ୱାର୍ଡକୁ ଅଣଦେଖା କରାଯାଉଛି। ଏହାକୁ ଗୁରୁତର ସହ ନେଇ ନିକଟରେ ପୂର୍ବତନ ସଦର ବିଧାୟକ ସ୍ୱରୂପ ଦାସଙ୍କ ସମେତ ବାଲେଶ୍ୱର ପୌରପାଳିକାର ୧୨ ଟି ୱାର୍ଡ କାଉନସିଲର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭେଟି ଆଲୋଚନା କରିଛନ୍ତି। ଅନେକ ସମୟରେ ନୂତନ ଟେଣ୍ଡର ସମୟରେ କାଉନସିଲରଙ୍କୁ ଅବଗତ କରାଯାଉନାହିଁ ବୋଲି ମଧ ଅଭିଯୋଗ ହୋଇଛି। ଏ ବାବଦରେ ପୌରପାଳିକା ଉପାଧକ୍ଷ ତଥା ୧୪ ନମ୍ବର ୱାର୍ଡ କାଉନସିଲର କୈଳାସ ଚନ୍ଦ୍ର ସେଠୀ କହିଛନ୍ତି, ପୌରପାଳିକାର ଏକ୍ସନ୍ ପ୍ଲାନ୍ ସମୟରେ ୧ରୁ ୩୧ ୱାର୍ଡକୁ ପାତର ଅନ୍ତର ଭାବେ ପ୍ରୋଜେକ୍ଟ ଦିଆଯାଉଛି। ନିର୍ଦ୍ଦିଷ୍ଟ ଗୋଟିଏ ୱାର୍ଡକୁ କୋଟି କୋଟି ଟଙ୍କାର ପ୍ରୋଜେକ୍ଟ ଦିଆଯାଉଛି। ଯାହାକୁ ନେଇ ମୁଁ ଏଇ କାଉନସିଲର ବୈଠକରେ ପ୍ରଶ୍ନ ଉଠାଇଛି। ଯେତେବେଳେ ଟେଣ୍ଡର ହେଉଛି ସେତେବେଳେ ମାତ୍ରାଧିକ ଟଙ୍କା ନିର୍ଦ୍ଦିଷ୍ଟ ୱାର୍ଡକୁ ଦିଆଯାଉଛି। ଅନ୍ୟ ୱାର୍ଡ ବିଶେଷକରି ୧୪, ୨୩, ୨୪ ନମ୍ବର ୱାର୍ଡ ଆଦିକୁ ଅଣଦେଖା କରାଯାଉଛି। ଏହି ସମସ୍ୟା ବାବଦରେ ମଧ ମୁଁ କାଉନସିଲର ବୈଠକରେ ଉଠାଇଥିଲି। ସମସ୍ତ କାଉନସିଲର ମଧ ଏଦିଗରେ ସମର୍ଥନ ଜଣାଇଥିଲେ ମୋତେ। ଏହାପରେ ଆଗକୁ ଏମିତି ହେବନାହିଁ ବୋଲି ପୌରପାଳିକା ଅଧକ୍ଷା ମଧ ପ୍ରତିଶ୍ରୁତି ଦେଇଛନ୍ତି। ଏ ବାବଦରେ ପୂର୍ବତନ ସଦର ବିଧାୟକଙ୍କ ସହିତ ୧୨ ଜଣ କାଉନସିଲର ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭେଟି ଏବାବଦରେ ମଧ ଅବଗତ କରାଇଛୁ। ସ୍ୱରୂପ ଦାସ ବିଧାୟକ ଥିବାବେଳେ ମହାନାଳ ପାଇଁ ୬୨ କୋଟି ଟଙ୍କା ନିମନ୍ତେ ଡିପିଆର ହୋଇଥିଲା। ଏହାର ଅଗ୍ରଗତି ବାବଦରେ ଆଲୋଚନା ହୋଇଥିଲା। ମାତ୍ର ଆଗକୁ ବର୍ଷା ଜଳ ନିଷ୍କାସନ ତଥା ଡ୍ରେନ୍ ଓ ମହାସ୍ନାନ ପାଇଁ ୮ କୋଟି ଟଙ୍କା ଆସିଥିଲା ଅଧିକାରୀ ସୂଚନା ଦେଇଛନ୍ତି'। ଆମେ ପ୍ରୋଜେକ୍ଟ ଦେଉଛୁ, ଏଗ୍ରିମେଣ୍ଟ ହେଉଛି ହେଲେ କାମ ବାହାରୁନି। ଯଦି କାମ ବାହାରୁଛି ତାହେଲେ ସେଥିରେ ପାତର ଅନ୍ତର କରାଯାଉଛି। କେଉଁ ୱାର୍ଡକୁ ଅଧିକ ତ କେଉଁଠି କାମ ନାହିଁ। ଫଳରେ ଆମ ଓ୍ୱାର୍ଡ ସହିତ ଅନ୍ୟ ୱାର୍ଡରେ କାମ ହୋଇପାରୁନି। ଅଟକି ରହୁଛି। ଅନ୍ୟ ୱାର୍ଡକୁ ଥରକରେ କାମ ପାଇଁ ଟଙ୍କା ଦିଆଯାଉଥିବା ବେଳେ ଅଧିକାଂଶ ୱାର୍ଡ ପାଇଁ ଭାଗ ଭାଗ କରି ଟଙ୍କା ଆସେ। ମୋ ୱାର୍ଡରେ ତିନୋଟି ରାସ୍ତା ସମ୍ପୂର୍ଣ୍ଣ ହେବାକୁ ବହୁତ ସମୟ ଲାଗିଗଲା। ଏବେବି ଗୋଟେ ରାସ୍ତା ଅଧା ହୋଇ ରହିଛି। ଆହୁରି ୭୦ ପ୍ରତିଶତ କାମ ବାକି ରହିଛି। ତେଣୁ ବିକାଶମୂଳକ କାମ ପାଇଁ ସମାନ ଭାବେ ସବୁ ଓ୍ୱାର୍ଡକୁ ଦେଲେ କାମ ଠିକ୍ ଭାବେ ହୋଇପାରିବ' ବୋଲି ୨୬ ନମ୍ବର ଓ୍ୱାର୍ଡ କାଉନସିଲର ଏସକେ ଆୟୁବ କହିଛନ୍ତି। 'ମୁଖ୍ୟତଃ ତିନୋଟି ସମସ୍ୟା ନେଇ ଆମେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭେଟି ଆଲୋଚନା କରିବା ସହି ଦାବିପତ୍ର ପ୍ରଦାନ କରିଛୁ। ପ୍ରଥମ ସମସ୍ୟା ହେଉଛି ପାତର ଅନ୍ତର କରାନଯାଇ ସବୁ ଓ୍ୱାର୍ଡ ଗୁଡିକରେ କାମକୁ ସମାନ ଭାବେ ଏକ୍ସନ ପ୍ଲାନ୍ ରେ ଭର୍ତ୍ତି କରି ଦିଆଯାଉ ଏବଂ କାଉନସିଲରମାନଙ୍କୁ ଜଣାଇ ଦିଆଯାଉ। ଏହାବ୍ୟତୀତ ଆଗକୁ ବର୍ଷା ଦିନ ଆସୁଛି। ପ୍ରତିଥର ବର୍ଷାରେ ବାଲେଶ୍?ର ସହର ଭାସୁଛି। ତେଣୁ ମହାନାଳ କାମ ପାଇଁ ପୂର୍ବତନ ସଦର ବିଧାୟକଙ୍କ ସମୟରେ ଡିପିଆର ହୋଇଥିଲା ଯାହା ଏଯାଏଁ କାର୍ଯ୍ୟକାରୀ ହୋଇନାହିଁ ବୋଲି ଅଧିକାରୀ ସୂଚନା ଦେଲେ। ଏହାବ୍ୟତୀତ ମହାନାଳ କାମ ପାଇଁ ୮ କୋଟି ଅଛି। ୫ କୋଟି ଟଙ୍କାର ଟେଣ୍ଡର ହୋଇଛି। ଏହି କାମକୁ ତୁରନ୍ତ କରିବାକୁ ଆମେ କହିଛୁ। ଯେମିତି ଏଥର ବର୍ଷାରେ ବାଲେଶ୍ୱରବାସୀ ଦୁଃଖ ଯନ୍ତ୍ରଣାରେ ନପଡ଼ନ୍ତି। ଡ୍ରେନ୍ ଉପରେ ଯେମିତି କୌଣସି ଦୋକାନ ଘର ନରହେ ସେଦିଗରେ ଧ୍ୟାନ ଦେବାକୁ କହିଲୁ' ବୋଲି ପୂର୍ବତନ କାଉନସିଲର ମନୋଜ ରାଉତ ମତବ୍ୟକ୍ତ କରିଛନ୍ତି। ୱାର୍ଡର ବିଭିନ୍ନ ୱାର୍ଡର ବିଭିନ୍ନ ସମସ୍ୟା ନେଇ କାଉନସିଲରମାନେ ଆଲୋଚନା କରିବା ସହ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଦାବି କରିଛନ୍ତି।

## ଟିପିଏନ୍ଓଡିଏଲ ପକ୍ଷରୁ ବିଜ୍ନେସ ଆସୋସିଏଟ ସମ୍ମିଳନୀ

ବାଲେଶ୍ୱର, ୧୯।୨(ସମିସ): ଟିପିଏନଓଡିଏଲ ପକ୍ଷରୁ ବିଜନେସ ଆସୋସିଏଟ ସମ୍ମିଳନୀ ୨୦୨୫-୨୬ ଓ ଶିଳ୍ପ ଉପଭୋକ୍ତା ସମ୍ମିଳନୀ ସଫଳତାର ସହ ଆୟୋଜିତ ହୋଇଯାଇଛି। ବାଲେଶ୍ୱରରେ ଆୟୋଜିତ ବିଜନେସ୍ ଆସୋସିଏଟ୍ ମିଟ୍‌ରେ ୧୮୦ରୁ ଊର୍ଦ୍ଧ୍ୱ ବ୍ୟବସାୟିକ ସହକାରୀ ସଂସ୍ଥା ଓ ପ୍ରାୟ ୩୦୦ ଜଣ ସହକାରୀ ସଂସ୍ଥା କର୍ମଚାରୀ ଭାଗ ନେଇଥିଲେ। ସୁରକ୍ଷା ପ୍ରଣାଳୀକୁ ଆହୁରି ସୁଦୃଢ଼ କରିବା, ଆଇନତଃ ଅନୁପାଳନକୁ ନିଶ୍ଚିତ କରିବା, ସ୍ୱଚ୍ଛ ବ୍ୟବସାୟିକ ପଦ୍ଧତିକୁ ବଜାୟ ରଖିବା ଏବଂ ପରିଚାଳନା ଓ ବିଦ୍ୟୁତ ସେବା କ୍ଷେତ୍ରରେ ଉପଭୋକ୍ତା କେନ୍ଦ୍ରୀକ ଆଭିମୁଖ୍ୟ ଗ୍ରହଣ କରିବା ଆଦି ବିଷୟବସ୍ତୁ ଉପରେ ସମ୍ମିଳନୀରେ ବିଶେଷ ଆଲୋଚନା ହୋଇଥିଲା। ୨୦୨୫-୨୬ରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ୩୫ ଜଣ ସହକାରୀ ସଂସ୍ଥା ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲାବେଳେ କାର୍ଯ୍ୟକ୍ରମରେ ସୁରକ୍ଷା ସଚେତନତା ଉପରେ ଏକ କ୍ଷୁଦ୍ର ନାଟକ ମଧ ପ୍ରଦର୍ଶିତ ହୋଇଥିଲା। ଏହାପରେ ଉପସ୍ଥିତ ଅଧିକାରୀଙ୍କୁ ଟିପିଏନଓଡ଼ିଏଲ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ବିଷୟରେ ଅବଗତ କରାଯିବାସହ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ବିଷଦ ଆଲୋଚନା ହୋଇଥିଲା। ସେହିପରି, ଯାଜପୁରରେ ଆୟୋଜିତ ଶିଳ୍ପ ଉପଭୋକ୍ତା ସମ୍ମିଳନୀରେ ୮୦ରୁ ଅଧିକ ଶିଳ୍ପ ସଂସ୍ଥା ପ୍ରତିନିଧି ଭାଗ ନେଇଥିଲେ। ଗୁଣାତ୍ମକ ବିଦ୍ୟୁତ ଯୋଗାଣ ଏବଂ ସେବାରେ ଉନ୍ନତି ଆଣିବା ସହ ବିଦ୍ୟୁତ ଭିତ୍ତିଭୂମିର ସୁଦୃଢ଼ୀକରଣ, ସ୍ମାର୍ଟ ନେଟୱର୍କ ବ୍ୟବସ୍ଥା, ଆଧୁନିକ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ତଥା ଉପଭୋକ୍ତା କେନ୍ଦ୍ରୀକ ସେବା ନେଇ ଉପସ୍ଥିତ ଅଧିକାରୀମାନେ ଟିପିଏନଓଡିଏଲକୁ ପ୍ରଶଂସା କରିଥିଲେ ଓ ଏ ସଂକ୍ରାନ୍ତରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଉପସ୍ଥିତ ଶିଳ୍ପସଂସ୍ଥା ଅଧିକାରୀମାନେ ଏଚଟି ଓ ଇଏଚଟି ଉପଭୋକ୍ତାଙ୍କ ସହ ଭାବ ବିନିମୟକୁ ସୁଦୃଢ଼ କରିବା ଓ ବିଦ୍ୟୁତ ସେବା ମାନରେ ଆହୁରି ଉନ୍ନତି ଆଣିବା ନେଇ ମତପ୍ରକାଶ କରିଥିଲେ। ଏହି ଅବସରରେ ଟିପିଏନଓଡିଏଲର ସିଇଓ ତଥା ଓଡ଼ିଶା ବିଦ୍ୟୁତ ବିତରଣ ବ୍ୟବସାୟ ମୁଖ୍ୟ ଶ୍ରୀ ଗଜାନନ ଏସ କାଲେ, ଟିପିଏଡିଏଲର ସିଇଓ ଶ୍ରୀ ସୁନିଲ କୁମାର ଶର୍ମା, ଟିପିଏନଓଡିଏଲର ବାଣିଜ୍ୟିକ ସେବା ଓ ବ୍ୟବସାୟିକ ଉତ୍କର୍ଷତା ମୁଖ୍ୟ ଜୟଦୀପ ରୟ, କଣ୍ଟ୍ରାକ୍ଟସ ଓ ମାଟେରିଆଲ ମ୍ୟାନେଜମେଣ୍ଟର ମୁଖ୍ୟ ବିପିନ ଚୌହ୍ୱାନ, ପ୍ରକଳ୍ପ ମୁଖ୍ୟ ପ୍ରଦୀପ କୁମାର ମହାନ୍ତି, ଅଧିକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ଓ ଟିପିଏନଓଡିଏଲର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।




## ଅନ୍ୟମାନଙ୍କ ପାଇଁ ବିପଦ ସାଜୁଛନ୍ତି ଅମାନିଆ ଗାଡ଼ି ଚାଳକ

**● ଗୋଟିଏ ଗାଡ଼ିରେ ଚାରି ଜଣ, ବାଇକ୍ ଜବତ**

ବାଲେଶ୍ୱର, ୧୯।୨(ସମିସ): ଅମାନିଆ ଗାଡ଼ି ଚାଳନା କରି ଅନ୍ୟମାନଙ୍କ ପାଇଁ ବିପଦ ସାଜୁଛନ୍ତି। ଟ୍ରାଫିକ ନିୟମ ଅବମାନନା କରି କେତେବେଳେ ଦ୍ରୁତ ଗତିରେ ଗାଡି ଚଳାଉଛନ୍ତି ତ କେତେବେଳେ ସାପ ଭଳି ସହରର ଗହଳି ଭିତରେ ଗାଡ଼ି ଚାଳନା। ଯାହାଫଳରେ ସହରବାସୀଙ୍କ ମଧ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗୁରୁବାର ଦିନ ବିନା ହେଲମେଟରେ ଗାଡ଼ି ଚାଳନା କରି ଗୋଟିଏ ଗାଡ଼ିରେ ଚାରି ଜଣ ଯାଉଥିବା ସମୟରେ ଟ୍ରାଫିକ ପୁଲିସ ଏଡିଏମ୍ ଛକରେ ଧରିଥିଲେ। ଅନେକ ଯୁକ୍ତି ତର୍କ ପରେ ଗାଡି ଚାଳକଙ୍କ ସହ ବାଇକ୍ ଜବତ କରି ଟ୍ରାଫିକ ଥାନାକୁ ନେଇଥିଲେ।



ସୂଚନାଯୋଗ୍ୟ, ଗୁରୁବାର ମଧ୍ୟାହ୍ନରେ ସହରର ବ୍ୟସ୍ତ ବହୁଳ ଏଡିଏମ୍ ଛକରେ ଜଣେ ଟ୍ରାଫିକ ପୁଲିସ ଡ୍ୟୁଟି କରୁଥିଲେ। ଏହି ସମୟରେ ଗୋଟିଏ ବାଇକ୍‌ରେ ଗାଡି ଚାଳକକୁ ମିଶାଇ ଚାରି ଜଣ ଯାଉଥିଲେ। ଏଥିସହିତ ବାଇକ ଚାଳକ ହେଲମେଟ ମଧ ପିନ୍ଧି ନ ଥିଲେ। ଏହି ସମୟରେ ଏଡିଏମ୍ ଛକ ଦେଇ ଯାଉଥିବା ସମୟରେ ଧରି ପକାଇଥିଲେ ସେଠାରେ ଉପସ୍ଥିତ ଥିବା ଟ୍ରାଫିକ ପୁଲିସ। ସଙ୍ଗେ ସଙ୍ଗେ ଟ୍ରାଫିକ ପୁଲିସ ଗାଡିରୁ ଚାବି କାଢି ନେଇଥିଲେ। ଫଳରେ ସେମାନେ ଯାଇପାରିନଥିଲେ। ଏହାପରେ ଗାଡ଼ି ଚାଳକ ଧରାପଡ଼ିବା ପରେ ମଧ ଭୁଲ ଗ୍ରହଣ କରିବା ପରିବର୍ତ୍ତେ ବିଭିନ୍ନ ଫୋନ୍ କଲ୍ କରି ଖସିଯିବାକୁ ଚେଷ୍ଟା କରିଥିଲେ। ତେବେ ଟ୍ରାଫିକ ପୁଲିସ ଜଣକ ଗାଡ଼ିର ଫଟୋ ଉଠାଇବା ସହ ପିସିଆର ଭ୍ୟାନ୍‌କୁ ଖବର ଦେଇଥିଲେ। ଏହାପରେ ଘଟଣା ସ୍ଥଳରେ ପିସିଆର ଭ୍ୟାନ୍ ପହଞ୍ଚି ଗାଡି ଚାଳକକୁ ଥାନାକୁ ନେବା ସହ ଗାଡ଼ି ଜବତ କରିଛନ୍ତି। ଏପରି ଘଟଣା ପ୍ରତିଦିନ ସହରରେ ଘଟୁଛି। ବେପରୁଆ ଗାଡ଼ି ଚାଳନା ପାଇଁ ଅନ୍ୟମାନେ ଭୟଭୀତ ହେବା ସହ ନିଜକୁ ସୁରକ୍ଷିତ ମଣୁନାହାନ୍ତି। କେତେବେଳେ ଗାଡିର ବିକଟାଳ ଶବ୍ଦ ଲୋକଙ୍କୁ ଅତିଷ୍ଠ କରୁଛି ତ କେତେବେଳେ ଦ୍ରୁତ ଗତିରେ ଗାଡି ଚାଳନା ବିପଦକୁ ଟାଣିଆଣୁଛି। ଏହି ବେପରୁଆ ବାଇକ ଚାଳନା ପଥଚାରୀଙ୍କ ପାଇଁ ବଡ଼ ବିପଦ ସାଜିଥିବାବେଳେ ଏହା ସଡ଼କ ଦୁର୍ଘଟଣାର ମୁଖ୍ୟ କାରଣ ପାଲଟିଛି।

## ରୋମାନିଆନ ଗ୍ରାଫିକ୍ସ କଳା ପ୍ରଦର୍ଶନୀ ଉଦ୍‌ଘାଟିତ

ବାଲେଶ୍ୱର, ୧୯।୨(ସମିସ): ରୋମାନିଆନ ଚିତ୍ରକର କନଷ୍ଟାଣ୍ଟିନ ବ୍ରାଙ୍କୁସିଙ୍କ ୧୫୦ ତମ ଜନ୍ମ ତିଥିରେ ରୋମାନିଆର ସଂସ୍କୃତି ମନ୍ତ୍ରଣାଳୟର ପୃଷ୍ଠପୋଷକତାରେ ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଆଜି ରୋମାନିଆନ ଗ୍ରାଫିକ୍ସ କଳା ପ୍ରଦର୍ଶନୀ ଉଦଘାଟିତ ହୋଇଯାଇଛି।



ଏହି ପ୍ରଦର୍ଶନୀରେ ରୋମାନିଆର ୨୯ ଜଣ ଶିଳ୍ପୀଙ୍କ ଗ୍ରାଫିକ କଳା ଏବଂ ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟର ଭାସ୍କର୍ଯ୍ୟ ବିଭାଗର ୨୦ ଜଣ ଛାତ୍ରଛାତ୍ରୀଙ୍କ ଭାସ୍କର୍ଯ୍ୟକୁ ନେଇ କଳା ପ୍ରଦର୍ଶନୀ ହୋଇଛି। ଦି ଇଣ୍ଟର ଆର୍ଟ ଫାଉଣ୍ଡେସନ, ଆଇଡ ଓ କନଷ୍ଟାଣ୍ଟିନ ବ୍ରାଙ୍କୁସି ଜାତୀୟ ସଂଗ୍ରହାଳୟ ଟାର୍ଗୁଜିଉ, ରୋମାନିଆ ଦ୍ୱାରା ଆୟୋଜିତ କରାଯାଇଛି। କଳା ପ୍ରଦର୍ଶନୀକୁ ଦି ଇଣ୍ଟର ଆର୍ଟ ଫାଉଣ୍ଡେସନ, ଆଇଡ, ରୋମାନିଆର ସଭାପତି ଷ୍ଟେଫାନ ବାଲୋଗ ପରିଚାଳନା କରିଥିଲେ। କଳା ପ୍ରଦର୍ଶନୀକୁ ମୁଖ୍ୟଅତିଥି (ଓଆରଏ) ସରାଜେଶ ପ୍ରିୟଦର୍ଶୀ, ସମ୍ମାନିତ ଅତିଥି ଚାରୁକଳା ମହାବିଦ୍ୟାଳୟ ସଭାପତି ସଂଗ୍ରାମ କୁମାର ଦାସ, ଇନଟାକ ଚାପ୍ଟର କନଭନର ଉଦୟ ରଞ୍ଜନ ଦାସ, ରସାୟନ ବିଜ୍ଞାନ ଅଧାପକ ଡଃ. ପଙ୍କଜ କୁମାର ଜେନା, ଶିଳ୍ପୀ ବ୍ରଜ ନାରାୟଣ ଷଡ଼ଙ୍ଗୀ ଉଦଘାଟନ କରିଛନ୍ତି। ଅଧାପକ ସଂଗ୍ରାମ ସାମନ୍ତ ରାଏ, ଅବନିନ୍ଦ୍ର କର, ଅଧାପିକା ଆର୍ଯ୍ୟ ପ୍ରଜ୍ଞା ବାସବଦତ୍ତା କଳାକୃତି ପ୍ରଦର୍ଶନରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ରୋମାନିଆର ଗ୍ରାଫିକ କଳା ଶିଳ୍ପୀମାନଙ୍କର ଚିତ୍ରକଳା ପ୍ରଦର୍ଶନୀ ବିଶ୍ୱର ଏକକାଳୀନ ୨୦ଟି ଦେଶରେ ଆୟୋଜିତ କରାଯାଇ ବ୍ରାଙ୍କୁସିଙ୍କ ଜନ୍ମ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଭାବରେ ଗ୍ରହଣ କରାଯାଇଛି। ଭାରତରେ ଏହି କଳା ପ୍ରଦର୍ଶନୀ କରିବା ପାଇଁ ଶିଳ୍ପୀ ଅସିତ କୁମାର ପଟ୍ଟନାୟକଙ୍କୁ ମୁଖ୍ୟ କ୍ୟୁରେଟର ଭାବେ ଦାୟିତ୍ୱ ଦିଆଯାଇଥିଲା। ଶିଳ୍ପୀ ପଟ୍ଟନାୟକ ଓଡ଼ିଶାର ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ପ୍ରଦର୍ଶନୀ କରିବା ପାଇଁ ମନୋନୀତ କରିଥିଲେ। ପ୍ରଦର୍ଶନୀର ସହ କ୍ୟୁରେଟର ଭାବେ ମହାବିଦ୍ୟାଳୟ ଅଧକ୍ଷ ନିକୁଞ୍ଜ ବିହାରୀ ଦାସଙ୍କୁ ଦାୟିତ୍ୱ ଦିଆଯାଇଛି। ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟର ଭାସ୍କର୍ଯ୍ୟ ବିଭାଗର ୨୦ ଜଣ ଛାତ୍ରଛାତ୍ରୀ ବ୍ରାଙ୍କୁସିଙ୍କ ଭାସ୍କର୍ଯ୍ୟ ଦ୍ୱାରା ଅନୁପ୍ରାଣିତ ହୋଇ ପଥର, କାଠ, ଫାଇବରରେ ନିଜସ୍ୱ ଶୈଳୀରେ ଭାସ୍କର୍ଯ୍ୟ କଳା ତିଆରି କରି ପ୍ରଦର୍ଶିତ କରିଛନ୍ତି। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଚାଲିବ। ଜନସାଧାରଣଙ୍କ ପାଇଁ ସକାଳ ୧୦ ଘଟିକାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ଏହି ଚିତ୍ରକଳା ପ୍ରଦର୍ଶନୀ ଖୋଲା ରହିବ ବୋଲି ଅଧକ୍ଷ ସୂଚନା ଦେଇଛନ୍ତି।

## ମାଟ୍ରିକ ପରୀକ୍ଷାର୍ଥୀ ଓ ଅଭିଭାବକଙ୍କ ନିମନ୍ତେ ସହାୟତା କେନ୍ଦ୍ର ଉଦ୍‌ଘାଟିତ

ବାଲେଶ୍ୱର, ୧୯।୨(ସମିସ): ସଦର ବ୍ଲକ ବଡକିଆ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସାମାଜିକ ଅନୁଷ୍ଠାନ ପୁରାତନ ବିଦ୍ୟାର୍ଥୀ ପରିଷଦ, ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ, ସାଉଁ ତରଫରୁ ଚଳିତବର୍ଷ ଦଶମ ପରୀକ୍ଷାର୍ଥୀ ଏବଂ ଅଭିଭାବକଙ୍କ ନିମନ୍ତେ 'ସହାୟତା କେନ୍ଦ୍ର' ଉଦଘାଟିତ ହୋଇଛି। ପରିଷଦ ସଭାପତି ଜଳଧର ସାମଲ ଏହାକୁ ଉଦଘାଟନ କରିଛନ୍ତି। ଏହି ସହାୟତା କେନ୍ଦ୍ରଟି ଆସନ୍ତା ମାର୍ଚ୍ଚ ମାସ ୨ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକାରୀ ରହିବ ବୋଲି ପରିଷଦର ସମ୍ପାଦକ ସୁଧାକର ସେଠୀ ଜଣାଇଛନ୍ତି। ମନ୍ଦିର ପରିସରରେ ଅଭିଭାବକଙ୍କ ପାଇଁ ବିଶ୍ରାମ ଏବଂ ବସିବାର ସୁ-ବ୍ୟବସ୍ଥା, ଶୁଦ୍ଧ ପାନୀୟଜଳ, ଆଶୁ ଚିକିତ୍ସା ସୁବିଧା, ପରୀକ୍ଷାର୍ଥୀମାନଙ୍କ ପାଇଁ ସମସ୍ତ ପରୀକ୍ଷା ଉପକରଣ ଆଦି ପରିଷଦ ତରଫରୁ ଉପଲବ୍ଧ କରାଯାଇଛି। ଏହି ଅବସରରେ ଉଦଘାଟନୀ ସଭାରେ ବୃନ୍ଦାବତୀ ସରକାରୀ ଉଚ୍ଚ ବିଦ୍ୟାଳୟର ଅନ୍ୟତମ ପ୍ରତିଷ୍ଠାତା ସ୍ୱର୍ଗତ ଭାସ୍କର ଚନ୍ଦ୍ର ବାରିକଙ୍କ ଉଦ୍ଦେଶ୍ୟରେ ଦୁଇମିନଟ ନୀରବ ପ୍ରାର୍ଥନ ସହ ସ୍ମୃତିଚାରଣ କରାଯାଇଥିଲା। ଏହି ଅବସରରେ ଯୁବ ଆଇନଜୀବୀ ପ୍ରଶାନ୍ତ କୁମାର ସାମଲ ଆଗାମୀ ଦିନରେ ପରୀକ୍ଷାର୍ଥୀଙ୍କ ପାଇଁ ସଚେତନତା ଶିବିର କରିବା ପାଇଁ ପ୍ରସ୍ତାବ ରଖିଥିଲେ। ସହ ସମ୍ପାଦକ ନବକୁମାର ନାୟକ, ସତ୍ୟବ୍ରତ ସ, ରାମଚନ୍ଦ୍ର ମହାନ୍ତି, ଅଭିଭାବକ ବିଜୟ କୁମାର ଦାସ, ଜଗନ୍ନାଥ ସ୍ମୃତି ମଣ୍ଡପ କମିଟିର ଠକର ଚରଣ ପାଢ଼ୀ, ସରୋଜ ବେହେରା, ଡାକ୍ତର ମନୋଜ କୁମାର ବାରିକ କଥା ରଖିଥିଲେ। ପରିଷଦର ଯୁବ ସଂଗଠକ ରଶ୍ମୀରଞ୍ଜନ ଜେନା, ସାବିତ୍ରୀରାଣୀ ଦାସ, ଜୟଶ୍ରୀ ରାଉତ, ରାହୁଲ କୁମାର ବାରିକ, ଲକି ସାମଲ, ବିଶ୍ୱରଞ୍ଜନ ସାମଲ, ଭବେଶ କୁମାର ମହାନ୍ତି ପରିଚାଳନା କରିଥିଲେ। ଡ୍ରୋନ୍ ଜରିଆରେ ରାସ୍ତାରେ ଯାନବାହନ ଗହଳି ଟ୍ରାଫିକ ଆଦି ପରୀକ୍ଷା ପୂର୍ବରୁ ଅନବରତ ନିରୀକ୍ଷଣ କରି ଯଥା ସମ୍ଭବ ସାହାଯ୍ୟ କରି ପରୀକ୍ଷା କେନ୍ଦ୍ରକୁ ଯିବାର ଗମନାଗମନକୁ ଶୃଙ୍ଖଳିତ କରିବାର ବ୍ୟବସ୍ଥା ପରିଷଦର ଯୁବସଂଗଠକ ଅଭ୍ୟୁଦୟମ୍ ମୁଖ୍ୟ ସବ୍ୟସାଚୀ ପ୍ରଧାନ ଏବଂ ଶୁଭ୍ରାଂଶୁ କୁମାର ରାଉତ ସମ୍ପାଦିତ କରିଥିଲେ। ଅଭିଭାବକଙ୍କ ମଧ୍ୟରେ ହିମାଂଶୁ ପରିଡ଼ା, ରଞ୍ଜନ ନାୟକ, ଉମାକାନ୍ତ ଗୋଛାୟତ, ଶାନ୍ତନୁ କୁମାର ପାଣିଗ୍ରାହୀ, ସୁଧାକର ରାଉତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ମନ୍ମଥ କୁମାର ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ।




## ବାଲେଶ୍ୱରରେ ବିପର୍ଯ୍ୟୟ ପରିଚାଳନା ତାଲିମ କେନ୍ଦ୍ର ସ୍ଥାପନ ପାଇଁ ନାହିଁ ପ୍ରସ୍ତାବ

ବାଲେଶ୍ୱର, ୧୯।୨(ସମିସ)

ବିଧାନସଭାରେ ଏବେ ଚାଲିଛି ବଜେଟ୍ ଅଧିବେଶନ। ଏହି ଅଧିବେଶନର ତୃତୀୟ ଦିନରେ ବସ୍ତା ବିଧାୟିକା ସୁବାସିନୀ ଜେନା ବାଲେଶ୍ୱରଠାରେ ଏକ ବିପର୍ଯ୍ୟୟ ପରିଚାଳନା ତାଲିମ କେନ୍ଦ୍ର ସ୍ଥାପନ ପ୍ରସଙ୍ଗ ଉଠାଇଛନ୍ତି। ଏହି ପ୍ରସଙ୍ଗରେ ସୁବାସିନୀ ଜେନା ବାଲେଶ୍ୱର ଜିଲ୍ଲା ତଥା ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେତୋଟି ସ୍କୁଲ୍ ଏବଂ କଲେଜର ଡିଆରଆର) ଡିଜାଷ୍ଟର ରିସ୍କ ରିଡକ୍ସନ ତାଲିମ୍ ପ୍ରଦାନ କରାଯାଉଛି, ଏଥିସହିତ ବାଲେଶ୍ୱର ଠାରେ ଏକ ବିପର୍ଯ୍ୟୟ ପରିଚାଳନା ତାଲିମ କେନ୍ଦ୍ର ସ୍ଥାପନ ପାଇଁ ସରକାରଙ୍କ ପଦକ୍ଷେପ ସମ୍ବନ୍ଧରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ପ୍ରଶ୍ନ କରି ପଚାରିଛନ୍ତି। ଏହାର ଉତ୍ତରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ବିପର୍ଯ୍ୟୟ ବିପତ୍ତି ହ୍ରାସ (ଡିଆରଆର) ପାଇଁ ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୨ ଟି ବିଦ୍ୟାଳୟରେ ଜାତୀୟ ବିପର୍ଯ୍ୟୟ ମୁକାବିଲା ବାହିନୀ (ଏନଡିଆରଏଫ) ଓ ଓସେପା (ଓସେପା) ସହାୟତାରେ ୨୦୨୫ ମସିହା ନଭେମ୍ବର ମାସରେ ବିଦ୍ୟାଳୟ ସୁରକ୍ଷା କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ବିପର୍ଯ୍ୟୟ ଓ ସେଥିରୁ ସୁରକ୍ଷା ସମ୍ବନ୍ଧୀୟ ତାଲିମ୍ ପ୍ରଦାନ କରାଯାଇଛି। ସେହିପରି ବାଲେଶ୍ୱର ଜିଲ୍ଲାର ଅନ୍ୟ ୨ଟି ବିଦ୍ୟାଳୟରେ ମଧ ଏନଡିଆରଏଫ ସହାୟତାରେ ବିଦ୍ୟାଳୟ ସୁରକ୍ଷା କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ବିପର୍ଯ୍ୟୟ ଓ ସେଥିରୁ ସୁରକ୍ଷା ସମ୍ବନ୍ଧୀୟ ତାଲିମ୍ ପ୍ରଦାନ କରାଯାଇଛି। ସୁନାମି ସଚେତନତା କାର୍ଯ୍ୟକ୍ରମ ବସ୍ତା ନିର୍ବାଚନ ମଣ୍ଡଳୀର ୨ଟି ବିଦ୍ୟାଳୟ ଏବଂ ସମଗ୍ର ବାଲେଶ୍ୱର ଜିଲ୍ଲାର ୩୦ଟି ବିଦ୍ୟାଳୟରେ ଆୟୋଜନ କରାଯାଇଛି। ସେହିପରି ବଜ୍ରପାତ ଜନିତ ମୃତ୍ୟୁହାରକୁ ହ୍ରାସ କରିବା ପାଇଁ ବସ୍ତା ନିର୍ବାଚନ ମଣ୍ଡଳୀର ୯ ଟି ବିଦ୍ୟାଳୟ ଓ ମହାବିଦ୍ୟାଳୟ ଏବଂ ବାଲେଶ୍ୱର ଜିଲ୍ଲାର ୫୦ଟି ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସାପକାମୁଡ଼ା ଜନିତ ମୃତ୍ୟୁହାରକୁ ହ୍ରାସ କରିବା ପାଇଁ ବସ୍ତା ନିର୍ବାଚନ ମଣ୍ଡଳୀର ୯ ଟି ବିଦ୍ୟାଳୟ ଓ ମହାବିଦ୍ୟାଳୟ ଏବଂ ସମଗ୍ର ବାଲେଶ୍ୱର ଜିଲ୍ଲାରେ ୫୪ ଟି ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଅଧିକନ୍ତୁ, ବସ୍ତା ନିର୍ବାଚନ ମଣ୍ଡଳୀର ସମସ୍ତ ୩୧ ଟି ବହୁମୁଖୀ ଆଶ୍ରୟସ୍ଥଳୀରେ ପ୍ରତ୍ୟେକ ଆଶ୍ରୟସ୍ଥଳୀ ପିଛା ୨୫ ଜଣ ଆଶ୍ରୟସ୍ଥଳୀ ପରିଚାଳନା ସମିତିର ସଭ୍ୟ ଓ ସଭ୍ୟାଙ୍କୁ ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମ୍ବନ୍ଧୀୟ ପ୍ରଶିକ୍ଷଣ, ୨୫ ଜଣ ସ୍ୱେଚ୍ଛାସେବୀଙ୍କୁ ସନ୍ଧାନ ଓ ଉଦ୍ଧାର କୌଶଳ କୌଶଳରେ ଏବଂ ୨୫ ଜଣ ସ୍ୱେଚ୍ଛାସେବୀଙ୍କୁ ପ୍ରାଥମିକ ଚିକିତ୍ସା କୌଶଳରେ ପ୍ରଶିକ୍ଷଣ ଦିଆଯାଇଛି। ସମୁଦାୟ ୩୧ଟି ବହୁମୁଖୀ ଆଶ୍ରୟସ୍ଥଳୀରେ ମୋଟ ୨୩୨୫ ଜଣ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷିତ କରାଯାଇଛି। ଜିଲ୍ଲାର ୧୨୮ଟି ବହୁମୁଖୀ ଆଶ୍ରୟସ୍ଥଳୀରେ ପ୍ରତ୍ୟେକ ଆଶ୍ରୟସ୍ଥଳୀ ପିଛା ୨୫ ଜଣ ଆଶ୍ରୟସ୍ଥଳୀ ପରିଚାଳନା ସମିତିର ସଭ୍ୟ ଓ ସଭ୍ୟାଙ୍କୁ ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷାବେକ୍ଷଣ ସମ୍ବନ୍ଧୀୟ ପ୍ରଶିକ୍ଷଣ, ୨୫ ଜଣ ସ୍ୱେଚ୍ଛାସେବୀଙ୍କୁ ସନ୍ଧାନ ଓ ଉଦ୍ଧାର କୌଶଳରେ ଏବଂ ୨୫ ଜଣ ସ୍ୱେଚ୍ଛାସେବୀଙ୍କୁ ପ୍ରାଥମିକ ଚିକିତ୍ସା କୌଶଳରେ ପ୍ରଶିକ୍ଷଣ ଦିଆଯାଇଛି। ଜିଲ୍ଲାର ସମୁଦାୟ ୯୬୦୦ ଜଣ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷିତ କରାଯାଇଛି। ରାଜ୍ୟର ସମସ୍ତ ଜିଲ୍ଲାରେ ୩୦ଟି ଓଡ୍ରାଫ ଦଳ ଗଠନ କରାଯାଇଛି। ବର୍ତ୍ତମାନ ୨୦ଟି ଦଳ ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟରତ। ବିପର୍ଯ୍ୟୟ ସମୟରେ ଉଦ୍ଧାର ସହ ବିଭିନ୍ନ ତାଲିମ ଓ କୌଶଳ ଜରିଆରେ ରାଜ୍ୟର ଜନସାଧାରଣଙ୍କୁ ବିପର୍ଯ୍ୟୟ ସମୟରେ ସହଯୋଗ ଓ ଉଦ୍ଧାର ସହ ସେମାନଙ୍କର କୌଶଳ ବୃଦ୍ଧିରେ ସହଯୋଗ କରୁଛି। ରାଜ୍ୟସ୍ତରରେ ବିପର୍ଯ୍ୟୟ ପରିଚାଳନା ତାଲିମ କେନ୍ଦ୍ର ଭୁବନେଶ୍ୱର ଠାରେ ବିପର୍ଯ୍ୟୟ ପରିଚାଳନା ତାଲିମ ଓ ଦକ୍ଷତା ବୃଦ୍ଧି ନିମନ୍ତେ ଅନବରତ ଭାବେ କାର୍ଯରତ ଅଛି। ଜିଲ୍ଲା ସ୍ତରରେ ବିପର୍ଯ୍ୟୟ ପରିଚାଳନା ତାଲିମ କେନ୍ଦ୍ର ନିମନ୍ତେ କୌଣସି ପ୍ରସ୍ତାବ ବର୍ତ୍ତମାନ ନାହିଁ। ଅତିଶୀଘ୍ର ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରତିଷ୍ଠାନ ଭୁବନେଶ୍ୱରର ଗୋଠପାଟଣାରେ କାର୍ଯ୍ୟକ୍ଷମ ହେବାକୁ ଯାଉଛି ବୋଲି ସୂଚନା ଦେଇଛନ୍ତି।



**ବଜେଟ୍ ଅଧିବେଶନରେ ପ୍ରସଙ୍ଗ ଉଠାଇଲେ ବିଧାୟିକା ସୁବାସିନୀ**

## ଗ୍ରାମୀଣ ଶିବିର 'ସିଦ୍ଧାନ୍ତ ଓ ପ୍ରାୟୋଗିକ ମହାସଂଗମ' ଆରମ୍ଭ



ବାଲେଶ୍ୱର, ୧୯।୨(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ସାମାଜିକ କାର୍ଯ୍ୟ ବିଭାଗ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା 'ସିଦ୍ଧାନ୍ତ ଓ ପ୍ରାୟୋଗିକ ମହାସଂଗମ' ନାମକ ଗ୍ରାମୀଣ ଶିବିର ବାବନ୍ଧ ଗ୍ରାମ, ସିଆଡିମେଳ ପଞ୍ଚାୟତ ଅନ୍ତର୍ଗତ କୁମ୍ଭକ୍ଷେତ୍ରରେ ଆରମ୍ଭ ହୋଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ ଓ ନିର୍ଦ୍ଦେଶନାରେ ଆୟୋଜିତ ଏହି ଶିବିର ଆସନ୍ତା ୨୮ ତାରିଖରେ ସମାପ୍ତ ହେବ। ସାମାଜିକ କାର୍ଯ୍ୟ ବିଭାଗର ସଂଯୋଜିକା ଡ଼କ୍ଟର ଗ୍ରେସ ବାହାଲେନ ମୁଣ୍ଡଙ୍କ ତତ୍ତ୍ୱାବଧାନରେ ୨୧ ଜଣ ଛାତ୍ରଛାତ୍ରୀ ଯୋଗଦେଇଛନ୍ତି। ସହାୟକ ଅଧାପିକା ରଶ୍ମିରେଖା ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ଅଳଙ୍କାର ଜୁଏଲରର ନିର୍ଦ୍ଦେଶିକା ଦର୍ଶନା ସାଗଭୀ ମୁଖ୍ୟ ଅତିଥି, ଶିଳ୍ପୀ କେଶୁ ଦାସ ମୁଖ୍ୟ ବକ୍ତା ଓ ସ୍ଥାନୀୟ ପୂର୍ବତନ ସରପଞ୍ଚ ପତିତପାବନ ସିଂ ଆମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ଗ୍ରାମୀଣ ଉନ୍ନତିରେ ଶିକ୍ଷାନୁଷ୍ଠାନମାନଙ୍କ ଭୂମିକା ସମ୍ବନ୍ଧରେ ମତପ୍ରକାଶ କରିଥିଲେ। ବିଭାଗର ସହାୟକ ଅଧାପିକା ସୁପ୍ରିୟା ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। କୁମ୍ଭକ୍ଷେତ୍ର ସମେତ ଚାରିଟି ଗ୍ରାମର ଗ୍ରାମବାସୀଙ୍କ ଜୀବନଜୀବିକା, ସ୍ୱାସ୍ଥ୍ୟ, ଶିକ୍ଷା, ଲୋକକଳା, ସାହିତ୍ୟ ଓ ସ୍ଥାପତ୍ୟ ଆଦି ବିଭିନ୍ନ ବିଷୟରେ ସବିଶେଷ ତଥ୍ୟ ସଂଗ୍ରହ କରାଯାଇ ସେଗୁଡ଼ିକର ବିବରଣୀ ପ୍ରସ୍ତୁତ କରାଯିବ। ପ୍ରତ୍ୟେକ ଛାତ୍ରଛାତ୍ରୀ ଗୋଟିଏ ଦିନ ସମ୍ପୂର୍ଣ୍ଣ ଭାବେ ଗ୍ରାମବାସୀଙ୍କ ସହ ଅତିବାହିତ କରି ସେମାନଙ୍କ ରୀତିନୀତି, ପରମ୍ପରା ଓ ଖାଦ୍ୟପାନୀୟ ସମ୍ବନ୍ଧରେ ପ୍ରତ୍ୟକ୍ଷ ଅନୁଭବ ଅର୍ଜନ କରିବେ। କାର୍ଯ୍ୟକ୍ରମକୁ ଛାତ୍ରୀ ବିଷ୍ଣୁପ୍ରିୟା ସାହୁ ସଂଯୋଜନା କରିଥିବା ବେଳେ ଛାତ୍ରୀ ରୋଶନୀ ଦତ୍ତ ଧନ୍ୟବାଦ ଜ୍ଞାପନ କରିଥିଲେ।





## ବାର୍ ମାଲିକଙ୍କ ଲୁଚକାଳି ଖେଳ

# ଆଗପଟ ତାଲା; ପଛପଟ ଖୋଲା

■ ସବୁଦିନେ ପଇଁତରା ମାରି ଫେରିଯାଉଛି ପୁଲିସ

■ ନୋ ଲିମିଟ୍ ବାର୍ ଉପରେ ଅବକାରୀ ଚଢ଼ାଉ

ଭୁବନେଶ୍ୱର, ୧୯।୨(ସମିସ): ରାଜଧାନୀରେ ବାର୍ ପରିଚାଳନାରେ ସାଂଘାତିକ ଅବ୍ୟବସ୍ଥା ଦେଖାଦେଇଛି। ଗୋଟିଏ ବିଭାଗ ଭିତିରିଆ ସହଯୋଗ କରୁଥିଲା ବେଳେ ଆଉ ଏକ ବିଭାଗ ରେଡ୍ ମାରୁଛି। ଦୁଇ ବିଭାଗ ମଧ୍ୟରେ ଟଣାଓଟରା ଚାଲିଥିଲା ବେଳ କେତେକ ବାର୍ ମାଲିକ ଲୁଚକାଳି ଖେଳ ଖେଳୁଛନ୍ତି। ସବୁ ନିୟମକୁ ଜଳାଞ୍ଜଳି ଦେଇ ମାଲିକ ମନଇଚ୍ଛା ବାର୍ ଖୋଲୁଛନ୍ତି। ରାତି ସାରା ମଦର ଆସର ଚାଲିଛି। ନର୍ତ୍ତକୀ ନାଚୁଛନ୍ତି, ଗ୍ରାହକ ସେମାନଙ୍କ ଉପରେ ଟଙ୍କା ଉଡ଼ାଉଛନ୍ତି। ବାହାରୁ ତାଲା ପଡ଼ିଥିଲା ଭଳି ଲାଗୁଥିଲେ ମଧ୍ୟ ଭିତରେ ବାର୍ ଅପରେଟ୍ କରୁଛି। କେବଳ ଲୋକଙ୍କୁ ଦେଖାଣିଆ ବାହାରୁକୁ ଦେଖାଯାଉଛି ଯେ ବାର୍ ବନ୍ଦ ରହିଛି।

ରାଜଧାନୀର ଅଧିକାଂଶ ବାର୍‌ରେ ମୁଖ୍ୟଦ୍ୱାରା ସମେତ ୩ଟି ଅନ୍ୟଦ୍ୱାର ରହିଛି। ଯାହା ବାର୍ ଭାଷାରେ ବ୍ୟାକ୍ ଡୋର୍ କୁହାଯାଉଛି। ରାତି ୧୨ଟା ପରେ ବାର୍ ଗୁଡ଼ିକର ମୁଖ୍ୟ ଦ୍ୱାର ବନ୍ଦ ହେଲେ ଏହି ବ୍ୟାକ୍ ଡୋର୍‌ଗୁଡ଼ିକ ମୁଖ୍ୟ ଦ୍ୱାର ଭାବେ କାମ କରୁଛି। ଏହି ଦ୍ୱାର ବାଟେ ଗ୍ରାହକ ପ୍ରବେଶ କରୁଛନ୍ତି। ଆଉ ବିଲ୍ ପେମେଣ୍ଟ କରି ବାହାରକୁ ବାହାରୁଛନ୍ତି। ବାର୍ ଚାଲିଥିବା କଳା କାରବାର ବ୍ୟାକ୍ ଡୋର୍ ଏକ ପ୍ରମୁଖ ମୁଖଶାଳା ପାଲଟିଛି। ଅଗ୍ନି ନିରାପତ୍ତା ପାଇଁ ଉଦ୍ଦିଷ୍ଟ ଏହି ବ୍ୟାକ୍ ଡୋର୍ ଏବେ ଅବକାରୀ ନିୟମ ଅବମାନନା କରିବାର ପ୍ରମୁଖ ମଧ୍ୟମ ପାଲଟିଛି। ଏଣୁ ବାର୍ ଖୋଲିବା ପୂର୍ବରୁ ଯେତେବେଳେ ଘର ଭଡା ନିଆଯାଉଛି ୩ରୁ ୪ଟି ବ୍ୟାକ୍ ଡୋର୍ ରହିଛି କି ନାହିଁ ଘର ମାଲିକଙ୍କୁ ପଚରାଯାଉଛି। ନହେଲେ ପ୍ରଥମେ ଏହି ବ୍ୟବସ୍ଥାର ପୁନଃନିର୍ମାଣ କରିବା ପରେ ହିଁ ବାର୍ ଖୋଲାଯାଉଛି।

ଏପରି ନୁହେଁ ଯେ ବାର୍‌ରେ ମାତ୍ର ୩ଟି ବ୍ୟାକ୍ ଡୋର୍ ଖୋଲି ଜଣେ ବାର୍ ମାଲିକ ରାତି ତମାମ୍ ବାର୍ ଖୋଲିପାରିବ। ଆଉ କାହାରି କାନକୁ କିଛି ଖବର ମିଳିବନି। ଏସମ୍ପର୍କରେ ଜଣେ ବାର୍ ମାଲିକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ ଅବକାରୀ ନିୟମ ଭାଙ୍ଗିବା ପୂର୍ବରୁ ପ୍ରଥମେ ଥାନା ଏବଂ ପୁଲିସ ସ୍ତରରେ କାର୍ଯ୍ୟ କରୁଥିବା କିଛି ଅସାଧୁ ଲୋକଙ୍କୁ ହାତ କରିବାକୁ ପଡ଼େ। ସେମାନଙ୍କ ବିନା ରାତି ତମାମ୍ ବାର୍ ଚଲାଇବା ଅସମ୍ଭବ। ଏହି କର୍ମଚାରୀଙ୍କ ପରୋକ୍ଷ ଏବଂ ପ୍ରତ୍ୟକ୍ଷ ସହଯୋଗ ରହିଥାଏ। ସତ୍ୟ ବିହାର ଅଞ୍ଚଳରେ ନୋ ଲିମିଟ୍ ବାର୍‌ରେ ଅଗ୍ନିକାଣ୍ଡ ବେଳେ ପୁଲିସ ଟଙ୍କା ନେଉଥିବା ନେଇ ଏକ ଡାଏରୀ ଗଣମାଧ୍ୟମ ହାତରେ ଲାଗିଥିଲା। ସେହିପରି କିଛିଦିନ ତଳେ ସିଆର୍‌ଆର୍‌ଆଇ ଥାନାରେ କାର୍ଯ୍ୟରତ ଆଇଆଇସି ମଦ ବ୍ୟବସାୟୀଙ୍କ କାରବାର ସୁରୁଖୁରୁରେ ଚଳାଇବା ପାଇଁ ଲାଞ୍ଚ ନେଉଥିଲା ବେଳେ ଧରା ପଡ଼ିଥିଲା।




### ରିଭର୍ ନୋ ଲିମିଟ୍ ବାର୍ ସିଲ୍

**ବାର୍ ଗାର୍ଲଙ୍କ ଉପରେ ଟଙ୍କା ବର୍ଷା ହେଉଥିଲା**

ଭୁବନେଶ୍ୱର, ୧୯।୨(ସମିସ): ଗତ ସପ୍ତାହରେ ବିଳମ୍ବିତ ରାତିରେ ଖାରବେଳନଗର ଅଞ୍ଚଳରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାର୍ ଚାଲୁଥିବା ଘଟଣା ସାମ୍ନାକୁ ଆସିଥିଲା ବେଳେ ଏବେ କ୍ୟାପିଟାଲ ଥାନା ଅଞ୍ଚଳରେ ସାମାନ ଅଭିଯୋଗ ଆସିଛି। ରିଭର୍ ନୋ ଲିମିଟ୍ ବାର୍‌କୁ ଅବକାରୀ ବିଭାଗ ପକ୍ଷରୁ ସିଲ୍ କରାଯାଇଛି। ବାର୍ ବିରୋଧରେ ରହିଛି ସଙ୍ଗୀନ ଅଭିଯୋଗ। ଅବକାରୀ ବିଭାଗ କହିବା ଅନୁଯାୟୀ, ବାର୍ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲିଥିଲା। ଏହା ସହ ଏଠାରେ ବାର୍ ଗାର୍ଲ ନାଚୁଥିଲେ। ବାର୍ ଗାର୍ଲଙ୍କ ଉପରକୁ ଗ୍ରାହକମାନେ ନକଲି ନୋଟ୍‌ର ବର୍ଷା କରିଥିଲେ। ବାର୍ ପକ୍ଷରୁ ଏସବୁର ନିୟମିତ ଆୟୋଜନ କରାଯାଉଥିଲା। ଏଭଳି ଚାଲିଥିବା ଖବର ପାଇ ଅବକାରୀ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ଅଭିଯୋଗ ସତ୍ୟ ଥିବା ନେଇ ଅବକାରୀ ବିଭାଗକୁ ପ୍ରମାଣ ମିଳିବା ପରେ ଏହି ବାର୍ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବାର୍‌କୁ ସାମୟିକ ସମୟ ପାଇଁ ବନ୍ଦ କରି ଦିଆଯାଇଛି।

ଯାହା ପୁଲିସର ଭୂମିକାକୁ ସନ୍ଦେହ ଘେରକୁ ଟାଣୁଛି।

ସେହିପରି ରାଜଧାନୀରେ ବାର୍ ଡ୍ୟାନ୍ସକୁ ବନ୍ଦ କରାଯାଇଛି। ହେଲେ ଅଧିକାଂଶ ବାର୍‌ରେ ବାର୍ ଗାର୍ଲଙ୍କୁ ଡାକାଯାଇ ଡ୍ୟାସ କରାଯାଉଛି। ଏମାନଙ୍କ ଉପରେ ନିଶାଶକ୍ତ ଯୁବକମାନେ ଟଙ୍କା ବର୍ଷା କରୁଛନ୍ତି। ସହରରେ ଯେଉଁ ବାର୍ ଗାର୍ଲଙ୍କୁ ଧରି ଡ୍ୟାସ୍ କରାଯାଉଛି ସେହି ବାର୍‌ରେ ମଦ୍ୟପଙ୍କ ଭିଡ଼ ଜମୁଛି। ବହୁ ଅଧିକ ଟଙ୍କା ଖର୍ଚ୍ଚ କରି ଗ୍ରାହକ ଏଠାକୁ ଯିବାକୁ ପସନ୍ଦ କରୁଛନ୍ତି।

ରାତି ହେଲେ ପୁଲିସ ପ୍ରତ୍ୟେକ ଛକରେ ପଇଁତରା ମାରୁଛି। ନିର୍ଦ୍ଧାରିତ ସମୟ ପାର୍ ହୋଇଗଲାଣି ବୋଲି ସାରରନ୍ ବଜାଇ ଦୋକାନ ବନ୍ଦ କରିବାକୁ ଦୋକାନୀଙ୍କୁ ଜଣାଇ ଦେଉଛି। ଏପରିକି ଦୋକାନ ବନ୍ଦ କରିବାରେ ସାମାନ୍ୟ ବିଳମ୍ବ ହେଲେ ଦୋକାନୀଙ୍କୁ ଥାନାକୁ ଉଠାଇ ନେଉଛି। ହେଲେ ରାତି ତମାମ୍ ବାର୍ ଚାଲୁଛି ବୋଲି ସମସ୍ତେ ଜାଣି ପାରୁଥିଲା ବେଳେ ପୁଲିସ ନାମକ ସଂସ୍ଥା କେବଳ ଜାଣିପାରୁନି। ଏହା ନିହାତି ଭାବେ ହାସ୍ୟସ୍ପଦ ଏବଂ ପୁଲିସର ଅଭିନୟ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

### ଅବକାରୀ କର୍ମଚାରୀ ପିନ୍ଧିବେ ବଡ଼ି କ୍ୟାମେରା


ବାର ହେଉ ଅବା ପବ୍। ରାତିରେ ଅବକାରୀ ବିଭାଗ ଚଢଉ କଲେ ବାରରେ ଥିବା ବାଉନ୍‌ସର ଅବକାରୀ ଅଧିକାରୀଙ୍କୁ ଆକ୍ରମଣ କଲେ। ସେହିପରି ମଦ ଭାଟିରେ ଚଢାଉ କଲେ ମଦ ମାଫିଆଙ୍କ ଗୁଣ୍ଡା ଆକ୍ରମଣ କରୁଛନ୍ତି। ତେଣୁ ଏହାକୁ ନଜରରେ ରଖି ଅବକାରୀ ବିଭାଗର ଅଧିକାରୀଙ୍କୁ ମିଳିଛି ବଡି କ୍ୟାମେରା। ଭୁବନେଶ୍ୱର ଏବଂ ଖୋର୍ଦ୍ଧା ଅବକାରୀ ଜିଲ୍ଲାକୁ ୧୦ଟା ଲେଖାଏ ବଡ଼ି କ୍ୟାମେରା ମିଳିଛି। ଏହି କ୍ୟାମେରା ଅବକାରୀ ବିଭାଗର ତଦନ୍ତରେ ସହାୟକ ହେବ। ଏପରିକ ଘଟଣାସ୍ଥଳର ସମସ୍ତ ପ୍ରମାଣ ଭିଡିଓରେ ରେକର୍ଡିଂ ହୋଇ ରହିବ। ସମସ୍ତ ଅଧିକାରୀଙ୍କୁ ଏହି ବଡି କ୍ୟାମେରା ଲଗାଇବାକୁ କୁହାଯାଇଛି। ଏହି କ୍ୟାମେରାରେ ରେକର୍ଡିଂ ହେଉଥିବା ଭିଡିଓ ଏକ ମାସ ପର୍ଯ୍ୟନ୍ତ ରହି ପାରିବେ।

## ଖଣ୍ଡାଧାରୀ ଯୁବକଙ୍କ ଆତଙ୍କ



ଭୁବନେଶ୍ୱର, ୧୯।୨ (ସମିସ): ଇନ୍‌ଫୋସିଟି ଥାନା ଅଞ୍ଚଳରେ ୩ ଜଣ ଦୁର୍ବୃତ୍ତ ଦିନ ଦ୍ୱିପହରେ ଖଣ୍ଡାଧାରୀ ଯୁବକଙ୍କ ଆତଙ୍କ ଦେଖିବାକୁ ମିଳିଛି। ଖଣ୍ଡା ଧରି ଆକ୍ରମଣ କରିବାକୁ ଯେପରି ଲୋକ ଖୋଜୁଛନ୍ତି। ଖୁଲମ୍‌ଖୁଲା ଏଭଳି ବୁଲିବା ଦ୍ୱାରା ଲୋକେ ଭୟବିତ ହେଉଛନ୍ତି। ଆଇନ୍‌ଶୃଙ୍ଖଳା ପରିସ୍ଥିତିକୁ ଏକ ଚ୍ୟାଲେଞ୍ଜ ସୃଷ୍ଟି ହେଉଛି। ଏକ ବାଇକ୍‌ରେ ଟ୍ରାଫିକ୍ ଛକ ନିକଟରେ ବୁଲୁଥିବା ଭିଡିଓ ଜୋର୍‌ସୋର୍‌ରେ ଭାଇରାଲ୍ ହେବାରେ ଲାଗିଛି।

## ହୀରା କାନଫୁଲ ଚୋରି କରି ଗିରଫ



ଭୁବନେଶ୍ୱର, ୧୯।୨(ସମିସ): ଦମ୍ପତିଙ୍କ ଠାରୁ ହୀରା କାନଫୁଲ ଚୋରି କରିବା ଅଭିଯୋଗରେ ନୂଆପଲ୍ଲୀ ଥାନା ପୁଲିସ ଗୁରୁବାର ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ସୁନୀଲ କୁମାର ନାୟକ। ପୁଲିସ ତା’ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟଚାଲାଣ କରିଛି। ଏନେଇ ବିଜୟଲାଲ ବିଶ୍ୱାଳ(୬୫) ଥାନାରେ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ଡିସେମ୍ବର ୫ ତାରିଖ ରାତ୍ରି ପ୍ରାୟ ୮ଟା ସମୟରେ, ଅଭିଯୋଗକାରୀ ବିଜୟଲାଲ ତାଙ୍କ ପରିବାର ସଦସ୍ୟମାନଙ୍କ ସହ ଭୁବନେଶ୍ୱର ବିମାନବନ୍ଦରରୁ ସରକାରୀ କାର୍ଯ୍ୟ ପାଇଁ ଯୋଗାଇ ଦିଆଯାଇଥିବା ଏକ ଇନୋଭା ଗାଡ଼ିରେ ଯାତ୍ରା କରି ଜୟଦେବ ବିହାରର ହୋଟେଲ ପ୍ରିୟାରେ ରାତ୍ରିଭୋଜନ କରିଥିଲେ। ପରେ ସେମାନେ ଆଇଆରସି ଭିଲେଜରେ ଅବସ୍ଥିତ ତାଙ୍କ ଘରକୁ ଫେରି ଆସିଥିଲେ। ପରେ ଅଭିଯୋଗକାରୀ ତାଙ୍କ ବ୍ୟାଗରୁ ଏକ ହୀରା କାନଫୁଲ ଏବଂ ନଗଦ ୧୬ ହଜାର ଟଙ୍କା ଚୋରି ହୋଇଥିବା ଦେଖିଥିଲେ। ଗାଡ଼ିଟି ଡ୍ରାଇଭରଙ୍କ ପାଖରେ ରହିବା ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ବ୍ୟାଗକୁ ଅବାଧରେ ହ୍ୟାଣ୍ଡେଲିଂ କରାଯାଇଥିବାରୁ, ଗାଡ଼ିର ଡ୍ରାଇଭରଙ୍କ ବିରୋଧରେ ସନ୍ଦେହ ସୃଷ୍ଟି ହୋଇଥିଲା। ଅଭିଯୁକ୍ତକୁ ସାଲିଆସାହିର ତାରିଣୀ ନଗର ନିକଟରୁ ଗିରଫ କରାଯାଇଥିଲା। ତାଙ୍କ ହେପାଜତରୁ ଚୋରି ହୋଇଥିବା ହୀରା କାନଫୁଲ ଜବତ କରାଯାଇଥିଲା। ପୂର୍ବରୁ ଶହୀଦନଗର ଥାନାରେ ତାଙ୍କ ନାମରେ ମାମଲା ରହିଛି।

## ଗଞ୍ଜେଇ ଚାଲାଣ ଅଭିଯୋଗରେ ଦୁଇ ଗିରଫ



ଭୁବନେଶ୍ୱର, ୧୯।୨ (ସମିସ): ଦୀର୍ଘଦିନ ହେଲା ଭରତପୁର ଅଞ୍ଚଳରେ ଚୋରା ନିଶା କାରବାର କରୁଥିବା ଅଭିଯୋଗରେ ଦୁଇ ଜଣଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ବବୁଲୁ ବେହେରା ଓରଫ ଜଗା ଏବଂ ଜିଶାୟ ପ୍ରଧାନ ଓରଫ ବାବୁ। ବିଶ୍ୱସ୍ତ ସୂଚନା ଆଧାରରେ, ଭରତପୁର ଥାନା ପୁଲିସ ଭରତପୁର ଅଞ୍ଚଳସ୍ଥ ମଳିମା ମନ୍ଦିର ନିକଟରେ ଚଢାଉ କରି ବବୁଲୁ ବେହେରା ଓରଫ ଜଗା ଏବଂ ଜିଶାୟ ପ୍ରଧାନ ଓରଫ ବାବୁ ନାମକ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତଲାସୀ ସମୟରେ, ସେମାନଙ୍କ ହେପାଜତରୁ ପ୍ରାୟ ୪ କେଜି ୨ଶହ ଗ୍ରାମ ଓଜନର ଚୋରା ଗଞ୍ଜେଇ ଥିବା ଦୁଇଟି ଜରି ବ୍ୟାଗ ଜବତ ହୋଇଥିଲା। ଏହା ବ୍ୟତୀତ ଗଞ୍ଜେଇ ପରିବହନ ପାଇଁ ବ୍ୟବହୃତ ଗୋଟିଏ ସ୍କୁଟର ଓ ଗୋଟିଏ ମୋଟରସାଇକେଲ ମଧ୍ୟ ଜବତ କରାଯାଇଥିଲା। ସେମାନେ କନ୍ଧମାଳ ଜିଲ୍ଲାରୁ ଗଞ୍ଜେଇ ଆଣି ବେଆଇନ ବିକ୍ରୟ କରୁଥିଲେ। ଏହା ସହିତ କୋଲକାତାକୁ ଚାଲାଣ କରୁଥିଲେ।

## ଚାକିରି ଦେବାକୁ ଡାକି ଲୁଟ୍; ଦୁଇ ଗିରଫ



ଭୁବନେଶ୍ୱର, ୧୯।୨(ସମିସ): ଚାକିରି ଦେବାକୁ ଡାକି ଯୁବକଙ୍କ ଠାରୁ ଟଙ୍କା ଓ ମୋବାଇଲ ଲୁଟ କରିବା ଅଭିଯୋଗରେ ସହିଦନଗର ପୋଲିସ ଦୁଇ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ନିଳୟ ପ୍ରଧାନ ଓ ବାଦନ ପ୍ରଧାନ। ସୂଚନାଯୋଗ୍ୟ ଯେ, ଗତ ୨୮ ତାରିଖ ଦିନ ସକାଳ ପ୍ରାୟ ୧୦ଟାରୁ ୧୦ଟା୩୦ ମଧ୍ୟରେ, ଅଭିଯୋଗକାରୀ ଆଲୋକ ବେହେରା (୨୫)ଙ୍କୁ ଏକ ସୋସିଆଲ୍ ମିଡିଆ ଡେଟିଂ ଆପ୍ଲିକେସନ୍ ମାଧ୍ୟମରେ ଚାକିରି ସଂକ୍ରାନ୍ତ ଆଲୋଚନା ଏବଂ ଲୋକେସନସେୟାର କରିବାର ପ୍ରସ୍ତାବ ଦେଇ ମହର୍ଷି କଲେଜ ଲେନ୍ ନିକଟକୁ ଡକାଯାଇଥିଲେ। ଘଟଣାସ୍ଥଳରେ ପହଞ୍ଚିବା ପରେ, ଅଭିଯୁକ୍ତମାନେ ତାଙ୍କୁ ଏକ ନିର୍ଜନ ସ୍ଥାନକୁ ନେଇ ଯାଇ କାଠ ବାଡିରେ ଆକ୍ରମଣ କରି ତାଙ୍କ ହେପାଜତରୁ ଗୋଟିଏ ମୋବାଇଲ୍ ଫୋନ୍ ଏବଂ ନଗଦ ଟଙ୍କା ଏକ ହଜାର ଟଙ୍କା ଜବରଦସ୍ତି ଛଡାଇ ନେଇଥିଲେ। ଏହାସହିତ, ତାଙ୍କ ପରିବାର ଠାରୁ ୨ଲକ୍ଷ ୫୦ ହଜାର ଟଙ୍କା ଆଦାୟ କରିବାକୁ ଧମକ ଦେଇ, ଅନ୍ୟଥା ତାଙ୍କ ଫଟୋ ଓ ଭିଡିଓ ସୋସିଆଲ୍ ମିଡିଆରେ ପ୍ରସାର କରି ବଦନାମ କରିବାକୁ ଭୟଭୀତ କରିଥିଲେ। ଅଭିଯୁକ୍ତମାନେ ତାଙ୍କୁ ଜୋରଜବରଦସ୍ତି ଏକ ନିଛାଟିଆ ସ୍ଥାନକୁ ନେଇ ସେଠାରେ ଛାଡ଼ି ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଥିଲା। ଯାଞ୍ଚ ବେଳେ ସେମାନଙ୍କ ହେପାଜତରୁ ଗୋଟିଏ ମୋବାଇଲ୍ ଫୋନ୍ ସହିତ ଅନ୍ୟାନ୍ୟ ଡିଜିଟାଲ୍ ପ୍ରମାଣ ସଂଗ୍ରହ କରାଯାଇ ଅଧିକ ତଦନ୍ତ ପାଇଁ ସେମାନଙ୍କୁ ଥାନାକୁ ଅଣାଯାଇଥିଲା।

## କାଫେ ସାମ୍ନାରେ ହଣାକଟା: କର୍ପୋରେଟର୍ ଗିରଫ



ଭୁବନେଶ୍ୱର, ୧୯।୨ (ସମିସ): ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଦୁଇଜଣଙ୍କୁ ହାଣିବା ଘଟଣାରେ ୬୫ ନଂ ୱାର୍ଡ କର୍ପୋରେଟରଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ପାତ୍ରପଡ଼ାର ରଶ୍ମିରଞ୍ଜନ ପାଟଶାଣୀ। ରାଜନୈତିକ ଶତ୍ରୁତାରୁ ଏଭଳି କାଣ୍ଡ ଘଟିଥିବା ବେଳେ ରଶ୍ମିରଞ୍ଜନ ହିଁ ଘଟଣାର ଷଡ଼ଯନ୍ତ୍ରକାରୀ ବୋଲି ଜାଣିବା ପରେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ପୁଲିସ କହିଛି।

ପୁଲିସ ସୂଚନା ମୁତାବକ, ପାତ୍ରପଡ଼ା ଓ ଭଗବାନପୁର ଅଞ୍ଚଳର କିଛି ଲୋକ ଏକ ରାଜନୈତିକ ଦଳରେ ସାମିଲ ହେବାକୁ ନିଷ୍ପତ୍ତି ହୋଇଥିଲା। ଏହାକୁ ନେଇ ସ୍ଥାନୀୟ କର୍ପୋରେଟର ରଶ୍ମିରଞ୍ଜନ ଓ ସମ୍ପୃକ୍ତ ଲୋକଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ରଶ୍ମିରଞ୍ଜନଙ୍କ ଗୋଷ୍ଠୀର ସଦସ୍ୟ ବିପରୀତ ଗୋଷ୍ଠୀକୁ ଧମକଚମକ ମଧ୍ୟ ଦେଇଥିଲେ। ବିପରୀତ ଗୋଷ୍ଠୀର ହିମାଂଶୁ, ଗୋପୀନାଥ, ଶନିଆ ଓ ଅନ୍ୟ ସାଙ୍ଗମାନେ କାଫେ କାର୍ଟୁନ୍ ସାମ୍ନାରେ ଛିଡ଼ା ହୋଇଥିବା ବେଳେ ଭଗବାନପୁରର ବଣ୍ଟି, ଶୁଭ, କାଳିଆ, ପ୍ରିୟବ୍ରତ, ନାବାଳକ ଓ ଦୁଇ ସହଯୋଗୀ ଆସିଥିଲେ। ଖଣ୍ଡା ଚୋଟରେ ଗୋପୀନାଥ ଓ ଶନିଆଙ୍କ ହାତ ଓ ଗୋପୀନାଥଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ହିମାଂଶୁଙ୍କ ବାପା କବିରାଜ ଲେଙ୍କା ଏନେଇ ତମାଣ୍ଡୋ ଥାନାରେ ଏତଲା ଦେବାପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା।

ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଶୁଭ, କାଳିଆ, ପ୍ରିୟବ୍ରତ ଓ ଜଣେ ନାବାଳକକୁ ଉଠାଇ ଆଣି କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ଠାରୁ ଅପରାଧରେ ବ୍ୟବହୃତ ଗାଡ଼ି ଓ ମାରଣାସ୍ତ୍ର ଜବତ କରିଥିଲା। ଗିରଫ ଅଭିଯୁକ୍ତମାନେ ପୁଲିସ ଆଗରେ ଚାଞ୍ଚଲ୍ୟକର ବୟାନ ଦେଇଥିଲେ। କର୍ପୋରେଟର ରଶ୍ମିରଞ୍ଜନଙ୍କ କହିବା ମୁତାବକ, ସେମାନେ ବଣ୍ଟି ସହ ମିଶି ଏହି କାଣ୍ଡ ଭିଆଇଥିବା ପୁଲିସ ଆଗରେ ସ୍ୱୀକାର କରିଥିଲେ। ଅଭିଯୁକ୍ତଙ୍କ ବୟାନ ପରେ ତଦନ୍ତର ମୋଡ଼ ବଦଳି ଯାଇଥିଲା। ଗୁରୁବାର ସନ୍ଧ୍ୟାରେ ବରମୁଣ୍ଡା ଅଞ୍ଚଳରେ ଚଢ଼ଉ କରି ରଶ୍ମିରଞ୍ଜନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ପୂର୍ବବିବାଦକୁ ନେଇ ଆକ୍ରମଣ; ଜଣେ ଗିରଫ

ଭୁବନେଶ୍ୱର, ୧୯।୨(ସମିସ): ପୂର୍ବ ବିବାଦକୁ ନେଇ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଲକ୍ଷ୍ମୀଧର ପ୍ରଧାନ। ସୂଚନାଯୋଗ୍ୟ ଯେ, ବୁଧବାର ଦିନ ପ୍ରାୟ ୪ଟା ସମୟରେ, ଅଭିଯୋଗକାରୀ ଜିତେନ୍ଦ୍ର ଦଳାଇ ତାଙ୍କ ଘର ପାଖରେ ଥିବା ଅଭିଯୁକ୍ତଙ୍କ ପାନ ଦୋକାନ ଆଡ଼କୁ ଯାଉଥିବା ବେଳେ, ଅଭିଯୁକ୍ତ ହଠାତ୍ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଗୋଟିଏ ଧାରୁଆ ଅସ୍ତ୍ର (ଖଣ୍ଡା) ସାହାଯ୍ୟରେ ଆକ୍ରମଣ କରିଥିଲେ। ଫଳସ୍ୱରୂପ ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା। ତଦନ୍ତ ସମୟରେ ପ୍ରାଥମିକ ଯାଞ୍ଚରୁ ପୂର୍ବ ଶତ୍ରୁତା କାରଣରୁ ହତ୍ୟା ଉଦ୍ଦେଶ୍ୟରେ ଏହି ଆକ୍ରମଣ ଘଟିଥିବା ଜଣାପଡ଼ିଥିଲା। ମିଳିଥିବା ବିଶ୍ୱସ୍ତ ସୂଚନା ଆଧାରରେ ଚଢଉ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା ଏବଂ ଅପରାଧର ଅସ୍ତ୍ର, ଅର୍ଥାତ୍ ଗୋଟିଏ ଖଣ୍ଡା, ତାଙ୍କ ହେପାଜତରୁ ଜବତ କରାଯାଇଥିଲା।

## ମୋରମ ମାଫିଆଙ୍କ ଦଖଲରେ ଅଳକର ମୌଜା

# ସାଟେଲାଇଟ୍‌ରେ ଗଛ; ଜାଗାମୁଣ୍ଡରେ ମୋରମ୍ ଖଣି


■ ଖଣି ବିଭାଗର ଚଢ଼ଉ ନାହିଁ

■ ଆଖି ଥାଇ ଅନ୍ଧ ପାଲଟିଛି ପୁଲିସ

ଭୁବନେଶ୍ୱର, ୧୯।୨ (ସମିସ): ସାଟେଲାଇଟ୍ ଫଟୋରେ ଶହ ଶହ ଗଛ ଦିଶୁଛି। ଦୁଇ ପଟେ ଘଞ୍ଚ ଜଙ୍ଗଲ ଦିଶୁଥିବା ବେଳେ ମଝିରେ ଡଗର ରାସ୍ତା ରହିଛି। ହେଲେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା। ଗୋଟିଏ ପଟ ଜଙ୍ଗଲକୁ କାଟି ସଫା କରି ଦେଇଛନ୍ତି ମାଫିଆ। କେବଳ ସଫା କରିନାହାନ୍ତି, ବରଂ ହଜାର ହଜାର ଟ୍ରିପ୍ ମୋରମ୍ ବୋହି ନେଉଛନ୍ତି।

ରାଜଧାନୀ ଉପକଣ୍ଠସ୍ଥ ଯାଁଳା ଅଞ୍ଚଳରେ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି।

ଜଟଣୀ ବ୍ଲକ ଛତାବର ପଞ୍ଚାୟତ ଅଧୀନରେ ରହିଛି ଅଳକର ଗାଁ। ଛତାବର ପଞ୍ଚାୟତ ହୋଇଥିଲେ ମଧ୍ୟ ଗାଁଟି ଯାଁଳାକୁ ଲାଗିକରି ରହିଛି। ରାଧାମାଧବ କ୍ରିକେଟ୍ ପଡ଼ିଆକୁ ଲାଗି ଅଳକର ମୌଜାର ୨୮ ଏକର ପରିମିତ ଅନାବାଦୀ (ପୁରାତନ ପତିତ) ଜମିରେ ପୂର୍ବରୁ ହଜାର ହଜାର କାଜୁ ଗଛ ଲାଗିଥିଲା। କାଜୁ ନିଲାମ ହେବା ସହ ସରକାର ରାଜସ୍ୱ କମାଉଥିଲେ। କାଜୁ ସହିତ ବିଭିନ୍ନ କିସମର ଔଷଧୀୟ ଗଛ ମଧ୍ୟ ଲଗାଯାଇଥିଲା। ହେଲେ





ଏବେ ସେହି ଜମି ଉପରେ ପଡ଼ିଛି ମାଫିଆଙ୍କ ଲୋଲୁପ ଦୃଷ୍ଟି। ଅନ୍ଧକାରର ସୁଯୋଗ ନେଇ କାଜୁ ସମେତ ଅନ୍ୟ ଔଷଧୀୟ ଗଛକୁ କାଟି ସଫା କରି ଦେଇଛନ୍ତି।

ପ୍ରଥମେ ୧୫ ଏକର ଓ ପରେ ଆଉ ୧୦ ଏକର ଜମିରୁ ଗଛର ଚିହ୍ନବର୍ଣ୍ଣ ଲିଭାଇ ଦେଇଛନ୍ତି ମାଫିଆ। ପ୍ରତିଦିନ ରାତିରେ ଜେସିବି ମେସିନ୍ ଲଗାଇ ମୋରମ୍ ଖୋଳୁଛନ୍ତି। ରାତାରାତି ଶହ ଶହ ହାଇୱା ଟ୍ରକ୍ ଯୋଗେ ମୋରମ୍ ଚାଲାଣ ହେଉଛି। ସାରାରାତି ମୋରମ୍ ଚାଲାଣ ହେଉଥିବାରୁ ରାସ୍ତା ଘାଟ ଅବସ୍ଥା ନ କହିବା ଭଲ। ମୋରମ୍ ବୋଝେଇ ଟ୍ରକ୍ ଯାତାୟତ କରି ପିଚୁ ରାସ୍ତା ଉପରେ ମୋରମ୍ ଆସ୍ତରଣ କରିସାରିଲାଣି। ଲଗାତାର ମୋରମ୍ ଚାଲାଣ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଧୂଳି ଉଡ଼ିବା ସହ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ହରାଇଲାଣି। ସଞ୍ଜ ନଇଁବା ଠାରୁ ରାତି ପାହିବା ପର୍ଯ୍ୟନ୍ତ ସ୍ଥାନୀୟ ଅଞ୍ଚଳରେ ବାୟୁ ପ୍ରଦୂଷଣ ସୀମା ଲଙ୍ଘୁଛି। କୋମଳମତି ଶିଶୁଙ୍କ ଠାରୁ ଆରମ୍ଭ କରି ପ୍ରାତଃ ଭ୍ରମଣରେ ଯାଉଥିବା ବୟସ୍କଙ୍କ ପର୍ଯ୍ୟନ୍ତ, ସମସ୍ତେ ଏହାର ଶିକାର ହେଉଛନ୍ତି। ମାଫିଆମାନେ ସରକାରୀ ଜମିରୁ ମୋରମ୍ ତାଡ଼ି ମାଲେମାଲ ହେଉଥିବା ବେଳେ ସାଧାରଣ ଲୋକ ଧୂଳିରେ ଅସ୍ତବ୍ୟସ୍ତ ହେଉଛନ୍ତି। ଆଉ କେଉଁଠି ନୁହେଁ, ଖୋଦ୍ ବାଗଚୀ କର୍କଟ ଡାକ୍ତରଖାନା ଓ ଇନଫୋଭ୍ୟାଲି ଥାନା ଠାରୁ ଅଳ୍ପ ଦୂରରେ ଏଭଳି ବେଆଇନ ଖଣି ଚାଲିଛି। ମାସ ମାସ ଧରି ବେଆଇନ କାରବାର ଚାଲିଥିଲେ ମଧ୍ୟ କେହି ପାଟି ଖୋଲୁନାହାନ୍ତି। ଦାୟିତ୍ୱରେ ଥିବା ଖଣି ବିଭାଗ ଧରପଗଡ଼ କରୁନଥିବା ବେଳେ ସ୍ଥାନୀୟ ପୁଲିସ ମଧ୍ୟ ଏକପ୍ରକାର ନୀରବ ସମର୍ଥନ ଦେଉଛି।



ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୯ ଦୁର୍ଗା ଚରଣ ସାହୁ
କୃଷି ବିଭାଗ, ଓଡ଼ିଶା ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀ
'ଭଜନ କଳିକା'ର ରଚୟିତା
ଅର୍ଜୁନପୁର, କେନ୍ଦ୍ରାପଡ଼ା
ଆବିର୍ଭାବ - ୦୮.୦୩.୧୯୪୮
ତିରୋଧାନ - ୦୯.୦୨.୨୦୨୬
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ
ଶୋକ ସନ୍ତପ୍ତ: ପତ୍ନୀ - ଆରତୀ, ପୁତ୍ର: ଲଳିତ, ଲୋକନାଥ, ଲକ୍ଷ୍ମୀନାରାୟଣ, ପୁତ୍ର ବଧୂ: ନମିତା, ସୀମା, ସୁଚିତ୍ରା, କନ୍ୟା: ଲକ୍ଷ୍ମୀପ୍ରିୟା, ନାତି ନାତୁଣୀ: ମାମା, ସୋମୁ, ସୁଚରିତା, ଶୁଭଜିତ୍ସା, ଶୁଭସ୍ମିତା, ନୃସିଂହ, ବନ୍ଧୁ, ପରିଜନ ଓ ଆତ୍ମୀୟସ୍ୱଜନ

## ସମସ୍ୟାରେ ଜଗନ୍ନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

# ୪ କୋଠରୀରେ ଚାଲିଛି ୮ଟି ଶ୍ରେଣୀ





ନିଶ୍ଚିନ୍ତକୋଇଲି,୧୯।୨(ସମିସ): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ଫଗୋଲ ପଞ୍ଚାୟତସ୍ଥିତ ଜଗନ୍ନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିଭିନ୍ନ ସମସ୍ୟା ଦେଇ ଚାଲିଛି। ଏଠାରେ ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ ହେଉଥିବା ଅଭିଯୋଗ ହୋଇଛି। ଏହି ବିଦ୍ୟାଳୟରେ ଶିଶୁ ବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ପାଠ ପଢିବା ପାଇଁ ମାତ୍ର ୪ଟି କୋଠରୀ ରହିଛି। ଶ୍ରେଣୀ ଗୃହର ଅଭାବ ଯୋଗୁ ଗୋଟିଏ ଲେଖାଏଁ କୋଠରୀରେ ଦୁଇଟି ଓ ତିନୋଟି ଶ୍ରେଣୀର ଛାତ୍ର ଛାତ୍ରୀମାନେ ଏକାଠି ବସି ପାଠ ପଢୁଥିବା ଦେଖାଯାଇଛି। ଗୋଟିଏ ଲେଖାଏଁ କୋଠରୀରେ ଏକାଥରକେ ଦୁଇ ଜଣ ଲେଖାଏଁ ଶିକ୍ଷକ ପାଠ ପଢିବା ପାଇଁ ସମସ୍ୟା ଦେଖାଯାଉଛି। ଏହାଛଡା ଉକ୍ତ ବିଦ୍ୟାଳୟରେ ୨୦୧୯ ମସିହାରୁ ୨ଟି ଶ୍ରେଣୀଗୃହକୁ ବିପଦସଂକୁଳ ଘୋଷଣା କରାଯାଇଥିଲା ବେଳେ ଅଦ୍ୟାବଧି ଏହାକୁ ଭଙ୍ଗାଯାଇ ନୂତନ ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ କରାଯାଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି ବିଦ୍ୟାଳୟରେ ଥିବା ମଧ୍ୟାହ୍ନ ଭୋଜନ ରୋଷେଇ ଘରଟି ଭାଙ୍ଗିରୁଜି ଯାଇ ବିପଦସଂକୁଳ ଅବସ୍ଥାକୁ ଆସିଥିଲେ ମଧ୍ୟ ଏହାକୁ ମରାମତି କରାଯାଉ ନ ଥିବାରୁ ରୋଷେଇ କରିବା ପାଇଁ ସମସ୍ୟା ଦେଖାଯାଇଛି। ଏହି ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ପରିମଳ ବ୍ୟବସ୍ଥା ପାଇଁ ଭଲ ପାଇଖାନା ନ ଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପାଇଁ ଆଦୌ ପାଇଖାନା ନ ଥିବା ହେତୁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବିଦ୍ୟାଳୟରେ ମୋଟ ୧୫୯ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିଲା ବେଳେ ସେମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଖାଇବାକୁ ଡାଇନିଂ ହଲ୍ ନ ଥିବାରୁ ଖାଇବା ପାଇଁ ସମସ୍ୟା ଉପୁଜୁଛି। ବର୍ତ୍ତମାନ ଏହି ବିଦ୍ୟାଳୟରେ ୬ ଜଣ ଶିକ୍ଷକ ରହିଥିଲେ ମଧ୍ୟ ଶ୍ରେଣୀ ଗୃହର ଅଭାବ ପାଇଁ ଶିକ୍ଷାଦାନରେ ସମସ୍ୟା ଦେଖାଯାଇଛି। ତୁରନ୍ତ ଏହି ବିଦ୍ୟାଳୟରେ ରହିଥିବା ଦୁଇଟି ବିପଦସଂକୁଳ ଗୃହକୁ ଭଙ୍ଗାଯାଇ ନୂତନ ଗୃହ ନିର୍ମାଣ କରାଯିବା ସହିତ ବିଦ୍ୟାଳୟର ସମସ୍ୟା ଦୂର କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଅଗ୍ନିକାଣ୍ଡରେ ଦୁଇ ବଖରା ଭସ୍ମୀଭୂତ

## ଖୋଲା ଆକାଶ ତଳେ ପରିବାର

କିଶୋରନଗର,୧୯।୨(ସମିସ): ଗତକାଲି ରାତ୍ରିରେ ନିଆଁ ଲାଗି ସ୍ଥାନୀୟ ବାରଦା ପଞ୍ଚାୟତ ନାନକାର ଭୋଇସାହିର ହୁର ଭୋଇଙ୍କ ଦୁଇବଖରା ବାସଗୃହ ଓ ସେଥିରେ ଥିବା ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ପରିବାର ଲୋକେ ସାହିରେ ଜଣଙ୍କ ଘରକୁ ଭୋଜି ଖାଇବାକୁ ଯାଇଥିଲେ। ଫେରିବା ବେଳକୁ ସେମାନେ ଘର ଜଳୁଥିଲା। ଲୋକେ ନିଆଁ ଲିଭାଇବା ସହ ଖବର ପାଇ ଦମକଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସେତେବେଳକୁ ସବୁ ଜଳି ପାଉଁଶ ହୋଇଯାଇଥିଲା। ହୁର ଭୋଇ ଅତ୍ୟନ୍ତ ଗରିବ ହୋଇଥିବା ବେଳେ ଘରେ ପତ୍ନୀ ଓ ଜଣେ ଭିନ୍ନକ୍ଷମ ପୁଅ ଅଛନ୍ତି। ଅଗ୍ନିକାଣ୍ଡ ପରେ ସେମାନଙ୍କ ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ନ ଥିବାରୁ ଖୋଲା ଆକାଶ ତଳେ ରାତି କଟାଇବାକୁ ବାଧ୍ୟ ହୋଇଛନ୍ତି। ଅଗ୍ନି ବିପନ୍ନ ପରିବାରକୁ ତହସିଲ ପକ୍ଷରୁ ଜରିପାଲ ସହ ଗ୍ରାମବାସୀଙ୍କ ପକ୍ଷରୁ ଖାଦ୍ୟ ଓ ବସ୍ତ୍ର ଯୋଗାଇ ଦିଆଯାଇଥିବା ଜଣାପଡ଼ିଛି।



# କଣ୍ଟାପଡ଼ା ବ୍ଲକ୍ ଜନପ୍ରତିନିଧିଙ୍କ ଧାରଣା ଦ୍ୱିତୀୟ ଦିନରେ

## ଧାରଣାକୁ ସମର୍ଥନ କଲେ ସମାଜସେବୀ



କଣ୍ଟାପଡା,୧୯।୨(ସମିସ): କଣ୍ଟାପଡା ବ୍ଲକରେ ଆଜକୁ ୧୮ ମାସ ହେବ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଅଧପନ୍ତରିଆ ଓ ନୂଆ କାର୍ଯ୍ୟ ଠପ୍ ହୋଇପଡ଼ିଛି। ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଅନୁଦାନ ଆସିଥିବା ନୂଆ କାର୍ଯ୍ୟ ଆରମ୍ଭ କରିବା ଓ ଅଧପନ୍ତରିଆ ଭାବେ ପଡ଼ିଥିବା ପୁରୁଣା କାର୍ଯ୍ୟ ସମ୍ପନ୍ନ କରିବା ଦାବିରେ କଣ୍ଟାପଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ବିଜେପି ଓ ବିଜେଡି ସମର୍ଥିତ ସରପଞ୍ଚ, ସମିତିସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ଗତକାଲିଠାରୁ ଦିବାରାତ୍ର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି। ଆଜି ଧାରଣାକୁ ସମର୍ଥନ ଜଣାଇ ବ୍ଲକ ଅଞ୍ଚଳର ବିଭିନ୍ନ ବର୍ଗର ସମାଜସେବୀ ଧାରଣାରତ ଜନପ୍ରତିନିଧିଙ୍କ ପାଖରେ ପହଞ୍ଚି ସମର୍ଥନ ଜଣାଇଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଗତକାଲି ସରକାରୀ କାର୍ଯ୍ୟ ଦିବସରେ ବ୍ଲକ ମୁଖ୍ୟ ଫାଟକରେ କିଏ ତାଲା ପକାଇଲା ଓ ଏଥିପାଇଁ ଦାୟୀ କିଏ ତାହା ଏ ପର୍ଯ୍ୟନ୍ତ ବ୍ଲକ ପ୍ରଶାସନ ସ୍ପଷ୍ଟ କରି ନ ଥିବାବେଳେ କର୍ତ୍ତବ୍ୟରତ ପୁଲିସ କର୍ମଚାରୀଙ୍କୁ ଛାଡିଦେଲେ ଆଜି ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ବ୍ଲକ କିମ୍ବା ଜିଲ୍ଲା ପ୍ରଶାସନ ଧାରଣାରତ ଜନପ୍ରତିନିଧିଙ୍କ ନିକଟରେ ପହଞ୍ଚି ନ ଥିବା ଦେଖିବାକୁ ମିଳିଛି।

# ବେଆଇନ ଭାରୀଯାନ ଉପରେ ଚଢ଼ଉ

## ଗୋଟିଏ ଟ୍ରେଲର ସହ ପାଞ୍ଚ ଟ୍ରକ୍ ଜବତ; ଲକ୍ଷାଧିକ ଟଙ୍କା ଜରିମାନା ଆଦାୟ



ସାଲେପୁର,୧୯।୨(ସମିସ): କଟକ ସାଲେପୁର ରାସ୍ତାରେ ବେଆଇନ ଭାବେ ଯାତାୟାତ କରୁଥିବା ଭାରୀଯାନ ଉପରେ ପୁଲିସ ପକ୍ଷରୁ ଚଢଉ କରାଯାଇ ଲକ୍ଷାଧିକ ଟଙ୍କା ଜରିମାନା ଆଦାୟ କରାଯାଇଛି। ସାଲେପୁର ସହର ଏକ ଗୁରୁତ୍ୱପୂର୍ଣ୍ଣ ସହର ହୋଇଥିବା ବେଳେ ଏହି ସହରର ରାସ୍ତା ଉପରେ ଭାରୀଯାନ ଚଳାଚଳ ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ରୋକ ଲଗାଯାଇଛି କିନ୍ତୁ କେତେକ ଅସାଧୁ ମାଲିକ ଟୋଲ ଗେଟରେ ଟ୍ୟାକ୍ସ ଫାଙ୍କିବା ଉଦ୍ଦେଶ୍ୟରେ ନିୟମିତ ସାଲେପୁର ରାସ୍ତା ଦେଇ ବେଆଇନ୍ ଭାବେ ଭାରୀଯାନ ଚଳାଚଳ କରୁଛନ୍ତି। ଦୈନିକ ଏହି ରାସ୍ତାରେ ଶହ ଶହ ସଂଖ୍ୟକ ଭାରୀଯାନ ଯାତାୟାତ କରିବାରୁ ସାଲେପୁର ସହରରେ ଟ୍ରାଫିକ ସମସ୍ୟା ଗୁରୁତର ହେବାରେ ଲାଗିଛି। ଘଣ୍ଟା ଘଣ୍ଟା ଧରି ସାଲେପୁର ସହର ଜାମ ରହୁଛି। ଏହି ସମସ୍ୟା ସୁଧାରିବା ପାଇଁ ପୁଲିସ ପକ୍ଷରୁ ଗତକାଲି ଏହି ରାସ୍ତା ଦେଇ ବେଆଇନ ଭାବେ ଯାତାୟାତ କରୁଥିବା ଭାରିଯାନ ଉପରେ ଚଢଉ କରାଯାଇ ଏକ ଟ୍ରେଲର ଓ ପାଞ୍ଚୋଟି ୧୨ ଚକିଆ ଟ୍ରକ ଜବତ କରାଯାଇ ଲକ୍ଷାଧିକ ଟଙ୍କା ଜରିମାନା ଆଦାୟ କରାଯାଇଛି। ଆଗାମୀ ଦିନରେ ସାଲେପୁର ସହରର ଟ୍ରାଫିକ ସମସ୍ୟାକୁ ସୁଧାରିବା ପାଇଁ ପୁଲିସ ପକ୍ଷରୁ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସାଲେପୁର ଆଇଆଇସି ମହେଶ୍ୱର ବେହେରା ପ୍ରକାଶ କରିଛନ୍ତି।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପରଲୋକ

ନିଶ୍ଚିନ୍ତକୋଇଲି,୧୯।୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ସରପଡ଼ା ପଞ୍ଚାୟତ ସାଧୁପୁର ଗ୍ରାମର ଅବସରପ୍ରାପ୍ତ ପାନୀୟଜଳ ଯୋଗାଣ ବିଭାଗର କର୍ମଚାରୀ ତଥା ଆଧ୍ୟାତ୍ମିକବାଦୀ ବଟକୃଷ୍ଣ ଦାସ (୮୨)ଙ୍କ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ସେ ବିଭିନ୍ନ ସାମାଜିକ ଓ ଧାର୍ମିକ ଅନୁଷ୍ଠାନରେ ରହି ଆଧ୍ୟାତ୍ମିକ ମାର୍ଗରେ କାର୍ଯ୍ୟ କରୁଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପୁତ୍ର ଯୁଧିଷ୍ଠିର ଦାସ, ଲକ୍ଷ୍ମୀଧର ଦାସ ଓ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ସରପଞ୍ଚ ବିବେକାନନ୍ଦ ଆଚାର୍ଯ୍ୟ, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ମହାନ୍ତି, ଯୁବ ନେତା ପ୍ରମୋଦ ସ୍ୱାଇଁ, ସାମ୍ବାଦିକ ବଲ୍ଲଭଚରଣ ପଲେଇ, ପ୍ରଫୁଲ୍ଲ ଦାଶ, ସୁରେନ୍ଦ୍ରନାଥ ରାଉତ, ଜଗନ୍ନାଥ ପଣ୍ଡା, ଆଇନଜୀବୀ ଅଶୋକ ମହାପାତ୍ର ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଗଭୀର ଶୋକବ୍ୟକ୍ତ କରିଛନ୍ତି। ତାଙ୍କର ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ଶୋକାକୁଳ ପରିବେଶରେ ଦାହ କରାଯାଇଥିଲା। ଜ୍ୟେଷ୍ଠପୁତ୍ର ରତ୍ନାକର ଦାସ ମୁଖାଗ୍ନି ଦେଇଥିଲେ।

# ହୋଟେଲରୁ ମଦ ଜବତ; ଦୁଇ ଗିରଫ

ସାଲେପୁର,୧୯।୨(ସମିସ): ସାଲେପୁର ପୁଲିସ ଏକ ହୋଟେଲ ଉପରେ ଚଢଉ କରି ୧୦ ଲିଟରରୁ ଊର୍ଦ୍ଧ୍ୱ ଚୋରା ବିଦେଶୀ ମଦ ଜବତ କରିବା ସହ ଦୁଇ ଜଣକୁ ଗିରଫ କରିଥିବା ଜଣାଯାଇଛି। କଟକ ସାଲେପୁର ରାସ୍ତାର ଖରାଖିଆ ଗ୍ରାମ ନିକଟରେ ରାସ୍ତା ପାଶ୍ୱର୍ରେ ମହାନ୍ତି ନାମକ ଘରୋଇ ହୋଟେଲ ଉପରେ ପୁଲିସ ଚଢ଼ଉ କରି ହୋଟେଲ ମଧ୍ୟରୁ ୧୦ ଲିଟରରୁ ଊର୍ଦ୍ଧ୍ୱ ମଦ ଜବତ କରିବା ସହ ଚୋରା ମଦ ବ୍ୟବସାୟୀ ଜଗତପୁର ଥାନା ଅଞ୍ଚଳର ଚିତ୍ତରଞ୍ଜନ ମହାନ୍ତି ଓ ବାରଗୋଡ଼ିଆ ଅଞ୍ଚଳର ସଞ୍ଜୟ ନାୟକକୁ ଗିରଫ କରାଯାଇଛି। ସାଲେପୁର ଥାନାରେ ୧୦୩/୨୬ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବାର ସାଲେପୁର ଥାନା ଆଇଆଇସି ମହେଶ୍ୱର ବେହେରା ପ୍ରକାଶ କରିଛନ୍ତି।

# ଜାତୀୟ ରାଜପଥରେ ଶୌଚାଳୟ ଲୋକାର୍ପିତ



ଫୁଲନଖରା,୧୯।୨(ସମିସ): କଟକ ଭୁବନେଶ୍ୱର ୧୬ନଂ ଜାତୀୟ ରାଜପଥର ପାହାଳ ମିଷ୍ଟାନ୍ନ ବଜାର ନିକଟରେ ଏକ ନବନିର୍ମିତ ଦେୟମୁକ୍ତ ଶୌଚାଳୟ ଲୋକାର୍ପିତ ହୋଇଯାଇଛି। ସ୍ଥାନୀୟ କର୍ପୋରେଟର ସୁକୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଲୋକର୍ପଣ ଉତ୍ସବରେ ଭୁବନେଶ୍ୱର-ଉତ୍ତର ବିଧାୟକ ସୁଶାନ୍ତ ରାଉତ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ସ୍ୱାସ୍ଥ୍ୟ ଓ ପରିମଳ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର ଯୋଗଦେଇଥିଲେ। ଜାତୀୟ ରାଜପଥର ଗୋପାଳପୁରଠାରୁ ହଂସପାଳ ଭିତରେ କୌଣସି ଶୌଚାଳୟ ନ ଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏବେ ଯାତ୍ରୀମାନଙ୍କର ଅସୁବିଧା ଦୂର ହେବ ବୋଲି ସ୍ଥାନୀୟ କର୍ପୋରେଟର ପ୍ରକାଶ କରିଛନ୍ତି। ଏହି ସାମୂହିକ ଶୌଚାଳୟରେ ପୁରୁଷ ଓ ମହିଳାଙ୍କ ପାଇଁ ୨ଟି ଲେଖାଏଁ ଟଏଲେଟ୍ ଥିବା ବେଳେ ପୁରୁଷଙ୍କ ପାଇଁ ୩ଟି ୟୁରିନାଲ, ଗୋଟିଏ ଗାଧୁଆ ଘର ସହିତ ଲିଙ୍ଗ ନିରପେକ୍ଷ ଏବଂ ସାର୍ବଜନୀନ ସ୍ୱତନ୍ତ୍ର ଶୌଚାଳୟ ରହିଛି।

# ନାଇଟିଙ୍ଗଲ୍ ସ୍କୁଲ ଅଫ୍ ନର୍ସିଂ ପକ୍ଷରୁ ରକ୍ତଦାନ ଶିବିର



ଫୁଲନଖରା,୧୯।୨(ସମିସ): ଅଡାଲିଆସ୍ଥିତ ନାଇଟିଙ୍ଗଲ୍ ସ୍କୁଲ ଏଣ୍ଡ କଲେଜ୍ ଅଫ୍ ନର୍ସିଂ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ନିର୍ଦ୍ଦେଶକ ଆଫ୍ରୋସ୍ ଖାଁ, ଅନୁଷ୍ଠାନର ଅଧ୍ୟକ୍ଷା କ୍ରିଷ୍ଟାଞ୍ଜଳି ସାମଲ, ସମାଜସେବୀ କଳ୍ପତରୁ ଖୁଣ୍ଟିଆ ଓ ଶିକ୍ଷାବିତ୍ ନରେନ୍ଦ୍ର ଶତପଥି ଉକ୍ତ ଶିବିରକୁ ଉଦ୍‌ଘାଟନ କରିଥିଲେ। ରକ୍ତ ଅଭାବର ଦୂର ପାଇଁ ଚଳିତ ବର୍ଷଠାରୁ ପ୍ରତ୍ୟେକ ବର୍ଷ ଫେବୃୟାରୀ ୧୯ ତାରିଖରେ କଲେଜ ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହେବା ପାଇଁ ଅଧ୍ୟକ୍ଷା ପ୍ରକାଶ କରିଥିଲେ। କଲେଜ୍‌ରେ ଅଧ୍ୟୟନରତ ଛାତ୍ରଛାତ୍ରୀ, କର୍ମକର୍ତ୍ତା ଓ ଅଞ୍ଚଳର ସମାଜସେବୀ ସ୍ୱଚ୍ଛାକୃତ ଭାବରେ ରକ୍ତଦାନ କରିଥିଲେ। କେନ୍ଦ୍ରୀୟ ରକ୍ତଭଣ୍ଡାର କଟକର ଡ. ଆୟୁଷ୍ମାନ ଷଡଙ୍ଗୀଙ୍କ ନେତୃତ୍ୱରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ଅନୁଷ୍ଠାନର ଅଧ୍ୟାପକ ବିଭୁଦୟାଲ ସାହୁ, ମହେନ୍ଦ୍ର ମଲ୍ଲିକ, ଜାନକୀ ରାଉତ, ନାଇସ୍ ବଡସେଟ୍, ପାୟଲ ପ୍ରିୟଦର୍ଶିନୀ, ଶିଳ୍ପୀ ମହାପାତ୍ର, ଲକ୍ଷ୍ମୀପ୍ରିୟା ଲେଙ୍କା, ପ୍ରିୟଙ୍କା ପ୍ରିୟଦର୍ଶିନୀ ଜେନା ଓ କାଦମ୍ବିନୀ ମହାନ୍ତି ଓ ଲିଙ୍କନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କଳ୍ପନା ମିଶ୍ର, ଜ୍ୟୋତିର୍ମୟ ସାହୁ, ରୁଦ୍ରମାଧବ ବେହେରା, ଲିସା ମଣ୍ଡଳ, ଶୁଭଶ୍ରୀ ମିଶ୍ର, ସାଗରିକା ମଲ୍ଲିକ ପ୍ରମୁଖ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

# ବିଭିନ୍ନ କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଆରମ୍ଭ



କନ୍ଦରପୁର/ନିଶ୍ଚିନ୍ତକୋଇଲି/ତିଗିରିଆ/ନରସିଂହପୁର/ଆଠଗଡ଼,୧୯।୨(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ବୋର୍ଡ ପରୀକ୍ଷା ଆଜି ଗୁରୁବାର ଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଛାତ୍ରଛାତ୍ରୀ ମାତୃଭାଷାରେ ପରୀକ୍ଷା ଦେଇଥିଲେ। କଟକ ସଦର ଅଞ୍ଚଳର ବିରିବାଟୀ ରତ୍ନାକର ବିଦ୍ୟାମନ୍ଦିର ପରୀକ୍ଷା କେନ୍ଦ୍ରରେ ୨୦୬ ଜଣ ପରୀକ୍ଷା ଫର୍ମ ପୂରଣ କରିଥିବା ବେଳେ ୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇ ନ ଥିବା ଜଣାପଡ଼ିଛି। ଉକ୍ତ କେନ୍ଦ୍ରରେ ଗୋପାଳ ସ୍ମୃତି ବିଦ୍ୟାପୀଠ ଓ ହଂସନାଥ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପରୀକ୍ଷା ଦେଇଥିଲେ। ଗୋପଳସ୍ମୃତି ବିଦ୍ୟାପୀଠ ସିଦ୍ଧେଶ୍ୱରପୁର ବିଦ୍ୟାଳୟରେ ଅଥଙ୍ଗା ବାଳିକା ବିଦ୍ୟାଳୟ, ଫକୀରପଡ଼ା ବରୁଣେଇ ବିଦ୍ୟାପୀଠ, ଆୟତପୁର ସରକାରୀ ବିଦ୍ୟାଳୟ ଓ ବାରଦା ଉଚ୍ଚ ବିଦ୍ୟାଳୟର ମୋଟ ଛାତ୍ରଛାତ୍ରୀ ୧୫୨ ପରୀକ୍ଷା ଦେଇଥିବା ବେଳେ ସାଧୁଚରଣ ବିଦ୍ୟାପୀଠ ନାନପୁର ବିଦ୍ୟାଳୟରେ ଗରାସୁଣୀ ବିଦ୍ୟାପୀଠ ହୁଲିପୁର ଓ କଳରାବାଙ୍କ ବିଦ୍ୟାଳୟର ମୋଟ ୧୬୫ ଜଣ ପରୀକ୍ଷା ଦେଇଥିବାବେଳେ ୨ ଜଣ ପରୀକ୍ଷା ଦେଇ ନ ଥିବା ଜଣାପଡ଼ିଛି। ଏଥିସହିତ ଚିନ୍ତାମଣି ବିଦ୍ୟାପୀଠରେ ୧୩୦ ପିଲା ପରୀକ୍ଷା ଦେଇଥିବା ବେଳେ ତେଲଦିଆ ଉଚ୍ଚ ବିଦ୍ୟାଳୟରେ ୧୯୯ ଜଣ ପରୀକ୍ଷା ଦେଇଥିବା ଜଣାପଡ଼ିଛି। ଇସାଣି ବ୍ରହ୍ମପୁର ଚନ୍ଦ୍ରଶେଖର ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୮୩ ରୁ ୧୮୧ ପରୀକ୍ଷା ଦେଇଥିଲେ।

## ନିଶ୍ଚିନ୍ତକୋଇଲି: ୨୬୬୦ ପରୀକ୍ଷାର୍ଥୀରୁ ୩୮ ଅନୁପସ୍ଥିତ

ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ମାଟ୍ରିକ ପରୀକ୍ଷାର ପ୍ରଥମ ଦିନରେ ମାତୃଭାଷା ପରୀକ୍ଷା ଶାନ୍ତିଶୃଙ୍ଖଳାର ସହିତ ସମାପନ ହୋଇଛି। ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଭଲ କରିଥିବା ନେଇ ଉତ୍ସାହ ପ୍ରକାଶ କରିଛନ୍ତି। ମୋଟ ୧୪ଟି ପରୀକ୍ଷା କେନ୍ଦ୍ରରେ ୨୬୬୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ପ୍ରବେଶପତ୍ର ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ବିଭିନ୍ନ କେନ୍ଦ୍ରରେ ମୋଟ ୩୮ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାଯାଇଛି। ରେଗୁଲାର ପରୀକ୍ଷାରେ ୨୬୨୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲା ବେଳେ ୨୫ ଜଣ ଅନୁପସ୍ଥିତ ଥିଲେ। ମଧ୍ୟମା ପରୀକ୍ଷାରେ ୬୧ ଜଣ ପରୀକ୍ଷାର୍ଥୀ ପ୍ରବେଶପତ୍ର ଗ୍ରହଣ କରିଥିଲା ବେଳେ ୧୩ ଜଣ ଅନୁପସ୍ଥିତ ରହିଥିଲେ। ଅହମ୍ମଦ ବକ୍ସ ହବ୍ କେନ୍ଦ୍ରରୁ ଠିକ୍ ସମୟରେ ସମସ୍ତ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ଉତ୍ତର ଖାତା ଯୋଗାଇ ଦିଆଯାଇଥିଲା। ମାତୃଭାଷା ପରୀକ୍ଷାରେ ବୋର୍ଡ ସ୍କ୍ୱାଡ-୨ ପକ୍ଷରୁ ଗୌରୀ ମିଶ୍ରଙ୍କ ନେତୃତ୍ୱରେ ଏକ ସ୍କ୍ୱାର୍ଡ ଦଳ କେନ୍ଦୁପାଟଣା ଓ ଜୁବୁଲି ବିଦ୍ୟାପୀଠ ବନ୍ଧକାଟିଆ କେନ୍ଦ୍ର ପରିଦର୍ଶନ କରିଥିଲେ ମଧ୍ୟ ଶୃଙ୍ଖଳିତ ପରୀକ୍ଷା ହେଉଥିବାରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଜଣାଯାଇଛି। ଏହାଛଡା ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ସ୍କ୍ୱାଡ ମଧ୍ୟ ବିଭିନ୍ନ କେନ୍ଦ୍ର ପରିଦର୍ଶନ କରିଥିବା ଜଣାଯାଇଛି।



## ■ ତିଗିରିଆ: ୧୧୪୩ ପରୀକ୍ଷାର୍ଥୀରୁ ୧୨ ଅନୁପସ୍ଥିତ

ତିଗିରିଆ ବ୍ଲକର ୭ଟି ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହୋଇଥିବା ବେଳେ ପରୀକ୍ଷା ପାଇଁ ନାମ ପଞ୍ଜିକୃତ କରିଥିବା ୧୧୫୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଆଜି ସାହିତ୍ୟ ପରୀକ୍ଷାରେ ୧୧୪୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୧୨ ଜଣ ଅନୁପସ୍ଥିତ ଥିବାର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ପୁରୁଣା ତିଗିରିଆ ମହେଶ୍ୱର ନୋଡାଲ ବିଦ୍ୟାପୀଠରେ ମୋଟ ୨୧୭ ଜଣ ପରୀକ୍ଷା ଦେବାକୁ ଥିବାବେଳେ ୨୧୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ସହ ୩ ଜଣ ଅନୁପସ୍ଥିତ, ଖଣ୍ଡହତା ଶ୍ରୀଜଗନ୍ନାଥ ନୋଡାଲ ବିଦ୍ୟାପୀଠରେ ମୋଟ ୧୪୬ ଜଣ, ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟରେ ମୋଟ ୨୧୪ ଜଣ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମୋଟ ୨୦୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ପବିତ୍ର ମୋହନ ବିଦ୍ୟାପୀଠରେ ୧୬୩ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବାବେଳେ ବିନ୍ଧାଣୀମା ନୋଡାଲ ବିଦ୍ୟାପୀଠରେ ମୋଟ ୧୧୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ଜଣାପଡିଛି। ବିନ୍ଧାଣିମା ବାଳିକା ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବାବେଳେ ଏହି ବିଦ୍ୟାଳୟରେ ମୋଟ ୯୯ ଜଣ ଛାତ୍ରଛାତ୍ରୀ ମଧ୍ୟରୁ ମୋଟ ୯୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ୮ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡିଛି।

## ■ ଆଠଗଡ଼: ୧୯ ପରୀକ୍ଷାର୍ଥୀ ଅନୁପସ୍ଥିତ

ପ୍ରଥମ ଦିନରେ ଆଠଗଡ଼ ବ୍ଲକର ୮ଟି ପରୀକ୍ଷା କେନ୍ଦ୍ରରେ ୧୯ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାପଡିଛି। ୧୦ଟି ପରୀକ୍ଷା କେନ୍ଦ୍ରରେ ୨୦୩୨ ଜଣ ପରୀକ୍ଷାର୍ଥୀଙ୍କ ପାଇଁ ପରୀକ୍ଷା ଦେବାକୁ ପ୍ରସ୍ତୁତି ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୦୧୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ଜଣାପଡିଛି। ବେଣ୍ଟପଦା ଉଚ୍ଚ ବିଦ୍ୟାଳୟରେ ୩ ଜଣ, ମହାକାଳବସ୍ତ ହାଇସ୍କୁଲରେ ୩ ଜଣ, ଖୁଣ୍ଟୁଣୀ ହାଇସ୍କୁଲରେ ୨ ଜଣ, ବାଲୀ ହାଇସ୍କୁଲରେ ୧, ବିଶ୍ୱନାଥ ବିଦ୍ୟାପୀଠରେ ୧, ଆଠଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟରେ ୬ ଜଣ, ସର୍ପେଶ୍ୱର ହାଇସ୍କୁଲରେ ୨ ଜଣ ଏବଂ ଗୁରୁଡିଝାଟିଆ ବାଳିକା ଉଚ୍ଚ ବିଦ୍ୟାଳୟରେ ୧ ଜଣ ଅନୁପସ୍ଥିତ ଥିବା ଆଠଗଡ ବ୍ଲକ୍ ଶିକ୍ଷାଧିକାରୀ କବିରାଜ ଜେନା ସୂଚନା ଦେଇଛନ୍ତି। ପରୀକ୍ଷା ସୁପରିଚାଳନା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ପର୍ଯ୍ୟବେକ୍ଷକ ଏବଂ ସ୍ୱତନ୍ତ୍ର ସ୍କ୍ୱାଡ ବ୍ୟବସ୍ଥା କରାଯାଇଛି। ଆଜି ପ୍ରଥମ ଦିନରେ କୌଣସି ପରୀକ୍ଷାର୍ଥୀ କପି କରି ଧରା ପଡ଼ି ନ ଥିବା ଜଣାପଡିଛି।

## ■ ନରସିଂହପୁର: ପରୀକ୍ଷା ଦେଲେ ୧୯୫୮ ଛାତ୍ରଛାତ୍ରୀ

ନରସିଂହପୁର ବ୍ଲକର ୧୨ଟି ପରୀକ୍ଷା କେନ୍ଦ୍ରରେ ୧୯୭୧ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା ହୋଇଥିବା ବେଳେ ୧୯୫୮ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ଅନନ୍ତ ନାରାୟଣ ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସେଣ୍ଟର କରାଯାଇଥିବା ବେଳେ ଏଠାରେ ପରୀକ୍ଷା କେନ୍ଦ୍ର ହୋଇଛି। ସେହିପରି କମଳାଡିହ ଚିନ୍ତାମଣି ନୋଡାଲ ବିଦ୍ୟାପୀଠ, କାନପୁର ବାଳିକା ଉଚ୍ଚ ବିଦ୍ୟାଳୟ, ନରସିଂହପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଯୋଡମୁଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜିଲିଣ୍ଡା, ଉମକଟା ନିମସାହି ବିଦ୍ୟାପୀଠ, ଅଢେଇଗୁଣ୍ଡି ନରସିଂହ ସାନ୍ତାରା ନୋଡାଲ ହାଇସ୍କୁଲ, ଏକଡାଳ ବାଉତୀ ବିଦ୍ୟାପୀଠ, କାନପୁର ବଂଶୀଧର ବିଦ୍ୟାପୀଠ, ସାଗର ବିଏସ୍ ବିଦ୍ୟାପୀଠ, କୋକୋଳବା ଲିଙ୍ଗରାଜ ହାଇସ୍କୁଲ, ଅଲରା ଜିପି ହାଇସ୍କୁଲଗୁଡିକ ପରୀକ୍ଷା କେନ୍ଦ୍ର ହୋଇଛି। ଏହିପରି ୧୨ଟି ପରୀକ୍ଷା କେନ୍ଦ୍ରରେ ୧୯୭୧ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା ହୋଇଥିବା ବେଳେ ବିଭିନ୍ନ ପରୀକ୍ଷା କେନ୍ଦ୍ରରୁ ୧୭ ଜଣ ଛାତ୍ରଛାତ୍ରୀ ଆଜିର ପରୀକ୍ଷାରେ ଅନୁପସ୍ଥିତ ରହିଥିବା ନୋଡାଲ ସେଣ୍ଟର ଅଧିକାରୀ ଶେଷଦେବ ବେହେରା ସୂଚନା ଦେଇଛନ୍ତି।







## ନାବାଳିକା ଦୁଷ୍କର୍ମ ମାମଲା

# ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

କଟକ,୧୯।୨(ସମିସ): ଚୌଦ୍ୱାର ଅଞ୍ଚଳରେ ଘଟିଥିବା ଏକ ନାବାଳିକା ଦୁଷ୍କର୍ମ ମାମଲାରେ ଆଜି କୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। କଟକର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ (ଏଫଟିଏସସି-୨)ତଥା ଆଡହକ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ଚୌଦ୍ୱାର ଥାନା ଦୁଧିଆନାଳି ଡିପସାହି ଗ୍ରାମର ଅଭିଯୁକ୍ତ ନିରଞ୍ଜନ ଗାଗରାଇ (୫୯)କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୪୦ ହଜାର ଟଙ୍କା ଜରିମାନା ଆଦେଶ ଦିଆଯାଇଛି। ଜରିମାନା ଅନାଦେୟ ହେଲେ ଅଭିଯୁକ୍ତକୁ ଅଧିକ ୧ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ମାମଲାରୁ ପ୍ରକାଶ ଯେ ଗତ ୨୦୧୭ ମସିହା ମାର୍ଚ୍ଚ ୧୪ ତାରିଖରେ ଚୌଦ୍ୱାର ଥାନାରେ ଏହି ମାମଲା ରୁଜୁ ହୋଇଥିଲା। ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ଅଭିଯୁକ୍ତ ଜଣକ ତାଙ୍କ ବିଲକୁ ଧାନ କାଟିବା ପାଇଁ ନେଇଥିଲେ। ସେଠାରେ ସେ ନାବାଳିକାଙ୍କୁ ତାଙ୍କ ଇଚ୍ଛା ବିରୁଦ୍ଧରେ ବାରମ୍ବାର ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ପୀଡ଼ିତା ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହି ଶାରୀରିକ ସମ୍ପର୍କ ଯୋଗୁଁ ନାବାଳିକା ଜଣକ ୫ ମାସର ଗର୍ଭବତୀ ହୋଇଥିଲେ। ପରିବାର ଲୋକେ ଏହି ବିଷୟରେ ଜାଣିବା ପରେ ଗତ ୨୦୧୭ ମାର୍ଚ୍ଚ ୧୪ରେ ଏକ ଗ୍ରାମସଭା ଡାକିଥିଲେ। ସେଠାରେ ନାବାଳିକା ଜଣକ ଅଭିଯୁକ୍ତକୁ ଚିହ୍ନଟ କରିଥିଲେ। ତେବେ ଅଭିଯୁକ୍ତ ଜଣକ ପରିବାର ଲୋକଙ୍କୁ ଗାଳିଗୁଲଜ କରି ସେଠାରୁ ଫେରାର ହୋଇଯାଇଥିଲେ। ଏହି ଘଟଣାରେ ନାବାଳିକା ପରିବାରର ଏତଲା ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରିଥିଲା। ତଦନ୍ତ ସମୟରେ ପୀଡ଼ିତାଙ୍କ ଡାକ୍ତରୀ ପରୀକ୍ଷା ସହ ୧୬୪ ଧାରାରେ ବୟାନ ରେକର୍ଡ କରାଯାଇଥିଲା। ଏହି ସମ୍ବେଦନଶୀଳ ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ମିହିର ଶେଖର ସାହୁ ମାମଲା ପରିଚାଳନା କରୁଥିଲେ।

## ପୁଲିସ ଭୁଲିଗଲା ଦାୟିତ୍ୱ ଓ କର୍ତ୍ତବ୍ୟ

# ସହରରେ ବୁଲୁଛନ୍ତି ମାନସିକ ରୋଗୀ



**ମାନସିକ ରୋଗୀଙ୍କ ସୁରକ୍ଷା ଓ ଯତ୍ନକୁ ନେଇ ପ୍ରଶ୍ନବାଚୀ**

**୨୦୧୭ରେ ହୋଇଥିବା ଆଇନ୍ ହେଉନି ପାଳନ**

**ସରକାରୀ ପଞ୍ଜୀକରଣରେ ମାତ୍ର ୫୫ ଜଣ ବୁଲୁଛନ୍ତି ରାସ୍ତାରେ, ବାସ୍ତବ ଚିତ୍ର ଭିନ୍ନ**



କଟକ,୧୯।୨(ସମିସ):

ମାନସିକ ରୋଗୀଙ୍କ ପ୍ରତି କମିସନରେଟ୍ ପୁଲିସ ଅଧିକ ସମ୍ବେଦନଶୀଳ ହେବାକୁ ବିଭାଗୀୟ ନିର୍ଦ୍ଦେଶ ରହିଥିବା ବେଳେ ଏହାକୁ ଆଦୌ ପାଳନ କରାଯାଉ ନାହିଁ। କଟକ ରାସ୍ତାରେ ବୁଲୁଥିବା, ଘରେ ରହୁଥିବା କିମ୍ବା କୌଣସି ସରକାରୀ ଓ ବେସରକାରୀ ଦାତବ୍ୟ ପ୍ରତିଷ୍ଠାନରେ ରହୁଥିବା ମାନସିକ ରୋଗୀଙ୍କୁ ଆଇନର ସୁରକ୍ଷା ଯୋଗାଇ ଦେବା ସହିତ ସେମାନଙ୍କ ଯତ୍ନ ନେବାକୁ ଥାନାୱାରୀ ନିର୍ଦ୍ଦେଶ ଦିଆଯାଇଥିଲା। ସରକାରୀ ପଞ୍ଜୀକରଣ ଅନୁସାରେ, ଏବେ କଟକ ସହର ରାସ୍ତାରେ ମାତ୍ର ୫୫ଜଣ ମାନସିକ ରୋଗୀ ବୁଲୁଛନ୍ତି କିନ୍ତୁ ବାସ୍ତବିକ୍ ସ୍ଥିତି ଭିନ୍ନ ରହିଛି। ପ୍ରାୟ ୧୫୦ରୁ ଅଧିକ ମାନସିକ ରୋଗୀ କଟକର ଗଳିକନ୍ଦିରେ ବୁଲୁଥିବା ଜଣାପଡ଼ିଛି। ଏମାନଙ୍କୁ ଯଦିଓ ମହାନଗର ନିଗମ ପକ୍ଷରୁ ଥଇଥାନ ବା ଯତ୍ନ ନିଆଯାଉଛି ବୋଲି କୁହାଯାଉଛି, ବାସ୍ତବରେ ତାହା ଆଦୌ ହେଉନାହିଁ। ଏଭଳି ସ୍ଥଳେ କମିଶନରେଟ୍ ପୁଲିସ ପ୍ରତ୍ୟେକଟି ମାନସିକ ରୋଗୀଙ୍କ ଯତ୍ନ ନେବା ସହିତ ସେମାନଙ୍କୁ ଆଇନର ସୁରକ୍ଷା ପ୍ରଦାନ କରିବାକୁ ଥାନା ଆଇଆଇସିମାନଙ୍କୁ ତାଗିଦ କରାଯାଇଥିଲା। ହେଲେ ଏହା କାର୍ଯ୍ୟକାରୀ କରାଯାଇ ପାରୁନାହିଁ। ଆଇନର ଅବମାନନା କଲେ ସମ୍ପୃକ୍ତ ଆଇଆଇସି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଚାକିରୀରୁ ନିଲମ୍ବନ କରାଯିବ ବୋଲି ଯଦିଓ କୁହାଯାଇଥିଲା ତାହା ଏବେ ପ୍ରହସନରେ ପରିଣତ ହୋଇଛି। ରାସ୍ତା କଡ଼ରେ ବୁଲୁଥିବା ସମସ୍ତ ମାନସିକ ରୋଗୀଙ୍କୁ ପୁଲିସ ରେସ୍କ୍ୟୁ କରିବ ବୋଲି ୬ମାସ ପୂର୍ବରୁ ସୂଚନା ଦେଇଥିଲା। ଏପର୍ଯ୍ୟନ୍ତ ତାହା ହୋଇ ପାରୁନାହିଁ। ଦାୟିତ୍ୱରେ ଥିବା ଡିସିପି କାର୍ଯ୍ୟାଳୟର ଅଧିକାରୀଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ ସନ୍ତୋଷଜନକ ଉତ୍ତର ଦେଇ ନାହାନ୍ତି।

ସରକାରୀ ନିର୍ଦ୍ଦେଶ ଅନୁଯାୟୀ, ଘରେ ରହୁଥିବା ଓ ବାହାରେ ବୁଲୁଥିବା ମାନସିକ ଅସୁସ୍ଥ ବ୍ୟକ୍ତି, କୌଣସି ଆବାସିକ ସଂସ୍ଥାରେ ରହୁଥିବା ମାନସିକ ଅସୁସ୍ଥ ବ୍ୟକ୍ତି ଏବଂ ଆଇନ ସହିତ ସାମିଲ କିମ୍ବା ଜଡ଼ିତ ଥିବା ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ଚିକିତ୍ସା, ସୁରକ୍ଷା ଏବଂ ଅଧିକାରକୁ ଗୁରୁତ୍ୱ ଦିଆଯାଇଛି। ଏହି ଆଇନରେ ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ସହିତ ତାଙ୍କ ପରିବାରର ଦାୟିତ୍ୱ ଏବଂ କର୍ତ୍ତବ୍ୟକୁ ଗୁରୁତ୍ୱ ଦେବା ସହ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ବିଭିନ୍ନ ସରକାରୀ ଅଧିକାରୀ, ପୁଲିସ ଏବଂ କୋର୍ଟଙ୍କ ଭୂମିକା ବିଷୟରେ ବିଶେଷ ଭାବରେ ଉଲ୍ଲେଖ କରାଯାଇଛି। ପ୍ରତ୍ୟେକ ଥାନାର ଥାନା ଅଧିକାରୀ ନିଜ ଅଞ୍ଚଳରେ ବୁଲୁଥିବା ମାନସିକ ଅସୁସ୍ଥ ବ୍ୟକ୍ତି, ଯିଏକି ନିଜର ଯତ୍ନ ନେବାକୁ ଅକ୍ଷମ କିମ୍ବା ଅନ୍ୟମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ହେବାର ସମ୍ଭାବନା ବୋଲି ବିଚାର କରିବେ ତାଙ୍କୁ ତ୍ୱରିତ ସୁରକ୍ଷା ଓ ଯତ୍ନ ପ୍ରଦାନ କରିବେ। ସେ କାହିଁକି ସୁରକ୍ଷାରେ ତାଙ୍କୁ ନେଉଛନ୍ତି ତାହାର କାରଣ ସେହି ଅସୁସ୍ଥ ବ୍ୟକ୍ତିଙ୍କୁ ଜଣାଇବେ। ଯଦି ସେ ଏହା ବୁଝିବାକୁ ଅକ୍ଷମ ତେବେ ତାଙ୍କର ପରିବାର ଲୋକ କିମ୍ବା ଯତ୍ନକାରୀଙ୍କୁ ଏ ବିଷୟରେ ଅବଗତ କରାଇବେ। ସୁରକ୍ଷାରେ ନେଲା ପରେ ଅସୁସ୍ଥ ବ୍ୟକ୍ତିକୁ ୨୪ ଘଣ୍ଟାରୁ ଅଧିକ ଥାନାରେ ରଖିପାରିବେ ନାହିଁ। ମାନସିକ ଅସୁସ୍ଥ ବ୍ୟକ୍ତିଙ୍କୁ ଯାହା ବି କାରଣ ଥାଉନା କାହିଁକି ଥାନାର କାରାଗୃହ(ହାଜତ)ରେ ରଖିପାରିବେ ନାହିଁ। ଯେତେଶୀଘ୍ର ସମ୍ଭବ ତାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରୀକ୍ଷା ଏବଂ ଚିକିତ୍ସା ପାଇଁ ପଠାଇବେ। ସ୍ୱାସ୍ଥ୍ୟ ଅଧିକାରୀ ସ୍ଥିତି ଅନୁଯାୟୀ ମାନସିକ ଅସୁସ୍ଥ ବ୍ୟକ୍ତିର ପରୀକ୍ଷା ଏବଂ ଆଇନ ଅନୁସାରେ ଅନ୍ୟାନ୍ୟ ଆବଶ୍ୟକତାକୁ ପୂରଣ କରିବାର ଦାୟିତ୍ୱ ନେବେ। ଯଦି ସ୍ୱାସ୍ଥ୍ୟ ଅଧିକାରୀ ପରୀକ୍ଷାରୁ ଜାଣିଲେ ଯେ ବ୍ୟକ୍ତିର ମାନସିକ ଅସୁସ୍ଥତା କମ୍ ଅଛି ଏବଂ ମାନସିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିବାର ଆବଶ୍ୟକତା ନାହିଁ ତେବେ ସେ ଥାନା ଅଧିକାରୀଙ୍କୁ ଜଣାଇବେ। ଏ କ୍ଷେତ୍ରରେ ଥାନା ଅଧିକାରୀ ମାନସିକ ଅସୁସ୍ଥ ବ୍ୟକ୍ତିଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିବେ। ଯଦି ସେ ବାସହୀନ କିମ୍ବା ନିଜର କେହି ନ ଥାନ୍ତି ତେବେ ତାଙ୍କୁ ସରକାରଙ୍କ ଆବାସିକ କେନ୍ଦ୍ର କିମ୍ବା ସ୍ୱଧାର ଗୃହକୁ ପଠାଇବାର ବ୍ୟବସ୍ଥା କରିବେ। ଏସବୁ ଏବେ କାର୍ଯ୍ୟକାରୀ ହୋଇ ପାରୁନାହିଁ।



ଆରମ୍ଭ ହେଲା ମାଟ୍ରିକ ପରୀକ୍ଷା

# ରାମକୃଷ୍ଣ କୁଟୀରରେ ରାମକୃଷ୍ଣ ଜୟନ୍ତୀ




କଟକ,୧୯।୨(ସମିସ): ଶ୍ରୀ ଶ୍ରୀ ରାମକୃଷ୍ଣ ପରମହଂସ ଦେବଙ୍କ ୧୯୧ତମ ଜୟନ୍ତୀ ବଙ୍ଗାଳିସାହି ସ୍ଥିତ ରାମକୃଷ୍ଣ କୁଟୀରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଆଧ୍ୟାତ୍ମିକ ସଭାରେ ରାମକୃଷ୍ଣ ପରମହଂସଙ୍କ ନୀତିବାଣୀ ତଥା ଧର୍ମୋପଦେଶ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଉପସଭାପତି ପ୍ରଫେସର ଡା. ସୁଦର୍ଶନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ରାମକୃଷ୍ଣ ବିବେକାନନ୍ଦ ପ୍ରତିଷ୍ଠାନର ସମ୍ପାଦକ ରମେଶଚନ୍ଦ୍ର ଭଦ୍ର ମୁଖ୍ୟବକ୍ତା ଓ ସମ୍ମାନିତ ବକ୍ତା ଭାବେ ଡଃ ସତ୍ୟ ରାୟ ଯୋଗଦେଇଥିଲେ। କୁଟୀରର ସହ ସମ୍ପାଦକ ଭୁବନାନନ୍ଦ ମହାନ୍ତି ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିବା ପରେ ସମ୍ପାଦକ ଗୋକୁଳାନନ୍ଦ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ତତ୍ତ୍ୱାବଧାରକ ସୁଭାଷଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ପ୍ରଶାନ୍ତ ଜେନା, ସୁବ୍ରତ ମହାନ୍ତି, ଚିତ୍ତରଞ୍ଜନ ଦାଶ, ବିଚିତ୍ରାନନ୍ଦ ମିଶ୍ର, ରଘୁନାଥ ମିଶ୍ର, ଦୈତାରୀ ସାହୁ, ପ୍ରିୟରଞ୍ଜନ ମହାପାତ୍ର, ଡଃ ଓଁକାର ରାଉତ, ବ୍ରହ୍ମାନନ୍ଦ ବିଶ୍ୱାଳ, ଲକ୍ଷ୍ମୀ ମିଶ୍ର, ବିଦ୍ୟୁତ କୁମାରୀ ଲାଲା, ଶ୍ୟାମସୁନ୍ଦର ସାହୁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଶୈଳବାଳା ମହାବିଦ୍ୟାଳୟରେ ସ୍ତନ କର୍କଟ ସଚେତନତା



କଟକ,୧୯।୨(ସମିସ): କଟକସ୍ଥିତ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟର ମଧୁସୂଦନ ପ୍ରେକ୍ଷାଳୟରେ ଆଜି ଏକ ସ୍ୱତନ୍ତ୍ର ସ୍ତନ କର୍କଟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଯୁବ ରେଡକ୍ରସ୍, କଟକ ଇନରହ୍ୱିଲ କ୍ଲବ୍ ଏବଂ ଉତ୍କଳ ଚାମ୍ବର ଅଫ୍ କମର୍ସ ଲେଡିଜ୍ ଫୋରମ୍‌ର ମିଳିତ ଆନୁକୂଲ୍ୟରେ ଏହି ଶିବିରର ଆୟୋଜନ କରାଯାଇଥିଲା। ଅଧ୍ୟକ୍ଷ ଡ. ଜୀବନବଲ୍ଲଭ ଜେନାଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ହରିହର କର୍କଟ ରୋଗ ଚିକିତ୍ସାଳୟର ବିଶିଷ୍ଟ ପ୍ରଫେସର ଡା. ଦୀପ୍ତିରାଣୀ ସାମନ୍ତ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେ ଛାତ୍ରୀମାନଙ୍କୁ ସ୍ତନ କର୍କଟର ବିଭିନ୍ନ କାରଣ, ଏହାର ପ୍ରାଥମିକ ଲକ୍ଷଣ ଏବଂ ନିରାକରଣ ସମ୍ପର୍କରେ ବିସ୍ତୃତ ଭାବେ ସଚେତନ କରାଇଥିଲେ। ଏହି ଅବସରରେ ପ୍ରଫେସର ଡା. ଭାଗ୍ୟଲକ୍ଷ୍ମୀ ନାୟକ ମଧ ଉପସ୍ଥିତ ରହି ସର୍ଭିକାଲ୍ କ୍ୟାନ୍ସର ବା ଜରାୟୁ ମୁଖ କର୍କଟର ପ୍ରତିରୋଧ ସମ୍ପର୍କରେ ଛାତ୍ରୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଯୁବ ରେଡକ୍ରସ୍ ଅଧିକାରୀ ଡ. ଗାୟତ୍ରୀ କର ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଇନରହ୍ୱିଲ କ୍ଲବ୍ ସଭାପତି ରିତିମୁକ୍ତା ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଲେଡିଜ୍ ଫୋରମ୍‌ର ଡ. ଭାରତୀ ବେହେରା ଏଭଳି ସ୍ୱାସ୍ଥ୍ୟ ସଚେତନତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଶେଷରେ ଜାତୀୟ ସଙ୍ଗୀତ ଗାନ କରାଯିବା ସହ ଡ. ମେନକାରାଣୀ ସାହୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧ୍ୟାପିକା ଓ ଶତାଧିକ ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀ ସଫଳ କରିଥିଲେ।

## ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଭୂତତ୍ତ୍ୱ ବିଜ୍ଞାନ କର୍ମଶାଳା

# ପଥର ପରୀକ୍ଷଣ ଓ କ୍ଷେତ୍ର ପରିଦର୍ଶନ ଉପରେ ଗୁରୁତ୍ୱ

କଟକ,୧୯।୨(ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟର ଭୂତତ୍ତ୍ୱ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଏକ ଦୁଇଦିନିଆ ସେମିନାର୍ ତଥା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଜିଏଲ୍‌ଟି ହଲ୍‌ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଡି.ଡି. ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ବନବିହାରୀ ମିଶ୍ର ଯୋଗଦେଇଥିଲେ। ସେ ଛାତ୍ରଛାତ୍ରୀଙ୍କୁ ଭୂ-ବିଜ୍ଞାନର ଜଟିଳ ବୈଷୟିକ ଦିଗ ଏବଂ ବିଶେଷ କରି କ୍ଷେତ୍ର ପରିଦର୍ଶନ ସମୟରେ ପଥରର ପ୍ରକାରଭେଦ ଓ ପରୀକ୍ଷଣ କିଭଳି କରାଯାଏ, ସେ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ଏହି କର୍ମଶାଳାର ଏକ ପ୍ରମୁଖ ଆକର୍ଷଣ ଭାବେ ଛାତ୍ରଛାତ୍ରୀଙ୍କ ପାଇଁ ଏକ କ୍ଷେତ୍ର ପରିଭ୍ରମଣ କାର୍ଯ୍ୟକ୍ରମ ରଖାଯାଇଛି। ଏଥିରେ ଅଂଶଗ୍ରହଣକାରୀମାନେ ନରାଜ, ମୁଣ୍ଡଳୀ, ଆଠଗଡ଼ ଓ ଅଂଶୁପା ପରି ପାରିପାର୍ଶ୍ୱିକ ଅଞ୍ଚଳ ଗସ୍ତ କରି ସେଠାକାର ଭୌଗୋଳିକ ସଂରଚନା ଏବଂ ମୃତ୍ତିକା ବିନ୍ୟାସ ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିବେ। ଏହି ସ୍ଥାନଗୁଡ଼ିକର ଐତିହାସିକ ପୃଷ୍ଠଭୂମି ଓ ଶୈଳ-ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ବେଶ୍ ସହାୟକ ହେବ। ଉଦ୍‌ଘାଟନୀ ସମାରୋହରେ ବିଭାଗୀୟ ମୁଖ୍ୟଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ ଓ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଏହି ଜ୍ଞାନବର୍ଦ୍ଧକ ଆଲୋଚନାରେ ସାମିଲ ହୋଇଥିଲେ।

## ୨୬ ଦିନର ରିଲେ ଧାରଣାରେ ଶୈଳବାଳା ଛାତ୍ରୀ

# ଆନ୍ଦୋଳନକୁ ସମର୍ଥନ ଜଣାଇଲେ ବିଜେଡି ସଭାନେତ୍ରୀ





**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିଧାୟିକା ଓ ମେୟର**

**ରାଜଭବନ, ବିଧାନସଭାରେ ଧାରଣା ଚେତାବନୀ**



କଟକ,୧୯।୨(ସମିସ):

ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ଆଜିକୁ ୨୬ ଦିନ ହେଲା ରିଲେ ଧାରଣାରେ ବସିଛନ୍ତି ଶୈଳବାଳା ଛାତ୍ରୀ। ଏପରିସ୍ଥଳେ ଆଜି ଧାରଣାସ୍ଥଳକୁ ଆସି ଆନ୍ଦୋଳନରତ ଛାତ୍ରୀଙ୍କୁ ନୈତିକ ସମର୍ଥନ ଜଣାଇଛନ୍ତି ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍‌ସିତା ସାହୁ। ୨୬ ଦିନ ଧରି ଛାତ୍ରୀମାନେ ଧାରଣାରେ ବସିଥିବାବେଳେ ଏଥିପ୍ରତି ସରକାରଙ୍କ ଉଦାସୀନତାକୁ ନେଇ ଖୁବ୍ ବର୍ଷିଛନ୍ତି ଇପ୍‌ସୀତା। ଗତ ସରକାରରେ ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଲାଗି ସବୁ ପ୍ରକ୍ରିୟା ସରିଥିଲା, ଏପରିକି ଜମି ଅଧିଗ୍ରହଣ ପାଇଁ ମଧ୍ୟ ଚିହ୍ନଟ ସରିଥିଲା। ଏସବୁ ସତ୍ତ୍ୱେ ଏବେକାର ମୋହନ ସରକାର କଣ ପାଇଁ ଏହାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବାରେ ବିଳମ୍ବ ଗ୍ରହଣ କରୁଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଏଥିସହ ଏ ପ୍ରସଙ୍ଗରେ ଛାତ୍ରୀମାନଙ୍କ ସହ ବିଜେଡି ରହିଛି। ବିଧାନସଭାରେ ବିଜେଡି ଶୈଳବାଳା ପ୍ରସଙ୍ଗ ଉଠାଇବ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ।

ଆଗାମୀ ଦିନରେ ଯଦି ସରକାର ଛାତ୍ରୀଙ୍କ ଦାବିକୁ ଗ୍ରହଣ ନ କରନ୍ତି ତେବେ ଆନ୍ଦୋଳନରତ ଛାତ୍ରୀଙ୍କ ସହ ସେ ରାଜଭବନ ଆଗରେ ଧାରଣା ଦେବେ ବୋଲି ମଧ୍ୟ କହିଛନ୍ତି। ଅପରପକ୍ଷରେ ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବା ସହ ଦରକାର ପଡ଼ିଲେ ବିଧାନସଭା ଘେରାଉ କରିବେ ବୋଲି ଛାତ୍ରୀମାନେ ସ୍ପଷ୍ଟ କରିଛନ୍ତି। ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ମଧୁସ୍ମୃତି ସୁରକ୍ଷା ମଞ୍ଚର ଅନୁରୋଧ କ୍ରମେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ, କଟକ ମହାନଗର ନିଗମ ମେୟର ସୁବାସ ସିଂହ ଓ କଂଗ୍ରେସ ନେତ୍ରୀ ଗିରିବାଳା ବେହେରା ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ। ଆଜିର ଧାରଣାରେ ମଧୁସ୍ମୃତି ସୁରକ୍ଷା ମଞ୍ଚର ସଂପାଦକ ସନ୍ତୋଷ ମହାରଣା, ଅକ୍ଷୟ ଆଚାର୍ଯ୍ୟ, ସୁଚିତ୍ରା ସେଠୀ, କବିନ୍ଦ୍ର ବେହେରା, ଶୈଳବାଳା ପୁରାତନ ଛାତ୍ରୀ ସଂଘର ସଭାନେତ୍ରୀ ପ୍ରଫେସର ଗୋପା ଦାସ, ଛାତ୍ରୀ ମୌସୁମୀ ମହାନ୍ତ, ଅର୍ଚ୍ଚନା ପାଲ୍, ଭୂମିକା ସେନାପତି, ବୈଶାଖୀ ପରିଡ଼ା, ଯାଜ୍ଞସେନୀ ସ୍ୱାଇଁ, ଜି. ଶିବାନୀ, ମାହେଶ୍ୱରୀ ପଟ୍ଟନାୟକ, ସ୍ମିତାରାଣୀ ଦାଶ, ସୌମ୍ୟାସୁଲଗ୍ନା ପଣ୍ଡା, ଅହଲ୍ୟା ସୟ, ମୀନାକ୍ଷୀ ଟୁଡୁ, ଅଙ୍କିତା ନାଏକ, ସିମରନ ଶର୍ମା, ସୁଜାତା ସାହୁ, ସୁଦେଷ୍ଣା ସେଠୀ, ଲିପ୍‌ସା ପ୍ରିୟଦର୍ଶିନୀ ବେହେରା, ପ୍ରୀତିରେଖା ପଣ୍ଡା ସମେତ ଅନେକ ଛାତ୍ରୀ ଯୋଗ ଦେଇଥିଲେ।




ସ୍ୱାସ୍ଥ୍ୟ ସହାୟିକାଙ୍କ ଶବ ଉଦ୍ଧାର ଘଟଣାରେ ନୂଆମୋଡ଼

# ଟଙ୍କା ପାଇଁ ହତ୍ୟା ଅଭିଯୋଗ ଆଣିଲେ ପରିବାର ବର୍ଗ



- ଆହତ ବାବୁଲା ଓ ବାନ୍ଧବୀଙ୍କ ସହ ଅନ୍ୟମାନଙ୍କ ସମ୍ପୃକ୍ତି ନେଇ ଏତଲା
- ୧୬ଲକ୍ଷ ବକେୟା ଋଣ ଟଙ୍କାକୁ ନେଇ ବାନ୍ଧବୀଙ୍କ ସହ ଥିଲା ବିବାଦ

ବ୍ରହ୍ମପୁର,୧୯।୨(ସମିସ): ରେଳଧାରଣା ନିକଟରୁ ଏମ୍‌କେସିଜିର ମହିଳା ସ୍ୱାସ୍ଥ୍ୟ ସହାୟିକାଙ୍କ ଖଣ୍ଡବିଖଣ୍ଡିତ ଶବ ଉଦ୍ଧାର ଘଟଣାକୁ ୨୪ଘଣ୍ଟା ନବିତୁଣୁ ମୃତ୍ୟୁର କାରଣକୁ ନେଇ ବଢ଼ିଛି ସସପେନ୍ସ। ମୃତକ ରାଜଲକ୍ଷ୍ମୀ ସାହୁ ଓରଫ ପିଙ୍କି (୪୮) ଆତ୍ମହତ୍ୟା କରିନାହାନ୍ତି କିମ୍ବା ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ଘଟିନାହିଁ, ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି ପରିବାର ବର୍ଗ। ମୃତ ପିଙ୍କିଙ୍କ ପୁଅ ଜତିନ କିଶୋର ଦାଶ ଲିଖିତ ଏତଲା ଦେଇଛନ୍ତି। ଏପରିକି ଏହି ଯୋଜନାବଦ୍ଧ ହତ୍ୟାକାଣ୍ଡରେ ଆହତ ବାବୁଲା ଜେନାଙ୍କ ସମେତ କିଛି ମହିଳା ଓ ଅନ୍ୟମାନଙ୍କ ସମ୍ପୃକ୍ତି ଥିବା ଏତଲାରେ ଉଲ୍ଲେଖ କରିଥିବା ଜଣାପଡ଼ିଛି। ଏତଲା କପି ପ୍ରଥମେ ଜତିନ ବୈଦ୍ୟନାଥପୁର ଥାନାରେ ଦେଇଥିବା ବେଳେ ଏହା ଜିଆର୍‌ପି ଅଧିନରେ ଯାଉଥିବାରୁ ଆଇଆଇସିଙ୍କ ପରାମର୍ଶ କ୍ରମେ ଜିଆରପି ଥାନାରେ ଦେଇଛନ୍ତି। ସ୍ୱାସ୍ଥ୍ୟ ସହାୟିକା ରାଜଲକ୍ଷ୍ମୀଙ୍କ ହତ୍ୟା ପଛରେ ୧୬ଲକ୍ଷ ଟଙ୍କାର କାରବାର ଥିବା ବେଳେ ମୃତ୍ୟୁ ପରେ ସେ ପରିଧାନ କରିଥିବା ସମସ୍ତ ଅଳଙ୍କାରକୁ ମଧ୍ୟ ଲୁଟି ନିଆଯାଇଥିବା ରାଜଲକ୍ଷ୍ମୀଙ୍କ ପୁଅ ଏତଲାରେ ଦର୍ଶାଇଛନ୍ତି।

ପ୍ରକାଶ ଯୋଗ୍ୟ ଯେ' ଗତ ୧୮ ତାରିଖ ବିଳମ୍ବିତ ରାତିରେ ରାଜଲକ୍ଷ୍ମୀଙ୍କ ମୃତ୍ୟୁ ହୋଇଥିଲା। ତେବେ ୧୭ ତାରିଖ ରାତିରେ ରାଜଲକ୍ଷ୍ମୀ ଏମକେସିଜି ମେଡିକାଲକୁ ରାତି ଡ୍ୟୁଟି କରିବାକୁ ଯାଇ ପରେ ୧୧ଟାରେ ପୁଣି ଘରକୁ ଖାଇବାକୁ ଆସିଥିଲେ। ଖାଇବା ସମୟରେ ରାଜଲକ୍ଷ୍ମୀଙ୍କ ସାନ ପୁଅ ନିକଟକୁ ରାତି ପ୍ରାୟ ୧୧ଟା ୧୫ରେ ପିଙ୍କିଙ୍କ ଜଣେ ବାନ୍ଧବୀଙ୍କ ଫୋନ୍ ଆସିଥିଲା। ମା'ର ଫୋନ ଲାଗୁନି ଅର୍ଜେଣ୍ଟ କାମ ଅଛି ତୁରନ୍ତ ତାକୁ ଫୋନ ଦେବାକୁ ମହିଳା ଜଣକ କହିଥିଲେ। ତେବେ ମା' ଘରେ ନାହାନ୍ତି ଓ ଡ୍ୟୁଟି ଯାଇଥିବା କହିବା ପରେ ବ୍ୟସ୍ତବିବ୍ରତ ମହିଳା ଜଣକ ଫୋନ୍ କାଟି ଦେଇଥିଲେ। ପିଲାଙ୍କୁ ଖାଇବାକୁ ଦେଇ ନିଜେ ଖାଇ ପିଙ୍କି ପୁଣି ଡ୍ୟୁଟି କରିବାକୁ ମେଡିକାଲର ସୁପର ସ୍ପେସିଆଲିଟି ବ୍ଲକକୁ ଯାଇଥିଲେ। ତେବେ ୧୨ଟା ୩୫ମିନିଟରେ ପିଙ୍କିଙ୍କ ପୁଅ ନିକଟକୁ ପୁଣି ଉକ୍ତ ମହିଳାଙ୍କ ଫୋନ କଲ ଆସିଥିଲା ଓ ପିଙ୍କି ଆଉ ନାହାନ୍ତି ସେ ସେଠାରେ ପଡ଼ିଥିବା ସୂଚନା ଦେଇଥିଲେ। ପରେ ଅନ୍ୟଜଣେ ଯୁବକ ମଧ୍ୟ ଫୋନ କରି ଅନୁରୂପ ସୂଚନା ଦେଇଥିଲେ। ଖବର ପାଇ ପିଙ୍କିଙ୍କ ଦୁଇ ପୁଅ ମେଡିକାଲକୁ ଯାଇଥିଲେ। ସେଠାରେ ଫୋନ୍ କରିଥିବା ମହିଳା ଜଣକ ପିଙ୍କିଙ୍କ ଫୋନ୍ ତାଙ୍କର ଦୁଇ ପୁଅଙ୍କୁ ଦେବା ସହ ଘଟଣାରେ ଗୁରୁତର ବାବୁଲା ଜେନାଙ୍କୁ ସାଙ୍ଗରେ ନେଇ ମେଡିକାଲକୁ ଆସିଥିବା କହିଥିଲେ। ପରେ ମହିଳାଙ୍କ ସହିତ ଥିବା ଜଣେ ଯୁବକଙ୍କ ସହିତ ପିଙ୍କିଙ୍କ ଦୁଇ ପୁଅ ଘଟଣା ସ୍ଥଳକୁ ଯାଇଥିଲେ। ସେଠାରେ ନିଜ ମା'ର ଖଣ୍ଡବିଖଣ୍ଡିତ ଶରୀର ପଡିଥିବା ଦେଖିବାକୁ ପାଇଥିଲେ। ପିଙ୍କି ସଦାସର୍ବଦା ସୁନା ଅଳଙ୍କାର ପରିଧାନ କରୁଥିବା ବେଳେ ମରଶରୀରରେ କୌଣସି ଗହଣା ନଥିବା ବେଳେ ଘଟଣା ସ୍ଥଳରେ ଦୁଇଟି ଗାଡ଼ି ଥିବା ବେଳେ ସାର୍ଟ, ଜୋତା, ମୋବାଇଲ ଓ ପେନ ପଡିଥିବା ଦେଖିବାକୁ ପାଇଥିଲେ। ପରେ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ପହଞ୍ଚି ଘଟଣାସ୍ଥଳରୁ ବିଭିନ୍ନ ସାମଗ୍ରୀ ଜବତ କରିବା ସହ ମରଶରୀରକୁ ଆମ୍ବୁଲାନ୍ସ ଯୋଗେ ଏମକେସିଜି ଶବ ଗୃହକୁ ନେଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶବ ସତ୍କାର ପରେ ବ୍ରହ୍ମପୁର ଫେରି ମୃତ ରାଜଲକ୍ଷ୍ମୀଙ୍କ ପୁଅ ଜତିନ ଘଟଣା ସମ୍ପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରି ଲିଖିତ ଏତଲା ଦେଇଛନ୍ତି।

ସେପଟେ ଗୁରୁତର ବାବୁଲା ଜେନାଙ୍କୁ ବିଶାଖପାଟଣାର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ରାଜଲକ୍ଷ୍ମୀଙ୍କ ସହିତ ସମ୍ପୃକ୍ତ ମହିଳାଙ୍କର ଦୀର୍ଘଦିନର ସମ୍ପର୍କ ଥିଲା। ଏପରିକି ଉଭୟଙ୍କ ମଧ୍ୟରେ ଅର୍ଥ କାରବାର ମଧ୍ୟ ଥିଲା। ପିଙ୍କି ନିଜର ସୁନା ଗହଣା ଘରୋଇ ବ୍ୟାଙ୍କରେ ବନ୍ଧକ ରଖି ପର୍ଯ୍ୟାୟକ୍ରମେ ଉକ୍ତ ମହିଳାଙ୍କୁ ପ୍ରାୟ ୧୬ଲକ୍ଷ ଟଙ୍କା କୁଆଡେ ଧାର ଦେଇଥିଲେ। ଉକ୍ତ ଅର୍ଥକୁ ପିଙ୍କି ଫେରସ୍ତ ମାଗିବା ପରେ ଉଭୟଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। ଏପରିକି ପିଙ୍କିଙ୍କ ପୁଅ ଜତିନ ଉପରେ ମଧ୍ୟ ଆକ୍ରମଣ ହୋଇଥିବା ସେ ଏତଲାରେ ଉଲ୍ଲେଖ କରିଛନ୍ତି। ପିଙ୍କିଙ୍କ ମୃତ୍ୟୁ ପଛରେ ଗୁରୁତର ଆହତ ବାବୁଲା ଜେନାଙ୍କ ସମେତ ସମ୍ପୃକ୍ତ ମହିଳା ଓ ଅନ୍ୟ ୫ରୁ ୬ଜଣଙ୍କ ସମ୍ପୃକ୍ତି ସନ୍ଦେହ କରି ଜତିନ ଅଭିଯୋଗ ଫର୍ଦ୍ଦ ଦାଖଲ କରିଛନ୍ତି। ପିଙ୍କିଙ୍କୁ ହତ୍ୟା କରି ତାଙ୍କୁ ରେଳଧାରଣାରେ ପକାଇ ଦିଆଯାଇଛି ଏବଂ ସେ ପିନ୍ଧିଥିବା ବହୁ ପରିମାଣର ସୁନା ଗହଣା ଲୁଟି ନିଆଯାଇଥିବା ଅଭିଯୋଗ ହୋଇଛି। ସେପଟେ ଘଟଣା ଦିନ ଭୋର ପ୍ରାୟ ୫ଟା ସମୟରେ ସମ୍ପୃକ୍ତ ମହିଳାଙ୍କ ସମେତ ଅନ୍ୟମାନେ ପିଙ୍କିଙ୍କ ଗଜପତିନଗର ସ୍ଥିତ ବାସଭବନକୁ ଆସି ଗାଳିଗୁଲଜ କରିବା ସହ ବିଭିନ୍ନ ଧମକଚମକ ଦେଇଥିବା ଜତିନ ଏତଲାରେ ଦର୍ଶାଇଛନ୍ତି। ସେପଟେ ସମସ୍ତଙ୍କ ଅପେକ୍ଷା ଶବ ବ୍ୟବଚ୍ଛେଦ ରିପୋର୍ଟକୁ। ଅଚେତ ଅବସ୍ଥାରେ ଅଥବା ହତ୍ୟା ପରେ ପିଙ୍କିଙ୍କୁ ରେଳଧାରଣାରେ ପକାଇ ଦିଆଯାଇଛି ଅଥବା ଅନ୍ୟକିଛି ତାକୁ ନେଇ ମଧ୍ୟ ସୃଷ୍ଟି ହୋଇଛି ସନ୍ଦେହ।

● ପୀତବାସ ପଣ୍ଡା ହତ୍ୟା ମାମଲା

## ବିକ୍ରମଙ୍କ ପରେ ମଳୟ ଏମ୍‌କେସିଜିରେ ଭର୍ତ୍ତି

ବ୍ରହ୍ମପୁର,୧୯।୨(ସମିସ): ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଚିକିତ୍ସା ଜାରି ରହିଥିବା ବେଳେ ଗତ ରାତିରେ ଅନ୍ୟତମ ଅଭିଯୁକ୍ତ ତଥା କର୍ପୋରେଟର ମଳୟ ବିଶୋୟୀ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଜେଲରେ ଛାତିରେ ଅସହ୍ୟ ଯନ୍ତ୍ରଣା ଅନୁଭବ କରିବା ପରେ ତାଙ୍କୁ ତୁରନ୍ତ ଏମକେସିଜି ମେଡିକାଲକୁ ଅଣାଯାଇଥିଲା। ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ମେଡିସିନ ବିଭାଗ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଗୁରୁତର ମଳୟଙ୍କ ଛାତିରେ ଇନ୍‌ଫେକ୍ସନ ଥିବା ଇସିଜି ରିପୋର୍ଟରେ ଜଣାପଡିଥିଲା।



ଆଜି ତାଙ୍କର ପୁଣି ଥରେ ଇକୋ ଟେଷ୍ଟିଂ କରାଯାଇଛି। ଛାତି ସହିତ ମଳୟଙ୍କ ରକ୍ତ ସର୍କରା ବା ମଧୁମେହ ଥିବାରୁ ଗୋଡ଼ରେ ଥିବା ଘା ଶୁଖିବାରେ ସମସ୍ୟା ହେଉଛି। ତାହାର ମଧ ଚିକିତ୍ସା ଜରୁରୀ ଥିବା ଡାକ୍ତର କହିଛନ୍ତି। ଆଜି ବିଭିନ୍ନ ପରୀକ୍ଷା ଓ ଚିକିତ୍ସା ପରେ ଆଇସିୟୁରେ ଭର୍ତ୍ତି ହୋଇଥିବା ମଳୟଙ୍କ ଅଧିକ ଚିକିତ୍ସା ପାଇଁ ଅସ୍ଥିଶଲ୍ୟ ଓ ସର୍ଜରୀ ବିଶେଷଜ୍ଞଙ୍କ ପରାମର୍ଶ ଲୋଡାଯାଇଛି। ମଧୁମେହ ରୋଗକୁ ନର୍ମାଲ ବା ସ୍ଥିର କରିବା ପରେ ତାଙ୍କର ଗୋଡରେ ଅସ୍ତ୍ରୋପଚାର ଜରୁରୀ ହୋଇପାରେ ବୋଲି ଆଶଙ୍କା କରାଯାଇଛି। ପୂର୍ବରୁ ମଧ ମଳୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ତାଙ୍କ ଓକିଲ କୋର୍ଟରେ ପିଟିସନ ଜରିଆରେ ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କରି ଚିକିତ୍ସା ପାଇଁ ନିବେଦନ କରିଥିଲେ। ସେପଟେ ପୂର୍ବତନ ବିଧାୟକଙ୍କ ଗଲବ୍ଲାଡର ଷ୍ଟୋନ ଅପରେସନ ପାଇଁ ପ୍ରାକ ପ୍ରସ୍ତୁତି ଚାଲିଥିବା ଜଣାପଡିଛି। ଏଥିପାଇଁ ବୁଧବାର ଅଲଟ୍ରାସାଉଣ୍ଡ କରାଯାଇଥିବା ବେଳେ ଆଜି ରକ୍ତ ପରୀକ୍ଷା କରାଯାଇଛି।

■ ହ୍ରାସ ପାଇବ ମଣିଷ-ହାତୀ ସଂଘର୍ଷ

## ଟିପିଏସ୍‌ଓଡିଏଲ୍ ପକ୍ଷରୁ 'ଗଜ ସଂରକ୍ଷଣ' ପ୍ରକଳ୍ପ



ବ୍ରହ୍ମପୁର,୧୯।୨(ସମିସ): ଟିପିଏସ୍‌ଓଡିଏଲ୍ ପକ୍ଷରୁ 'ମଣିଷ-ହାତୀ' ସଂଘର୍ଷ ହ୍ରାସ ପାଇଁ 'ଗଜ ସଂରକ୍ଷଣ' ପ୍ରକଳ୍ପ ଆରମ୍ଭ କରାଯାଇଛି। ସ୍ନେହା ଏନଜିଓ ସହାୟତାରେ ଘୁମୁସର ଉତ୍ତର ବନଖଣ୍ଡରେ ପାଇଲଟ୍ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଯାଇଛି। ହାତୀଙ୍କୁ ବିଦ୍ୟୁତ ଆଘାତଠାରୁ ଦୂରେଇ ରଖିବା ନେଇ ସଚେତନତା ବୃଦ୍ଧି କରିବା, ଜଙ୍ଗଲ ଓ ବିଦ୍ୟୁତ ବିଭାଗ ମଧ୍ୟରେ ସମନ୍ୱୟ ବୃଦ୍ଧି ଲକ୍ଷ୍ୟରେ ଏଭଳି ସମୟୋପଯୋଗୀ ପଦକ୍ଷେପ ନିଆଯାଇଛି। ଏହି ପ୍ରକଳ୍ପ ମାଧ୍ୟମରେ ଜୈବ ବିବିଧତା ସଂରକ୍ଷଣ ଓ ଦାୟିତ୍ୱବାନ ସଂପ୍ରଦାୟ ଗଠନ କ୍ଷେତ୍ରରେ ଟିପିଏସ୍‌ଓଡିଏଲ ନିଜର ପ୍ରତିବଦ୍ଧତାକୁ ଦୃଢ଼ କରିଛି। ଘୁମୁସର ଉତ୍ତର ବନଖଣ୍ଡ ଅଧୀନରେ ମାଝିଗଡ଼ା, ତାରସିଂ, ଗାଳେରୀ ଓ ଜଗନ୍ନାଥପ୍ରସାଦ ନାମରେ ଚାରୋଟି ଜଙ୍ଗଲ ରେଞ୍ଜ ରହିଛି। ଏସବୁ ଅଞ୍ଚଳରେ ହାତୀଙ୍କ ଗତିବିଧି ଦେଖିବାକୁ ମିଳିଥାଏ। ଏଣୁ ହାତୀଙ୍କ ସୁରକ୍ଷା ନିମନ୍ତେ ଏହି ପ୍ରକଳ୍ପ କାର୍ଯ୍ୟ କରିବ। ପ୍ରତିକ୍ରିୟାଶୀଳ ସୁରକ୍ଷା ପ୍ରଣାଳୀ ସାଙ୍ଗକୁ ଦୁର୍ଘଟଣା ରୋକିବାକୁ ହାଇବ୍ରିଡ୍ ମଡେଲ୍ ବିକାଶ କରାଯାଇଛି। ହାତୀଙ୍କୁ ବିଦ୍ୟୁତ୍ ଜନିତ ବିପଦ ଥିବା ୧୧୪ଟି ସ୍ଥାନ ଚିହ୍ନଟ କରାଯାଇଛି। ସମ୍ପୃକ୍ତ ସ୍ଥାନଗୁଡ଼ିକରେ କମ୍ପାନୀ ପକ୍ଷରୁ ବିଜୁଳି ସୁରକ୍ଷାକୁ ସୁନିଶ୍ଚିତ କରିବା ନିମନ୍ତେ ସମସ୍ତ ଆନୁସଙ୍ଗିକ ପଦକ୍ଷେପ ନିଆଯାଇଛି। ସେହିଭଳି ବନବିଭାଗ ନିକଟରେ ଥିବା ଗ୍ରାମଗୁଡ଼ିକରେ କାନ୍ଥ ଚିତ୍ର, ପଥପ୍ରାନ୍ତ ନାଟକ, ଗ୍ରାମସ୍ତରୀୟ ସଭା ତଥା ଗୋଷ୍ଠୀ ସଚେତନତା ଉପରେ ଗୁରୁତ୍ୱ ଦିଆଯାଉଛି। ବନ୍ୟଜନ୍ତୁ ଓ ମନୁଷ୍ୟ କିଭଳି ସହବସ୍ଥାନ କରିପାରିବେ ସେନେଇ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି। ଟିପିଏସ୍‌ଓଡିଏଲ୍ ପକ୍ଷରୁ ସମ୍ଭାବ୍ୟ ବିପଦସଙ୍କୁଳ ସ୍ଥାନଗୁଡ଼ିକରେ ବିଜୁଳି ଭିତ୍ତିଭୂମିକୁ ସୁଦୃଢ଼ ଓ ସୁରକ୍ଷିତ କରିବା ସହ ପ୍ରାୟ ୧୯୦କିଲୋମିଟର ଖୋଲା ତାରକୁ ଆବଦ୍ଧ ବିଦ୍ୟୁତ ତାରରେ ପରିବର୍ତ୍ତିତ କରିଛି। ସେହିଭଳି ଖୁଣ୍ଟ-ଖୁଣ୍ଟ ମଧ୍ୟରେ ଥିବା ଦୂରତାକୁ ହ୍ରାସ ନିମନ୍ତେ ଏକ ହଜାରରୁ ଅଧିକ ମଧ୍ୟବର୍ତ୍ତୀ ଖୁଣ୍ଟ ସ୍ଥାପନ କରାଯାଇଛି। ଟିପିଏସ୍‌ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ' ଜୈବ ବିବିଧତା ସଂରକ୍ଷଣ ଓ ଗୋଷ୍ଠୀ କଲ୍ୟାଣ ନିମନ୍ତେ 'ଗଜ ସଂରକ୍ଷଣ' ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ଜଙ୍ଗଲ ବିଭାଗ ଓ ସ୍ଥାନୀୟ ସଂପ୍ରଦାୟଙ୍କ ସହଭାଗିତାରେ କାର୍ଯ୍ୟ କରି ଆମେ ମଣିଷ-ହାତୀ ସଂଘର୍ଷକୁ ହ୍ରାସ କରିବା ଦିଗରେ ପ୍ରଚେଷ୍ଟା କରୁଛୁ। ବନ୍ୟଜନ୍ତୁଙ୍କ ସୁରକ୍ଷାକୁ ନିଶ୍ଚିତ କରିବା ସହ ମଣିଷ ଓ ବନ୍ୟଜନ୍ତୁଙ୍କ ସହ ଅବସ୍ଥାନ ନିମନ୍ତେ କମ୍ପାନୀ ପ୍ରତିବଦ୍ଧ ଅଟେ। ଘୁମୁସର ଉତ୍ତର ବନଖଣ୍ଡ ଦାୟିତ୍ୱରେ ଥିବା ଜିଲ୍ଲା ଜଙ୍ଗଲ ଅଧିକାରୀ ହିମାଂଶୁ ଶେଖର ମହାନ୍ତି ଟିପିଏସ୍‌ଓଡିଏଲ୍ ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି। କମ୍ପାନୀର ସହଭାଗିତାରେ ବିଭାଗ ପ୍ରକଳ୍ପର ସଫଳ ରୂପାୟନ ଦିଗରେ କାର୍ଯ୍ୟ କରିବ। ଏହି ଅବସରରେ ଟିପିଏସ୍‌ଓଡିଏଲର କର୍ପୋରେଟ୍ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ଡିସକମର ସିଏସଆର ମୁଖ୍ୟ ପ୍ରଦୀପ ଘୋଷାଲ, ଭଞ୍ଜନଗର ସର୍କଲ ମୁଖ୍ୟ ଅଭିଜିତ ପାଢ଼ୀ, ଟିପିଏସ୍‌ଓଡିଏଲର ସିଏସଆରର ମୁଖ୍ୟ ଦିଲ୍ଲୀପ କୁମାର ସାହୁଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଜିଲ୍ଲାର ୨୧୭ କେନ୍ଦ୍ରରେ ମାଟ୍ରିକ୍ ପରୀକ୍ଷା

## ପରୀକ୍ଷା ଦେଲେ ୪୪,୫୨୪; ଅନୁପସ୍ଥିତ ୬୬୦



ବ୍ରହ୍ମପୁର,୧୯।୨(ସମିସ): ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷା(ମାଟ୍ରିକ) ଗୁରୁବାର ଠାରୁ ଆରମ୍ଭ ହୋଇଛି। ଜିଲ୍ଲାର ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ସକାଳ ସାଢେ ୮ଟା ପୂର୍ବରୁ ଛାତ୍ରଛାତ୍ରୀ ପହଞ୍ଚିଥିଲେ। ପ୍ରଥମ ଦିନରେ ଛାତ୍ରଛାତ୍ରୀ ପ୍ରଥମ ଭାଷା ପରୀକ୍ଷା ଦେଇଥିଲେ। ଯାହା ପୂର୍ବାହ୍ନ ୯ଟା ଠାରୁ ଆରମ୍ଭ ହୋଇ ସାଢେ ୧୧ଟା ପର୍ଯ୍ୟନ୍ତ ଚାଲିଥିଲା। ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ଏଆଇ ଯୁକ୍ତ ସିସିଟିଭି କ୍ୟାମେରା ଲଗାଯାଇଥିବା ବେଳେ କପି ରୋକିବାକୁ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା ସ୍ତରରେ ୪ଟି ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରାଯାଇଛି।ସକାଳୁ ସ୍ୱତନ୍ତ୍ର ଟିମ୍ ଜରିଆରେ ନୋଡାଲ୍ ସେଣ୍ଟରରୁ କଡ଼ାସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପ୍ରଶ୍ନପତ୍ର ପରୀକ୍ଷାକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ଚଳିତ ବର୍ଷ ହାଇସ୍କୁଲ ସାର୍ଟିଫିକେଟ୍(ମାଟ୍ରିକ), ମଧ୍ୟମା ଓ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ଜିଲ୍ଲାରେ ମୋଟ ୪୫ହଜାର ୧୮୪ଜଣ ଛାତ୍ରଛାତ୍ରୀ ଫର୍ମପୂରଣ କରିଥିଲେ। ସେଥି ମଧ୍ୟରୁ ହାଇସ୍କୁଲ ସାର୍ଟିଫିକେଟ୍(ମାଟ୍ରିକ) ନିମନ୍ତେ ମୋଟ ୪୪ହଜାର ୩୮୩ଜଣ ଛାତ୍ରଛାତ୍ରୀ ଥିବା ବେଳେ ମଧ୍ୟମାରେ ୭୮ ଓ ମୁକ୍ତ ବିଦ୍ୟାଳୟ ପରୀକ୍ଷା ନିମନ୍ତେ ୭୨୩ଜଣ ପରୀକ୍ଷାର୍ଥୀ ଥିଲେ। ଜିଲ୍ଲାରେ ମୋଟ ୨୧୭ଟି ପରୀକ୍ଷାକେନ୍ଦ୍ର ଓ ପ୍ରଶ୍ନପତ୍ର ସୁରକ୍ଷିତ ରଖିବା ପାଇଁ ୧୬ଟି ନୋଡାଲ୍ ସେଣ୍ଟର କରାଯାଇଛି। ପ୍ରଥମ ଦିନରେ ହାଇସ୍କୁଲ ସାର୍ଟିଫିକେଟ୍(ମାଟ୍ରିକ), ମଧ୍ୟମା ଓ ମୁକ୍ତ ବିଦ୍ୟାଳୟ ପରୀକ୍ଷା ନିମନ୍ତେ ମୋଟ ୪୪ହଜାର ୫୨୪ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିବା ବେଳେ ବିଭିନ୍ନ କାରଣରୁ ୬୬୦ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡିଛି। ସେଥିମଧ୍ୟରୁ ହାଇସ୍କୁଲ ସାର୍ଟିଫିକେଟ୍(ମାଟ୍ରିକ) ପରୀକ୍ଷାରେ ୫୫୭ଜଣ, ମଧ୍ୟମାରେ ୪ଜଣ ଓ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ୯୯ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ସେପଟେ ପରୀକ୍ଷାର ପ୍ରଥମ ଦିନରେ କୌଣସି ଛାତ୍ରଛାତ୍ରୀ କପି କରି ଧରାପଡିନଥିବା ଜଣାପଡିଛି। ଦିନକ ବ୍ୟବଧାନରେ ଆସନ୍ତା ୨୧ତାରିଖରେ ଇଂରାଜୀ ପରୀକ୍ଷା ଥିବା ବେଳେ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷା ମାର୍ଚ୍ଚ ୨ତାରିଖ ପର୍ଯ୍ୟନ୍ତ ଚାଲୁରହିବ।

## ଋଣ କରାଇଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ

ପୋଲସରା,୧୯।୨(ସମିସ): ଋଣ କରାଇଦେବା ଆଳରେ ମହିଳାଙ୍କୁ ଠାରୁ ଲକ୍ଷାଧିକ ଟଙ୍କା ଠକେଇ ନେଇ ଅଭିଯୋଗ ହୋଇଛି। ପୋଲସରା ଥାନା ନିକଟସ୍ଥ କଳମ୍ବ ପଞ୍ଚାୟତର ରୁଖାକଣା ଗ୍ରାମର ମିନତୀ କୁମାରୀ ସାହୁଙ୍କ ଠାରୁ ମାତ୍ର ଦୁଇ ଦିନରେ ୧ ଲକ୍ଷ ୨୩ ଶହ ଟଙ୍କା ଲୁଟି ନେଇଥିବା ସୂଚନା ମିଳିଛି। ଏନେଇ ମହିଳା ଜଣଙ୍କ ବୁଧବାର ପୋଲସରା ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ପୋଲସରା ମ୍ୟୁନିସିପାଲିଟି ମଧ୍ୟରେ ଥିବା ଦୁଇ ଗୃହିଣୀଙ୍କ ଠାରୁ ମଧ୍ୟ ସମାନ ଭାବରେ ସାଇବର୍ ଠକ ଟଙ୍କା ଲୁଟି ନେଇଥିବା ପୋଲସରା ଥାନାରେ ପୃଥକ ପୃଥକ ଭାବେ ଅଭିଯୋଗ ହୋଇଛି। ଥାନା ଅଧିକାରୀ କୌଶିକ ମାଝି ତଦନ୍ତ ଚଳାଇଛନ୍ତି।

## ସହିଦ ସୁଶାନ୍ତଙ୍କ ପରିବାରଙ୍କୁ ପ୍ଲଟ୍ ପ୍ରଦାନ




ବ୍ରହ୍ମପୁର,୧୯।୨(ସମିସ): ୨୦୦୭ରେ ଗସ୍‌ମା ଜଙ୍ଗଲରେ ମାଓବାଦୀଙ୍କ ସହ ଲଢ଼େଇ କରି ସହିଦ ହୋଇଥିଲେ ବ୍ରହ୍ମପୁର ପୁଲିସ ଜିଲ୍ଲାର କନେଷ୍ଟବଳ ସୁଶାନ୍ତ ଗୌଡ଼। ସରକାରଙ୍କ ପକ୍ଷରୁ ତାଙ୍କ ପରିବାରକୁ ଏକ ପ୍ଲଟ୍ ପ୍ରଦାନ କରାଯାଇଛି। ଗୁରୁବାର ବ୍ରହ୍ମପୁର ଏସ୍‌ପି ଡ଼ା. ସର୍ବଣା ବିବେକ ଏମ୍ ନିଜ କାର୍ଯ୍ୟାଳୟରେ ସହିଦ ସୁଶାନ୍ତ ଗୌଡ଼ଙ୍କ ପରିବାରକୁ ୪୦ ଡେସିମିଲର ଗୋଟିଏ ପ୍ଲଟ୍‌ର ଦସ୍ତାବିଜ ପ୍ରଦାନ କରିଥିଲେ। ଏହି ସମୟରେ ସଦର ଏସଡ଼ିପିଓ ଏସ୍ ଏସ୍ ପରିଡ଼ା, ରିଜର୍ଭ ଇନ୍ସପେକ୍ଟର ଏମ୍. ଲକ୍ଷ୍ମୀ ରଞ୍ଜନ ଓ କନେଷ୍ଟବଳ ଓ ହାବିଲଦାର ସଂଘର ସମ୍ପାଦକ ପ୍ରଶାନ୍ତ ମହାରର୍ଥାଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ବିଲ୍‌ଡର୍‌ଙ୍କୁ ବନ୍ଧୁକ ଦେଖାଇ ଧମକ; ଜଣେ ଗିରଫ

ବ୍ରହ୍ମପୁର,୧୯।୨(ସମିସ): ବିଲ୍‌ଡରଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ତାଙ୍କ ଅଫିସ ଭଙ୍ଗାରୁଜା ଅଭିଯୋଗରେ ନିମଖଣ୍ଡି ଥାନା ପୁଲିସ ଜଣେ ଯୁବକକୁ ଗିରଫ କରିଛି। ଗିରଫ ଯୁବକ ଜଣକ ନିମଖଣ୍ଡି ଥାନା ଅଞ୍ଚଳରେ ବିକି ପାତ୍ର। ଅଭିଯୁକ୍ତଙ୍କ ନିକଟରୁ ପୁଲିସ ଗୋଟିଏ ଲୁହା ରଡ଼ ଓ ଲାଠି ଜବତ କରିଛି। ବୁଧବାର ରାତିରେ କିଛି ଯୁବକ ଲୋଚାପଡ଼ା ସ୍ଥିତ ବିଲ୍ଡର ଗଙ୍ଗା ପାତ୍ର ଓ ତାଙ୍କ ଭାଇ ଧନୁ ପାତ୍ରଙ୍କ କାର୍ଯ୍ୟାଳୟରେ ବିଭିନ୍ନ ମାରଣାସ୍ତ୍ର ସହ ବନ୍ଧୁକ ଧରି ସେଠାରେ ଆତଙ୍କରାଜ ଖେଳାଇଥିଲେ। ନିମଖଣ୍ଡି ପୁଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା। ଗଙ୍ଗା ପାତ୍ରଙ୍କ ବୟାନ ଆଧାରରେ ପୁଲିସ ମାମଲା ରୁଜୁକରି ଅଭିଯୁକ୍ତ ବିକିଙ୍କୁ ଧରିବାରେ ସଫଳ ହୋଇଛି।

## ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଶ୍ରୀକାନ୍ତଙ୍କୁ ବ୍ରୋଞ୍ଜ



ବ୍ରହ୍ମପୁର,୧୯।୨(ସମିସ): ସ୍ଥାନୀୟ ପ୍ରେମନଗର ନିବାସୀ ଭି. ଶ୍ରୀକାନ୍ତ ସର୍ବଭାରତୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ବ୍ରହ୍ମପୁରରୁ ପ୍ରତିନିଧିତ୍ୱ କରି ୬୦କିଲୋ ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୧୭ରୁ ୧୯ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଅନୁଷ୍ଠିତ ସର୍ବଭାରତୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସେ ଅଂଶଗ୍ରହଣ କରି ଏହି ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାରେ ୨୮ଟି ରାଜ୍ୟରୁ ଖେଳାଳି ଅଂଶଗ୍ରହଣ କରିଥିଲେ। ପ୍ରକାଶ ଯେ, ଶ୍ରୀକାନ୍ତ ବ୍ରହ୍ମପୁର ମୁଖ୍ୟ ଡାକଘରେ କାର୍ଯ୍ୟରତ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

ବ୍ରହ୍ମପୁର,୧୯।୨(ସମିସ): ସ୍ଥାନୀୟ ବିଜିପୁର ନୀଳକଣ୍ଠନଗର ନିବାସୀ ଶୈଳବାଳା ମିଶ୍ର(୮୧)ଙ୍କ ପରଲୋକ ଘଟିଛି। ଗୁରୁବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ଏମକେସିଜି ମେଡ଼ିକାଲରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁ ସମୟରେ ତାଙ୍କ ନିକଟରେ ୩ପୁଅ ସତ୍ୟନାରାୟଣ ମିଶ୍ର, ଗୋପାଳକୃଷ୍ଣ ମିଶ୍ର, ରାମକୃଷ୍ଣ ମିଶ୍ରଙ୍କ ସମେତ ବୋହୂ, ନାତିନାତୁଣୀ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ସ୍ୱର୍ଗତ ଶୈଳବାଳା ମିଶ୍ର ସିଟି ହାଇସ୍କୁଲ୍‌ର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପାଳକୃଷ୍ଣ ମିଶ୍ରଙ୍କ ମା'। ସେ ଗୁରୁବାର ପରୀକ୍ଷା କାର୍ଯ୍ୟରେ ନିୟୋଜିତ ଥିବାବେଳେ ମା'ଙ୍କ ମୃତ୍ୟୁ ଖବର ପାଇଥିଲେ। ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।



● ଯୌନ ଶୋଷଣ ମାମଲା

## ଅଭିଯୁକ୍ତ ବାପାକୁ ୨ବର୍ଷ ଜେଲ୍

ବ୍ରହ୍ମପୁର,୧୯।୨(ସମିସ): ଫାଷ୍ଟଟ୍ରାକ ପୋକ୍‌ସୋ କୋର୍ଟ ବିଚାରପତି ରୋହିତଲାଲ ପଣ୍ଡା ଏକ ଯୌନ ଶୋଷଣ ମାମଲାର ଶୁଣାଣି କରି ଅଭିଯୁକ୍ତ ତଥା ପୀଡ଼ିତାଙ୍କ ବାପା ରଞ୍ଜନ ମୁର୍ଦ୍ଦିଙ୍ଗିଆ(୩୭)ଙ୍କୁ ୨ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୭ମାସ ସଶ୍ରମ କାରାଦଣ୍ଡ ନେଇ ରାୟରେ ଉଲ୍ଲେଖ ରହିଛି। ଏହାସହ ପୀଡ଼ିତାଙ୍କୁ ୫୦ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମାମଲାର ବିବରଣୀରୁ ପ୍ରକାଶ ଯେ, ଅଭିଯୁକ୍ତ ରଞ୍ଜନଙ୍କ ନିର୍ଯାତନା ଅସହ୍ୟ ହେବାରୁ ତାଙ୍କ ପତ୍ନୀ ଦୁଇ ଝିଅଙ୍କୁ ନେଇ କିଛିବର୍ଷ ଧରି ଅଲଗା ରହୁଥିଲେ। ୨୦୨୨ ଅଗଷ୍ଟ ୫ରେ ରଞ୍ଜନ ପତ୍ନୀ ରହୁଥିବା ଘରେ ବଳପୂର୍ବକ ପଶି ତାଙ୍କ ୧୩ବର୍ଷର ଝିଅକୁ ଟଣାଓଟରା ସହ ଅସଦାଚାରଣ କରିଥିଲେ। ନାବାଳିକାଙ୍କ ମା' ଏନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ନଂ.୨୧୧/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବାପା ରଞ୍ଜନକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୧୦ଜଣ ସାକ୍ଷୀଙ୍କ ବୟାନ ଆଧାରରେ କୋର୍ଟ ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଶିବ କୁମାର ମିଶ୍ର ମାମଲା ପରିଚାଳନା କରିଥିଲେ।

ଏମ୍‌କେସିଜିରେ ଅବ୍ୟବସ୍ଥା

# ହେମୋଫିଲିଆ ରୋଗୀଙ୍କୁ ମିଳୁନି ଜରୁରୀ ଇଞ୍ଜେକ୍ସନ୍

ବ୍ରହ୍ମପୁର, ୧୯।୨ (ସମିସ): ଏମ୍‌କେସିଜି ମେଡ଼ିକାଲରେ ହେମୋଫିଲିଆ ରୋଗୀଙ୍କ ପାଇଁ ଜରୁରୀ ଇଞ୍ଜେକ୍ସନର ଘୋର ଅଭାବ ଦେଖିବାକୁ ମିଳିଛି। ଯାହାକୁ ନେଇ ରୋଗୀ ଓ ସେମାନଙ୍କ ପରିବାର ଆତଙ୍କିତ ଅବସ୍ଥାରେ ଅଛନ୍ତି। ସଠିକ ସମୟରେ ରୋଗୀଙ୍କୁ ଏହି ଇଞ୍ଜେକ୍ସନ ଉପଲବ୍ଧ ନହେଲେ ସାଧାରଣ ରକ୍ତସ୍ରାବ ମଧ୍ୟ ରୋଗୀଙ୍କ ପାଇଁ ଜୀବନଘାତି ହେବା ଆଶଙ୍କା ରହିଛି। ହେମୋଫିଲିଆ ରୋଗ ଏକ ବଂଶାନୁକ୍ରମିକ ରକ୍ତସ୍ରାବ ଜନିତ ରୋଗ, ଯେଉଁଥିରେ ରକ୍ତ ଜମାଟ ପାଇଁ ଆବଶ୍ୟକ 'ଫ୍ୟାକ୍ଟର-୮' କିମ୍ବା 'ଫ୍ୟାକ୍ଟର-୯' ଶରୀରରେ କମ୍ ଥାଏ। ଏହାର ଚିକିତ୍ସା ପାଇଁ ନିୟମିତ କ୍ଲଟିଂ ଫ୍ୟାକ୍ଟର ଇଞ୍ଜେକ୍ସନର ଆବଶ୍ୟକତା ରହିଛି। ଏମକେସିଜି ମେଡ଼ିକାଲର "ଡେ କେୟାର ସେଣ୍ଟର'ରେ ନିୟମିତ ୧୫୦ରୁ ଅଧିକ ରୋଗୀ ଚିକିତ୍ସା କରୁଛନ୍ତି। ଗଞ୍ଜାମ ଜିଲ୍ଲା ସମେତ ବିଭିନ୍ନ ଜିଲ୍ଲାରୁ ଶତାଧିକ ହେମୋଫିଲିଆ ରୋଗୀ ଏମ୍‌କେସିଜି ମେଡିକାଲ ଉପରେ ନିର୍ଭରଶୀଳ। ତେବେ ଗତ ୩ମାସ ଧରି ହସ୍ପିଟାଲରେ ଆବଶ୍ୟକ ପରିମାଣର ଇଞ୍ଜେକ୍ସନ ମହଜୁଦ ନଥିବାରୁ ରୋଗୀ ନାହିଁ ନଥିବା ହଇରାଣ ହେଉଛନ୍ତି। କନ୍ଧମାଳ ଜିଲ୍ଲା ଚକାପାଦ ଅଞ୍ଚଳର ଜଣେ ରୋଗୀ 'ଫ୍ୟାକ୍ଟର-୯' ଇଞ୍ଜେକ୍ସନ ପାଇଁ 'ଡେ କେୟାର ସେଣ୍ଟର'କୁ ବାରମ୍ବାର ଆସୁଥିଲେ ହେଁ ତାଙ୍କୁ ମିଳୁନଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଯୋଗାଣ ଅଭାବ କାରଣରୁ କର୍ତ୍ତୃପକ୍ଷ ବାର୍ଷିକ ଆବଶ୍ୟକତା ଅନୁଯାୟୀ ନିକଟରେ 'ଫ୍ୟାକ୍ଟର-୯' ଇଞ୍ଜେକ୍ସନ ୪ହଜାର ଭାଇଲ, 'ଫ୍ୟାକ୍ଟର-୮' ୨ହଜାର, 'ଏଫ-୮' ଶିଶୁଙ୍କ ପାଇଁ ୫୦ଭାଇଲ ବରାଦ କରିଥିବା ଜଣାପଡ଼ିଛି। କିନ୍ତୁ ଆର୍ଥିକ ବର୍ଷ ଶେଷ ସମୟରେ ଏଭଳି ଆବଶ୍ୟକ ଇଞ୍ଜେକ୍ସନର ଅଭାବ ଦେଖିବାକୁ ମିଳିଛି। ସେପଟେ ସମସ୍ୟାର ସମାଧାନ ପାଇଁ ଲୋକାଲ ପର୍ଚେଜ କରାଯାଉଥିବା ବେଳେ ଏଥିରେ ବିଳମ୍ବ ଯୋଗୁଁ ରୋଗୀଙ୍କୁ ଇଞ୍ଜେକ୍ସନ ମିଳିବାରେ ସମସ୍ୟା ଉପୁଜୁଛି। ଯଦ୍ୱାରା ରୋଗୀ ବାଧ ହୋଇ କଟକ ଏସ୍‌ସିବି ହସ୍ପିଟାଲକୁ ଯାଇ ଏହି ଇଞ୍ଜେକ୍ସନ ନେଇ ଖର୍ଚ୍ଚାନ୍ତ ହେଉଛନ୍ତି। ସେହିପରି ବେସରକାରୀ ହସ୍ପିଟାଲରେ ଏହି ଇଞ୍ଜେକ୍ସନର ମୂଲ୍ୟ ବହୁ ଅଧିକ। ଯାହା ସମସ୍ତଙ୍କ ପାଇଁ କ୍ରୟ କରିବା ସମ୍ଭବପର ନୁହେଁ। ଏଭଳି ପରିସ୍ଥିତିରେ ରୋଗୀ ଓ ସେମାନଙ୍କ ପରିବାରବର୍ଗଙ୍କ ଚିନ୍ତା ବଢ଼ିଯାଇଛି। ଅନ୍ୟପକ୍ଷରେ ଇଞ୍ଜେକ୍ସନ ଯୋଗାଣରେ ଅଭାବ କାରଣରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ସ୍ୱୀକାର କରିବା ସହ ତୁରନ୍ତ ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମେଡିକାଲ କର୍ତ୍ତୃପକ୍ଷ କହିଛନ୍ତି।

### ଏସ୍‌ସିବି ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି ରୋଗୀ



## ମାଟ୍ରିକ ପରୀକ୍ଷା ଆରମ୍ଭ, ଧର୍ମଶାଳାରେ ୩୪୧୬ ଛାତ୍ରଛାତ୍ରୀ

ଧର୍ମଶାଳା,୧୯।୨(ସମିସ): ଚଳିତ ଥର ଧର୍ମଶାଳା ବ୍ଲକ୍‌ର ୧୯ଟି ପରୀକ୍ଷା କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଆଜି ଆରମ୍ଭ ହୋଇଛି। ଏହି କେନ୍ଦ୍ରରେ ରେଗୁଲାର ପରୀକ୍ଷାର୍ଥୀ ୩୦୯୫ ଜଣ, ମଧ୍ୟମାରେ ୧୨୭ ଓ ଏସଓଏସସିରେ ୧୪୩, ଏହିପରି ମୋଟ ୩୩୬୫ ଛାତ୍ରଛାତ୍ରୀ ପରୀକ୍ଷା ଦେବାଲାଗି ବ୍ୟବସ୍ଥା ହୋଇଥିଲା। ତେବେ ଆଜି ପ୍ରଥମ ଦିନ ମାତୃଭାଷା ପରୀକ୍ଷାରେ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ରେଗୁଲାର ପରୀକ୍ଷାରେ ୫୨ ଜଣ, ମଧ୍ୟମାରେ ୧୩ଜଣ ଓ ଏସ୍‌ଓଏସ୍‌ସିରେ ୨୫ଜଣ ମୋଟ ୯୦ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ। ମୋଟାମୋଟି ଭାବେ ଆଜି ୩୩୬୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୨୭୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ଜଣାଯାଇଛି।

## ଦଶରଥପୁର ବ୍ଲକ୍‌ରେ ପରୀକ୍ଷା ଦେଲେ ୨୯୫୯ ବିଦ୍ୟାର୍ଥୀ

ଦଶରଥପୁର,୧୯।୨(ସମିସ): ଆଜି ଠାରୁ ଆରମ୍ଭ ହୋଇଥିବା ଚଳିତ ବର୍ଷର ମାଟ୍ରିକ ପରୀକ୍ଷାରେ ଦଶରଥପୁର ବ୍ଲକର ମୋଟ ୧୬ଟି ପରୀକ୍ଷା କେନ୍ଦ୍ରରେ ଶୃଙ୍ଖଳା ସହକାରେ ଅନୁଷ୍ଠିତ ହୋଇଯାଇଛି। ୧ମ ଦିନରେ ବ୍ଲକ୍‌ର ମୋଟ ୧୬ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବାକୁ ଅନୁମତି ପାଇଥିବା ୩୦୨୦ ମାଟ୍ରିକ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୯୫୯ ଜଣ ପରୀକ୍ଷାର୍ଥୀ ପରୀକ୍ଷାରେ ଉପସ୍ଥିତ ରହିଥିବା ବେଳେ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ୬୨ ମାଟ୍ରିକ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ବ୍ଲକ ପାଇଁ ସ୍ୱୀକୃତ ୨ଟି ନୋଡାଲ ପରୀକ୍ଷା କେନ୍ଦ୍ର ସୂତ୍ରରୁ ଜଣାଯାଇଛି। ଏହି କ୍ରମରେ ଯାଜପୁର ଜିଲ୍ଲା ହାଇସ୍କୁଲ ନୋଡାଲ ପରୀକ୍ଷା କେନ୍ଦ୍ର ଅଧୀନରେ ଥିବା ଖଣ୍ଡରାସ୍ଥିତ ପିଏମ୍‌ଶ୍ରୀ ରାମଲକ୍ଷ୍ମଣ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୨୪୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୪୪ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୩ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ। ବାମଦେବପୁର ସ୍ଥିତ ଯଯାତି କେଶରୀ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୧୬୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଆସି ନ ଥିଲେ। ସେହିପରି ମଙ୍ଗଳପୁରସ୍ଥିତ ମହତାବ ନୋଡାଲ ପରୀକ୍ଷା କେନ୍ଦ୍ର ଅଧୀନ ଖାନନଗରସ୍ଥିତ ବାଉତରା ହାଇସ୍କୁଲରେ ୨୫୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩ ଜଣ ଅନୁପସ୍ଥିତ ରହିଥିଲେ। ଅହିୟାସ ହାଇସ୍କୁଲରେ ୧୪୮ ରୁ ୪ଜଣ, ବିରିପଟା ହାଇସ୍କୁଲରେ ୧୯୬ ରୁ ଜଣେ, ଚିତ୍ତାଳ ହାଇସ୍କୁଲରେ ୧୩୮ ରୁ ୩ଜଣ, ଦଶରଥପୁର ହାଇସ୍କୁଲରେ ୨୧୩ରୁ ୩ ଜଣ, କଟିକଟା ଗାନ୍ଧୀସ୍ମୃତି ହାଇସ୍କୁଲରେ ୧୮୯ ରୁ ୨ଜଣ, କାଟିଆ କେ ପି ହାଇସ୍କୁଲରେ ୧୬୪ ରୁ ୧୦ଜଣ, କଣ୍ଟାବଣିଆ ହାଇସ୍କୁଲରେ ୧୫୦ରୁ ୬ଜଣ, ମଧୁପୁର ହାଇସ୍କୁଲରେ ୨୩୬ ରୁ ୨ଜଣ, ମହତାବ ହାଇସ୍କୁଲରେ ୨୬୫ ରୁ ୪ଜଣ, ରାମବାଗ ହାଇସ୍କୁଲରେ ୧୬୭ ରୁ ୫ଜଣ, ଈଶ୍ୱରପୁରର ଶ୍ୟାମସୁନ୍ଦର ହାଇସ୍କୁଲରେ ୧୪୦ରୁ ୬ ଜଣ, ଦକ୍ଷିଣବନ୍ଧ ଉତ୍କଳ ଗୌରବ ହାଇସ୍କୁଲରେ ୧୯୮ ରୁ ୪ଜଣ, ଜୟନ୍ତରା ସ୍ୱାମୀ ବିବେକାନନ୍ଦ ହାଇସ୍କୁଲରେ ୧୩୮ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜଣେ ପରୀକ୍ଷାର୍ଥୀ ପରୀକ୍ଷା ଶେଷ ପର୍ଯ୍ୟନ୍ତ ଅନୁପସ୍ଥିତ ରହିଥିବା ନୋଡାଲ ପରୀକ୍ଷା କେନ୍ଦ୍ରର ପରିଚାଳକ ଚିତ୍ତରଞ୍ଜନ ସାମଲ ଏବଂ ସହ-ପରିଚାଳକ ଖଗେଶ୍ୱର ରାଉତଙ୍କ ଠାରୁ ସୂଚନା ମିଳିଛି।

# ଜିଲ୍ଲାରେ ପରୀକ୍ଷା ଶାନ୍ତିପୂର୍ଣ୍ଣ; ୬୨୫ ଅନୁପସ୍ଥିତ

ଯାଜପୁର,୧୯।୨(ସମିସ): ଯାଜପୁର ଜିଲ୍ଲାରେ ଚଳିତ ବର୍ଷ ମୋଟ ୨୭ ହଜାର ୧ ଜଣ ପରୀକ୍ଷାର୍ଥୀ ମାଟ୍ରିକ୍ ପରୀକ୍ଷା ଦେବା ପାଇଁ ଆବେଦନ କରିଥିଲେ। ସେଥିମଧ୍ୟରୁ ୨୬୩୭୬ ଜଣ ପରୀକ୍ଷା ଦେଇଥିବାବେଳେ ୬୨୫ ଜଣ ଅନୁପସ୍ଥିତ ଥିବା ଜଣାପଡ଼ିଛି। ସେଥିମଧ୍ୟରୁ ବଡ଼ଚଣାର ମହାବିନାୟକ ବିଦ୍ୟାୟନର ୫୫, ବରୀ କୃପାସିନ୍ଧୁ ବିଦ୍ୟାଭବନର ୩୪ ଜଣ, ସୟଦପୁର ବ୍ରଜସୁନ୍ଦର ହାଇସ୍କୁଲର ୪୯, ବୁଦ୍ଧରାଜ ନୋଡାଲ ବିଦ୍ୟାପୀଠର ୫୨, ମଙ୍ଗଳପୁର ମହତାବ ନୋଡାଲ ହାଇସ୍କୁଲର ୧୮, ଧର୍ମଶାଳା ବାଣୀପୀଠର ୫୨(ନିୟମିତ) ଏବଂ ଏସ୍‌ଓଏସ୍‌ସିର ୨୫ ଜଣ, ଯାଜପୁର ଜିଲ୍ଲା ସ୍କୁଲର ୫୦ ଜଣ, ଏସ୍‌ଓଏସ୍‌ସିରେ ୪ ଜଣ, ପାଣିକୋଇଲି



ନୋଡାଲ ହାଇସ୍କୁଲର ୫୩ ଜଣ ଏସଓଏସସିରେ ୩୧ ଜଣ, କୋଳଥଳର କ୍ଷେତ୍ରପାଳ ନୋଡାଲ ହାଇସ୍କୁଲର ୩୩ ଜଣ, ସୁକିନ୍ଦା ଜଗନ୍ନାଥ ନୋଡାଲ ହାଇସ୍କୁଲର ୫୬ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡ଼ିଛି। ତେବେ ଏତେ ସଂଖ୍ୟକ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିବାକୁ ନେଇ ନାନା ସନ୍ଦେହ ଦେଖାଦେଇଛି। ତେବେ ଏହାକୁ ବାଦ ଦେଲେ ଜିଲ୍ଲାରେ ଶାନ୍ତିଶୃଙ୍ଖଳାରେ ପରୀକ୍ଷା ପରିଚାଳନା ହୋଇଥିବା ଜିଲ୍ଲା ଶିକ୍ଷାଧିକାରୀ ସୂଚନା ଦେଇଛନ୍ତି।

## ୫ ମିନିଟ୍ ବିଳମ୍ବ ପାଇଁ ପରୀକ୍ଷା ଦେବାରୁ ବଞ୍ଚିତ

ବ୍ରହ୍ମବରଦା,୧୯।୨(ସମିସ): ରସଲପୁର ବ୍ଲକ୍ ବନ୍ଧଡିହ କ୍ଲଷ୍ଟର ଅଧୀନ ବ୍ରହ୍ମବରଦା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଚଳିତ ବର୍ଷ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି ସେହି ଗ୍ରାମର ହାଜି ରହିମିଆଁ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଚନ୍ଦନ ଦାସ। ଆଜି ପ୍ରଥମ ଦିନରେ ମାତୃଭାଷା ଓଡ଼ିଆ ପରୀକ୍ଷା ଥିଲା। ହାଜିରହିମିଆଁ ସରକାରୀ ଉଚ୍ଚବିଦ୍ୟାଳୟ ଓ ଦର୍ଶନ ହାଇସ୍କୁଲ କୁଣ୍ଡପାଟଣାର ସେଣ୍ଟର ବ୍ରହ୍ମବରଦା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ହୋଇଛି। ଗତ ୧୭ ତାରିଖ ମଙ୍ଗଳବାର ଦିନ ସରକାରଙ୍କ ତରଫରୁ ବଣ୍ଟନ କରାଯାଇଥିବା ଫାଇଲେରିଆ ଔଷଧକୁ ଛାତ୍ର ଚନ୍ଦନ ସେବନ କରିଥିବାବେଳେ ତାହାର ପ୍ରଭାବରେ ତାଙ୍କର ମୁଣ୍ଡ ବୁଲାଉଥିଲା। ତେଣୁ ସେ ପରୀକ୍ଷା କେନ୍ଦ୍ରକୁ ଆସିବାରେ ୫ ମିନିଟ ବିଳମ୍ବ ହୋଇଯାଇଥିଲା। ପରୀକ୍ଷା କେନ୍ଦ୍ରର ଫାଟକ ବନ୍ଦ ହୋଇଯାଇଥିବା ହେତୁ ଫାଟକ ସମ୍ମୁଖରେ ଚନ୍ଦନ ଛିଡ଼ା ହୋଇ ରହିଥିଲେ। ପରୀକ୍ଷା କେନ୍ଦ୍ରର ପର୍ଯ୍ୟବେକ୍ଷକ କ୍ଷେତ୍ରବାସୀ ସାମଲ କାହିଁକି ବିଳମ୍ବରେ ଆସି ପହଞ୍ଚିଲ, ତୁମକୁ ପରୀକ୍ଷା କେନ୍ଦ୍ର ଭିତରକୁ ପ୍ରବେଶ ନିଷେଧ ବୋଲି କହିଥିଲେ। ପରୀକ୍ଷା କେନ୍ଦ୍ର ଫାଟକ ସମ୍ମୁଖରେ ଠିଆ ହୋଇ ବହୁତ ଗୁହାରୀ କରିଥିଲେ ସୁଦ୍ଧା ତାଙ୍କୁ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବାକୁ ଅନୁମତି ଦେଇନଥିଲେ। ପରୀକ୍ଷା ସରିବାପରେ ଚନ୍ଦନଙ୍କ ମା' ଏବଂ କିଛି ଗ୍ରାମବାସୀ ଆସି କାହିଁକି ପ୍ରବେଶ ପାଇଁ ଅନୁମତି ଦେଲନାହିଁ ବୋଲି ପ୍ରଶ୍ନ କରିବାରୁ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ପରିଚାଳନାର ନିୟମ ଅନୁଯାୟୀ ୯.୩୦ମି ପରେ କୌଣସି ପରୀକ୍ଷାର୍ଥୀଙ୍କୁ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ ନିଷେଧ ଏବଂ ମୋର ଉପରିସ୍ଥ ଅଧିକାରୀ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ମଧ୍ୟ ଫୋନ ଯୋଗେ ପଚାରିବାରୁ ସେ ମଧ୍ୟ ପ୍ରବେଶ ନାହିଁ ବୋଲି କହିଥିଲେ କେନ୍ଦ୍ରର ପର୍ଯ୍ୟବେକ୍ଷକ କ୍ଷେତ୍ରବାସୀ ସାମଲ। ଏ ନେଇ ରସୁଲପୁର ବ୍ଲକ୍ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ପଚାରିବାରୁ ପରୀକ୍ଷା ୯ ଘଟିକା ସମୟରୁ ଆରମ୍ଭ ହୋଇଛି। ଏଣୁ ୯.୩୦ମି ପର୍ଯ୍ୟନ୍ତ ପ୍ରବେଶ ଅନୁମତି ରହିଛି ଏବଂ ତା ପରେ ଅନୁମତି ନାହିଁ ବୋଲି କହିଥିଲେ। ପରୀକ୍ଷା ସରିବାପରେ କିଛି ଗ୍ରାମବାସୀ, ଅଭିଭାବକ ଓ ଶିକ୍ଷକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। କିଛି ସମୟ ପାଇଁ ପରୀକ୍ଷା କେନ୍ଦ୍ର ପରିସରରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ଯାହାଫଳରେ ଚନ୍ଦନ ଆଜି ମାତୃଭାଷା ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି।

## ୪ ପରୀକ୍ଷା କେନ୍ଦ୍ରରେ ୬୬୧ ପରୀକ୍ଷାର୍ଥୀ; ୭ ଅନୁପସ୍ଥିତ

ବ୍ୟାସନଗର,୧୯।୨(ସମିସ): ବ୍ୟାସନଗର ସହରରେ ମାଟ୍ରିକ ପରୀକ୍ଷା ନିମନ୍ତେ ୪ଟି ପରୀକ୍ଷା କେନ୍ଦ୍ର ହୋଇଥିବାବେଳେ ଏଥିରେ ମୋଟ ୬୬୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ତେବେ ଏହି ମାଟ୍ରିକ ପରୀକ୍ଷାରେ ମୋଟ ୭ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡ଼ିଛି। ବ୍ୟାସନଗର ସହରର ଶଶିଭୂଷଣ ବାଳିକା ଉଚ୍ଚ ବିଦ୍ୟାଳୟରେ ହିଙ୍ଗୁଳା ହାଇସ୍କୁଲ ଶଙ୍ଖଚିଲା ଓ ଧବଳଗିରି ଉଚ୍ଚ ବିଦ୍ୟାଳୟର ମୋଟ ୧୮୨ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିବା ବେଳେ କେହି ଅନୁପସ୍ଥିତ ନଥିବା ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ବେହେରା ସୂଚନା ଦେଇଛନ୍ତି। ସେହିପରି ଭି ଏନ (ବ୍ୟାସନଗର) ହାଇସ୍କୁଲରେ ମହାବୀର ହାଇସ୍କୁଲ ଦଳା, ରାଧାକୃଷ୍ଣ ବାଳିକା ଉଚ୍ଚ ବିଦ୍ୟାଳୟ, ସଦାନନ୍ଦ ହାଇସ୍କୁଲ, ମଡେଲ ହାଇସ୍କୁଲକୁ ମିଶାଇ ମୋଟ ୧୪୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବାବେଳେ ୨ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ପ୍ରଧାନଶିକ୍ଷକ ନିଖିଳ ରଞ୍ଜନ ନାୟକ ସୂଚନା ଦେଇଛନ୍ତି। ଧବଳଗିରି ହାଇସ୍କୁଲରେ ଏନ ସି ହାଇସ୍କୁଲ, ଉମାପଦା ହାଇସ୍କୁଲ, ଭି ଏନ ହାଇସ୍କୁଲ ମୋଟ ୧୭୩ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ନିର୍ଦ୍ଦେଶ ରହିଥିବାବେଳେ ୨ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ବେହେରା ସୂଚନା ଦେଇଛନ୍ତି। ଏନ ସି ହାଇସ୍କୁଲରେ ଫେରୋକ୍ରୋମ ହାଇସ୍କୁଲ, ଶଶିଭୂଷଣ ବାଳିକା ଉଚ୍ଚ ବିଦ୍ୟାଳୟ, ମୁଣ୍ଡମାଳ ସରସ୍ୱତୀ ଶିଶୁମନ୍ଦିରର ପରୀକ୍ଷା କେନ୍ଦ୍ର ପଡିଥିବାବେଳେ ମୋଟ ୧୬୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ଦେହୁରୀ ସୂଚନା ଦେଇଛନ୍ତି। ପ୍ରଥମ ଦିନରେ କୌଣସି ସେଣ୍ଟରରେ କେହି ଏକ୍ସ ଫେଲ ହୋଇନଥିବା ଜଣାପଡିଛି। ତେବେ ପରୀକ୍ଷାରେ କୌଣସି ଅପ୍ରୀତିକର ପରିସ୍ଥିତି ଆଶଙ୍କା କରି ପୁଲିସ ପ୍ରଶାସନ ଉପସ୍ଥିତ ରହି ଶୃଙ୍ଖଳା ରକ୍ଷା କରିଥିଲେ।

## ସର୍ବଭାରତୀୟ ଜେଇ ମେନ୍ ପରୀକ୍ଷାରେ ପ୍ରୀତିକ୍ଷାଙ୍କ କୃତିତ୍ୱ

ଧର୍ମଶାଳା,୧୯।୨(ସମିସ): ଧର୍ମଶାଳା ବ୍ଲକ୍ ଅଭୟପୁର ପଞ୍ଚାୟତ ରତନପୁର ଗ୍ରାମର ମନୋଜ କୁମାର ରାଉତଙ୍କ ଝିଅ ପ୍ରୀତିକ୍ଷା ରାଉତ ସର୍ବଭାରତୀୟ ସ୍ତରରେ ଜେଇ ମେନ୍ ପରୀକ୍ଷାରେ ୯୮.୩୩ଧଭାଗ ମାର୍କ ରଖି ରାଜ୍ୟରେ କୃତିତ୍ୱ ହାସଲ କରିଛନ୍ତି। ଏହି ପରୀକ୍ଷା ଗତ ଜାନୁଆରୀ ମାସ ୨୬ ତାରିଖରେ ହୋଇଥିଲା ଏବଂ ଏହାର ପରୀକ୍ଷା ଫଳ ଚଳିତ ମାସ ୧୬ ତାରିଖରେ ପ୍ରକାଶ ପାଇଛି। ପ୍ରକାଶ ଯେ ସର୍ବଭାରତୀୟ ସ୍ତରରେ ଏହି ପରୀକ୍ଷା ରେ ୧୮ଜଣ ପରୀକ୍ଷାର୍ଥୀ ୯୮.୩୩ଧ ଅଧିକା ମାର୍କ ରଖି ଚଳିତବର୍ଷ ଉତୀର୍ଣ୍ଣ ହୋଇଥିଲାବେଳେ ସେଥି ମଧ୍ୟରୁ ଧର୍ମଶାଳା



ବ୍ଲକ ରତନପୁର ଗ୍ରାମର ମନୋଜ ରାଉତ ଓ ବବିତା ରାଉତଙ୍କ ଝିଅ ପ୍ରୀତିକ୍ଷା ରାଉତ ଏଥିରେ କୃତିତ୍ୱ ଅର୍ଜନ କରି ଜିଲ୍ଲା ଓ ଧର୍ମଶାଳା ନିର୍ବାଚନମଣ୍ଡଳୀ ପାଇଁ ଗୌରବ ଆଣି ଦେଇଛନ୍ତି। ଏଥିପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରୀତିକ୍ଷାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ତାଙ୍କ ପିତାମାତା ଧର୍ମଶାଳା ବ୍ଲକ୍ ଜାରକା ଜାମୁବଣିଆରେ ଥିବା ଡ. ଏପିଜେ ଅବଦୁଲ କଲାମ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ରେ ପ୍ରଧାନଶିକ୍ଷକ ଓ ସଭାପତି ଅଛନ୍ତି। ବିଶେଷ କରି ପ୍ରୀତିକ୍ଷା କୌଣସି କୋଚିଂ ନ ନେଇ ନିଜର ଅଜସ୍ର ପରିଶ୍ରମ, ନିଷ୍ଠା ଓ ଦୃଢ଼ ସଂକଳ୍ପ ପାଇଁ ଏହି କୃତିତ୍ୱ ହାସଲ କରିପାରିଛନ୍ତି ବୋଲି ତାଙ୍କ ପରିବାର କହିଛନ୍ତି।

## ଇଣ୍ଡିଆ ବୁକ୍ ଅଫ ରେକର୍ଡରେ ଅଢ଼େଇ ବର୍ଷର ଶିଶୁ

ଦଶରଥପୁର,୧୯।୨(ସମିସ): ଦଶରଥପୁର ବ୍ଲକ୍ ଜୟନ୍ତାରା ପଞ୍ଚାୟତ ପାଟପୁର ଗ୍ରାମର ଅନୀଲ କୁମାର ନାୟକ ଏବଂ ସରସ୍ୱତୀ ନାୟକଙ୍କ ଅଢ଼େଇ ବର୍ଷର ପୁଅ ଦେବାଂଶୀ ନାୟକ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡର ଆଇବିଆର ବିଭାଗରେ ନିଜର ସ୍ଥାନ ରଖିପାରିଛନ୍ତି। ସେ ଫଳ ଏବଂ ପଶୁ ଜାତୀୟ କୁଇଜ୍ ପ୍ରତିଯୋଗିତାରେ ନିଜର ନାମ ସ୍ଥାନିତ କରିବାରେ ସଫଳ ହୋଇଛନ୍ତି। ଏହି ପ୍ରତିଯୋଗିତା ଗତ ୨୪ ଜାନୁୟାରୀ ୨୦୨୬ରେ ମହାରାଷ୍ଟ୍ରର ପୁନେ ଠାରେ ହୋଇଥିବାବେଳେ



ଅନ୍‌ଲାଇନ୍‌ରେ ଭାଗ ନେଇ ଏହି ସଫଳତା ପାଇଛନ୍ତି। ଏହାର ପ୍ରମାଣପତ୍ର ଗତ ୯ ଫେବ୍ରୁଆରି ୨୦୨୬ରେ ମିଳିଥିଲା। ଏଣୁ ପରିବାର ଲୋକଙ୍କ ମନରେ ଖୁସି ଭରି ଦେଇଛି।

## ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଧର୍ମଶାଳା,୧୯।୨(ସମିସ): ପବିତ୍ର ଶିବରାତ୍ରୀ ଏବଂ ମା' ତାରିଣୀ ଦେବୀ ଓ ପାର୍ବତୀ ଦେବୀଙ୍କ ବାର୍ଷିକ ଜନ୍ମୋତ୍ସବ ଅବସରରେ ଧର୍ମଶାଳା ବ୍ଲକ୍ ଚୋରମୁହାଁ ଗ୍ରାମସ୍ଥିତ ବାବା ଅଗ୍ନେଶ୍ୱର ମାହଦେବଙ୍କ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୧୬ ତାରିଖରେ ଅଧିବାସ ହେଇଥିବା ବେଳେ ୧୭ ତାରିଖ ପ୍ରାତଃରୁ ମାହାମନ୍ତ୍ର ନାମଯଜ୍ଞ ଅରମ୍ଭ ହୋଇ ୧୮ ତରିଖରେ ଉଦ୍‌ଯାପିତ ହେବା ସହିତ ନଗର ଭ୍ରମଣ କରଯାଇଥିଲା। ଏହି ନାମଯଜ୍ଞରେ ଚୋରମୁହାଁ ସମେତ ସିହା, ବନମାଳୀପୁର, କାଏମା ନାଉପାଳ, ନରସିଂହପୁର, ବାଲିଗରି, ନିହଲପ୍ରସାଦ, ବାଲିଆପାଟ ନଗଡ଼ାସାହି, ଚହାଟା ଗ୍ରାମର ସଂକୀର୍ତ୍ତନମଣ୍ଡଳୀ ସାମିଲ ହୋଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଈଶ୍ୱର ବେହେରା, ସୁବାଷ ଦାସ, ଦଶରଥ ନାଥ, ରଞ୍ଜନ ମହାନ୍ତି, ଅଜୟ ଦାସ, ମହେଶ୍ୱର ବେହେରା, ମକରଧ୍ୱଜ ବେହେରା, ରମେଶ ଦାସ, ନାରାୟଣ ମହାରଣା ସମେତ ଚୋରମୁହାଁ ଗ୍ରାମର ଅଧିବାସୀମାନେ ପରିଚାଳନା କରିବାରେ ସହାୟତା କରିଥିଲେ।



## ଐତିହାସିକ ବରୁଆଁ ମାହଲ ମେଳଣ ପ୍ରସ୍ତୁତି

ବରୁଆଁ,୧୮।୨(ସମିସ): ଯାଜପୁର ବ୍ଲକ୍‌ର ବରୁଆଁ ସ୍ଥିତ ରାଧଗୋପିନାଥଜିଉ ମନ୍ଦିର ପ୍ରାଙ୍ଗଣରେ ଚୌଧୁରୀ ସତ୍ୟସୁନ୍ଦର ମହାପାତ୍ରଙ୍କ ସଭାପତିତ୍ୱରେ ସର୍ବପୁରାତନ ଐତିହାସିକ ବରୁଆଁ ମାହାଲ ମେଳଣ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଚଳିତ ବର୍ଷ ମାର୍ଚ୍ଚ ୨ ତାରିଖ ସନ୍ଧ୍ୟାରେ ଆରମ୍ଭ ହୋଇ ୩ ତାରିଖ ଦୋଳପୂର୍ଣ୍ଣିମା ଦିନ ଅପରାହ୍ନରେ ଉଦ୍‌ଯାପନ ହେବ ବୋଲି ମେଳଣ ପରିଚାଳନା କମିଟି ପକ୍ଷରୁ ପ୍ରକାଶ। ଏହି ବୈଠକରେ ୫୨ ଖଣ୍ଡ ମୌଜାର ଠାକୁର ବାଡ଼ିର ପ୍ରତିନିଧି ଓ ପରିଚାଳନା କମିଟି କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଆଲୋଚନା କରାଯାଇ ବିଭିନ୍ନ ପ୍ରସ୍ତାବ ଗୃହୀତ ହୋଇଥିଲା। ମେଳଣକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଲିଖିତ ଭାବେ ଜଣାଇ ସମସ୍ତ ପ୍ରକାର ସହଯୋଗ କାମନା କରାଯିବ। ଠାକୁରମାନଙ୍କ ବିମାନ ପଡ଼ିଆରେ ପହଞ୍ଚିବା ଠାରୁ ନିଜ ନିଜର ଚାନ୍ଦିନୀରେ ବିଜେ କରିବା ପର୍ଯ୍ୟନ୍ତ କମିଟି କର୍ମକର୍ତ୍ତା ଓ ପୁଲିସ ଉପସ୍ଥିତ ରହି ଶୃଙ୍ଖଳା ରକ୍ଷା କରିବେ। ମେଳଣ ପୂର୍ବରୁ ଠାକୁର ମାନଙ୍କ ବିଜେସ୍ଥଳୀକୁ ଆବଶ୍ୟକୀୟ ମରାମତି କରିବା, ମାର୍ଚ୍ଚ ୨ ଓ ୩ ତାରିଖ ଦୁଇ ଦିନ ପର୍ଯ୍ୟନ୍ତ ଆଖପାଖ ମଦ ଦୋକାନ ଓ ବାର୍‌କୁ ବନ୍ଦ୍ ରଖିବା ପାଇଁ ପ୍ରଶାସନକୁ ଅନୁରୋଧ କରାଯିବ, ମେଳଣ ପଡିଆକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାକୁ ପରିଷ୍କାର ପରିଚ୍ଛନ୍ନ କରିବା ସହ ବିମାନ ବିଜେ ସମୟରେ ପଥରୋଧ ନକରିବା ପାଇଁ ପରାମର୍ଶ ଦିଆଯାଇଛି। ନୂତନ ଭାବେ ବରହମ୍‌ପୁରର ଶ୍ରୀଶ୍ରୀ ରାଧା ବୃନ୍ଦାବନଚନ୍ଦ୍ରଜିଉଙ୍କୁ ମେଳଣ କମିଟି ପକ୍ଷରୁ ବରଣି କରାଯିବା ସହ ସ୍ୱାଗତ କରାଯାଇଛି। ବୈଠକରେ ସମସ୍ତ ଠାକୁର ବାଡ଼ିର କର୍ମକର୍ତ୍ତା ବ୍ରଜ କିଶୋର ପାଢୀ, କୁଞ୍ଜ ବିହାରୀ ରାୟ, ସଚ୍ଚିଦାନନ୍ଦ ବିଶ୍ୱାଳ, ରମେଶ ଚନ୍ଦ୍ର ମିଶ୍ର, ସୂର୍ଯ୍ୟନାରାୟଣ ମିଶ୍ର, ଜିତେନ୍ଦ୍ର ବିଶ୍ୱାଳ, ପରମାନନ୍ଦ ସାହୁ, ଲକ୍ଷ୍ମୀଧର ସାହୁ, ହୃଷୀକେଶ ମାନ୍ଧାତା, ଶ୍ରୀଧର ସାହୁ, ବଳରାମ ପତି, ଗୌରାଙ୍ଗ ନାୟକ, ରଜନୀକାନ୍ତ ବିଶ୍ୱାଳ, ଅଶୋକ ମହାନ୍ତି, ଅଶ୍ୱିନୀ ବିଶ୍ୱାଳ, ବିପିନ୍ ବିହାରୀ ନାୟକ, ଚିତ୍ତରଞ୍ଜନ ପଣ୍ଡା, ସତ୍ୟରଞ୍ଜନ ବାରିକ, କରୁଣାକର ଲେଙ୍କା, ସତ୍ୟବ୍ରତ ନାୟକ, ଶାନ୍ତନୁ ନାୟକ, ଅନନ୍ତ ନାୟକ, ପ୍ରବାଳ ନାୟକ, ମନ୍ମଥ ନାୟକ, ଦିବ୍ୟରଞ୍ଜନ ମହାନ୍ତି, ଗଣେଶ ପଣ୍ଡା, ତ୍ରିଲୋଚନ ନାୟକ, ସଂଗ୍ରାମ କେଶରୀ ନାୟକ, ଅମରେଶ ପାଢ଼ୀ, ଅଖିଳେନ୍ଦ୍ର ମହାନ୍ତି, ଘନଶ୍ୟାମ ବାରିକ୍, ଭରତ ରାୟ, ବିଶ୍ୱଭୂଷଣ ଜେନା, ବିଜୟର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ବିଞ୍ଝାରପୁରର ୧୪ କେନ୍ଦ୍ରରେ ୪୯ ଛାତ୍ରଛାତ୍ରୀ ଅନୁପସ୍ଥିତ

ବିଞ୍ଝାରପୁର,୧୯।୨(ସମିସ): ସାରା ରାଜ୍ୟରେ ଗୁରୁବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ଚଳିତ ବର୍ଷ ବିଞ୍ଝାରପୁର ଶିକ୍ଷାମଣ୍ଡଳରେ ଏହି ବ୍ଲକ୍ ଅଧୀନରେ ଥିବା ଅଙ୍ଗାଲୋ ହାଇସ୍କୁଲ, ଅଙ୍ଗାଲୋ ଏସି ହାଇସ୍କୁଲ, ଫଳପୁର, ବିସିଜେ ହାଇସ୍କୁଲ ଜରି, ବରୁଣେଇ ହାଇସ୍କୁଲ ଫତେପୁର, ବାରୁଣେଶ୍ୱର ହାଇସ୍କୁଲ, ଅରେଇ, ବ୍ରଜସୁନ୍ଦର ସରକାରୀ ହାଇସ୍କୁଲ ସୟଦପୁର, ଜିସି ହାଇସ୍କୁଲ ଆଉଁରୀ, ଆର୍‌ସି ହାଇସ୍କୁଲ ତାଉଁନ୍ତରା, ରଙ୍ଗାଧର ହାଇସ୍କୁଲ କଣ୍ଟିପୁର, ଏସ୍‌ଜି ହାଇସ୍କୁଲ କପିଳା, ସିଂହପୁର ହାଇସ୍କୁଲ, ସିଂହପୁର, ଶ୍ରୀବନ୍ତ ହାଇସ୍କୁଲ, କଲ୍ୟାଣପୁର, ତାଳବନ୍ଧ ସରକାରୀ ହାଇସ୍କୁଲ, ତଳବନ୍ଧ ଓ ଉତ୍ତଙ୍ଗରା ହାଇସ୍କୁଲ, ଉତ୍ତଙ୍ଗରା ମୋଟ ୧୪ଟି ଉଚ୍ଚବିଦ୍ୟାଳୟରେ କଡା ସୁରକ୍ଷା ବଳୟରେ ପରିକ୍ଷା ଆରମ୍ଭ ହୋଇଛି। ଏହି ପରୀକ୍ଷା କେନ୍ଦ୍ରଗୁଡ଼ିକରେ ପର୍ଯ୍ୟାପ୍ତ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଥିବାବେଳେ ଆବଶ୍ୟକ ମୌଳିକ ସୁବିଧା, ପାନୀୟ ଜଳ ଓ ବିଦ୍ୟୁତ୍ ବ୍ୟବସ୍ଥା କରାଯାଇଛି। ଚଳିତବର୍ଷ ପ୍ରଥମଥର ପାଇଁ ସମସ୍ତ ୧୪ଟି କେନ୍ଦ୍ରରେ ଏ.ଆଇ କ୍ୟାମେରା ସ୍ଥାପନ କରାଯାଇଥିବାରୁ ବିଦ୍ୟାଳୟ ନିକଟରେ ଗହଳଚହଳ ଦେଖିବାକୁ ମିଳି ନ ଥିଲା। ତେବେ ପ୍ରଥମ ଦିନ ପରୀକ୍ଷା ଶାନ୍ତି ଶୃଙ୍ଖଳାର ସହିତ ଶେଷ ହୋଇଥିଲା ବେଳେ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ମୋଟ ୪୯ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିବାର ନୋଡାଲ ଅଧିକାରୀ ସାଗରିକା ନାଥ ସୂଚନା ଦେଇଛନ୍ତି।

## ୨୫ରେ କଳିଙ୍ଗନଗର ବୁଲେଟିନ୍‌ର ସ୍ୱନକ୍ଷତ୍ର

ବ୍ୟାସନଗର,୧୮।୨(ସମିସ): ବ୍ୟାସନଗରରୁ ପ୍ରକାଶ ପାଉଥିବା ମାସିକ ସମ୍ବାଦପତ୍ର କଳିଙ୍ଗନଗର ବୁଲେଟିନର ୧୪ତମ ସ୍ୱନକ୍ଷତ୍ର ସମାରୋହ ଆସନ୍ତା ୨୫ ତାରିଖ ବୁଧବାର ଅପରାହ୍ନ ୪ ଘଟିକା ସମୟରେ ହୋଟେଲ ବ୍ରାହ୍ମଣୀ ପରିସରରେ ଅନୁଷ୍ଠିତ ହେବ। ରାଜ୍ୟ ସମବାୟ ମନ୍ତ୍ରୀ ଡ. ପ୍ରଦୀପ ବଳସାମନ୍ତ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବାକୁ ଥିବାବେଳେ ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସନାୟକ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ସନ୍ଦୀପ ସାହୁ, ସମ୍ମାନିତ ଅତିଥି ଭାବେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, ବ୍ୟାସନଗର ପୌର ପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ ପ୍ରମୁଖ ଯୋଗଦେବାକୁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି ଅବସରରେ ୯ ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଉତ୍ସବର ସଫଳତା ପାଇଁ ବୁଲେଟିନ ସମ୍ପାଦକ ହାରାଧନ ବାନାର୍ଜୀ, ସହଯୋଗୀ ସମ୍ପାଦକ ଶରତ ପଥାଳ, ବରିଷ୍ଠ ସହ ସମ୍ପାଦକ ରବି ନାରାୟଣ କର ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

## ପୂର୍ବକୋଟ ବିଦ୍ୟାଳୟର ବାର୍ଷିକୋତ୍ସବ

କୋରେଇ,୧୮।୨(ସମିସ): କୋରେଇ ବ୍ଲକ କନ୍ତୋର ପଞ୍ଚାୟତ ପୂର୍ବକୋଟ ସରକାରୀ ଉପ୍ରା ବିଦ୍ୟାଳୟର ଚତୁର୍ଥତମ ବର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅଶୋକ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ସୋମବାର ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପାଣିକୋଇଲି ଥାନା ଅଧିକାରୀ ରଞ୍ଜିତ ମହାନ୍ତି, ସମ୍ମାନିତ ଅତିଥି ଏବିଇଓ ବିଜୟ କୁମାର ମଲ୍ଲିକ, ସିଆର୍‌ସିସି ପ୍ରଭାକର ଜେନା, ବରିଷ୍ଠ ଶିକ୍ଷାବିତ ମଦନମୋହନ କର, ଶିକ୍ଷକ ନେତା ବିଜୟ କୁମାର ନାୟକ, ବିଜୟ କୁମାର ଶତପଥୀ, ନୃସିଂହ ନାରାୟଣ ମିଶ୍ର ଓ ରମେଶ ଚନ୍ଦ୍ର ସାହୁ, ପରିଚାଳନା କମିଟି ଅଧ୍ୟକ୍ଷ ସଞ୍ଜୟ ପେରାଇ, ସମାଜସେବୀ ମାୟାଧର ନାୟକ, ଶିକ୍ଷାବିତ ସୁଶାନ୍ତ କୁମାର ନାୟକ, ସାମ୍ବାଦିକ ପବିତ୍ର ମୋହନ ରାଉତ ରାୟ ଓ କବି ସଂଘମିତ୍ରା ଭୂତିଆ ପ୍ରମୁଖ ଯୋଗଦେଇଥିଲେ। ଏହି ବିଦ୍ୟାଳୟ ରେ ଶିକ୍ଷକତା କରି ପରେ ଅବସର ନେଇଥିବା ଶିକ୍ଷକ ଙ୍କୁ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପଦକ ଓ ପ୍ରତିଭା ପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ସୁଶାନ୍ତ କୁମାର ବାହାଲିଆ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ବିଦ୍ୟୁଭୂଷଣ ମହାପାତ୍ର, ବାବୁଲି ଚରଣ ଜେନା, ନଗେନ୍ଦ୍ର ଖଟୁଆ, ଭଗବାନ ନାୟକ, ଶିକ୍ଷୟିତ୍ରୀ ନମିତା ଜେନା, କଳ୍ପନା ନାୟକ ଓ ଶାନ୍ତିଲତା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

ଯାଜପୁର ଟାଉନ,୧୮।୨(ସମିସ): ଯାଜପୁର ବ୍ଲକ ଅନ୍ତର୍ଗତ କଲେଜ ଛକ ନିକଟରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୩୨ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ବିଦ୍ୟାଳୟର ସଭାପତି ଗଣେଶ୍ୱର ସାମନ୍ତ ଅଧ୍ୟକ୍ଷତାରେ ପରିଚାଳିତ ମଞ୍ଚରେ ପ୍ରଧାନ ଆଚାର୍ଯ୍ୟ ଅରୁଣ କୁମାର ଦୋବାଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ରୂପେ ଅବସରପ୍ରାପ୍ତ କୁଳପତି କୁମରବର ଦାସ, ମୁଖ୍ୟବକ୍ତା ରୂପେ ଉତ୍ତରପୂର୍ବ ସମ୍ଭାଗ ସଭାପତି ଶିବନାରାୟଣ ସିଂ ଯୋଗ ଦେଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଉଦ୍‌ଘାଟନୀ ସଭାରେ ସମ୍ପାଦକ ଡା. ନିତ୍ୟାନନ୍ଦ ମିଶ୍ର, ଯୁଗ୍ମ ସମ୍ପାଦକ ସମୀର ରଞ୍ଜନ ନାୟକ ଓ ଉପସଭାପତି ଗିରିଧାରୀ ନନ୍ଦ ଉପସ୍ଥିତ ଥିଲେ। ବିଦ୍ୟାଳୟର ବାର୍ଷିକ ପତ୍ରିକା ଶ୍ୱେତ ଗଙ୍ଗା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁସ୍ମିତା ଦାସ ପରିଚାଳନା କରିଥିଲେ ଏବଂ ସମସ୍ତ ଗୁରୁଜୀ ଗୁରୁମା ସଭାକାର୍ଯ୍ୟରେ ସହାୟତା କରିଥିଲେ।

# ବିଦ୍ୟାଳୟରେ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଯାଜପୁର,୧୮।୨(ସମିସ)

ଜିଲ୍ଲା ପ୍ରଶାସନ ଓ ରୁଚିକା ସମାଜ ମଙ୍ଗଳ ସଂଗଠନ ମିଳିତ ସହଯୋଗରେ ହରିସାମନ୍ତ ଉଚ୍ଚ ବିଦ୍ୟାଳୟରେ ଶିଶୁମାନଙ୍କର ଯୌନ ସୁରକ୍ଷା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଆଜିକାଲି ଯୌନ ଅପରାଧ ଓ କିଶୋରୀ ମାତୃତ୍ୱ ବଢ଼ିବାରେ ଲାଗିଛି। ଏସବୁକୁ ନିୟନ୍ତ୍ରଣ କରିବା ସହ ଶିଶୁମାନେ କିପରି ସୁରକ୍ଷା ବଳୟ ଭିତରେ ରହିପାରିବେ, ସେହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ଜିଲ୍ଲା ସଂଯୋଜିକା ଶୁଭସ୍ମିତା ମହାନ୍ତି ସ୍ୱାଗତ ଜଣାଇବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ କହିଥିଲେ। ଶିଶୁ ସୁରକ୍ଷା ସମିତିର ସଦସ୍ୟ ତପନ କୁମାର ପାତ୍ର ଶିଶୁ ଅଧିକାର ଓ ନିରାପତ୍ତା ବିଷୟରେ ଆଲୋକପାତ କରିଥିଲେ। ଶିଶୁ ସୁରକ୍ଷା କମିଟିର ଅଧ୍ୟକ୍ଷା ରେକ୍ସୋନା ଜେନା କିଶୋରୀ ମାତୃତ୍ୱର ପ୍ରଭାବ କିପରି ପଡୁଛି, ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ




କ୍ଷେତ୍ରରେ କ'ଣ ସମସ୍ୟା ସୃଷ୍ଟି ହେଉଛି, ସେ ସବୁ ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଓକିଲ ପାର୍ଥ ସାରଥି ରାୟ ଶିଶୁ ଯୌନ ଅପରାଧ ଓ ଏହା ସମ୍ବନ୍ଧୀୟ ଆଇନ୍ ବ୍ୟବସ୍ଥା ସମ୍ପର୍କରେ ଉଦାହରଣ ଦେଇ ଆଲୋଚନା କରିଥିଲେ। ପରେ ରୁଚିକା ସମାଜ ମଙ୍ଗଳ ସଂଗଠନର ଜିଲ୍ଲା ସଂଯୋଜିକା ଶୁଭସ୍ମିତା ମହାନ୍ତି କିପରି ଖେଳ ଓ ଚିତ୍ର ମାଧ୍ୟମରେ ଆମେ ପିଲାମାନଙ୍କୁ କାଉନସେଲିଂ କରି ସେମାନଙ୍କ ଉପରେ ଘଟୁଥିବା ସମସ୍ୟାଗୁଡ଼ିକୁ ଚିହ୍ନଟ କରି ପାରିବା, ସେ ସବୁ ଉପରେ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ପିଲାମାନଙ୍କ ସହ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରାୟ ୫୦ ରୁ ଅଧିକ ଉର୍ଦ୍ଧ୍ୱ ବ୍ୟକ୍ତି ଯୋଗ ଦେଇଥିଲେ। ପରିଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣୀ ସାମଲ ଏହି ସଚେତନତା କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ସବୁବେଳେ ଏହି ଭଳି କାର୍ଯ୍ୟକ୍ରମ ସ୍ୱାଗତ ଯୋଗ୍ୟ ବୋଲି କହିଥିଲେ ଓ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏଥିରେ ଶିଶୁ ସୁରକ୍ଷା କମିଟିର ଅଧ୍ୟକ୍ଷା ରେକ୍ସୋନା ଜେନା, ଓକିଲ ପାର୍ଥ ସାରଥୀ ରାୟ, ସୁରକ୍ଷା ଅଧିକାରୀ ତପନ କୁମାର ପାତ୍ର, ହରିସାମନ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣୀ ସାମଲ, ରୁଚିକାର ଜିଲ୍ଲା ସଂଯୋଜିକା ଶୁଭସ୍ମିତା ମହାନ୍ତି, ଚାଇଲ୍ଡ ହେଲ୍ପ ଲାଇନର ସଦସ୍ୟ ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ରୁଚିକାର ସଦସ୍ୟା ସ୍ୱର୍ଣ୍ଣମ ରତ୍ନପର୍ଣ୍ଣା ବଳ, ସୋନାଲି ସାହୁ, ସସ୍ମିତା ସାହୁ ଓ ଚାଇଲ୍ଡ ହେଲ୍ପ ଲାଇନର ସଦସ୍ୟ ପରିଚାଳନା କରିଥିଲେ।

## ଆରମ୍ଭ ହେଲା ମାଟ୍ରିକ୍ ପରୀକ୍ଷା

# ୨୧, ୭୮୦ ଉପସ୍ଥିତ, ୪୫୪ ପରୀକ୍ଷାର୍ଥୀ ଅନୁପସ୍ଥିତ

**ଭଦ୍ରକ, ୧୯।୨(ସମିସ)**

ଗୁରୁବାରଠାରୁ ଆରମ୍ଭ ହୋଇଛି ମାଟ୍ରିକ୍ ପରୀକ୍ଷା। ଜିଲ୍ଲାର ୧୧୫ଟି ପରୀକ୍ଷାକେନ୍ଦ୍ରରେ ହୋଇଥିବା ପ୍ରଥମ ଦିନ ଓଡ଼ିଆ ପରୀକ୍ଷାରେ ୨୧ ହଜାର ୭୮୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ମୋଟ୍ ୪୫୪ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାଯାଇଛି।

ସୂଚନାଯୋଗ୍ୟ, ଚଳିତ ବର୍ଷ ଜିଲ୍ଲାର ୭ଟି ବ୍ଲକର ୩୪୮ଟି ହାଇସ୍କୁଲର ମୋଟ୍ ୨୨ ହଜାର ୮୧୯ ଜଣ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଥିଲେ। ସେହିଭଳି ମଧ୍ୟମା ସଂସ୍କୃତ ପରୀକ୍ଷାରେ ୨୯୩, ମୁକ୍ତ ବିଦ୍ୟାଳୟ ୧୪୦, ସିସିପତ୍ର(କରେସପଣ୍ଡେନ୍ସ କୋର୍ସ)ରେ ୨୪ଜଣ ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଥିଲେ। ଜିଲ୍ଲାରେ ଏଥର ୧୧୫ଟି ପରୀକ୍ଷା କେନ୍ଦ୍ର ଓ ଗୋଟିଏ ମୁକ୍ତ ବିଦ୍ୟାଳୟ କେନ୍ଦ୍ର ବା ଏସ୍ଆଇଓଏସ୍ (ଟେଣ୍ଟା ଆସୋସିଏଟ୍ ହାଇସ୍କୁଲ)ରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଗୁରୁବାର ପ୍ରଥମ ଦିନ ପରୀକ୍ଷାରେ କେହି କପି କରି ଧରାପଡ଼ି ନ ଥିବା ଜଣାପଡ଼ିଛି। ପରୀକ୍ଷା ଶାନ୍ତି ଶୃଙ୍ଖଳାର ସହ ଚାଲିଥିବା ଜଣାପଡ଼ିଛି।



ମୈତ୍ରୀ ସରକାରୀ ଉଚ୍ଚ ବିଦ୍ୟାପୀଠଠାରେ ୩୩୮ରୁ ୩୩୭, ଗିରିଧାରୀ ପଣ୍ଡା ଉଚ୍ଚ ବିଦ୍ୟାପୀଠ ମଞ୍ଜୁରୀରୋଡ଼ଠାରେ ୩୩୭ରୁ ୩୩୦, ଶୁକଦେବ ଜେନା ସରକାରୀ ଉଚ୍ଚ ବିଦ୍ୟାଳୟ ବାଲିପୋଖରୀଠାରେ ୩୩୧ରୁ ୩୩୦, ରହଣିଆ ପିବେମ୍ଶ୍ରୀ ହାଇସ୍କୁଲଠାରେ ୧୪୯, ନଗଙ୍ଗ ଚଣ୍ଡିମାତା ହାଇସ୍କୁଲଠାରେ ୧୬୭ରୁ ୧୬୫, ଯଶୋଟିକିରି ସୁବର୍ଣ୍ଣମୁଖୀ ହାଇସ୍କୁଲ କେନ୍ଦ୍ରଠାରେ ୧୬୮ରୁ ୧୬୩ ଜଣ ପରୀକ୍ଷା ଦେଇଛନ୍ତି। ସେହିଭଳି ସୁବର୍ଣ୍ଣମୁଖୀ ଉଚ୍ଚ ବିଦ୍ୟାଳୟଠାରେ ୩୦ ଜଣ ମଧ୍ୟମା ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୫ ଜଣ ପରୀକ୍ଷା ଦେଇଛନ୍ତି। ମୋଟ୍ ଉପରେ ୧୫୫୦ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୪୮ ଜଣ ଅନୁପସ୍ଥିତ ରହିଛନ୍ତି। ଶାନ୍ତି ଶୃଙ୍ଖଳାର ସହିତ ପରୀକ୍ଷା ଶେଷ ହୋଇଥିବାବେଳେ ପ୍ରଶ୍ନ ଉତ୍ତର ଖାତାଗୁଡ଼ିକୁ ନୋଡାଲ ସେଣ୍ଟରରେ କଡ଼ା ସୁରକ୍ଷା ମଧ୍ୟରେ ରଖାଯାଇଛି।

### ଭଣ୍ଡାରିପୋଖରୀ/ବାରିକପୁର

ଭଣ୍ଡାରିପୋଖରୀ ନୋଡାଲ କେନ୍ଦ୍ର ତଥା ହାଇସ୍କୁଲକୁ ମିଶାଇ ବ୍ଲକର ୯ଟି କେନ୍ଦ୍ରରେ ଗୁରୁବାର ଶାନ୍ତି ଶୃଙ୍ଖଳାର ସହିତ ମାଟ୍ରିକ୍ ପରୀକ୍ଷା ଶେଷ ହୋଇଛି। ପ୍ରଥମ ଦିନରେ ଛାତ୍ରଛାତ୍ରୀମାନେ ମାତୃଭାଷା ଓଡ଼ିଆରେ ପରୀକ୍ଷା ଦେଇଛନ୍ତି। ସକାଳ ୭.୩୦ରୁ ୮.୩୦ ମଧ୍ୟରେ ବିଦ୍ୟାର୍ଥୀମାନେ କେନ୍ଦ୍ରରେ ପହଞ୍ଚିଥିବା ବେଳେ ୯ଟାରୁ ପରୀକ୍ଷା ଆରମ୍ଭ ହୋଇ ୧୧.୩୦ରେ ଶେଷ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ଭଣ୍ଡାରିପୋଖରୀ ହାଇସ୍କୁଲଠାରେ ୨୨୨ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଓଡ଼ିଆ ବିଷୟରେ ୨୧୬ ଜଣ ପିଲା ପରୀକ୍ଷା ଦେଇଛନ୍ତି। ସେହିପରି ସରସଦା ହାଇସ୍କୁଲଠାରେ ୧୯୬ରୁ ୧୮୬, ବାରିକପୁର ହାଇସ୍କୁଲଠାରେ ୩୩୫ରୁ ୩୨୭, ବିଶୋଇ-କୁଳଣା

### ଅସୁରାଳି

ଧୁଷୁରୀ ମୁରଲୀଧର ହାଇସ୍କୁଲ ନୋଡାଲ ସେଣ୍ଟର ଅଧୀନରେ ୧୯୯୮ ଜଣ ପରୀକ୍ଷାର୍ଥୀ ୧୧ଟି କେନ୍ଦ୍ରରେ ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ଧୁଷୁରୀ ମୁରଲୀଧର ହାଇସ୍କୁଲରେ ୧୫୯, ଧୁଷୁରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୪୫, ଗୋପବନ୍ଧୁ ନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୩୮, ନବାଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୬୪, କୋଠାର ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୯୬, ଉତ୍କଳମଣି ବିଦ୍ୟାପୀଠ ବନ୍ଧଟିଆରେ ୧୧୯, ଅସୁରାଳି ହାଇସ୍କୁଲରେ ୧୮୨, ସହିଦ ନଗର ମୁକ୍ତ ହାଇସ୍କୁଲରେ ୨୪୦, ମଠହିଂ ହାଇସ୍କୁଲରେ ୧୩୬, ଆଖଣ୍ଡଳମଣି ଉଚ୍ଚ ବିଦ୍ୟାଳୟ (ଆଡ଼ି)ରେ ୧୫୩, ବେତାଳିଙ୍ଗ ବାପୁଜୀ ହାଇସ୍କୁଲ (ମହତାବନଗର)ରେ ୨୬୬ ମୋଟ୍ ୧୯୯୮ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଥିବାବେଳେ ପ୍ରଥମ ଦିନ ସାହିତ୍ୟ ପରୀକ୍ଷା ଦେଇଥିଲେ ୧୯୭୧ ଜଣ। ୨୭ ଜଣ ଅନୁପସ୍ଥିତ ଥିବା ଜଣାପଡ଼ିଛି। ସଂସ୍କୃତ ମଧ୍ୟମା ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜଣେ ଅନୁପସ୍ଥିତ ଥିବା ସୂଚନା ମିଳିଛି। ପ୍ରଥମ ଦିନର ପରୀକ୍ଷା ପରେ ଛାତ୍ରଛାତ୍ରୀମାନେ ଖୁସିରେ ବାହାରି ଥିଲେ। ସେମାନଙ୍କ କହିବା ଅନୁସାରେ ପ୍ରଶ୍ନପତ୍ର ସହଜ ଥିଲା, ଭଲ ମାର୍କ ଆସିବ ବୋଲି ଆଶା କରୁଛନ୍ତି।



### ଦୋଲସାହି

ରାଜ୍ୟ ସରକାରଙ୍କ ପକ୍ଷରୁ ସାରା ରାଜ୍ୟରେ ଗୁରୁବାରଠାରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହୋଇଛି। ତିହିଡ଼ି ବ୍ଲକରେ ୪୧ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିବା ଜଣାଯାଇଛି। ତିହିଡ଼ି ବ୍ଲକରେ ଦଶମ ଶ୍ରେଣୀରେ ୨୯୩୬ ଜଣ ପାଠ ପଢୁଥିବାବେଳେ ୨୮୯୫ ଜଣ ମାଟ୍ରିକ୍ ପରୀକ୍ଷା ଦେଉଥିବା ବେଳେ ୪୧ ଜଣ ଅନୁପସ୍ଥିତ ଥିବା ଜଣାଯାଇଛି। ଏହି ବ୍ଲକରେ ୧୪ଟି ଉଚ୍ଚ ବିଦ୍ୟାଳୟରେ ଗୁରୁବାରଠାରୁ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେଉଥିବାବେଳେ ଦୋଲସାହି ରାମନାରାୟଣ ଉଚ୍ଚ ବିଦ୍ୟାଳୟରେ ୨ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ସୂଚନା ଦେଇଛନ୍ତି ରାମନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଧୀର କୁମାର ତରାଇ। ସେହିପରି ଏହି ବ୍ଲକରେ ମଧ୍ୟମା ପରୀକ୍ଷା ପାଇଁ ଆବେଦନ କରିଥିବା ୧୮ ଜଣ ଛାତ୍ରଛାତ୍ରୀ ସମସ୍ତେ ପରୀକ୍ଷା ଦେଉଥିବା ଜଣାପଡ଼ିଛି।

## ମିଳୁନି ଗ୍ୟାସ୍ ସିଲିଣ୍ଡର; ଗ୍ରାହକ ହନ୍ତସନ୍ତ



**ଭଦ୍ରକ, ୧୯।୨(ସମିସ):** ଭଦ୍ରକରେ ଗତ କିଛି ମାସ ହେବ ଘରୋଇ ଗ୍ୟାସ୍ ସିଲିଣ୍ଡର ପାଇବାରେ ହନ୍ତସନ୍ତ ହେଉଛନ୍ତି ଉପଭୋକ୍ତା। ଗ୍ୟାସ୍ ବୁକିଂ କରିବାର ୨୦ରୁ ୨୫ ଦିନ ପରେ ବି ମିଳୁନି ଗ୍ୟାସ୍। ଏପରିକି ଗ୍ୟାସ୍ ବୁକିଂ କରିବାର କିଛି ଦିନ ପରେ ଆପେ ଆପେ ବୁକିଂ ରଦ୍ଦ ମଧ୍ୟ ହୋଇଯାଉଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଶୁଣିବାକୁ କେହି ନାହାଁନ୍ତି। ଏପରି ଅଭିଯୋଗ ଆଣିଛନ୍ତି ଭଦ୍ରକ ସହରବାସୀ। ଭଦ୍ରକ ସହର ଓ ଏହାର ଆଖପାଖ ଅଞ୍ଚଳରେ ଗ୍ୟାସ୍ ବଣ୍ଟନ ଦାୟିତ୍ୱରେ ରହିଛି ଜଗନ୍ନାଥ ଗ୍ୟାସ୍ ଏଜେନ୍ସି। ମାତ୍ର ବିଗତ କିଛି ମାସ ହେବ ଗ୍ରାହକ ଆବଶ୍ୟକୀୟ ସମୟରେ ଗ୍ୟାସ୍ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଗ୍ୟାସ୍ ବୁକିଂ କରିବା ପରେ ଦିନ ପରେ ଦିନ ବିତି ଯାଉଥିଲେ ମଧ୍ୟ ଗ୍ରାହକଙ୍କୁ ଗ୍ୟାସ୍ ମିଳୁ ନ ଥିବା ଅଭିଯୋଗ ହୋଇଛି। ବାହାରେ କଳାବଜାରରେ ଯାହାକୁ ଯେତେ ଗ୍ୟାସ୍ ମିଳୁଥିବାବେଳେ ସାଧାରଣ ଉପଭୋକ୍ତାଙ୍କୁ ଗ୍ୟାସ୍ କାହିଁକି ମିଳୁନାହିଁ ବୋଲି ଗ୍ରାହକ ପ୍ରଶ୍ନ ଉଠାଇଛନ୍ତି। ଗ୍ୟାସ୍ ଯୋଗାଣକାରୀ ସଂସ୍ଥା ଓ ବିଭାଗୀୟ ଅଧିକାରୀ ଏଥିପ୍ରତି ତୁରନ୍ତ ଧ୍ୟାନ ଦେବାକୁ ଦାବି ହୋଇଛି।

## ୨୦୦ ବର୍ଷର ପାରମ୍ପରିକ ଅଷ୍ଟପ୍ରହରୀ ନାମଯଜ୍ଞ



**ଅସୁରାଳି, ୧୯।୨(ସମିସ):** ବମକୁରା ପଞ୍ଚାୟତର ବନ୍ଧସାହିରେ ନିତାଇଗୌର କୀର୍ତ୍ତନ କମିଟି ତରଫରୁ ଦୀର୍ଘ ୨୦୦ ବର୍ଷ ଧରି ପାରମ୍ପରିକ ଅଷ୍ଟପ୍ରହରୀ ନାମଯଜ୍ଞ ଆୟୋଜିତ ହୋଇଆସୁଛି। ଏହି ଯଜ୍ଞ ଦୁଇ ଦିନ ଧରି ଚାଲିଥାଏ ଓ ସମଗ୍ର ଗ୍ରାମକୁ ଆଧ୍ୟାତ୍ମିକତାର ପୀୟୂଷରେ ଲୀନ କରିଦେଇଥାଏ। ଦୁଇଦିନ ଧରି ପ୍ରସାଦସେବନ ବ୍ୟବସ୍ଥା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅପେରା ଆୟୋଜିତ ହୋଇଥାଏ। ଏଠାରେ ଅନେକ ଶ୍ରଦ୍ଧାଳୁ ଓ ଭକ୍ତ ଏକତ୍ରିତ ହୋଇଥା'ନ୍ତି। କମିଟି ସଦସ୍ୟ ତଥା ସଂଯୋଜକ ଗଣେଶ ଚନ୍ଦ୍ର ମଲ୍ଲିକ, ରାଜେନ୍ଦ୍ର ମଲ୍ଲିକ, ରମେଶ ମଲ୍ଲିକ, ରବୀନ୍ଦ୍ର ମଲ୍ଲିକ, ସଞ୍ଜୟ ମଲ୍ଲିକ, ବୈରାଗୀ ମଲ୍ଲିକ, ଭାଗ୍ୟଶ୍ରୀ ମଲ୍ଲିକ ଓ ବନ୍ଧ ସାହିର ଅଧିବାସୀ ବୃନ୍ଦଙ୍କ ସହଯୋଗରେ କୀର୍ତ୍ତନଟି ଯଥାରୀତି ଓ ନୀତିନିୟମ ଅନୁସାରେ ସମ୍ପାଦିତ ହୋଇଥିଲା। ଏହି ପାରମ୍ପରିକ ଅଷ୍ଟପ୍ରହରୀ ଯଜ୍ଞ କେବଳ ଧାର୍ମିକ ଉତ୍ସବ ନୁହେଁ, ଗ୍ରାମର ସାମୂହିକ ଏକତା, ସାଂସ୍କୃତିକ ଗୌରବ ଓ ଆଧ୍ୟାତ୍ମିକ ଉନ୍ନତିର ପ୍ରତୀକ ଭାବେ ପରିଚିତ।

## ଜାହାଙ୍ଗୀର ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ




**ଦୋବଲ, ୧୯।୨(ସମିସ):** ଦୋବଲ ଜୋନ୍ ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତ ଜାହାଙ୍ଗୀର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠାନର ୧୧ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମଙ୍ଗଳବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ଏହି ସଭାରେ ଶିଶୁ ମନ୍ଦିରର ସଭାପତି ସଞ୍ଜୟ କୁମାର ମହାପାତ୍ର ସଭାପତିତ୍ୱ କରିଥିବାବେଳେ ଶିକ୍ଷାବିତ୍ ଗୌରାଙ୍ଗ ବାରିକ କାର୍ଯ୍ୟକ୍ରମକୁ ସଫଳତାର ସହ ସଞ୍ଚାଳନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ବିରଜା ପ୍ରସନ୍ନ ରାଉତ ବାର୍ଷିକ ବିବରଣୀ ପାଠ କରି ଅନୁଷ୍ଠାନର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଖଗେଶ୍ୱର ହାତୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଜିତ୍ ବେହେରା ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଆଶୋକ ନାୟକ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅଧ୍ୟାପକ କିଶୋର ପାଣିଗ୍ରାହୀ ଶିଶୁ ମନ୍ଦିରର ଶିକ୍ଷାଦାନ ପଦ୍ଧତି ଓ ସଂସ୍କାର ଉପରେ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ନିତ୍ୟାନନ୍ଦ ଘଡ଼ାଇ, ବିପିନ ବିହାରୀ ରାଉତ, ଖଗେଶ୍ୱର ତ୍ରିପାଠୀ, ଶ୍ୟାମସୁନ୍ଦର ବାରିକ, ସାମ୍ବାଦିକ ପ୍ରଦୀପ ମହାପାତ୍ର ପ୍ରମୁଖ ଯୋଗଦେଇ ଶିଶୁମାନଙ୍କର ଶୈକ୍ଷିକ ବିକାଶ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତାକର୍ଷକ ସ୍ୱାଗତ ନୃତ୍ୟ ଓ ସଙ୍ଗୀତ ଗାନ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରିଶେଷରେ ଗୁରୁମା' ଭାରତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଡିଓଙ୍କ ବିଭିନ୍ନ କାର୍ଯ୍ୟର ସମୀକ୍ଷା



**ବନ୍ତ/ଆଗରପଡ଼ା, ୧୯।୨(ସମିସ):** ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତରେ ବନ୍ତ ବ୍ଲକ ବିଡିଓ ସୀତାକାନ୍ତ ରାଉତ ଗୁରୁବାର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଥିବା ଜଣାପଡ଼ିଛି। ଗଣିଜାଙ୍ଗ ପଞ୍ଚାୟତରେ ପଞ୍ଚାୟତ ପୋଖରୀକୁ ଅମୃତ ସରୋବର କିପରି ସଠିକ୍ ଭାବରେ କାର୍ଯ୍ୟ ହେବ, ମୋ ପୋଖରୀ ଅଭିଯାନରେ ଉପଭୋକ୍ତାଙ୍କ ସହିତ କଥା ହେବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ପାଇଥିବା ଲୋକ ଅଦ୍ୟାବଧି ଘର ଆରମ୍ଭ ନ କରିବା ଓ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ତଦାରଖ କରିଥିଲେ। ସ୍ଥାନୀୟ ସରପଞ୍ଚ ରଶ୍ମିତା ସେଠୀ, ସମିତିସଭ୍ୟ ମନୋରଞ୍ଜନ ସେଠୀ, ବ୍ଲକ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶ୍ରଦ୍ଧାସୁମନ ନାଥ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ପଣ୍ଡା, ଯନ୍ତ୍ରୀ ବିକାଶ ସିଂ, ଜିଆର୍ଏସ୍ ଲିତାରାଣୀ ଦେହୁରୀ, ବ୍ଲକ ଏପିଓ, ଆଇନଜୀବୀ ଅଣାକାର ମଲ୍ଲିକ, ନୀର ପାଢ଼ୀ, ଲକ୍ଷ୍ମୀଧର ପାଗଳ ସମେତ ସମସ୍ତ ଅଧିକାରୀ ଏବଂ ପଞ୍ଚାୟତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମଣ୍ଡିରୁ ଉଠୁନି ଧାନ; ଗଜା ହେବା ଅପେକ୍ଷାରେ



**ବାରିକପୁର, ୧୯।୨(ସମିସ):** ପ୍ରାୟ ଏକ ସପ୍ତାହରୁ ଅଧିକ ସମୟ ଧରି ଭଦ୍ରକ ଜିଲ୍ଲାରେ ଏକ ପ୍ରକାର ଧାନ କ୍ରୟ ଠପ୍ ହୋଇଯାଇଛି। ଶୁଣାଯାଉଛି ଯେ, ଦୁଇ ନେତାଙ୍କ ମଧ୍ୟରେ ରାଜନୈତିକ ବିବାଦରୁ ମିଲରମାନେ ଏକ ପ୍ରକାର ଆନ୍ଦୋଳନ ଆରମ୍ଭ କରିଛନ୍ତି। ତେଣୁ କୌଣସି ମଣ୍ଡିରୁ ଧାନ ଯାଇପାରୁନାହିଁ। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକର ୧୬ଟି ମଣ୍ଡିରେ ଶହଶହ ବସ୍ତା ଧାନ ପଡ଼ିରହିଛି। ଅଦ୍ୟାବଧି ଧାନ କ୍ରୟ ୫୦ ପ୍ରତିଶତ ବି ସମ୍ପୂର୍ଣ୍ଣ ହୋଇନାହିଁ। ଆକାଶରେ ଆଜି ବାଦଲ ଭାସୁଥିବାବେଳେ କେତେବେଳେ ବି ବର୍ଷା ହୋଇପାରେ। ଖୋଲାମେଲାରେ ପଡ଼ିଥିବା ଧାନ ଏକ ପ୍ରକାର ଗଜା ହେବ ବୋଲି ସ୍ପଷ୍ଟ ହେଉଛି।

ବ୍ଲକର ତେସିଙ୍ଗା ସମିତି ସହିତ ଜଳମଣ୍ଡୁଆ, ବାଲିପୋଖରୀ, ନାଆମୀ, ରହଣିଆ, ନାରାୟଣପୁର, ମାଳଦା, ନେରଡ଼ା ପ୍ରାଥମିକ କୃଷି ସମବାୟ ସମିତି ମଣ୍ଡିରେ ବସ୍ତା ବସ୍ତା ଧାନ ମହଜୁଦ୍ ରହିଛି। ସେହିଭଳି ୮ଟି ଏସ୍ଏଚ୍ଜି ମଣ୍ଡିରେ ମଧ୍ୟ ଧାନ ଗଚ୍ଛିତ ରହିଛି। ସମ୍ପ୍ରତି ଲଘୁଚାପ କାରଣରୁ ବର୍ଷାର ସମ୍ଭାବନା ରହିଥିବାବେଳେ ଆର୍ଏମ୍ସି ପକ୍ଷରୁ ଶସ୍ୟ ସୁରକ୍ଷା ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ମଣ୍ଡିକୁ କୌଣସି ଆର୍ଏମ୍ସି କର୍ମଚାରୀ ଆସୁ ନ ଥିବାବେଳେ ଆବଶ୍ୟକୀୟ ପାଲ ମଧ୍ୟ ଯୋଗାଯାଉନାହିଁ। ଫଳରେ ଧାନ ବସ୍ତା ଖୋଲା ଆକାଶ ତଳେ ପଡ଼ିରହିଛି। ଯଦିଓ ଲଘୁଚାପର ପ୍ରଭାବ ଓଡ଼ିଶା ଉପରେ ନାହିଁ ତଥା ଉପକୂଳବର୍ତ୍ତୀ ଜିଲ୍ଲା ଭାବେ ପରିଗଣିତ ଭଦ୍ରକରେ ଯେ କେତେବେଳେ ଅସରାଏ ବର୍ଷା ନ ହେବ ତାହା କହିହେଉ ନାହିଁ। ଶସ୍ୟ ମିଲ୍କୁ ସ୍ଥାନାନ୍ତରିତ ପାଇଁ ପ୍ରଶାସନ ପକ୍ଷରୁ ଏଯାଏଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଚାଷୀମାନେ ଏବେ ଘୋର୍ ଚିନ୍ତାରେ ପଡ଼ିଛନ୍ତି। କେବଳ ଧର୍ମକୁ ଆଖିଠାର ଭଳି ଜିଲ୍ଲା ଯୋଗାଣ ଅଧିକାରୀ ଲାଲମୋହନ ପଟ୍ଟନାୟକ ଓ ତାଙ୍କ ଅଧସ୍ତନ ଅଧିକାରୀମାନେ ଗୁରୁବାର କେତୋଟି ମଣ୍ଡିକୁ ପରିଦର୍ଶନ କରି ନିଜ ଦାୟିତ୍ୱରୁ ଓହରି ଯାଇଥିବା ଭଳି ମନେ ହେଉଛି। ସୂଚନା ମୁତାବକ, ୩/୪ଟି ମଣ୍ଡିରେ ଯୋଗାଣ ଅଧିକାରୀମାନେ ପହଞ୍ଚି କେବଳ ଖାତା କଲମ ହିସାବ କରି ଫେରିଯାଇଛନ୍ତି। କାଳେ ସ୍ଥାନୀୟ ଚାଷୀମାନେ ଜାଣିଦେବେ ସେଥିପାଇଁ ଆଖି ପିଛୁଳାକେ ମଣ୍ଡିକୁ ଆସି ପୁଣି ଭଦ୍ରକ ଫେରିଥିବା ସୂଚନା ମିଳିଛି। ଅନ୍ୟ କେତୋଟି ମଣ୍ଡିକୁ ଯିବାର କାର୍ଯ୍ୟକ୍ରମ ରହିଥିଲେ ସୁଦ୍ଧା ଚାଷୀ ଆକ୍ରୋଶର ଭୟ ରହିଥିବାରୁ ଯୋଗାଣ ଅଧିକାରୀମାନେ ଗସ୍ତକୁ ଅଧାରୁ ବାତିଲ୍ କରିଛନ୍ତି। ଧାନକ୍ରୟ ପାଇଁ ପୁଙ୍ଖାନୁପୁଙ୍ଖ ବୁଝିବା ପାଇଁ ଅଧିକାରୀମାନଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ସେମାନେ କୌଣସି ଉତ୍ତର ଦେଇପାରି ନାହାନ୍ତି। ତେଣୁ ଧାନ କ୍ରୟ ବାବଦରେ ବିଭାଗୀୟ ଅଧିକାରୀଙ୍କ ସ୍ୱଚ୍ଛତା ଓ ଦକ୍ଷତାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ତରବରିଆ ଭାବେ ଅଧା ମଣ୍ଡି ବୁଲି ଫେରିଗଲେ ଯୋଗାଣ ଅଧିକାରୀ**


## ପରିବେଶ ପ୍ରଦୂଷିତ କରୁଛି ଇଟାଭାଟି

**ଦୋଲସାହି, ୧୯।୨(ସମିସ):** ସରକାରଙ୍କ ପକ୍ଷରୁ ମାଟିଇଟା ପୋଡ଼ା ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ ବୋଲି କାଗଜପତ୍ରରେ ଘୋଷଣା କରାଯାଇଥିଲା ବେଳେ ଏହାର କୌଣସି ପ୍ରଭାବ ପଡୁନି। ଏହି ମାଟି ଇଟାଭାଟିରୁ ନିର୍ଗତ ଧୂଆଁ ପରିବେଶକୁ ପ୍ରଦୂଷିତ କରୁଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ସରକାରଙ୍କ ତରଫରୁ ଅନୁମତି ନେଇ ସିମେଣ୍ଟ ଇଟାଭାଟି କାରଖାନା ଖୋଲିଥିବା ମାଲିକମାନେ ବ୍ୟାଙ୍କରୁ ଋଣ କରି କାରଖାନା ଖୋଲିଥିବାବେଳେ ବେପାର ମାନ୍ଦା ଚାଲୁଥିବା ନେଇ ଋଣ ପରିଶୋଧ କରିପାରୁ ନ ଥିବା ଅଭିଯୋଗ କରୁଛନ୍ତି ସିମେଣ୍ଟ ଇଟାଭାଟି କାରଖାନା ମାଲିକମାନେ। ସେହିପରି ଏହି ପ୍ରଦୂଷଣ ବିଭାଗ ଭଦ୍ରକ ଜିଲ୍ଲାରେ ନ ଥିବା ଜଣାଯାଇଥିଲା ବେଳେ ଏବେଠାରୁ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହେଲାଣି। ତାପମାତ୍ରା ବୃଦ୍ଧି ପାଇବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।



### ଧରାପୃଷ୍ଠରେ ବିରାଜମାନ ଋତୁରାଜ ବସନ୍ତ

## ଆମ୍ବ ବଉଳର ବାସ୍ନାରେ ପୁଲକିତ ପରିବେଶ



**ବନ୍ତ/ଆଗରପଡ଼ା, ୧୯।୨(ସମିସ):** ଧରାପୃଷ୍ଠରେ ପ୍ରବେଶ କରିଛି ଋତୁରାଜ ବସନ୍ତ। ପୁଲକିତ ହୋଇଛି ଧରଣୀରାଣୀ। ଆଦ୍ୟ ବସନ୍ତରୁ ଆମ୍ବ ଗଛରେ ଆସିଛି ଭରା ବଉଳ। ସବୁଜ ଆମ୍ବ ଗଛକୁ ଆଚ୍ଛାଦିତ କରିଛି ବଉଳ ପେନ୍ଥା। ଲୋକକଥା ଅଛି 'ଆମ୍ବ ବଉଳ ଫଗୁଣ ମାସେ, ଦିଗ ଚହଟଇ ତା'ର ସୁବାସେ'। ବଉଳର ମହକରେ ମଣିଷର ମନ ମହକିଥାଏ। ଶ୍ରୀମନ୍ଦିରରେ ଫାଲ୍‌ଗୁନ ଅମାବାସ୍ୟାରେ ବଉଳ ଅମାବାସ୍ୟା ନୀତି ପାଳିତ ହୁଏ। ସେହିଦିନ ମନ୍ଦିରରେ ଗଇଣ୍ଠା, ନାଡି ଚଉଳ ଓ ଫେଣି ବଉଳ କୋଠ ଭୋଗରେ ଭୋଗ ଲାଗିଥାଏ। ଘରେ ଘରେ ଗଇଣ୍ଠା ପିଠା କରାଯାଇ ଆମ୍ବଗଛ ମୂଳେ ଭୋଗ କରି ପୋତିଲେ ବଉଳ ଝଡ଼ି ନ ଥାଏ ଏବଂ ଆମ୍ବ ଅଧିକ ଆସିଥାଏ ବୋଲି ବିଶ୍ୱାସ ରହିଛି। ଆମ୍ବ ଗଛରେ ବଉଳ ଧରିବା ଯୋଗୁଁ ଏହା ଅତି ସୁନ୍ଦର ଦେଖାଯାଇଥାଏ। ଉକ୍ତ ବଉଳଭରା ସୌନ୍ଦର୍ଯ୍ୟକୁ ଦେଖି ପ୍ରକୃତିପ୍ରେମୀ, ପ୍ରେମୀ ଯୁଗଳ, କବି, ଲେଖକ ଓ ସାମ୍ବାଦିକ ଏକ ଭାବର ରାଇଜରେ ଘୂରି ବୁଲନ୍ତି। ଆମ୍ବ ବଉଳର ମହମହ ବାସ୍ନା, ମୃଦୁ ମଳୟର ସୁଲୁ ସୁଲୁ ପବନ, କୋଇଲିର କୁହୁକୁହୁ ରାବ ପ୍ରେମୀଯୁଗଳଙ୍କୁ ଆନମନା କରିଥାଏ ଓ ପୁରୁଣା ସ୍ମୃତିକୁ ମନେ ପକାଇଥାଏ। ବଉଳ ଯୋଗୁଁ ପରିବେଶରେ ଏକ ନୂତନ ଉନ୍ମାଦନା ସୃଷ୍ଟି ହୋଇଥାଏ। ଆମ୍ବ ବଉଳ ବସନ୍ତ ଋତୁକୁ ସ୍ୱାଗତ କରିଥାଏ। ବସନ୍ତର ଆଗମନରେ ପଶୁପକ୍ଷୀ ଓ ଜୀବଜନ୍ତୁ ଚଳଚଞ୍ଚଳ ହୋଇଥା'ନ୍ତି। ଏହି ସମୟରେ ହଳଦୀ ବସନ୍ତ ପକ୍ଷୀ ଦେଖାଦିଅନ୍ତି। କଥାରେ ଅଛି, ହଳଦୀ ବସନ୍ତ ପକ୍ଷୀକୁ ଦେଖିଲେ ଯାତ୍ରା ଶୁଭ ହୁଏ। ବଉଳର ମୃଦୁ ବାସ୍ନାରେ ଫରୁଆ ଭିତରେ ଶୀତ ଲୁଚି ଯାଉଥିବାବେଳେ ପାଟଶାଢ଼ି ପିନ୍ଧି ଆମ୍ବ ଗଛ ସଜେଇ ହୋଇ ପରିବେଶକୁ ଏକ ନୂତନ ରୂପରେ ରୂପାୟିତ କରିବା ଦୃଶ୍ୟ ବେଶ୍ ମନୋହର ହୋଇଥାଏ।

### ଭଦ୍ରକ ଜିଲ୍ଲା ଟିପ୍ପର (ଡମ୍ଫର) ମାଲିକ ସଂଘ ବୈଠକ

## ୨୭ରେ ରେଳରୋକ ଓ ଆତ୍ମଦାହ ଚେତାବନୀ

**ଭଦ୍ରକ, ୧୯।୨(ସମିସ)**




ଧାମରା ବନ୍ଦର ଦ୍ୱାରା ପ୍ରଚଳିତ କୋଇଲା ପରିବହନରେ ଭଦ୍ରକ ଜିଲ୍ଲାର ମୂଳ ଅଧିବାସୀଙ୍କୁ ବଞ୍ଚିତ କରିବା ବିରୋଧରେ ଆସନ୍ତା ୨୭ ତାରିଖ ଦିନ ରେଳରୋକ କରାଯିବ ବୋଲି ଗୁରୁବାର ଭଦ୍ରକ ଜିଲ୍ଲା ଟିପ୍ପର (ଡମ୍ଫର) ଟ୍ରକ୍ ମାଲିକ ସଂଘ, ବିଶ୍ୱକର୍ମା ଟ୍ରକ୍ ଓନର ଆସୋସିଏସନ୍ ଏବଂ ଭଦ୍ରକ ଜିଲ୍ଲା ବିକାଶ ପରିଷଦ ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦିଆଯାଇଛି।

ଭଦ୍ରକ ଜିଲ୍ଲା ଟିପ୍ପର (ଡମ୍ଫର) ଟ୍ରକ୍ ମାଲିକ ସଂଘର ସଭାପତି ଶୁଭେନ୍ଦୁ ରାୟ ମହାପାତ୍ର ଓ ସମ୍ପାଦକ ଜ୍ୟୋତିପ୍ରକାଶ ମହାନ୍ତିଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ଭିତ୍ତିଭୂମି ନିର୍ମାଣ ଓ କର୍ମଯୋଗାଣ ପାଇଁ ଧାମରା ବନ୍ଦର ଏକ କର୍ମବର୍ଦ୍ଧିଷ୍ଣୁ ଦୀର୍ଘ ମିଆଦି ସଂସ୍ଥା। ୨୦୦୭ରେ ଏହି ବନ୍ଦରର ସ୍ଥାପନାବେଳେ ୭ଟି ବ୍ଲକର ବିଭିନ୍ନ ଅଞ୍ଚଳ ଏହାର ନିର୍ମାଣ ପାଇଁ ଜମି ଓ ଲୋକବଳ ଦେଇଥିଲେ। ସେତେବେଳେ ଏଲ୍ଏଣ୍ଡଟି ଦ୍ୱାରା ପଥର ଯୋଗାଣ କାର୍ଯ୍ୟ କରାଯାଇ ଏହି ବନ୍ଦର ନିର୍ମାଣ ପାଇଁ ଧାମରା ସମୁଦ୍ର ତଟରେ ପ୍ରଥମ କରି ପଥର ପକାଇଥିଲା। କିନ୍ତୁ ସେତେବେଳେ ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ମୂଳେ ତତ୍କାଳୀନ ଜିଲ୍ଲାପାଳ ଶ୍ରୀକାନ୍ତ କୁମାର ପାଇକରାୟ ଏହି ସଂଘର ବେକାର ଯୁବକଙ୍କୁ ବନ୍ଦର ନିର୍ମାଣ ହେଲେ ସେମାନଙ୍କୁ ପରିବହନ କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ ବୋଲି ସ୍ୱପ୍ନ ଦେଖାଇଥିଲେ। କିନ୍ତୁ ଧାମରା ବନ୍ଦରଠାରେ କରାଯାଉଥିବା କୋଇଲା ପରିବହନ ହିଁ ମୁଖ୍ୟତଃ ଗାଡ଼ି ମାଲିକଙ୍କ ପାଇଁ ରୋଜଗାରର ଏକ ଉତ୍ସ ହୋଇଥିବାବେଳେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରୁ ଲୋକମାନଙ୍କୁ ସମୁଦାୟ କାମର ୭୦ ଭାଗ ଦିଆଯାଇଥିବାରୁ ସମଗ୍ର ଜିଲ୍ଲା ଗାଡ଼ି ମାଲିକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇ ଏବେ କର ବା ମର ଭଳି ଅଭାବନୀୟ ପରିସ୍ଥିତି ଦେଖାଦେଇଛି। ଗତବର୍ଷ ଅକ୍ଟୋବର ୬ରେ ଧାମରା ବନ୍ଦରରେ ପରିବହନ କ୍ଷେତ୍ରରେ ସୃଷ୍ଟି ହୋଇଥିବା କର୍ମଯୋଗାଣକୁ ଜିଲ୍ଲାର ସମସ୍ତ ଅଞ୍ଚଳ ମଧ୍ୟରେ ସମାନୁପାତରେ ବଣ୍ଟନ କରାଯିବା, ଜିଲ୍ଲାରେ ଗଢ଼ି ଉଠିଥିବା ଟ୍ରାନ୍ସପୋର୍ଟିଂ ଆସୋସିଏସନ୍‌ଗୁଡ଼ିକର କାର୍ଯ୍ୟଶୈଳୀ, ଦକ୍ଷତା, ସମାଜସେବୀ ଓ ସଂଘର ବୟସ ସଦସ୍ୟ ସଂଖ୍ୟାକୁ ଆଧାର କରି ପରିବହନ କାର୍ଯ୍ୟରେ ଅଂଶଗ୍ରହଣ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁପାରିସ୍ କରାଯିବା, ପରିବହନ କ୍ଷେତ୍ରରେ ସୃଷ୍ଟି ହୋଇଥିବା କର୍ମଯୋଗାଣର ପାତରଅନ୍ତର ନୀତି ବନ୍ଦ କରାଯାଇ ମାତ୍ର ୮ଟି ପଞ୍ଚାୟତର ଗାଡ଼ିଗୁଡ଼ିକୁ ସମୁଦାୟ କାର୍ଯ୍ୟର ଯେଉଁ ୭୦ ପ୍ରତିଶତ କାମ ଦିଆଯାଇଛି ତାହା ବନ୍ଦ କରାଯିବା ଆଦି ୫ ଦଫା ସମ୍ବଳିତ ଦାବିପତ୍ର ଦିଆଯାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତୀକ ଅନଶନ କରାଯାଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ଏହାର କୌଣସି ପ୍ରତିକାର ନ ହେବାରୁ ଭଦ୍ରକର ମୂଳ ବାସିନ୍ଦା ହୋଇଥିବା ସର୍ବପୁରାତନ ଏହି ସଂଘ ପକ୍ଷରୁ ପ୍ରାୟ ୧୩୫ଟି ଟିପ୍ପର ଓ ଟ୍ରକ୍ ମାଲିକଙ୍କ ପକ୍ଷରୁ କୋଇଲା ପରିବହନ କ୍ଷେତ୍ରରେ ଅଗ୍ରାଧିକାର ଦିଆଯାଇନାହିଁ। କିନ୍ତୁ ଧାମରା ଅଞ୍ଚଳରେ ବାଂଲାଦେଶରୁ ଆସିଥିବା ଅବାଧ ପ୍ରବାସୀମାନଙ୍କୁ ଆଧାର କାର୍ଡ ଓ ଭୋଟର ପରିଚୟ ପତ୍ର ଦିଆଯାଇ ବନ୍ଦର କାର୍ଯ୍ୟର ସମସ୍ତ ସୁବିଧାସୁଯୋଗ ଦିଆଯାଇଛି। ତେଣୁ ବିଭିନ୍ନ ଦାବି ନେଇ ଆସନ୍ତା ୨୭ ତାରିଖ ଦିନ ପୀରହାଟ ନିକଟରେ ୨୪ ଘଣ୍ଟିଆ ରେଳରୋକ କରି ଆବଶ୍ୟକ ହେଲେ ଆଇନକୁ ହାତକୁ ନେଇ ଗିରଫଦାରୀ ଓ ଆତ୍ମଦାହ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ସଂଘର ସଭାପତି ଓ ସମ୍ପାଦକଙ୍କ ସମେତ ଉପସଭାପତି ପ୍ରଫୁଲ୍ଲ ପୃଷ୍ଟି, ସହ ସମ୍ପାଦକ ଚନ୍ଦନ ନାୟକ, କାର୍ଯ୍ୟକାରୀ ସଦସ୍ୟ ଅଶୋକ ପରିଡ଼ା, ରଜତ ପତି, ପ୍ରଦୀପ ମଲ୍ଲିକ, ରାଥିଆ ବାରିକ, ଅଶୋକ ବାରିକ, ପ୍ରହ୍ଲାଦ ମହାକୁଡ଼, ବବୁଲ ସେନାପତି, ସୁନନ୍ଦା ଦାସ ଓ ସୌମ୍ୟରଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

୧୯/୨/୨୦୨୬ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୩,୭୧,୫୮୬/- ସୁନା: ୭୭.୦୦୦ ଗ୍ରାମ୍ ରୁପା: ୧୦.୫୦୦ ଗ୍ରାମ୍





## ପୁରୀବାସୀଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା

# ଆଶ୍ୱାସନା ଦେଇ ଭଣ୍ଡାଇଦେଲେ; ପୁଣି ବିରୋଧ ପାଇଁ ସଜବାଜ



ପୁରୀ,୧୯।୨(ସମିସ): ପୁରୀ ସହର ଏବଂ ସଦରବାସୀଙ୍କ ପାଇଁ କେବେ ହେବ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା? ଏହି ପ୍ରଶ୍ନ ଏବେ ସହର ଏବଂ ସଦରବାସୀଙ୍କ ମନକୁ ଆନ୍ଦୋଳିତ କରିଛି। ରାଜ୍ୟ ସରକାର 'ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା' ଆରମ୍ଭ କରି ରାଜ୍ୟର ବିଭିନ୍ନ ଜିଲ୍ଲାରୁ ବରିଷ୍ଠ ନାଗରିକଙ୍କୁ ଶ୍ରୀକ୍ଷେତ୍ର ଆଣି ମହାପ୍ରଭୁଙ୍କ ଦର୍ଶନ କରାଉଛନ୍ତି। ସରକାରଙ୍କ ଏହି ପଦକ୍ଷେପକୁ ସମସ୍ତେ ପ୍ରଶଂସା ଏବଂ ସ୍ୱାଗତ କରୁଛନ୍ତି। ହେଲେ ଦୀର୍ଘ ୮/୧୦ ମାସ ହେବ ପୁରୀବାସୀ ଶ୍ରୀମନ୍ଦିରରେ ସେମାନଙ୍କ ପ୍ରବେଶ ଏବଂ ଦର୍ଶନ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି କରିଆସୁଛନ୍ତି। ମଝିରେ ରାଜ୍ୟ ମୁଖିଆଙ୍କୁ ଫେରାଦ ହୋଇଥିଲେ ପୁରୀବାସୀ। ସେମାନଙ୍କୁ ସ୍ୱତନ୍ତ୍ର ଦର୍ଶନ ସୁବିଧା ନେଇ ଆଶ୍ୱାସନା ମିଳିଥିଲା। ଦିଆଯାଇଥିବା କଣ୍ଟ ଇତିମଧ୍ୟରେ ଅତିକ୍ରମ କରିଗଲାଣି। ହେଲେ ସରକାର ତାଙ୍କ କଥା ରଖିପାରି ନାହାନ୍ତି। ପୁରୀବାସୀଙ୍କୁ ଏକପ୍ରକାର ଭଣ୍ଡାଇ ଦେଇଛନ୍ତି। ଏହାକୁ ନେଇ ପୁଣିଥରେ ବିରୋଧ ପାଇଁ ସଜବାଜ ହେଉଛନ୍ତି ପୁରୀ ସହର ଏବଂ ସଦରବାସୀ।

ସମୟ ଥିଲା ପୁରୀ ସହର ଏପରି କି ସଦରର କିଛି ଅଞ୍ଚଳର ଅନେକ ଲୋକ ଦିନକୁ ଏକାଧିକଥର ମନ୍ଦିରକୁ ଯାଉଥିଲେ। ମଙ୍ଗଳ ଆଳତି ହେଉ କି ସନ୍ଧ୍ୟା ଆଳତି ଅବା ଚନ୍ଦନଲାଗି, ବଡ଼ସିଂହାର ବେଶ ଦେଖୁଥିଲେ। ପୁଣି ମନ ହେଲେ ଆନନ୍ଦବଜାରକୁ ଯାଇ ଅବଢ଼ା ସେବନ କରିବା ସହ ପରିବାର ପାଇଁ ଧରି ଆସୁଥିଲେ। ହେଲେ କିଛିବର୍ଷ ହେବ ଏହି ସୁଯୋଗ ଆଉ ନାହିଁ। ପ୍ରଶାସନିକ କଟକଣାରେ ରୁନ୍ଧି ହୋଇଯାଉଛନ୍ତି ପୁରୀବାସୀ। କଟକଣା ଲଗାଉଥିବା ବାବୁମାନେ ଜାଣିବା ଦରକାର ପୁରୀବାସିନ୍ଦାଙ୍କ ଦୈନନ୍ଦିନ ଜୀବନରେ ମହାପ୍ରଭୁ ହେଉଛନ୍ତି ସ୍ୱତନ୍ତ୍ର। ସେମାନଙ୍କ ପାଇଁ ଶ୍ରୀମନ୍ଦିର ହେଉଛି ଗାଁ ମନ୍ଦିର ଆଉ ଶ୍ରୀଜଗନ୍ନାଥ ହେଉଛନ୍ତି ଗ୍ରାମ ଦେବତା। ଶ୍ରୀମନ୍ଦିର ପୁରୀ ଅଧିବାସୀଙ୍କ ଶୁଭ-ଅଶୁଭ କାର୍ଯ୍ୟ ଓ ଷୋହଳ ସଂସ୍କାର ସହ ଓତଃପ୍ରୋତ ଭାବେ ଜଡ଼ିତ। ଶହଶହ ବର୍ଷ ଧରି ଶ୍ରୀମନ୍ଦିରରେ ଅବାଧରେ ଯା'ଆସ କରିବା ପରେ ଏବେ ସେମାନଙ୍କୁ ଦହଗଞ୍ଜ ହେବାକୁ ପଡୁଛି। ଘରର ବରିଷ୍ଠ ନାଗରିକଙ୍କ ପାଇଁ ମହାପ୍ରଭୁଙ୍କ ଦର୍ଶନ ସତେ ଯେମିତି ସ୍ୱପ୍ନ ପାଲଟି ଯାଇଛି। ଅନ୍ୟମାନେ ଇଚ୍ଛା କଲେ ବି ଘଣ୍ଟା ଘଣ୍ଟା ଧରି ସେମାନଙ୍କୁ ଅପେକ୍ଷା କରିବାକୁ ପଡୁଛି। ତେଣୁ ମନ୍ଦିରକୁ କିପରି ସହଜରେ ପ୍ରବେଶ ଏବଂ ଦର୍ଶନ କରିବେ ସେ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି କରିଆସୁଛନ୍ତି।

ପୁରୀବାସୀଙ୍କ ଏହି ଦାବି ଭୁବନେଶ୍ୱରଠାରୁ ଆରମ୍ଭ କରି ଦିଲ୍ଲୀରେ ବି ଉଠିଛି। ଏଥିପାଇଁ ଗଠିତ ମଞ୍ଚ ପୁରୀରେ ଦୀପଦାନ, ଧାରଣା, ନିରବ ପ୍ରତିବାଦ କରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଭେଟି ଦାବି ଜଣାଇଥିଲେ। ପୁରୀବାସୀଙ୍କ ଶ୍ରୀମନ୍ଦିର ପ୍ରବେଶ ଓ ଶ୍ରୀଜଗନ୍ନାଥ ଦର୍ଶନର ସୁବ୍ୟବସ୍ଥା କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପରବର୍ତ୍ତୀ ସମୟରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଧ୍ୟ ନୂଆବର୍ଷ ପରେ ପୁରୀବାସୀଙ୍କ ପାଇଁ ବ୍ୟବସ୍ଥା କରାଯିବ ବୋଲି ଆଶ୍ୱାସନା ଦେଇଥିଲେ। ଇତିମଧ୍ୟରେ ଜାନୁଆରୀ ଯାଇ ଫେବୃଆରୀ ସରିବାକୁ ବସିଲାଣି। ଏ ପର୍ଯ୍ୟନ୍ତ କିଛି ବ୍ୟବସ୍ଥା ହେଲା ନାହିଁ। କିନ୍ତୁ ଭିଭିଆଇପିଙ୍କୁ କିପରି ପ୍ରୋଟୋକଲ ଦର୍ଶନ ମିଳିବ ସେ ନେଇ ଶ୍ରୀମନ୍ଦିର ପ୍ରଶାସନ ଗୋଟିଏ ଦିନରେ ବୈଠକ ଡାକି ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ଏସ୍‌ଓପି ପ୍ରସ୍ତୁତ ଦାୟିତ୍ୱ ଦେଇଥିବାବେଳେ ଏବେ ରାଜ୍ୟ ସରକାର ଆରମ୍ଭ କରିଛନ୍ତି 'ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା'। ପ୍ରଥମ ପର୍ଯ୍ୟାୟରେ ୫ ଜିଲ୍ଲା(ନବରଙ୍ଗପୁର, ଗଞ୍ଜାମ, ଭଦ୍ରକ, ମୟୂରଭଞ୍ଜ, ସମ୍ବଲପୁର)ର ୫୦୦ ବରିଷ୍ଠ ନାଗରିକ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଏମାନଙ୍କ ନେବା ଆଣିବା, ପୁରୀରେ ରହଣୀ, ଦର୍ଶନ ଏବଂ ଖାଦ୍ୟପେୟ ସବୁ ବ୍ୟବସ୍ଥା କରାଯାଇଛି। ରାଜ୍ୟ ସରକାରଙ୍କ ଏହି ବ୍ୟବସ୍ଥାକୁ ପୁରୀବାସୀ ବି ସ୍ୱାଗତ କରିଛନ୍ତି।

ପରିଣତ ବୟସରେ ପହଞ୍ଚିଥିବା ବ୍ୟକ୍ତିଙ୍କୁ ମହପ୍ରଭୁଙ୍କ ଦର୍ଶନ କରାଇବା ନିଶ୍ଚିତ ଏକ ଭଲ ପଦକ୍ଷେପ। କିନ୍ତୁ ୯/୧୦ ମାସ ହେଲା ପୁରବାସୀ ଯେଉଁ ପ୍ରାସଙ୍ଗିକ ଦାବି କରିଆସୁଛନ୍ତି ତାହାକୁ ଅଣଦେଖା କରିବା ଘଟଣାକୁ ନେଇ ଏବେ ପୁରୀବାସୀଙ୍କ ମନରେ ଗଭୀର ଅସନ୍ତୋଷ ସୃଷ୍ଟି କରିଛି। ସରକାର ତୁରନ୍ତ ସେମାନଙ୍କ ପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରନ୍ତୁ। ନଚେତ୍ ଆଗକୁ ବିରୋଧ ଲାଗି ପୁଣି ସଜବାଜ ହେଉଛନ୍ତି ପୁରୀବାସୀ। ଆସନ୍ତା ୨୧ ତାରିଖରେ ଭକ୍ତ ସାଲବେଗ ସମ୍ମିଳନୀ କକ୍ଷରେ ଏକାଠି ହେବାକୁ ନିଷ୍ପତ୍ତି ନେଇଛନ୍ତି।

## ପରିବା ମାର୍କେଟ୍‌ରେ ଖଣ୍ଡିଆ ଭୂତ

# ୫୦ ଫୁଟ୍ ଉପରେ ଉଡ଼ିଲା ବ୍ୟବସାୟୀଙ୍କ ଛତା



ପୁରୀ,୧୯।୨(ସମିସ): ଗୁରୁବାର ପୂର୍ବାହ୍ଣ ପ୍ରାୟ ୧୦ଟା ୫୦ ହେବ। ସବୁଦିନ ପରି ବେଶ୍ ଚଳଚଞ୍ଚଳ ଥିଲା ପୁରୀ ସହରର ଅନ୍ୟତମ ବୃହତ୍ ପରିବା ମାର୍କେଟ୍ ବଡ଼ଶଙ୍ଖ। ହଠାତ୍ ସୃଷ୍ଟି ହୋଇଥିଲା ଏକ ଖଣ୍ଡିଆ ଭୂତ। ପ୍ରଥମେ ଧୂଳିବାଲିକୁ ଘୂରେଇ ଘୂରେଇ ଉପରକୁ ଉଠାଇ ନେଇଥିଲା। ବେଶ୍ କିଛି ସେକେଣ୍ଡ ବଡ଼ଦାଣ୍ଡ ରାସ୍ତାରେ ଖଣ୍ଡିଆ ଭୂତର ଅନୁଭବକୁ ଉପଭୋଗ କରିଥିଲେ ପଥଚାରୀ ଏବଂ ବ୍ୟବସାୟୀ। ଏହାପରେ ପରିବା ମାର୍କେଟ ଭିତରକୁ ଘୂରି ଘୂରି ମାଡ଼ି ଆସିଥିଲା ଖଣ୍ଡିଆ ଭୂତ। ଖରା ଦାଉରୁ ପରିବା ଏବଂ ନିଜ ପାଇଁ ପୋତିଥିବା ବଡ଼ ବଡ଼ ଛତାଗୁଡ଼ିକ ଉଡ଼ିବାକୁ ଲାଗିଥିଲେ। ତେଣୁ ବ୍ୟବସାୟୀମାନେ ନିଜ ନିଜ ଛତାକୁ ଜାବୁଡ଼ି ଧରି ଠିଆ ହୋଇଥିଲେ। ଏହି ସମୟରେ ଜଣେ ବ୍ୟବସାୟୀଙ୍କ ଏକ ବଡ଼ ଛତା ଖଣ୍ଡିଆ ଭୂତ ପ୍ରଭାବରେ ଉପରକୁ ଉଠିଯାଇଥିଲା। ପ୍ରାୟ ୫୦ ଫୁଟ୍‌ରୁ ଉର୍ଦ୍ଧ୍ୱ ଉପରକୁ ଉଡ଼ି ଉଡ଼ି ଯାଉଥିବାବେଳେ ଲୋକେ ବେଶ୍ ଉତ୍ସୁକତାର ସହ ଏହାକୁ ଚାହିଁ ରହିଥିଲେ। କିଛି ସମୟ ଖଣ୍ଡିଆ ଭୂତ ପ୍ରଭାବରେ ଆକାଶରେ ଉଡ଼ିବୁଲିବା ପରେ ଧୀରେ ଧୀରେ ତଳକୁ ଖସିଥିଲା ଏହି ଛତା। ଏହାର ପ୍ରଭାବରେ ଉପରକୁ ଉଠୁଥିବା ଧୂଳିବାଲି କିଛି ଲୋକଙ୍କ ଆଖି କାନରେ ପଶିଯାଇଥିଲା। ପ୍ରାୟ ୨୦ରୁ ୩୦ ସେକେଣ୍ଡ ଧରି ବଡ଼ଶଙ୍ଖ ପରିବା ମାର୍କେଟରେ ଦେଖିବାକୁ ମିଳିଥିଲା ଖଣ୍ଡିଆ ଭୂତର ଉତ୍ପାତ।

● ପୁରୀ କୋର୍ଟ ସ୍ଥାନାନ୍ତର ନିଷ୍ପତ୍ତିକୁ ବିରୋଧ

# ଆଜି ରାସ୍ତାକୁ ଓହ୍ଲାଇବେ ଆଇନଜୀବୀ

ପୁରୀ,୧୯।୨(ସମିସ): ପୁରୀ କୋର୍ଟ ବାଲୁଖଣ୍ଡ ଅଭୟାରଣ୍ୟ ମଧୁର ଜଳ ଅଞ୍ଚଳକୁ ସ୍ଥାନାନ୍ତର ନିଷ୍ପତ୍ତି ପ୍ରତିବାଦରେ ପୁରୀ ଓକିଲ ସଂଘର ସତ୍ୟାଗ୍ରହ ପ୍ରାୟ ବର୍ଷେ ଧରି ଜାରି ରହିଛି। ନା ସରକାର ନା ବିଚାର ବିଭାଗ କେହି ଆଇନଜୀବୀଙ୍କ ସହିତ କୌଣସି ଆଲୋଚନା କରୁନାହାନ୍ତି। ସରକାରୀସ୍ତରରେ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ସ୍ମାରକପତ୍ର ଦେଇଥିଲେ ଓକିଲ। କିନ୍ତୁ ଫଳ କିଛି ନାହିଁ। ତେଣୁ ଏହାର ପ୍ରତିବାଦରେ ଶୁକ୍ରବାର ଆଇନଜୀବୀମାନେ ମାଳତୀପାଟପୁରଠାରେ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ଅବରୋଧ କରିବେ। ସଂଘର ସାଧାରଣ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ପୂର୍ବାହ୍ଣ ୧୦ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଏହି ରାସ୍ତାରୋକ କରାଯିବ। ଯଦି ସରକାର ନ ଶୁଣନ୍ତି ତେବେ ଆସନ୍ତା ୨୭ ତାରିଖରେ ପୁରୀ ବନ୍ଦ କରିବାକୁ ଓକିଲମାନେ ବାଧ୍ୟ ହେବେ ବୋଲି ନିଷ୍ପତ୍ତି ନେଇଛନ୍ତି।

● ଦକ୍ଷତା ବିକାଶ କର୍ମଶାଳା

# ପିଲାମାନେ ଚାହିଁଲେ ନିଯୁକ୍ତିଦାତା ହୋଇପାରିବେ

ପୁରୀ,୧୯।୨(ସମିସ): କଠିନ ପରିଶ୍ରମ ଓ ଅଧ୍ୟବସାୟ ବିନା ସଫଳତା ଅସମ୍ଭବ। ନିଜର ଲକ୍ଷ୍ୟ ହାସଲ ପାଇଁ ନିରନ୍ତର ଉଦ୍ୟମ ସହ ନିଷ୍ଠା ଜାରି ରଖିବାକୁ ଆହ୍ୱାନ ଦେଇଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା। ଗୁରୁବାର ସର୍କିଟ୍ ହାଉସ୍‌ରେ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଅଦ୍ୱିକା ଯୋଜନା ମାଧ୍ୟମରେ କିଶୋରୀ ବାଳିକାମାନଙ୍କ ଦିନିକିଆ ଜିଲ୍ଲାସ୍ତରୀୟ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ଜିଲ୍ଲାପାଳ ଶ୍ରୀ ପରିଡ଼ା ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ବିକାଶ ପାଇଁ ଅନେକ ବ୍ୟବସ୍ଥା ରହିଛି। ପିଲାମାନେ ନିଜ ଇଚ୍ଛା, ଆଗ୍ରହ ବା ଦକ୍ଷତା ଆଧାରରେ ଏହାକୁ ଚୟନ କରି ନିଜକୁ ସକ୍ଷମ ଓ ସୁଦୃଢ଼ କରିବାର ଆବଶ୍ୟକତା ରହିଛି। ସେମାନେ ଚାହିଁଲେ ନିଯୁକ୍ତି ପାଇଁ କାର୍ଯ୍ୟ କରିପାରିବେ ଅଥବା ନିଜର ଉଦ୍ୟୋଗ କରି ନିଯୁକ୍ତିଦାତା ହୋଇପାରିବେ ବୋଲି ସେ କହିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରତିଟି ପିଲା ମଧ୍ୟରେ ପ୍ରତିଭା ଭରି ରହିଛି। ଏହାର ଉନ୍ମେଷ ଘଟିଲେ ତାହା ସମାଜର ସମ୍ବଳ ପାଲଟିବ। ଏହିଭଳି ପ୍ରଶିକ୍ଷଣ ଶିବିର ସେମାନଙ୍କୁ ଅଧିକ ଦକ୍ଷ ଓ କ୍ରିୟାଶୀଳ କରିବ ବୋଲି ଆହ୍ୱାନ ଦେଇଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରି ଏହି କର୍ମଶାଳା କିଶୋର କିଶୋରୀମାନଙ୍କୁ ନୂଆ ସମ୍ଭାବନା ଦିଗରେ ସାହାଯ୍ୟ କରିବ ବୋଲି କହିଥିଲେ। ମାଷ୍ଟର ଟ୍ରେନର୍ ଭାବେ ଦକ୍ଷତା ବିକାଶ ଅଧିକାରୀ ପ୍ରଭାତ କୁମାର ବସ୍ତି, ଇଂରାଜୀ ଶିକ୍ଷୟିତ୍ରୀ ପଞ୍ଚମୀ ପଦ୍ମସେନା, କମ୍ପ୍ୟୁଟର ଶିକ୍ଷୟିତ୍ରୀ ପଙ୍କ୍ଷା ପରମିତା ଜେନା, ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ, ସୁପରଭାଇଜର ବାଲ୍ୟବତୀ ମହାନ୍ତି, ଜିଲ୍ଲା ସଂଯୋଜକ ବିଦ୍ୟାଧର ମଲ୍ଲିକ, ସମସ୍ତ ସିଡିପିଓ, ସୁପରଭାଇଜର ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀ ଯୋଗଦେଇଥିଲେ।

# ସିଡିପିଓ ଅଫିସରେ ମେହେନ୍ଦୀ ସେରିମୋନି !

ପୁରୀ,୧୯।୨(ସମିସ): ସିଡିପିଓ ଅଫିସରେ ମହେନ୍ଦୀ ସେରିମୋନି। ଏମିତି ଏକ ଖବରକୁ ନେଇ ଗୁରୁବାର ସନ୍ଧ୍ୟାରେ ପୁରୀ ସହରରେ ବେଶ୍ ଚର୍ଚ୍ଚା ହୋଇଥିଲା। ସିଡିପିଓ ଅଫିସରେ ଜଣେ ଯୁବତୀଙ୍କ ମେହେନ୍ଦୀ ସେରିମୋନି ଚାଲିଥିବା ଖବର ମିଳିଥିଲା। ଅବଶ୍ୟ ଏହି ମେହେନ୍ଦୀ ସେରିମୋନି ପାଇଁ କାର୍ଯ୍ୟାଳୟରେ ସେମିତି କିଛି ସାଜସଜ୍ଜା ନ ଥିଲା। କିନ୍ତୁ ଜଣେ ଯୁବତୀ କାର୍ଯ୍ୟାଳୟ ପରିସରରେ ହାତରେ ମେହେନ୍ଦୀ ଲଗାଉଥିବା ବେଳେ ତାଙ୍କର ଫଟୋ ଉଠାଯାଉଥିଲା। ତାଙ୍କ ପାଖରେ ୬/୭ ଜଣ ଲୋକ ଉପସ୍ଥିତ ଥିଲେ। କିନ୍ତୁ ମେହେନ୍ଦୀ ସେରିମୋନି ପାଇଁ ଯେଉଁଭଳି ମାହୋଲ ଥାଏ ସେମିତି ସ୍ଥିତି ନ ଥିଲା। ସେଠାରେ ଥିବା ଲୋକେ ସେଭଳି କିଛି ନାହିଁ ବୋଲି କହିଥିଲେ। ଏ ସମ୍ପର୍କରେ ସିଡିପିଓ ବିନୋଦିନୀ ତ୍ରିପାଠୀଙ୍କୁ ପଚାରିବାରେ ମୁଁ ମାସେ ହେବ ଛୁଟିରେ ଅଛି। ଅଫିସ ପ୍ରସଙ୍ଗରେ ମୋ ପାଖରେ କୌଣସି ସୂଚନା ନାହିଁ। ସଦର ସିଡିପିଓ ଦାୟିତ୍ୱରେ ଅଛନ୍ତି, ତାଙ୍କ ସହ ଯୋଗାଯୋଗ କରିବାକୁ କହିଥିଲେ।

## ତିନି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

# ପ୍ରତ୍ୟେକଙ୍କୁ ୧ ଲକ୍ଷ ଟଙ୍କାର ସୁରକ୍ଷା ଜମା ଦେବାକୁ ନିର୍ଦ୍ଦେଶ

ପୁରୀ,୧୯।୨(ସମିସ): ପୁରୀ ଜିଲ୍ଲାରେ ଆଇନ ଶୃଙ୍ଖଳା ରକ୍ଷା, ପୁନରାବୃତ୍ତି ଅପରାଧୀଙ୍କୁ ନିୟନ୍ତ୍ରଣ ଓ ସାଧାରଣ ଲୋକଙ୍କ ସୁରକ୍ଷାକୁ ସର୍ବୋଚ୍ଚ ଗୁରୁତ୍ୱ ଦେଇଆସୁଛି ପୁରୀ ପୁଲିସ। ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ପୂର୍ବରୁ ଅନେକ ମାମଲାରେ ଜଡ଼ିତ ଥିବା ଓ ଶାନ୍ତି ଶୃଙ୍ଖଳା ପାଇଁ ସମ୍ଭାବ୍ୟ ସୃଷ୍ଟି କରୁଥିବା ଅଭିଯୁକ୍ତମାନଙ୍କ ବିରୋଧରେ ୧୨୯ ବିଏନ୍‌ଏସ୍ ଅନୁସାରେ ବାଉଣ୍ଡ ଡାଉନ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏସ୍‌ପି ପ୍ରତୀକ୍ ସିଂଙ୍କ ନିର୍ଦ୍ଦେଶରେ ସମସ୍ତ ଥାନା ଅଧିକାରୀଙ୍କୁ ସଚେତନ ରହି ପୁନରାବୃତ୍ତି ଅପରାଧୀ, ଅସାମାଜିକ ବ୍ୟକ୍ତି ଓ ଅଶାନ୍ତି ସୃଷ୍ଟିକାରୀଙ୍କ ବିରୋଧରେ ପ୍ରାକ୍ ସତର୍କତାମୂଳକ ଆଇନଗତ ବ୍ୟବସ୍ଥା ନେବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ଏହି କ୍ରମରେ ସମୁଦ୍ରକୂଳ ଥାନା ଅଞ୍ଚଳର ଗଣେଶ କୁମାର ଦାଶ, ସଦର ଥାନା ଅଞ୍ଚଳର କାବୁଲି ମଲ୍ଲିକ ଓ ଅଭିମନ୍ୟୁ ବେହେରା ଏହି ତିନିଜଣଙ୍କ ବିରୋଧରେ ଆଇନଗତ ପଦକ୍ଷେପ ଗ୍ରହଣ କରାଯାଇଛି। ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରତ୍ୟେକଙ୍କୁ ୧ ଲକ୍ଷ ଟଙ୍କାର ସୁରକ୍ଷା ଜମା ଦେବାକୁ ନିର୍ଦ୍ଦେଶ ଜାରି ହୋଇଛି। ଗତ ୬ ମାସ ମଧ୍ୟରେ ପୁରୀ ଜିଲ୍ଲାରେ ମୋଟ ୨୭ ଜଣ ଅଭିଯୁକ୍ତଙ୍କ ବିରୋଧରେ ୧୨୯ ବିଏନ୍‌ଏସ୍ ଅନୁସାରେ ବାଉଣ୍ଡ ଡାଉନ୍ ଆଦେଶ ମଞ୍ଜୁର ହୋଇଛି। ଏହା ମାଧ୍ୟମରେ ପୁନରାବୃତ୍ତି ଅପରାଧକୁ ରୋକିବା, ଅସାମାଜିକ କାର୍ଯ୍ୟକଳାପ କମେଇବା ଓ ସାଧାରଣ ଜନଜୀବନକୁ ସୁରକ୍ଷିତ ରଖିବାରେ ପୁଲିସକୁ ସହାୟତା ମିଳୁଛି। ଯେଉଁମାନେ ପୁନରାବୃତ୍ତି ଭାବେ ଆଇନ ଭଙ୍ଗ କରୁଛନ୍ତି, ସେମାନଙ୍କ ବିରୋଧରେ ତୁରନ୍ତ ପ୍ରାକ୍-ସତର୍କତାମୂଳକ ମାମଲା ରୁଜୁ କରି ବାଉଣ୍ଡ ଡାଉନ୍ ପ୍ରସ୍ତାବ ପ୍ରେରଣ କରିବାକୁ ପୁରୀ ପୁଲିସ ପକ୍ଷରୁ ସମସ୍ତ ଥାନାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ନିୟମିତ ପାଟ୍ରୋଲିଂ, ନାକା ଚେକିଂ, ଅଚାନକ ଚଢ଼ଉକୁ ଆହୁରି ଜୋର୍‌ଦାର୍ କରାଯାଇଛି।

# ବିଦ୍ୟା ହେଉଛି ଦୁନିଆର ଶ୍ରେଷ୍ଠ ବିଭୂତି

ପୁରୀ,୧୯।୨(ସମିସ): ଶିଶୁ ଶିକ୍ଷାନୁଷ୍ଠାନ 'କିଡ୍ସ ହୋମ୍ ପ୍ରି ସ୍କୁଲ୍'ର ୨୪ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ, ବରିଷ୍ଠ ସେବାୟତ ଭଗବାନ ସୁଆର ଏବଂ ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷାବିତ୍ କ୍ରିଷ୍ଣା ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ବିଦ୍ୟା ହେଉଛି ଦୁନିଆର ଶ୍ରେଷ୍ଠ ବିଭୂତି। ଏହି ବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ତାଙ୍କର ଆଗାମୀ ଭବିଷ୍ୟତ ଗଢ଼ି ତୋଳିବେ। ଅଭିଭାବକମାନେ ଶିଶୁଙ୍କ ମାନସିକ, ଶାରୀରିକ, ବୌଦ୍ଧିକ ଏବଂ ପ୍ରାଥମିକ ଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ଉତ୍ତମ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ପରିଚାଳନା କମିଟି ସଭାପତି ସାହିତ୍ୟିକ ଶ୍ୟାମ ପ୍ରକାଶ ସେନାପତି ଏଥିରେ ସଭାପତିତ୍ୱ କରିଥିଲେ। ଅଧ୍ୟକ୍ଷା ରୂପାଲି ଚାନ୍ଦ ସ୍ୱାଗତ ଭାଷଣ ଦେବା ସହ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରଶଂସାପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଉପଦେଷ୍ଟା ସୌରଭ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିସହିତ ସାମାଜିକ ଅନୁଷ୍ଠାନ 'ବଡ଼ଦାଣ୍ଡ ସେବା'କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ସମବେତ ସ୍ୱାଗତ ସଙ୍ଗୀତ, ସଙ୍ଗୀତ ରୂପକ 'ଏକଲବ୍ୟ', ଓଡ଼ିଆ ଓ ହିନ୍ଦୀ ଭଜନ ନୃତ୍ୟ ଏବଂ ପରିଶେଷରେ ଦେଶାତ୍ମବୋଧ ନୃତ୍ୟ ରୂପକ 'ଅପରେସନ ସିନ୍ଦୂର' ଆଦି ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉତ୍ସବ ପରିଚାଳନାରେ ମୋନିକା ବାନାର୍ଜୀ, ସସ୍ମିତା ସାହୁ, ଝରଣା ଦାସ, ମୋନାଲିସା ଦାସ, କାବେରୀ ବାରିକ ପ୍ରମୁଖ ସହଯୋଗ କରିଥିଲେ।



# ଆଜିଠୁ ଠିକାଦାରଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ




ମହାପ୍ରଭୁଙ୍କ ଆଶୀର୍ବାଦ ନେଲେ

ପୁରୀ,୧୯।୨(ସମିସ): ସମଗ୍ର ରାଜ୍ୟରେ ଠିକାଦାରମାନେ ଶୁକ୍ରବାରଠାରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ କରିବେ। ଏହା ପୂର୍ବରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେଇଛନ୍ତି ଠିକାଦାର। ଗତ ଜାନୁଆରୀ ୩ ତାରିଖରେ ରାଜ୍ୟ ସରକାର ଠିକା କାର୍ଯ୍ୟର ପୂର୍ବ ଟେଣ୍ଡର ନିୟମ ପରିବର୍ତ୍ତନ କରି ନୂତନ ଢାଞ୍ଚା ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହି ନୂତନ ନିର୍ଦ୍ଦେଶନାମା ଅନୁଯାୟୀ ଠିକାଦାରମାନେ ଜିରୋ ପ୍ରତିଶତରୁ ଅନିର୍ଦ୍ଦିଷ୍ଟ ପ୍ରତିଶତ ପର୍ଯ୍ୟନ୍ତ ଯେକୌଣସି କାମ ପାଇଁ ଟେଣ୍ଡର ପକାଇ ପାରିବେ। ପୂର୍ବରୁ ତାହା ଏକ ନିର୍ଦ୍ଦିଷ୍ଟ ଅର୍ଥାତ୍ ୧୪.୯୯ ପ୍ରତିଶତ ଥିଲା। ଓଡ଼ିଶା ରାଜ୍ୟ ଠିକାଦାର ସଂଘ ରାଜ୍ୟ ସରକାରଙ୍କୁ ବାରମ୍ବାର ୧୪.୯୯ ପ୍ରତିଶତ କମ୍ ପରିବର୍ତ୍ତେ ଏହାକୁ ସିଡ୍ୟୁଲ ରେଟ୍‌ରେ ସୀମିତ ରଖିବା ପାଇଁ ଦାବି ଜଣାଇଥିଲେ। କିନ୍ତୁ ରାଜ୍ୟ ସରକାର ନୂତନ ଢାଞ୍ଚା ଆଣିବା ଦ୍ୱାରା କାର୍ଯ୍ୟର ମାନ ହ୍ରାସ ହେବା ସହ ଠିକାଦାରମାନେ ପ୍ରଭାବିତ ହେବେ। ଏହାର ପ୍ରତିବାଦରେ ରାଜ୍ୟର ୭୦ ହଜାର ଠିକାଦାର ଶୁକ୍ରବାରଠାରୁ ଭୁବନେଶ୍ୱରରେ ଧାରଣା ଦେବେ। ଏହା ପୂର୍ବରୁ ଗୁରୁବାର ଜିଲ୍ଲା ଠିକାଦାର ମହାସଂଘ ସହ ନିଖିଳ ଓଡ଼ିଶା ଠିକାଦାର ସଂଘର ୧୦୦ରୁ ଅଧିକ ଠିକାଦାର ବଳଗଣ୍ଡି ଛକରୁ ଶୋଭାଯାତ୍ରାରେ ଯାଇ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦୀପ ଲଗାଇ ମହାପ୍ରଭୁଙ୍କ ଆଶିଷ ଭିକ୍ଷା କରିଛନ୍ତି। ଏଥିରେ ନିଖିଳ ଓଡ଼ିଶା ଠିକାଦାର ମହାସଂଘର ସଭାପତି ପ୍ରଭାତ କୁମାର ପରିଡ଼ାଙ୍କ ସମେତ ଅନ୍ୟମାନେ ସାମିଲ୍ ଥିଲେ।

# ଛତ୍ରପତି ଶିବାଜୀଙ୍କ ଜୟନ୍ତୀ ପାଳିତ

ପୁରୀ,୧୯।୨(ସମିସ): ଭାରତରେ ଦେଶ ବିରୋଧରେ ଷଡ଼ଯନ୍ତ୍ର ସମେତ ବିଭିନ୍ନ ଅପରାଧିକ ଓ ଅସାମାଜିକ କାର୍ଯ୍ୟରେ ଜଡ଼ିତ ଥିବା ଏବଂ ଦେଶର ସାମାଜିକ ଓ ରାଜନୈତିକ ସନ୍ତୁଳନରେ କ୍ଷତି ଘଟାଉଥିବା ରୋହିଙ୍ଗ୍ୟା ଓ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଦେଶରୁ ହଟାଯିବା ନେଇ କାର୍ଯ୍ୟରତ ସର୍ବଭାରତୀୟ ସଂଗଠନ ଭାରତ ରକ୍ଷା ମଞ୍ଚର ପୁରୀ ଜିଲ୍ଲା ଶାଖା ପକ୍ଷରୁ ହିନ୍ଦୁବୀର ଛତ୍ରପତି ଶିବାଜୀ ମହାରାଜଙ୍କ ଜୟନ୍ତୀକୁ ଏକ ଉତ୍ସବ ଭାବେ ପାଳନ କରାଯାଇଛି। ଗୁରୁବାର ଅପରାହ୍ଣରେ ସ୍ଥାନୀୟ ଗୋଏଙ୍କା ଧର୍ମଶାଳା ପରିସରରେ ଆୟୋଜିତ ଉତ୍ସବକୁ ମଞ୍ଚର ଜିଲ୍ଲା ସଭାପତି ନାରାୟଣ ଦାଶ ଓ ଉତ୍ସବର ମୁଖ୍ୟବକ୍ତା ରାଜ୍ୟ ସଂଗଠନ ସମ୍ପାଦକ ମନୋଜ ଆଚାର୍ଯ୍ୟ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ପଣ୍ଡିତ ଜଗନ୍ନାଥ ଷଡ଼ଙ୍ଗୀ ବୈଦିକ ମଙ୍ଗଳାଚରଣ ଆବୃତ୍ତି କରିଥିଲେ। ପ୍ରାରମ୍ଭରେ ମଞ୍ଚଗୀତ ଓ ଯୋଜନା ଅନୁଯାୟୀ ସାମୂହିକ ଶ୍ରୀହନୁମାନ ଚାଳିଶା ଆବୃତ୍ତି କରାଯାଇଥିଲା। ପରେ ବରିଷ୍ଠ ରାଷ୍ଟ୍ରବାଦୀ ସ୍ତମ୍ଭକାର ତଥା କବି ସୁବାସ ଚନ୍ଦ୍ର ମିଶ୍ର, ସୁରେଶ ଚନ୍ଦ୍ର ମିଶ୍ର, ଭବାନୀ ମିଶ୍ର, ହରିଶ୍ଚନ୍ଦ୍ର ନାୟକ, ସାମାଜିକ କର୍ମୀ ସ୍ୱାଧୀନ ପଣ୍ଡା, ବରିଷ୍ଠ ସେବକ କୃଷ୍ଣଚନ୍ଦ୍ର ପଣ୍ଡା ଏବଂ ଅଖିଳ ଭାରତ ହିନ୍ଦୁ ମହାସଭାର ରାଜ୍ୟ କାର୍ଯ୍ୟକାରୀ ସଭାପତି ଲାଲା ଅନନ୍ତ ନାରାୟଣ ସିଂଙ୍କ ସମେତ ଅନେକ ପୁରୁଷ ଓ ମହିଳା କାର୍ଯ୍ୟକର୍ତ୍ତା କବିତା ଓ ବକ୍ତବ୍ୟ ମାଧ୍ୟମରେ ଛତ୍ରପତି ଶିବାଜୀ ମହାରାଜଙ୍କ ଜୀବନଗାଥା ସମେତ ଭାରତର ସାମ୍ପ୍ରତିକ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସାମାଜିକ କର୍ମୀ ସିଦ୍ଧାର୍ଥ ରାୟ ନିଜର ବକ୍ତବ୍ୟରେ ପୁରୀ ସହରରେ ମଞ୍ଚ ଉଦ୍ୟମରେ ଶିବାଜୀ ମହାରାଜଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଏବଂ ଧର୍ମ ପାଇଁ ତ୍ୟାଗର ଅନନ୍ୟ ପ୍ରତୀକ ଶିଖ୍‌ଗୁରୁ ତେଗ୍ ବାହାଦୁରଙ୍କର ଏକ ସ୍ମାରକୀ ସ୍ଥାପନ ପାଇଁ ପ୍ରସ୍ତାବ ଆଗତ କରିଥିଲେ। ନିଜ ନିଜର ବକ୍ତବ୍ୟରେ ସଭାପତି ଶ୍ରୀ ଦାଶ ଓ ମୁଖ୍ୟବକ୍ତା ଶ୍ରୀ ଆଚାର୍ଯ୍ୟ ମଞ୍ଚର ସଂଗଠନକୁ ଅଧିକ ସୁଦୃଢ଼ କରିବା ଦିଗରେ ସମସ୍ତଙ୍କର ଉଦ୍ୟମ କାମନା କରିଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ମଞ୍ଚର ରାଜ୍ୟସ୍ତରୀୟ କାର୍ଯ୍ୟକର୍ତ୍ତା ସଚିନନ୍ଦନ ଦାସ ସଂଯୋଜନା କରିଥିବାବେଳେ ଶେଷରେ କବିତା ପ୍ରଧାନ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସହରର ଶତାଧିକ ରାଷ୍ଟ୍ରବାଦୀ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ।



# ଅତିବଡ଼ୀ ପୀଠ ପରିଦର୍ଶନ କଲେ ପଞ୍ଚସଖା ପରିକ୍ରମା ଯାତ୍ରୀ ଦଳ

ପୁରୀ,୧୯।୨(ସମିସ): ଶୁକ୍ରବାର ସାତଲହଡ଼ି ମଠ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ପବିତ୍ର ପୀଠରେ ପଞ୍ଚସଖା ପରିକ୍ରମା ଯାତ୍ରୀ ଦଳ ପହଞ୍ଚିଥିଲେ। ପୂଜ୍ୟ ପରମହଂସ ପ୍ରଜ୍ଞାନନ୍ଦ ମହାରାଜ ଓ ପଞ୍ଚସଖା ପୀଠ ପରିକ୍ରମାର ଯାତ୍ରୀଗଣ ଏହି ଯାତ୍ରାରେ ସାମିଲ୍ ହୋଇଥିଲେ। ପ୍ରଜ୍ଞାନନ୍ଦ ମହାରାଜଙ୍କ ସମେତ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଯାତ୍ରୀ ସାତଲହଡ଼ି ମଠରେ ପହଞ୍ଚି ଅତିବଡ଼ୀଙ୍କ ସାଧନା ପୀଠ ଓ ସମାଧି ପୀଠରେ ପୂଜାର୍ଚ୍ଚନା, ଦର୍ଶନ, ପରିକ୍ରମା କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ତଥା ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ସେଠୀ ଓ ସଂସ୍କୃତି କାର୍ଯ୍ୟାଳୟର କର୍ମଚାରୀମାନେ ପରିକ୍ରମା ଯାତ୍ରୀମାନଙ୍କୁ ସ୍ୱାଗତ କରିଥିଲେ। ପରିକ୍ରମା ଯାତ୍ରାର ସଂଯୋଜକ ବ୍ରହ୍ମଜ୍ଞାନ ମହାରାଜ, ହେମନ୍ତ ପରିଡ଼ା, ପ୍ରିୟବ୍ରତ କରଙ୍କ ସହ ଏହି ପରିକ୍ରମଣରେ ରାଜ୍ୟ, ଦେଶ ଓ ବିଦେଶରୁ ଶ୍ରଦ୍ଧାଳୁମାନେ ଯୋଗଦେଇଥିଲେ।

## ପୁଲିସର ସାହିଯାତ ପ୍ରସ୍ତୁତି

# କୁଣ୍ଠାଇବେଣ୍ଟ ସାହିରେ ସମନ୍ୱୟ ସଭା



ପୁରୀ, ୧୯।୨ (ସମିସ): ପାଖେଇ ଆସିଲାଣି ଶ୍ରୀକ୍ଷେତ୍ରର ସାହିଯାତ। ଏହାକୁ ଶାନ୍ତିଶୃଙ୍ଖଳାର ସହ ସୂଚାରୁ ରୂପେ ପାଳନ କରିବା ଲାଗି ପ୍ରସ୍ତୁତି ଆରମ୍ଭ କରିଦେଲାଣି ପୁରୀ ପୁଲିସ। ଏହି କ୍ରମରେ ଗୁରୁବାର କୁଣ୍ଠାଇବେଣ୍ଟ ସାହି ଅଞ୍ଚଳରେ ସାହି କମିଟି ସମନ୍ୱୟ ସଭା ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ପ୍ରତୀକ୍ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୁଲିସ ଅଧିକାରୀମାନଙ୍କ ସହ ସାହିର ସ୍ଥାନୀୟ କମିଟି ସଦସ୍ୟ ଓ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ। ସଭାରେ ସାହିଯାତ ଅବସରରେ ଭିଡ଼ ନିୟନ୍ତ୍ରଣ, ଆପାତ୍‌କାଳୀନ ସେବା ଓ ସାଧାରଣ ଲୋକଙ୍କ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ବିଷୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଯାତ୍ରା ସମୟରେ ସାହି ମାଧ୍ୟମରେ ଯାଉଥିବା ପ୍ରମୁଖ ରୁଟ୍, ବିକଳ୍ପ ରୁଟ୍ ଚିହ୍ନଟ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏସ୍‌ପି ସ୍ଥାନୀୟ ସାହି କମିଟି ସଦସ୍ୟମାନଙ୍କୁ ସହଯୋଗ ପାଇଁ ଅନୁରୋଧ କରି କହିଥିଲେ ଯେ, ପୁଲିସ–ଜନସାଧାରଣ ସମନ୍ୱୟ ଦ୍ୱାରା ଏପରି ପାରମ୍ପରିକ ଯାତ୍ରାକୁ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ସମ୍ପନ୍ନ କରିହେବ। ସାହି ଭିତର ରାସ୍ତା ସଫାସୁତରା ରଖିବା, ବେଆଇନ ପାର୍କିଂ ରୋକିବା, ବିଦ୍ୟୁତ୍ ତାର ଓ ଅସ୍ଥାୟୀ ଟେଣ୍ଟ ଯାଞ୍ଚ କରିବା ପାଇଁ ସ୍ଥାନୀୟ କମିଟିଙ୍କ ସହଯୋଗ କାମନା କରାଯାଇଥିଲା। ଏହି ବୈଠକରେ ଅତିରିକ୍ତ ଏସ୍‌ପି ସଚିନ ପଟେଲ, ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ, ସିଟି ଡିଏସ୍‌ପି ରଶ୍ମି ରଞ୍ଜନ ମହାପାତ୍ର, ଟ୍ରାଫିକ୍ ଡିଏସ୍‌ପି ରାଜକୁମାର ପରିଡ଼ା, ଟାଉନ୍ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାସ, ଟ୍ରାଫିକ୍ ଥାନା ଅଧିକାରୀ ସଙ୍ଗୀତା ଦାଶଙ୍କ ସମେତ ଅନ୍ୟାନ୍ୟ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।

# ବୋଲଗଡ଼ ବିଡିଓଙ୍କ ଅଗଣତାନ୍ତ୍ରିକ କାର୍ଯ୍ୟକୁ ବିଜେଡିର ନିନ୍ଦା

## ପିଡିଡିଆରଡିଏଙ୍କୁ ବିଜେଡି ପ୍ରତିନିଧିଙ୍କ ସ୍ମାରକପତ୍ର ପ୍ରଦାନ



ଖୋର୍ଦ୍ଧା, ୧୯।୨ (ସମିସ): ଖୋର୍ଦ୍ଧା ଜିଲ୍ଲାର ବୋଲଗଡ଼ ବିଡିଓ ସୁମନ ସୁଧା କୁଣ୍ଡୁଙ୍କ ଦ୍ୱାରା ଅଗଣତାନ୍ତ୍ରିକ କାର୍ଯ୍ୟ ଓ ଦଳୀୟ ଭିତ୍ତିରେ ପକ୍ଷପାତ ବ୍ୟବହାର, ପ୍ରଶାସନିକ ଅନିୟମିତାକୁ ତୀବ୍ର ଭାବେ ନିନ୍ଦା କରିଛି ବିଜୁ ଜନତା ଦଳ। ବୋଲଗଡ଼ ବ୍ଲକରେ ଘଟୁଥିବା ଘଟଣାକୁ ନେଇ ଦଳ ଗଭୀର ଚିନ୍ତା ପ୍ରକାଶ କରିବା ସହ ଏହା ପଞ୍ଚାୟତସ୍ତରରେ ଲୋକତାନ୍ତ୍ରିକ କାର୍ଯ୍ୟପ୍ରଣାଳୀ ପାଇଁ କ୍ଷତିକାରକ ବୋଲି ବିଜେଡି କହିଛି।
ଗତ ୮ ଦିନ ଧରି ବିଭିନ୍ନ ରାଜନୈତିକ ଦଳର ନିର୍ବାଚିତ ପ୍ରତିନିଧିମାନେ ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସି ସାଧାରଣ ବିକାଶମୂଳକ ସମସ୍ୟାଗୁଡ଼ିକୁ ଉଠାଇ ଆସୁଛନ୍ତି। ଏଥିରେ କଲ୍ୟାଣକାରୀ ଯୋଜନାର ରୂପାୟନରେ ବିଳମ୍ବ, ଅସଂପୂର୍ଣ୍ଣ ଅବସ୍ଥାରେ ଥିବା ଅଧାଗଡା କାମ ଓ ଗ୍ରାମୀଣ ଲାଭାର୍ଥୀ ମାନଙ୍କ ସମସ୍ୟା ସମ୍ମିଳିତ ଅଛି। ଏହି ଆନ୍ଦୋଳନ ସମ୍ପୂର୍ଣ୍ଣ ଭାବେ ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ ଉପାୟରେ ଚାଲିଛି। ଯାହା ଆଇନସମ୍ମତ ଉପାୟରେ ଜନସମସ୍ୟା ସମାଧାନ ପାଇଁ ପ୍ରତିନିଧିମାନଙ୍କ ସଙ୍କଳ୍ପକୁ ପ୍ରତିବିମ୍ବିତ କରୁଛି। ସେହିପରି ନିର୍ବାଚିତ ପ୍ରତିନିଧିମାନଙ୍କ ସହିତ ଗଠନମୂଳକ ଆଲୋଚନା କରିବା ପରିବର୍ତ୍ତେ, ବିଡିଓ ମୁକାବିଲା ମନୋଭାବ ନେଇ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଖବର ଅନୁସାରେ, ଧାରଣା ସମୟରେ ନିର୍ବାଚିତ ବ୍ଲକ ଚେୟାରମ୍ୟାନଙ୍କୁ ବ୍ଲକ କାର୍ଯ୍ୟାଳୟ ପରିସରକୁ ପ୍ରବେଶ କରିବାରୁ ବଞ୍ଚିତ କରାଯାଇଥିଲା। ଏହିପରି କାର୍ଯ୍ୟ ଯଦି ସତ୍ୟ ପ୍ରମାଣିତ ହୁଏ, ତେବେ ଏହା ଗୋଟିଏ ସାମ୍ବିଧାନିକ ପଦବୀ ପ୍ରତି ଅସମ୍ମାନ ଏବଂ ପଞ୍ଚାୟତିରାଜ ପ୍ରଣାଳୀରେ ଉଦ୍ଦିଷ୍ଟ ଲୋକତାନ୍ତ୍ରିକ ବିକେନ୍ଦ୍ରୀକରଣର ଆତ୍ମାକୁ କ୍ଷତିଗ୍ରସ୍ତ କରୁଛି। ବିଜେଡି କହିଛି ଯେ ନିର୍ବାଚିତ ପ୍ରତିନିଧିଙ୍କୁ ତାଙ୍କ କର୍ତ୍ତବ୍ୟ ପାଳନରୁ ବଞ୍ଚିତ କରିବା ଏକ ଅଗଣତାନ୍ତ୍ରିକ କାର୍ଯ୍ୟ ଏବଂ ପ୍ରଚଳିତ ପ୍ରଶାସନିକ ମାନଦଣ୍ଡଙ୍କୁ ବିରୋଧ କରୁଛି। ବ୍ଲକ ପ୍ରଶାସନରେ କଥିତ ଦଳପକ୍ଷପାତୀ କାର୍ଯ୍ୟପ୍ରଣାଳୀ ନେଇ ଦଳ ଗଭୀର ଚିନ୍ତା ପ୍ରକାଶ କରିଛି। ସରକାରୀ କର୍ମଚାରୀମାନେ ରାଜନୈତିକ ନିରପକ୍ଷତା ରକ୍ଷା କରି ନିର୍ବାଚିତ ପ୍ରତିନିଧିମାନଙ୍କ ସହ ସମନ୍ୱୟରେ ଲୋକଙ୍କ କଲ୍ୟାଣ ଓ ବିକାଶ ପାଇଁ କାମ କରିବାକୁ ବାଧ୍ୟ ବୋଲି ଦଳ ଜୋର ଦେଇଛି। ଦଳର ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ୍ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ନାରାୟଣ ଜେନା ଏବଂ ରିତାଞ୍ଜଳି ପ୍ରଧାନଙ୍କ ସମେତ ବିଜେଡି ନେତାମାନଙ୍କ ଏକ ପ୍ରତିନିଧିମଣ୍ଡଳୀ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପିଡିଡିଆରଡିଏଙ୍କ ମାଧ୍ୟମରେ ଏକ ସ୍ମାରକପତ୍ର ପ୍ରଦାନ କରିବା ସହିତ ଏହି ବିଷୟରେ ତୁରନ୍ତ ହସ୍ତକ୍ଷେପ କରିବାକୁ ଦାବି କରିଥିଲେ। ବିଜେଡି ବିଡିଓଙ୍କ ବିରୋଧରେ ଆସିଥିବା ଅଭିଯୋଗଗୁଡ଼ିକର ସ୍ୱଚ୍ଛ ଓ ସମୟସୀମାବଦ୍ଧ ତଦନ୍ତ, କଥିତ ଭାବେ ବ୍ଲକ ଚେୟାରମ୍ୟାନଙ୍କୁ ପ୍ରବେଶ ଅନୁମତି ନମିଳିବାର ପରିସ୍ଥିତିର ଅନୁଧ୍ୟାନ ଏବଂ ପ୍ରଶାସନିକ ନିରପେକ୍ଷତା ଓ ସାଧାରଣ ଲୋକଙ୍କ ଆତ୍ମବିଶ୍ୱାସ ପୁନରୁଦ୍ଧାର ପାଇଁ ଉଚିତ ପଦକ୍ଷେପ ନେବାକୁ ଦାବି କରିଛି। ସେହିପରି, ବୋଲଗଡ଼ ବ୍ଲକରେ ବିକାଶମୂଳକ କାର୍ଯ୍ୟଗୁଡ଼ିକ ସୂଚାରୁ ଓ ଅବାଧ ଭାବେ ଚାଲୁ ରଖିବାକୁ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରାଯାଇଛି।

**● ବିଡିଓ ବଦଳି ଦାବିରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଉତ୍ତେଜନା ଘଟଣା**

## ୨୫ରୁ ଉର୍ଦ୍ଧ୍ୱଙ୍କ ନାଁରେ ଥାନାରେ ମାମଲା, ହଟିଲା ଆନ୍ଦୋଳନ

ଖୋର୍ଦ୍ଧା,୧୯।୨(ସମିସ): ବୋଲଗଡ ବିଡିଓଙ୍କ ବିରୋଧରେ ବ୍ଲକ ସମ୍ମୁଖରେ ଜନପ୍ରତିନିଧି ଓ ଜନସାଧାରଣଙ୍କ ଗଣଧାରଣା ଏବେ ହଟିଛି। ଧାରଣାର ନବମ ଦିନରେ ଆନ୍ଦୋଳନ ଉଗ୍ରରୂପ ଧାରଣ କରିବା ସହ ବୋଲଗଡ଼ ବ୍ଲକ ପରିସରରେ ବିଡିଓଙ୍କ ଗାଡି ଭଙ୍ଗାରୁଜା କରିଥିଲେ ଆନ୍ଦୋଳନକାରୀ। ଏପରିକି ପୁଲିସ ସହ ଆନ୍ଦୋଳନକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏ ନେଇ ବିଡିଓ ସୁମନ ସୁଦ୍ଧା କୁଣ୍ଡୁ ଗତକାଲି ରାତିରେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗ ଉପରେ ୨୫ରୁ ଉର୍ଦ୍ଧ୍ୱଙ୍କ ନାଁରେ ୬୭/୨୬ରେ ଏକ ମାମଲା ରୁଜୁ କରିଛି।

## ଗଞ୍ଜେଇ ସହ ବାଇକ ଜବତ, ଅଭିଯୁକ୍ତ କୋର୍ଟ ଚାଲାଣ

ବେଗୁନିଆ,୧୯।୨(ସମିସ): ଖୋର୍ଦ୍ଧା ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ଅଧିକାରୀ ତପସ୍ୱିନୀ ବରାଳଙ୍କ ନିର୍ଦ୍ଦେଶରେ ଉପନୀରିକ୍ଷିକା ମିତ୍ରବିନ୍ଦା ପରିଡ଼ାଙ୍କ ନେତୃତ୍ୱରେ କର୍ମଚାରୀ ମାନଙ୍କ ସହଯୋଗରେ ୨୦ କେଜି ଗଞ୍ଜେଇ, ମୋବାଇଲ ଫୋନ ଓ ବ୍ୟବହୃତ ବାଇକ ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ବେଗୁନିଆ ଥାନା ଅନ୍ତର୍ଗତ ଗେଡିଆପଲ୍ଲି ବଜାରରେ କଟକ ଜିଲ୍ଲା ବୈଦେଶ୍ୱର୍ ଥାନା ଅନ୍ତର୍ଗତ କଡ଼ାମଲ ଗ୍ରାମର ଅଖିଳ ମଙ୍ଗରାଜଙ୍କ ପୁଅ ସୌମ୍ୟଜିତ(୨୦)ଙ୍କ ଠାରୁ ୨୦ କେଜି ୩ ଶହ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷରୁ ଅଧିକ ହେବ ବୋଲି ଆକଳନ କରାଯାଇଛି।

## ସୁନା ଅଳଙ୍କାର ସହ ଟଙ୍କା ଚୋରି ଅଭିଯୋଗ

ବୋଲଗଡ଼, ୧୯।୨ (ସମିସ): ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅଞ୍ଚଳର ଅସରଳା ନୂଆସାହିରେ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ଘରୁ କବାଟ ଓ ଗଡରେଜ ଚାବି ଭାଙ୍ଗି ବୁଧବାର ରାତିରେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ନଗଦ ଟଙ୍କା ଚୋରି ହୋଇଥିବା ନେଇ ପୂର୍ଣ୍ଣଚନ୍ଦ୍ର ବାଙ୍କୋଇ ଫାଣ୍ଡିରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ପୂର୍ଣ୍ଣଚନ୍ଦ୍ରଙ୍କ ପରିବାର ବାଙ୍କୋଇ ଅପେରା ଯାତ୍ରା ଦେଖିବାକୁ ଯାଇଥିବାର ସୁଯୋଗ ନେଇ ଦୁର୍ବୃତ୍ତ ତାଙ୍କ ଘର ମୁଖ୍ୟ କବାଟର ତାଲା ଭାଙ୍ଗି ଘରେ ପଶି ଘରେ ଥିବା ଗଡରେଜ ଆଲମାରୀ ଚାବି ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ନଗଦ ୫୦ ହଜାର ଟଙ୍କା ଲୁଟି ନେଇଥିବାଥିବାର ପୂର୍ଣ୍ଣଚନ୍ଦ୍ର ବାଙ୍କୋଇ ଫାଣ୍ଡି ପୁଲିସ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ବାଙ୍କୋଇ ଫାଣ୍ଡି ପୁଲିସ ଏହି ଚୋରି ଘଟଣାର ତଦନ୍ତ ଅନୁସନ୍ଧାନ କରୁଥିବାର ସୂଚନା ମିଳିଛି।

## ଗମ୍ଭାରୀମୁଣ୍ଡାରେ ସଚେତନତା ଶିବିର



ଗମ୍ଭାରୀମୁଣ୍ଡା, ୧୯।୨ (ସମିସ): ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକସ୍ଥିତ ଗମ୍ଭାରୀମୁଣ୍ଡା ଗ୍ରାମ ପଞ୍ଚାୟତ ଅଫିସ୍‌ଠାରେ ଅଣୁ କ୍ଷୁଦ୍ର ଓ ମଧ୍ୟମ ବିଭାଗର ଜିଲ୍ଲା ଶିଳ୍ପ କେନ୍ଦ୍ର ଭୁବନେଶ୍ୱର ତରଫରୁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସହକାରୀ ଶିଳ୍ପ ଅଧିକାରୀ ସତ୍ୟାଶିସ ରାଉତ୍ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସମସ୍ତ ସରକାରୀ ସୁବିଧା ଓ ବିଭିନ୍ନ ଯୋଜନା ଯଥା ପିଏମ୍‌ଇଜିପି , ପିମ୍-ଫମଇ, ପିଏମ୍ - ବିଶ୍ୱକର୍ମା, ମୁଖ୍ୟମନ୍ତ୍ରୀ ଙ୍କ ସୁଧ ଫେରସ୍ତ ଯୋଜନା ସହିତ ଅନ୍ୟାନ୍ୟ ଯୋଜନା ବିଷୟ ରେ ଲୋକ ମାନଙ୍କୁ ବିସ୍ତୃତ ଭାବେ ଜଣାଇ ଲୋକମାନଙ୍କୁ ସଚେତନତା କରାଇଥିଲେ। ସଭାରେ ସ୍ଥାନୀୟ ସରପଞ୍ଚ ପ୍ରେମାଞ୍ଜଳି ପଟ୍ଟନାୟକ, ସମିତି ସଭ୍ୟ ଅନିତା ପ୍ରଧାନ ପଞ୍ଚାୟତ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଲୋକମାନଙ୍କୁ ଉତ୍ସାହିତ କରିଥିଲେ।

## ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ନିରାକାରପୁର, ୧୯।୨ (ସମିସ) : କ୍ଷେତ୍ରବାସୀ ଡିଏଭି କଲେଜ୍‌ରେ ଆଠଦିନ ବ୍ୟାପି ଚାଲିଥିବା ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଆୟୋଜନରେ ଚଳିତ ମାସ ୧୦ ତାରିଖରୁ ଆରମ୍ଭ ହୋଇଥିବା ପ୍ରଶିକ୍ଷଣ ଶିବିରରେ ମହାବିଦ୍ୟାଳୟର ଯୁକ୍ତ ତିନି ପ୍ରଥମ ବର୍ଷର ୧୨୫ଜଣ ଛାତ୍ରୀ ଅଂଶଗ୍ରହଣ ପୂର୍ବକ ପ୍ରଶିକ୍ଷିତ ହୋଇଥିଲେ। ଅଧ୍ୟାପିକା ମୋନାଲିସା ଆଚାର୍ଯ୍ୟଙ୍କ ସଂଯୋଜନା ଓ ସଂଦୀପ ମହାପାତ୍ରଙ୍କ ସହଯୋଗରେ ମାଷ୍ଟର ଟ୍ରେନର ଶୁଭଶ୍ରୀ ଜେନା ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ବିଭିନ୍ନ କଳା କୌଶଳର ତାଲିମ ଦେଇଥିଲେ। ଉଦ୍‌ଯାପନୀ ସମାବେଶରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଧୀରେନ୍ଦ୍ର କୁମାର ରାଉତରାୟ, ଯୁକ୍ତ ଦୁଇ ଅଧିକାରୀ ପ୍ରଫେସର କାଦମ୍ବିନୀ ସାହୁ, ବରିଷ୍ଠ ଅଧ୍ୟାପକ ଡ, ପ୍ରଭାତ କୁମାର ଦାଶ, ପ୍ରଫେସର ଅଞ୍ଜୁଳା ତ୍ରିପାଠୀ ଛାତ୍ରୀ ଓ ଶିବିରାର୍ଥୀ ମାନଙ୍କୁ ସମ୍ବୋଧିତ କରି ଆତ୍ମରକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ।

**● ମାଲିକାନାକୁ ନେଇ ବିବାଦ ଘେରରେ ଧବଳେଶ୍ୱର ମନ୍ଦିର**

## ହାଇକୋର୍ଟରେ ମାମଲା; କେବେ ସ୍ୱାଭାବିକ ହେବ ଯାନିଯାତ୍ରା

ବାଲୁଗାଁ,୧୯।୨(ସମିସ): ବାଲୁଗାଁ ଥାନା ଧୂଆଁଳ ଏବଂ କୋତରୀ ଗ୍ରାମ ମଧ୍ୟରେ ଅବସ୍ଥାପିତ ସୁପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ଧବଳେଶ୍ୱର ମହାଦେବଙ୍କ ମନ୍ଦିରର ମାଲିକାନାକୁ ନେଇ ରାଜ୍ୟ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି ଉଭୟ ଧୂଆଁଳ ଏବଂ କୋତରୀ ଗ୍ରାମବାସୀ। ଦୁଇ ଗ୍ରାମର ଗ୍ରାମବାସୀଙ୍କ ମଧ୍ୟରେ ବାଦ ବିବାଦ ଲାଗି ରହିଥିବା ବେଳେ ଜାଗର ଯାତ୍ରାକୁ ନେଇ ବିବାଦ ସୃଷ୍ଟି ହୋଇ ଗୋଷ୍ଠୀ ସଂଘର୍ଷ ଘଟି ବିଭିନ୍ନ ସମସ୍ୟା ଉପୁଜିବା ସହ ପରେ ମାଲିମକଦମା ଲାଗିରହି ବର୍ତ୍ତମାନ ଉକ୍ତ ମାମଲା କୋର୍ଟରେ ବିଚାରଧୀନ ଥିବା ବେଳେ ପ୍ରାୟ ତିନି ବର୍ଷ ହେବ ପୀଠରେ ବିଭିନ୍ନ ଯାନିଯାତ୍ରା ବନ୍ଦ ରହି କେବଳ ପରମ୍ପରା ଅନୁଯାୟୀ ଠାକୁରଙ୍କ ପୂଜା ନୀତିକାନ୍ତି ସମ୍ପନ୍ନ ହେଉଥିବାରୁ କେବେ ସ୍ୱାଭାବିକ ହେବ ଯାନିଯାତ୍ରା ଏହାକୁ ନେଇ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

କେଉଁ ଆବାହନ କାଳରୁ ବାଲୁଗାଁ ଥାନା ଅଧିନ କୋତରୀ ମୌଜାରେ ସୁପ୍ରସିଦ୍ଧ ଶୈବପୀଠ ଶ୍ରୀ ଧବଳେଶ୍ୱର ଦେବଙ୍କ ମନ୍ଦିର ପ୍ରତିଷ୍ଠା ହୋଇ ପୂଜା ପାଇଆସୁଥିବା ବେଳେ ପ୍ରାରମ୍ଭରୁ ଧୂଆଁଳ ଗ୍ରାମବାସୀ ମନ୍ଦିରର ପରିଚାଳନା ସହ ସମସ୍ତ ପୂଜା ନୀତିକାନ୍ତି ଦାୟିତ୍ୱ ନିର୍ବାହ କରିଆସୁଛନ୍ତି। ତେବେ ଗତ କିଛି ବର୍ଷ ହେଲା ମନ୍ଦିରର ଉନ୍ନୟନ କାର୍ଯ୍ୟକୁ ନେଇ ଦୁଇ ପଡ଼ୋଶୀ ଧୂଆଁଳ ଓ କୋତରୀ ଗ୍ରାମ ମଧ୍ୟରେ ବାଦ ବିବାଦ ଲାଗି ରହିଛି। ମନ୍ଦିର କୋତରୀ ଗ୍ରାମରେ ଅବସ୍ଥାପିତ ହୋଇଥିବାରୁ ଗତ କିଛି ବର୍ଷ ହେଲା ଉକ୍ତ ମନ୍ଦିରଟି ବିଜେ କୋତରୀ ଭାବେ ସାର୍ବଜନୀନ କରିବା ପାଇଁ ଗ୍ରାମବାସୀ ଦାବି କରୁଥିବା ଫଳରେ ଏହାକୁ କେନ୍ଦ୍ର କରି ବିବାଦ ସୃଷ୍ଟି ହୋଇଥିଲା। ଏପରିସ୍ଥଳେ ପବିତ୍ର ଜାଗର ଯାତ୍ରାକୁ ନେଇ ଉଭୟ କୋତରୀ ଓ ଧୂଆଁଳ ଦୁଇ ଗ୍ରାମ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇ ମନ୍ଦିର ପରିସର ରଣକ୍ଷେତ୍ର ପାଲଟି ଥିଲା। ଗୋଷ୍ଠୀ ସଂଘର୍ଷ ଫଳରେ ଉଭୟ ଗ୍ରାମର ୯ଜଣ ଆହତ ହୋଇଥିଲେ। ବାଲୁଗାଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ଶାନ୍ତିଶୃଙ୍ଖଳା ପାଇଁ ୨ସେକ୍ସନ ପୁଲିସ୍ ଫୋର୍ସ ମୁତୟନ କରିଥିବା ସ୍ଥଳେ ଏନେଇ ଉଭୟ ଗ୍ରାମର ଅଭିଯୋଗ କ୍ରମେ ପୁଲିସ ପୃଥକ ଭାବେ ଦୁଇଟି ମାମଲା ରୁଜୁ କରି ଉଭୟ ଗ୍ରାମର ୨ଜଣ ଲେଖାଏଁ ୪ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଉକ୍ତ ଦିନଠାରୁ ପୀଠରେ ଜାଗର ଯାତ୍ରା ସମେତ ବିଭିନ୍ନ ଯାନିଯାତ୍ରା ବନ୍ଦ ରହିଥିବା ବେଳେ ପରମ୍ପରା ଅନୁଯାୟୀ କେବଳ ଠାକୁରଙ୍କ ପୂଜା ନୀତିକାନ୍ତି ହେଉଛି। ମନ୍ଦିରର ମାଲିକାନାକୁ ନେଇ ଉଭୟ ଗ୍ରାମ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିବା ବେଳେ ତିନି ବର୍ଷ ହେବ ମାମଲା କୋର୍ଟରେ ବିଚାରଧୀନ ରହିଛି। ତେବେ ଏଥିପ୍ରତି ଏଣ୍ଡାଓମେଣ୍ଟ କମିସନର, ଜିଲ୍ଲା ପ୍ରଶାସନ ସମେତ ଚିଲିକା ବିଧାୟକ ତଥା ରାଜ୍ୟ ସରକାରଙ୍କ ରାଜ୍ୟ ଆଇନ ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେଇ ମନ୍ଦିର ଭଳି ପବିତ୍ର ସ୍ଥାନକୁ ବିବାଦ ମୁକ୍ତ କରିବା ଲାଗି ଏଥିରେ ହସ୍ତକ୍ଷେପ କରି ଯଥାଶୀଘ୍ର ଏହି ସମସ୍ୟାର ସମାଧାନ କରିବା ପାଇଁ ଶ୍ରଦ୍ଧାଳୁ ଓ ବୁଦ୍ଧିଜୀବୀ ମତବ୍ୟକ୍ତ କରିଥିବା ସ୍ଥଳେ ଏହାର ସ୍ଥାୟୀ ସମାଧାନ କରି ମନ୍ଦିରର ଯାନିଯାତ୍ରା ସ୍ୱାଭାବିକ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଜୟଦୁର୍ଗା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ; କୁସୁମାଟି ଫୁଟବଲ୍ ଆସୋସିଏସନ୍ ସେମିରେ

ବେଗୁନିଆ,୧୯।୨(ସମିସ): ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ କଣ୍ଟାମଲିମ ଗ୍ରାମରେ ୩୧ ତମ ବାର୍ଷିକ ଜୟଦୁର୍ଗା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଚତୁର୍ଥ ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଛି। ଗୁରୁବାର ଦିନ ଘାଟିକିଆ ଜୟ ବଜରଙ୍ଗ ବାଲି ଫୁଟବଲ୍ କ୍ଲବ ଓ ଜଟଣୀ କୁସୁମାଟି ଫୁଟବଲ୍ ଆସୋସିଏସନ୍ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ଟ୍ରାଇ ବେକର ସହାୟତାରେ ଜଟଣୀ କୁସୁମାଟି ଫୁଟବଲ୍ ଆସୋସିଏସନ୍ ୫-୪ ଗୋଲରେ ବିଜୟୀ ହୋଇ ସେମିରେ ପ୍ରବେଶ କରିଛି। ଏହି ଖେଳରେ କଣ୍ଟାମଣି ଗ୍ରାମ୍ୟକମିଟି ଉପଦେଷ୍ଟା ଚନ୍ଦ୍ର ଶେଖର ପାତ୍ର, ମହେନ୍ଦ୍ର ମାର୍ଥା, ସଭାପତି ଜମ୍ବେଶ୍ୱର ରାଉତରାୟ, ସମ୍ପାଦକ ଆର୍ତ୍ତବନ୍ଧୁ ମାଝୀ, କୋଷାଧ୍ୟକ୍ଷ ବାଉରୀ ବନ୍ଧୁ ପାଇକରାୟ, ଉପସଭାପତି ଅଜୟ କୁମାର ମାର୍ଥା ଓ ବରିଷ୍ଠ ଫୁଟବଲ୍ ଖେଳାଳୀ କୈଳାସ ଚନ୍ଦ୍ର ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଉତ୍ସାହିତ କରିଥିଲେ। ଖେଳକୁ ମ୍ୟାଚ କମିଶନର ନେତୃତ୍ୱରେ ଦୟାନ୍ ଖାଁଙ୍କ ନିର୍ଦ୍ଦେଶରେ ରେଫରୀ ରାଜୁ ମହାନ୍ତି ନେତୃତ୍ୱରେ ଲାଇନ ମ୍ୟାନ ଭାବେ ବିଦେଶୀ ନାୟକ,ସଗିର ଅହମ୍ମଦ ଓ ଗିରିଶ ଜାନି ସହଯୋଗ କରିଥିଲେ।

## ରାମକୃଷ୍ଣ ଶିକ୍ଷାକେନ୍ଦ୍ରରେ ରାମକୃଷ୍ଣ ପରମହଂସଙ୍କ ଜୟନ୍ତୀ

ଟାଙ୍ଗୀ,୧୯।୨(ସମିସ) : ଟାଙ୍ଗୀ ବ୍ଲକ ଅଧିନସ୍ଥ ରାମକୃଷ୍ଣ ଶିକ୍ଷାକେନ୍ଦ୍ରରେ ରାମକୃଷ୍ଣ ପରମହଂସଙ୍କ ଜୟନ୍ତୀ ଅବସରରେ ଅନୁଷ୍ଠିତ ହୋଇଥିବା ଶିକ୍ଷାକେନ୍ଦ୍ରରେ ଟାଙ୍ଗୀ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସଂଯମତା,ସମୟାନୁବର୍ତିତା ସହଯୋଗିତା,ସଙ୍କଳ୍ପ ଓ ସତଚିନ୍ତା ଛାତ୍ରଛାତ୍ରୀମାନଙ୍କର ବିକାଶ ପାଇଁ ବାଟ ଦେଖାଇଥାଏ ବୋଲି ମତବ୍ୟକ୍ତକରିଥିଲେ।ପ୍ରତିଷ୍ଠାତାସମ୍ପାଦକସୁରେନ୍ଦ୍ରନାରାୟଣସାହୁଙ୍କସଭାପତିତ୍ୱରେଅନୁଷ୍ଠିତସଭାରେମୁଖ୍ୟଅତିଥିଶ୍ରୀସାହୁଙ୍କସହିତ ମୁଖ୍ୟ ବକ୍ତା ଭାବରେ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ର ସଭାପତି ନାରାୟଣ ମହାପାତ୍ର ସମ୍ମାନିତ ଅତିଥି ଭାବରେ ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର କୁମାର ନାୟକ ଯୋଗଦେଇ ଆଲୋକପାତ କରିଥିଲେ। ଅଧ୍ୟକ୍ଷା ମୋନାଲି ଦାସ ବିବରଣୀ ପାଠ କରିଥିଲେ ଏବଂ ସ୍ୱାଗତିକା ମହାରଣା ଧନ୍ୟବାଦ ଦେଇଥିଲେ। ୧୬୦ ଜଣ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ପ୍ରିୟଙ୍କା ସାହୁ, ଦେବଯାନୀ ସ୍ୱାଇଁ ଏବଂ ସନ୍ତୋଷୀ ବେହେରାଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦୀପକ କୁମାର ମହାପାତ୍ର ସଂଯୋଜନା କରୁଥିଲେ।



**● ନିର୍ମାଣାଧୀନ ପାଠାଗାର ଭାଙ୍ଗିବା ଘଟଣା**

## ଜବତ ଜେସିବି ଛାଡ଼ିବାକୁ ମସୁଧା

ଖୋର୍ଦ୍ଧା,୧୯।୨(ସମିସ): ଦାଦାବଟି ନ ଦେବାରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣଧିନ ପାଠାଗାରକୁ ୩ଜଣ ଦୁର୍ବୃତ୍ତ ଜେସିବି ଯୋଗେ ମାଟିରେ ମିଶାଇଦେଲେ। ଏ ନେଇ ଶିଳ୍ପାଂଚଳ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଉପରେ ପୁଲିସ ୪୩/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୁଲିସ ଗତକାଲି ରାତିରେ ଟିଂକୁଡିଆ ଅଂଚଳରେ ଚଢଉ କରି ଅଭିଯୋଗରେ ଦର୍ଶାଯାଇଥିବା ଜେସିବିକୁ ଜବତ କରିଛି। ମାତ୍ର ଜବତ ଜେସିବି ଉକ୍ତ ଘର ଭାଙ୍ଗିନଥିବା କହି ପୁଲିସ ଛାଡିବାକୁ ମସୁଧା କରୁଥିବା ଚର୍ଚ୍ଚା ହେଉଛି। ତେବେ କଥା ହେଉଛି ଉକ୍ତ ଜେସିବିରେ ଓଡି.୦୨ ସିକ୍ୟୁ-୦୩୯୭ ନମ୍ବର ଲାଗିଛି, ଅଭିଯୋଗରେ ମଧ୍ୟ ସେହି ନମ୍ବର ଦିଆଯାଇଛି।



ତେବେ କେଉଁ ହିସାବରେ ପୁଲିସ ଉକ୍ତ ଜେସିବି ଘର ଭାଙ୍ଗିନି ବୋଲି କହୁଛି ତାକୁ ନେଇ ଉଠିଛି ପ୍ରଶ୍ନ। ବାସ୍ତବରେ ପୁଲିସ ତଦନ୍ତର ଦିଗକୁ ବଦଳାଇପାରେ ବୋଲି ଅଭିଯୋଗକାରୀମାନେ ଆଶଙ୍କା କରିଛନ୍ତି।

ପ୍ରକାଶ ଥାଉକି, ଖୋର୍ଦ୍ଧାବ୍ଲକ୍ ଅନ୍ତର୍ଗତ ମଲ୍ଲିପୁର ପଂଚାୟତରେ ସର୍ବସାଧାରଣଙ୍କ ନିମନ୍ତେ ସାଂସଦ ପାଣ୍ଠିରୁ ୫ଲକ୍ଷ ବ୍ୟୟରେ ଏକ ପାଠାଗାର ନିର୍ମାଣ କରିବା ଲାଗି କାର୍ଯ୍ୟାଦେଶ ବନ୍ତଳ ଗ୍ରାମର ହେମନ୍ତ ମାନସିଂହଙ୍କୁ ଦିଆଯାଇଥିଲା। ପାଠାଗାର ଟି ପଂଚାୟତର ଟିଂକୁଡିଆ ଗ୍ରାମରେ କରିବାକୁ ଜାଗା ଚିହ୍ନଟ କରାଯାଇଥିଲା। ଗତ ୨୦୨୫ ମଇ ମାସ ୮ ତାରିଖରେ ନଂ-୧୫୫୧ ରେ କାର୍ଯ୍ୟାଦେଶ ପାଇ ବ୍ଲକର କନିଷ୍ଠ ଯନ୍ତ୍ରୀଙ୍କ ଉପସ୍ଥିତରେ ପାଠାଗାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ତଳୁ କାମ ୬ଫୁଟ ୬ଇଞ୍ଚ ପର୍ଯ୍ୟନ୍ତ ନିର୍ମାଣ ହୋଇ ଆସିଥିଲା। ଠିକାଦାର ଦାଦାବଟି ନ ଦେବାରୁ ଗତ ମଙ୍ଗଳବାର ରାତି ପ୍ରାୟ ୧୧. ୪୫ମି ସମୟରେ ଓଡି.୦୨ ସିକ୍ୟୁ-୦୩୯୭ ନଂ ବିଶିଷ୍ଟ ଏକ ଜେସିବି ଯୋଗେ ଉକ୍ତ ନିର୍ମାଣଧିନ ପାଠାଗାରକୁ ଭାଙ୍ଗି ମାଟିରେ ମିଶାଇଦେଇଥିଲେ। ଖବର ପାଇ ହେମନ୍ତଙ୍କ ତାଙ୍କ ସହଯୋଗୀ ସେଠାରେ ପହଁଚିବା ବେଳକୁ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ ଚାଲିଥିବା ପାଠାଗାରକୁ ଭାଙ୍ଗିଥିବା ଦେଖିଥିଲେ। ଏ ନେଇ ହେମନ୍ତ ଥାନାରେ ଅଭିଯୋଗ କରିବାରେ ପୁଲିସ ୩ରୁ ଉଦ୍ଧର୍ ଲୋକଙ୍କ ନାଁରେ ୪୩/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଅଭିଯୋଗକାରୀମାନେ ଏହା ପୂର୍ବରୁ ଜିଲ୍ଲାପାଳ ଓ ଏସପିଙ୍କୁ ଭେଟି ଅଭିଯୋଗ କରିଥିଲେ।

**ଆରମ୍ଭ ହେଲା ମାଟ୍ରିକ ପରୀକ୍ଷା**

## ପ୍ରଥମ ଦିନରେ ୩୫୦ ପରୀକ୍ଷାର୍ଥୀ ଅନୁପସ୍ଥିତ

ଖୋର୍ଦ୍ଧା,୧୯।୨(ସମିସ): ଆଜିଠାରୁ ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା। ଏହି ପରୀକ୍ଷା ଆସନ୍ତା ୨ତାରିଖରେ ସରିବ। ଚଳିତ ବର୍ଷ ଜିଲ୍ଲାରେ ୩୩୮ ହାଇସ୍କୁଲର ୨୮୨୪୪ଜଣ ପରୀକ୍ଷାର୍ଥୀ ରହିଥିଲେ। ତନ୍ମଧ୍ୟରୁ ୨୭୯୮୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ପ୍ରଥମ ଦିନରେ ରେଗୁଲାର ଏକ୍ସ ରେଗୁଲାରରେ ୨୬୨ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟଙ୍କ ପକ୍ଷରୁ ସୂଚନା ମିଳିଛି। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟର ରେଗୁଲାର ଓ ଏକ୍ସ ରେଗୁଲାରରେ ୩୫୮ଜଣ ପରୀକ୍ଷାର୍ଥୀ ଫର୍ମ ଫିଲଅପ୍ କରିଥିଲେ। ମାତ୍ର ୨୭୦ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୮୮ଜଣ ଅନୁପସ୍ଥିତ ଥିଲେ। ରାଜ୍ୟ ମୁକ୍ତ ବିଦ୍ୟାଳୟ ପାଇଁ ୨ଟି କେନ୍ଦ୍ର ସମେତ ଜିଲ୍ଲାରେ ମୋଟ ୧୩୪ କେନ୍ଦ୍ରରେ ପରୀକ୍ଷା ଆୟୋଜିତ ହୋଇଥିଲା।



ସକାଳ ସାଢେ ୮ଟା ସୁଦ୍ଧା ପିଲା ମାନେ ନିର୍ଦ୍ଧାରିତ କେନ୍ଦ୍ରରେ ପହଁଚିଥିଲେ। ଫାଟକ ଆଗରେ ଶିକ୍ଷକ, ଶିକ୍ଷୟତ୍ରୀମାନେ ପିଲାଙ୍କୁ ଚେକିଙ୍ଗ ପରେ ଭିତରକୁ ଛାଡିଥିଲେ। ସକାଳ ୯ଟା ଠାରୁ ପୂର୍ବାହ୍ନ ୧୧.୩୦ମି. ପର୍ଯ୍ୟନ୍ତ ପରୀକ୍ଷା ଚାଲିଥିଲା। ପ୍ରଥମ ଦିନରେ ଭାଷା ସାହିତ୍ୟ ପରୀକ୍ଷା ରହିଥିଲା। କେନ୍ଦ୍ରରୁ ବାହାରିବା ସମୟରେ ପିଲାଙ୍କ ମଧ୍ୟରେ ନବୀନ ଉତ୍ସାହ ରହିଥିଲା। ସହଜ ପ୍ରଶ୍ନ ଆସିଥିବାରୁ ପ୍ରଥମ ଦିନ ପରୀକ୍ଷା ଭଲ ହୋଇଥିବା ଅଧିକାଂଶ ପିଲାଙ୍କ ଗୋଟିଏ ପ୍ରକାର ଉତର ରହିଥିଲା। ଏ ନେଇ ଜିଲା ଶିକ୍ଷାଧିକାରୀ ଶ୍ରୀମତୀ ରାୟ ଶୃଙ୍ଖଳିତ ପରୀକ୍ଷା ଆୟୋଜନ ଉପରେ ଗୁରୁତ୍ୱ ଦିଆଯାଇଛି। ପରୀକ୍ଷା ହଲକୁ ପରୀକ୍ଷାର୍ଥୀ ଏବଂ ଶିକ୍ଷକ,ଶିକ୍ଷୟତ୍ରୀ ମାନଙ୍କୁ ମୋବାଇଲ ଫୋନ ମନା କରାଯାଇଛି। ସମସ୍ତ ପରୀକ୍ଷା କେନ୍ଦ୍ରରେ ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା ଲାଗି ନିର୍ଦ୍ଦେଶ ଦିଆଯାଇଛି। ପରୀକ୍ଷା ସୁପରିଚାଳନା ଲାଗି ସମସ୍ତ ବ୍ୟବସ୍ଥା କରାଯାଇଛି। ପ୍ରଶ୍ନପତ୍ର ରଖିବା ପାଇଁ ୧୨ଟି ନୋଡାଲ କେନ୍ଦ୍ର ରହିଛି। ସମସ୍ତ କେନ୍ଦ୍ରରେ ଜଣେ ସୁପରିଣ୍ଟେଣ୍ଡେଣ୍ଟ ଏବଂ ସହାୟକ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନିଯୁକ୍ତି ଦିଆଯାଇଛି। ବୋର୍ଡ ର ଗାଇଡ ଲାଇନ ଅନୁସାରେ ପରୀକ୍ଷା ଚାଲିଛି। ପ୍ରଥମ ଦିନରେ ନିୟୋଜିତ ରହିଥିବା ସ୍କ୍ୱାର୍ଡ ଟିମ ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଛନ୍ତି। ପ୍ରଥମ ଦିନରେ କୌଣସି ସ୍ଥାନରେ କପି ହୋଇନଥିବା ଜଣାଯାଇଛି। ପରୀକ୍ଷା ସୁଚାରୁ ରୂପେ ପରିଚାଳିତ ହୋଇଥିବା ଶ୍ରୀମତୀ ରାୟ କହିଛନ୍ତି।

**ଟାଙ୍ଗୀ:** ଆଜି ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ଟାଙ୍ଗୀ ବ୍ଲକ ଅଧିନସ୍ଥ ୧୧ ଟି ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୧୦୦ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷାରେ ଅଂଶଗ୍ରହଣ କରିଥିବା ବେଳେ ୩୦ ଜଣ ଅନୁପସ୍ଥିତ ଥିବା ଜଣାପଡିଛି। ଟାଙ୍ଗୀ ବଳରାମଦେବ ବିଦ୍ୟାପୀଠରେ ୧୯୨, ଟାଙ୍ଗୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୬୯, ବଡ଼ପାରୀ ହାଇସ୍କୁଲ ୨୧୧, ଜନତା ହାଇସ୍କୁଲ କୁହୁଡି ୧୪୬, ପଦ୍ମକୁମୁଦ ବିଦ୍ୟାନିକେତନ ନୂଆପଡା ସୁନ୍ଦରପୁର ୧୯୨, ସ୍ୱପ୍ନତାରା ମିଳିତ ବିଦ୍ୟାପୀଠ କନ୍ତଲବାଇ ୩୦୧, ବାଲିପାଟପୁର ରିଫ୍ୟୁଜି ହାଇସ୍କୁଲ ୨୩୦, କେବି ଏକାଡେମୀ ନିରାକାରପୁର ୧୨୫, ରାମେଶ୍ୱର ହାଇସ୍କୁଲ ୧୬୬, ଦାଶରଥି ହାଇସ୍କୁଲ ଓଳସିଂହ ୧୯୭, ସରକାରୀ ହାଇସ୍କୁଲ କମାଗୁରୁ ୧୭୧ ଜଣ ପରୀକ୍ଷାର୍ଥୀ ଅଂଶଗ୍ରହଣ କରିଥିବା ଜଣାପଡିଛି।।

**ବାଲୁଗାଁ:** ଚଳିତ ବର୍ଷ ମଧ୍ୟ ମାଟ୍ରିକ୍ ପରୀକ୍ଷା ପାଇଁ ଚିଲିକା ବ୍ଲକର ବାଲୁଗାଁ ଉଚ୍ଚ ବିଦ୍ୟାଳୟକୁ ନୋଡ଼ାଲ ସେଣ୍ଟର ଭାବେ ଚିହ୍ନଟ କରାଯାଇଥିବା ବେଳେ ଏହି ନୋଡାଲ ସେଣ୍ଟର ଅଧିନରେ ଚିଲିକା ବ୍ଲକର ୯ଟି କେନ୍ଦ୍ରରେ ମୋଟ ୧୪୯୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଆବେଦନ କରିଥିବା ବେଳେ ପରୀକ୍ଷାର ପ୍ରଥମ ଦିବସରେ ୧୪୯୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ସ୍ଥଳେ ୨ଜଣ ଅନୁପସ୍ଥିତ ଥିବା ଚିଲିକା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦ୍ୱାରିକାନାଥ ବେହେରା ସୂଚନା ଦେଇଛନ୍ତି।

ଅନୁରୂପ ଭାବେ ଚଳିତ ବର୍ଷ ମଧ୍ୟ ମାଟ୍ରିକ୍ ପରୀକ୍ଷା ପାଇଁ ବାଣପୁର ବ୍ଲକର ଗୋଦାବରୀଶ ବିଦ୍ୟାପୀଠ ବାଣପୁରକୁ ନୋଡ଼ାଲ ସେଣ୍ଟର ଭାବେ ଚିହ୍ନଟ କରାଯାଇଥିବା ବେଳେ ଏହି ନୋଡାଲ ସେଣ୍ଟର ଅଧିନରେ ବାଣପୁର ବ୍ଲକର ୮ଟି କେନ୍ଦ୍ର ତଥା ୨୩ଟି ଉଚ୍ଚବିଦ୍ୟାଳୟର ସମୁଦାୟ ୧୯୫୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଆବେଦନ କରିଥିବା ବେଳେ ପରୀକ୍ଷାର ପ୍ରଥମ ଦିବସରେ ୧୯୩୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ସ୍ଥଳେ ୨୧ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ବାଣପୁର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନାତନ ଜାଲି ସୂଚନା ଦେଇଛନ୍ତି।

# ବଡ଼ବିଲ-ପୁରୀ, ବଡ଼ବିଲ-କଲିକତା ବସ୍ ଯୋଡ଼ା ବସଷ୍ଟାଣ୍ଡକୁ ପ୍ରବେଶ ଦାବି

ଯୋଡ଼ା, ୧୯।୨(ସମିସ): ବଡ଼ବିଲ-ପୁରୀ ଜଗନ୍ନାଥ ଏକ୍ସପ୍ରେସ ଓ ବଡ଼ବିଲ-କଲିକତା ବସ ଦୈନିକ ଯୋଡ଼ା ବାହାରୁ କଳାପାହାଡ଼ ହୋଇ ଯାତାୟାତ କରୁଥିବା ବେଳେ ଯୋଡ଼ା ସହର ମଧ୍ୟକୁ ପ୍ରବେଶ ନ କରିବା ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଉଭୟ ବସକୁ ଯୋଡ଼ା ସହର ମଧ୍ୟ ଦେଇ ଯିବା ଆସିବା କରିବା ନିମନ୍ତେ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଯୋଡ଼ା ବିକାଶ ପରିଷଦ ପକ୍ଷରୁ ଦାବି କରାଯାଇଛି। ଏ ସଂକ୍ରାନ୍ତରେ ପରିଷଦର ସମ୍ପାଦକ ସୁଶାନ୍ତ କୁମାର ବାରିକ ଜିଲ୍ଲା ପରିବହନ ବିଭାଗକୁ ଏକ ଅନୁରୋଧପତ୍ର ଦେଇଥିବା ଜଣାପଡିଛି। ଏଠାରେ ପ୍ରକାଶ ଯୋଗ୍ୟ ଯେ ଯୋଡ଼ା ବସଷ୍ଟାଣ୍ଡଠାରୁ କଳାପାହାଡ଼ ଛକର ଦୂରତା ହାରାହାରି ୫ କିଲୋମିଟର ହୋଇଥିବା ବେଳେ ଯାତାୟାତ କରିବା ପାଇଁ କେବଳ ୧ ନମ୍ବର ଓ ୨ ନମ୍ବର ୱାର୍ଡ ଲୋକଙ୍କ ପାଇଁ ସାମାନ୍ୟ ସୁବିଧା ହେଉଛି। ୩ ନମ୍ବର ୱାର୍ଡରୁ ୧୪ନମ୍ବର ୱାର୍ଡରେ ବସବାସ କରୁଥିବା ଲୋକଙ୍କୁ ନାହିଁ ନ ଥିବା ଅସୁବିଧା ଭୋଗିବାକୁ ପଡୁଛି। ବଡ଼ବିଲ-ପୁରୀ ବସଟି ପୁରୀ ଅଭିମୁଖେ ରାତି ୧୦ଟା ସମୟରେ କଳାପାହାଡ଼ ଅତିକ୍ରମ କରୁଥିବା ବେଳେ ଫେରିବା ବେଳେ ରାତି ୩ଟା ବେଳେ କଳାପାହାଡ଼ ନିକଟରେ ପହଞ୍ଚୁଛି। ରାତ୍ରି ସମୟରେ ଯାତ୍ରୀଙ୍କୁ କଳାପାହାଡ଼ଠାରେ ଓହ୍ଲାହି ବସଟି ବଡ଼ବିଲ ଯାଉଥିବା ବେଳେ ଛକଟି ନିଛାଟିଆ ରହୁଥିବା ନେଇ ଯାତ୍ରୀଙ୍କୁ ଭୟଭୀତ କରୁଛି। ଉକ୍ତ ଛକରୁ ରାତ୍ରି ସମୟରେ ଯାତ୍ରୀ ପରିବହନର କୌଣସି ସୁବିଧା ନ ଥିବାରୁ ଚୋରି ରାହାଜାନିର ଭୟ ରହୁଛି। ଜଗା ଦର୍ଶନ ସାରି ଫେରୁଥିବା ବର୍ଷିଷ୍ଠ ବ୍ୟକ୍ତି, ମହିଳାଙ୍କ ପକ୍ଷେ ଏହା ଅତ୍ୟନ୍ତ କଷ୍ଟଦାୟକ। ଉଭୟ ବସ ଯୋଡ଼ା ବସଷ୍ଟାଣ୍ଡରେ ଯାତ୍ରୀଙ୍କୁ ଓହ୍ଲାଇ ବଡ଼ବିଲ ଅଭିମୁଖେ ଯିବାର ବ୍ୟବସ୍ଥା କରାଗଲେ ସମସ୍ତ ଅସୁବିଧା ଦୂର ହୋଇ ପାରନ୍ତା ବୋଲି ଦାବି ହେଉଛି।

# ରାତିରେ ହେଲା କାମ; ସକାଳୁ ଉଠିଗଲା ପିଚୁ

ଚମ୍ପୁଆ,୧୯।୨(ସମିସ): ଚମ୍ପୁଆ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଜାମୁଦଲକ ପଞ୍ଚାୟତର ଜାମୁଦଲକଠାରୁ କଙ୍କଡାପାଟ ରାସ୍ତା ରାତିଅଧିଆ ପିଚୁ ହେଉଥିବା ବେଳେ ସକାଳୁ ପିଚୁ ଉଠିଯିବାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ମଙ୍ଗଳପୁରଠାରୁ କଙ୍କଡ଼ାପାଟ ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା କାର୍ଯ୍ୟ ଅଧପନ୍ତରିଆ ଅବସ୍ଥାରେ ପଡ଼ି ରହିଥିବା ବେଳେ ଏହାର କାର୍ଯ୍ୟ ଏବେ ଆରମ୍ଭ କରାଯାଇଛି। ମାତ୍ର ଠିକାଦାର ଜଣକ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ ରାତିଅଧିଆ ପିଚୁ କାମ କରି କାର୍ଯ୍ୟ ଶେଷ କରିବାକୁ ଚେଷ୍ଟା କରୁଥିବା ବେଳେ ଗ୍ରାମବାସୀ କାର୍ଯ୍ୟକୁ ବିରୋଧ କରିଥିଲେ। ଉକ୍ତ ପିଚୁ ହୋଇଥିବା ରାସ୍ତାଟି



ସକାଳୁ ପିଚୁ ଉଠିଯିବାରୁ କାମର ମାନ ନେଇ ପ୍ରଶ୍ନ ଉଠିଛି। ଗ୍ରାମବାସୀ ବିଭାଗୀୟଅଧିକାରୀଙ୍କ ଉପସ୍ଥିତିରେ କାର୍ଯ୍ୟ କରିବା ପାଇଁ ଦାବି କରି କାର୍ଯ୍ୟ ବନ୍ଦ କରିଥିଲେ। ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଅଧିକାରୀ ରାମଚନ୍ଦ୍ର ପ୍ରଧାନ କହିଛନ୍ତି ଯେ ସେ କାଲି ଅନୁପସ୍ଥିତ ଥିଲେ ଏବଂ ଯନ୍ତ୍ରୀ ବି ନଥିଲେ। ଆଜି

## ଅଧିକାରୀ-ଠିକାଦାର ମଧୁଚନ୍ଦ୍ରିକା

ଯନ୍ତ୍ରୀଙ୍କୁ ସେଠାକୁ ପଠାଇଛି ଖରାପ କାମକୁ ଉଠାଇ ଯାଇ ପୁଣି କରାଯିବ। ଅନ୍ୟପକ୍ଷରେ ଗ୍ରାମବାସୀ ପିଚୁ ପୂର୍ବରୁ ଧୂଳି ଉଠା ଯାଇ ନଥିବାରୁ ତଥା ରାତିଅଧିଆ ତରବର ଭାବେ ଏହି କାର୍ଯ୍ୟ କରାଯାଇଥିଲା। ଏଥିରେ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଥିବା ନେଇ ଜନସାଧାରଣ ଆଲୋଚନା କରୁଛନ୍ତି।

# ମହୁଲି ମଦ ଓ ପୋଚ ଜବତ, ୪ ଗିରଫ



ହାଟଡ଼ିହୀ,୧୯।୨(ସମିସ): ଆନନ୍ଦପୁର ଅବକାରୀ ରେଞ୍ଜ ଓ ଅବକାରୀ ଥାନା ପକ୍ଷରୁ ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ ଏବଂ ଆନନ୍ଦପୁର ଅବକାରୀ ଥାନା ଷ୍ଟାଫ୍‌ଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଆନନ୍ଦପୁର ଥାନା ଓ ଘସିପୁରା ଥାନା ଅନ୍ତର୍ଗତ ଶାମୁକା ନେଣ୍ଡି, କୋଲବେଡା ଅଞ୍ଚଳରେ ଚଢ଼ଉ କରାଯାଇ ୨୧୦ ଲିଟର ଦେଶୀ ରନ୍ଧାମଦ ଓ ୨୭୦୦ ଲିଟର ମହୁଲ ପୋଚ ଜବତ କରିବା ସହ ଉକ୍ତ ଗ୍ରାମର ସୂର୍ଯ୍ୟମଣି ମାଣ୍ଡି, ଲିଟରାୟ ମାରାଣ୍ଡି, ସରସ୍ୱତୀ ମୁର୍ମୁ ଓ ଜିତେନ୍ଦ୍ର କିସ୍କୁଙ୍କୁ ଗିରଫ କରାଯାଇଛି। ଜବତ ଦେଶୀ ମହୁଲିମଦ ଓ ମହୁଲ ପୋଚର ଆନୁମାନିକ ମୂଲ୍ୟ ୯୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚଢ଼ଉରେ ହାଟଡିହୀ ଅବକାରୀ ଥାନା ସହ ଉପନିରୀକ୍ଷକ, ସୁଶାନ୍ତ ରାଉତ, ଆନନ୍ଦପୁର ସହ ଉପନିରୀକ୍ଷକ ଶୁଭସ୍ମିତା ବେହେରା କନେଷ୍ଟବଲ ଜଗମୋହନ ବେହେରା, ସସଞ୍ଜୀବ ସେଠୀ, ରେବତୀ ସାହୁ ଷ୍ଟାଫ୍‌ମାନେ ସାମିଲ ଥିଲେ। ଏନେଇ ଆନନ୍ଦପୁର ରେଞ୍ଜ ଅବକାରୀ ଥାନା ପକ୍ଷରୁ ୩ଟି ଓ ଆନନ୍ଦପୁର ଅବକାରୀ ଥାନା ପକ୍ଷରୁ ୨ଟି ମାମଲା ରୁଜୁ କରାଯାଇଛି।

# ଲକ୍ଷ୍ମୀନାରାୟଣ ବଜାରରେ 'ଘସିପୁରା ଖଟି'



ଆନନ୍ଦପୁର, ୧୯।୨ (ସମିସ): ଘସିପୁରା ଲକ୍ଷ୍ମୀନାରାୟଣ ମାର୍କେଟରେ ଘସିପୁରା ଖଟିଗୃହ ଉଦ୍‌ଘାଟିତ ହୋଇଯାଇଛି। ଏହି ଖଟି କାର୍ଯ୍ୟାଳୟକୁ ଝଡ଼େଶ୍ୱର ମନ୍ଦିରର ଶ୍ରୀହନୁମାନଙ୍କ ପୂଜକ କୁନା ନନା ପୂଜା କଳସ ସ୍ଥାପନ କରି ହନୁମାନ ଚାଳିଶା ପାଠ ପୂର୍ବକ ଗୃହ ପ୍ରବେଶ କରିଥିଲେ। ଖଟି ଗୃହରେ କ୍ୟାରମ୍ ଚେସ ତାସ ଖେଳ ଭଳି ଅନେକ ସୁବିଧା ରହିଥିଲା ବେଳେ ଦେଶବିଦେଶ ଖବର ଜାଣିବା ପାଇଁ ଟିଭି ଓ ଖବରକାଗଜର ବ୍ୟବସ୍ଥା ରହିଛି। ଘସିପୁରା ଗ୍ରାମର ଅନେକ ଯୁବ ଛାତ୍ର ପ୍ରଥମ ସନ୍ଧ୍ୟାରେ ଇଣ୍ଡିଆ ଏବଂ ନେଦରଲାଣ୍ଡ କ୍ରିକେଟ ମ୍ୟାଚ୍‌କୁ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମରେ ଯୁବନେତା ଦୀପକ ଜେନା, ଯୁବକ ସଂଘ ସଭାପତି ଆଶିଷ ବେହେରା, ସାର୍ବଜନୀନ ଗଣେଶ ପୂଜା କମିଟି ସଭାପତି ପୌଲସ୍ତ୍ୟ ସାହୁ, ସମ୍ପାଦକ ମଙ୍ଗଳ ନାୟକ, ଜ୍ୟୋତିର୍ମୟ ଦାସ, ମାନସ ରଞ୍ଜନ ସାହୁ, ରଞ୍ଜନ ସାହୁ, ଦେବେନ୍ଦ୍ର ବେହେରା, ଦୀପକ ସାହୁ, ନୀଳମାଧବ ସାହୁ, ଦିଲ୍ଲୀପ ବେହେରା, ଲିପୁ ନାୟକ, ମିଲୁ ସାହୁ, ରିପୁ ସାହୁ, ସତ୍ୟବ୍ରତ ସାହୁ, ମଣ୍ଟୁ ସାହୁ, ମନ୍ମଥ ସାହୁ, ପିନୁ ସାହୁ, ଅଶ୍ୱିନୀ ମିଶ୍ର, ପ୍ରଳୟ ସାହୁ, ସରୋଜ ସାହୁ, ମଳୟ ସାହୁ, ଦିପୁ ସାହୁ, ତପନ ସାହୁ, ସିଡୁଲ ନାୟକ, ମାନସ ଦାସ, ସୋମିତ୍ର ସାହୁ, ଅମୂଲ୍ୟ ସାହୁ, କ୍ଷମାକର ସାହୁ, ଦାମଦୋର ସାହୁ, ଦିବ୍ୟଶ୍ରୀ ଓଝା, ଶିବ ସାହୁ, ଆନନ୍ଦ ସା, ଜୟନ୍ତ ସାହୁ, ସଦାଶିବ ସାହୁ, ଲାଲଟୁ ନାହାକ, ରମେଶ ବାରିକ, ବାଡ଼ିଆ ଦେହୁରୀ, ବିଜୟ ବେହେରା, ଅଜୟ ବେହେରା ଉପସ୍ଥିତ ଥିଲେ।

# ଲକ୍ଷାଧିକ ଟଙ୍କାର ଖଣିଜ ଜବତ

## ୩ ଟ୍ରକ୍ ସହ ୪ ଅଟକ

ଯୋଡ଼ା, ୧୯।୨(ସମିସ):

ଖଣି ବିଭାଗ ପକ୍ଷରୁ ଖଣିଜ ଚୋରା କାରବାର ଉପରେ ଚଢ଼ଉ ହୋଇଛି। ଏଥିରେ ବ୍ୟବହୃତ ତିନୋଟି ଟ୍ରକ ସହ ଲକ୍ଷାଧିକ ଟଙ୍କାର ଖଣିଜ ଜବତ ହୋଇଛି। କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ସୁନ୍ଦରଗଡ଼-କେନ୍ଦୁଝର ସୀମାନ୍ତ ଅଞ୍ଚଳର ପୀଢପୋଖରୀ ମାଲାଙ୍ଗଟୋଲି ଜଙ୍ଗଲରେ ଲୁହାପଥର ଚୋରା ଚାଲାଣ ହୋଉଥିବା ବେଳେ ଲୁହାପଥର ବୋଝେଇ ଟ୍ରକ ଜବତ କରାଯାଇଛି। ତିନୋଟି ଟ୍ରକରେ ୧୦୦ ଟନ୍‌ରୁ ଅଧିକ ଲୁହାପଥର ଥିବା ଜଣାପଡିଛି, ଯାହାର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କା ହେବ। ଏହି କାରବାରରେ ସମ୍ପୃକ୍ତ ୪ ଜଣ ଟ୍ରକ୍ ଡ୍ରାଇଭର ଓ ହେଲପରଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି ଖଣି ବିଭାଗ। ଯୋଡ଼ା ଖଣି କ୍ଷେତ୍ର ପିଢପୋଖରୀ ଅଞ୍ଚଳ ଦୁର୍ଗମ ଓ ଜଙ୍ଗଲପୂର୍ଣ୍ଣ ହେବା ସହ ଜିଲ୍ଲା ସୀମାନ୍ତ ଅଞ୍ଚଳ ହେଉଥିବା ନେଇ ଅନେକ ସମୟରେ ଖଣିଜ ଚୋରି କରି ଅନାୟାସରେ ସହଜ ହେଉଥିବା ନେଇ ଖଣିଜ ଚୋରଙ୍କ ଏହା ଆଡାସ୍ଥଳୀ ପାଲଟିଛି। ପୁଲିସ ଓ ଖଣି ବିଭାଗ ମଧ୍ୟରେ ସମନ୍ୱୟ ରହିଲେ ଖଣିଜ ମାଫିଆଙ୍କ ଉପରେ ଅଙ୍କୁଶ ଲାଗିପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

# କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଉପଦେଷ୍ଟାମଣ୍ଡଳୀ ବୈଠକ



କେନ୍ଦୁଝର, ୧୯।୨(ସମିସ): ଯୁଡିଆ ଫାର୍ମ ପରିସରରେ କୃଷି ବିଜ୍ଞାନ କେନ୍ଦ୍ର କେନ୍ଦୁଝରର ୨୬ତମ ବୈଜ୍ଞାନିକ ଉପଦେଷ୍ଟାମଣ୍ଡଳୀ ବୈଠକ ପ୍ରଫେସର୍ ପ୍ରସନ୍ନଜିତ୍ ମିଶ୍ର, ଅଧ୍ୟକ୍ଷ ଶିକ୍ଷା ସମ୍ପ୍ରସାରଣ ନିର୍ଦ୍ଦେଶାଳୟ ଓୟୁଏଟିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ ଡ. ସର୍ବାଣୀ ଦାସ ଏବଂ ପ୍ରଫେସର୍ ଡ଼ ସର୍ବନାରାୟଣ ମିଶ୍ର ଯୋଗ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ ଡ଼ ସୁକାନ୍ତ ସାହୁ କେନ୍ଦ୍ର ପକ୍ଷରୁ ନିଆଯାଇଥିବା ପଦକ୍ଷେପଗୁଡ଼ିକୁ ଉପସ୍ଥାପନ କରିବା ସହିତ ଆଗାମୀ କାର୍ଯ୍ୟଯୋଜନାଗୁଡ଼ିକୁ ଉପସ୍ଥିତ ସଭ୍ୟଙ୍କ ସମ୍ମୁଖରେ ରଖିଥିଲେ। କୃଷି ଅନୁସନ୍ଧାନ ପରିଷଦ ଅଟାରୀ ଜୋନ-୫ର ପ୍ରମୁଖ ବୈଜ୍ଞାନିକ ଡ଼ ଶ୍ୟାମଳ କୁମାର ମଣ୍ଡଳ ଆଭାସୀ ମଞ୍ଚ ମାଧ୍ୟମରେ ଏହି ବୈଠକରେ ଯୋଗ ଦେଇଥିଲେ। ଫଳ, ପନିପରିବା ଏବଂ ଛତୁର ଅଭାବୀ ବିକ୍ରିକୁ ପ୍ରତିହତ କରିବାକୁ ଚାଷଙ୍କୁ ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତି ପାଇଁ ପର୍ଯ୍ୟାପ୍ତ ତାଲିମ୍ ସକାଶେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ଆଞ୍ଚଳିକ ଗବେଷଣା କେନ୍ଦ୍ରର ସହକାରୀ ନିର୍ଦ୍ଦେଶକ ଡ଼ କିଶୋରଚନ୍ଦ୍ର ସାହୁ, ଜିଲ୍ଲା କୃଷି ବିଭାଗ, ଉଦ୍ୟାନ ବିଭାଗ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ଜଳ ବିଭାଜିକା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ବିଭାଗର ସଦସ୍ୟମାନେ ଉପସ୍ଥିତ ଥିଲେ। କେନ୍ଦ୍ର ବୈଜ୍ଞାନିକ ନିଗମାନନ୍ଦ ବେହେରା ଧନ୍ୟବାଦ ଦେଇଥିଲେ।

# ବାଲି ବୋଝେଇ ହାଇୱା ଜବତ



ତୁରୁମୁଙ୍ଗା, ୧୯।୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଢେଙ୍କିକୋଟ ଦେଇ ଯାଇଥିବା ଜାତୀୟ ରାଜପଥର ମଲ୍ଲିପଶି ନିକଟରୁ ବୁଧବାର ବିଳମ୍ବିତ ରାତିରେ ପାଟଣା ପୁଲିସ ଓଡି ୦୯ ଡବ୍ଲୁ ୦୨୪୬ ନମ୍ବର୍ ବିଶିଷ୍ଟ ବେଆଇନ ବାଲି ବୋଝେଇ ହାଇୱାକୁ ଜବତ କରି ପାଟଣା ଥାନାକୁ ଆଣିଛି। ବୁଧବାର ବିଳମ୍ବିତ ରାତିରେ ପାଟଣା ପୁଲିସ ପକ୍ଷରୁ ଏଏସଆଇ ଧନେଶ୍ୱର ପାତ୍ର ପେଟ୍ରୋଲିଂ କରୁଥିବା ବେଳେ ଉକ୍ତ ହାଇୱାକୁ ଯାଞ୍ଚ କରିବା ବେଳେ ଡ୍ରାଇଭର କୌଣସି ବୈଧ ଟିପି ଦେଖାଇ ପାରି ନଥିଲେ। ଫଳରେ ହାଇୱାକୁ ପୁଲସ ଜବତ କରି ଥାନାକୁ ଆଣିଛି। ଡ୍ରାଇଭରକୁ ନୋଟିସ ଦେଇ ପୁଲିସ ଛାଡ଼ିଥିବା ବେଳେ ହାଇୱା ମାଲିକଙ୍କଠାରୁ ଜରିମାନା ଆଦାୟ କରାଇବାକୁ ଖଣି ଅଧିକାରୀଙ୍କୁ ରିପୋର୍ଟ ଦିଆଯାଇଥିବା ପାଟଣା ଥାନାଧିକାରୀ କିରଣ ପ୍ରସାଦ ସାହୁ କହିଛନ୍ତି।

# ଜଙ୍ଗଲ ନିଆଁ ନିବାରଣ ସଚେତନତା



ତେଲକୋଇ, ୧୯।୨(ସମିସ):

ତେଲକୋଇ ବନାଞ୍ଚଳ ଅଧିକାରୀ ଅଶୋକ କୁମାର ମାଝୀଙ୍କ ତତ୍ତ୍ୱାବଧାନରେ ଜଙ୍ଗଲ ନିଆଁ ସଚେତନତା ନେଇ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ତେଲକୋଇ ବନ ବିଭାଗ କାର୍ଯ୍ୟାଳୟରୁ ବହାରି ବଜାର ଅଞ୍ଚଳ ଦେଇ ଭୂୟାଁ ସାହି ମଧ୍ୟ ଯାଇ ବନ ବିଭାଗ କାର୍ଯ୍ୟାଳୟରେ ଶେଷ ହୋଇଥିଲା। ଜଙ୍ଗଲ ନିଆଁ ନିରାକରଣ ସହ ପରିବେଶ ସୁରକ୍ଷା, ହାତୀ ସୁରକ୍ଷା ଅଦି ବିଷୟରେ ସଚେତନ କରିବା ପାଇଁ କୀର୍ତ୍ତନମଣ୍ଡଳୀ ଦ୍ୱାରା ଏକ ସଙ୍କୀର୍ତ୍ତନ ଆୟୋଜନ କରାଯାଇଥିଲା। ବିଭିନ୍ନ ପ୍ରକାର ସଚେତନତା ସ୍ଲୋଗାନ ମାଧ୍ୟମରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଶୋଭାଯାତ୍ରାରେ ତେଲକୋଇ ବନପାଳ ପୁଷ୍ପଲତା ମହାନ୍ତ, କାଳିଆହତା ବନପାଳ ମଳୟ ଜେନା, ବନରକ୍ଷୀ ପ୍ରଭାତୀ ଦାସ ତ୍ରିଲୋଚନ ଖଣ୍ଡା, ପୁତୁଲୁ ନାୟକ, ନିଆଁ ଲିଭାଳି ସ୍କ୍ୱାଡ, ଗଜସାଥୀ, ପ୍ରୋଟେକ୍ସନ୍ ସ୍କ୍ୱାଡ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ବ୍ୟବସାୟୀ ଉମେଶ ମହାନ୍ତଙ୍କ ଅକାଳ ମୃତ୍ୟୁ

ଆନନ୍ଦପୁର, ୧୯।୨ (ସମିସ): ଆନନ୍ଦପୁର ଥାନା ଅନ୍ତର୍ଗତ କାଠକଟା ପଞ୍ଚାୟତର ଯୋଗିଆବନ୍ଧ ଗ୍ରାମରେ ଉମେଶ ମହାନ୍ତ (୭୧)ଙ୍କ ଅକାଳ ବିୟୋଗ ଘଟିଛି। ସେ ନିଜ ବାଡ଼ି କୂଅରେ ପଡ଼ି ପ୍ରାଣ ହରାଇଥିବା ଜଣାଯାଇଛି। ଗତ ବୁଧବାର ରାତିରେ ଶୌଚ ପାଇଁ ଯାଇଥିବା ବେଳେ



ଗୋଡ଼ ଖସି ଯାଇ କୂଅରେ ପଡ଼ି ଯାଇଥିଲେ। ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ହୋଇଥିବାରୁ ତାଙ୍କୁ ଉଦ୍ଧାର କରାଯାଇପାରି ନଥିଲା। ଫଳରେ ତାଙ୍କର ଜୀବନ ଚାଲିଯାଇଥିଲା। ଗୁରୁବାର ସକାଳୁ ଘର ଲୋକ ଖୋଜିବାରୁ କୂଅରେ ପଡ଼ିଥିବା ଦେଖି ପରିବାର ଲୋକ ଉଦ୍ଧାର କରି ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି। ଏନେଇ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ସେ ବ୍ୟବସାୟ କ୍ଷେତ୍ରରେ ବେଶ୍ ଲୋକପ୍ରିୟ ଥିଲେ।

# ଦେଓଗାଁ ସାଂସ୍କୃତିକ ମଞ୍ଚରେ ଶିବ ତାଣ୍ଡବ

ଆନନ୍ଦପୁର, ୧୯।୨ (ସମିସ):

ବାବା କୁଶଳେଶ୍ୱର, ଦେଓଗାଁ ପୀଠ ସାଂସ୍କୃତିକ ମଞ୍ଚରେ ଚତୁର୍ଥ ସନ୍ଧ୍ୟାରେ ବୀଣାପାଣି କଳାନିକେତନ, ଶାଳପଡ଼ା ନୃତ୍ୟାନୁଷ୍ଠାନର ନୃତ୍ୟଶିଳ୍ପୀମାନେ ନୃତ୍ୟଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ, ନୃତ୍ୟାଭିନୟ "ଆମ ସଂସ୍କୃତି ଆମ ପରମ୍ପରା' ଦଳଗତ ସମ୍ବଲପୁରୀ ନୃତ୍ୟ, ପଲ୍ଲୀନୃତ୍ୟ, ଶିବ ତାଣ୍ଡବ ପରିବେଷଣ କରିଥିଲେ। ୪୦ରୁ ଅଧିକ ନୃତ୍ୟ ଶିଳ୍ପୀ ଦର୍ଶକଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମର ଉଚ୍ଚକୋଟିର ପ୍ରଦର୍ଶନ ଦେଖାଇଥିଲେ। ନୃତ୍ୟ ଶିଳ୍ପୀ ତେଜସ୍ୱିନୀ ରାଉତ, ଲିଜ୍ଞାରାଣୀ ସାହୁ, ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ, ବିନୋଦ ଓଝାଙ୍କ ନୃତ୍ୟରେ ଦର୍ଶକ ବିଭୋର ହୋଇଥିଲେ। ଢୋଲ, ନିଶାନ ତାଳେ ତାଳେ ନୂଆପଡା ଅମୂଲ୍ୟ ପହି ବିଦ୍ୟାଳୟର ଛାତ୍ରୀମାନେ ସମ୍ବଲପୁରୀ ନୃତ୍ୟର କମାଲ କରିଥିଲେ। ଶେଷରେ ନୃତ୍ୟଗୁରୁ ଓ ନୃତ୍ୟ ଶିଳ୍ପୀଙ୍କୁ ଦେବୋତ୍ତର ବିଭାଗ ତରଫରୁ ମାନପତ୍ର ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।



# ଆନନ୍ଦପୁର ଉପଖଣ୍ଡରୁ ଚାଲିଛି ଶହ ଶହ କୋଟିର ବାଲି ଲୁଟ୍ !

ଆନନ୍ଦପୁର, ୧୯।୨ (ସମିସ):

କେନ୍ଦୁଝର ଜିଲ୍ଲାରେ ବାଲି ଲୁଟ୍ ଚରମସୀମାରେ ପହଞ୍ଚିଛି। ମାଫିଆ ଯେଉଁଠାରୁ ଚାହିଁଲେ ମନଇଚ୍ଛା ବାଲି ଲୁଟ୍ କରୁଛନ୍ତି। ଲଘୁ ଖଣିଜ ବିଭାଗ ନିକଟରେ ସମସ୍ତ ସୂଚନା ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନାହିଁ। ଗତ ଅକ୍ଟୋବରରେ ବାଲି ଲୁଟ୍ ବିରୋଧରେ ଓ ନଦୀ ସୁରକ୍ଷା ପାଇଁ ଜିଲ୍ଲାର ବିଭିନ୍ନ ନଦୀରେ ସତ୍ୟାଗ୍ରହ ହୋଇଥିଲା। ରାଜ୍ୟର ସର୍ବାଧିକ ଚର୍ଚ୍ଚିତ ଲୁଟ୍ ହେଉଛି ବାଲି ଚୋରି। ଏହାର ତଦନ୍ତ ପାଇଁ ରାଜ୍ୟ ସରକାରଙ୍କୁ ସୁପାରିସ କରିବା ପାଇଁ ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚ୍‌ର ଆବାହକ ଯଜ୍ଞପ୍ରସାଦ ସାହୁ ଏ ସମ୍ପର୍କରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସତ୍ୟାଗ୍ରହ ପରେ ଜିଲ୍ଲାରେ ୨ ମାସ ପର୍ଯ୍ୟନ୍ତ ବାଲି ଲୁଟ୍

## ଜିଲ୍ଲାପାଳଙ୍କ ନିକଟରେ ତଦନ୍ତ ଦାବି

ଓ ପରିବହନ ଉପରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଜିଲ୍ଲାର ବିଭିନ୍ନ ଥାନାରେ ଶହ ଶହ ସଂଖ୍ୟାରେ ବାଲି ଗାଡ଼ି ଜବତ୍ ହୋଇ ରଖାଯାଇଥିଲା। ତେବେ ବାଲି କେଉଁ ନଦୀର କେଉଁ ସ୍ଥାନରୁ ଆସିଲା ସେ ସମ୍ପର୍କରେ ଆଦୌ ତଦନ୍ତ ହୋଇନାହିଁ। ଶତାଧିକ ବେଆଇନ ଘାଟରେ



ବାଲି ଲୁଟରେ ସଂପୃକ୍ତ ଥିବା ବ୍ୟକ୍ତିବିଶେଷ ଓ ସରକାରୀ ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ପ୍ରଶାସନର ବିନା ସହଯୋଗରେ ଏତେ ବଡ଼ ଲୁଟ୍ ଆଦୌ ସମ୍ଭବ ନୁହେଁ ବୋଲି ଅଭିଯୋଗ ହୋଇଛି। କେବଳ ଆନନ୍ଦପୁର ଉପଖଣ୍ଡର ୫୦ରୁ ଅଧିକ ସ୍ଥାନରୁ ବାଲି ଲୁଟ୍ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ହାଟଡିହି ତହସିଲର ବୈତରଣୀ ନଦୀରେ ଗିରିଗାଁ, କରଗୋଳା, ଜମ୍ବରା, ଅମୃତପୁର, ଡିମିରିଆ, ସମଣା, ବଞ୍ଚୋ, ଆମ୍ରୋ ଆଦି ଘାଟରୁ ଦୀର୍ଘଦିନ ମାସ ହେବ ବେଆଇନ ଭାବେ ବାଲି ଉତ୍ତୋଳନ ଓ ପରିବହନ ହେଉଥିଲା। ସେହିପରି ଆନନ୍ଦପୁର ତହସିଲର ବୈତରଣୀ ନଦୀରେ ବୁଢ଼ୀକୁଦ, କୋଡ଼ପଡା, ତନେଇପାଳ, ଟୁକୁଣା, କୁମଡ ଆଦି ସ୍ଥାନରୁ ଘାଟ ନଥାଇ ବାଲି ଲୁଟ୍ ଚାଲିଛି। ଘଷିପୁରା ତହସିଲର ବୈତରଣୀ ନଦୀର ତମ୍ପୋ, ମଧୁକେଶରୀ, ଶାଳଦେଇ, ତାଳଗାଁ, ବୀରଗୋବିନ୍ଦପୁରଠାରେ ମଧ୍ୟ ଏହି ବେଆଇନ କାର୍ଯ୍ୟ ଚାଲିଛି। ସେହିପରି ରେମାଳ ଓ କୁଶେଇ ନଦୀର କାଠପାଳ, ଦରଡିପାଳ, ବେଲବାହାଳି ଆଦି ସ୍ଥାନରୁ ବଡ ବଡ ହାଇୱା ଦ୍ୱାରା ବାଲି ମାଫିଆ ଲୁଟ୍ କରୁଛନ୍ତି। ବିଭିନ୍ନ ନଦୀରୁ କେତେ ପରିମାଣର ବାଲି ଲୁଟ୍ ହୋଇଛି ସେ ସମ୍ପର୍କରେ ତଦନ୍ତ ସୁପାରିଶ ପାଇଁ ଦାବି ହୋଇଛି। ପ୍ରତିଦିନ ବିଭିନ୍ନ ବାଲିଘାଟରୁ ଶହ ଶହ ଗାଡ଼ି ବାଲି ପରିବହନ କରୁଥିବାରୁ ଅଞ୍ଚଳର ରାସ୍ତାଘାଟ ବିପର୍ଯ୍ୟସ୍ତ ହେବା ସହ ଦିନକୁ ଦିନ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବେଆଇନ ଭାବେ ଲଘୁ ଖଣିଜ ପଦାର୍ଥ ଚୋରା ଚାଲାଣକାରୀଙ୍କ ବିରୁଦ୍ଧରେ ମନି ଲଣ୍ଡରିଂ ଆଇନ୍-୨୦୦୨ର ଧାରା-୪ ଓ ଓଡ଼ିଶା ଲଘୁ ଖଣିଜ ପରିଚାଳନା ନିୟମ-୨୦୧୬ର ଧାରା-୫୧ ଅନୁଯାଇ ଦଣ୍ଡିତ କରିବାର ନିୟମ ଥିଲେ ମଧ୍ୟ ଏହା ଅନୁପାଳନ ହେଉନାହିଁ। କେନ୍ଦୁଝର ଜିଲ୍ଲାପାଳ ଆସନ୍ତା ୭ ଦିନ ମଧ୍ୟରେ ଏ ଦିଗରେ ତଦନ୍ତ ପାଇଁ ରାଜ୍ୟ ସରକାରଙ୍କୁ ସୁପାରିସ ନକଲେ ଆମେ ବାଧ୍ୟ ହୋଇ ଆଇନର ଆଶ୍ରୟ ନେବୁ ବୋଲି ପ୍ରଗତିଶୀଳ ମଞ୍ଚ ପକ୍ଷରୁ ଶ୍ରୀ ସାହୁ ଦାବି କରିଛନ୍ତି।

# ମାର୍ଚ୍ଚରେ ହେବ ଆନନ୍ଦପୁର ମହୋତ୍ସବ



ଆନନ୍ଦପୁର ୧୯।୨(ସମିସ):

ଦୁଇବର୍ଷ ହେବ ବନ୍ଦ ରହିଥିବା ଆନନ୍ଦପୁର ମହୋତ୍ସବ ଆସନ୍ତା ମାର୍ଚ୍ଚ ମାସରେ ହେବାକୁ ବିଧିବଦ୍ଧ ନିଷ୍ପତ୍ତି ହୋଇଛି। ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କ ସଂଯୋଜନାରେ ହୋଇଥିବା ବୈଠକରେ ବରିଷ୍ଠ ନାଗରିକ ପୂର୍ବତନ ସୈନିକ କ୍ରୀଡ଼ା ସଂସଦ କର୍ମକର୍ତ୍ତା ଗଣମାଧ୍ୟମ ପ୍ରତିନିଧି ଆଇନଜୀବୀ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଏବଂ ସରକାରୀ ପଦାଧିକାରୀ ଯୋଗ ଦେଇଥିଲେ। ପ୍ରଶାସନିକ ବୈଠକରେ ତାରିଖ ନିର୍ଦ୍ଧାରଣ ହେବ ବୋଲି ଜଣାଯାଇଛି। ଏହି ବୈଠକରେ ଏସଡିପିଓ କମଳ ପଣ୍ଡା, ବିଡ଼ିଓ ମନୋଜ ମହାନ୍ତ ବିନିତା ବିଜଇନି ତହସିଲଦାର ପଲ୍ଲବୀ ପ୍ରିୟଦର୍ଶିନୀ ଦେବେନ୍ଦ୍ର ସ୍ୱାଇଁ ଡେପୁଟି କଲେକ୍ଟର ତପନ ପ୍ରଧାନ ବିଜେପି ନେତା ରାମଚନ୍ଦ୍ର ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ୨୦୦୮ରେ ପରିକଳ୍ପିତ ଏହି ମହୋତ୍ସବ ଠିକ ଭାବେ ଅନୁଷ୍ଠିତ ହୋଇଆସୁଥିବା ବେଳେ କୋଭିଡ୍ କାଳରେ ବନ୍ଦ ରହିଥିଲା। ପରେ ପୁଣି ଆରମ୍ଭ ହୋଇଥିଲେ ମଧ୍ୟ ଆର୍ଥିକ ସମସ୍ୟା ଓ ସାଧାରଣ ନିର୍ବାଚନ ପରଠାରୁ ମହୋତ୍ସବ ବନ୍ଦ ହୋଇ ରହିଛି।



## ମାଟ୍ରିକ ପରୀକ୍ଷା ଆରମ୍ଭ

# ପ୍ରଥମ ଦିନରେ ୯୪୩ ପରୀକ୍ଷାର୍ଥୀ ଅନୁପସ୍ଥିତ

ବାରିପଦା, ୧୯।୨(ସମିସ)



ଆଜି ମାଟ୍ରିକ ପରୀକ୍ଷା ସହ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଆରମ୍ଭ ହୋଇଛି। ପ୍ରଥମ ଦିନରେ ମାତୃଭାଷା 'ଭାଷା ସାହିତ୍ୟ (ଓଡ଼ିଆ)' ପରୀକ୍ଷାରେ ମୟୂରଭଞ୍ଜ ଜିଲ୍ଲାରେ ୭୭୧ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜଣାପଡ଼ିଛି। ଚଳିତଥର ମୟୂରଭଞ୍ଜ ଜିଲ୍ଲାରେ ୬୭୭ଟି ହାଇସ୍କୁଲର ୩୨ ହଜାର ୫୮୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଫର୍ମପୂରଣ କରିଥିଲେ। ତନ୍ମଧ୍ୟରୁ ଗୁରୁବାର ଅନୁଷ୍ଠିତ ପ୍ରଥମ ଦିନ ପରୀକ୍ଷାରେ ୩୨ ହଜାର ୪୯୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୯୪୩ ଅନୁପସ୍ଥିତ ରହିଛନ୍ତି। ଏହାସହିତ ପରୀକ୍ଷାରେ ୩୧ ହଜାର ୬୦୭ ପରୀକ୍ଷାର୍ଥୀ ମଧ୍ୟରୁ ୩୦ହଜାର ୮୩୬ ଜଣ ଉପସ୍ଥିତ ଥିବା ବେଳେ ୭୭୧ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ୩୮୯ ମଧ୍ୟମା ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୭୨ ଜଣ ଉପସ୍ଥିତ ଥିବାବେଳେ ୧୭ ଜଣ ଅନୁପସ୍ଥିତ ରହିଥିଲେ। ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷାରେ ୪୭୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୯୧ ଜଣ ଉପସ୍ଥିତ ଥିବାବେଳେ ୧୫୫ଜଣ ଅନୁପସ୍ଥିତ ରହିଛନ୍ତି। ଆଜି ପରୀକ୍ଷାରେ କେହି କପିକରିବା ଘଟଣା ନ ଥିବା ଜଣାପଡ଼ିଛି।

ପରୀକ୍ଷା ପରିଚାଳନା ପାଇଁ ସାରା ଜିଲ୍ଲାରେ ୧୪୮ଟି ପରୀକ୍ଷା କେନ୍ଦ୍ର ସହ ୨୯ଟି ନୋଡାଲ ସେଣ୍ଟର ସ୍ଥାପନ କରାଯାଇଛି। ରାଇରଙ୍ଗପୁର ପିଏମଶ୍ରୀ ସରକାରୀ ହାଇସ୍କୁଲରେ ସର୍ବାଧିକ ୩୪୬ ଜଣ ପରୀକ୍ଷାର୍ଥୀ ଥିବାବେଳେ ଦୁବଲାବେଡା ହେରାମ୍ବନାରାୟଣ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ସର୍ବନିମ୍ନ ୭୮ ଜଣ ପରୀକ୍ଷାର୍ଥୀ ରହିଛନ୍ତି। ପ୍ରଶ୍ନପତ୍ର ବୋର୍ଡ କାର୍ଯ୍ୟାଳୟରୁ ନୋଡାଲ କେନ୍ଦ୍ରରେ କଡ଼ା ସୁରକ୍ଷା ଭିତରେ ରଖାଯାଇଛି। ଏଥିଲାଗି ସିସି କ୍ୟାମେରା ସହିତ ପୁଲିସ ମୁତୟନ ପୂର୍ବକ ତାହା କଡ଼ା ନଜର ରଖାଯାଇଛି। ପରୀକ୍ଷା ମାର୍ଚ୍ଚ ୨ ତାରିଖରେ ସରିବ। ପ୍ରତିଦିନ ସକାଳ ୯ଟାରୁ ଆରମ୍ଭ ହୋଇ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିବ। କେବଳ ଶେଷଦିନ ଗଣିତ ପରୀକ୍ଷା ଅଧିକ ୧୫ ମିନିଟ ରହିବାରୁ ୧୧ଟା ୪୫ମିନିଟରେ ସରିବ। ୪୯ଟି ଡେସପାର୍ଚ ଟିମ ନୋଡାଲ କେନ୍ଦ୍ରରୁ କଡା ସୁରକ୍ଷାରେ ପ୍ରଶ୍ନପତ୍ର ନେଇ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବେ। ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ରର ୨୦୦ ମିଟର ପରିଧି ମଧ୍ୟରେ ଅଯଥା ଭିଡ଼ ରୋକିବାକୁ କଟକଣା ଜାରି ହୋଇଛି। ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ତଦାରଖ କରାଯାଇଛି। ପରୀକ୍ଷାକୁ ସ୍ୱଚ୍ଛ କରିବା ସହ ପ୍ରଶ୍ନପତ୍ର ଭାଇରାଲ ରୋକିବା ପାଇଁ ବୋର୍ଡ ପକ୍ଷରୁ ଅଭିନବ ପଦକ୍ଷେପ ନିଆଯାଇଛି। ସମସ୍ତ ପରୀକ୍ଷା କେନ୍ଦ୍ରରେ ହାଇଡେଫିନେସନ୍ ସିସି କ୍ୟାମେରା ଲଗାଯିବା ସହ ପ୍ରଶ୍ନପତ୍ରରେ ସ୍ୱତନ୍ତ୍ର ୱାଟର୍‌ମାର୍କ ବ୍ୟବସ୍ଥା କରାଯାଇଛି। ପରୀକ୍ଷା ସମୟରେ କୌଣସି ଶିକ୍ଷକ କିମ୍ବା ପରୀକ୍ଷାର୍ଥୀ କେନ୍ଦ୍ର ମଧ୍ୟକୁ ମୋବାଇଲ୍ ଫୋନ୍ ନେବା ନିଷିଦ୍ଧ କରାଯାଇଛି।

**କୁଳିଆଣା:** ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। କୁଳିଆଣାସ୍ଥ ଜାନକୀଲାଲ ସରକାରୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସେଣ୍ଟର କରାଯାଇଛି। ଏହି ବ୍ଲକ ଅଧୀନ ସମସ୍ତ ଉଚ୍ଚ ବିଦ୍ୟାଳୟରୁ ୧୭୩୨ ଜଣ ପରୀକ୍ଷାର୍ଥୀ ୮ଟି କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି। ସମସ୍ତ ପରୀକ୍ଷା କେନ୍ଦ୍ରରେ ପୁଲିସ ମୁତୟନ ହୋଇଥିବାବେଳେ କୁଳିଆଣା ତହସିଲଦାର ମାଜିଷ୍ଟ୍ରେଟ ଭାବେ ପ୍ରତ୍ୟେକ ପରୀକ୍ଷା କେନ୍ଦ୍ର ନିରୀକ୍ଷଣ କରୁଛନ୍ତି। ଆଜି ପ୍ରଥମ ଦିନରେ ବାଇଶବାଡିଆ ଉତ୍କଳମଣି ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୧୨ ଜଣ ପରୀକ୍ଷା ଦେବାକୁ ଥିବାବେଳେ ୨୧୧ ଜଣ ପରୀକ୍ଷା ଦେଇଛନ୍ତି ଓ ଜଣେ ଅନୁପସ୍ଥିତ ରହିଛନ୍ତି। ଆସନଯୋଡା ବାଳିକା ବିଦ୍ୟାଳୟରେ ୧୪୨ ଜଣଙ୍କ ମଧ୍ୟରୁ ୧୪୦ ଜଣ ପରୀକ୍ଷା ଦେଇଥିବାବେଳେ ୨ଜଣ ଅନୁପସ୍ଥିତ ରହିଛନ୍ତି। ଜଗନ୍ନାଥଖୁଣ୍ଟା ଉଚ୍ଚ ବିଦ୍ୟାଳୟରେ ୧୭୧ ଜଣଙ୍କ ମଧ୍ୟରୁ ୧୫୩ ଜଣ, ଅମ୍ବିକା ଉଚ୍ଚବିଦ୍ୟାଳୟରେ ୨୪୮ ଜଣଙ୍କ ମଧ୍ୟରୁ ୨୪୭ ଜଣ, ଜାନକୀଲାଲ ଉଚ୍ଚ ବିଦ୍ୟାଳୟରେ ୧୮୯ ଜଣ, ଚାନ୍ଦୁଆ ଉଚ୍ଚବିଦ୍ୟାଳୟରେ ୧୩ ଜଣଙ୍କ ମଧ୍ୟରୁ ୮୭ ଜଣ ପରୀକ୍ଷା ଦେଇଛନ୍ତି। ମଧ୍ୟମାରେ ସମସ୍ତ ୯୧ ଜଣ ପରୀକ୍ଷା ଦେଇଛନ୍ତି। ମୁକୁନ୍ଦରାମ ବିଦ୍ୟାଳୟରେ ୧୯୬ ଜଣଙ୍କ ମଧ୍ୟରୁ ୧୯୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୬ ଜଣ ଅନୁପସ୍ଥିତ ରହିଛନ୍ତି। ଫଳ ବ୍ଲକରେ ୧୭୩୨ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୭୦୨ ଜଣ ପରୀକ୍ଷା ଦେଇଥିବା ନୋଡାଲ ସେଣ୍ଟର ପରିଚାଳକ କବିତା ଜେନା ସୂଚନା ଦେଇଛନ୍ତି।

### ୨୯ଟି ନୋଡାଲ ସେଣ୍ଟର, ୪୯ଟି ଡେସ୍‌ପାର୍ଚ୍ ଟିମ୍

**କରଞ୍ଜିଆ:** କରଞ୍ଜିଆ ଅଞ୍ଚଳର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଆଜି ପ୍ରଥମ ପର୍ଯ୍ୟାୟ ମାଟ୍ରିକ ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ସମାପ୍ତ ହୋଇଛି। ପରୀକ୍ଷା ଆରମ୍ଭ ପୂର୍ବରୁ ଛାତ୍ରଛାତ୍ରୀ ସମୟନିଷ୍ଠା ରକ୍ଷା କରି କେନ୍ଦ୍ରରେ ପହଞ୍ଚି ନିଜ ନିଜ ରୋଲନମ୍ବର ଅନୁଯାୟୀ ନିର୍ଦ୍ଦିଷ୍ଟ କକ୍ଷରେ ବସିଥିଲେ। ପରୀକ୍ଷା କେନ୍ଦ୍ର ପ୍ରବେଶ ଦ୍ୱାରରେ କଠୋର ଯାଞ୍ଚ ବ୍ୟବସ୍ଥା କରାଯାଇଥିଲା। ଅନୁମୋଦିତ ପ୍ରବେଶପତ୍ର ବିନା କାହାକୁ ମଧ୍ୟ କେନ୍ଦ୍ରଭିତରକୁ ପ୍ରବେଶ ଅନୁମତି ଦିଆଯାଇନଥିଲା। ପୋଲିସ ବିଭାଗ ଓ ଶିକ୍ଷା ବିଭାଗର କର୍ମଚାରୀମାନେ ସକ୍ରିୟ ନିରୀକ୍ଷଣରେ ନିୟୋଜିତ ଥିବାରୁ ସମଗ୍ର ପରୀକ୍ଷା ପ୍ରକ୍ରିୟା ଶୃଙ୍ଖଳିତ ଭାବେ ଚାଲିଥିଲା। କେନ୍ଦ୍ର ଭିତରେ ସିସିଟିଭି ନଜରଦାରୀ ବ୍ୟବସ୍ଥା ସହିତ ଫ୍ଲାଇଂ ସ୍କ୍ୱାର୍ଡ ଦ୍ୱାରା ଯାଞ୍ଚ ମଧ୍ୟ କରାଯାଇଥିଲା।

**ବିଶୋଇ:** ଆଜିଠାରୁ ମାଟ୍ରିକ ବୋର୍ଡ ପରୀକ୍ଷା ଆରମ୍ଭ ହୋଇଥିବାବେଳେ ବିଶୋଇ ବ୍ଲକରେ ସମୁଦାୟ ୧୧୦୯ ଛାତ୍ରଛାତ୍ରୀ ମଧ୍ୟରୁ ୧୦୭୫ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି ଓ ୩୪ ଛାତ୍ରଛାତ୍ରୀ ଅନୁପସ୍ଥିତ ଅଛନ୍ତି। ବିଶୋଇ ବ୍ଲକର ନୋଡାଲ ସେଣ୍ଟର ବିଶୋଇ ସରକାରୀ ଏସ୍.ଏସ୍.ଡି ଉଚ୍ଚ ବିଦ୍ୟାଳୟ ଅଧୀନରେ ୭ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହେଉଛି। ସେଥିମଧ୍ୟରୁ ବିଶୋଇ ବ୍ଲକର ୬ଟି ବିଦ୍ୟାଳୟ ଓ ବିଜାତଳା ବ୍ଲକ ଲୁହାଶିଳା ବିଦ୍ୟାଳୟରେ ଗୋଟିଏ ପରୀକ୍ଷା କେନ୍ଦ୍ରରେ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି। ବିଶୋଇ ସରକାରୀ ଏସ୍.ଏସ୍.ଡି ବିଦ୍ୟାଳୟରେ ୨୬୦ ଜଣ, ବିଶୋଇ ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟରେ ୧୭୪ ଜଣ, ଅସନା ସରକାରୀ ବିଦ୍ୟାଳୟରେ ୧୧୧ ଜଣ, ଚଟାଣି ସରକାରୀ ଉଚ୍ଚବିଦ୍ୟାଳୟରେ ୧୫୬ ଜଣ, ମଣଦା ସରକାରୀ ଉଚ୍ଚବିଦ୍ୟାଳୟରେ ୧୫୦ ଜଣ, ବନେଇକଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୪୪ ଜଣ ପରୀକ୍ଷା ଦେଉଛନ୍ତି। ସେହିପରି ଲୁହାଶିଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୫୪ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିବା ବେଳେ ଜଣେ ଅନୁପସ୍ଥିତ ଥିଲେ। ଏସ୍‌ଏସ୍‌ଡି ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କ୍ରାନ୍ତିପ୍ରଭା ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳାରେ ଆଜି ସମସ୍ତ ପରୀକ୍ଷାକେନ୍ଦ୍ରରେ ପରୀକ୍ଷା ପରିଚାଳନା ହୋଇଥିଲା।

**ରାସଗୋବିନ୍ଦପୁର:** ରାସଗୋବିନ୍ଦପୁର ନୋଡାଲ କେନ୍ଦ୍ରରେ ୮୪୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି। ପ୍ରଥମ ଦିନରେ ସାହିତ୍ୟ ପରୀକ୍ଷା ଥିବାବେଳେ ଛାତ୍ରଛାତ୍ରୀଙ୍କ ପାଇଁ ଧାର୍ଯ୍ୟ ଥିବା ସମୟ ୭.୩୦ରୁ ୮.୩୦ ଭିତରେ କେନ୍ଦ୍ରକୁ ପ୍ରବେଶ କରିଥିଲେ। ପରୀକ୍ଷା ୯ଟାରେ ଆରମ୍ଭ ହୋଇ ଦିନ ୧୧.୩୦ରେ ସାରିଥିଲା। ରାସଗୋବିନ୍ଦପୁର ନୋଡାଲ କେନ୍ଦ୍ର ଅଧୀନରେ ରାସଗୋବିନ୍ଦପୁର ବିନୋଦରାୟ ବିଦ୍ୟାପୀଠ, ଅବନିଦ ବିଦ୍ୟାଳୟ ଗାଁ ଅଗରଦା, ନାଜକଳା ଓ ଝାରୁଆ ହାଇସ୍କୁଲ ଚାରୋଟି କେନ୍ଦ୍ର ରହିଛି।

**କୁଆମରା:** ଆଜିଠାରୁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ଗୋପବନ୍ଧୁନଗର ଓ ଖୁଣ୍ଟା ବ୍ଲକର ୧୨ଟି କେନ୍ଦ୍ରରେ ୨୦୭୫ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବାବେଳେ ୫୫ ଜଣ ଅନୁପସ୍ଥିତ ଅଛନ୍ତି। ଗୋପବନ୍ଧୁନଗର ବ୍ଲକ ଖୁଣ୍ଟା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୦୪ ପରୀକ୍ଷା ଦେବାକୁ ଥିବାବେଳେ ୨ ଜଣ ଅନୁପସ୍ଥିତ, ଖୁଣ୍ଟା ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୯୧ ପରୀକ୍ଷା ଦେବାକୁ ଥିବାବେଳେ ୧୨ ଅନୁପସ୍ଥିତ, ରିଜିଓନାଲ ଏକାଡେମୀରେ ୧୮୧ ପରୀକ୍ଷା ଦେବାକୁ ଥିବାବେଳେ ୧୦ ଅନୁପସ୍ଥିତ, କୁଣ୍ଡଳଦା ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୧୮୧ ପରୀକ୍ଷା ଦେବାକୁ ଥିବାବେଳେ ୨ ଅନୁପସ୍ଥିତ, କୁଆମରା ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୧୬୭ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବାବେଳେ ୭ ଅନୁପସ୍ଥିତ ଓ କୁଆମରା ବାଳିକା ଉଚ୍ଚବିଦ୍ୟାଳୟରେ ୧୯୧ ଜଣ ପରୀକ୍ଷା ଦେବାକୁ ଥିବାବେଳେ ୩ ଜଣ ଅନୁପସ୍ଥିତ ଅଛନ୍ତି। ସେହିପରି ଖୁଣ୍ଟା ବ୍ଲକର ହୁଣ୍ଡୁଳା ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୯୨ ଜଣ ପରୀକ୍ଷା ଦେବାକୁ ଥିବାବେଳେ ୮ ଜଣ ଅନୁପସ୍ଥିତ ଥିଲେ। ଉକ୍ତ ଦୁଇ ବ୍ଲକର ୧୨ଟି ପରୀକ୍ଷା କେନ୍ଦ୍ରକୁ ସୁପରିଚାଳନା ପାଇଁ ଖୁଣ୍ଟା ହାଇସ୍କୁଲ ନୋଡାଲ ସେଣ୍ଟର ଭାବେ କାର୍ଯ୍ୟ କରୁଛି।

**ଶୁଳିଆପଦା:** ଶୁଳିଆପଦା ବ୍ଲକ ନୋଡାଲ ସେଣ୍ଟର ଅଧୀନରେ ଥିବା ୧୦ଟି ପରୀକ୍ଷା କେନ୍ଦ୍ରରେ ୧୬୬୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବାବେଳେ ୨୯ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହି ମୋଟ୍ ୧୬୩୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ସୂଚନା ମିଳିଛି।

## ପିଣ୍ଡାବଣିଆ ଦୋଳ ମେଳଣ ପଡ଼ିଆ ୬ ଲକ୍ଷ ୩୫ ହଜାର ଟଙ୍କାରେ ନିଲାମ

**ବୈଶିଙ୍ଗା, ୧୯।୨(ସମିସ):** ପିଣ୍ଡାବଣିଆ ଦୋଳ ମେଳଣ ପଡ଼ିଆକୁ ପ୍ରଶାସନ ପକ୍ଷରୁ କିଛିଦିନ ପୂର୍ବରୁ ନିଲାମ ହେବା ନେଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଆଜି ବ୍ଲକ ପ୍ରଶାସନ ପକ୍ଷରୁ ନିଲାମ କରାଯାଇଛି। ମହୁଲପାଟଣା ଗ୍ରାମର ହେମନ୍ତ ପଣ୍ଡା ନିଲାମ ଡାକରେ ଆଗରେ ରହିଥିଲେ ଓ ଶେଷରେ ୬ ଲକ୍ଷ ୩୫ ହଜାର ଟଙ୍କା ବିନିମୟରେ ମେଳା ପଡ଼ିଆ ନିଲାମ ଧରିଥିବା ଜଣାପଡ଼ିଛି। ବେତନଟୀ ବିଡ଼ିଓ ସୁଶାନ୍ତ ସୂତାରଙ୍କ ନିର୍ଦ୍ଦେଶକ୍ରମେ ଏବିଡିଓ ଗଗନ ବେହେରା, ଜିପିଡିଓ ଯାଇ ସ୍ଥାନୀୟ ପିଇଓ ଅନନ୍ତ ଦାସ, ସରପଞ୍ଚ ସୁନ୍ଦରମୋହନ ସିଂ, ବ୍ଲକ ଉପାଧ୍ୟକ୍ଷ ଦେବଦତ୍ତ ତିଆଡ଼ିଙ୍କ ସହିତ ପୁରୁଣିଆ ପଞ୍ଚାୟତ କାର୍ଯ୍ୟାଳୟରେ ନିଲାମ ପ୍ରକ୍ରିୟା ଆରମ୍ଭ କରିଥିଲେ।

## ଜାତୀୟସ୍ତରୀୟ ଗୋଶାଳା କପ୍ କ୍ରିକେଟ

**ବାରିପଦା, ୧୯ ।୨(ସମିସ):** ସ୍ଥାନୀୟ ତୁଳସୀଚଉରା ଦୁର୍ଗାପୂଜା ପଡ଼ିଆରେ ଫ୍ରେଣ୍ଡସ ୟୁନିୟନ ଓ ଶ୍ରୀଦୁର୍ଗା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଜାତୀୟ ସ୍ତରୀୟ ଗୋଶାଳା କପ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସ ପ୍ରଥମ ମ୍ୟାଚରେ ବଜରଙ୍ଗୀ ଦି ସାଭିୟାର ୪ ୱିକେଟରେ ଜଗନ୍ନାଥ ୱାରିୟର ଦଳକୁ ପରାସ୍ତ କରିଥିବାବେଳେ ଦ୍ୱିତୀୟ ମ୍ୟାଚ୍‌ରେ ପ୍ଲେ ବ୍ୟାକ ଚ୍ୟାଲେଞ୍ଜର ୩ ୱିକେଟରେ ମହାକାଳ ଦଳକୁ ପରାସ୍ତ କରିଥିଲା। ରତିକାନ୍ତ ଦାସ, ଲକ୍ଷ୍ମୀଧର ସିଂ ଓ ଗଦାଧର ନାୟକ ଖେଳ ପରିଚାଳନା କରିଥିଲେ।

## ଗୋରୁ ବୋଝେଇ କଣ୍ଟେନର ଜବତ; ୩୫ ଉଦ୍ଧାର


## ଡ୍ରାଇଭର ଓ ଦୁଇ ସହଯୋଗୀ ଗିରଫ

**ବିଶୋଇ, ୧୯ ।୨ (ସମିସ):** ବିଶୋଇ ଥାନା ଅନ୍ତର୍ଗତ ୪୯ ନଂ ଜାତୀୟ ରାଜପଥର ମଣଦା ଛକ ନିକଟରେ ଆଜି ଏକ ଗୋରୁ ବୋଝେଇ କଣ୍ଟେନରକୁ ବିଶୋଇ ପୁଲିସକୁ ଜବତ କରିଛି।



ଏଥିରୁ ୩୫ଟି ଗୋରୁ ଉଦ୍ଧାର ହୋଇଥିବାବେଳେ ଡ୍ରାଇଭର ଓ ଦୁଇ ସହଯୋଗୀଙ୍କୁ ଗିରଫ କରାଯାଇଛି। ଆଜି ଅପରାହ୍ନରେ ଏକ ଗୋରୁ ବୋଝେଇ କଣ୍ଟେନର ୪୯ନଂ ଜାତୀୟ ରାଜପଥ ଦେଇ ସମ୍ବଲପୁରରୁ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ସମୟରେ କୌଣସି ବିଶେଷ ସୂତ୍ରରୁ ଖବର ପାଇ ବିଶୋଇ ଥାନା ଅଧିକାରୀ ଶରତ ଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ମଣଦା ଫାଣ୍ଡି ଅଧିକାରୀ ଶରତ ଚନ୍ଦ୍ର ଧଳଙ୍କ ସହିତ ପୁଲିସ ଟିମ ଉକ୍ତ କଣ୍ଟେନରକୁ ପିଛା କରି ମଣଦା ଛକ ନିକଟରେ ଅଟକ ରଖିଥିଲେ। କଣ୍ଟେନରରୁ ୩୫ଟି ଗୋରୁ ଉଦ୍ଧାର ହୋଇଥିବାବେଳେ ଡ୍ରାଇଭର ଉତ୍ତରପ୍ରଦେଶର ଫରିଦ ଖାନ ଓ ୨ ସହଯୋଗୀ ପଶ୍ଚିମବଙ୍ଗର ସେକ ରାଜା, ସେକ ଅମିରକୁ ଗିରଫ କରାଯାଇଛି। ଉଦ୍ଧାର ହୋଇଥିବା ସମସ୍ତ ଗୋରୁଙ୍କୁ କେନ୍ଦୁଝର ଗୋଶାଳାକୁ ପଠାଯାଇଥିବା ଜଣାପଡ଼ିଛି।

## ଦେବଶୋଳ ମେଳାରେ ଖାଦ୍ୟ ନିରାପତ୍ତା ଯାଞ୍ଚ



**ରାସଗୋବିନ୍ଦପୁର, ୧୯।୨(ସମିସ):** ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ବୁଦ୍ଧେଶ୍ୱରଙ୍କ ଜାଗର ମେଳାରେ ଅଚାନକ ଜିଲ୍ଲା ଖାଦ୍ୟ ନିରାପତ୍ତା ଅଧିକାରୀ ଡ. ସୁବାସ ଚନ୍ଦ୍ର ନାଏକ, ଖାଦ୍ୟ ନିରାପତ୍ତା ଅଧିକାରୀ ସଂଯୁକ୍ତ ହେମ୍ବ୍ରମ, ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ସାନ୍ତୁନୁ କୁମାର ମହାନ୍ତ, ସତ୍ୟବାନ ଧଳ, ଡକ୍ଟର ଅମର ପରିଡ଼ା, ଫୁଡ ଷ୍ଟାପ ସନ୍ତୋଷ ନାୟକ, ସୁବୋଧ ସୁନ୍ଦର ସେଠୀ, ନର୍ସିଂ ଅଫିସର ସୁଜାତା ଦାସ ମିଳିତ ଭାବେ ବିଭିନ୍ନ ଖାଦ୍ୟ ଦୋକାନରେ ଚଢ଼ଉ କରି ଖାଦ୍ୟର ମାନ ପରଖିବା ସହ ବାସୀ ଖାଦ୍ୟ ବିକ୍ରି, ଦୋକାନରେ ସ୍ୱଚ୍ଛତା ଉପରେ ଦୃଷ୍ଟି ଦେଇଥିଲେ। ଖାଦ୍ୟ ନିରାପତ୍ତାର ଉଲ୍ଲଂଘନ କରିଥିବା କାଇରି ଓ କରୁଣା ଦୁଇ ଦୋକାନୀଙ୍କୁ ୨୦୦ ଟଙ୍କା ଲେଖାଏଁ ଜରିମାନା କରିଥିଲେ ଓ ସମସ୍ତ ଖାଦ୍ୟ ଦୋକାନୀଙ୍କୁ ଖାଦ୍ୟ ନିରାପତ୍ତା ସାର୍ଟିଫିକେଟ ରଖିବା ପାଇଁ ସୂଚନା ଦେବା ସହ ସମସ୍ତ ଖାଦ୍ୟ ଦୋକାନୀ ମୁଣ୍ଡରେ କ୍ୟାପ, ବିନା ରଙ୍ଗ, ନିଜର ଦୋକାନ ଭିତରେ ବ୍ଲିଚିଂ, ଫିନାଇଲ ପକାଇବା ସହିତ କୌଣସି ପ୍ରକାର ବାସୀ ଖାଦ୍ୟ ନ ରଖିବା ପାଇଁ ସୂଚନା ଦେଇଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ବାରମ୍ବାର ଅଧିକାରୀଙ୍କ ଚେକିଂ ହେବା ସୂଚନା ଦେବା ସହ ଖାଦ୍ୟ ନିରାପତ୍ତାର ଉଲ୍ଲଂଘନ କରିଥିଲେ ଜରିମାନା ସହ ମାମଲା ରୁଜୁ କରାଯିବ ବୋଲି ପ୍ରକାଶ କରିଥିଲେ।

## ଦେଶର ଦ୍ୱିତୀୟ ବୃହତ୍ତମ ହାଟ ନିଲାମ ସ୍ଥଗିତ



**ରାଇରଙ୍ଗପୁର, ୧୯ ।୨(ସମିସ):** ଦେଶର ଦ୍ୱିତୀୟ ବୃହତ୍ତମ ହାଟ ହାଟବାଦଡା ହାଟ ନିଲାମ ସ୍ଥଗିତ ରହିଛି। ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟରେ ହାଟ ନେବାକୁ ତିନି ପ୍ରତିଦ୍ୱନ୍ଦ୍ୱୀ ରାଜି ହୋଇ ନ ଥିଲେ। ସେମାନେ କହିଥିଲେ ଯେ, ହାଟର ପାରିପାର୍ଶିକ ସ୍ଥିତି ଭଲ ନାହିଁ। ପୂର୍ବବର୍ଷ କେନ୍ଦ୍ର ସରକାରଙ୍କୁ ଅଧିକ ରାଜସ୍ୱ ଦେଇ ଥିବାରୁ ୨୦୨୫-୨୬ରେ କେନ୍ଦ୍ର ସରକାରଙ୍କଠାରୁ ପୁରସ୍କୃତ ହୋଇ ୭୫ ଲକ୍ଷ ଟଙ୍କା ଅର୍ଥ ରାଶି ପାଇଥିଲା। କିନ୍ତୁ ହାଟର ପାରିପାର୍ଶିକ ସ୍ଥିତି ସୁଦୃଢ କରାଗଲାନି କାହିଁକି ? ପରିଣାମ ସ୍ୱରୂପ ସରକାରଙ୍କ ଧାର୍ଯ୍ୟ ମୂଲ୍ୟରେ ନିଲାମ ପ୍ରତିଦ୍ୱନ୍ଦ୍ୱୀ ହାଟକୁ ଲିଜ୍‌ରେ ନେବାକୁ ଚାହୁଁନାହାନ୍ତି। ଆଜି ମୟୂରଭଞ୍ଜ ଜିଲ୍ଲାର ହାଟବାଦଡା ପଞ୍ଚାୟତ କାର୍ଯ୍ୟାଳୟରେ ହାଟବାଦଡା ହାଟ ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ଅନୁସାରେ ଏହି ହାଟ ନିଲାମ ଆରମ୍ଭ ରାଶି ଏକ କୋଟି ପାଞ୍ଚ ଲକ୍ଷ ୪୯ ହଜାର ସାତ ଶହ ସତାଅଶୀ ଟଙ୍କା ରହିଥିଲା। କିନ୍ତୁ ତିନିଜଣ ନିଲାମଧାରୀ ସରକାରଙ୍କ ଧାର୍ଯ୍ୟ ମୂଲ୍ୟକୁ ବିରୋଧ କରି କେବଳ ୩୦ ଲକ୍ଷ ଟଙ୍କା ରଖାଯାଉ ବୋଲି କହିଥିବାବେଳେ ପ୍ରଶାସନ ପକ୍ଷରୁ ନିଲାମ ପ୍ରକ୍ରିୟା ସ୍ଥଗିତ ରଖାଯାଇଥିଲା। ଯାହା ଆସନ୍ତା ମାସ ୬ ତାରିଖରେ କରାଯିବ ବୋଲି କହିଛନ୍ତି ବ୍ଲକ କର୍ତ୍ତୃପକ୍ଷ।

ତେବେ ଆଜି ନିଲାମରେ ଭାଗନେଇଥିବା ତିନି ପ୍ରତିଦ୍ୱନ୍ଦ୍ୱୀ ହାଟବାଦଡା ଗ୍ରାମର ହୋଇଥିବାବେଳେ ଜର୍ମାନରେ କାର୍ଯ୍ୟରତ ବିଶ୍ୱ ପ୍ରସିଦ୍ଧ ଚିକିତ୍ସା ବୈଜ୍ଞାନିକ ଡକ୍ଟର ଶିବାଶିଷ ଗିରି ହାଟକୁ ଲିଜରେ ନେବାକୁ ଚାହିଁଛନ୍ତି। ସେ ଜଣେ ବୈଜ୍ଞାନିକ ହୋଇ କାହିଁକି ହାଟକୁ ନେବାକୁ ଚାହୁଁଛନ୍ତି ବୋଲି ଆମ୍ଭେ ପଚାରିବାରୁ ସେ କହିଛନ୍ତି, ହାଟ ତାଙ୍କୁ ମିଳିଲେ ସେ କଲେଜ ଛାତ୍ରଛାତ୍ରୀ ଓ ସ୍ୱୟଂସହାୟକ ଗୋଷ୍ଠୀ ମହିଳାଙ୍କ ଦ୍ୱାରା ପରିଚାଳନା କରିବେ। ଫଳରେ ସେମାନଙ୍କୁ ରୋଜଗାର ମିଳିବା ସହିତ ଏହା ଏକ ତାଲିମ କେନ୍ଦ୍ର କରାଯିବ। ନୂତନ ପିଢିର ଯୁବକ/ଯୁବତୀ ହଜାର ହଜାର ଲୋକଙ୍କୁ ତଥା ବିଭିନ୍ନ ବ୍ୟବସାୟଭିତ୍ତିକ କାର୍ଯ୍ୟକଳାପକୁ କିଭଳି ପରିଚାଳନା କରିବେ ତାହାର ତାଲିମ ପାଇବେ। ଯାହା ସେମାନଙ୍କ ଭବିଷ୍ୟତରେ କାର୍ଯ୍ୟରେ ଆସିବ ବୋଲି ଡକ୍ଟର ଶିବାଶିଷ ଗିରି କହିଛନ୍ତି।

## ଓଏଭି ମହୁଲିଆରେ ଫୁଡ୍ ଫେଷ୍ଟିଭାଲ

**ରାସଗୋବିନ୍ଦପୁର, ୧୯।୨(ସମିସ):** ଓଏଭି ମହୁଲିଆରେରେ ଖାଦ୍ୟ ଉତ୍ସବ ବା ଫୁଡ୍ ଫେଷ୍ଟିଭାଲ ଅନୁଷ୍ଠିତ ହୋଇଛି। ୬୪ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ବିଭିନ୍ନ ପ୍ରକାରର ଖାଦ୍ୟ ପଦାର୍ଥ ପ୍ରଦର୍ଶନ କରିଥିଲେ। ସେମାନେ ତିଆରି ପ୍ରକ୍ରିୟା, ପୋଷକତା ଓ ଉପକାରିତା ସମ୍ବନ୍ଧରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ଏକ ସ୍ଥାନରେ ଭିନ୍ନ ଭିନ୍ନ ସ୍ୱାଦର ସମ୍ମିଳନ ଦେଖିବାକୁ ମିଳିଥିଲା। ଉତ୍ସବକୁ ସିନିଅର ଶିକ୍ଷୟିତ୍ରୀ ଶ୍ରୀମତୀ ସ୍ୱର୍ଣ୍ଣରେଖା କମିଲା ଉଦ୍‌ଘାଟନ କରିଥିଲେ। ବିଚାରକମଣ୍ଡଳୀ,





ଶିକ୍ଷକ ଓ ଛାତ୍ରଛାତ୍ରୀ ପ୍ରସ୍ତୁତ ଖାଦ୍ୟର ସ୍ୱାଦ ଗ୍ରହଣ କରି ମୂଲ୍ୟାୟନ କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବ୍ଲକ ଶିକ୍ଷାଧିକାରୀ ଛାତ୍ରଛାତ୍ରୀଙ୍କୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟକର ପୋଷଣ ଆବଶ୍ୟକତା, ବିଶେଷକରି ମିଲେଟ୍ (ଶ୍ରୀଧାନ୍ୟ) ଭଳି ପୌଷ୍ଟିକ ଖାଦ୍ୟର ଗୁରୁତ୍ୱ ସମ୍ବନ୍ଧରେ କହିଥିଲେ। ଇଂରାଜୀ ଶିକ୍ଷକ ସୌଗତ କୁମାର ଜେନା ଧନ୍ୟବାଦ ଜ୍ଞାପନ କରିଥିଲେ।

### ପୂର୍ବତନ ପିଇଓଙ୍କ ଅବହେଳା

## ନାଏବ ସରପଞ୍ଚ ଦରମାରୁ ବଞ୍ଚିତ

**ରାଇରଙ୍ଗପୁର, ୧୯।୨(ସମିସ):** ପୂର୍ବତନ ପିଇଓଙ୍କ ଅବହେଳା ପାଇଁ ବର୍ଷେରୁ ଊର୍ଦ୍ଧ୍ୱ ହେଲା ଦରମା ପାଇବାରୁ ନାଏବ ସରପଞ୍ଚ ବଞ୍ଚିତ ରହିଛନ୍ତି। ଏ ନେଇ ବହଳଦା ବିଡିଓଙ୍କ ନିକଟରେ ନାଏବ ସରପଞ୍ଚ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ଆଣିଛନ୍ତି ବହଳଦା ବ୍ଲକ ଅନ୍ତର୍ଗତ ଗମ୍ଭାରିଆ ପଞ୍ଚାୟତ ନାଏବ ସରପଞ୍ଚ ଉଷାରାଣୀ ମଣ୍ଡଳ। ପୂର୍ବତନ ପିଇଓ ପ୍ରଦୀପ ବେହେରାଙ୍କ ଅବହେଳା ପାଇଁ ୨୦୨୪ ଡିସେମ୍ବରରୁ ୨୦୨୫ ଜୁନ ମାସ ପର୍ଯ୍ୟନ୍ତ ନାଏବ ସରପଞ୍ଚଙ୍କୁ ଦରମା ମିଳିପାରିନାହିଁ। ବର୍ତ୍ତମାନ ଉକ୍ତ ପଞ୍ଚାୟତ



ଦାୟିତ୍ୱରେ ପିଇଓ ମିତ୍ରରେଖା ମହାନ୍ତ କାର୍ଯ୍ୟଭାର ଗ୍ରହଣ କରିଥିବାବେଳେ କେବଳ ତାଙ୍କ ସମୟର ଦରମା (ଅର୍ଥାତ୍ ଗତ ଜୁନ ମାସଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ) ପ୍ରଦାନ କରିବି କହୁଛନ୍ତି ବୋଲି ଅଭିଯୋଗ ଆଣିଛନ୍ତି ନାଏବ ସରପଞ୍ଚ ଉଷାରାଣୀ ମଣ୍ଡଳ। ଏ ନେଇ ବ୍ଲକ ଉନ୍ନୟନ ଅଧିକାରୀ ଶରତ ମଲ୍ଲିକଙ୍କୁ ପଚାରିବାରୁ ସେ ଏହା ଉପରେ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି। ବିଡିଓଙ୍କ କହିବା ଅନୁସାରେ ଦୀର୍ଘ ଆଠ ମାସ ହେଲା ପୂର୍ବତନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବର୍ତ୍ତମାନର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ଦେଇନାହାନ୍ତି।

## ନୂତନ ପାଠ୍ୟପୁସ୍ତକର ଶିକ୍ଷାଦାନ ତାଲିମ



**ବିଶୋଇ, ୧୯ ।୨ (ସମିସ) :** ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରଚଳିତ ନୂତନ ପୁସ୍ତକ ସହାୟତାରେ ନୂଆ ରୂପରେଖରେ ଶିକ୍ଷା ପ୍ରଦାନ ନିମନ୍ତେ ବିଶୋଇ ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ବାଡୁଣିଆ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ପ୍ରାଥମିକ ଶିକ୍ଷକଙ୍କ ପାଞ୍ଚ ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ ଶିବିରର ଆଜି ପ୍ରଥମ ପର୍ଯ୍ୟାୟ ସମାପ୍ତ ହୋଇଯାଇଛି। ଉକ୍ତ ତାଲିମ ଶିବିରରେ ବିଶୋଇ ବ୍ଲକର ୧୨୯ ଜଣ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀ ନୂତନ ପାଠ୍ୟ ପୁସ୍ତକକୁ ଆଧାର କରି କିପରି ଶିକ୍ଷା ପ୍ରଦାନ କରିବେ ସେନେଇ ତାଲିମ ନେଇଥିଲେ। ବାଙ୍ଗିରିପୋଷି ବ୍ଲକର ସୁଧାଂଶୁ ଗିରି, ସ୍ୱରୂପ ଚନ୍ଦ୍ର ମହାକୁଡ଼, ମହାଦେବ ବେହେରା ରିସର୍ଚ୍ଚ ପର୍ସନ ଭାବେ ଯୋଗଦେଇ ନୂତନ ପୁସ୍ତକର ପୂର୍ବାଭାଷ ସମ୍ବନ୍ଧରେ ସୂଚନା ପ୍ରଦାନ କରିବା ସହିତ ନୂଆ ରୂପରେଖରେ ଶିକ୍ଷା ପ୍ରଦାନ ପାଇଁ ତାଲିମ ପ୍ରଦାନ କରିଥିଲେ। ଆଜି ତାଲିମର ଶେଷ ଦିବସରେ ଗୋଷ୍ଠୀ ଶିକ୍ଷା ଅଧିକାରୀ କପିଳେନ୍ଦ୍ର ଦାସ, ଏବିଇଓ ହରିଶ୍ଚନ୍ଦ୍ର ହୋତା ଓ ବିଆରସିସି ସଙ୍ଗୀତା ଜେନା ପ୍ରମୁଖ ଶିବିରରେ ଉପସ୍ଥିତ ରହି ଜାତୀୟ ଶିକ୍ଷା ନୀତି- ୨୦୨୦ର ଲକ୍ଷ୍ୟକୁ ସଫଳ ରୂପାୟନ କରିବା ପାଇଁ ଶିକ୍ଷାର୍ଥୀଙ୍କୁ ନୂତନ ଜ୍ଞାନକୌଶଳ ପ୍ରଦାନ କରି କିପରି ସେମାନଙ୍କ ଗୁଣାନକ ବିକାଶ ବୃଦ୍ଧି କରିହେବ ସେନେଇ ଆଲୋଚନାଚକ୍ର କରିଥିଲେ। ଶିକ୍ଷକ ସୂର୍ଯ୍ୟ କୁମାର ନାଏକ, ଜିତେନ୍ଦ୍ର ନାଥ ମାଝୀ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### ତ୍ରୟୋଦଶ ଖିଚିଂ ମହୋତ୍ସବ ଉଦ୍‌ଯାପିତ

## ଓଲିଉଡ୍ କଳାକାରଙ୍କ ଗୀତରେ ଝୁମିଲେ ଦର୍ଶକ

ଶୁକ୍ଲି, ୧୯।୨(ସମିସ)




ମୟୂରଭଞ୍ଜର ଅଧିଷ୍ଠାତ୍ରୀ ଦେବୀ ମା' କିଚକେଶ୍ୱରୀଙ୍କ ପୀଠରେ ଚାଲିଥିବା ତିନିଦିନିଆ 'ଖିଚିଂ ମହୋତ୍ସବ' ଉଦଯାପିତ ହୋଇଯାଇଛି। ପ୍ରାଚୀନ କଳା ସଂସ୍କୃତିର ପୁନଃରୁଦ୍ଧାର, ସ୍ଥାନୀୟ ଲୋକକଳା ପ୍ରଦର୍ଶନ ସହ ଓଲିଉଡ୍ କଳାକାରଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦେଖିବାକୁ ବହୁସଂଖ୍ୟାରେ ଭିଡ଼ ଦେଖିବାକୁ ମିଳିଥିଲା। ପ୍ରଥମ ସନ୍ଧ୍ୟାରେ ଆୟୋଜିତ ସଭାରେ ଚରୁଆଁର ବିଶିଷ୍ଟ ସମାଜସେବୀ ସ୍ୱରୂପ ଚନ୍ଦ୍ର ଦାସଅଧିକାରୀ ସଭାପତିତ୍ୱ କରିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ରାଇରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଯଦୁନାଥ ଜେନା, କରଞ୍ଜିଆର ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ ଦାସ, ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ସୁଚାରୁ ବଳ, ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଚିତ୍ତରଞ୍ଜନ ମହାନ୍ତ, ଉପଖଣ୍ଡ ବନ ଅଧିକାରୀ ବୈଦ୍ୟନାଥ ମାଝୀ, ସାମାଜିକ କର୍ମୀ ଚନ୍ଦ୍ରଗୁପ୍ତ ପ୍ରସାଦ, ଦି ଗ୍ରେଟର ଟୁରିଜିମ ଡେଭେଲପମେଣ୍ଟ କମିଟିର ସମ୍ପାଦକ ସୁମନ୍ତ ଗିରି ମଞ୍ଚାସୀନ ଥିଲେ। ଶୁକ୍ଲି ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀଗଣ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ନାଟ୍ୟକାର ସୂର୍ଯ୍ୟକାନ୍ତ ଆରୁକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ବଲପୁରୀ ନୃତ୍ୟ, ଗୋଟିପୁଅ, , ପାଇକ ନୃତ୍ୟ, ଓଲିଉଡ୍ କଣ୍ଠ ଶିଳ୍ପୀ ପମି ମିଶ୍ର, ସିନେ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର, ଅଭିନେତ୍ରୀ ଅନୁରାଧା ପାଣିଗ୍ରାହୀ ଓ ସାଥିମାନେ ଚିତ୍ତାକର୍ଷକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ଉପସ୍ଥାପିକା ସମୟଶ୍ରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ତ୍ରୟୋଦଶ ଖିଚିଂ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଭରପୁର ଦର୍ଶକ ଉପସ୍ଥିତ ଥିଲେ। ସ୍ଥାନୀୟକଳାକାରଙ୍କ ସହ ଓଲିଉଡ୍ କଳାକାରଙ୍କ ମିଳିତ ସାଂସ୍କୃତିକ କାର୍ଯ୍ୟକ୍ରମ ମନ ମୋହିଥିଲା। ଦି ଗ୍ରେଟର ଟୁରିଜିମ ଡେଭେଲପମେଣ୍ଟ କମିଟିର ସଭାପତି ତଥା ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଇଂ ଗଣେଶରାମ ସିଂ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ସାରସକଣା ବିଧାୟକ ଭାଦବ ହାଁସଦା, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବାରିପଦା ବିଧାୟକ ପ୍ରକାଶ ସୋରେନ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଶୁକ୍ଲି ଡିଗ୍ରୀ କଲେଜ ଛାତ୍ରୀ ମାନେ ସମବେତ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ନାଟ୍ୟକାର ସୂର୍ଯ୍ୟକାନ୍ତ ଆରୁକ ଧନ୍ୟବାଦ ଦେଇଥିଲେ। ଅତୀତରେ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏହି ମହୋତ୍ସବରେ ଯୋଗ ଦେଇ ଗୌରବାନ୍ୱିତ କରିଥିବା ବେଳେ ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲାର ପରିଚୟ ବିଶ୍ୱସ୍ତରରେ ପହଞ୍ଚାଇ ପାରିଥିବା ଶିମିଳିପାଳ, କଳାମୁଗୁନି ନିର୍ମିତ ଖିଚିଂ ମନ୍ଦିର ତଥା ପୁରାତନ ରାଜଧାନୀ ଖିଚିଂର ଐତିହ୍ୟକୁ ସାରା ଦେଶରେ ପରିଚିତ କରିବା ଲକ୍ଷ୍ୟ ରହିଛି ବୋଲି ଅତିଥି ମାନେ କହିଥିଲେ। ଏହି ଅବସରରେ ସ୍ମରଣିକା ଉନ୍ମୋଚନ କରାଯାଇଥିଲା।

ଅନ୍ତିମ ସନ୍ଧ୍ୟାରେ ରାଜ୍ୟସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକଙ୍କୁ ମତୁଆଲା କରିଥିଲା। ଦି ଗ୍ରେଟର ଟୁରିଜିମ ଡେଭେଲପମେଣ୍ଟ କମିଟିର ଉପସଭାପତି ଇଂ ସୁଶାନ୍ତ ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବଡ଼ବିଲ ଉପଖଣ୍ଡ ଥାନା ଅଧିକାରୀ ଦେବେନ୍ଦ୍ର ନାଥ ପିଙ୍ଗୁଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶୁକ୍ଲି ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ସଂଗ୍ରାମ କେଶରୀ ମଲ୍ଲିକ ମୁଖ୍ୟବକ୍ତା, କରଞ୍ଜିଆ ଉପଖଣ୍ଡ ଅଧିକାରୀ ନବକୃଷ୍ଣ ନାୟକ, ଡାକ୍ତର ସତ୍ୟପ୍ରକାଶ ଧଳ, ଭାରତୀୟ ଜନତା ପାର୍ଟିର ବରିଷ୍ଠ କର୍ମୀ କୃପାସିନ୍ଧୁ ମହାନ୍ତ, ସମାଜସେବୀ ଶ୍ରୀମନ୍ତ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

### ମାଟ୍ରିକ ପରୀକ୍ଷା

# ମାତୃଭାଷା ପରୀକ୍ଷା ଦେବାକୁ ଆସିଲେନି ୧୨୨ ଜଣ





**ସମ୍ବଲପୁର, ୧୮।୨ (ସମିସ)**

ଆଜି(ଗୁରୁବାର) ଠାରୁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ପ୍ରଥମ ଦିନରେ ମାତୃଭାଷା ଓଡ଼ିଆର ପରୀକ୍ଷା ରହିଥିଲା। ସମ୍ବଲପୁର ଜିଲ୍ଲାରେ ମାତୃଭାଷା ପରୀକ୍ଷାରେ ୧୨୨ ଜଣ ଅନୁପସ୍ଥିତ ରହିଥିଲେ। ସମ୍ବଲପୁର ଜିଲ୍ଲାର ୨୧୩ଟି ହାଇସ୍କୁଲର ୧୧ ହଜାର ୫୦୨ ଜଣ ରେଗୁଲାର ପରୀକ୍ଷାର୍ଥୀ ୮୧ଟି କେନ୍ଦ୍ରରେ ପରୀକ୍ଷା ଦେଇଛନ୍ତି। ରେଗୁଲାର ୧୧୫୦୨ ମଧ୍ୟରୁ ୧୨୨ ଜଣ ଅନୁପସ୍ଥିତ ଥିଲେ। ସେହିପରି ସିସି ୩୧ ଜଣଙ୍କ ମଧ୍ୟରୁ ୪ଜଣ, ଏବଂ ଏସଓଏସସି ୧୭୩ଙ୍କ ମଧ୍ୟରୁ ୪୧ ଜଣ ଅନୁପସ୍ଥିତ ରହିଥିଲେ। ମୋଟ ୧୧୭୩୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧୫୬୯ ଜଣ ପରୀକ୍ଷା ଦେଇଥିବା ବେଳେ ୧୬୭ ଜଣ ଅନୁପସ୍ଥିତ ରହିଥିଲେ। ସମସ୍ତ ପରୀକ୍ଷା କେନ୍ଦ୍ରରେ ଶାନ୍ତି ଶୃଙ୍ଖଳାର ସହ ପରୀକ୍ଷା ସମାପନ ହୋଇଥିଲା। ଏହା ସହିତ ହବ୍ ମାନଙ୍କରେ ଉତ୍ତର ପତ୍ର ଜମାହୋଇ କଡ଼ା ପୁଲିସ ସୁରକ୍ଷା ମଧ୍ୟରେ ଗଚ୍ଛିତ ହୋଇଛି। ଆସନ୍ତା ୨୧ରେ ଇଂରାଜୀ ପରୀକ୍ଷା ରହିଛି।ଜିଲ୍ଲାର ସମସ୍ତ ୮୧ଟି ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲାଗିବାସହ ଲାଇଭ୍ ଷ୍ଟ୍ରିମିଂ ହେଉଛି। ଯାହା ମାଧ୍ୟମିକ ଶିକ୍ଷା ବୋର୍ଡ, କଟକ କାର୍ଯ୍ୟାଳୟରୁ ଏହାକୁ ସିଧାସଳଖ ମନିଟରିଂ କରାଯିବ। ଜିଲ୍ଲାର ସମସ୍ତ ପରୀକ୍ଷାକେନ୍ଦ୍ରରେ ପର୍ଯ୍ୟବେକ୍ଷକ ନିୟୋଜିତ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ୨ଟି ଫ୍ଲାଇଙ୍ଗ ସ୍କ୍ୱାଡ୍, ଗୋଟିଏ ସ୍ୱତନ୍ତ୍ର ସ୍କ୍ୱାଡ ଏବଂ ଗୋଟିଏ ରାଜ୍ୟସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି। ଜିଲ୍ଲାର ସମସ୍ତ ୬ଟି ନୋଡାଲ କେନ୍ଦ୍ରରେ ପ୍ରଶ୍ନପତ୍ର ପୁଲିସର କଡ଼ା ସୁରକ୍ଷା ମଧ୍ୟରେ ରହିଛି। ଚଳିତବର୍ଷ ୨୩ରେ ସଂସ୍କୃତ / ହିନ୍ଦୀ, ୨୫ରେ ସାଧାରଣ ବିଜ୍ଞାନ, ୨୭ରେ ସାମାଜିକ ବିଜ୍ଞାନ ଓ ମାର୍ଚ୍ଚ ୨ ତାରିଖ ଗଣିତ ପରୀକ୍ଷା ରହିଛି।

ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ସମ୍ବଲପୁର ଜିଲ୍ଲାରେ ମାଟ୍ରିକ ପରୀକ୍ଷାରେ ପାସ୍‌ହାର ୯୭.୨୬% ରହିଥିବାବେଳେ ଜିଲ୍ଲାରେ ମାତ୍ର ୧୯ ଜଣ 'ଏ-୧' ଗ୍ରେଡ ପାଇଥିଲେ। ସେହିପରି ୨୦୨୪ ମସିହାରେ ଜିଲ୍ଲାର ମାଟ୍ରିକ ପାସ୍‌ହାର ୯୬.୭୩% ('ଏ-୧' ୧୪), ୨୦୨୩ରେ ପାସ୍‌ହାର ୯୬.୮୨% ('ଏ-୧' ୬୬), ୨୦୨୨ରେ ପାସ୍‌ହାର ୯୦.୯୬% ('ଏ-୧' ୯୫) ଏବଂ ୨୦୨୧ରେ ପାସ୍‌ହାର ୯୭.୮୯% ('ଏ-୧' ୩୦) ରହିଥିଲା।

## ପଶ୍ଚିମଓଡ଼ିଶାର ୯ ଜିଲ୍ଲାର ୨୩୦୦ ଅନୁପସ୍ଥିତ

**ସମ୍ବଲପୁର, ୧୯।୨(ସମିସ):** ଆଜି(ଗୁରୁବାର)ଠାରୁ ମାତୃଭାଷା ଓଡ଼ିଆ ସହ ଆରମ୍ଭ ହୋଇଛି ଚଳିତବର୍ଷର ମାଟ୍ରିକ ପରୀକ୍ଷା। ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ପରୀକ୍ଷାକୁ ଶାନ୍ତିଶୃଙ୍ଖଳାର ସହ କରିବାକୁ ସମସ୍ତ ବ୍ୟବସ୍ଥା କରାଯାଇଛି। ସମସ୍ତ କେନ୍ଦ୍ରରେ ସିସିଟିଭି କ୍ୟାମେରା ଲାଗି ଲାଇଭ ଷ୍ଟ୍ରିମିଙ୍ଗ ଓ ମନିଟରିଂ କରାଯାଉଛି। ତେବେ ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ଆଜି ପ୍ରଥମ ପତ୍ରରେ ଅନୁପସ୍ଥିତ ସଂଖ୍ୟା ଅହେତୁକ ଭାବେ ଅଧିକ ଥିବା ସୂଚନା ମିଳିଛି। ମାଧ୍ୟମିକ ଶିକ୍ଷା ବୋର୍ଡର ସମ୍ବଲପୁର ଜୋନ ଅନ୍ତର୍ଗତ ୯ଟି ଜିଲ୍ଲାରେ ମାତୃଭାଷା ଓଡ଼ିଆ ପରୀକ୍ଷାରେ ଆଜି ୨୩୦୦ ଜଣ ଅନୁପସ୍ଥିତ ଥିଲେ। ବଲାଙ୍ଗୀର ଜିଲ୍ଲାରେ ସର୍ବାଧିକ ୭୧୨ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି।ସମ୍ବଲପୁର ଜୋନ ଅନ୍ତର୍ଗତ ସମ୍ବଲପୁର ଜିଲ୍ଲାରେ ୧୧୫୦୨ ଜଣରୁ ୧୨୨ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବାବେଳେ ଦେବଗଡ଼ ଜିଲ୍ଲାରେ ୪୦୫୧ ରୁ ୬୪, କଳାହାଣ୍ଡି ଜିଲ୍ଲାରେ ୨୧୧୦୩ ରୁ ୪୨୨, ବରଗଡ଼ ଜିଲ୍ଲାରେ ୧୭୬୩୬ ରୁ ୧୯୬, ସୁନ୍ଦରଗଡ଼ ଜିଲ୍ଲାରେ ୨୪୦୦୫ ରୁ ୩୧୦, ବଲାଙ୍ଗୀର ଜିଲ୍ଲାରେ ୨୩୪୯୦ ରୁ ୭୧୨, ଝାରସୁଗୁଡା ଜିଲ୍ଲାରେ ୬୧୩୩ରୁ ୧୦୧, ସୁବର୍ଣ୍ଣପୁର ଜିଲ୍ଲାରେ ୮୧୮୬ରୁ ୧୪୬ ଏବଂ ନୂଆପଡ଼ା ଜିଲ୍ଲାରେ ୯୫୬୮ ରୁ ୨୨୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇନାହାନ୍ତି। ପଶ୍ଚିମର ୯ଟି ଜିଲ୍ଲାରୁ ଆଜି ପ୍ରଥମ ପତ୍ରରେ ଜଣେ ହେଲେ କପିକରି ଧରା ପଡ଼ିନଥିବା ସୂଚନା ମିଳିଛି।

# ସାମ୍ବାଦିକ ଶିବପ୍ରସାଦ ମେହେରଙ୍କ ବିୟୋଗରେ ଶୋକ



**ରେଢ଼ାଖୋଲ, ୧୯।୨ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ପ୍ରେସ୍ କ୍ଲବ୍‌ରେ ଗୁରୁବାର ଦିନ ପ୍ରେସକ୍ଲବ ପକ୍ଷରୁ ଦିବଂଗତ ସାମ୍ବାଦିକ ଶିବପ୍ରସାଦ ମେହେରଙ୍କ ବିୟୋଗରେ ଶୋକସଭା ହୋଇଥିଲା। ସଂଘର ସଭାପତି ଶଙ୍କର ପୃଷ୍ଟିଙ୍କ ସଭାପତିତ୍ୱରେ ଶୋକ ସଭାରେ ଅତିଥି ଭାବରେ ରେଢ଼ାଖୋଲ ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ ଯୋଗ ଦେଇଥିଲେ। ଦିବଂଗତ ସାମ୍ବାଦିକ ଦୀର୍ଘ ବର୍ଷ ଧରି ସମ୍ବଲପୁର ଜିଲ୍ଲାରେ ସାମ୍ବାଦିକତା କରି ଏକ ପରିଚୟ ସୃଷ୍ଟି କରିଥିଲେ। ହଠାତ ଦେହାନ୍ତ ହେବା ସାମ୍ବାଦିକ ଜଗତର ଏକ ଅପୂରଣୀୟ କ୍ଷତି ହେଲା ବୋଲି ସାମ୍ବାଦିକମାନେ ଶୋକ ସଭାରେ ପ୍ରକାଶ କରିଥିଲେ। ଶୋକ ସଭାରେ ସଂଘର ସମ୍ପାଦକ ତପନ କୁମାର ବିଶ୍ୱାଳ, ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ଜୟନ୍ତ ଖଡ଼ିରତ୍ନ, କନ୍ଦର୍ପ ବେହେରା, ସୁଶାନ୍ତ ନାଗ, ଯଶୋବନ୍ତ ନାରାୟଣ ସାହୁ, ପ୍ରସନ୍ନ ପ୍ରଧାନ, ସରୋଜ ସାହୁ, ସୁଧୀର ସୁନା, ମଦନ ବେହେରା, ସରୋଜ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ପାନୀୟଜଳ ପାଇଁ ସାଇବେର୍ଣ୍ଣୀ ଗ୍ରାମବାସୀ ହନ୍ତସନ୍ତ

# ୩୦ପରିବାରକୁ ଗୋଟିଏ ନଳକୂପ



**ରେଢ଼ାଖୋଲ, ୧୯।୨(ସମିସ):** ଗ୍ରାମାଞ୍ଚଳରେ ଘରକୁ ଘର ପାଇପ୍ ଯୋଗେ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ଥିବା ବେଳେ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ମୋଚିବାହାଲ ପଞ୍ଚାୟତ ସାଇବେର୍ଣ୍ଣୀ ଗ୍ରାମର ସ୍କୁଲପଡ଼ାବାସୀଙ୍କ ପାଇଁ ଏହା ସାତ ସପନ ପାଲଟିଛି। ବୃହତ ପାନୀୟଜଳ ପ୍ରକଳ୍ପ ଦାୟିତ୍ୱରେ ଥିବା ଠିକା ସଂସ୍ଥା ଗାଁ ଭିତରେ କେଉଁଠି ଖାଲି ଟ୍ୟାବ ବିହିନ ଷ୍ଟାଣ୍ଡ ପୋଷ୍ଟ ଗୁଡିକ ରଖିଛି ତ କେଉଁଠି ଖାଲି ପାଇପ୍ ପକେଇ ଛାଡି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦୀର୍ଘ ଦିନ ହେଲା କାର୍ଯ୍ୟର କୌଣସି ଅଗ୍ରଗତି ହୋଇନାହିଁ। ସାଇବେର୍ଣ୍ଣୀଗ୍ରାମ ଭିତରେ ଜଳଯୋଗାଣ କରାଯାଉଛି, ହେଲେ ଏହି ସ୍କୁଲପଡ଼ାକୁ ଆଜିଯାଏ ପାଣି ପହଞ୍ଚି ପାରିନାହିଁ। ଯାହାକୁ ନେଇ ଦାୟିତ୍ୱରେ ଥିବା ଜଳଯୋଗାଣ ବିଭାଗ ଓ ଠିକା ସଂସ୍ଥାର ପାରିବା ପଣିଆ ପ୍ରତି ଅନେକ ପ୍ରଶ୍ନ ଉଠୁଛି।ଏଥିରୁ କେବେ ପାଇପରେ ଜଳଯୋଗାଣ ଆରମ୍ଭ କରାଯିବ, କେବେ ସାଇବେର୍ଣ୍ଣୀ ଗ୍ରାମର ସ୍କୁଲପଡ଼ାବାସୀଙ୍କ ଜଳକଷ୍ଟ ଦୂର ହେବ ତାହା କାହାକୁ ଜଣାନାହିଁ। ଏଥିରେ ୩୦ ପରିବାର ବିଶିଷ୍ଟ ଏହି ପଡ଼ାର ପ୍ରାୟ ୧୦୦ ଜନସାଧାରଣଙ୍କ ଆଶା ନିରାଶାରେ ପରିଣତ ହୋଇସାରିଛି। ପୂର୍ବରୁ ଏଠାରେ ସରକାରୀ ସ୍ତରରେ ପାନୀୟଜଳ ବ୍ୟବସ୍ଥା କହିଲେ ଏହି ପଡ଼ାରେ କେବଳ ଦୁଇଟି ନଳକୂପ ସ୍ଥାପନ କରାଯାଇଛି। ତନ୍ମଧ୍ୟରୁ ଗୋଟିଏ ନଳକୂପ ଠିକ୍ ଭାବରେ କାମ କରୁଥିଲେ ବି ଲୁହା କଳଙ୍କି ମିଶା, ତେଲିଆ ଏବଂ ହଳଦିଆ ରଙ୍ଗର ଦୂଷିତ ପାଣି ବାହାରୁଛି। ଯାହାକି ପିଇବା ପାଇଁ ଆଦୌ ଉପଯୋଗୀ ନୁହେଁ। ଏଥିରେ ପଡ଼ାର ମହିଳା ମାନେ ଏକତ୍ରିତ ହୋଇ ପାନୀୟ ଜଳର ଅବ୍ୟବସ୍ଥାକୁ ନେଇ ତୀବ୍ରଅସନ୍ତୋଷ ପ୍ରକାଶ କରିଥିଲେ। ଦୀର୍ଘ ଦିନରୁ ପଡ଼ାବାସୀ ଙ୍କ ସମସ୍ୟା ସମ୍ପର୍କରେ ସ୍ଥାନୀୟ ନିର୍ବାଚିତ ଜନ ପ୍ରତିନିଧି ଓ ପ୍ରଶାସନର ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅବଗତ କରୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କେହି ଏଥିପ୍ରତି ଧ୍ୟାନ ଦେଉ ନାହାଁନ୍ତି ବୋଲି ଗ୍ରାମ ପଡ଼ାବାସୀ ପ୍ରତିକ୍ରିୟା ପ୍ରକାଶ କହିଥିଲେ ଓ ସେପଟେ ରେଢ଼ାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ନାରାୟଣ ସେନାପତି କହିଛନ୍ତି ଯେ ଖୁବଶୀଘ୍ର ସାଇବେର୍ଣ୍ଣ ଗାଁର ପଡ଼ାକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ଗ୍ରାମ୍ୟ ଜଳଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ, ମୋଚିବାହାଲ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରି ଯଥାଶୀଘ୍ର ଗ୍ରାମରେ ପାନୀୟଜଳ ପ୍ରକଳ୍ପରୁ ଜଳଯୋଗାଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯିବ। ତତ୍ ସହିତ ଆବଶ୍ୟକ ସ୍ଥଳେ ଟ୍ୟାଙ୍କର କିମ୍ବା ନୂତନ ନଳକୂପ ଖୋଳାଯାଇ ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦିଆଯିବ ବୋଲି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

# ଧନକଉଡା ବ୍ଲକ୍‌ରେ ଶ୍ରମିକ କାର୍ଡ଼ ବଣ୍ଟନ

**ସମ୍ବଲପୁର, ୧୯।୨(ସମିସ):** ଗୁରୁବାର ଦିନ ଧନକଉଡା ବ୍ଲକର ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ଏବଂ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସମ୍ବଲପୁରର ମିଳିତ ଆନୁକୂଲ୍ୟରେ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସମ୍ବଲପୁର, ସଚିବ ସୌମ୍ୟା ପ୍ରଧାନ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ସହକାରୀ ଶ୍ରମ ଅଧିକାରୀ ପୁଷ୍ପା ମିଞ୍ଜ, ଏ ଏଲ୍ ଓ ମିନିକେତନ ସୁନ୍ୟାନି ଓ ବ୍ରଜେଶ୍ କୁମାର ହୋତା ଉପସ୍ଥିତ ଥିଲେ। ଶ୍ରୀମତୀ ପ୍ରଧାନ ଶ୍ରମିକମାନଙ୍କର ଅଧିକାର, ଶ୍ରମିକ କାର୍ଡ଼ର ଆବଶ୍ୟକତା ଉପରେ ଆଲୋକପାତ କରିଥିବା ବେଳେ ଶ୍ରମ ଅଧିକାରୀ ଶ୍ରମିକ କାର୍ଡ଼ର ଉପକାରିତା ବିଷୟରେ ଶ୍ରମିକମାନଙ୍କୁ ଜଣାଇଥିଲେ। ଏହି ଅବସରରେ ୬୦ ଜଣ ଶ୍ରମିକଙ୍କୁ ଶ୍ରମିକ କାର୍ଡ଼ ବଣ୍ଟନ କରାଯାଇଥିଲା।



# ଜିଏମ୍‌ୟୁ ବାଣିଜ୍ୟ ବିଭାଗରେ ଆଲୋଚନାଚକ୍ର

**ସମ୍ବଲପୁର, ୧୯।୨ (ସମିସ):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ବାଣିଜ୍ୟ ବିଭାଗ ଓ ଜିଏମ୍‌ୟୁ ନବସୃଜନ ଏବଂ ଇନକ୍ୟୁବେସନ ଫାଉଣ୍ଡେସନ୍‌ର ମିଳିତ ଆନୁକୂଲ୍ୟରେ ଗୁରୁବାର ୟୁଜିସି ନେଟ୍ ପ୍ରସ୍ତୁତି ପାଇଁ ଆଡାପ୍ଟିଭ୍ ଲର୍ନିଂ ସିଷ୍ଟମ୍ ବିଷୟବସ୍ତୁ ଉପରେ ଏକ ନିମନ୍ତ୍ରିତ ବକ୍ତୃତା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ମ୍ୟାନେଜମେଣ୍ଟ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ଦେବେନ୍ଦ୍ର କୁମାର ମହାଲିକ ଯୋଗଦେଇଥିବା ବେଳେ ଆଇଭିଏ ପ୍ଲସ୍ ଆଇଟି ସଲ୍ୟୁସନ୍ ଅନୁଷ୍ଠାନର ପ୍ରତିଷ୍ଠାତା ସତ୍ୟବ୍ରତ ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ବାଣିଜ୍ୟ ବିଭାଗର ବିଭାଗୀୟ ମୁଖ୍ୟ ସୁବାଶ ଚନ୍ଦ୍ର ଝାଙ୍କରଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବାଣିଜ୍ୟ ବିଭାଗର ସହକାରୀ ପ୍ରାଧ୍ୟାପକ ଡ଼ଃ ପ୍ରିୟବ୍ରତ ପଣ୍ଡା, ପ୍ରଫେସର ଡ଼ଃ ଶ୍ୟାମାଚରଣ ଆଚାର୍ଯ୍ୟ, ଅଧ୍ୟାପକ ଡ଼ଃ ମୁକେଶ ଶର୍ମା, ବାଣିଜ୍ୟ ବିଭାଗର ସହକାରୀ ଅଧ୍ୟାପକ ଡ଼ ଜ୍ଞାନରଞ୍ଜନ ବଳ, ବିକାଶ କୁମାର ସେଠୀ, ଅଧ୍ୟାପିକା ଡ଼ଃ ପୂଜାବାଇ କେୱଟ୍, ଅରୁଣା ଶର୍ମା, ସରୋଜା ମେହେର, ଝାନ୍ସୀରାଣୀ ପରିଡ଼ା, ଶୁଭେଚ୍ଛା ନାୟକ ଓ ଅଧ୍ୟାପକ ଅମ୍ରିଶ୍ ପ୍ରତାପ ସିଂହ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ବାଣିଜ୍ୟ ବିଭାଗର ସ୍ନାତକ, ସ୍ନାତକୋତ୍ତର ଓ ଗବେଷକ ଛାତ୍ରଛାତ୍ରୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଶେଷରେ ବାଣିଜ୍ୟ ବିଭାଗର ସହକାରୀ ଅଧ୍ୟାପକ ଡ. କ୍ଷୀରୋଦ ଚନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିବା ସହ ଅତିଥି ଏବଂ ଛାତ୍ରଛାତ୍ରୀଙ୍କୁ କୃତଜ୍ଞତାଜ୍ଞାପନ କରିଥିଲେ।



## ଜବରଦଖଲ ଜମି ଚିହ୍ନଟ ପାଇଁ ତହସିଲଦାରଙ୍କୁ ଦାବିପତ୍ର

**ରେଢ଼ାଖୋଲ, ୧୯।୨ (ସମିସ):** ସମ୍ବଲପୁର ଜିଲ୍ଲା ରେଢାଖୋଲ ବ୍ଲକ ଭରତାପୁର ଗ୍ରାମରେ ଏକ ଜରୁରୀକାଳୀନ ବୈଠକ ସ୍ଥାନୀୟ ସୁରୁବାଲି ଜୋରସ୍ଥିତ ବଟବୃକ୍ଷ ମୂଳେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗ୍ରାମରବାସିନ୍ଦା ମାନେ ସରକାରୀ ଜମି ରାସ୍ତା ଜବରଦଖଲ କରିଛନ୍ତି। ବୈଠକରେ ନିଷ୍ପତ୍ତି ନିଆଯାଇଛି ଯେ ରେଭିନ୍ୟୁ ବିଭାଗ ତରଫରୁ ଡିମାରକେସନ କରି ସରକାରୀ ଜମିକୁ ଜବରଦଖଲ ମୁକ୍ତ କରାଯାଉ। ଉଲ୍ଲେଖ କରିଛନ୍ତି ଯେ କେନାଲ ଛକ ଠାରୁ କୁଡାସାହି ଘାଟି, କେନାଲ ଛକ ଠାରୁ ଗାଁ ମୁଣ୍ଡ, ଗାଁମୁଣ୍ଡ ଠାରୁ ସୁରୁବାଲି ଜୋର ବ୍ରିଜ୍ ପର୍ଯ୍ୟନ୍ତ, ପଞ୍ଚଖଣ୍ଡା ଆର୍ ଡି ରାସ୍ତା ଠାରୁ ଶଗଡ଼ିଆ ପର୍ଯ୍ୟନ୍ତ, ଗ୍ରାମରେ ଥିବା ଚତୁର୍ଥ ପାର୍ଶ୍ୱ ବିଷୟରେ ଦୃଷ୍ଟି ଆକର୍ଷଣ କରିବା ପାଇଁ ରେଢ଼ାଖୋଲ ତହସିଲଦାର ରାମ ଗୋବିନ୍ଦ ପରିଡ଼ାଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ। ଗ୍ରାମର ଭାଗିରଥି ସମଲ, କରୁଣାକର ପ୍ରଧାନ, ଗିରିଶ ଚନ୍ଦ୍ର ପ୍ରଧାନ, ଲୋକନାଥ ପ୍ରଧାନ, ଭୀମସେନ ସାମଲ ପ୍ରମୁଖ ସମେତ ବହୁ ସଂଖ୍ୟାରେ ଗ୍ରାମବାସୀ ମାନେ ସାମିଲ ରହିଥିଲେ।

### ସମ୍ବଲପୁରରେ ନିଯୁକ୍ତି ମେଳା

# ୧୫ଶହ ଆଶାୟୀ ମଧ୍ୟରୁ ୪୯ ଚୟନ, ୬୩ ସର୍ଟଲିଷ୍ଟ

**ସମ୍ବଲପୁର, ୧୯।୨(ସମିସ):** ସମ୍ବଲପୁର ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ, ମିଳିତ ଉଦ୍ୟମରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ପି.ଏଚ୍.ଡି.ପଡ଼ିଆରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲାପାଳ ଯୁବକ ଯୁବତୀ ମାନଙ୍କୁ କେବଳ ନିଜେ ନିଯୁକ୍ତି ପାଇବା ପାଇଁ ନୁହେଁ ଅନ୍ୟମାନଙ୍କପାଇଁ ରୋଜଗାର ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ତେବେ ଯାଇ ଓଡ଼ିଶାର ଡେମୋକ୍ରାଟିକ ଡିଭିଡେଣ୍ଟ ମଜବୁତ ହୋଇପାରିବ ବୋଲି କହିଥିଲେ।ନିଜର ଲକ୍ଷ ସ୍ଥିର କର ସେଥିପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିବ, ଶିଖିବାକୁ ପଡ଼ିବ ବୋଲି କହିଥିଲେ।ସମ୍ବଲପୁରରେ ଖୋଲିଥିବା ମଡେଲ ସ୍କିଲ ସେଣ୍ଟର ଖୋଲାଯାଇଛି ଯେଉଁଠି ଦକ୍ଷତା ବିକାଶ ପାଇଁ ତାଲିମ ପ୍ରଦାନ କରାଯାଉଥିବାର ଜିଲ୍ଲାପାଳ ସୂଚନା ଦେଇଥିଲେ। ଏବେ ସମ୍ବଲପୁରର କିଛି ପିଲା ଜାପାନ, ଡେନମାର୍କ ଭଳି ବିଦେଶରେ ଚାକିରି ପାଇଁ ନିଯୁକ୍ତି ହୋଇଛନ୍ତି।ସଦାବେଳେ ବାହାରେ ଯାଇ ନୂଆ କିଛି ଶିଖିବାକୁ ଚେଷ୍ଟା କରନ୍ତୁ।ଅପାଣମାନେ କୃଷି, ସିଲାଇ, ଏହି ଭଳି ଅନେକ କ୍ଷେତ୍ର ରେ ଆପଣ ମାନେ ନିଜର କାମ ଆରମ୍ଭ କରିପାରିବେ। ସିଲାଇ ପାଇଁ ତାଲିମ ନିଅନ୍ତୁ, ଯାହାଫଳରେ ଅଗାମୀଦିନରେ ଆଦିତ୍ୟ ବିର୍ଲାର ଟେକ୍ସଟାଇଲ ପାର୍କରେ ନିଯୁକ୍ତିର ସୁଯୋଗ ପାଇ ପାରିବେ ବୋଲି ସୂଚନା ଦେଇଥିଲେ।ନିଯୁକ୍ତି ମେଳାରେ ୪୦ ଟି ଘରୋଇ ସଂସ୍ଥା, ପିଆଇଏ ଓ ଶିକ୍ଷାନୁଷ୍ଠାନ ଯୋଗଦେଇଥିଲେ। କେତେକ ସଂସ୍ଥାରେ ସିଧାସଳଖ ନିଯୁକ୍ତିର ସୁବିଧା ଥିଲାବେଳେ କେତେକ ସଂସ୍ଥା ନିଯୁକ୍ତି ଭିତ୍ତିକ ତାଲିମ ପରେ ନିଯୁକ୍ତି ପ୍ରଦାନ କରିବ। ସମ୍ବଲପୁର ଜିଲ୍ଲାର ଚାକିରୀ ଅନ୍ୱେଷଣରେ ଥିବା ଯୋଗ୍ୟତା ୮ମ ଶ୍ରେଣୀ ପାସ୍‌ରୁ ଅଧିକ, ଦଶମ ଶ୍ରେଣୀ, +୨, +୩, ଆଇଟିଆଇ, ଡିପ୍ଲୋମା, ବିଟେକ ଇତ୍ୟାଦି ପାସ୍ କରିଥିବା ୧୮ ରୁ ୩୫ ବର୍ଷ ବୟସ ସୀମା ଅନ୍ତର୍ଭୁକ୍ତ ପ୍ରାୟ ୧୫୦୦ ଜଣ ମେଳାରେ ଯୋଗ ଦେଇଥିଲେ। ସେଥିମଧ୍ୟରୁ ୪୯ ଜଣଙ୍କୁ ବିଭିନ୍ନ ପଦ ପଦବୀରେ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା। ପିଆଇଏ ସଂସ୍ଥା ମଧ୍ୟରେ ଶାହୀ ଏକ୍ସପୋର୍ଟ ପ୍ରାଇଭେଟ୍ ଲିମିଟେଡ୍, ବ୍ଲାକ୍ ପାନ୍ଥର୍ ଗାର୍ଡସ୍ ଆଣ୍ଡ ସର୍ଭିସେସ୍ ଲିମିଟେଡ୍, ସ୍କିଲ୍ କନେକ୍ଟ ସର୍ଭିସେସ୍ ଏଲଏଲପି, ଭାଲୁଅର୍ ଫାବଟେକ୍ସ ପ୍ରାଇଭେଟ୍ ଲିମିଟେଡ୍, ସିଟିଟିସି, ଇନୋଡଷ୍ଟ ଟେକ୍ ସଲୁସନ୍ସ, ଫିକସି, ଆଦିତ୍ୟ ବିର୍ଲା ସ୍କିଲ ସେଣ୍ଟର, ଭିଏଫଏସ୍ ଗ୍ଲୋବାଲ୍, ସିପେଟ୍ ବାଲେଶ୍ୱର, ସିପେଟ୍ ଭୁବନେଶ୍ୱର ଓ ମିଲିଅନ୍ ମାଇଣ୍ଡ ମ୍ୟାନେମେଣ୍ଟ ସର୍ଭିସ ଲିମିଟେଡ ସଂସ୍ଥା ଅଂଶଗ୍ରହଣ କରିଥିଲେ। ଶିକ୍ଷାନୁଷ୍ଠାନ ଭାବେ ରେଙ୍ଗାଲି ସରକାରୀ ପଲିଟେକ୍ନିକ୍, ହୀରାକୁଦ ସରକାରୀ ଆଇଟିଆଇ ଓ ଏସବିଆରସେଟି ବୁର୍ଲା ଯୋଗଦେଇଥିଲେ। ନିଯୁକ୍ତିଦାତାମାନଙ୍କ ମଧ୍ୟରେ ଏଡିକୋ ୨୩ ଜଣଙ୍କୁ, ଟାଟା ମଟର୍ସ ୧୮ ଜଣଙ୍କୁ ଓ ସ୍କିଲ୍ କନେକ୍ଟ ସର୍ଭିସେସ୍ ୮ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ଏହା ସହିତ ଟାଟା ମୋଟର୍ସ ୬୩ ଜଣ ପ୍ରାର୍ଥୀଙ୍କୁ ସର୍ଟଲିଷ୍ଟ କରିଛି। ଉପ ନିର୍ଦ୍ଦେଶକ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ(ଉତ୍ତରାଞ୍ଚଳ) ଗତିକୃଷ୍ଣ ବେହେରା, ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ ଓରମାସଶ୍ରିମନ୍ତ ହୋତା, ଆରଏସଇଟିଆଇ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।






ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
୬ ଦୁର୍ଗା ଚରଣ ସାହୁ
କୃଷି ବିଭାଗ, ଓଡ଼ିଶା ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀ
'ଭଜନ କଳିକା'ର ରଚୟିତା
ଅର୍ଜୁନପୁର, କେନ୍ଦ୍ରାପଡ଼ା
ଆବିର୍ଭାବ - ୦୮.୦୩.୧୯୪୮
ତିରୋଧାନ - ୦୯.୦୨.୨୦୨୬
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ
ଶୋକ ସନ୍ତପ୍ତ: ପତ୍ନୀ - ଆରତୀ, ପୁତ୍ର: ଲଳିତ, ଲୋକନାଥ, ଲକ୍ଷ୍ମୀନାରାୟଣ, ପୁତ୍ର ବଧୂ: ନମିତା, ସୀମା, ସୁଚିତ୍ରା, କନ୍ୟା: ଲକ୍ଷ୍ମୀପ୍ରିୟା, ନାତି ନାତୁଣୀ: ମାମା, ସୋମୁ, ସୁଚରିତା, ଶୁଭକିତ୍ତା, ଶୁଭସ୍ମିତା, ନୃସିଂହ, ବନ୍ଧୁ, ପରିଜନ ଓ ଆତ୍ମୀୟସ୍ୱଜନ


# ସାଇବର୍ ଅପରାଧ ମାଷ୍ଟରମାଇଣ୍ଡକୁ କେବେ ଧରିବ ପୁଲିସ

**ସମ୍ବଲପୁର, ୧୯।୨(ସମିସ)**

ସମ୍ବଲପୁର ଜିଲ୍ଲା ପୁଲିସ ଅନେକ ସମୟରେ ସାଇବର ଅପରାଧରେ ରୋକ ଲଗାଇବାର ଚେଷ୍ଟା କରିଛି। ଏପରିକି ବିଭିନ୍ନ ସ୍ଥାନରେ ଅନଲାଇନ ଠକେଇର ସଚେତନା କାର୍ଯ୍ୟ ମଧ୍ୟ କରୁଛି। ଅନେକ ସମୟରେ ସାଇବର ଅପରାଧରେ ସମ୍ପୃକ୍ତ ରହିଥିବା ଦଲାଲଙ୍କୁ ମଧ୍ୟ ଗିରଫ କରିଛି। ହେଲେ ସବୁ ସାଇବର ଅପରାଧର ମାଷ୍ଟରମାଇଣ୍ଡ ଏବେ ପର୍ଯ୍ୟନ୍ତ ଗିରଫ କରିପାରିନାହି। ଆଜି ପୁଲିସ ଶହେ କୋଟିରୁ ଅଧିକ ଟଙ୍କାର ଠକେଇ ନେଇ ତଦନ୍ତ କରୁଛି। ଏହି ଘଟଣାରେ ୫୨ ଜଣଙ୍କୁ ତଦନ୍ତପରିସର ଭୁକ୍ତ କରିଛି। ସେମାନଙ୍କ ମଧ୍ୟରୁ ୨୦ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ବର୍ଷ ଅଗଷ୍ଟ ମାସରେ ୮୮ ଲକ୍ଷ ସାଇବର ଠକେଇ ଅଭିଯୋଗରେ ପୁଲିସ ପ୍ରଥମେ ୪ ଜଣଙ୍କୁ ଗିରଫ କରିଥିଲା। ପରେ ପର୍ଯ୍ୟାୟ କ୍ରମେ ଗିରଫଦାରୀ ସଂଖ୍ୟା ମଧ୍ୟ ବଢ଼ିଥିଲା। ହେଲେ ସମସ୍ତେ ଦଲାଲ ସାଜି ଆକାଉଣ୍ଟ ଖୋଲୁଥିଲେ। ପୁଲିସ ସେସମୟରେ ଏହି ଘଟଣାର ମାଷ୍ଟର ମାଇଣ୍ଡ ସାଉଦିରେ ରହିଥିବା କହିଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ପୁଲିସ ମାଷ୍ଟର ମାଇଣ୍ଡକୁ ଗିରଫ କରିବାରେ ସଫଳ ହୋଇପାରୁନାହି। ପରେ ଅନକେ ଥର ସାଇବର ଅପରାଧରେ ଲିପ୍ତ ଥିବା ଅଭିଯୁକ୍ତଙ୍କୁ ଧରିଛି।

### ଅନ୍‌ଲାଇନ ଠକେଇ ବେଳେ ଟଙ୍କା କୁଆଡେ ଯାଏ

ଯଦି କେହି ଅନ୍‌ଲାଇନ ଠକେଇର ଶିକାର ହୁଅନ୍ତି। ତାଙ୍କ ବ୍ୟାଙ୍କ ଖାତାରୁ ଟଙ୍କା ଉଭାନ ହୋଇ ଏହି ମ୍ୟୁଲ ଆକଆଉଣ୍ଟକୁ ଯାଇଥାଏ। ପରେ ପର୍ଯ୍ୟାୟ କ୍ରମେ ଟଙ୍କାକୁ କ୍ଷୀପ୍ର ବେଗରେ ମ୍ୟୁଲ ଆକାଉଣ୍ଟରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଏ। ସାଇବର ଅପରାଧର ଶିକାର ହୋଇଥିବା ବ୍ୟକ୍ତିଙ୍କ ବ୍ୟାଙ୍କ ଷ୍ଟେଟମେଣ୍ଟରେ ଏହା ବିଭିନ୍ନ ବ୍ୟାଙ୍କ ଖାତାକୁ ଟ୍ରାନ୍ସଫର ହୋଇଥିବା ଦେଖାଇଥାଏ। ହେଲେ ପ୍ରଥମେ ସ୍ଥାନାନ୍ତର ହୋଇଥିବା ଖାତାରେ ସେ ମୂଳ ଟଙ୍କା ଆଉ ନଥାଏ। ତାହ ଅନ୍ୟତ୍ର କ୍ଷୀପ୍ର ବେଗରେ ଯାଇଥାଏ। ଟଙ୍କା ସ୍ଥାନନ୍ତର ଓ ଟ୍ରାଞ୍ଜାକ୍ସନ ପାଇଁ ଏହି ମ୍ୟୁଲ ଆକାଉଣ୍ଟ ହି କାମରେ ଆସିଥାଏ।

### ମ୍ୟୁଲ୍ ଏକାଉଣ୍ଟ କିପରି ଅପରେଟ୍ କରେ

ମ୍ୟୁଲ ଆକାଉଣ୍ଟ ଅପରାଧିକ କାର୍ଯ୍ୟକଳାପରେ ବିଶେଷ ଭାବେ ସାଇବର ଅପରାଧରେ ବ୍ୟବହାର କରାଯାଏ। ଏହା ଏକ ବୈଧ ବ୍ୟାଙ୍କ ଖାତା ଯେଉଁଠି ଅପରାଧୀ ମାନେ ବେଆଇନ ଭାବେ ଟଙ୍କା କାରବାର କରିଥାନ୍ତା। କିଛି ମଧ୍ୟସ୍ଥିଙ୍କୁ ଧରି ଟଙ୍କା ଜମା, ସ୍ଥାନାନ୍ତର ଓ ଗ୍ରହଣ କରିଥାନ୍ତି। ବିଶେଷ ଭାବେ ମୂଳ ଉତ୍ସ ଲୁଚାଇବାକୁ ଯାଇ ମଧ୍ୟସ୍ଥିକୁ ପ୍ରସ୍ତୁତ କରିଥାନ୍ତି। ଯାହା ଫଳରେ ପୁଲିସ ମାଷ୍ଟରମାଇଣ୍ଡ ପାଖକୁ ପହଞ୍ଚିବାରେ କଷ୍ଟକର ହୋଇଥାଏ। ସାଇବର ଲୁଟେରା ମାନେ ଏହି ଆକାଉଣ୍ଟ ଯୋଗାଡିବା ପାଇଁ ସୋସିଆଲ ମିଡିଆ ବ୍ୟବହାର କରିଥାନ୍ତି। ମିଛ ପ୍ରଲୋଭନ ଦେଖାଇ ଟଙ୍କା ରୋଜଗାର ମାଧ୍ୟମ ସାଜିଥାନ୍ତି। ସେମାନଙ୍କୁ ବ୍ୟବହାର କରାଯାଇ ଏହି ର୍‌ୟାକେଟ୍ କାମ କରିଥାଏ।

### ହାଏ ଲିମିଟ କରେଣ୍ଟ ଆକାଉଣ୍ଟ ଗ୍ରାହକଙ୍କୁ ଖୋଜିଥାନ୍ତି

ସାଇବର ଅପରାଧ ପାଇଁ ହାଏ ଲିମିଟ କରେଣ୍ଟ ଆକାଉଣ୍ଟ ଥିବା ଗ୍ରାହକକୁ ଖୋଜା ପଡ଼ିଥାଏ। ଏହାର କାରଣ ବିଭିନ୍ନ ଲୋକଙ୍କ ପାଖରୁ ଆସୁଥିବା ପର୍ଯ୍ୟପ୍ତ ଟଙ୍କା ଗୋଟାଏ ଦିନରେ ଏହି ଖାତାରେ ଜମା ହୋଇ ଅନ୍ୟତ୍ର ସ୍ଥାନାନ୍ତର ହୋଇଯାଏ। ସେଭିଂ ଆକାଉଣ୍ଟ ଥିବା ଗ୍ରାହକଙ୍କ ପକ୍ଷରେ ଏହା ସମ୍ଭବ ପର ହୋଇ ପାରିନଥାଏ। ତେଣୁ ଏହି ଦଲାଲ ମାନେ ବିଭିନ୍ନ ଅଞ୍ଚଳରେ ହାଏ ଲିମଟ କରେଣ୍ଟ ଆକାଉଣ୍ଟ ଥିବା ଗ୍ରାହକଙ୍କୁ ଖୋଜିଥାନ୍ତି। ସେମାନଙ୍କୁ ଖାତାକୁ ବ୍ୟବହାର କରି ଲୋକଙ୍କ ଠାରୁ ସର୍ବସ୍ୱ ନେଇ ଯାଆନ୍ତି। ମୁଖ୍ୟ ଅଭିଯୁକ୍ତ ଲାଳାସ ତଥା ମୋଟା କମିଶନ ଲୋଭ ଦେଖାଇ ଦଲାଲ ଠିକ କରିଥାଏ। ପରେ ଦଲାଲ ମାନେ ଚେନ ସିଷ୍ଟମରେ ଅନ୍ୟ ମାନଙ୍କୁ ଏଥିରେ ଯୋଡିଥାନ୍ତି।

### କିଛି ବ୍ୟାଙ୍କ କର୍ମଚାରୀଙ୍କ ସମ୍ପୃକ୍ତ ଥାଏ

ହାଏ ଲିମିଟ କରେଣ୍ଟ ଆକାଉଣ୍ଟ ଖୋଲିବା ସହଜ ନଥାଏ।ତେଣୁ ଦଲାଲମାନେ ବ୍ୟାଙ୍କ କର୍ମଚାରୀଙ୍କୁ ଧରି ହାଏ ଲିମିଟ କରେଣ୍ଟ ଆକାଉଣ୍ଟ ଖୋଲାଇ ଥାନ୍ତି। କିମ୍ବା ଯାହାର ଏହି ଆକାଉଣ୍ଟ ରହିଥିଲା ତାଙ୍କୁ ଲୋଭା ଦେଖାଇ ନିଜ ଜାଲରେ ପକାନ୍ତି। ଗୋଟାଏ ଦିନରେ ଏହି ଗ୍ରାହକ ମାନେ ୧ ଲକ୍ଷରୁ ଅଧିକ ଟଙ୍କା ପର୍ଯ୍ୟନ୍ତ ଟ୍ରାଞ୍ଜାକ୍ସନ କରି ପାରିବେ। ଖାତା ଖୋଲିବାକୁ ହେଲେ ନିଜର କୌଣସି ବ୍ୟବସାୟ ତଥା ଆୟର ଜରୁରୀ ଥାଏ। କିନ୍ତୁ ଏହି ଲୁଟେରା ମାନେ ଟଙ୍କା ଦେଇ କିଛି ବ୍ୟାଙ୍କ କର୍ମଚାରୀଙ୍କୁ ହାତେଇ ନିଜର କାମ ହାସଲ କରିଥାନ୍ତି। ଜଣେ ବିନିଯୋଗକାରୀ କୌଣସି ଆପ ମାଧ୍ୟମରେ ଟଙ୍କା ଜମା କରିଥିଲେ ଏହି ହାଏ ଲିମିଟ ଗ୍ରାହକଙ୍କ ଖାତାକୁ ଯାଇଥାଏ। ସେପଟେ ସମସ୍ତ ଟଙ୍କା ବିଭିନ୍ନ ଖାତାକୁ କ୍ଷଣିକ ମଧ୍ୟରେ ଟ୍ରାନ୍ସଫର ହୋଇଯାଇଥାଏ। ଏଥି ପାଇଁ ଏକାଉଣ୍ଟ ଧାରୀ ଓ ଦଲାଲ ମାନେ କମିଶନ ପାଇଥାନ୍ତି। ଗୋଟାଏ ଦିନେ ଅଧିକ ଟ୍ରାଞ୍ଜିକ୍ସନ ହେବା ପରେ ଖାତା ବନ୍ଦ ମଧ୍ୟ ହୋଇ ଯାଇଥାଏ। ପରେ ଦଲାଲ ମାନେ ପୁଣି ନୂତନ ହାଏ ଲିମିଟ ଗ୍ରାହକଙ୍କୁ ଖୋଜିଥାନ୍ତି କିମ୍ବା ନୂଆ ଖାତା ଖୋଲିଥାନ୍ତି।

# ବିଜୁ ମହିଳା ଜନତା ଦଳ ଜିଲ୍ଲା ସଭାନେତ୍ରୀ କଳ୍ପନା ମାଝୀଙ୍କୁ ଶୁଭେଚ୍ଛା



ବରଗଡ଼, ୧୯।୨(ସମିସ): ଜିଲ୍ଲାର ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଭାବେ ବରଗଡ଼ ପୌର ଅଧ୍ୟକ୍ଷା କଳ୍ପନା ମାଝୀଙ୍କୁ ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାୟିତ୍ୱ ପ୍ରଦାନ କରିଛନ୍ତି। ଜିଲ୍ଲା ବିଜେଡି ପକ୍ଷରୁ ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ର, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ରୀତା ସାହୁ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ସୁଶାନ୍ତ ସିଂ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପ୍ରଦ୍ୟୁମ୍ନ ତ୍ରିପାଠୀ, କରନ୍ ସିକନ୍ଦର, ଗୌତମ ସିଂ, ରାଜୁ ଘିବେଲା, ସୁଶାନ୍ତ ମିଶ୍ର, ପ୍ରମୁଖ ମାଝୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ତେବେ ପୌର ଅଧ୍ୟକ୍ଷା ମାଝୀ ଏହି ନିଯୁକ୍ତି ପାଇବା ପରେ ବିଜେଡି ସୁପ୍ରିମୋ ନବୀନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଦଳ ତାଙ୍କ ଉପରେ ଆସ୍ଥା ଓ ଭରସାରଖି ସାଂଗଠନିକ ଦାୟିତ୍ୱ ପ୍ରଦାନ କରିଥିବାରୁ ଜିଲ୍ଲାର ସମସ୍ତ ବିଜେଡି ନେତୃ ମଣ୍ଡଳୀଙ୍କୁ ଭେଟି ଆଶୀର୍ବାଦ କାମନା କରିଛନ୍ତି।

# ବରଗଡ଼ ମାଇନିଂ ବିଭାଗର ମନମୁଖୀ

- **ପରିଚୟ ଦେବା ସତ୍ତ୍ୱେ ସାମ୍ବାଦିକଙ୍କୁ ଉପେକ୍ଷା**
- **ଲୋକତନ୍ତ୍ରର ଚତୁର୍ଥସ୍ତମ୍ଭ ଅପମାନିତ**

ଅମ୍ବାଭୋନା, ୧୯।୨(ସମିସ): ଲୋକତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ସାମ୍ବାଦିକଙ୍କ ପ୍ରତି ଦାୟିତ୍ୱଶୀଳ ଓ ସହଯୋଗାତ୍ମକ ଆଚରଣ କରିବା ପରିବର୍ତ୍ତେ ବରଗଡ଼ ଜିଲ୍ଲାର ମାଇନିଂ ବିଭାଗର କିଛି କର୍ମଚାରୀ ଅହଂକାରୀ ଓ ଉପେକ୍ଷାମୂଳକ ମନୋଭାବ ପ୍ରଦର୍ଶନ କରୁଥିବା ଗଭୀର ଅଭିଯୋଗ ଆସିଛି। ଖବର ଅନୁଯାୟୀ, ଖଣିଜ ସମ୍ବନ୍ଧୀୟ ଏକ ସାଧାରଣ ଓ ଲୋକହିତ ବିଷୟରେ ସୂଚନା ସଂଗ୍ରହ ପାଇଁ ଜଣେ ସାମ୍ବାଦିକ ନିଜ ପରିଚୟ ସ୍ପଷ୍ଟ କରି ମାଇନିଂ ବିଭାଗ କାର୍ଯ୍ୟାଳୟ ସହ ଯୋଗାଯୋଗ କରିଥିଲେ। କିନ୍ତୁ ପରିଚୟ ଦେବା ସତ୍ତ୍ୱେ ସମ୍ପୃକ୍ତ କର୍ମଚାରୀମାନେ ଯଥୋଚିତ ଉତ୍ତର ଦେଲେ ନାହିଁ କି କୌଣସି ସହଯୋଗ କଲେନାହିଁ। ଏପରିକି କିଛି ମାମଲାରେ ଅସମ୍ମାନଜନକ ବ୍ୟବହାର କରାଯାଇଥିବା ଅଭିଯୋଗ ମଧ୍ୟ ଉଠିଛି। ଘର ନିର୍ମାଣ ପାଇଁ ସଂଗ୍ରହ କରାଯାଇଥିବା ବାଲି ଓ ମେଟାଲ, ଗେଟିକୁ ନେଇ ନୋଟିସ ଜାରି କରାଯିବା, ନିଜ ଘର ତିଆରି ପାଇଁ ଇଟା ଗଢୁଥିବା ଗରିବ ଲୋକଙ୍କ ଉପରେ ଫାଇନ୍ ଲାଗୁ କରାଯିବା, ଏପରିକି ବ୍ୟାପକ ମାପରେ ଅବୈଧ କାରବାର କରୁଥିବା ବେପାରୀମାନଙ୍କ ଠାରୁ ମୋଟା ଅଙ୍କର ବଟି ଆଦାୟ କରି ମାମଲା ରଫାଦଫା କରାଯାଉଛି। ଏ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ମାଗିବା ପାଇଁ ସାମ୍ବାଦିକଙ୍କ ପକ୍ଷରୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ସମ୍ପୃକ୍ତ କର୍ମଚାରୀମାନେ ଫୋନ୍ ରିସିଭ୍ ନ କରିବା ଘଟଣା ସନ୍ଦେହକୁ ଆହୁରି ଗଭୀର କରିଛି। ସାମ୍ବାଦିକ ମହଲ ଅନୁସାରେ, ସରକାରୀ ବିଭାଗର ଏପରି ଆଚରଣ ତଥ୍ୟର ଅଧିକାର ଆଇନ ଓ ପ୍ରେସ ସ୍ୱାଧୀନତା ଉପରେ ସିଧାସଳଖ ଆଘାତ। ସାଧାରଣ ଲୋକଙ୍କ ହିତ ସହ ଜଡିତ ବିଷୟରେ ସଠିକ୍ ଓ ସ୍ପଷ୍ଟ ସୂଚନା ଦେବା ସରକାରୀ ଲୋକଙ୍କ କର୍ତ୍ତବ୍ୟ ହେବା ସତ୍ତ୍ୱେ ଏପରି ଉପେକ୍ଷାମୂଳକ ଓ ଦାୟିତ୍ୱହୀନ ମନୋଭାବ ଗଭୀର ଚିନ୍ତାର ବିଷୟ ବୋଲି କୁହାଯାଇଛି। ଏହି ଘଟଣାକୁ ଗୁରୁତ୍ୱର ସହ ଜିଲ୍ଲା ପ୍ରଶାସନ ଓ ଉଚ୍ଚ କର୍ତ୍ତୃପକ୍ଷ ହସ୍ତକ୍ଷେପ କରି ତଦନ୍ତ କରିବାକୁ ଦାବି ଜୋର ଧରିଛି।

## ଅପରେସନ 'ସାଇବର କବଚ'

# ୩ ସାଇବର ଠକ ଗିରଫ





**୧୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଠକେଇ**

ବରଗଡ଼, ୧୯।୨(ସମିସ)

ମନିଲଣ୍ଡିଂ ପାଇଁ ନିରୀହ ବ୍ୟାଙ୍କ ହିତାଧିକାରୀଙ୍କ ଆକାଉଣ୍ଟକୁ ଅପବ୍ୟବହାର କରି ୧୦ କୋଟି ଟଙ୍କା ସାଇବର ଠକେଇ କରିଥିବା ଅଭିଯୋଗରେ ପୁଲିସ ସୋହେଲା ଥାନା ଅଧୀନ ବିସିପାଲି ଗାଁର ମନୋଜ କୁଶଲଙ୍କୁ ଗିରଫ କରିଛି। ପୁଲିସ ଖୋଲତାଡ ପରେ ଅଭିଯୁକ୍ତ ପାଖରୁ ୫୭ଟି ପାସବୁକ, ୧୯ଟି ଚେକବୁକ, ୮୧ଟି ଏଟିଏମ କାର୍ଡ ୨୭ଟି ମୋବାଇଲ ସିମ, ଏକ ସ୍କୁଟି, ୨ ମୋବାଇଲ, ୬୭୦୦ ଟଙ୍କା ଜବତ କରିଛି। ଅଭିଯୁକ୍ତ ୧୦କୋଟି ଟଙ୍କା ସାଇବର ଠକେଇ କରିଥିବା ବରଗଡ଼ ଏସପି ପ୍ରହଲ୍ଲାଦ ମୀନା କହିଛନ୍ତି। ଏସପି ସୂଚନା ଦେଇ କହିଛନ୍ତି ଯେ, ଫେବୃଆରୀ ୧୩ରୁ ୨୭ତାରିଖ ପର୍ଯ୍ୟନ୍ତ ପୁଲିସ ଡିଜିଙ୍କ ନିର୍ଦ୍ଦେଶରେ ଅପରେସନ 'ସାଇବର କବଚ' ଅଭିଯାନ କରାଯାଉଛି। ଏହିକ୍ରମେ ବରଗଡ଼ ଜିଲ୍ଲାର ଏକ ହଜାର ବ୍ୟାଙ୍କ ଆକାଉଣ୍ଟକୁ ଯାଞ୍ଚ କରାଯାଇଥିଲା। ଯାଞ୍ଚ ପରେ ଟାଉନ ପୁଲିସ ବାନ୍ଧୁଟିକ୍ରା ବାସିନ୍ଦା ସୋମ୍ୟରଞ୍ଜନ ଦୀପଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅଭିଯୁକ୍ତ ମନୋଜ କୁଶଲ ବେଆଇନ ଭାବେ ଟଙ୍କା କାରବାର ପରିଚାଳନା କରୁଥିଲା। ପରବର୍ତ୍ତୀ ସମୟରେ ସାଇବର ଠକେଇ ପାଇଁ ଅପବ୍ୟବହାର କରୁଥିଲା। ଏପରିକି ନିରୀହ ଲୋକଙ୍କୁ ଏକ ହଜାରରୁ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରଲୋଭନ ଦେଇ ସେମାନଙ୍କ ନାଁରେ ବ୍ୟାଙ୍କ ଆକାଉଣ୍ଟ ଖୋଲି ସେହି ଆକାଉଣ୍ଟକୁ ସାଇବର ଠକେଇରେ ବ୍ୟବହାର କରୁଥିଲା। ଏପରି ଆକାଉଣ୍ଟ ଖୋଲିବା ପରେ ସେ ପାସବୁକ୍ ନିଜ ହେପାଜତକୁ ନେଉଥିଲା। ଏହି ଆକାଉଣ୍ଟଗୁଡିକ ମାଧ୍ୟମରେ ଠକେଇ ଦ୍ୱାରା ପ୍ରାପ୍ତ ଟଙ୍କା ସ୍ଥାନାନ୍ତର କରୁଥିଲା। ଅଭିଯୁକ୍ତ ମନୋଜ କୁଶଲର ଘରେ ଚଢ଼ଉ ଏବଂ ପଚରାଉଚରା ଚାଲିଥିବା ସମୟରେ ସେ ଗାଡ଼ିରେ ଖସି ପଳାଇବାକୁ ଚେଷ୍ଟା କରିଥିଲା। ହେଲେ ତାକୁ ଧରାଯାଇ ପଚରାଉଚରା କରାହୋଇଥିଲା। ଏଥିରେ ସେ ସାଇବର ଠକେଇର ସମ୍ପୃକ୍ତି ଥିବା ସ୍ୱୀକାର କରିଥିଲା। ସେହିପରି ଝାରବନ୍ଧ ଥାନାରେ 'ସାଇବର କବଚ' ଅଭିଯାନରେ ଅନ୍ୟ ୨ ଜଣ ଯୁବକଙ୍କୁ ଗିରଫ କରାଯାଇଛି ବୋଲି ଏସପି ମୀନା କହିଛନ୍ତି। ଅତିରିକ୍ତ ଏସପି ଶିବ ପ୍ରସାଦ ବିଶ୍ୱାଳ, ଡଏସପି ସୁମନ୍ତ କିଷାନ, ଇନ୍ସପେକ୍ଟର ଯାଜ୍ଞସେନି ନାଏକ, ଇନ୍ସପେକ୍ଟର ସଞ୍ଜୟ ପରିଜା, ଏସଆଇ ମଙ୍ଗଳ କିସ୍କକୋଙ୍କ ସମେତ ବହୁ ଅଧିକାରୀ ଏହି ଅଭିଯାନରେ ସାମିଲ ଥିଲେ।

# ପରିବାର ନିଯୋଜନ ପ୍ରଶିକ୍ଷଣ ଶିବିର

ଝାରବନ୍ଧ, ୧୯।୨(ସମିସ): ଝାରବନ୍ଧ ବ୍ଲକରେ ପରିବାର ନିଯୋଜନ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ କର୍ମଚାରୀ ଓ ଆଶା କର୍ମୀମାନଙ୍କ ପାଇଁ ପ୍ରଶିକ୍ଷଣ ଶିବିର ଡ.ଯଶୋବନ୍ତ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗାଁ ସ୍ତରରେ ପରିବାର ନିଯୋଜନ ସେବାକୁ ଶକ୍ତିଶାଳୀ କରିବା, ସଚେତନତା ଓ ସରକାରୀ ଯୋଜନାଗୁଡିକର ସଫଳ ରୂପାୟନ ନିଶ୍ଚିତ କରିବା ପ୍ରଶିକ୍ଷଣର ଉଦ୍ଦେଶ୍ୟ ଥିଲା। ଜିଲ୍ଲାରୁ ଆସିଥିବା ରିସୋର୍ସ ପର୍ସନ ବିଦ୍ୟୁଭୂଷଣ ମିଶ୍ର ଓ ବିଭୁତି ଭୂଷଣ ମିଶ୍ର ପରିବାର ନିଯୋଜନର ବିଭିନ୍ନ ପ୍ରଣାଳୀ, ପରାମର୍ଶ ପ୍ରଦାନ ପ୍ରକ୍ରିୟା, ସରକାରୀ ଯୋଜନା ଓ ରେକର୍ଡ ରଖିବା ବିଷୟରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ପ୍ରଶିକ୍ଷଣରେ ବ୍ଲକର ସମସ୍ତ ଏମପିଏଚଡବ୍ଲ୍ୟୁ, ଫାର୍ମାସୀ ଅଫିସର ଓ ସୁପରଭାଇଜରମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମଟି ପ୍ରଶାନ୍ତ ପ୍ରଧାନଙ୍କ ଆୟୋଜନରେ ଅନୁଷ୍ଠିତ ହୋଇଥିଲା। ଶିବିରରେ ସମାଜରେ ସଚେତନତା ବୃଦ୍ଧି, ସୁରକ୍ଷିତ ମାତୃତ୍ୱ, ଜନ୍ମ ବିରତି ପ୍ରଣାଳୀର ପ୍ରଚାର ଓ ମାତୃ-ଶିଶୁ ସ୍ୱାସ୍ଥ୍ୟ ସୁଧାର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

# ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ପରିଚାଳନା କମିଟିର ବୈଠକ

ପଦ୍ମପୁର, ୧୯।୨(ସମିସ): ପଦ୍ମପୁର ଉପଖଣ୍ଡ ଗାଇସିଲେଟ ବ୍ଲକ ତାଲପାଲି ସିଏଚ୍‌ସି ଅଧୀନ କେଁମେଲି ଆୟୁଷ୍ମାନ ଆରୋଗ୍ୟକେନ୍ଦ୍ର ଠାରେ ପରିଚାଳନା କମିଟିର ସାଧାରଣ ବୈଠକ ଜିଲ୍ଲା ପରିଷଦ ସଦସ୍ୟ ତଥା ପରିଚାଳନା କମିଟିର ଅଧ୍ୟକ୍ଷ ନୀଳମଣୀ ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ଆୟୁଷ ଡାକ୍ତର ରବୀନ୍ଦ୍ର ମାହାର ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ ଜଣାଇଥିଲେ। ବୈଠକରେ ତାଲପାଲି ସିଏଚ୍‌ସିର ଅଧ୍ୟକ୍ଷ ଡା.ସୁମିତ ମିଶ୍ର ଅଞ୍ଚଳର ଲୋକଙ୍କୁ ସରକାରୀ ଚିକିତ୍ସା କିପରି ସଠିକ୍ ଭାବେ ଯୋଗାଇ ଦିଆଯାଉଛି ତାହା ସୂଚନା ଦେଇଥିଲେ। କେଁମେଲି ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ ରହିଥିବା ବିଭିନ୍ନ ସମସ୍ୟା ବିଷୟରେ ଆୟୁଷ ଡ. ଶ୍ରୀ ମାହାର ପରିଚାଳନା କମିଟି ଠାରେ ଉପସ୍ଥାପନ କରିଥିଲେ। ଶେଷରେ ଫାର୍ମାସିଷ୍ଟ ସୁମନ୍ତ ଚିନ୍ଦ୍ରା ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡ.ଶତିସରଞ୍ଜନ ପଧାନ, ଲେଡି ସୁପରଭାଇଜର ସବିତା ଚେରକିଆ, କୁଣ୍ଡାଖାଇ ସିଏଚଓ ନିରଞ୍ଜନ ସାହୁ, ମଲମୁଣ୍ଡା ସିଏଚଓ ନଳିନୀ ବାଗ, ବରିଷ୍ଠ ନାଗରିକ ଜୟଲାଲ ବାରିକ ଓ କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଗୁଦେରପାଲି-ପଣ୍ଡରିପାଣୀ-ବାଦେନବାହାଲ ରାସ୍ତା ମରଣଯନ୍ତା



ମେଲଛାମୁଣ୍ଡା, ୧୯।୨(ସମିସ): ଗାଇସିଲେଟ ବ୍ଲକ ଅଧୀନ ଗୁଦେରପାଲି ଠାରୁ ପଦ୍ମପୁର ବ୍ଲକ ଅଧୀନ ପଣ୍ଡରିପାଣୀ ଗାଁ ଏବଂ ସୋହେଲା ବ୍ଲକ ଅଧୀନ ବାଦେନବାହାଲ ଗାଁକୁ ପଞ୍ଚାୟତର କଚ୍ଚା ରାସ୍ତା ରହିଛି। ରାସ୍ତାଟି ବାଟୋଇ ମାନଙ୍କ ପାଇଁ ମରଣଯନ୍ତା ପାଲଟିଛି। ଏହିରାସ୍ତାରେ ପ୍ରତ୍ୟେହ ଆମ୍ବୁଲାନ୍ସ, ଯାତ୍ରୀ ଏବଂ ଛାତ୍ରଛାତ୍ରୀ ଗୁଦେରପାଲି ଆସିଥାନ୍ତି। ପ୍ରତିବର୍ଷ ବର୍ଷା ଋତୁ ଆସିଲେ ଉଭୟ ପଞ୍ଚାୟତର ସରପଞ୍ଚ ମାନେ କିମ୍ବା ତାଙ୍କ ସହଯୋଗୀ ମାନେ ସ୍ଥାନେ ସ୍ଥାନେ ମୋରମ ଢାଳି ବାକିତକ ଟଙ୍କା ପକେଟରେ ପୁରାଇ ଦେଉଥିବା ଅଭିଯୋଗ ହୋଇଥାଏ। ବୁଧବାର ସୋହେଲା ବ୍ଲକ ଅଧୀନ ବାଦେନବାହାଲ ଗାଁକୁ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଗ୍ରସ୍ତ କରିଥିଲେ। ଏହି ସମୟରେ ଏହି କଚ୍ଚା ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ସାମିଲ କରିବା ପାଇଁ କୋଶଳ ସଂଗ୍ରାମୀ ସୁଶାନ୍ତ ପଟେଲଙ୍କ ସମେତ ଗ୍ରାମବାସୀ ସାଂସଦ ଶ୍ରୀ ପୁରୋହିତଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ନିଃଶୁଳ୍କ ଲିଭର୍ ସ୍କାନିଂ ଶିବିର



ବରଗଡ଼, ୧୯।୨(ସମିସ): ଭଟଲି ଛକ ସ୍ଥିତ ସ୍ଥାନୀୟ ଡ.ନିଶାନ୍ତ ଦେବତାଙ୍କ କ୍ଲିନିକ୍ ଠାରେ ରୋଟାରୀ କ୍ଲବ୍ ଅଫ୍ ବରଗଡ଼ ସେଣ୍ଟ୍ରାଲ ଆନୁକୂଲ୍ୟରେ ଡ.ନିଶାନ୍ତ ଦେବତାଙ୍କ ତତ୍ତ୍ୱାବଧାନରେ ନିଃଶୁଳ୍କ ଲିଭର୍ ସ୍କାନିଂ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ୨୧୦ ହିତାଧିକାରୀ ଲିଭର ସ୍କାନିଂ କରାଇ ଉଦର ଜନିତ ରୋଗ ଗୁଡିକ ସମ୍ବନ୍ଧରେ ସଚେତନ ହୋଇଥିଲେ। ପ୍ରତି ଫିବ୍ରୋ ସ୍କାନର ମୂଲ୍ୟ ପ୍ରାୟ ୬୦୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିବା ବେଳେ ୨୧୦ ଜଣଙ୍କ ପରୀକ୍ଷାରେ ପାଖାପାଖି ୧୨ ଲକ୍ଷ ୬୦ ହଜାର ଟଙ୍କାର ଯାଞ୍ଚ ଖର୍ଚ୍ଚ ମାଗଣାରେ ହୋଇଥିଲା। ଡ.ନିଶାନ୍ତ ଦେବତା ଓ ରୋଟାରୀ କ୍ଲବ୍ ଅଫ୍ ବରଗଡ଼ ସେଣ୍ଟ୍ରାଲର ଏହିକାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। କାର୍ଯ୍ୟକ୍ରମ ପରିଚାଳନାରେ ଆୟୋଜକ କମିଟି ଅଧ୍ୟକ୍ଷ ଡ.ଦେବତା, ସହଅଧ୍ୟକ୍ଷ ସନ୍ଦୀପ ସା ବାଡ଼ିଆ, ରୋଟାରୀ କ୍ଲବ୍ ଅଫ୍ ବରଗଡ଼ ସେଣ୍ଟ୍ରାଲ ସଭାପତି ଆଶିଷ ଫଂଶାରି ଓ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ପଦ୍ମପୁର ତହସିଲଦାର ବିପିନ ପ୍ରଧାନ ନିଲମ୍ବିତ



ପଦ୍ମପୁର, ୧୯।୨(ସମିସ): ବରଗଡ଼ ଜିଲ୍ଲା ପଦ୍ମପୁର ତହସିଲଦାର ବିପିନ ପ୍ରଧାନଙ୍କୁ ଦୁର୍ନୀତି ଅଭିଯୋଗରେ ରାଜ୍ୟ ସରକାର ନିଲମ୍ବନ କରିଛନ୍ତି। ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ରିପୋର୍ଟ ଆଧାରରେ ପଦ୍ମପୁରର ତହସିଲଦାରଙ୍କୁ ନିଲମ୍ବନ କରାଯାଇଛି। ରାଜସ୍ୱ ବିଭାଗରେ କୌଣସି ପ୍ରକାର ଦୁର୍ନୀତିକୁ ବରଦାସ୍ତ କରାଯିବ ନାହିଁ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ରାଜସ୍ୱ ସଚିବ ଡ.ଅରବିନ୍ଦ ପାଢ଼ୀ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ଅବଲମ୍ବନ କରାଯିବ ବୋଲି ନିକଟରେ ବିଭାଗର ସମସ୍ତ କାର୍ଯ୍ୟାଳୟକୁ ନିର୍ଦ୍ଦେଶନାମା ଜାରି କରିଥିଲେ।

# ପଦ୍ମପୁର ଅଞ୍ଚଳ କଲେଜରେ ଇଂରାଜୀ ବିଭାଗୀୟ ସେମିନାର

ପଦ୍ମପୁର, ୧୯।୨(ସମିସ): ବରଗଡ଼ ଜିଲ୍ଲା ପଦ୍ମପୁରସ୍ଥିତ ଅଞ୍ଚଳ କଲେଜର ଇଂରାଜୀ ବିଭାଗ ପକ୍ଷରୁ ଆସନ୍ତା ମାର୍ଚ୍ଚ ପ୍ରଥମ ସପ୍ତାହରେ ବାର୍ଷିକ ଉତ୍ସବ ପାଳନ କରାଯିବ। ଏହାର ପ୍ରସ୍ତୁତି ସ୍ୱରୂପ ବିଭିନ୍ନ ସେମିଷ୍ଟାରର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆଲୋଚନାଚକ୍ର ଆୟୋଜିତ ହେଉଛି। ଆଜିର କାର୍ଯ୍ୟକ୍ରମରେ ଷଷ୍ଠ, ଚତୁର୍ଥ ଏବଂ ଦ୍ୱିତୀୟ ସେମିଷ୍ଟାରର ଛାତ୍ରଛାତ୍ରୀ ସେମାନଙ୍କର ଗବେଷଣାତ୍ମକ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଛାତ୍ର ଆଦିତ୍ୟ ବାଞ୍ଛୋର ଚାର୍ଲସ ଡିକେନ୍ସଙ୍କ ପ୍ରସିଦ୍ଧ ଉପନ୍ୟାସ 'ହାର୍ଡ ଟାଇମ୍ସ' ଉପରେ ଆଧାରିତ 'ଅମାନବୀକରଣ ଏବଂ ଯନ୍ତ୍ରକରଣ' ଶୀର୍ଷକ ପ୍ରବନ୍ଧ ପାଠ କରିଥିଲେ। ଏଥିରେ ସେ ଶିଳ୍ପାୟନ ସମୟରେ ମଣିଷ କିପରି କେବଳ ଏକ ଯନ୍ତ୍ର ପରି କାର୍ଯ୍ୟ କରୁଥିଲା ଏବଂ ମାନବିକତା ହରାଉଥିଲା ତାହା ବିଶ୍ଳେଷଣ କରିଥିଲେ। ଅନ୍ୟତମ ଛାତ୍ର ଲୁକେଶ ମାଝୀ 'ଇଂରାଜୀ ସାହିତ୍ୟରେ ନାଟକର ଅଧ୍ୟୟନ' ଉପରେ ମତ ରଖିଥିଲେ। ସେହିପରି ଛାତ୍ରୀ ଲକ୍ଷ୍ମୀ ବରିହା ମାଲାୟାଲମ ଲେଖିକା ଲଳିତାମ୍ବିକାଙ୍କ 'ଲିଫ୍ ଇନ୍ ଦି ଷ୍ଟର୍ମ' ର ସନ୍ଦର୍ଭରେ 'ଦେଶ ବିଭାଜନ ସମୟରେ ମହିଳାଙ୍କ ବିରୋଧରେ ହୋଇଥିବା ହିଂସା' ଉପରେ ଏକ ଗବେଷଣାଧର୍ମୀ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଅଧ୍ୟକ୍ଷ ଖଗେଶ୍ୱର ଦାସଙ୍କ ସମେତ ଇଂରାଜୀ ବିଭାଗର ମୁଖ୍ୟ ଶ୍ରୀକାନ୍ତ ସାହୁ, ଡ.ପ୍ରଦୀପ ପଣ୍ଡା, ଅଧ୍ୟାପକ ସମୀର ନାଗ ଏବଂ ଅଧ୍ୟାପକ ତଶୋବନ୍ତ ବାରିକ ସାହିତ୍ୟର ବିଭିନ୍ନ ଦିଗ ଉପରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ଶେଷରେ ଅଧ୍ୟାପକ ସମୀର ନାଗ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବଜରଙ୍ଗବଳୀ ମନ୍ଦିର ପ୍ରତିଷ୍ଠା ଶୁଭସ୍ତମ୍ଭ

ଭେଡେନ, ୧୯।୨(ସମିସ): ଭେଡେନ ବ୍ଲକ ଚିଚିଣ୍ଡା ହାଇସ୍କୁଲ ପଡ଼ାରେ ଆସନ୍ତା ୫ରୁ ୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବୀର ବଜରଙ୍ଗ ବଳୀ ମନ୍ଦିର ପ୍ରତିଷ୍ଠା ଓ ଏହି ଅବସରରେ ହେବାକୁ ଥିବା ରାମଲୀଳା ମହୋତ୍ସବ ପାଇଁ ଶୁଭସ୍ତମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଗୋପାଳ ମେହେର, ସମ୍ପାଦକ ପ୍ରମୋଦ ମେହେର, ଖିରେସ ମହାକୁର, ସୁବୋଧ ଦାଶ, ଅଶୋକ ଅଗ୍ରୱାଲ, ବୁଲୁ ପାଣ୍ଡେ, ମକରଧ୍ୱଜ ମେହେର ସମେତ ଅନେକ ସଦସ୍ୟ ଉପସ୍ଥିତ ଥିଲେ। ଉଦିତ ବାବୁ କର୍ତ୍ତା କାର୍ଯ୍ୟ ତୁଲାଇ ଥିବା ବେଳେ ଲକ୍ଷପତି ହୋତା ପୂଜାକାର୍ଯ୍ୟ ତୁଲାଇଥିଲେ।

## ଆରମ୍ଭ ହେଲା ମାଟ୍ରିକ ପରୀକ୍ଷା

# ବରଗଡ଼ରେ ୯୮ କେନ୍ଦ୍ରରେ ୧୭,୯୬୭ ପରୀକ୍ଷାର୍ଥୀ






ବରଗଡ଼, ୧୯।୨(ସମିସ)

ରାଜ୍ୟରେ ମାଧ୍ୟମିକ ଶିକ୍ଷା ପରିଷଦର ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ଏଥିପାଇଁ ବରଗଡ଼ ଜିଲ୍ଲା ଅଧୀନରେ ୯୮ଟି ପରୀକ୍ଷା କେନ୍ଦ୍ରରେ ୧୭୯୬୭ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ଫର୍ମ ଭରିଛନ୍ତି। ସେମାନଙ୍କ ମଧ୍ୟରେ ରେଗୁଲାର ଛାତ୍ରଛାତ୍ରୀ ୧୭୫୯୬ଜଣ, ଏକ୍ସ ରେଗୁଲାର ୪୦ ଜଣ, ମଧ୍ୟମାରେ ୮୭, ଏସଓଏସସି ୧୭୯ ଓ ବ୍ୟାକ ପେପର ରହିଥିବା ୬୫ ଛାତ୍ରଛାତ୍ରୀଙ୍କୁ ନେଇ ସର୍ବମୋଟ ୧୭୯୬୭ ଛାତ୍ରଛାତ୍ରୀ ରହିଛନ୍ତି। ପରୀକ୍ଷା ପରିଚାଳନା ପାଇଁ ୧୨ଟି ପ୍ରଶ୍ନପତ୍ର ହବ ରହିଥିବା ବେଳେ ୨୭ଟି ଡେସ୍କାଚ ଟିମ୍ ଗଠନ କରାଯାଇଥିବା ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ତେବେ ଜିଲ୍ଲାର ୧୨ଟି ବ୍ଲକର ୩୧୯ ସ୍କୁଲ ରହିଥିବା ବେଳେ ୯୮ଟି ପରୀକ୍ଷାକେନ୍ଦ୍ରରେ ୧୨୦୦ ଶହରୁ ଉର୍ଦ୍ଧ୍ୱ ପରୀକ୍ଷା ନିରୀକ୍ଷକ, ପର୍ଯ୍ୟବେକ୍ଷକ, ପରୀକ୍ଷା କେନ୍ଦ୍ର ପରିଚାଳକ, ଡେପୁଟି କେନ୍ଦ୍ର ପରିଚାଳକ ନିଯୁକ୍ତ ହୋଇଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ଏହି ତଥ୍ୟ ପ୍ରଦାନ କରିବା ସହ ଜିଲ୍ଲାର ସମସ୍ତ ପରୀକ୍ଷାର୍ଥୀଙ୍କୁ ଚାପ ମୁକ୍ତ ହୋଇ ପରୀକ୍ଷା ଦେବାପାଇଁ ଆହ୍ୱାନ ଦେଇ ଶୁଭେଚ୍ଛା ଜଣାଇଛନ୍ତି।

## ● ଅମ୍ବାଭୋନାରେ ୪ କେନ୍ଦ୍ରରେ ୭୬୩ ପରୀକ୍ଷାର୍ଥୀ

ଅମ୍ବାଭୋନା: ଜିଲ୍ଲାର ଅମ୍ବାଭୋନା ବ୍ଲକରେ ଦଶମ ବୋର୍ଡ ପରୀକ୍ଷା ପାଇଁ ୪ଟି ପରୀକ୍ଷା କେନ୍ଦ୍ରରେ ଅମ୍ବାଭୋନା ବ୍ଲକ ଅଧୀନ ୧୪ଟି ହାଇସ୍କୁଲର ୭୬୮ ପରୀକ୍ଷାର୍ଥୀଙ୍କ ବ୍ୟବସ୍ଥା କରାଯାଇଛି। ବ୍ଲକ ଶିକ୍ଷା ବିଭାଗର ଏବିଇଓ ଲାଲମୋହନ ସିଂଙ୍କ ଅନୁସାରେ ପ୍ରଥମ ଦିବସରେ ପିଏମଶ୍ରୀ ଜନତା ସରକାରୀ ହାଇସ୍କୁଲ ଭୁକ୍ତାରେ ୧୬୧ ଜଣ, ପିଏମଶ୍ରୀ କେଦାରନାଥ ଆଦିବାସୀ ସରକାରୀ ହାଇସ୍କୁଲ ଅମ୍ବାଭୋନାରେ ୨୧୭ ଜଣ, ପୁରୁଷୋତ୍ତମ ହାଇସ୍କୁଲ ରୁଚିଦାରେ ୧୬୨ ଜଣ, ବୀରସୁରେନ୍ଦ୍ର ସାଏ ହାଇସ୍କୁଲ ଡୁଙ୍ଗୁରୀରେ ୨୨୩ ଜଣ ପରୀକ୍ଷାର୍ଥୀ ଉପସ୍ଥିତ ଥିଲେ। ପିଏମ୍‌ଶ୍ରୀ କେଦାରନାଥ ଆଦିବାସୀ ହାଇସ୍କୁଲ ଅମ୍ବାଭୋନା ପରୀକ୍ଷାକେନ୍ଦ୍ର ଅଧୀନ ବୀର ସୁରେନ୍ଦ୍ର ସାଏ ହାଇସ୍କୁଲ, ଡୁଙ୍ଗୁରୀ, ପିଏମ୍‌ଶ୍ରୀ ଜନତା ସରକାରୀ ହାଇସ୍କୁଲ ଭୁକ୍ତା ଓ ଦ୍ୱାରିକାଧୀଶ ହାଇସ୍କୁଲ ଦ୍ୱାରୀର ଜଣେ ଲେଖାଏଁ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ସେହିପରି ପରୀକ୍ଷାକେନ୍ଦ୍ର ପୁରୁଷୋତ୍ତମ ସରକାରୀ ହାଇସ୍କୁଲ ରୁଚିଦାରେ ପଞ୍ଚାୟତ ହାଇସ୍କୁଲ କପାସିରା ଓ ପଞ୍ଚାୟତ ବାଳିକା ହାଇସ୍କୁଲ ଭୁକ୍ତାର ଜଣେ ଲେଖାଏଁ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ପରୀକ୍ଷା କେନ୍ଦ୍ରର ସୁପରିଚାଳନା ନିମନ୍ତେ ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ରଥ, ଅଜୟ ମେହେର, ଦୁର୍ଗାପ୍ରସାଦ ନାୟକ, ଦୀନବନ୍ଧୁ ଭୁଏ ଦାୟିତ୍ୱ ନିର୍ବାହ କରିଥିଲେ। ଅମ୍ବାଭୋନା ତହସିଲଦାର ରଘୁନାଥ ପାଣିଗ୍ରାହୀ ପରୀକ୍ଷାକେନ୍ଦ୍ରକୁ ପରିଦର୍ଶନ କରିଥିଲେ।

## ଶୁଭେଚ୍ଛା ଜଣାଇଲେ ଜିଲ୍ଲା ଶିକ୍ଷା ଅଧିକାରୀ

## ● ଭେଡେନ ବ୍ଲକ୍‌ରେ ୧୩୫୪ ପରୀକ୍ଷାର୍ଥୀ

ଭେଡେନ: ଭେଡେନ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ୧୩୫୪ଜଣ ଛାତ୍ରଛାତ୍ରୀ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଦେଇଛନ୍ତି ବୋଲି ଭେଡେନ ବିଇଓ ମଛିନ୍ଦ୍ର ମଲ୍ଲିକ ପ୍ରକାଶ କରିଛନ୍ତି। ଭେଡେନ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚବିଦ୍ୟାଳୟ ସିଆଲଖଣ୍ଡହତା କେନ୍ଦ୍ରରେ ୧୭୮ଜଣ, ପିଏଚଏସ ସଲନାରେ ୧୨୭ଜଣ, ବରପଦର ଅଛାଣ୍ଡପାଲି ବରପଦର ଉଚ୍ଚବିଦ୍ୟାଳୟରେ ୧୪୪ଜଣ, ଭେଡେନ ସୂର୍ଯ୍ୟମଣି ହାଇସ୍କୁଲରେ ୨୩୮ ଜଣ, ତାଳମେଣ୍ଡା ହାଇସ୍କୁଲରେ ୧୬୮ଜଣ, ରେମେଣ୍ଡା ହାଇସ୍କୁଲରେ ୧୮୧ ଜଣ, ଝରାପାଲି ଉଚ୍ଚବିଦ୍ୟାଳୟରେ ୧୭୭ ଜଣ, ଚିଚିଣ୍ଡା ଉଚ୍ଚବିଦ୍ୟାଳୟରେ ୧୪୨ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିବା ବେଳେ ୨୧ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ। ସେହିପରି ମାଧ୍ୟମା ସଂସ୍କୃତି ପରୀକ୍ଷାରେ ସୂର୍ଯ୍ୟମଣି ଜନତା ହାଇସ୍କୁଲରେ ୨୫ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ।

## ● ରାଜବୋଡ଼ାସମ୍ବର ବ୍ଲକ୍‌ରେ ୨୦୧୯ ପରୀକ୍ଷାର୍ଥୀ

ପଦ୍ମପୁର: ରାଜବୋଡାସମ୍ବର ବ୍ଲକରେ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଆଜି ଆରମ୍ଭ ହୋଇଛି। ବ୍ଲକର ୧୩ଟି ପରୀକ୍ଷାକେନ୍ଦ୍ରରେ ପ୍ରଥମ ଦିନ ଭାଷା ଓଡ଼ିଆ ପରୀକ୍ଷା ସୁଚାରୁ ଭାବେ ସମ୍ପନ୍ନ ହୋଇଥିଲା। ମୋଟ ୨୦୧୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ସୂଚନା ମିଳିଛି। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ କହିଛନ୍ତି ଯେ, ପରୀକ୍ଷାକୁ ସୁଚାରୁ ଭାବେ ପରିଚାଳନା କରିବା ପାଇଁ ସମସ୍ତ ପ୍ରଶାସନିକ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି କହିଛନ୍ତି।

## ● ପାଇକମାଲ ବ୍ଲକ୍‌ରେ ୧୯ ଜଣ ଅନୁପସ୍ଥିତ

ପାଇକମାଲ: ସମଗ୍ର ରାଜ୍ୟରେ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା, ମାଧ୍ୟମା (ସଂସ୍କୃତ) ଓ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା (ଓପନ ସ୍କୁଲ) ଗୁରୁବାର ଆରମ୍ଭ ହୋଇଛି। ପାଇକମାଲ ବ୍ଲକରେ ୧୦ଟି ପରୀକ୍ଷା କେନ୍ଦ୍ରରେ ୧୬୨୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା ହୋଇଛି। ଗୁରୁବାର ଓଡ଼ିଆ (ମାତୃଭାଷା) ବିଷୟରେ ସମୁଦାୟ ୧୬୨୧ ଜଣ ଛାତ୍ରଛାତ୍ରୀରୁ ୧୬୦୨ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି ଏବଂ ୧୯ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି। ମାଟ୍ରିକରେ ଓଡ଼ିଆ ବିଷୟ ପରୀକ୍ଷାରେ ୯୮.୮୨% ଛାତ୍ରଛାତ୍ରୀ ଉପସ୍ଥାପନା ଥିବା ବେଳେ ମଧ୍ୟମାରେ ୧୦୦% ଉପସ୍ଥାପନା ରହିଥିଲା। ଚଳିତ ପରୀକ୍ଷାକୁ ଶାନ୍ତିପୂର୍ଣ୍ଣ ଓ ନିୟମାନୁଯାୟୀ କିପରି ସମ୍ପନ୍ନ ହେବ ଏନେଇ ପ୍ରଶାସନ ତରଫରୁ କଡା ସୁରକ୍ଷା, ନିରୀକ୍ଷଣ ତଥା ପ୍ରାଥମିକ ସୁବିଧା ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି। ଆସନ୍ତା ଶନିବାର ଇଂରାଜୀ ବିଷୟରେ ପରୀକ୍ଷା ହେବ ବୋଲି ପାଇକମାଲ ଇନଚାର୍ଜ ବିଇଓ ଶୁଭମ ପତି କହିଛନ୍ତି।

## ● ସୋହେଲା ଏନ୍‌ଏସି ଗଠନରେ ଅସନ୍ତୋଷ

# ୱାର୍ଡ ସଂରକ୍ଷଣର ପୁନର୍ବିଚାର ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



ବରଗଡ଼, ୧୯।୨(ସମିସ): ବରଗଡ଼ ଜିଲ୍ଲା ସୋହେଲାକୁ ନୂତନ ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ମାନ୍ୟତା ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଥିଲା। ମାତ୍ର ବର୍ତ୍ତମାନ ଏହି ନୂତନ ପରିଷଦର ୱାର୍ଡ ସଂରକ୍ଷଣ ପ୍ରକ୍ରିୟାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ସୋହେଲା ଏନଏସିର ବିଭିନ୍ନ ୱାର୍ଡ ପାଇଁ ହୋଇଥିବା ଆସନ ସଂରକ୍ଷଣ ବ୍ୟବସ୍ଥାରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଆଜି ସୋହେଲା ଅଞ୍ଚଳର ଶତାଧିକ ଜନସାଧାରଣ ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଲୋକଙ୍କ ଦାବି ଯେ, ବର୍ତ୍ତମାନର ସଂରକ୍ଷଣ ବ୍ୟବସ୍ଥା ଅନେକ ସ୍ଥାନରେ ଯୁକ୍ତିଯୁକ୍ତ ହୋଇନାହିଁ। ଯାହାଫଳରେ ସ୍ଥାନୀୟ ନେତୃତ୍ୱ ଓ ଜନପ୍ରତିନିଧି ଚୟନରେ ସମସ୍ୟା ସୃଷ୍ଟି ହେବ। ଲୋକସଂଖ୍ୟା ଓ ଭୌଗୋଳିକ ସ୍ଥିତିକୁ ଆଧାର ନକରି ୱାର୍ଡ ସଂରକ୍ଷଣ କରାଯାଇଥିବା ଅଭିଯୋଗ ହୋଇଛି। ସଂରକ୍ଷଣ ତାଲିକାରେ ସଂଶୋଧନ ଆଣିବା ପାଇଁ ଜନସାଧାରଣ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ଏହି ସଂରକ୍ଷଣ ନୀତିରେ ପରିବର୍ତ୍ତନ କରା ନଯାଏ, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଦାବିପତ୍ର ଗ୍ରହଣ କରାଯାଇଛି ଏବଂ ନିୟମ ଅନୁଯାୟୀ ଏହାର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନା ମିଳିଛି।

# ପୁଲିସ ପଞ୍ଝାରେ କ୍ରିକେଟ ବେଟିଂ ରାକେଟ୍





**ରାଉରକେଲା, ୧୯।୨(ସମିସ)**

ରାଉରକେଲା ପୁଲିସ ପଞ୍ଝାରେ ବିଶ୍ୱକପ୍ ଟି୨୦ କ୍ରିକେଟ ବେଟିଂ ରାକେଟ ଧରାପଡ଼ିଛି। ରାତିକ ମଧ୍ୟରେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିବାର ସ୍ୱପ୍ନ ଦେଖାଇ କ୍ରିକେଟ ପାଗଳ ଯୁବଗୋଷ୍ଠୀଙ୍କୁ ବେଟିଂ ଜାଲରେ ଫସାଉଥିଲେ। ବେଟିଂ ଦ୍ୱାରା କୋଟି କୋଟି ଟଙ୍କା ରୋଜଗାର କରୁଥିବା ନେଇ ଏସପି ନିତେଶ ୱାଧୱାନୀ ସୂଚନା ପ୍ରଦାନ କରିଛନ୍ତି। ଏ ନେଇ ତଦନ୍ତ କରି ଚଢ଼ଉ କରିବା ପାଇଁ ଏସପି ଶ୍ରୀ ୱାଧୱାନୀ ଜୋନାଲ ଡିଏସପି ମନୋରଞ୍ଜନ ପ୍ରଧାନ ଓ ଡିଏସପି ଜିତେନ ସେଠୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡିଏସପି ଦ୍ୱୟ ସମ୍ପୃକ୍ତ ଥାନାର ଅଧିକାରୀମାନଙ୍କୁ ନେଇ ଚଢ଼ଉ କରି ସହରର ଅଭିଯୁକ୍ତ ୨ ଭାଇଙ୍କ ସମେତ ୬ ଜଣଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଗିରଫ ଯୁବକମାନେ ହେଲେ ବନ୍ଧମୁଣ୍ଡା ସେକ୍ଟର ବି ଅଞ୍ଚଳର ମୁଖିଆ ଦୁଇ ଭାବୋହିତ ଭଗତ (୨୭), ପଙ୍କଜ ଭଗତ (୩୧), ପ୍ଲାଣ୍ଟସାଇଟ୍ ଥାନା ତେଲୁଗୁ ବସ୍ତିର ସହଯୋଗୀ ସୋନୁ ରାଓ (୩୦), ବ୍ରାହ୍ମଣୀ ତରଙ୍ଗ ଥାନା କଲୁଙ୍ଗାର ମୁକେଶ ସାହୁ (୪୮), ଉଦିତନଗର ଥାନା ବିଶ୍ରା ଡାହାରରୋଡର ଜିତେନ୍ଦ୍ର ଅଗ୍ରୱାଲ (୪୨) ଓ ସୁରେଶ ଖେମଖା (୫୬)। ସେମାନଙ୍କ ଠାରୁ ନଗଦ ୩୦ ଲକ୍ଷ ୬୫ ହଜାର ଟଙ୍କା, ୭ଟି ମୋବାଇଲ, ୨ଟି ଲାପଟପ୍ ଓ ଥାର ଗାଡି ଜବତ

- ମୁଖ୍ୟ ଦୁଇ ଭାଇ ସମେତ ୬ ଗିରଫ
- ୩୦.୬୫ ଲକ୍ଷ ଟଙ୍କା, ଥାର ଗାଡ଼ି, ମୋବାଇଲ୍ ଓ ଲାପଟପ୍ ଜବତ
- ସିଲଭର ଏକ୍ସଚେଞ୍ଜ ଆପରୁ ଲମ୍ବିଛି ଚେର

କରାଯାଇଛି। ଏନେଇ ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ ଓ ଏସପି ନୀତେଶ ୱାଧୱାନୀ ଆଜି ଅଧିକ ସୂଚନା ଦେଇଛନ୍ତି। ବନ୍ଧମୁଣ୍ଡା ସେକ୍ଟର ବି ଅଞ୍ଚଳରୁ ପରିଚାଳିତ ଏକ ସଂଗଠିତ ସିଣ୍ଡିକେଟ୍ ଦ୍ୱାରା ଚାଲିଥିବା ଟି୨୦ କ୍ରିକେଟ୍ ବିଶ୍ୱକପ୍ ୨୦୨୬ ଉପରେ ଅବୈଧ ବାଜି ଲଗା ଯାଉଥିବା ସମ୍ପର୍କରେ ବିଶେଷ ସୂତ୍ରରୁ ଖବର ମିଳିଥିଲା। କେବଳ ଭାରତ ମ୍ୟାଚ୍ ନୁହେଁ ପ୍ରତି ମ୍ୟାଚ୍‌ର ପ୍ରତି ଓଭରରେ ମଧ ଏହି ଆପ୍ ଦ୍ୱାରା ଟଙ୍କା ବାଜି ଲଗା ଯାଉଥିଲା। ହାରି ଯାଉଥିବା ଲୋକଙ୍କ ଟଙ୍କା ସିଧାସଳଖ ଏହି ବେଟିଂ ରାକେଟରେ ସଂଶ୍ଲିଷ୍ଟ ଆକାଉଣ୍ଟକୁ ଯାଉଥିଲା। କିଛି ଯୁବକ ନଗଦ ଟଙ୍କା ମଧ ବେଟିଂରେ ଲଗାଉଥିଲେ। ଗିରଫ ଦୁଇ ଭାଇ ଭାବୋହିତ ଭଗତ ଓ ପଙ୍କଜ ଭଗତ ଥିଲେ ପୁରା ମାମଲାର ମୁଖ୍ୟ ଆସାମୀ। ସେମାନେ ସିଲଭର ଏକ୍ସଚେଞ୍ଜ ନାମକ ଏକ ଅନଲାଇନ୍ ଗେମିଂ ଆପ୍ଲିକେସନ୍ ମାଧ୍ୟମରେ ବେଟିଂ କାର୍ଯ୍ୟକଳାପ ପରିଚାଳନା କରୁଥିଲେ। ସେମାନଙ୍କୁ ଏହି ଅନୈତିକ ବେଟିଂରେ ସହଯୋଗ କରୁଥିଲେ ସୋନୁ ଓ ମୁକେଶ। ପରବର୍ତ୍ତୀ ସମୟରେ ଏହି ଆଇଡି ଗୁଡିକୁ ବିଭିନ୍ନ ଗ୍ରାହକଙ୍କ ନିକଟକୁ ପଠାଯାଉଥିଲା। ଯାହାଦ୍ୱାରା ଅବୈଧ ବେଟିଂ କାରବାର ହେଉଥିଲା। ଜିତେନ୍ଦ୍ର ଓ ସୁରେଶ ସମେତ ଅନ୍ୟମାନେ ଏହି ବେଆଇନ ବେଟିଂ କାର୍ଯ୍ୟରେ ଅର୍ଥ ନିବେଶ କରି ବେଟିଂ ପରିଚାଳନାରେ ସହଯୋଗ କରୁଥିଲେ ବୋଲି ଏସପି ଶ୍ରୀ ୱାଧୱାନୀ ସୂଚନା ଦେଇଛନ୍ତି। ଅଭିଯୁକ୍ତ ମାନେ କେବଳ ରାଉରକେଲାରେ ନୁହେଁ ବରଂ ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳ ଏବଂ ରାଜ୍ୟ ବାହାରେ ଏକ ସଂଗଠିତ ଅବୈଧ ବେଟିଂ ସିଣ୍ଡିକେଟ୍ ପରିଚାଳନା କରୁଥିଲେ। ଯାହାର ସଂଗଠିତ ଭୂମିକା ପରିଚୟପତ୍ର କ୍ରୟ, ଗ୍ରାହକ ପରିଚାଳନା, ଆର୍ଥିକ କାରବାର ଏବଂ କାର୍ଯ୍ୟକ୍ଷମ ସମନ୍ୱୟ ଥିଲା ବୋଲି ତଦନ୍ତରୁ ଜଣାପଡ଼ିଛି। ଏହି ରାକେଟ ଟି୨୦ ବିଶ୍ୱକପ୍ ମ୍ୟାଚ୍ ସହିତ ଜଡିତ ଅନଲାଇନ୍ ଏବଂ ଅଫଲାଇନ୍ କ୍ରିକେଟ୍ ବେଟିଂ କାର୍ଯ୍ୟକଳାପରେ ସକ୍ରିୟ ଭାବେ ଲିପ୍ତ ଥିଲା। ଅଭିଯୁକ୍ତ ମାନେ ଅବୈଧ ବେଟିଂ ମାଧ୍ୟମରେ ଉଚ୍ଚ ଆର୍ଥିକ ଲାଭର ପ୍ରତିଶ୍ରୁତି ଦେଇ ଜନସାଧାରଣଙ୍କୁ ପ୍ରଲୋଭିତ କରୁଥିଲେ। ପରେ ଲୋକଙ୍କୁ ଠକିବା ସହ ଶୋଷଣ କରୁଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି। ଘଟଣାକୁ ନେଇ ଅଧିକ ତଦନ୍ତ ଜାରି ରହିଛି। ଗିରଫ ରୋହିତ ନାଁରେ ପୂର୍ବରୁ ୪ଟି ଓ ପଙ୍କଜ ନାଁରେ ୧୦ଟି ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି।

**ଆଇନଗତ ଲଢ଼େଇରେ ୱାର୍ଡ ମେମ୍ବରଙ୍କ ବିଜୟ**

## ପଦ ହରାଇଲେ କେନ୍ଦ୍ରିକଳା ସରପଞ୍ଚ

**ବଣାଇଁ, ୧୯।୨(ସମିସ):** ଅନାସ୍ଥା ପ୍ରସ୍ତାବକୁ ନେଇ ଦୀର୍ଘ ଦିନର ଆଇନଗତ ଲଢ଼େଇ ପରେ କେନ୍ଦ୍ରିକଳା ପଞ୍ଚାୟତର ୱାର୍ଡ ମେମ୍ବର ମାନଙ୍କ ବିଜୟ ହୋଇଛି। ହାଇକୋର୍ଟ ପୂର୍ବତନ ସରପଞ୍ଚଙ୍କ ପିଟିସନକୁ ଗତ ୧୧ ତାରିଖ ଖାରଜ କଲା ପରେ ସେ ତାଙ୍କର ପଦ ହରାଇବା ସୁନିଶ୍ଚିତ ବୋଲି ଜଣାପଡ଼ିଥିଲା। ଏହାକୁ ନେଇ ପଞ୍ଚାୟତର ୱାର୍ଡ ମେମ୍ବର ବାଇଧର ପାତ୍ର ତୁରନ୍ତ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ପଞ୍ଚାୟତ ଆଇନ ଅନୁଯାୟୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଅନୁରୋଧ କରିଥିଲେ। ଗୁରୁବାର ପଞ୍ଚାୟତର ୧୦ ଜଣ ସଭ୍ୟ ସଭ୍ୟା ସୁନ୍ଦରଗଡ଼ ଯାଇ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ସମସ୍ତ ଆଇନଗତ କାଗଜପତ୍ର ପ୍ରଦାନ କରିବା ସହ ପଞ୍ଚାୟତର ହିତକୁ ଦୃଷ୍ଟିରେ ରଖି ସହାୟତା ଲୋଡିଥିଲେ। ଜିଲ୍ଲାପାଳ ପଦକ୍ଷେପ ସ୍ୱରୂପ ସଙ୍ଗେ ସଙ୍ଗେ ବିଜ୍ଞପ୍ତି ନଂ(୧୬୮) ପ୍ରକାଶ କରି କେନ୍ଦ୍ରିକଳା ସରପଞ୍ଚ ଉଗ୍ରସେନ କିଷାନଙ୍କୁ ସରପଞ୍ଚ ପଦରୁ ହଟାଇ ଦେଇଛନ୍ତି। ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ ଅନୁଯାୟୀ ପଞ୍ଚାୟତର ନାଏବ ସରପଞ୍ଚ ଆଜିଠାରୁ କେନ୍ଦ୍ରିକଳା ପଞ୍ଚାୟତର ଭାରପ୍ରାପ୍ତ ସରପଞ୍ଚ ଭାବେ କାର୍ଯ୍ୟଭାର ତୁଲାଇବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି।

## ବେଆଇନ୍ କ୍ଷେତକୁ ନଷ୍ଟ କରି ଅଡୁଆରେ ବନ ବିଭାଗ



**କୋଇଡା, ୧୯।୨(ସମିସ):** ପୁଲିସ, ତହସିଲଦାର ତଥା ଅବକାରୀ ବିଭାଗକୁ ନ ଜଣାଇ କୋଇଡା ଖଣି ଅଞ୍ଚଳରେ ଗତକାଲି ସକାଳ କୋଇଡା ରେଞ୍ଜ ଓ ବନ ବିଭାଗ କର୍ମଚାରୀମାନେ କୋଇଡା ବ୍ଲକ ପାଟମୁଣ୍ଡା ପଞ୍ଚାୟତ କଦଳିଆ ପିଆରଏଫ୍ ଅଧୀନ ଚମ୍ପାକୁଦର ନିକଟରେ ପାଟ୍ରୋଲିଂ ସମୟରେ ୧ ଏକର ଜମିରେ ଅଫିମ ଚାଷ ହୋଇଥିବା ଦେଖି ତାହାକୁ ନଷ୍ଟ କରିଥିଲେ। ଏହା ସହ ଘଟଣା ସ୍ଥଳରୁ ଜଣେ ବ୍ୟକ୍ତିଙ୍କୁ ପଚରାଉଚରା କରିବା ପାଇଁ ଉଠାଇ ଆଣିଥିଲେ। ବନ ବିଭାଗ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ତହସିଲଦାର, ସ୍ଥାନୀୟ ପୁଲିସ ଏବଂ ଅବକାରୀ ବିଭାଗକୁ ସୂଚନା ଦେଇ ସେମାନଙ୍କ ସହାୟତାରେ ଏହି ଚଢ଼ଉ ହେବା ଉଚିତ୍। ହେଲେ ଏଠାରେ ସେହି ନିୟମ ପାଳନ ହୋଇନାହିଁ। ପୁଣି ୧୦ ଦିନ ପୂର୍ବରୁ କୋଇଡା ଥାନା କାଳଟା ପଞ୍ଚାୟତ ପୁଣ୍ଡୁ ପୋଖରୀ ଗାଁକୁ ଲାଗି ୭ ଏକର ଜମିରେ ଅଫିମ ଚାଷ ଠାବ ହୋଇଥିବା ଘଟଣା ମଧ ବନ ବିଭାଗଙ୍କ ଅଧୀନ ଜଙ୍ଗଲ ଜମିରେ ହୋଇଥିଲା। ତଥ୍ୟ ଅନୁଯାୟୀ ଅଫିମ ଚାଷ ଏତେ ବଡ ଅଞ୍ଚଳରେ ୨ ମାସରୁ ଊର୍ଦ୍ଧ୍ୱ ଧରି ଚାଲି ଆସିଥିଲା ହେଲେ ଏ ବିଷୟରେ ବନ ବିଭାଗ ଜାଣି ପାରିଲା ନାହିଁ କେମିତି ତାକୁ ନେଇ ପ୍ରଶ୍ନ ଉଠିଛି।

## ଆର୍‌ଏସ୍‌ପି ଯୁବ ପ୍ରବନ୍ଧକଙ୍କ ପାଇଁ କାରଖାନାସ୍ତରୀୟ ଚେୟାରମ୍ୟାନ୍ ଟ୍ରଫି ପ୍ରତିଯୋଗିତା



**ରାଉରକେଲା, ୧୯।୨(ସମିସ):** ଯୁବ ପ୍ରବନ୍ଧକଙ୍କ ମଧ୍ୟରେ ପରିଚାଳନାଗତ ଦକ୍ଷତାକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଯୁବ ପ୍ରବନ୍ଧକଙ୍କ ପାଇଁ କାରଖାନା ସ୍ତରୀୟ ସିଟିୱାଇଏମ (ଯୁବ ପ୍ରବନ୍ଧକଙ୍କ ପାଇଁ ଚେୟାରମ୍ୟାନ ଟ୍ରଫି) ପ୍ରତିଯୋଗିତା ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଜ୍ଞାନାର୍ଜନ ଏବଂ ବିକାଶ ବିଭାଗରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଚୟନ କମିଟିର ଅଧ୍ୟକ୍ଷ ତଥା ଏଚଆର ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ରଙ୍କ ସମେତ ଆଇଆଣ୍ଡଏ ବିଭାଗର ସିଜିଏମ କୌଶିକ ସେନଗୁପ୍ତା, ଏଲଆଣ୍ଡଡି ବିଭାଗଗର ସିଜିଏମ ପିକେ ସାହୁ ଉପସ୍ଥିତ ଥିଲେ। ଏଥିରେ ଆରଏସପିର ପୂର୍ବତନ ଡିଆଇସି ଡ.ଅତନୁ ଭୌମିକ କମିଟିର ବାହ୍ୟ ବିଶେଷଜ୍ଞ ଥିଲେ। ପ୍ରତିଯୋଗିତାର ବିଜେତା ଦଳ ଡିଆଇସି ଟ୍ରଫି ପାଇବା ସହିତ ରାଞ୍ଚି ସ୍ଥିତ ସେଲ ପରିଚାଳନା ତାଲିମ ପ୍ରତିଷ୍ଠାନରେ ଅନୁଷ୍ଠିତ ହେବାକୁ ଥିବା ୨୦୨୫-୨୬ର ଯୁବ ପ୍ରବନ୍ଧକଙ୍କ ପାଇଁ ଚେୟାରମ୍ୟାନ ଟ୍ରଫି ପ୍ରତିଯୋଗିତାରେ ଆରଏସପି ତରଫରୁ ପ୍ରତିନିଧିତ୍ୱ କରିବେ। ଏଚଏସଏମ-୨ ବିଭାଗର ସିନିୟର ମ୍ୟାନେଜର ଅନୁପ ଅଗ୍ରୱାଲ, ଜଳ ପ୍ରବନ୍ଧନ ବିଭାଗର ସିନିୟର ମ୍ୟାନେଜର ଦୀପକ ଗର୍ଗ, ଏବଂ ଆରଆଣ୍ଡସି ଲାବୋରେଟୋରୀ ବିଭାଗର ମ୍ୟାନେଜର ବଟ କୃଷ୍ଣ ଗିରିଙ୍କୁ ନେଇ ଗଠିତ ଦଳ ୨୦୨୫-୨୬ ଯୁବ ପ୍ରବନ୍ଧକଙ୍କ ପାଇଁ ଡିଆଇସି ଟ୍ରଫିର ବିଜେତା ଭାବେ ଉଭା ହୋଇଥିଲେ। ପ୍ରତିଯୋଗିତାର ପ୍ରଥମ ରନର୍ସଅପ୍ ଭାବେ ବ୍ଲାଷ୍ଟ ଫର୍ଣ୍ଣେସେସ୍ ବିଭାଗର ଏଜିଏମ ଲିବିନ ସି. ଥମାସ, ଇଏମଡି ବିଭାଗର ସିନିୟର ମ୍ୟାନେଜର, ହିମାଂଶୁ ମିଶ୍ର ଏବଂ ଟିଆଣ୍ଡ ଆରଏମ ବିଭାଗର ସିନିୟର ମ୍ୟାନେଜର ଧୀରଜ ହୋଇଥିବା ବେଳେ ଦ୍ୱିତୀୟ ରନର୍ସଅପ୍ ଏସଏମଏସ-୧ ବିଭାଗର ଏଜିଏମ ଏସ୍.ଶ୍ରୀନାଥ, ସିସିଡବ୍ଲ୍ୟୁ ବିଭାଗର ସିନିୟର ମ୍ୟାନେଜର, କବିତା ବିଶୋୟି ଏବଂ ଏସଏମଏସ-୨ ବିଭାଗର ଏମଟିଟି ଆଲୋକ ଯାଦବ ହୋଇଥିଲେ। ଏହି ବର୍ଷର ପ୍ରତିଯୋଗିତାର ବିଷୟବସ୍ତୁ 'ଏକକ ସେଲ ଭାବେ ଏକାଠି କାମ କରିବା: ସହଭାଗିତା, ପ୍ରଦର୍ଶନ ଏବଂ ଉତ୍କର୍ଷତା ହାସଲ' ରହିଥିଲା। ପ୍ରତିଯୋଗିତା ୪୫ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ଅଧିକାରୀଙ୍କ ପାଇଁ ପ୍ରଯୁଜ୍ୟ ଥିଲା। ପ୍ରତିଯୋଗିତା ଆରଏସପିର ଏଲଆଣ୍ଡଡି ଟିମ ସହିତ ବିଭାଗର ଡିଜିଏମ କେକେ ଜୟସ୍ୱାଲ ପରିଚାଳନା କରିଥିଲେ।

## ଆର୍‌ଏସ୍‌ପିର ମହିଳା କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ



**ରାଉରକେଲା, ୧୯।୨(ସମିସ):** ସନ୍ତୁଳିତ ଆହାର ମାଧ୍ୟମରେ ଶାରୀରିକ ସୁସ୍ଥତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ରାଉରକେଲା ଇସ୍ପାତ କାରଖାନାର ମହିଳା କର୍ମଚାରୀଙ୍କ ପାଇଁ ଜ୍ଞାନାର୍ଜନ ଏବଂ ବିକାଶ ବିଭାଗରେ 'ଯତ୍ନରୁ ସମୃଦ୍ଧି: ସୁସ୍ଥତା ପାଇଁ ପୁଷ୍ଟିକାରିତା' ଶୀର୍ଷକ ବକ୍ତବ୍ୟ ଆୟୋଜିତ ହୋଇଯାଇଛି। ଏଲଆଣ୍ଡଡି ବିଭାଗର ସିଜିଏମ ପିକେ ସାହୁ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ। ଅଧିବେଶନରେ ଅଧିକାରୀଙ୍କ ସମେତ ୫୦ରୁ ଅଧିକ ମହିଳା କର୍ମଚାରୀ ଯୋଗ ଦେଇଥିଲେ। ଭେଲୋରର ଖ୍ରୀଷ୍ଟିଆନ୍ ମେଡିକାଲ୍ କଲେଜର ଖାଦ୍ୟ ଏବଂ ପୁଷ୍ଟିସାଧନ ବିଶେଷଜ୍ଞ ତଥା ଡ.ମୋହନଙ୍କ ମଧୁମେହ ସ୍ପେଶାଲିଟିଜ୍ ସେଣ୍ଟରର ପୁଷ୍ଟିସାଧନ ବିଶେଷଜ୍ଞ ଡ.ତନୟା ଚାଟାର୍ଜୀ ଅଧିବେଶନ ସମ୍ପନ୍ନ କରିଥିଲେ। ମତବିନିମୟ ଅଧିବେଶନରେ, ଡ.ଚାଟାର୍ଜୀ ସାମଗ୍ରିକ ସ୍ୱାସ୍ଥ୍ୟ ବଜାୟ ରଖିବା ଏବଂ ଜୀବନଶୈଳୀ ସମ୍ବନ୍ଧୀୟ ରୋଗକୁ ରୋକିବାରେ ସନ୍ତୁଳିତ ପୁଷ୍ଟିସାର, ସଚେତନ ଖାଦ୍ୟ ଅଭ୍ୟାସ ଏବଂ ଜୀବନଶୈଳୀ ପରିବର୍ତ୍ତନର ଗୁରୁତ୍ୱ ଦେଇଥିଲେ। ବିଶେଷକରି କର୍ମଜୀବୀ ମହିଳାମାନଙ୍କ ପାଇଁ ବୃତ୍ତିଗତ ଏବଂ ବ୍ୟକ୍ତିଗତ ଦାୟିତ୍ୱକୁ ସନ୍ତୁଳିତ କରିବା ଉପରେ ସେ ବିଶେଷ ଜୋର ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ମହିଳା କର୍ମଚାରୀ ଅଂଶଗ୍ରହଣ କରିଥିଲେ ଏବଂ ପୁଷ୍ଟିସାର, ଖାଦ୍ୟ ଯୋଜନା ଏବଂ ସୁସ୍ଥ ଜୀବନଯାପନ ଅଭ୍ୟାସ ଉପରେ ମତ ବିନିମୟ କରିଥିଲେ। ଏଲଆଣ୍ଡଡି ବିଭାଗର ସିନିୟର ମ୍ୟାନେଜର ଅନ୍ନପୂର୍ଣ୍ଣା ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଟେକ୍ନୋସ୍ପୋର୍ଟର ଏକ୍ସକ୍ଲୁସିଭ୍ ବ୍ରାଣ୍ଡ ଆଉଟ୍‌ଲେଟ୍ ଉଦ୍‌ଘାଟିତ




**ରାଉରକେଲା, ୧୯।୨(ସମିସ):** ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଆକ୍ଟିଭୱେୟାର ବ୍ରାଣ୍ଡ ଟେକ୍ନୋସ୍ପୋର୍ଟ ପକ୍ଷରୁ ରାଉରକେଲାର ପ୍ଲୁଟୋନ ମଲ୍ ଠାରେ ଓଡ଼ିଶାରେ ଏହାର ପ୍ରଥମ ଏକ୍ସକ୍ଲୁସିଭ ବ୍ରାଣ୍ଡ ଆଉଟଲେଟ (ଇବିଓ)ର ଶୁଭାରମ୍ଭ କରାଯାଇଛି। ୟୁନିଟ୍-୪ ସ୍ଥିତ ମଲ୍‌ର ୨ୟ ମହଲାରେ ୩୪୧୯ ବର୍ଗଫୁଟ ଅଞ୍ଚଳରେ ପରିବ୍ୟାପ୍ତ ନୂତନ ସ୍ପୋର୍ଟସ ଷ୍ଟୋରକୁ ଟେକ୍ନୋସ୍ପୋର୍ଟର ସିଇଓ ପୁଷ୍ପେନ ମୈତୀ ଶୁଭାରମ୍ଭ କରିଥିଲେ। ଟେକ୍ନୋସ୍ପୋର୍ଟର ସାରା ଦେଶରେ ୩୫ରୁ ଅଧିକ ଷ୍ଟୋର ରହିଥିବା ବେଳେ ଆଗାମୀ ଦିନରେ ଭୁବନେଶ୍ୱର, କଟକ, ସମ୍ବଲପୁର ଏବଂ ବ୍ରହ୍ମପୁରରେ ଏହାର ନୂତନ ଷ୍ଟୋର ଖୋଲାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଟେକ୍ନୋସ୍ପୋର୍ଟ ଗତବର୍ଷ ଓଡ଼ିଶା ସରକାରଙ୍କ ସହ ଏକ ଏମ୍‌ଓୟୁ ସ୍ୱାକ୍ଷର କରିବା ସହ ଏକ ଅତ୍ୟାଧୁନିକ ଆକ୍ଟିଭୱେୟାର ମାନୁଫ୍ୟାକ୍‌ଚରିଂ ଫ୍ୟାସିଲିଟି ସ୍ଥାପନ କରିବା ପାଇଁ ୧୦୦ କୋଟି ଟଙ୍କାର ନିବେଶ ଘୋଷଣା କରିଛି। ଆମାଗୀ ଦିନରେ ଏହାର ୟୁନିଟ ୧୦୦୦ରୁ ଅଧିକ କର୍ମଚାରୀଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ରାଉରକେଲା ଆଉଟଲେଟରେ ବିଭିନ୍ନ ଋତୁକୁ ଦୃଷ୍ଟିରେ ରଖି ଟେକ୍ନୋସ୍ପୋର୍ଟର ସଦ୍ୟତମ ପ୍ରଦର୍ଶନ ଓ ଆଥଲେଟିକ୍ସ କଲେକ୍ସନକୁ ପ୍ରଦର୍ଶିତ କରାଯାଇଛି।

## କେନ୍ଦ୍ରୀୟ ଦୋଳ ମେଳଣ ସମିତିର ପୂର୍ଣ୍ଣାଙ୍ଗ କମିଟି ଗଠିତ

**ରାଉରକେଲା, ୧୯।୨(ସମିସ):** କେନ୍ଦ୍ରୀୟ ଦୋଳ ମେଳଣ ସମିତିର ଚଳିତ ବର୍ଷ ଦୋଳ ମେଳଣ ପାଳନ ପାଇଁ ପୂର୍ଣ୍ଣାଙ୍ଗ କମିଟି ଗଠିତ ହୋଇଯାଇଛି। ସେକ୍ଟର-୧୫ ଶ୍ରୀରାଧାକୃଷ୍ଣ ମନ୍ଦିରରେ ଆୟୋଜିତ ବୈଠକରେ ଚୂଡାନ୍ତ ନିଷ୍ପତ୍ତି ନିଆଯାଇ ନାମ ଘୋଷଣା କରାଯାଇଥିଲା। ପ୍ରତିଷ୍ଠାତା ସଦସ୍ୟ ବିଷ୍ଣୁ ଚରଣ ବିଶ୍ୱାଳ, ଈଶ୍ୱର ଭଞ୍ଜ, ସୁଶାନ୍ତ ପ୍ରଧାନ, ପର୍ଶୁରାମ ପୋଥାଳ ସମେତ ଗଠିତ ନୂତନ କମିଟିରେ ଅଧ୍ୟକ୍ଷ ଭାବେ ହରିହର ରାଉତରାୟ, ଉପାଧ୍ୟକ୍ଷ ରଜତ ଜେନା, ସଭାପତି ମୁକ୍ତିକାନ୍ତ ବେହେରା, କାର୍ଯ୍ୟକାରୀ ସଭାପତି ଜୟନ୍ତୀ ଦାସ ଓ ମୋତିଲାଲ ମହନ୍ତ, ଉପସଭାପତି ମଣ୍ଡଳୀରେ ଧବଳେଶ୍ୱର ବିଶ୍ୱାଳ, ସଞ୍ଜୀତ ସ୍ୱାଇଁ, ପ୍ରମୋଦ ବେହେରା, ରେଖା କୋଠାରୀ, ସୁନନ୍ଦା ନାୟକ, କାର୍ତ୍ତିକ ଚନ୍ଦ୍ର ଖଣ୍ଡୁଆଳ, ଶ୍ରୀକୃଷ୍ଣ ପରିଡ଼ା, ପୂର୍ଣ୍ଣିମା ମାହାନ୍ତି, ସୁମିତ୍ରା ସ୍ୱାଇଁ ପ୍ରମୁଖ ରହିଛନ୍ତି। ସାଧାରଣ ସମ୍ପାଦକ ପ୍ରଦୀପ ମହାପାତ୍ର, ଯୁଗ୍ମ ସମ୍ପାଦକ ରାମଚନ୍ଦ୍ର ଦାସ, ଶ୍ରୀକାନ୍ତ ମହାନ୍ତି, ନରୋତ୍ତମ ବାରିକ, ସୋମନାଥ ଭଞ୍ଜ, ବିପିନ ମହାରଣା, ସଲିଳା ପରିଡ଼ା, ପ୍ରଶାନ୍ତ ନାୟକ,

**ମୁକ୍ତିକାନ୍ତ ସଭାପତି ଓ ପ୍ରଦୀପ ସାଧାରଣ ସମ୍ପାଦକ**

ସଲୀଲ ସାହୁ, କୋଷାଧ୍ୟକ୍ଷ ଭାବେ ଅଶ୍ୱନୀ ଦାସ ଓ ଯୁଗ୍ମ କୋଷାଧ୍ୟକ୍ଷ ଭାବେ କପିଳେଶ୍ୱର ମିଶ୍ର, ପ୍ରସାରଣ ତଥା ମିଡିଆ ସମ୍ପାଦକ ଭାବେ ସଞ୍ଜୀବ ନାୟକ ରହିଛନ୍ତି। କମିଟିକୁ ସହଯୋଗ କରିବା ପାଇଁ ଗଠିତ ସଂଯୋଜକ କମିଟିରେ କେଦାର ଦାସ, ସତ୍ୟ ପ୍ରଧାନ, ପ୍ରଭାକର ଚୌଧୁରୀ, ସତ୍ୟ ନାରାୟଣ ପାଣି, ସୁଶାନ୍ତ ଦାସ, ବିଶ୍ୱରଞ୍ଜନ ସ୍ୱାଇଁ, ପ୍ରମୋଦ ସାମଲ, କାଳି ପ୍ରସନ୍ନ ସ୍ୱାଇଁ, ସୌମ୍ୟ ଧଳ, ବିକାଶ ବେହୁରିଆ, ସନ୍ତୋଷ ବିରାଟ, ରାକେଶ ନାୟକ, ଆଶିଷ ମହାରଣା, ଲୀନା ନାୟକ, ତନ୍ମୟ ସାମଲ, ଅଭିଳାଷ ପତିହାରୀ, ରାମଚନ୍ଦ୍ର ଗୌଡ, ଶୁଭେନ୍ଦୁ ଆକାଶ ମାଝୀ ଓ ଚିତ୍ତରଞ୍ଜନ ସେଠୀ ରହିଛନ୍ତି। କମିଟିକୁ ଦୋଳ ମେଳଣ ସଞ୍ଚାଳନରେ ପରାମର୍ଶ ଦେବା ପାଇଁ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଛି। ସେଥିରେ ପ୍ରେମଚାନ୍ଦ ପଶାୟତ, ଉତ୍ତମ ସାମଲ, କେଦାର ପରିଡ଼ା ପ୍ରଦୋଷ ସାହୁ, ବୈଦ୍ୟନାଥ ଦାସ, ସୁରେଶ ପ୍ରଧାନ, ପ୍ରଶାନ୍ତ ବେହେରା, ପ୍ରଶାନ୍ତ ସେଠୀ ଓ ଜ୍ଞାନରଞ୍ଜନ ଦାସ ରହିଛନ୍ତି। ଗଠିତ କମିଟି ମାର୍ଚ୍ଚ ୫ ତାରିଖ ସେକ୍ଟର ୭ ଦୁର୍ଗାପୂଜା ପଡ଼ିଆରେ ଦୋଳ ମେଳଣ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି।

## ତାଲୁକ ଆଇନ ସହାୟତା ସମିତି ପକ୍ଷରୁ ସଚେତନତା ଶିବିର

**ବଣାଇଁ, ୧୯।୨(ସମିସ):** ବଣାଇଁ ସିଭିଲ କୋର୍ଟ ପରିସରରେ ବଣାଇଁ ତାଲୁକ ଆଇନ ସହାୟତା ସମିତି ପକ୍ଷରୁ ଗୁରୁବାର ଯୌନ ନିର୍ଯାତନା ସୁରକ୍ଷା ଓ ବାଲ୍ୟବିବାହ ମୁକ୍ତ ଭଳି ବିଭିନ୍ନ ଆଇନଗତ ଦିଗ ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବଣାଇ ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଜଜ୍ ଆଶୁତୋଷ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯାତନା ଓ ଏହାର ପ୍ରତିରୋଧ ସମ୍ବନ୍ଧରେ ସଚେତନତା କରିବା ସହିତ ଯୌନ ନିର୍ଯାତନା ଅଧିନିୟମ (ପୋସ ଆକ୍ଟ) ଏବଂ ବାଲ୍ୟବିବାହ ଦୂରୀକରଣର ଆଇନଗତ ଦିଗ ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲ୍ଲା ଜଜ୍ ତଥା ସୁନ୍ଦରଗଡ଼ ପକ୍ସୋ ଜଜ୍ ଜ୍ଞାନରଞ୍ଜନ ପଟ୍ଟନାୟକ,



ବଣାଇ ସବ୍ ଜଜ୍ ରଞ୍ଜନ ପ୍ରଧାନ, ଏସଡିଜେଏମ ପ୍ରୀତିସ ମିଶ୍ର, କୋଇଡା ଜେଏମଏଫସି ଶୁଭଲକ୍ଷ୍ମୀ ପ୍ରୀୟଦର୍ଶିନୀ ଯୋଗ ଦେଇ ଉପସ୍ଥିତ ଜନସାଧାରଣଙ୍କୁ ମଧ୍ୟସ୍ଥତା ମାଧ୍ୟମରେ ବିଭିନ୍ନ ମକଦ୍ଦମାର ସମାଧାନ ଉପରେ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ବଣାଇଁ ସହକାରୀ ଜିଲ୍ଲାପାଳ ବିକ୍ରାନ୍ତ ପାତ୍ର, ଶିଶୁ ବିକାଶ ନିରିକ୍ଷକ ଅରୁଣା ବାଳା ମିଶ୍ର, ରିଟେନର ମାନସରଞ୍ଜନ ପତି, ଆଇନଜୀବୀ ବିଶ୍ୱଜିତ ନନ୍ଦଙ୍କ ସହ ସମସ୍ତ ପେନାଲ ଲୟର, ଆଇନଜୀବୀ, ପୁଲିସ କର୍ମଚାରୀ, କୋର୍ଟ କର୍ମଚାରୀଙ୍କ ସହିତ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।

**ମାଟ୍ରିକ ପରୀକ୍ଷା ଆରମ୍ଭ**

# ପ୍ରଥମ ଦିନରେ ୩୧୦ ପରୀକ୍ଷାର୍ଥୀ ଅନୁପସ୍ଥିତ

**ରାଉରକେଲା, ୧୯।୨(ସମିସ)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ହାଇସ୍କୁଲ ସାର୍ଟିଫିକେଟ୍ (ମାଟ୍ରିକ) ପରୀକ୍ଷା ଗୁରୁବାରରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ମାତୃଭାଷା ବିଷୟରେ ପରୀକ୍ଷା ରହିଥିଲା। ତେବେ ପ୍ରଥମ ଦିନରେ ଜିଲ୍ଲାରେ ୩୧୦ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି। ଆଜି ମୋଟ ୨୪୦୦୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୩୬୯୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ତେବେ ମଧ୍ୟମା ପରୀକ୍ଷାରେ ମୋଟ ୨୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଶତ ପ୍ରତିଶତ ପରୀକ୍ଷାର୍ଥୀ ଉପସ୍ଥିତ ଥିଲେ। ଏସଓଏସସି ପରୀକ୍ଷାରେ ମୋଟ ୬୮୩ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୬୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୨୧୪ ଜଣ ଅନୁପସ୍ଥିତ ଥିଲେ। ଜିଲ୍ଲାର ମୋଟ ୧୧୭ଟି ପରୀକ୍ଷା କେନ୍ଦ୍ରରେ ଜିଲ୍ଲାର ୪୦୬ଟି ସ୍କୁଲର ମୋଟ ୨୪, ୦୦୫ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସେମାନଙ୍କ ମଧ୍ୟରେ ୨୩, ୮୩୯ ଜଣ ରେଗୁଲାର ଏବଂ ୬୭ ଜଣ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ରହିଛନ୍ତି। ଏତଦବ୍ୟତୀତ ମଧ୍ୟମା ପରୀକ୍ଷା ପାଇଁ ଜିଲ୍ଲାରେ ଗୋଟିଏ ଏବଂ ଏସଓଏସସି ପରୀକ୍ଷାର୍ଥୀ ପାଇଁ ୪ଟି ପରୀକ୍ଷା କେନ୍ଦ୍ର ଖୋଲାଯାଇଛି। ସୂଚନା ମୁତାବକ ଜିଲ୍ଲାରେ ମୋଟ ୨୦ଟି ନୋଡାଲ ସେଣ୍ଟରରେ ପ୍ରଶ୍ନପତ୍ର ସୁରକ୍ଷିତ ଭାବେ ରଖାଯିବାର ବ୍ୟବସ୍ଥା କରାଯାଇଥିଲା। ତନ୍ମଧ୍ୟରେ ସର୍ବାଧିକ ରାଉରକେଲା ମୁନିସିପାଲିଟି ଓ ବିଶ୍ରା ଶିକ୍ଷା ବ୍ଲକରେ ୩ଟି ନୋଡାଲ ସେଣ୍ଟର ରହିଥିବା ବେଳେ ୧୯ଟି ପରୀକ୍ଷା କେନ୍ଦ୍ରରେ ୬୯ଟି ସ୍କୁଲର ୫୧୭୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିବା ଜଣାପଡ଼ିଛି। ରାଉରକେଲା ମହାନଗର ନିଗମ ଏବଂ ବିଶ୍ରା ବ୍ଲକକୁ ଛାଡିଦେଲେ ବୀରମିତ୍ରପୁର ମୁନିସିପାଲିଟି ଏବଂ କୁଆଁରମୁଣ୍ଡା ବ୍ଲକରେ ୨ଟି, ନୂଆଗାଁରେ ୧ଟି ନୋଡାଲ ସେଣ୍ଟର ଖୋଲା ଯାଇଛି।

## ଲହୁଣିପଡ଼ା ବ୍ଲକ୍‌ରେ ୧୨୨୭ ଜଣ ପରୀକ୍ଷା ଦେଲେ

**ଲହୁଣିପଡ଼ା, ୧୯।୨(ସମିସ):** ଲହୁଣିପଡ଼ା ବ୍ଲକର ୫ଟି ପରୀକ୍ଷା କେନ୍ଦ୍ରରେ ଚଳିତ ବର୍ଷର ମାଟ୍ରିକ ବୋର୍ଡ ପରୀକ୍ଷା ଗୁରୁବାର ଠାରୁ ଆରମ୍ଭ ହୋଇଛି। ୫ଟି କେନ୍ଦ୍ରରେ ମୋଟ ୧୨୨୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଥିବା ଜଣାପଡ଼ିଛି। ଏଥିପାଇଁ ଶିକ୍ଷା ବିଭାଗ ତରଫରୁ ୫ ଥାକିଆ ପୂର୍ବ ପ୍ରସ୍ତୁତି ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ଫେବୃଆରୀ ୧୯ରୁ ମାର୍ଚ୍ଚ ମାସ ୨ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ। ଲହୁଣିପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୩୦୧ ଜଣ ମାଟ୍ରିକ ପରୀକ୍ଷା ଦେଇଥିବା ବେଳେ ୯ ଜଣ ଅନୁପସ୍ଥିତି ରହିଛନ୍ତି। ସେହିଭଳି ଗୁଡ଼ିଆଳି ଉଚ୍ଚ ବିଦ୍ୟାଳୟ କେନ୍ଦ୍ର ଠାରେ ୨୩୧ ଜଣ ମଧ୍ୟରୁ ୨୨୯ ଜଣ, ଖୁଣ୍ଟୁଗାଁ ବାଳିକା ଉଚ୍ଚ ବିଦ୍ୟାଳୟ (ଉଲସୁରେଇ) କେନ୍ଦ୍ର ଠାରେ ୨୬୭ ଜଣ ମଧ୍ୟରୁ ୨୬୪ ଜଣ ଏବଂ ଖୁଣ୍ଟୁଗାଁ ଉଚ୍ଚ ବିଦ୍ୟାଳୟ କେନ୍ଦ୍ର ଠାରେ ୩୦୬ ଜଣରୁ ୩୦୨ ଜଣ ପରୀକ୍ଷା ଦେଇଛନ୍ତି। ଲହୁଣୀପଡ଼ା ବାଳିକା ଉଚ୍ଚ ବିଦ୍ୟାଳୟରେ ୧୦୪ ଜଣରୁ ୬୯ ଜଣ ପରୀକ୍ଷା ଦେଇଥିବା ବେଳେ ସର୍ବମୋଟ ୧୨୨୭ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୧୭୫ ଜଣ ଛାତ୍ରଛାତ୍ରୀ ପ୍ରଥମ ଦିନ ପରୀକ୍ଷା ଦେଇଛନ୍ତି ଓ ୫୨ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତି ଥିବା ଜଣାପଡ଼ିଛି। ଲହୁଣିପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସେଣ୍ଟର ଭାବେ ଦାୟିତ୍ୱ ଦିଆଯାଇ ଥିବା ସୂଚନା ରହିଛି।

## ଚାଷୀଙ୍କ ଅଭିନବ ପ୍ରତିବାଦ

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ରୋଷେଇ କରି ଦାବି ଜଣାଇଲେ

**ଝାରସୁଗୁଡ଼ା, ୧୯।୨(ସମିସ)**

ଧାନ ବିକ୍ରି ସମସ୍ୟାର ସମାଧାନ କରିବା ପାଇଁ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା ପରିଲକ୍ଷିତ ହୋଇଛି। ଚାଷୀ ଚାଷ କରିବା ପରିବର୍ତ୍ତେ ଧାନ ବିକ୍ରି ପାଇଁ ଚିନ୍ତାରେ ରହିଛନ୍ତି। ଏନେଇ ପ୍ରଶାସନ ନିକଟରେ ସମସ୍ୟାର ସମାଧାନ ପାଇଁ ବାରମ୍ବାର ଅନୁରୋଧ କରିଛନ୍ତି। ଧାନ ବିକ୍ରି ସମସ୍ୟା ସହିତ ସମ୍ପୂର୍ଣ୍ଣ ଟାର୍ଗେଟ ଦାବି କରି ଗୁରୁବାର ସକାଳେ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଭିନବ ଉପାୟରେ ଚାଷୀ ଆନ୍ଦୋଳନ କରିଛନ୍ତି।

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଅଧୀନ ରେମତା ଓ କଣ୍ଡେଇକେଲା ସମବାୟ ସମିତିର ଚାଷୀ ମାନେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ରୋଷେଇ କରି ଖାଇଛନ୍ତି। ରେମତା ଓ କଣ୍ଡେଇକେଲା ପଞ୍ଚାୟତର ମୋଟ ୫୭୮ ଚାଷୀ ରେମତା ସମବାୟ ସମିତିରେ ପଞ୍ଜିକୃତ ହୋଇଛନ୍ତି। ତେବେ ବର୍ତ୍ତମାନ ଯାଏ ୫୦୨ ଚାଷୀ ୧୮୮୯୫ କ୍ୱିଣ୍ଟାଲ ଧାନ ବିକ୍ରି କରିଛନ୍ତି। ୭୬ ଜଣ ଚାଷୀଙ୍କ ୧୧୭ଟି ଟୋକନ ଦିଆଯାଇ ନାହିଁ। ସମବାୟ ସମିତିରେ ୫ ହଜାର କ୍ୱିଣ୍ଟାଲ ଧାନ ବିକ୍ରିର ଟାର୍ଗେଟ ଅଛି ଓ ମାତ୍ର ଯୋଗାଣ ବିଭାଗ ମାତ୍ର ୧୫ଶହ କ୍ୱିଣ୍ଟାଲ ଟାର୍ଗେଟ ଦେଇଛି। ଫଳରେ ଚାଷୀଙ୍କୁ ଧାନ ବିକ୍ରିରେ ସମସ୍ୟା ହେଉଛି। ପ୍ରତିବାଦରେ ଆଜି ଉଭୟ ପଞ୍ଚାୟତର ଶତାଧିକ ଚାଷୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାତରାନ୍ଧି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏପରିକି ଯେ ପର୍ଯ୍ୟନ୍ତ ୫ ହଜାର କ୍ୱିଣ୍ଟାଲ ଧାନ ବିକ୍ରି ପାଇଁ ଟାର୍ଗେଟ ପ୍ରଦାନ କରା ନ ଯିବ ସେ ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି ଜିଲ୍ଲା କୃଷକ ସଂଘ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେରେ ଧାରଣାରେ ବସିଥିଲେ। ଚାଷୀ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ଧାରଣାରେ ବସିଥିବା



ବେଳେ ଜିଲ୍ଲା ପ୍ରଶାସନର କୌଣସି ଅଧିକାରୀ ସେମାନଙ୍କ ସହିତ ଆଲୋଚନା ପାଇଁ ଆସି ନ ଥିଲେ। ଏଥିରୁ ଚାଷୀ ଅତ୍ୟନ୍ତ କ୍ଷୋଭ ପ୍ରକାଶ କରିଥିଲେ। ଚାଷୀ ଧାରଣାରୁ ବିରତ ନ ହୋଇଥିବା ବେଳେ ବାଧ ହୋଇ ଜିଲ୍ଲା ଯୋଗାଣ ଅଧିକାରୀ ଦୁର୍ଗା ଚରଣ ବେସ୍ରା ଚାଷୀ ମାନଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ସୋମବାର ମଧ୍ୟରେ ସମସ୍ତ ଟାର୍ଗେଟ ପ୍ରଦାନ କରାଯିବ ଏବଂ ଧାନ ବିକ୍ରି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଚାଷୀ ଧାରଣାରୁ ଉଠିଥିଲେ। ଆଜିର କାର୍ଯ୍ୟକ୍ରମରେ ମାଁ ଦୁର୍ଗା କୃଷକ ସଂଘ ସଭାପତି ଜଗବନ୍ଧୁ ସା, ଅନିଲ ବାରିକ, ଶ୍ରୀନିବାସ ପ୍ରଧାନ, ଅଜିତ ବାରିକଙ୍କ ସହିତ ଜିଲ୍ଲା କୃଷକ ସଙ୍ଗଠନରେ ସଭାପତି ଦିଲ୍ଲୀପ ବଢ଼େଇ, ଉପସଭାପତି ଶରତ ପଟେଲ, ସମ୍ପାଦକ ହେମନ୍ତ ସାଗର କୁମୁରା, କୋଷାଧକ୍ଷ ଲକ୍ଷ୍ମଣ ସାହୁଙ୍କ ସହିତ ଶତାଧିକ ଚାଷୀ ଏହି ଧାରଣାରେ ସାମିଲ ରହିଥିଲେ।

# ବାଣ ବିସ୍ଫୋରଣରେ ୩ ଶିଶୁ ଗୁରୁତର

**ଦେବଗଡ଼, ୧୯।୨(ସମିସ):** ବାରକୋଟ ଥାନା ଅଧୀନ ଦଣ୍ଡାସିଂହା ଗାଁରେ ବାଣ ବିସ୍ଫୋରଣରେ ଗୁରୁବାର ୩ ଜଣ ନାବାଳକ ଆହତ ହୋଇଥିବା ଜଣାପଡ଼ିଛି। ସେମାନଙ୍କ







ମଧ୍ୟରୁ ଜଣଙ୍କର ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ନିମନ୍ତେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ସୂଚନା ଅନୁଯାୟୀ ଆଜି ଅପରାହ୍ଣ ପ୍ରାୟ ୪ଟାରେ ଦଣ୍ଡାସିଂହା ଲୁହୁରାସାହିର ଜୟରାମ ଲୁହୁରାଙ୍କ ପୁଅ କାଳିଆ ଲୁହୁରା (୩), ଯୋଗେଶ୍ୱର ଲୁହୁରାଙ୍କ ପୁଅ ବଳିଆ ଲୁହୁରା (୧୨) ଏବଂ ଅଫିନ ଲୁହୁରାଙ୍କ ପୁଅ ବିବେକ ଲୁହୁରା (୮) ଗାଁ ଦାଣ୍ଡରେ ପଡ଼ିଥିବା ଏକ ଅଫୁଟା ବାଣରେ ନିଆଁ ଲଗାଉଥିଲେ। ଏହି ସମୟରେ ବାଣଟି ହଠାତ ବିସ୍ଫୋରିତ ହେବାରୁ ତିନି ଜଣଯାକ ଆହତ ହୋଇଥିଲେ। ପରିବାର ଲୋକ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ତୁରନ୍ତ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର କାଳିଆ ଅଧିକ ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ତାକୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଅନ୍ୟପକ୍ଷରେ ବଳିଆ ଓ ବିବେକ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧିନ ଥିବା ଜଣାପଡ଼ିଛି।

## ମାଟ୍ରିକ ପରୀକ୍ଷା ଆରମ୍ଭ

# ପ୍ରଥମ ଦିନରେ ୪୧୦୮ ଜଣ ପରୀକ୍ଷା ଦେଲେ

**ଦେବଗଡ଼, ୧୯।୨ (ସମିସ):** ରାଜ୍ୟରେ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଗୁରୁବାର ଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ନିମନ୍ତେ ଜିଲ୍ଲାରେ ୩୩ଟି ସେଣ୍ଟର କରାଯାଇଛି। ଆଜି ପ୍ରଥମ ଦିନ ସାହିତ୍ୟ ପରୀକ୍ଷାରେ ୪୨୨୬ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୪୧୦୮ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି ଏବଂ ୧୧୮ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ୪୦୫୧ ଜଣ ରେଗୁଲାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୪ ଜଣ ଅନୁପସ୍ଥିତ ରହିବାରୁ ୩୯୮୭ ଜଣ ପରୀକ୍ଷା ଦେଇଛନ୍ତି। ସେହିପରି ଏକ୍ସ ରେଗୁଲାରରେ ୬୧୪୦ ଜଣ ଏସଆଇଓଏସ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୪ ଜଣ ଅନୁପସ୍ଥିତ ରହିଥିଲେ ଓ ୮୬ ଜଣ ପରୀକ୍ଷା ଦେଇଥିଲେ। ସେହିପରି ମଧ୍ୟମାରେ ୨୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ପ୍ରଥମ ଦିନରେ ଜଣେ ବି ପରୀକ୍ଷାର୍ଥୀ କପି କରି ଧରାପଡ଼ି ନଥିବା ସୂଚନା ମିଳିଛି।

# ବେଲପାହାଡ଼ କଲେଜରେ ଉପଭୋକ୍ତା ସଚେତନତା କର୍ମଶାଳା

**ଝାରସୁଗୁଡ଼ା, ୧୯।୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଅଧୀନ ବେଲପାହାଡ କଲେଜ ଠାରେ ଗୁରୁବାର ସାମାଜିକ ଅନୁଷ୍ଠାନ ଇଜେଭି ଫାଉଣ୍ଡେସନ ପକ୍ଷରୁ ଉପଭୋକ୍ତା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଓ ଅନେକ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ। ଅତିଥିଗଣ ଉପଭୋକ୍ତା ଆଇନ ତଥା ଅଧିକାର ବିଷୟରେ ବୁଝାଇଥିଲେ। ଉପଭୋକ୍ତା ବୋର୍ଡ ସହନିୟନ୍ତ୍ରକ ଆଶା ମିଞ୍ଜ ଉପଭୋକ୍ତା ଆଇନ୍ ବାବଦରେ ମାର୍ଗଦର୍ଶନ କରିଥିଲେ। ସେହିପରି ଗଗନ ମାରାଣ୍ଡି, କଲେଜ ପ୍ରିନ୍ସିପାଲ ସୁରେନ୍ଦ୍ର ଭୋଇ, ମାନସୀ ପଣ୍ଡା, ରାଜେଶ ପାଢ଼ୀ, ଅଞ୍ଜଳି ପଟନାୟକ, ହେମନ୍ତ ମେହେର ପ୍ରମୁଖ ସଚେତନ କରାଇଥିଲେ। ଆୟୋଜିତ କର୍ମଶାଳାରେ କଲେଜର ଅନେକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ମାଁ ମହାମାୟୀଙ୍କ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

**ଦେବଗଡ଼, ୧୯।୨(ସମିସ):** ଦେବଗଡ଼ ପୌରାଞ୍ଚଳ ୱାର୍ଡ ନମ୍ବର ୧ ଅଧୀନ ଖପରସାହି ଠାରେ ମାଁ ମହାମାୟୀଙ୍କ ନବନିର୍ମିତ ମନ୍ଦିର ପ୍ରତିଷ୍ଠା ନିମନ୍ତେ ଗୁରୁବାର ଭବ୍ୟ କଳସ ଶୋଭାଯାତ୍ରା ଓ ଅଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂଜକ ମନୋରଞ୍ଜନ ଶତପଥୀଙ୍କ ଦ୍ୱାରା ପାରମ୍ପରିକ ପୂଜାର୍ଚ୍ଚନା ପରେ ପ୍ରଧାନପାଟ ଜଳପ୍ରପାତରୁ ଜଳ ସଂଗ୍ରହ କରି ଶତାଧିକ ମହିଳା ଓ ଯୁବତୀ କଳସ ଶୋଭାଯାତ୍ରାରେ ଆସି ପୂଜାମଣ୍ଡପରେ ପହଞ୍ଚିଥିଲେ। ଶଙ୍ଖ ଧ୍ୱନୀ, ହରିନାମ ସଙ୍କୀର୍ତ୍ତନ ଓ ବେଦ ମନ୍ତ୍ରୋଚ୍ଚାରଣରେ ନଗର ପରିକ୍ରମା ସହିତ କଳସ ଶୋଭାଯାତ୍ରା ମନ୍ଦିରରେ ପହଞ୍ଚିବା ପରେ କଳସ ସ୍ଥାପନ କରାଯାଇଥିଲା। ଉମାଶଙ୍କର ସାହୁ ସପତ୍ନୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ସନ୍ଧ୍ୟାରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଅଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆସନ୍ତାକାଲି ଠାରୁ ଦୁଇ ଦିନ ଧରି ମନ୍ଦିରର ପ୍ରାଣ ପ୍ରତିଷ୍ଠା କାର୍ଯ୍ୟ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ମିଳିଛି।

## ସରକାରୀ ସେବାରେ ଏଆଇର ପ୍ରୟୋଗ

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦକ୍ଷତା ବିକାଶ ଶିବିର

**ଝାରସୁଗୁଡ଼ା, ୧୯।୨(ସମିସ):** ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ଓକାକ୍ର ମିଳିତ ଆନୁକୂଲ୍ୟରେ ଝାରସୁଗୁଡ଼ା



ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ 'ପ୍ରଶାସନିକ ଦକ୍ଷତା ପାଇଁ କୃତ୍ରିମ ବୁଦ୍ଧିମତା ଉପକରଣ (ଏଆଇ ଟୁଲ୍ସ ଫର ଅପରେସ୍ନାଲ ଏକ୍ସିଲେନ୍ସ)' ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଡିଜିଟାଲ୍ ରୂପାନ୍ତରଣ ଏବଂ ସରକାରୀ କାର୍ଯ୍ୟଧାରାରେ ଅଧିକ ସ୍ୱଚ୍ଛତା ତଥା କ୍ଷିପ୍ରତା ଆଣିବା ଲକ୍ଷ୍ୟରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଆୟୋଜିତ କର୍ମଶାଳାରେ ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟରେ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଭିନ୍ନ ବିଭାଗରୁ ଆସିଥିବା ୩୦ରୁ ଅଧିକ ପ୍ରଶାସନିକ

**୩୦ରୁ ଅଧିକ ପ୍ରଶାସନିକ ଅଧିକାରୀଙ୍କୁ ତାଲିମ**

**ଫାଇଲ୍ ପରିଚାଳନା ଓ ଚିଠିପତ୍ର ପ୍ରସ୍ତୁତିରେ ଏଆଇ ବ୍ୟବହାର**

ଅଧିକାରୀ ଓ କର୍ମଚାରୀମାନେ ଏଠାରେ ଯୋଗ ଦେଇଥିଲେ। ବିଶେଷ କରି 'ଜେନେରେଟିଭ୍ ଏଆଇ' ଏବଂ 'ଡାଟା ଆନାଲିଟିକ୍ସ' ବ୍ୟବହାର କରି କିଭଳି ସରକାରୀ ଫାଇଲ୍ ପରିଚାଳନା ଓ ଜନସେବା କ୍ଷେତ୍ରକୁ ସହଜ କରାଯାଇପାରିବ, ସେ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା। କର୍ମଶାଳାର ପ୍ରାୟୋଗିକ ଅଧିବେଶନରେ କିଭଳି ଏଆଇ ମାଧ୍ୟମରେ ସ୍ୱୟଂଚାଳିତ ଫାଇଲ୍ ସଂରକ୍ଷଣ, ବଡ ବଡ ଦସ୍ତାବିଜର ସଂକ୍ଷିପ୍ତ ସାରାଂଶ ପ୍ରସ୍ତୁତି ଏବଂ ସରକାରୀ ଚିଠି ପତ୍ରର ଚିଠା ଅତି କମ୍ ସମୟ ମଧ୍ୟରେ କରାଯାଇପାରିବ, ସେ ସମ୍ପର୍କରେ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଝାରସୁଗୁଡ଼ା ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଏବଂ କର୍ମଶାଳାର ଜିଲ୍ଲା ନୋଡାଲ ଅଫିସର ତଥା ଡେପୁଟି କଲେକ୍ଟର ସୌମ୍ୟେଶ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଏହା ବ୍ୟତୀତ ବିଭିନ୍ନ ବିଭାଗର ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର ଏବଂ କାର୍ଯ୍ୟାଳୟ କର୍ମଚାରୀମାନେ ଓଡ଼ିଶା ସରକାରଙ୍କ ଏହି ଦକ୍ଷତା ବିକାଶ ଅଭିଯାନରେ ଅଂଶଗ୍ରହଣ କରିଥିଲେ।

# ଷଡବଂଶୀୟ ଗୋଣ୍ଡ ସମାଜର ମିଶ୍ରଣ ପର୍ବ



**ଝାରସୁଗୁଡ଼ା, ୧୯।୨(ସମିସ):** ଜିଲ୍ଲା ରାଜପୁର ବାରପାଲି ତୁଳସୀ ବଡଗୁଡି ଲୋଇସିଂହ ଗୁଡି ଜଙ୍ଗାଲିଙ୍ଗା ମନ୍ଦିରର ପ୍ରାଙ୍ଗଣରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଆଜି ଦ୍ୱିପ୍ରହରରେ ଗଣ୍ଡଘୋରା ମୂଳଗୁଡିରୁ ପ୍ରାୟ ୨୦ ଗୋଣ୍ଡବାନା ପରିବାର ଆସି ଷଡବଂଶୀୟ ଗୋଣ୍ଡ ସମାଜରେ ସାମିଲ ହୋଇଛନ୍ତି। ଗୋଣ୍ଡବାନା ସମାଜ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁଅ ଝିଅଙ୍କ ବାହାଘର ପାଇଁ ଅସୁବିଧା ଏବଂ ଅନ୍ୟାନ୍ୟ ସମସ୍ୟା ହେଉଥିବାରୁ ଆଜି ଜିଲ୍ଲା ସର୍କଲ ଗୁଡି ସଭାପତି ଉଗ୍ରେସନ ଧୁରୁଆ, ସର୍କଲ ଗୁଡି ବୃନ୍ଦାମାଲ ସମ୍ପାଦକ ହରି ଧୁରୁଆ, ଲୋଇସିଂହ ଗୁଡି ସଭାପତି ଜଗିନ୍ଦ୍ର ନେଟି, ସମ୍ପାଦକ ବିଶ୍ୱଲୋଚନ ଭୋଇ, ଉପସମ୍ପାଦକ ତ୍ରିଲୋଚନ ମାଝୀ, ଉପସଭାପତି ସୁବାଷ ନାୟକ, କୋଷାଧକ୍ଷ ସାମନ୍ତ ଧୁରୁଆ ଓ ଗ୍ରାମ୍ୟ କମିଟି ସଦସ୍ୟଙ୍କ ଉପସ୍ଥିତିରେ ଗଣ୍ଡଘୋରା, ଖଳିଆମାଲ, ନୂଆଡିହି, ବଢ଼େଇକଣ୍ଟାର ସପରିବାର ସହ ଲୋଇସିଂହ ଗୁଡିରେ ଜଙ୍ଗା ଭଗବାନଙ୍କୁ ପୂଜା କରି ମିଶିଥିଲେ।


# ବଢ଼େଇମୁଣ୍ଡା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଝାରସୁଗୁଡ଼ା, ୧୯।୨(ସମିସ):** ବଢ଼େଇମୁଣ୍ଡା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ପଲ୍ଲୀଶ୍ରୀ ପ୍ରୀତି ନନ୍ଦା ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ହିମାଂଶୁ ଶେଖର ବଡପଣ୍ଡା, ଲିଙ୍ଗରାଜ ବେହେରା ସିଆରସିସି ଓ ପରିଚାଳନା କମିଟିର ସଭାପତି ପ୍ରତିମା ସାହାରା ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଲକ୍ଷ୍ମୀ ନାରାୟଣ କଲେଜର ଅର୍ଥନୀତି ବିଭାଗର ଅଧ୍ୟାପକ ତପନ ବାରିକ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ କାଉନସିଲର ବବିତା ରଣବିଡା, ସମାଜସେବୀ ସବିତା ପ୍ରଧାନ ଓ ସଂଯୁକ୍ତା ପ୍ରଧାନ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ପୁଝାରୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ଗାରିମା ଗୋଖର ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ମୈତ୍ରୀ ପଟେଲ ବାର୍ଷିକ କ୍ରୀଡା ପ୍ରତିଯୋଗିତାର ପୁରସ୍କାର ବିତରଣୀ କାର୍ଯକ୍ରମକୁ ପରିଚାଳନା କରିଥିଲେ। ଶିକ୍ଷକ ଶ୍ରୀରେଖା ବଲ୍ଲଭ ସା ଧନ୍ୟବାଦ ଅର୍ପଣ କରିଥିଲେ। ଅଷ୍ଟମ ଶ୍ରେଣୀର ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଚାନ୍ଦିନୀମାଲ ଆଞ୍ଚଳିକ ଧନୁଯାତ୍ରା ଉଦ୍‌ଯାପିତ

**ଝାରସୁଗୁଡ଼ା, ୧୯।୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଅଧୀନ ଚାନ୍ଦିନୀମାଲରେ ୫ ଦିନ ଧରି ଚାଲିଥିବା ଧନୁଯାତ୍ରା କଂସ ବଧ ସହିତ ଉଦ୍‌ଯାପିତ ହୋଇଯାଇଛି। କଂସ ବଧ ସହିତ କଂସ ରାଜୁତିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି।



ଏହାସହ ସତ୍ୟ ଓ ନ୍ୟାୟର ପ୍ରତିଷ୍ଠା ହୋଇ ମହାରାଜ ଉଗ୍ରସେନଙ୍କ ରାଜ୍ୟାଭିଷେକ କାର୍ଯ୍ୟକ୍ରମ ଶେଷ ଦିନରେ ଅନୁଷ୍ଠିତ ହୋଇଥିଲା। ନାଟ୍ୟାଭିନୟ କ୍ରମରେ କୃଷ୍ଣ ବଳରାମଙ୍କ ମଥୁରା ଭ୍ରମଣ କରିଥିବା ବେଳେ ଗୋପପୁର ଉମାଶଙ୍କର ମନ୍ଦିରରୁ ମଥୁରା ନଗରୀ ଚାନ୍ଦିନୀମାଲ ଯାତ୍ରାପଡ଼ିଆ ପର୍ଯ୍ୟନ୍ତ କୃଷ୍ଣ ବଳରାମଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। କୃଷ୍ଣ ନିଧନ କଳ୍ପନାରେ ମସଗୁଲ ରହି ଧନୁଯାତ୍ରା ଦେଖାଇବା ଆଳରେ ମହାରାଜ କଂସଙ୍କ ନିର୍ଦ୍ଦେଶରେ ଅକ୍ରୁର କୃଷ୍ଣ ବଳରାମଙ୍କୁ ମଥୁରା ନଗରୀକୁ ଘେନି ଆସିଥିଲେ। ଶୋଭାଯାତ୍ରାରେ ତେଲିପାଲିର କର୍ମା ନୃତ୍ୟ, ସୋନପୁରର ଦୁଲଦୁଲି ବାଜା, ଭଦ୍ରକର ଲଉଡି ଖେଳ, ମୟୁରଭଞ୍ଜର ଛେଉ ନୃତ୍ୟ ଓ ପୁରୀ ଜିଲ୍ଲା କାକଟପୁରର ଘୋଡା ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଶୋଭାଯାତ୍ରା ଗୋପପୁରରୁ ବାହାରି ପଞ୍ଚାୟତ କାର୍ଯ୍ୟାଳୟ, ଗାଁ ଯଜ୍ଞ ମଣ୍ଡପ, ଆଶ୍ରମ ସ୍କୁଲ୍ ଛକ ହୋଇ ମଥୁରାପୁର ଅଭିମୁଖେ ବାହାରିଥିଲା। ମହାରାଜ କଂସ ଦରବାରରେ ରାଜ ଅତିଥି ଭାବେ ଝାରସୁଗୁଡ଼ା ତହସିଲଦାର ସଦାକର କୁମ୍ଭାର, ଝାରସୁଗୁଡ଼ା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୀଲ ଆଚାର୍ଯ୍ୟ, ରାଜପୁର ସରପଞ୍ଚ ସରସ୍ୱତୀ ନାଏକ, ଲୋଇସିଂହ ସରପଞ୍ଚ ସନାତନ ରୋହିଦାସ, ପୂର୍ବତନ ରାଜପୁର ସମିତି ସଭ୍ୟ ଗଣେଶ ବାଗ ପ୍ରମୁଖ ଯୋଗ ଦେଇଥିଲେ। ରାଜସଭାରେ ଚାନ୍ଦିନୀମାଲ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର ଅତିଥି ଗଣଙ୍କ ପରିଚୟ ପ୍ରଦାନ କରିଥିବା ବେଳେ କମିଟି ସଭାପତି ପ୍ରମୋଦ ପ୍ରଧାନ, ସମ୍ପାଦକ ପର୍ଶୁରାମ ରୋହିଦାସ, କୋଷାଧ୍ୟକ୍ଷ ଲିଙ୍ଗରାଜ ରୋହିଦାସ ଉପସ୍ଥିତ ଥିଲେ। ଗୋପପୁର ଓ ମଥୁରା ନଗରୀରେ ଅଞ୍ଚଳର ହଜାର ହଜାର ଦର୍ଶକଙ୍କ ଭିଡ ଜମିଥିଲା। କଂସ ଦରବାରରେ ନନ୍ଦରାଜା ଭୂମିକାରେ ଅଭିନୟ କରିଥିବା ଦିଲୀପ ବଡ୍ମାଇ, ଚାନ୍ଦିନୀମାଲ ପଞ୍ଚାୟତର ଆଶା କର୍ମୀ ଏବଂ ମଥୁରା ଓ ଗୋପପୁରର ସମସ୍ତ କଳାକାର ମାନଙ୍କୁ ସମ୍ମାନିତ କରାଯାଇଥିଲା। ଆଞ୍ଚଳିକ ଧନୁଯାତ୍ରା କମିଟି ତଥା ଅଞ୍ଚଳର ସ୍ୱେଚ୍ଛାସେବୀଙ୍କ ତତ୍ତ୍ୱାବଧାନରେ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ଶେଷରେ ଯାତ୍ରା ପଡ଼ିଆରେ ୫୦ ଫୁଟ୍ ଉଚ୍ଚତାର କଂସ ଦହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ସମୀକ୍ଷା ବୈଠକ

**ଝାରସୁଗୁଡ଼ା, ୧୯।୨(ସମିସ):** ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧକ୍ଷତାରେ ଜିଲ୍ଲାର ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାର ବିଭିନ୍ନ ପାନୀୟ ଜଳ ପ୍ରକଳ୍ପ ଏବଂ ମେଗା ପାନୀୟ ଜଳ ପ୍ରକଳ୍ପର ରକ୍ଷଣାବେକ୍ଷଣ ସହ ବିଭିନ୍ନ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ରଗୁଡିକରେ କାର୍ଯ୍ୟକାରୀ ହେଉଥିବା ଟ୍ୟାପ୍ ଯୋଗେ ଜଳ ଯୋଗାଣ ବ୍ୟବସ୍ଥାର ସ୍ଥିତି ଅନୁଧ୍ୟାନ କରାଯାଇଥିଲା। ବିଶେଷ କରି 'ବସୁଧା' ଯୋଜନାରେ ହେଲ୍ପଲାଇନ ଓ



ଅଭିଯୋଗ ପ୍ରତିକାର ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ସହ ପିଇବା ପାଣିର ସମସ୍ୟା ଦେଖାଯାଉଥିବା ଅଞ୍ଚଳରେ ଟ୍ୟାଙ୍କର ଜରିଆରେ ଜଳ ଯୋଗାଣ ଓ ନୂତନ ନଳକୂପ ସ୍ଥାପନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଜିଲ୍ଲା ଖଣିଜ ପ୍ରତିଷ୍ଠାନ, ପଞ୍ଚମରାଜ୍ୟ ଅର୍ଥ କମିଶନ ଏବଂ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ପାଣ୍ଠିରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରଥମ ପର୍ଯ୍ୟାୟ ମେଗା ପାନୀୟ ଜଳ ପ୍ରକଳ୍ପ (ପି୧ ମେଗା ପିଡବ୍ଲ୍ୟୁଏସ୍) ଏବଂ ଜିଲ୍ଲାର ୪୨ଟି ପଞ୍ଚାୟତରେ ବ୍ଲକୱାରୀ ଜଳ ଯୋଗାଣ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଯଥା ପିଡବ୍ଲ୍ୟୁଡି, ଆର୍‌ଡି ଏବଂ ଏନ୍‌ଏଚ୍ କାମ ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ପାଇପଲାଇନ ଗୁଡିକର ତୁରନ୍ତ ମରାମତି କରିବା ସହ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ମେଗା ପ୍ରକଳ୍ପଗୁଡିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କ ସମେତ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ବିଭିନ୍ନ ବ୍ଲକ ଏବଂ ସମ୍ପୃକ୍ତ ବିଭାଗର ପଦାଧିକାରୀ ଓ ନିର୍ମାଣକାରୀ ସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ହାଇୱା ଓଲଟି ଖଲାସୀ ମୃତ

**ଦେବଗଡ଼, ୧୯।୨(ସମିସ):** ଦେବଗଡ଼ ଥାନା ଅଧୀନ କାଉଁଶିବାହାଲ ଛକରେ ଗତକାଲି ବିଳମ୍ବିତ ରାତ୍ରିରେ ଏକ ହାଇୱା ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡ଼ିବା ଫଳରେ ଏହାର ଖଲାସୀଙ୍କର ମୃତ୍ୟୁ ଘଟିଛି। ମୃତ ଖଲାସୀ ଜଣକ ବିଜୟନଗର ଗାଁର ଦୀପକ ବେହେରା (୨୨) ବୋଲି ଜଣାପଡ଼ିଛି। ପୁଲିସର ସୂଚନା ଅନୁଯାୟୀ ଗତକାଲି ବିଳମ୍ବିତ ରାତ୍ରିରେ ଏକ ହାଇୱା ଟ୍ରକ ବାରକୋଟ ପଟୁ ଦେବଗଡ଼ ଆଡକୁ ଆସୁଥିଲା। କୌଣସି କାରଣରୁ ଚାଳକ ହଠାତ ଭାରସାମ୍ୟ ହରାଇବାରୁ ହାଇୱାଟି କାଉଁଶିବାହାଲ ଛକ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥ କଡରେ ଓଲଟି ପଡ଼ିଥିଲା। ଫଳରେ ଖଲାସୀ ଦୀପକ ହାଇୱାର କ୍ୟାବିନ ମଧ୍ୟରେ ଚାପି ହୋଇ ଗୁରୁତର ଆହତ ହୋଇଥିଲେ। ସୂଚନା ପାଇ ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ଦୀର୍ଘ ସମୟର ପରିଶ୍ରମ ପରେ କ୍ୟାବିନକୁ ଭାଙ୍ଗି ତାଙ୍କୁ ବାହାରକୁ ବାହାର କରିଥିଲେ। ଗୁରୁତର ଅବସ୍ଥାରେ ଉଦ୍ଧାର ପରେ ଚିକିତ୍ସା ନିମନ୍ତେ ତାଙ୍କୁ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣା ଯାଇଥିଲା। ହେଲେ ଡାକ୍ତର ସେଠାରେ ଦୀପକଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ଭାଇ ଈଶ୍ୱର ବେହେରା ଆଜି ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏଥିସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।

# ରାଜପୁର-ବଲଙ୍ଗିବାହାଲ ରାସ୍ତାରେ ଭାରୀଯାନ ଚଳାଚଳକୁ ବିରୋଧ

**ଝାରସୁଗୁଡ଼ା, ୧୯।୨(ସମିସ)**

ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଅଧୀନ ଗାନ୍ଧୀଛକର ରାଜପୁର ଦେଇ ବଲଙ୍ଗିବାହାଲ ରାସ୍ତାରେ ପ୍ରତିଦିନ ହଜାର ହଜାର ଭାରୀଯାନ ଚଳାଚଳ ବନ୍ଦ କରିବା ଏବଂ ଏକ ନୂତନ ବିକଳ୍ପ ରାସ୍ତା ନିର୍ମାଣ ପାଇଁ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ରାଜପୁର ସରପଞ୍ଚ ସରସ୍ୱତୀ ନାୟକ ଓ ଗ୍ରାମବାସୀଙ୍କ ତରଫରୁ ଗୁରୁବାର ଦାବିପତ୍ର ପ୍ରଦାନ କରାଯାଇଛି। ରାଜପୁର ଗାଁରେ ଅନେକ ବାଲି ବୋଝେଇ ଟ୍ରକ୍ ଓ କୋଇଲା ଗାଡିର ଅହରହ ଚଳାଚଳ ଗ୍ରାମବାସୀଙ୍କ ସମେତ ଅନ୍ୟ ସାଧାରଣ ଲୋକଙ୍କ ପାଇଁ କାଳ ସାଜିଛି। ଏହା ସହିତ ପ୍ରଦୂଷଣ ଓ ପ୍ରତିଦିନ ଛୋଟବଡ ଦୁର୍ଘଟଣାରେ ଅତିଷ୍ଠ ହୋଇ ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ରାଜପୁର ସରପଞ୍ଚ ସରସ୍ୱତୀ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରି ସମସ୍ୟା ବିଷୟରେ ଅବଗତ କରାଇଛନ୍ତି। ଆଗାମୀ ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ ପାଇଁ ଅନୁରୋଧ କରାଯାଇଛି। ନହେଲେ ରାସ୍ତା ଅବରୋଧ ସହିତ



**ଜିଲ୍ଲାପାଳଙ୍କୁ ଦାବିପତ୍ର**

**୭ ଦିନରେ ସମାଧାନ ନହେଲେ ଆନ୍ଦୋଳନ ଚେତାବନୀ**

ଜନଆନ୍ଦୋଳନ କରାଯିବା ନେଇ ଦାବିପତ୍ରରେ ଉଲ୍ଲେଖ ରହିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ରାଜପୁର ଗାଁର ଏହି ମୁଖ୍ୟ ରାସ୍ତାଟି ଅପେକ୍ଷାକୃତ ସଙ୍କୀର୍ଣ୍ଣ। ହେଲେ ଏହି ରାସ୍ତା ଦେଇ ନିତିଦିନ ବହୁ ଭାରୀଯାନ ଦିନରାତି ଚଳାଚଳ କରୁଛି। ଏପରିକି ଏହିରାସ୍ତାଦେଇ ଏନଟିପିସି ଓ ତୁଲିଙ୍ଗା କୋଇଲା ଖଣିର ଭାରୀଯାନ ଚଳାଚଳ ସହିତ ବେଆଇନ ବାଲି ବୋଝେଇ ଟ୍ରକ ଚଳାଚଳ କରୁଛି। ପୂର୍ବରୁ ଅନେକ ଥର ଅଭିଯୋଗ କରାଯାଇଥିଲେ ସୁଦ୍ଧା ଦୁର୍ଭାଗ୍ୟବଶତଃ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଭାରୀଯାନ ନିମନ୍ତେ ଏକ ସ୍ୱତନ୍ତ୍ର 'ବାଇପାସ୍ ରାସ୍ତା' ନିର୍ମାଣ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ପ୍ରଶାସନ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆ ନଗଲେ ଗ୍ରାମବାସୀ ରାଜପଥ ଅବରୋଧ କରିବା ସହ ଏକ ବଡ ଧରଣର ଗଣଆନ୍ଦୋଳନକୁ ଓହ୍ଲାଇବେ ବୋଲି ରାଜପୁର ସରପଞ୍ଚ ଏବଂ ଗ୍ରାମବାସୀ ଦାବିପତ୍ରରେ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ସମିତି ସଭ୍ୟ ଗଣେଶରାମ ବାଗ, ରାଜୀବ ପାଟଯୋଶୀ, ନାଏବ ସରପଞ୍ଚ କୌଶଲ୍ୟା ଦେହୁରୀଙ୍କ ସମେତ ୱାର୍ଡ ମେମ୍ବର ଭଗବତୀ ମାଝୀ, ଦ୍ରୋପଦି ପ୍ରଧାନ ଓ ଅନୁ କିଷାନ ପ୍ରମୁଖ ଉପସ୍ଥିତ ଥିଲେ। ଦାବିପତ୍ରର ନକଲ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ଉପଜିଲ୍ଲାପାଳ ଏବଂ ସ୍ଥାନୀୟ ପୁଲିସ ପ୍ରଶାସନକୁ ମଧ୍ୟ ଅବଗତି ନିମନ୍ତେ ପ୍ରଦାନ କରାଯାଇଛି।

## ମାଟ୍ରିକ ପରୀକ୍ଷାର ପ୍ରଥମ ଦିନ

# ତରଭା ବ୍ଲକ୍‌ରେ ୧୧୮୭ ଜଣ ପରୀକ୍ଷା ଦେଲେ

ତରଭା,୧୯।୨(ସମିସ)

ରାଜ୍ୟରେ ମାଟ୍ରିକ ବୋର୍ଡ ପରୀକ୍ଷା ଗୁରୁବାର ଆରମ୍ଭ ହୋଇଛି। ଆଜି ପ୍ରଥମ ଦିନ ତରଭା ବ୍ଲକ୍‌ର ୭ଟି ପରୀକ୍ଷା କେନ୍ଦ୍ରରେ ମୋଟ ୧୧୮୭ଜଣ ଛାତ୍ରଛାତ୍ରୀ ମାତୃଭାଷା ଓଡ଼ିଆ ପରୀକ୍ଷା ଦେଇଛନ୍ତି। ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ପାଇଁ ମୋଟ ୧୨୦୯ ଜଣ ଫର୍ମ ଭରିଥିଲେ। ତନ୍ମଧ୍ୟରୁ ୨୨ ଜଣ ଅନୁପସ୍ଥିତ ରହିଥିଲେ। ବ୍ଲକ୍ ଅଧୀନ ଚାରଭଟା ହାଇସ୍କୁଲ କେନ୍ଦ୍ରରେ ୨୦୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୯୬ ଜଣ ପରୀକ୍ଷା ଦେଇଥିବା ବେଳେ ୫ ଜଣ ଅନୁପସ୍ଥିତ ଥିଲେ। ସେହିପରି କମସରା ନୋଡାଲ ହାଇସ୍କୁଲର ସମସ୍ତ ୧୭୪ ଜଣ ଓ ମେଣ୍ଡା ହାଇସ୍କୁଲର ୭୨ଜଣ ଏବଂ ଶିବତୁଲା ସତ୍ୟ ନାରାୟଣ ହାଇସ୍କୁଲର ସମସ୍ତ ୧୪୧ ଜଣ ପରୀକ୍ଷା ଦେଇଛନ୍ତି। ସରଗଜ ହାଇସ୍କୁଲରେ ୨୧୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୧୨ ଜଣ ପରୀକ୍ଷା ଦେଇଥିବା ବେଳେ ୫ ଜଣ ଅନୁପସ୍ଥିତ ଥିଲେ। ତରଭା ବାଳିକା ହାଇସ୍କୁଲରେ ୧୯୨ ଜଣ ପରୀକ୍ଷା ଦେଇ ୬ ଜଣ ଅନୁପସ୍ଥିତ ଥିଲେ। ତରଭା ପିଏମଶ୍ରୀ ସରକାରୀ ବାଳକ ହାଇସ୍କୁଲରେ ୨୦୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୦୦ ଜଣ ପରୀକ୍ଷା ଦେଇଥିଲେ। ବୋର୍ଡର ସେଣ୍ଟ୍ରାଲ ଅବଜର୍ଭର ଭାବେ ସୁରେନ୍ଦ୍ର ନାଥ ଭୂୟାଁ ଓ ନବୀନ ଦଣ୍ଡସେନା ରହିଥିଲେ। ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ଡ.ମୁରଲୀଧର ବିଶ୍ୱାଳ, ନୋଡାଲ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଭାବେ ସୁରଜ ସେଠୀ ଓ ଚିନ୍ମୟୀ ମିଶ୍ର, ନୋଡାଲ ଅବଜର୍ଭର ଭାବେ ସତ୍ୟନାରାୟଣ ମହାପାତ୍ର ଓ ସେଣ୍ଟର ଅବଜର୍ଭର ଭାବେ ଅମୀୟ ମହାନ୍ତି ଦାୟିତ୍ୱ ତୁଲାଉଥିବା ଜଣାଯାଇଛି।

## ୪ କେନ୍ଦ୍ରରେ ୪ ପରୀକ୍ଷାର୍ଥୀ ଅନୁପସ୍ଥିତ



ବୌଦ୍ଧ,୧୯।୨(ସମିସ): ବୌଦ୍ଧ ବ୍ଲକ୍ ଜହ୍ନାପଙ୍କସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ହୋଇଥିବା ମାଟ୍ରିକ୍ ପରୀକ୍ଷାରେ କେନ୍ଦ୍ରରେ ଜଗତି ହାଇସ୍କୁଲର ୩୩ ଜଣ ଓ ସଂଗ୍ରାମପୁର ହାଇସ୍କୁଲର ୩୧୨ ଜଣ ମୋଟ ୩୪୪ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିଲେ। ଉକ୍ତ କେନ୍ଦ୍ରରେ ପ୍ରମୋଦ ଖମାରୀ ସୁପରିଟେଣ୍ଡେଣ୍ଟ ଦାୟିତ୍ୱ ତୁଲାଇଥିଲେ।୨୩ ଜଣ ପରୀକ୍ଷକ ପରୀକ୍ଷା ଦାୟିତ୍ୱ ତୁଲାଇଥିଲେ। ତେଲିବନ୍ଧ ପରୀକ୍ଷା କେନ୍ଦ୍ରରେ ଜହ୍ନାପଙ୍କ ହାଇସ୍କୁଲର ୧୬୬ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ପୂର୍ଣ୍ଣଚନ୍ଦ୍ର ହାଇସ୍କୁଲର ୭୮ ଜଣ ମୋଟ ୧୭୬ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ସୌଦାମିନୀ ପ୍ରଧାନ ସୁପରିଟେଣ୍ଡେଣ୍ଟ ଓ ୧୮ ଜଣ ପରୀକ୍ଷକ ନିଯୁକ୍ତି ହୋଇଛନ୍ତି। ସଂଗ୍ରାମପୁର ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ମୁଣ୍ଡାପଡା ହାଇସ୍କୁଲର ୬୮ଜଣ ଓ ମୁଣ୍ଡିପଦର ହାଇସ୍କୁଲର ୧୦୮ ଜଣ ମୋଟ ୧୭୭ ପରୀକ୍ଷାର୍ଥୀ ଦେଉଛନ୍ତି। ମୁଣ୍ଡାପଡା ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ବହିରା ହାଇସ୍କୁଲର ୭୧ ଜଣ ଓ ତେଲିବନ୍ଧ ହାଇସ୍କୁଲର ୮୧ ଜଣ ପରୀକ୍ଷାର୍ଥି ମୋଟ ୧୫୨ ଜଣ ପରୀକ୍ଷା ଦେଉଛନ୍ତି।କୌଣସି କାରଣରୁ ପରୀକ୍ଷାରେ ଅନୁପସ୍ଥିତ ଥିବା କେନ୍ଦ୍ର ଅଧୀକ୍ଷକ ପ୍ରମୋଦ ଖମାରୀ ସୂଚନା ଦେଇଛନ୍ତି। ପରୀକ୍ଷାକୁ ଶାନ୍ତି ପୂର୍ଣ୍ଣ ଓ ସଠିକ୍ ଉପାୟରେ ପରିଚାଳନା ପାଇଁ ପ୍ରଧାନଶିକ୍ଷକ ଅରୁଣ ସାହୁ ସୁପରିଟେଣ୍ଡେଣ୍ଟ ଦାୟିତ୍ୱ ତୁଲାଇଥିଲେ।୧୩ ଜଣ ପରୀକ୍ଷକ ପରୀକ୍ଷା ହଲରେ ଓ ବାହାରେ ପୁଲିସ୍ ମୁତୟନ କରା ଯାଇଥିଲା।

## ମାତୃଭାଷା ଓଡ଼ିଆରୁ ପରୀକ୍ଷା ଆରମ୍ଭ


ବୌଦ୍ଧ,୧୯।୨(ସମିସ): ମାଧ୍ୟମିକ ଶିକ୍ଷାପରିଷଦ ଓଡ଼ିଶା ପକ୍ଷରୁ ଆୟୋଜିତ ମାଟ୍ରିକ ପରୀକ୍ଷା ବୌଦ୍ଧ ଜିଲ୍ଲାର ୩୩ଟି କେନ୍ଦ୍ରରେ ସୁଚାରୁରୂପେ ଗୁରୁବାର ଦିନ ମାତୃଭାଷା ଓଡିଆରୁ ଆରମ୍ଭ ହୋଇଛି। ମାଟ୍ରିକ ପରୀକ୍ଷା ଫେବୃୟାରୀ ୧୯ରୁ ମାର୍ଚ୍ଚ ୩ତାରିଖ ପର୍ଯ୍ୟନ୍ତ ଚାଲୁରହିବ।



ପ୍ରଥମ ଦିନରେ ପରୀକ୍ଷା ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳାବଦ୍ଧରେ ସମ୍ପନ୍ନ ହୋଇଥିବା ସୂଚନା ମିଳିଛି। ଜିଲ୍ଲାରେ ୩୩ଟି ସେଣ୍ଟରରେ ସମୁଦାୟ ୬୬୦୧ଜଣ ରେଗୁଲାର ଓ ୧୬ଜଣ ଏକ୍ସରେଗୁଲାର ବିଦ୍ୟାର୍ଥୀ ପରୀକ୍ଷା ଦେଇଥିବା ବେଳେ ଜିଲ୍ଲାର ହରଭଙ୍ଗା ବ୍ଲକ୍‌ରେ ୮ଟି ପରୀକ୍ଷା କେନ୍ଦ୍ରରେ ମୋଟ ୧୬୧୨ ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୧୬୧୧ ଜଣରେଗୁଲାର ଓ ୧ଜଣ ଏକ୍ସରେଗୁଲାର ହୋଇ ପରୀକ୍ଷା ଦେଇଛନ୍ତି। ଏହି ଆଠ ଗୋଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ ବାବା ବାଦ୍ୟନାଥ ନୋଡାଲ ହାଇସ୍କୁଲ ସରସରା ଠାରେ ୨୨୬ପରୀକ୍ଷାର୍ଥୀ,ୟୁଜି ହାଇସ୍କୁଲ ବାମଣ୍ଡାରେ ୧୮୨, ଗାଁପଞ୍ଚାୟତ ହାଇସ୍କୁଲ କୁସଙ୍ଗରେ ୧୬୦, ସରକାରୀ ବାଳିକା ହାଇସ୍କୁଲ ବଡବନ୍ଧରେ ୨୫୯ ଜଣ, ହରଭଙ୍ଗା ହାଇସ୍କୁଲରେ ୨୪୧ଜଣ, ଲାଲ ବହାଦୁର ବିଦ୍ୟାପୀଠ ତିଳେଶ୍ୱର ଠାରେ ୧୫୩, ପୁରୁଣାକଟକ ହାଇସ୍କୁଲରେରେଗୁଲାର ୨୨୨ଓ ଏକ୍ସରେଗୁଲାର ୧ଜଣ ସହିତ ସାଧୁ ଚରଣ ହାଇସ୍କୁଲ ବିରନରସିଂହ ପୁର ଠାରେ ୧୬୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଜଣା ପଡିଛି।ବ୍ଲକ୍‌ର ପ୍ରତ୍ୟେକ କେନ୍ଦ୍ରରେ ସିସିଟିଭି କ୍ୟାମେରା, ଫ୍ଲାଇଂ ସ୍କ୍ୱାଡ୍, ମ୍ୟାଜିଷ୍ଟ୍ରେଟ୍ ଓ ପୁଲିସ୍ ବ୍ୟବସ୍ଥା, ପାନୀୟ ଜଳରଖାଯାଇଛି। ପ୍ରଶ୍ନପତ୍ର ନିରାପଦ ଭାବେ ପହଞ୍ଚାଇବା ଓ ସମୟମାନ୍ୟ ଭାବେ ବଣ୍ଟନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶେଷ ବ୍ୟବସ୍ଥା ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କହିବା ଅନୁସାରେ, ନକଲରୋକିବାକୁ କଡା ନଜର ଓ ଶୂନ୍ୟ ସହନଶୀଳତା ନୀତି ଅନୁସରଣ କରାଯାଉଛି। ପରୀକ୍ଷାର୍ଥୀମାନେ ମଧ୍ୟ ଆତ୍ମବିଶ୍ୱାସ ସହିତ ପରୀକ୍ଷା ଦେଉଥିବା ଦେଖାଯାଇଛି।

## ● ଇଚ୍ଛାପୁର ଗାଁରେ ଅଗ୍ନିକାଣ୍ଡ

## ୬ ବଖରା ସହ ଆସବାବପତ୍ର ଜଳିଗଲା



ଜହ୍ନପଙ୍କ,୧୯।୨(ସମିସ): ବୌଦ୍ଧ ବ୍ଲକ୍ ଟିକରପଡା ପଞ୍ଚାୟତ ଇଚ୍ଛାପୁର ଗାଁରେ ସକାଳ ୧୦ ଟାରେ ଅଗ୍ନିକାଣ୍ଡ ଘଟି ୩ ପରିବାରର ୬ ବଖରା ପୋଡି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡ କାରଣ ଜଣାପଡି ନଥିବା ବେଳେ କୌଣସି କାରଣ ବଶତଃ ଇଚ୍ଛାପୁର ଗାଁର ସୁରେନ୍ଦ୍ର ଦୀପଙ୍କ ୨ ବଖରା, ପାଞ୍ଚାଳୀ ବେହେରାଙ୍କ ୨ ବଖରା ଓ ସାଇନ୍ତି ଦୀପଙ୍କ ୨ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ନିଆଁଟି ଏତେ ପ୍ରଖର ଥିଲାଯେ ଉକ୍ତ ତିନି ପରିବାରର ସମସ୍ତ ଗୃହ ପୋଡି ପାଉଁଶ ହୋଇଯାଇଥିଲା। ଖବରପାଇ ବୌଦ୍ଧ ଦମକଳ ବାହିନୀ ପହଁଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ଉଭୟ ପରିବାରର ସମସ୍ତ ଆସବାବପତ୍ର, ଧାନ, ଚାଉଳ, ଲଗାପଟା, ସହ ସମସ୍ତ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ଖବର ପାଇଲା ପରେ ଅତିରିକ୍ତ ତହସିଲଦାର ଏମ ଡିରସୁଲ, ବଘିଆପଡାରାଜସ୍ୱ ନିରୀକ୍ଷକ ଯଜ୍ଞାସ୍ୱାର ମଲ୍ଲିକ, ରାଜସ୍ୱ ସୁପରଭାଇଜର ହମିତ ମଲ୍ଲିକ ପହଞ୍ଚି ଉଭୟ ପରିବାରକୁ ଜରିପାଳ ପ୍ରଦାନ କରିଥିବା ବେଳେ।ୟକ୍ଷେତି ଆକଳନ କରିଥିବା ଜଣାପଡିଛି। ଉଭୟ ତିନି ପରିବାର ଗରିବ ହୋଇଥିବାରୁ ତାଙ୍କୁ ତୁରନ୍ତ ଇନ୍ଦିରାଆବାସ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ବୀରମହାରାଜପୁର,୧୯।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ଅଧୀନ ଯାଲୋଏ ଘିକୁଣ୍ଡି ନିକଟରେ ବାଇକ୍ ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି ଏବଂ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ଜଣକ ଉଲୁଣ୍ଡା ବ୍ଲକ୍ କାଦୋବର୍ ପଞ୍ଚାୟତ ଅଧୀନ ଗରଗଡ ବାହାଲ ଗାଁର ସୁଦନ ଜଗତ (୨୩) ଓ ଆହତ ଜଣକ ସେହି ଗାଁର ପପୁନ ଛତ୍ରିଆ (୧୫) ବୋଲି ଜଣାପଡ଼ିଛି। ସୁଦନ ତାଙ୍କର ଦୋକାନ ସାମଗ୍ରୀ କିଣିବା ପାଇଁ ବାଇକରେ ଗାଁର ପପୁନଙ୍କ ସହିତ ଯାଲୋଏ ଗାଁକୁ ଆସୁଥିଲେ। ଯାଲୋଏ କୋଟସମଲାଇ ରାସ୍ତାର ଘିକୁଣ୍ଡି ଛକ ନିକଟରେ ବାଇକ୍ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ପିଲରରେ ପିଟିହୋଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଫଳରେ ୭ଟି ସିମେଣ୍ଟ ପିଲର ଭାଙ୍ଗି ରାସ୍ତା କଡ ଗଛରେ ବାଇକ୍ ପିଟି ହୋଇଯାଇଥିଲା। ଏଥିରେ ବାଇକ୍ ଆରୋହୀ ଦ୍ୱୟ ଛିଟିକି ପଡି ଚେତାଶୂନ୍ୟ ହୋଇଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ ତୁରନ୍ତ ସୁବର୍ଣ୍ଣପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ସୁଦନଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ବୀରମହାରାଜପୁର ଥାନାରେ ପୁଲିସ ଏକ ମାମଲା ରୁଜୁ କରିଛି। ଆଜି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ସ୍କୁଟି ସହ ମଦ ଜବତ, ୨ ଗିରଫ

ଡୁଙ୍ଗୁରିପାଲି,୧୯।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ରାମପୁର ଥାନା ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ପୃଥକ ପୃଥକ ସ୍ଥାନରୁ ସ୍କୁଟି ସହ ୫୦ ଲିଟର ଚୋରା ଦେଶୀ ଖୋଲା ମହୁଲି ମଦ ଜବତ କରି ୨ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ମାନେ ହେଲେ ପଣ୍ଡିକିଟାଲ ଗାଁ କେନାଲ ପଡାର ବିକ୍ରମ ବାଗ ଓ ପଦ୍ମଲୋଚନ ଜଗତ। ରାମପୁର ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ସନ୍ଦେହ ହେବାରୁ ବିକ୍ରମକୁ ଅଟକାଇଥିଲେ। ତାଙ୍କ ସ୍କୁଟି ଯାଞ୍ଚ କଲାରୁ ୩୦ ଲିଟର ଚୋରା ଦେଶୀ ମହୁଲି ମଦ ରହିଥିବା ଜଣା ପଡ଼ିଥିଲା। ପୁଲିସ ମଦକୁ ଜବତ କରିବା ସହ ବିକ୍ରମକୁ ଥାନାରେ ଅଟକ ରଖିଥିଲା। ସେହିପରି କେନାଲ ପଡାରେ ପାଟ୍ରୋଲିଂ ବେଳେ ପଦ୍ମଲୋଚନ ଠାରୁ ୨୦ ଲିଟର ଚୋରା ଦେଶୀ ମଦ ଜବତ ହୋଇଥିଲା। ପୁଲିସ ପଦ୍ମଲୋଚନକୁ ଥାନାକୁ ଆଣି ଅଟକ ରଖିଥିଲା। ଏଥିରେ ରାମପୁର ଥାନା ପୁଲିସ ଏକ ମାମଲା ରୁଜୁ କରି ଉଭୟ ବିକ୍ରମ ଓ ପଦ୍ମଲୋଚନକୁ କୋର୍ଟ ଚାଲାଣ କରିଛି। ଜାମିନ ନା ମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଯାଇଥିବା ଥାନା ଅଧିକାରୀ ଡୋଲାମଣୀ ନାଏକ ପ୍ରକାଶ କରିଛନ୍ତି।

## 'ଜିନିଅସ୍ ବୁକ୍ ଅଫ୍ ରେକର୍ଡ୍ସ'ରେ ସୋନପୁରର ଆଶି




ତରଭା,୧୯।୨(ସମିସ): ସୋନପୁର ଜିଲ୍ଲା ତରଭା ବ୍ଲକ୍ ଅଧୀନ କମସରା ଗାଁ ୮ ବର୍ଷିୟ ମେଧାବୀ ଛାତ୍ରୀ ଆଶି ସାମନ୍ତରା ତାଙ୍କ ଅସାଧାରଣ ସ୍ମରଣ ଶକ୍ତି ଓ ବହୁଦିଗର ଦକ୍ଷତା ଦ୍ୱାରା 'ଇଣ୍ଡିଆ ବୁକ ଅଫ୍ ରେକର୍ଡ୍ସ', 'ରାଷ୍ଟ୍ରୀୟ ଗୌରବ ପୁରସ୍କାର'ରେ ସ୍ଥାନ ଅର୍ଜନ କରି ଅଞ୍ଚଳକୁ ଗର୍ବିତ କରିଛନ୍ତି। ପ୍ରମୋଦ ସାମନ୍ତରା ଓ ପ୍ରତିମା ହୋତାଙ୍କ ଝିଅ ଆଶି, କମସରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ତୃତୀୟ ଶ୍ରେଣୀର ଛାତ୍ରୀ। ପାଠବହି ନ ଦେଖି ନିର୍ଭୁଲ ଭାବେ ପଢ଼ିପାରିବା ଦକ୍ଷତା ଦେଖାଇ ସ୍କୁଲ ଶିକ୍ଷକ ଓ ଅଭିଭାବକଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛନ୍ତି। ଆଶି ଚୂଡାଖାଇ ଡଙ୍ଗର ଲୋକ ମହୋତ୍ସବରେ ହଜାର ହଜାର ଲୋକଙ୍କ ସମ୍ମୁଖରେ ଭାଷଣ ଦେଇ ଲୋକଙ୍କୁ ପ୍ରଭାବିତ କରିଥିଲେ। ଆଶିଙ୍କ ବାପା ଫେବୃଆରୀ ୬ରେ 'ଜିନିଅସ୍ ବୁକ ଅଫ୍ ରେକର୍ଡ୍ସ' ପାଇଁ ଅନଲାଇନ ପଞ୍ଜୀକରଣ କରିଥିଲେ। ପରେ ଆଶି ଏକ ଅନଲାଇନ ପରୀକ୍ଷା ଦେଇଥିଲେ। ଏଥିରେ ସଫଳତା ପାଇ ଫେବୃଆରୀ ୧୬ରେ ସେ ଏହି ମହତ୍ତ୍ୱପୂର୍ଣ୍ଣ ମାନ୍ୟତା ଅର୍ଜନ କରିଛନ୍ତି। ନୃତ୍ୟ, ଭାଷଣ ଓ ବହୁମୁଖୀ ଦକ୍ଷତାରେ ଅଗ୍ରଣୀ ଆଶି କେବଳ ପାଠ ସହିତ ଇଂରାଜୀ ଭାଷଣ, ନୃତ୍ୟ ଓ କଳାରେ ମଧ୍ୟ ସାମର୍ଥ୍ୟ ଦେଖାଇଛନ୍ତି। ଏହି ପୁରସ୍କାର ପୂର୍ବରୁ ଆଶି 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ', 'କଳ୍କି ଗୌରବ ପୁରସ୍କାର', 'ଭାରତ ପ୍ରତିଭା ପୁରସ୍କାର', ଭିଜିଓନାରୀ ଆୱାର୍ଡ, ମହାତ୍ମା ଗାନ୍ଧୀ ପ୍ରେଷ୍ଟିଜିଅସ୍ ଦ ୟର ଆୱାର୍ଡ୍, ରାଷ୍ଟ୍ରୀୟ ପ୍ରତିଷ୍ଠା ପୁରସ୍କାର, ଗ୍ଲୋବାଲ ଆଚିଭର୍ସ ଅଫ୍ ଇଣ୍ଡିଆ ସାର୍ଟିଫିକେଟ ଅଫ୍ ଅନର୍, ରବୀନ୍ଦ୍ର ନାଥ ଠାକୁର ସମ୍ମାନ, ସୁବାଷ ଚନ୍ଦ୍ର ବୋଷ ଆଇକନ୍ ଆୱାର୍ଡ୍, ୱାର୍ଲ୍ଡ ସ୍କିଲ ବୁକ୍ ଅଫ୍ ରେକର୍ଡ, ପ୍ରଦେଶୀ ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡ୍ସ, ଛତ୍ରପତି ଶିବାଜୀ ମହାରାଜ ବ୍ରେଭରୀ ଆୱାର୍ଡ, ବିଉଟି ୱିଥ୍ ବ୍ରେନ ଆୱାର୍ଡ୍, ଡ.ବିଆର୍ ଆମ୍ବେଦକର ନ୍ୟାସନାଲ ଆୱାର୍ଡ, ଡ.ଏପିଜେ.ଅବ୍ଦୁଲ କଲାମ ନ୍ୟାସନାଲ ଆୱାର୍ଡ, ସ୍ୱାମୀ ବିବେକାନନ୍ଦ ନ୍ୟାସନାଲ ସ୍ପିରିଟ ଆୱାର୍ଡ ୨୦୨୬, ଭାରତ ଗୌରବ ପ୍ରେରଣା ସମ୍ମାନ ୨୦୨୬ ଭଳି ଅନେକ ମାନ୍ୟତା ଓ ସମ୍ମାନ ପାଇଛନ୍ତି। ଆଶିଙ୍କ ଏହି ବିଶ୍ୱସ୍ତରୀୟ ସଫଳତା ପରେ ତାଙ୍କ ପିତା, ମାତା, ଶିକ୍ଷକ, ଗୁରୁଜନ, ବନ୍ଧୁ ବାନ୍ଧବ ଓ ଗ୍ରାମବାସୀ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

## ଲୁଚିଲେ ବିଡିଓ; ଏବିଡିଓଙ୍କୁ ମଧୁବର୍ଣ୍ଣବୋଧ ପୁସ୍ତକ ଦେଲା ବିଜେଡି

ବୌଦ୍ଧ,୧୯।୨(ସମିସ): ଓଡିଆ ଭାଷାର ବାରମ୍ବାର ତ୍ରୁଟିପୂର୍ଣ୍ଣ ବ୍ୟବହାର ହରଭଙ୍ଗା ବ୍ଲକ୍ କର୍ତ୍ତୃପକ୍ଷ କରୁଥିବାରୁ



ଏହାର ପ୍ରତିବାଦରେ ହରଭଙ୍ଗା ବ୍ଲକ୍ ବିଜୁ ଜନତାଦଳ ସଭାପତି ପଙ୍କଜ ସାହୁଙ୍କ ନେତୃତ୍ୱରେ ବୁଧବାର ବିଜେଡି ପ୍ରତିନିଧି ଦଳ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ବେଳେ ବିଡିଓ ହରଭଙ୍ଗା ଲୁଚିଥିଲେ। ଏଭଳିକି ଏବିଡିଓ ମଧ୍ୟ ଅନୁପସ୍ଥିତ ଥିଲେ ପରେ ଜିପିଡିଓ ଯତୀନ ମିଶ୍ର ଆକାଉଣ୍ଟସ ଅଧିକାରୀ ଜନାର୍ଦ୍ଦନ ତ୍ରିପାଠୀଙ୍କ ପ୍ରତିଶ୍ରୁତି ମୁତାବକ ଗୁରୁବାର ଦିନ ୧୦ଟା ବେଳେ ବିଜୁ ଜନତାଦଳର ପ୍ରତିନିଧି ମଣ୍ଡଳ ବ୍ଲକ୍‌କୁ ଆସିଲା ବେଳକୁ ବିଡିଓ ଆଜିମଧ୍ୟ ଅନୁପସ୍ଥିତ ଥିବା ପାରିଲକ୍ଷିତ କରାଯାଇଥିଲା।ତାଙ୍କ ଅନୁପସ୍ଥିତିରେ ଏବିଡିଓ ସତ୍ୟବ୍ରତ ସାହୁଙ୍କୁ ବିଜୁ ଜନତାଦଳ ବ୍ଲକ୍ ସଭାପତି ପଙ୍କଜ ସାହୁ, ବରିଷ୍ଠ ଆଇନଜୀବୀରବିଚନ୍ଦ୍ର ପ୍ରଧାନ ସଞ୍ଜୟ ଦେହୁରୀ ପ୍ରମୁଖ ଦାବିପତ୍ର ସହ ଏକ ଛବିଳ ମଧୁ ବର୍ଣ୍ଣବୋଧ ବହି ପ୍ରଦାନ କରି ଭବିଷ୍ୟତରେ ଏଭଳି ତ୍ରୁଟି ନକରିବା ପାଇଁ ଚେତାବନୀ ଦେଇଥିଲେ।

## ପୁଲିସ ଅଧିକାରୀସ୍ତରରେ ଅଦଳବଦଳ

ଶଗଡ଼ା,୧୯ ।୨(ସମିସ): ବୌଦ୍ଧ ଜିଲ୍ଲା ପୁଲିସ ଅଧିକାରୀ ସ୍ତରରେ ଅଦଳବଦଳ କରାଯାଇଛି। ଜିଲ୍ଲା ପୁଲିସ ମୁଖ୍ୟାଳୟରୁ ଆଜି ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଶଗଡା ଫାଣ୍ଡି ଅଧିକାରୀ ଇନ୍ସପେକ୍ଟର ମହେନ୍ଦ୍ର ବେହେରାଙ୍କୁ ଜିଲ୍ଲା ବାଉଁଶୁଣି ଥାନା ଅଧିକାରୀ ଭାବରେ ବଦଳି କରାଯାଇଥିବା ବେଳେ ବାଉଁଶୁଣି ଥାନାରେ କାର୍ଯ୍ୟରତ ସବ ଇନ୍ସପେକ୍ଟର କାଜଲ ବାଘକୁ ମନମୁଣ୍ଡା ଥାନାକୁ ବଦଳି କରାଯାଇଛି।

## ନାଏକପଡାର ସରକାରୀ ଜମି ଜବରଦଖଲ ଉଚ୍ଛେଦ ଦାବି



ବୌଦ୍ଧ,୧୯।୨(ସମିସ):ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ବାମଣ୍ଡା ପଞ୍ଚାୟତ ନାଏକପଡା ଗାଁରେ ଗୋଚର, ଅନାବାଦୀ, ପତିତ, ଜଳାଶୟ, ବଗାୟତ, ଶ୍ମଶାନ, ଗ୍ରାମ୍ୟ ଜଙ୍ଗଲ ଇତ୍ୟାଦି ମୋଟ ୯୭.୪୭ ଏକର ଜମି ଥିବାବେଳେ ଗାଁର କିଛି ପ୍ରଭାବଶାଳି ବ୍ୟକ୍ତି ଜବରଦଖଲ କରି ଚାଷ କରୁଛନ୍ତି। ଏହାକୁ ପ୍ରତିବାଦ କରି ଗାଁର ପୂର୍ବତନ ଗ୍ରାମ୍ୟ କମିଟି ସଦସ୍ୟ ଭାଗବତ ପ୍ରଧାନଙ୍କ ନେତୃତ୍ୱରେ ପ୍ରଥମେ ଜିଲ୍ଲାପାଳ, ତାପରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କଲାପରେ ମଧ୍ୟ କେବଳ ଆର ଆଇଙ୍କ ତଦନ୍ତରିପୋର୍ଟ ପ୍ରକାରେ ତହସିଲଦାର ଲେଖିକି ନିରବଦ୍ରଷ୍ଟା ସାଜିବାରୁ ଗତକାଲି ଜିଲ୍ଲାପାଳଙ୍କୁ ଚାରିଜଣିଆ ପ୍ରତିନିଧି ଦଳ ଭେଟି ସାତ ଦିନ ଭିତରେ ଜବରଦଖଲ ଉଚ୍ଛେଦ ନ କଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନଶନ କରିବା ପାଇଁ ଚେତାବନୀ ଦେଇଛନ୍ତି।

## ନୂତନ ବିଡିଓଙ୍କୁ ଏସ୍‌ସି କଲ୍ୟାଣ ସଂଘ ପକ୍ଷରୁ ସମ୍ବର୍ଦ୍ଧନା

ଡୁଙ୍ଗୁରିପାଲି,୧୯।୨(ସମିସ): ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍‌ର ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ସଞ୍ଜିବ ସାହୁଙ୍କୁ ଡୁଙ୍ଗୁରିପାଲି ବ୍ଲକ୍ ଏସ୍‌ସି କଲ୍ୟାଣ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସୌଜନ୍ୟମୂଳକ ସାକ୍ଷାତକାର ସମୟରେ ନୂତନ ବିଡିଓଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏସ୍‌ସି କଲ୍ୟାଣ ସଂଘର ସଭାପତି ସୁରୁବାବୁ ନନ୍ଦଙ୍କ ନେତୃତ୍ୱରେ ସଂଘର ସଦସ୍ୟମାନେ ବିଡିଓ ଶ୍ରୀ ସାହୁଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ଏହି ଅବସରରେ କୃଷ୍ଣ ଚନ୍ଦ୍ର ବାଗ, ଭୀମ ଆର୍ମି ଜୟଭୀମ ସଙ୍ଗଠନର ରାଜ୍ୟ ସଭାପତି ଅଚ୍ୟୁତ କୁମ୍ଭାର, ପ୍ରକାଶ କୁମ୍ଭାର, ରାଜକିଶୋର ତାଣ୍ଡି, ସାନନ୍ଦ ତାଣ୍ଡି ପ୍ରମୁଖ ଉପସ୍ଥିତ ହୋଇ ସ୍ୱାଗତ ଓ ସମ୍ବର୍ଦ୍ଧନା ଦେଇଥିଲେ।

## ପାରାମେଡିକାଲ କର୍ମଚାରୀଙ୍କ ଦରମା ବୃଦ୍ଧି ଦାବି

ବୌଦ୍ଧ,୧୯।୨(ସମିସ): ଦରମା ବୃଦ୍ଧି ଦାବି ନେଇ ଜିଲ୍ଲାର ସମସ୍ତ ପାରା ମେଡିକାଲ କର୍ମଚାରୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅଲ୍ ଓଡ଼ିଶା ପାରା ମେଡିକାଲ କର୍ମଚାରୀ ସଙ୍ଘର ବୌଦ୍ଧ ଜିଲ୍ଲା ଶାଖାର ସଦସ୍ୟ ଓ ସଦସ୍ୟା ପ୍ରଭୁଦତ୍ତ ପୁରୋହିତ, କିଶୋର ମେହେର, ସରିତା ନାଏକ, ସ୍ୱର୍ଣ୍ଣଖିନୀ ତ୍ରିପାଠୀ, ରିନି ଆଚାର୍ଯ୍ୟ, ସୋନାଲିକା ଗାଇଗରିଆ, ନର୍ମଦା ନାୟକ, ବୀଣାପାଣି ଭୋଇ ଏଥିରେ ସାମିଲ ହୋଇଥିଲେ।




ସ୍ମାରକପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ଯେ ଦୀର୍ଘ ୨୦ବର୍ଷ ହେବ ଅତି କମ୍ ଦରମାରେ ସରକାରଙ୍କ ବିଭିନ୍ନ ଯୋଜନା (ଏମ୍ଏଚ୍‌ଟି,ଏମ୍ଆଚ୍ୟୁ ଆର୍‌ବିଏସକେ) ମାଧ୍ୟମରେ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି। ସରକାର ଏ ବିଷୟରେ ବିଚାର କରି ଏକା ସାଙ୍ଗରେ କାମ କରୁଥିବା ତଥା ସମାନ ସ୍ୱାସ୍ଥ୍ୟସେବାରେ ନିୟୋଜିତ ଥିବା ଆୟୁଷ ଡାକ୍ତରମାନଙ୍କ ଦରମା ବୃଦ୍ଧି କରିଛନ୍ତି। କିନ୍ତୁ ଏଏନ୍ଏମ୍ ଓ ଫାର୍ମାସିଷ୍ଟଙ୍କ ଦରମା ବୃଦ୍ଧି କରାଯାଇନାହିଁ।ସମାନ କାମକୁ ସମାନ ଦରମା ଅସ୍ଥାୟୀ ଚାକିରିକୁ ନିୟମିତ କରାଯିବା,ଚାକିରି ସ୍ଥାନରେ ସୁରକ୍ଷା ପ୍ରଦାନ, ନିୟମିତ ପଦୋନ୍ନତିର ବ୍ୟବସ୍ଥା, ମାହାଙ୍ଗାଭତ୍ତା, ଘରଭଡା ଇତ୍ୟାଦି ବିଷୟରେ ସରକାରଙ୍କୁ ଅନୁରୋଧ କରିଛନ୍ତି।

## ଅଟୋ ସହ ୧୮ କେଜି ଗଞ୍ଜେଇ ଜବତ



ବୌଦ୍ଧ,୧୯।୨(ସମିସ): ବୌଦ୍ଧ ଥାନାରୋହିଣୀ ପଦର ଛକରୁ ଅଟୋ ସହ ୧୮ କେଜି ଗଞ୍ଜେଇ ଜବତ ମାମଲାର ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି ଅବକାରୀ ମୋବାଇଲ୍ ସ୍କ୍ୱାଡ। ମିଳିଥିବା ସୂଚନା ଅନୁଯାୟୀ ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡିଙ୍କ ନିର୍ଦ୍ଦେଶ ଓରେଞ୍ଜ ଇନ୍ସପେକ୍ଟର ଦିଲ୍ଲୀପ ଶତପଥୀଙ୍କ ତତ୍ତ୍ୱାବଧାନରେ ଟିକର ପଡା ପଞ୍ଚାୟତ ଅଞ୍ଚଳରେ ମୋବାଇଲ୍ ସ୍କ୍ୱାଡର ପେଟ୍ରୋଲିଂ ଚାଲିଥିଲା। ଉକ୍ତ ସମୟରେ ଆସୁଥିବା ଏକ ଅଟୋକୁ ସନ୍ଦେହ କରି ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା। ସମସ୍ତ ଗଞ୍ଜେଇକୁ ଓଜନ କରାଯିବାରୁ ତାହା ୧୮ କେଜି ହୋଇଥିଲା ଓ ଅଟୋ ଚାଳକ ଟିକରପ?ା ପଞ୍ଚାୟତ ଗୁଡ ବାହାଲି ଗାଁର ସୁଜିତ ମହାନନ୍ଦିଆଙ୍କୁ ଗିରଫ କରା ଯାଇଥିଲା। ଆଜି ସନ୍ଧ୍ୟାରେ ଅଭିଜୁକ୍ତକୁ କୋର୍ଟ ଚାଲାଣ କରିଛି ଅବକାରୀ ମୋବାଇଲ୍ ସ୍କ୍ୱାଡ। ଚଢ଼ାଉରେ ଅବକାରୀ ମୋବାଇଲ୍ ସ୍କ୍ୱାଡ ସବ୍ ଇନ୍ସପେକ୍ଟର ସତ୍ୟ ନାରାୟଣ ପ୍ରଧାନ, କନେଷ୍ଟବଳ ପ୍ରଫୁଲ୍ଲ ଭୋକ୍ତା ଓ ସତ୍ୟ ନନ୍ଦନ ମୁଖୀ ସାମିଲ୍ ହୋଇଥିଲେ।

## ଢାବାରୁ ମଦ ଜବତ, ଜଣେ ଗିରଫ



ବୌଦ୍ଧ,୧୯।୨(ସମିସ): କଣ୍ଟାମାଳ ଥାନା ପକ୍ଷରୁରୁଣ୍ଡି ମହୁଲ ଢ଼ାବାରେ ଚଢ଼ାଉ କରି ବିପୁଳ ମଦ ଜବତ କରିଥିବା ବେଳେ ଜଣକୁ ଗିରଫ କରିଛି। ପୁଲିସ ବେଆଇନ ମଦ ବିକ୍ରି ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇରୁଣ୍ଡି ମହୁଲ ଏଙ୍ଗେଲ ଢ଼ାବାରେ ଚଢ଼ାଉ କରି ୯:୪୫ ଲିଟର ବିଦେଶୀ ମଦ ଜବତ କରିଥିବା ବେଳେ ଟୁକୁନ ଘିବିଲା (୪୫)କୁ ଗିରଫ କରିଛି। ଏ ସକ୍ରାନ୍ତରେ କଣ୍ଟାମାଳ ଥାନାରେ ଏକ ମାମଲାରୁଜୁ କରି ଟୁକୁନକୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ବାଲ୍ୟବିବାହ ଉପରେ ଆଇନ ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ,୧୯।୨(ସମିସ)



ଜିଲ୍ଲା ଆଇନସେବା ପ୍ରାଧିକରଣ, ବୌଦ୍ଧ ଅଫିସ ଦ୍ୱାରା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଲ୍ୟବିବାହ ଦୂର କରିବା ପାଇଁ ନାଲସା ଆଶା (ସଚେତନତା, ସମର୍ଥନ, ସାହାଯ୍ୟ ଏବଂ କାର୍ଯ୍ୟ) ଏସ ଓ ପି ୨୦୨୫ ଯୋଜନା ଏବଂ ନାଲସା (ଜାଗୃତି) ତୃଣମୂଳସ୍ତରର ସୂଚନା ଏବଂ ସ୍ୱଚ୍ଛତା ପଦକ୍ଷେପ ପାଇଁ ନ୍ୟାୟ ସଚେତନତା) ଯୋଜନା, ୨୦୨୫ ଉପରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି। କାର୍ଯ୍ୟକ୍ରମ ଜିଲ୍ଲା ଆଇନସେବା ପ୍ରାଧିକରଣ, ବୌଦ୍ଧର ଅଧକ୍ଷ ପ୍ରତାପ ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ହୋଇଯାଇଥିଲା। କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନସେବା ପ୍ରାଧୁକରଣର ସଚିବ ଶ୍ରଦ୍ଧାଞ୍ଜଳିରାୟ ପରିଚାଳନା କରିଥିଲେ। କନକ ମାଝି, ପୁଲିସ ଉପସୁପରିଟେଣ୍ଡେଣ୍ଟ, ସନ୍ତୋଷିନି ଭୋଇ, ମହିଳା ସୁରକ୍ଷା ଅଧିକାରୀ, ସୁଶାନ୍ତ ଭୋଇ, ଶିଶୁ ସୁରକ୍ଷା ଅଧିକାରୀ ଏବଂ ରବିନ୍ଦ୍ରନାଥ ଗୁରୁ, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବୌଦ୍ଧର ଅଧକ୍ଷ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀମାନେ ଉପସ୍ଥିତ ଥିଲେ। ସେମାନଙ୍କୁ ବାଲ୍ୟ ବିବାହ କିପରି ରୋକାଯାଇ ପାରିବ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ସହଯୋଗ କରିଥିଲେ।

### ବନ୍ୟା ଆଶ୍ରୟସ୍ଥଳୀରେ ଗଢ଼ା ହେଉଥିଲେ ଦେଶର ଭବିଷ୍ୟତ

# ନିଜସ୍ୱ ଶ୍ରେଣୀଗୃହକୁ ଫେରିବା ପାଇଁ ଲାଗିଲା ୮ ବର୍ଷ

**କଲମପୁର, ୧୯ ।୨(ସମିସ)**

କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଦେପୁର ପଞ୍ଚାୟତ ବାଲିଛଡା ଗ୍ରାମ ବନ୍ୟା ପ୍ଲାବିତ ଅଞ୍ଚଳ ଭାବେ ପରିଚିତ। ଏଥିପାଇଁ ବିଜେଡି ସରକାର ସେଠାରେ ଏକ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିଛନ୍ତି। କାଳକ୍ରମେ ସେହି ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ ଭଗ୍ନ ଅବସ୍ଥାକୁ ଚାଲିଆସିଥିଲା। ଆସନ୍ନ ବିପଦକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ସ୍ଥାନାନ୍ତର ଲାଗି ନିଷ୍ପତ୍ତି ନିଆଗଲା। ସେହି ଗ୍ରାମରେ ତଥା ନିକଟବର୍ତ୍ତୀ ସ୍ଥାନରେ ଅସ୍ଥାୟୀ ଭାବେ ବିଦ୍ୟାଳୟ ପରିଚାଳନା ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ବାଧ୍ୟ ହୋଇ ବିଦ୍ୟାଳୟକୁ ବନ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଗଲା। ଏହି ବିଦ୍ୟାଳୟ ୨୦୧୮ ମସିହାରେ ବନ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବା ପରେ ଏହାର ସମାଧାନ ଲାଗି ଯେତେ ଚେଷ୍ଟା କଲେ ମଧ୍ୟ ସମାଧାନ ହୋଇପାରୁ ନ ଥିଲା। ପ୍ରମୁଖ କାରଣ ଥିଲା ସରକାରୀ ଜମିର ଅଭାବ, ଯେଉଁଠାରେ ଏହି ପୁରାତନ ବିଦ୍ୟାଳୟ ସ୍ଥାପିତ ହୋଇଥିଲା ସେପାଖରେ ଆବଶ୍ୟକ ପରିମାଣର ଜମି ନ ଥିଲା, ତତ୍କାଳୀନ ଧର୍ମଗଡ଼ ବିଧାୟକ ପୁଷ୍ପେନ୍ଦ୍ର ସିଂହଦେଓ ଏଥିପାଇଁ ପାଣ୍ଠି ଯୋଗାଇ ଦେଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଆଗେଇ ପାରୁନଥିଲା। ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ ମହଲରେ



ବିଭିନ୍ନ ସମୟରେ ଏହି ପ୍ରସଙ୍ଗ ଉଠାଇ ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ମାନଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ। କଲମପୁର ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସୁଶ୍ରୀ ମଧୁସ୍ମିତା ନାଏକ ମଧ୍ୟ ବିଭିନ୍ନ ସମୟରେ ସମିତି ବୈଠକରେ ଏ ବିଷୟ ନେଇ ପ୍ରସ୍ତାବ ଆଗତ କରି ଆସୁଥିଲେ। ସେପଟେ ବନ୍ୟା ଆଶ୍ରୟସ୍ଥଳୀରେ ହିଁ ବିଦ୍ୟାଳୟ ଖୋଲି ଦେଶର ଭବିଷ୍ୟତ ଗଢା ଚାଲିଥାଏ। ଅନେକ ପ୍ରଚେଷ୍ଟା ପରେ ପୁରାତନ ବିଦ୍ୟାଳୟ ଜମିରେ ହିଁ ନୂତନ ବିଦ୍ୟାଳୟ କୋଠା ନିର୍ମିତ ହେଲା। କଲମପୁର ବିଡ଼ିଓ ବିଜୟ ମାଣ୍ଡାଙ୍ଗି ଏଦିଗରେ ଆଗ୍ରହ ପ୍ରକାଶ କରି ନିର୍ମାଣ ସ୍ଥଳ ଗସ୍ତ କରି ତଦାରଖ କରିଥିଲେ। ବିଦ୍ୟାଳୟ ନିର୍ମାଣ ଶେଷରେ ସମ୍ପୂର୍ଣ୍ଣ ହୋଇଥିଲା। ଦୀର୍ଘ ଆଠବର୍ଷ ପରେ ନିଜସ୍ୱ ଶ୍ରେଣୀଗୃହକୁ ଫେରି ଆସିଲେ ଛାତ୍ରଛାତ୍ରୀ। ହାତୀ ନଦୀ କୂଳରେ ବସତି ସ୍ଥାପିତ ହୋଇଛି ବାଲିଛଡା ଗ୍ରାମ, ନଇ କୂଳେ କୂଳେ ରାସ୍ତା ଓ ରାସ୍ତାକୁ ଲାଗି ଜନ ବସତି ଗଢିଉଠିଛି। ଏହି ନବ ନିର୍ମିତ ବିଦ୍ୟାଳୟ ମଧ୍ୟ ସେପରି ସ୍ଥାନରେ ନିର୍ମାଣ ହୋଇଛି।ଏଥିଯୋଗୁଁ ପାଦେ ପାଦେ ବିପଦ ଥିବାରୁ ଶିକ୍ଷକ ମାନେ ଚିନ୍ତିତ ହୋଇ ପଡ଼ିଛନ୍ତି। ଏଥିପାଇଁ ବିଦ୍ୟାଳୟର ପାଚେରୀ ଓ ରୋଷେଇ ଘର ନିର୍ମାଣ ପାଇଁ ଦାବି ହୋଇଛି।ଏନେଇ କଲମପୁର ବିଜେପିର ମଣ୍ଡଳ ସଭାପତି ହିତେଶ ରଞ୍ଜନ ପାତ୍ର କୁହନ୍ତି ଏ ସମ୍ପର୍କରେ ଆମେ ଧର୍ମଗଡ଼ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଷୀଙ୍କ ଦୃଷ୍ଟି ଆକର୍ଷଣ କରିଛୁ। ବିଧାୟକ ଏ ବିଷୟରେ ଅବଗତ ଅଛନ୍ତି ଓ ଖୁବଶୀଘ୍ର ପାଣି ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିବା କହିଛନ୍ତି। ଦୀର୍ଘଦିନର ସଂଘର୍ଷ ଓ ପ୍ରତିକ୍ଷା ପରେ ଛାତ୍ରଛାତ୍ରୀ ନିଜସ୍ୱ ଶ୍ରେଣୀ ଗୃହକୁ ଫେରି ଉତଫୁଲ୍ଲିତ ହୋଇଛନ୍ତି। ଅନ୍ୟପକ୍ଷେ ଏହି ବିଦ୍ୟାଳୟ ପାଇଁ ରାଜସ୍ୱ ବିଭାଗ ୯ ଡିସିମିଲ ଜମି ଯୋଗାଇ ଦେଇଛି। କିଛି ଲୋକ ଏହି ଜାଗାକୁ ଜବରଦଖଲ କରିଥିବାରୁ ବିଦ୍ୟାଳୟ ପାଇଁ ସ୍ଥାନର ଅଭାବ ଦେଖା ଦେଇଛି।ଏହି ବିଦ୍ୟାଳୟ ଜମିର ଜବରଦଖଲ ଉଚ୍ଛେଦ ପାଇଁ ଗ୍ରାମବାସୀ ଦାବି କରିଥିବା ବେଳେ ଏନେଇ ରାଜସ୍ୱ ବିଭାଗକୁ ପତ୍ର ପ୍ରେରଣ ହୋଇଥିବା ବ୍ଲକ ପ୍ରଶାସନ ଠାରୁ ସୂଚନା ମିଳିଛି।

# ପ୍ଲାଷ୍ଟିକ ମୁକ୍ତ ପଞ୍ଚାୟତ ଗଢିବାକୁ ଦୃଢ଼ ସଙ୍କଳ୍ପ

**ନୂଆପଡ଼ା, ୧୯ ।୨(ସମିସ):** ନୂଆପଡ଼ା ଜିଲ୍ଲାର ସିନାପାଲି ପଞ୍ଚାୟତ ପରିବେଶ ସୁରକ୍ଷା ଦିଗରେ ଆଗେଇଯାଇ ଏକ ଦୃଢ଼ ପଦକ୍ଷେପ ଗ୍ରହଣ କରି ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଛି। ସିଙ୍ଗଲ୍ ବ୍ୟବହାର ପ୍ଲାଷ୍ଟିକମୁକ୍ତ ଅଞ୍ଚଳ ଗଢ଼ି



ତୋଳିବାର ଲକ୍ଷ୍ୟ ନେଇ ପଞ୍ଚାୟତ ପ୍ରଶାସନ ଓ ବ୍ଲକ ପ୍ରଶାସନ ଏକାଠି ହୋଇ କାମ ଆରମ୍ଭ କରିଛନ୍ତି। ଏହି ଅଭିଯାନ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନେତୃତ୍ୱାଧୀନରେ ଚାଲିଥିବା ବେଳେ ଏହାକୁ ଅନୁପାଳନ କରି ସିନାପାଲି ସହରର ବିଭିନ୍ନ ଦୋକାନ ବଜାର ସମେତ ବିଭିନ୍ନ ଛକ ଗୁଡ଼ିକରେ ଜନ ସଚେତନତା ସୃଷ୍ଟି କରି ଜାଗରଣ କରୁଛନ୍ତି ସିନାପାଲି ବିଡ଼ିଓ କାର୍ମି ଓରାମ ଓ ସିନାପାଲି ସରପଞ୍ଚ ସୁନୀତା ମେହେର ଓ ଅନ୍ୟାନ୍ୟ ଅଧିକାରୀ। ଯାହା ନୂତନ ଦିଶା ଯୋଗାଇ ପ୍ଲାଷ୍ଟିକ ପ୍ରଦୂଷଣ ରୋକିବାରେ ସହାୟକ ହେବ ବୋଲି ଆଲୋଚନା ହେଉଛି। ଏହି ପରିପ୍ରେକ୍ଷିରେ ସିନାପାଲି ପଞ୍ଚାୟତର ପଦକ୍ଷେପ ନିଷ୍ପତ୍ତି ସ୍ୱାଗତ ଯୋଗ୍ୟ ବୋଲି ବୁଦ୍ଧିଜୀବି ମହଲରେ ଆଲୋଚନା ହେଉଛି। ପଞ୍ଚାୟତର ସରପଞ୍ଚ ସୁନିତା ମେହେର ଓ ବିଡ଼ିଓ କର୍ମୀ ଓରାମ ସ୍ୱୟଂ ବଜାରକୁ ଯାଇ ଦୋକାନୀଙ୍କୁ ସଚେତନ କରୁଛନ୍ତି। ଦୋକାନରେ ପଲିଥିନ୍ ବ୍ୟାଗ୍, ପ୍ଲାଷ୍ଟିକ

**ବିଡ଼ିଓ, ଅଧିକାରୀ ଓ ସରପଞ୍ଚଙ୍କ ମିଳିତ ଅଭିଯାନ**

କପ୍ ଓ ଅନ୍ୟାନ୍ୟ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଉଛି। ଯେଉଁ ଦୋକାନୀ ନିୟମକୁ ଅବହେଳା କରୁଛନ୍ତି ସେମାନଙ୍କ ବିରୋଧରେ ତତକ୍ଷଣାତ୍ ଅର୍ଥଦଣ୍ଡ ଜାରି କରାଯାଉଛି। ପ୍ରଶାସନ ସହ ଜନସାଧାରଣ ମଧ୍ୟ ଯଦି ସମାନ ଭାବେ ଅଂଶଗ୍ରହଣ କରନ୍ତି, ତେବେ ପ୍ଲାଷ୍ଟିକ ମୁକ୍ତ ସିନାପାଲି କେବଳ ଏକ ସ୍ଲୋଗାନ୍ ନୁହେଁ, ବାସ୍ତବତା ହେବ। ପ୍ଲାଷ୍ଟିକ ମୁକ୍ତ ଅଭିଯାନ କେବଳ ପ୍ରଶାସନର କାର୍ଯ୍ୟକ୍ରମ ନୁହେଁ ଏହା ସମାଜର ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ। ପ୍ଲାଷ୍ଟିକ ମୁକ୍ତ ସମାଜ ଗଢ଼ିବା ସମସ୍ତଙ୍କ ଦାୟିତ୍ୱ ହେଉ ବୋଲି ଆହ୍ୱାନ ଦିଆଯାଇଛି।

### ଥୁଆମୂଳରାମପୁର-ଭୁବନେଶ୍ୱର ସରକାରୀ ବସ୍ ସେବା ବନ୍ଦ

# ପୁନଃ ବସ୍ ସେବା ପାଇଁ ଦାବି

**ଥୁଆମୂଳରାମପୁର, ୧୯ ।୨ (ସମିସ):** କଳାହାଣ୍ଡି ଜିଲ୍ଲାର ଦୁର୍ଗମ ଅଞ୍ଚଳ ଥୁଆମୂଳରାମପୁରରୁ ରାଜଧାନୀ ଭୁବନେଶ୍ୱରକୁ ଚାଲୁଥିବା ସରକାରୀ ବସ୍ ସେବା ହଠାତ୍ ବନ୍ଦ ହୋଇଯାଇଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘ ଦିନ ଧରି ବସ୍ ସେବା ଦୁର୍ଗମ ଅଞ୍ଚଳର ଲୋକଙ୍କ ପାଇଁ ରାଜଧାନୀ ସହ ସିଧାସଳଖ ଯୋଗାଯୋଗର ଏକମାତ୍ର ଭରସା ଥିଲା। ଗତ ନବୀନ ପଟ୍ଟନାୟକ ସରକାର ଜୁନ ୨୦୨୩ ମସିହାରେ ବସ୍ ସେବା ପ୍ରଦାନ କରିଥିଲେ। ଯାହା ଆଜକୁ ୩ ମାସରୁ ଊର୍ଦ୍ଧ୍ୱ ହେବ ବସ୍ ଚଳାଚଳ ବନ୍ଦ ରହିଛି। ବସ୍ ସେବା ବନ୍ଦ ହେବା ପରେ ଛାତ୍ରଛାତ୍ରୀ, ରୋଗୀ, ଚାକିରିଆ କର୍ମଚାରୀ ଓ ଦିନମଜୁରିଆ ଶ୍ରମିକମାନେ ବହୁତ ଅସୁବିଧାରେ ପଡ଼ିଛନ୍ତି। ବିଶେଷକରି ଆପତ୍କାଳୀନ ଚିକିତ୍ସା ପାଇଁ ଭୁବନେଶ୍ୱର କିମ୍ବା କଟକ ଯିବାକୁ ପଡୁଥିବା ରୋଗୀମାନଙ୍କ ପାଇଁ ଗୁରୁତର ସମସ୍ୟା ସୃଷ୍ଟି କରିଛି। ବେସରକାରୀ ବସ୍ ଓ ଅନ୍ୟ ଯାନବାହନର ଭଡ଼ା ଅଧିକ ହେବାରୁ ଗରିବ ଓ ଆଦିବାସୀ ଅଞ୍ଚଳର ଲୋକମାନେ ଆର୍ଥିକ ଭାବେ ଚାପରେ ପଡୁଛନ୍ତି। ସ୍ଥାନୀୟ ନାଗରିକମାନେ କହିଛନ୍ତି ଯେ, ବସ୍ ସେବା ଚାଲୁ ଥିବା ସମୟରେ ଶିକ୍ଷା, ଚିକିତ୍ସା ଓ ବ୍ୟବସାୟିକ କାର୍ଯ୍ୟରେ ବହୁତ ସହଜ ଆସିଥିଲା। ହଠାତ୍ ସେବା ବନ୍ଦ ହେବାରୁ ସେମାନେ ନିଜକୁ ଅବହେଳିତ ମନେ କରୁଛନ୍ତି। ଅଞ୍ଚଳର ବିଭିନ୍ନ ସଂଗଠନ ଓ ସାମାଜିକ କର୍ମୀମାନେ ରାଜ୍ୟ ସରକାରଙ୍କୁ ଶୀଘ୍ର ପଦକ୍ଷେପ ନେଇ ପୁନଃ ଉତ୍ତମ ଓ ନିୟମିତ ସରକାରୀ ବସ୍ ସେବା ଆରମ୍ଭ କରିବାକୁ ଦାବି କରିଛନ୍ତି। ଏହା ସହିତ ସମୟନିଷ୍ଠ ଓ ସୁବିଧାଜନକ ବସ୍ ବ୍ୟବସ୍ଥା କରିବାକୁ ମଧ୍ୟ ଅନୁରୋଧ କରାଯାଇଛି। ଏହି ପରିସ୍ଥିତିରେ ପରିବହନ ବିଭାଗ କେବେ ଓ କିପରି ପଦକ୍ଷେପ ନେବେ, ସେଥିପାଇଁ ସମସ୍ତଙ୍କ ଦୃଷ୍ଟି ଏବେ ସରକାରଙ୍କ ଉପରେ ରହିଛି।

# ଇସ୍ପାତ ଟ୍ରେନ୍ ଜୁନାଗଡ଼ ପର୍ଯ୍ୟନ୍ତ ସମ୍ପ୍ରସାରଣ





**ଭବାନୀପାଟଣା/ଜୁନାଗଡ଼, ୧୯ ।୨(ସମିସ):** ପଶ୍ଚିମ ଓଡ଼ିଶାରେ ରେଳ ସଂଯୋଗକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସନେଇଛି ରେଳ ବିଭାଗ। ହାୱାଡ଼ା-ଟିଟଲାଗଡ଼-ହାଓଡ଼ା ଇସ୍ପାତ ଏକ୍ସପ୍ରେସ୍ ଜୁନାଗଡ଼ ରୋଡ୍ ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଇଛି। ଏହି ସମ୍ପ୍ରସାରଣ ବଲାଙ୍ଗିର ଏବଂ କଳାହାଣ୍ଡି ଜିଲ୍ଲାର ଜନସାଧାରଣଙ୍କ ପାଇଁ ଅଧିକ ଯାତ୍ରୀ ସୁବିଧା, ଉନ୍ନତ ସୁଗମତା ଏବଂ ନୂତନ ସୁଯୋଗ ଆଣିବ।ଜୁନାଗଡ଼ ରୋଡ୍ ଏବଂ ଟିଟଲାଗଡ଼ ମଧ୍ୟରେ ବିସ୍ତାରିତ ଅଂଶର ଉଦ୍‌ଘାଟନୀ ଟ୍ରେନ୍ ଆଜି ଜୁନାଗଡ଼ ରୋଡ୍ ଷ୍ଟେସନରେ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା। କଳାହାଣ୍ଡି ସାଂସଦ ମାଳବିକା ଦେବୀ ଯୋଗ ଦେଇ ଭବାନୀପାଟଣା ପର୍ଯ୍ୟନ୍ତ ଉଦଘାଟନୀ ଟ୍ରେନ୍‌ରେ ଯାତ୍ରା କରିଥିଲେ। ହାୱାଡ଼ା-ଟିଟଲାଗଡ଼-ଜୁନାଗଡ଼ ରୋଡ ଇସ୍ପାତ ଏକ୍ସପ୍ରେସ ଟିଟଲାଗଡ଼ ଏବଂ ଜୁନାଗଡ଼ ରୋଡ ମଧ୍ୟରେ କେସିଙ୍ଗା, ଲାଞ୍ଜିଗଡ଼ ରୋଡ ଏବଂ ଭବାନୀପାଟଣା ଷ୍ଟେସନରେ ରହଣି କରିବ। ହାୱାଡ଼ା ଏବଂ ଟିଟଲାଗଡ଼ ମଧ୍ୟରେ ସମସ୍ତ ବିଦ୍ୟମାନ ରହଣି ଏବଂ ସମୟ ଅପରିବର୍ତ୍ତିତ ରହିବ। ଟ୍ରେନଟି ହାଓଡ଼ା ଏବଂ ଟିଟଲାଗଡ଼ ମଧ୍ୟରେ ଏକ ସୁପରଫାଷ୍ଟ ଏକ୍ସପ୍ରେସ ଏବଂ ଟିଟଲାଗଡ଼ ଏବଂ ଜୁନାଗଡ଼ ରୋଡ ମଧ୍ୟରେ ଏକ ମେଲ/ ଏକ୍ସପ୍ରେସ ସେବା ଭାବରେ କାର୍ଯ୍ୟ କରିବ। ପୂର୍ବରୁ, ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଗରିମା ତିୱାରୀ ଅତିଥି ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ସ୍ୱାଗତ କରିଥିଲେ।

## ଭୁବନେଶ୍ୱର ପାଇଁ ସିଧାସଳଖ ଟ୍ରେନ କେବେ

**କେସିଙ୍ଗା, ୧୯ ।୨(ସମିସ):** ଦୀର୍ଘ ବର୍ଷର ଅପେକ୍ଷା ଦାବି ପରେ ରେଳ ବିଭାଗ ପକ୍ଷରୁ ଅଞ୍ଚଳବାସୀଙ୍କ ଗୋଟିଏ ଦାବି ପୂରଣ କରିବା ପାଇଁ ସହମତି ପ୍ରକାଶ କରି ଇସ୍ପାତ ଟ୍ରେନକୁ ଜୁନାଗଡ଼ ପର୍ଯ୍ୟନ୍ତ ସମ୍ପ୍ରସାରଣର କରିଛି। ୧୯ ତାରିଖ ଗୁରୁବାର ଦିନ ଠାରୁ ଇସ୍ପାତ ଟ୍ରେନ ଟିଟଲାଗଡ଼ ପରିବର୍ତ୍ତେ ଜୁନାଗଡ଼ ପର୍ଯ୍ୟନ୍ତ ସପ୍ତାହକୁ ୩ ଦିନ ଚାଲିବ ଅଞ୍ଚଳବାସୀ ଉପକୃତ ହେବେ। ଟ୍ରେନ ଆଗରୁ ହାୱଡାରୁ ଆସି ଟିଟଲାଗଡ଼ରେ ରହିଯାଇଥିଲା। ଟିଟଲାଗଡ଼ ରୁ କେସିଙ୍ଗା ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ କଳାହାଣ୍ଡି ରେଳ ଯାତ୍ରୀ ସଂଘ ବ୍ୟତୀତ କେସିଙ୍ଗା ସିଟିଜନ ଫୋରମ, କେସିଙ୍ଗା ସାମ୍ବାଦିକ ମହାସଂଘ, ସଚେତନ ନାଗରିକ ମଞ୍ଚ, କେସିଙ୍ଗା ଚାମ୍ବର ଅଫ କମର୍ସ ଙ୍କ ସମେତ ଅନେକ ସଂଗଠନର ନିରନ୍ତର ପ୍ରଚେଷ୍ଟା ବଳରେ ଆଜି ଇସ୍ପାତ ଟ୍ରେନର ସମ୍ପ୍ରସାରଣ ଲକ୍ଷ୍ୟରେ ପହଞ୍ଚିଛି। କିନ୍ତୁ ଦଶନ୍ଧି ଧରି ଆଉ ଗୋଟିଏ ଦାବୀ ଯାହା କେସିଙ୍ଗାରୁ ରାଜଧାନୀ ଭୁବନେଶ୍ୱର ପାଇଁ ସିଧା ସଳଖ ଟ୍ରେନର ସୁବିଧା ଆଜି ପର୍ଯ୍ୟନ୍ତ ଅଞ୍ଚଳବାସୀ ପାଇ ନାହାଁନ୍ତି। ଜୁନାଗଡ଼ ପର୍ଯ୍ୟନ୍ତ ଇସ୍ପାତ ଟ୍ରେନ ସମ୍ପ୍ରସାରଣ ତ ହେଇଗଲା ହେଲେ ରାଜଧାନୀ ପାଇଁ ସିଧା ସଳଖ ଟ୍ରେନ କେବେ ଚାଲିବ ବୋଲି ଅଞ୍ଚଳବାସୀ ରେଳ ବିଭାଗକୁ ପ୍ରଶ୍ନ କରିଛନ୍ତି।

# କେସିଙ୍ଗା ଓମନଗରପଡ଼ାରେ ଚୋରି

**କେସିଙ୍ଗା, ୧୯ ।୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରର ଓମନଗର ଅଞ୍ଚଳର ଜଣେ ଘର ମାଲିକଙ୍କ ଅନୁପସ୍ଥିତିର ସୁଯୋଗ ନେଇ ତାଙ୍କ ଘରେ ଚୋରି କରି ଚୋରମାନେ କଳାକନା ବୁଲେଇଛନ୍ତି। ଗତ ୧୭ ତାରିଖ ରାତିରେ ଏଭଳି ଘଟଣା ଘଟିଛି ଓମ୍‌ନଗରପଡ଼ାରେ ରହୁଥିବା ଅଶ୍ୱିନୀ କୁମାର ସାହାଙ୍କ ଘରେ। ସୂଚନା ଅନୁଯାୟୀ ଶ୍ରୀ ସାହାଙ୍କ ପରିବାର ଲୋକେ ୧୭ ତାରିଖ ଦିନ ନିଜ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ୧୮ ତାରିଖରେ ତାଙ୍କ ପରିବାର ବର୍ଗ ଘରକୁ ଫେରି ଦେଖିଲା ବେଳକୁ ଘରେ ଚୋରି ହୋଇଛି। ଲିଖିତ ଅଭିଯୋଗ ଅନୁଯାୟୀ ଚୋରମାନେ ଶ୍ରୀ ସାହାଙ୍କ ଘରୁ ନଗଦ ୧୬ ହଜାର ଟଙ୍କା, ୫ ଭରିରୁ ଊର୍ଦ୍ଧ୍ୱ ସୁନା ଗହଣା ଓ ୧୫୦ ଗ୍ରାମ ରୂପା ନେଇ ଯାଇଥିବା କେସିଙ୍ଗା ଥାନାରେ ଅଭିଯୋଗ ହୋଇଛି। ପୁଲିସ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଥିବା କେସିଙ୍ଗା ଥାନାଧିକାରୀ ଜିତେନ୍ଦ୍ର କୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି।

### ମାଟ୍ରିକ ପରୀକ୍ଷା ପ୍ରଥମ ଦିନ

# କୋକସରା ବ୍ଲକ୍‌ରେ ୩୦ ପରୀକ୍ଷାର୍ଥୀ ଅନୁପସ୍ଥିତ

**କୋକସରା, ୧୯ ।୨(ସମିସ) :** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଗୁରୁବାର ଠାରୁ ଆରମ୍ଭ ହୋଇଛି। ତେବେ ଚଳିତ ଥର ମାଟ୍ରିକ ବୋର୍ଡ ପରୀକ୍ଷାରେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର ୨୪ଟି ହାଇସ୍କୁଲର ମୋଟ ୧୪୭୧ଛାତ୍ରଛାତ୍ରୀ ପରୀକ୍ଷା ଦେବାର ରହିଥିଲା। ତେବେ ପ୍ରଥମ ଦିନରେ ଛାତ୍ରଛାତ୍ରୀ ସାହିତ୍ୟ ବିଷୟରେ ପରୀକ୍ଷା ଦେଇଥିବା ବେଳେ ୯ଟି କେନ୍ଦ୍ରରେ ବିଭିନ୍ନ ବିଦ୍ୟାଳୟରୁ ମୋଟ ୩୦ ଜଣ ପରୀକ୍ଷାର୍ଥୀ କୌଣସି କାରଣରୁ ଅନୁପସ୍ଥିତି ରହିଥିବା ନେଇ ନୋଡାଲ ପରୀକ୍ଷା କେନ୍ଦ୍ର ଅଧିକାରୀ ତଥା କୋକସରା ଜବାହର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧୀର କୁମାର ପଣ୍ଡା ସୂଚନା ଦେଇଛନ୍ତି। ପ୍ରଥମ ଦିନରେ କୌଣସି ପରୀକ୍ଷାର୍ଥୀ ଏକ୍ସ ଫେଲ ହୋଇ ନଥିବାବେଳେ ଶାନ୍ତିଶୃଙ୍ଖଳା ସହିତ ପରୀକ୍ଷା ପରିଚାଳନା ହୋଇଥିବା ସୂଚନା ମିଳିଛି।

## କେସିଙ୍ଗା ବ୍ଲକ୍‌ରେ ୨୨ ଅନୁପସ୍ଥିତ

**କେସିଙ୍ଗା, ୧୯ ।୨(ସମିସ):** ଗୁରୁବାର ଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ଯାଇଛି। ପ୍ରଥମ ଦିନ ମାତୃଭାଷା ରହିଥିଲା। ଚଳିତ ବର୍ଷ କେସିଙ୍ଗା ବ୍ଲକରେ ୧୧ ସେଣ୍ଟରରେ ସମୁଦାୟ ୧୮୦୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ପଞ୍ଜୀକୃତ କରିଥିବା ବେଳେ ପରୀକ୍ଷା ଦେଇଥିଲେ ୧୭୮୫ ଜଣ ଛାତ୍ରଛାତ୍ରୀ। ୨୨ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇ ନାହାନ୍ତି ବୋଲି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

# ଶ୍ରୀ ରାମକୃଷ୍ଣ ପରମହଂସ ଦେବଙ୍କ ଜୟନ୍ତୀ

**ମ.ରାମପୁର, ୧୯ ।୨ (ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁରସ୍ଥିତ ଶ୍ରୀ ରାମକୃଷ୍ଣ ଆଶ୍ରମ ପରିସରରେ ଶ୍ରୀ ରାମକୃଷ୍ଣ ପରମହଂସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ସଭାପତି ସୀତା ବଲ୍ଲଭ ମହାପାତ୍ର, ମୁଖ୍ୟବକ୍ତା ଭାବେ ଡକ୍ଟର ଆରତୀ କର, ଅନ୍ୟ ବକ୍ତା ଭାବେ ରାମ ନାରାୟଣ ମିଶ୍ର, ସମ୍ମାନିତ ଅତିଥି ଭାବେ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳର କର୍ମକର୍ତ୍ତା ବିରଜା ପ୍ରସାଦ ଶତପଥି, କୈଳାସ ଚନ୍ଦ୍ର ରଥ, ଭାଷ୍ୟମ ମୁରଲୀଧର, ସୁନୀଲ ମହାପାତ୍ର, ଅନ୍ନପୂର୍ଣ୍ଣା ମିଶ୍ର, ଶ୍ରୀବାସ ମହାପାତ୍ର ଯୋଗ ଦେଇ ଶ୍ରୀ ରାମକୃଷ୍ଣ ପରମହଂସ ଦେବଙ୍କ ଜୀବନାଦର୍ଶ ଓ ବାଣୀ ଉପରେ ବକ୍ତବ୍ୟ ରଖିଥିଲେ। ସନ୍ୟାସୀ ସ୍ୱାମୀ ଧୀରେସାନନ୍ଦ, ସ୍ୱାମୀ ବିରେସାନନ୍ଦ, ସ୍ୱାମୀ ଶୁକଦେବାନନ୍ଦ, ସ୍ୱାମୀ ଦିନଦୟାଲ ପୁରୀ ସନ୍ୟାସ ଆଶ୍ରମ ଅଧ୍ୟକ୍ଷ, ରେଣୁକାଜି ପ୍ରମୁଖ ଯୋଗ ଦେଇଥିଲେ। ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ଆଶ୍ରମର ପ୍ରାଚୀର ପତ୍ରିକା ଶିଖା ଉନ୍ମୋଚନ କରାଯାଇଥିଲା। ଉକ୍ତ ସଭାକୁ ଆଶ୍ରମର ଅନ୍ନଦା ପ୍ରସାଦ ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ବଟ କିଶୋର ପ୍ରଧାନ ସଭା ପରିଚାଳନା କରିଥିଲେ। ଶେଷରେ ଉମାକାନ୍ତ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଁ ପାହାର ଭଣ୍ଡାର କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଗ୍ରୀଣ୍ଡୋଳ ଚାମ୍ପିଅନ

**ସିନାପାଲି, ୧୯ ।୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ହାତୀବନ୍ଧାସ୍ଥିତ ମିନି ଷ୍ଟାଡିୟମରେ ମାଁ ପାହାର ଭଣ୍ଡାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୨୧ତମ ମାଁ ପାହାର ଭଣ୍ଡାର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ସିନାପାଲି ବ୍ଲକ ଉପାଧ୍ୟକ୍ଷା ମୀନା ଘିଭେଲା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ସିନାପାଲି ବ୍ଲକ ସମିତି ସଂଘ ସଭାପତି ମନୀଷ ପଟେଲ, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ଲିଙ୍ଗରାଜ ଘିଭେଲା, ପୂର୍ବତନ କ୍ରୀଡାବିତ୍ ତଥା ସାମାଜିକ କର୍ମୀ ପବନ ଅଗ୍ରୱାଲ, ସାମାଜିକ କର୍ମୀ ସୁରେଶ୍ୱର ମେହେର, ଶିକ୍ଷାବିତ ରମେଶ ଦୁବେ, କ୍ରୀଡାବିତ ଚିନ୍ତାମଣି ହଂସ, ସରପଞ୍ଚ ବିରଞ୍ଚି ଜଗତ, କୃଷକ ନେତା ହରିଶ୍ କେତକୀ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ମ୍ୟାଚ୍ ବିଜେପୁର ବନାମ ଗ୍ରୀଣ୍ଡୋଲ ଦଳ ମଧ୍ୟରେ ହୋଇଥିଲା। ବିଜେପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ୱିକେଟ ହରାଇ ୧୨୪ ରନ ସଂଗ୍ରହ କରିଥିଲା। ତାହାର ଜବାବରେ ଗ୍ରୀଣ୍ଡୋଲ ଦଳ ୧୨.୪ ଓଭରରେ ୨ ୱିକେଟ ବିନିମୟରେ ଟାର୍ଗେଟ ପୂରଣ କରି ବିଜୟୀ ହୋଇଥିଲା। ଉକ୍ତ ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ଖେଳାଳି ଭାବରେ ସୁଦାମ ମାଝୀ ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ମ୍ୟାଚ୍‌ରେ ମଦନ ମୋହନ ଘିଭେଲା ଓ ହେମନ୍ତ କଟା ଆମ୍ପାୟାର୍ ଭାବେ ଖେଳ ପରିଚାଳନା କରିଥିବା ବେଳେ ଭାସ୍ୟକାର୍ ଭାବରେ ପପିସ୍ ଛତ୍ରିଆ, ମଣ୍ଟୁ ତେଜି, ମହେଶ ଦୀପ, ନରେନ୍ଦ୍ର ନାଏକ, ନରେଶ ମାଝୀ ଓ ମ୍ୟାଚ୍ ରେଫରୀ ଭାବେ ଯଦୁମଣି




ନିଆଲ୍ ପ୍ରମୁଖ କାର୍ଯ୍ୟ ତୁଲାଇଥିଲେ। କମିଟିର ସଭାପତି ସଞ୍ଜୟ ମେହେର, ସମ୍ପାଦକ ପରମେଶ୍ୱର ମେହେର, ମୋହିତ ମେହେର, ହିତେଶ ମେହେର, ଜଗା ପଟେଲ, ଲଳିତ ବଗର୍ତ୍ତି, ଲୋକନାଥ ବେମାଲ, ରାଜୁ ମେହେର, ସାନ ଭୋଇ, ବାପି ବଛାଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।ଟୁର୍ଣ୍ଣାମେଣ୍ଟର ଉଭୟ ଦଳକୁ ନଗଦ ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭାସ୍ୟକାର ପ୍ରକାଶ ପାତ୍ର, ଭିମରାଜ୍ ତାଣ୍ଡି, ପ୍ରେମ ଚାନ୍ଦ ବୈଠାରୁ, ଜଗନ୍ନାଥ ସାଗର ଉପସ୍ଥିତ ଥିଲେ।

# ଏସ୍‌ବିଆଇ ଏଟିଏମ୍ ଉଦ୍‌ଘାଟିତ

**ନୂଆପଡ଼ା, ୧୯ ।୨ (ସମିସ):** ନୂଆପଡ଼ା ଜିଲ୍ଲା ସଦର ବସ୍‌ଷ୍ଟାଣ୍ଡରେ ବୁଧବାର ଅପରାହ୍ନରେ ଷ୍ଟେଟ ବ୍ୟାଙ୍କ ଏଟିଏମ୍‌କୁ ଜଣେ ସାଧାରଣ ଯାତ୍ରୀ ଗୋବର୍ଦ୍ଧନ ମହାନନ୍ଦ ଉଦ୍‌ଘାଟନ କରିଛନ୍ତି। ବ୍ୟାଙ୍କ ପକ୍ଷରୁ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ମୁଖ୍ୟଅତିଥି ଭାବରେ ନିମନ୍ତ୍ରଣ କରାଯାଇଥିଲା। ଜିଲ୍ଲାପାଳ ମଧ୍ୟ ପହଞ୍ଚି ଧରମବନ୍ଧାର ଜଣେ ସାଧାରଣ ଯାତ୍ରୀ ଗୋବର୍ଦ୍ଧନ ମହାନନ୍ଦଙ୍କୁ ଉଦଘାଟନ ପାଇଁ କହିଥିଲେ। ସେ ନିଜ ଗାଁକୁ ଯିବା ପାଇଁ ବସ୍‌ଷ୍ଟାଣ୍ଡ ଆସିଥିଲେ। ଷ୍ଟେଟ ବ୍ୟାଙ୍କ ଆରଏମ ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ, ନୂଆପଡ଼ା ଶାଖା ମୁଖ୍ୟ ପରିଚାଳକ ଲିଙ୍କନ ଦାଶ, ଡିଟିଏମ ଆକାଶ ମହାପାତ୍ର, ଆରଟିଓ ଶର୍ମିଳା ମହାରଣା ଏବଂ ଆମ ବସ୍ ଷ୍ଟାଣ୍ଡ ପରିଚାଳନା କମିଟିର ସଦସ୍ୟ ଯାଜ୍ଞସେନୀ ମହାପାତ୍ର, ବିଜୟ କୁମାର ରାଉତ ରାୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଉପସ୍ଥିତ ଥିଲେ। ଜନ ସାଧାରଣଙ୍କ ସରକାରରେ ସମସ୍ତ ବ୍ୟକ୍ତି ଅସାଧାରଣ ଏବଂ ଜିଲ୍ଲାର ପ୍ରଗତିରେ ସମସ୍ତଙ୍କ ଯୋଗଦାନ ରହିଛି ବୋଲି ଜିଲ୍ଲାପାଳ କହିଥିଲେ।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଦୁର୍ଗା ଚରଣ ସାହୁ
କୃଷି ବିଭାଗ, ଓଡ଼ିଶା ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀ
'ଭଜନ କଳିକା'ର ରଚୟିତା
ଅର୍ଜୁନପୁର, କେନ୍ଦ୍ରାପଡ଼ା
ଆବିର୍ଭାବ - ୦୮.୦୩.୧୯୪୮
ତିରୋଧାନ - ୦୯.୦୨.୨୦୨୬
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ
ଶୋକ ସନ୍ତପ୍ତ: ପତ୍ନୀ - ଆରତୀ, ପୁତ୍ର: ଲଳିତ, ଲୋକନାଥ, ଲକ୍ଷ୍ମୀନାରାୟଣ, ପୁତ୍ର ବଧୂ: ନମିତା, ସୀମା, ସୁଚିତ୍ରା, କନ୍ୟା: ଲକ୍ଷ୍ମୀପ୍ରିୟା, ନାତି ନାତୁଣୀ: ମାମା, ସୋମୁ, ସୁଚରିତା, ଶୁଭକିନ୍ତା, ଶୁଭସ୍ମିତା, ନୃସିଂହ, ବନ୍ଧୁ, ପରିଜନ ଓ ଆତ୍ମୀୟସ୍ୱଜନ

# କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଓ ପ୍ରଦର୍ଶନୀ ମେଳା

**ସିନାପାଲି, ୧୯ ।୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକର ଭଟ୍ଟାପାଣି କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଓ ପ୍ରଦର୍ଶନୀ ମେଳା ନଙ୍ଗଲବୋଡ଼ା ଆଶ୍ରମ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭଟ୍ଟାପାଣି ସିଆରସିସି ତରୁଣ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ନିରାକାର ସାହୁ ଓ ସମ୍ମାନିତ ଅତିଥି ଭାବରେ ଖଗେଶ୍ୱର ମାଝୀ, ସରୋଜ ପାଢ଼ୀ ଉପସ୍ଥିତ ଥିଲେ। ଶିକ୍ଷାଦାନ ସମୟରେ କେବଳ ପୁସ୍ତକ ପାଠ୍ୟକ୍ରମର ମୌଖିକ ଶିକ୍ଷାଦାନ ଅପେକ୍ଷା ଶିକ୍ଷଣ ସାମଗ୍ରୀର ବ୍ୟବହାରିକ ଓ ଉଦାହରଣମୂଳକ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାକୁ ଅଧିକ ପ୍ରଭାବୀ କରିଥାଏ ଓ ଏହା କୋମଳମତି ପିଲାଙ୍କ ସ୍ମୃତିରେ ଦୀର୍ଘସ୍ଥାୟୀ ହୋଇପାରେ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଦେବପୂଜନ ପରେ ଅତିଥିଙ୍କ ଦ୍ୱାରା ମେଳା ଉଦ୍‌ଘାଟିତ ହୋଇଥିଲା। ଆକର୍ଷଣୀୟ ଶିକ୍ଷଣ ସାମଗ୍ରୀ ତିଆରି ପାଇଁ ପୋର୍ଟିପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ପ୍ରଥମ, ଭୁଲିଆଭଟା ଉଚ୍ଚ ପ୍ରାଥମିକକୁ ଦ୍ୱିତୀୟ ଓ ଭଟ୍ଟାପାଣି ଏବଂ ନୂଆଁମାଳପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ତୃତୀୟ ପୁରସ୍କାରରେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ରୋଶନ ସେଠି, ଶୁଭଲକ୍ଷ୍ମୀ ଜେନା, ଜ୍ୟୋତ୍ସ୍ନାରାଣୀ ମାଝୀ, ସରିତା ମେହେର, କୃଷ୍ଣ ଚନ୍ଦ୍ର ଧାକଡ, ଲକ୍ଷ୍ମଣ ନାଗ, ବ୍ୟୋମକେଶ ସାହୁ, ଲକ୍ଷ୍ମଣ ମାଝୀ, ଅକ୍ଷୟ ଛତି, ଲକ୍ଷ ଶିଖା, ତହସିଲ ମାଝୀ, ହରେକୃଷ୍ଣ ମେହେର, ସୁନିଲ କୁମାର ହେର୍ଣ୍ଣା ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ନୂଆପଡ଼ାରେ ଡୁଡା ସମୀକ୍ଷା ବୈଠକ

**ନୂଆପଡ଼ା, ୧୯ ।୨(ସମିସ)**

ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ନଗର ଉନ୍ନୟନ ସଂସ୍ଥା (ଡୁଡା) ର ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି।ଜିଲ୍ଲାର ତିନିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ନୂଆପଡ଼ା, ଖଡିଆଳ ଓ ଖରିଆରରୋଡର କାର୍ଯ୍ୟାବଳୀ

**ଶତ ପ୍ରତିଶତ ରାଜସ୍ୱ ସଂଗ୍ରହ ପାଇଁ ନିର୍ଦ୍ଦେଶ**

ସମୀକ୍ଷା ସହିତ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ଲମ୍ବୋଦର ଧରୁଆ ଏନଏସିମାନଙ୍କର କାର୍ଯ୍ୟ ଖସଡ଼ା ଉପସ୍ଥାପନ କରିଥିଲେ।୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ରାଜସ୍ୱ ଲକ୍ଷ୍ୟ ଓ ସଂଗ୍ରହ ସମୀକ୍ଷା କରାଯାଇଥିଲା। ହୋଲ୍ଡିଂ ଟ୍ୟାକ୍ସ ସଂଗ୍ରହରେ ଖଡ଼ିଆଳ ଏନଏସି ୯୩.୭୬ ପ୍ରତିଶତ



ସଫଳତା ହାସଲ କରିଥିବା ବେଳେ ନୂଆପଡ଼ା ୭୩.୭୩ ପ୍ରତିଶତ ଏବଂ ଖରିଆରରୋଡ ୭୪.୫୦ ପ୍ରତିଶତ ସଫଳତା ହାସଲ କରିଛି। ମ୍ୟୁନିସିପାଲ ସମ୍ପତ୍ତି ଭଡା, ବ୍ୟବସାୟ ଲାଇସେନ୍ସ, ବିଜ୍ଞାପନ ରାଜସ୍ୱ, ୟୁଜର ଫିସ ଓ ଅନ୍ୟାନ୍ୟ ଉତ୍ସରୁ ରାଜସ୍ୱ ଆଦାୟର ମଧ୍ୟ ସମୀକ୍ଷା କରଯାଇଥିଲା।ବର୍ଜ୍ୟ ବସ୍ତୁ ପରିଚାଳନା, ପ୍ରଧାନ ମନ୍ତ୍ରୀ ଅବାସ ଯୋଜନା (ନଗର), ବିଲ୍ଡିଂ ଆପ୍ରୁଭାଲ ସିଷ୍ଟମ ଏବଂ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା (ଏମଏସବିୱାଇ) ର କାର୍ଯ୍ୟାନ୍ୱୟନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।ଜିଲ୍ଲାପାଳ ହୋଲ୍ଡିଂ ଟ୍ୟାକ୍ସରେ ୧୦୦ ପ୍ରତିଶତ ସଂଗ୍ରହ ସୁନିଶ୍ଚିତ କରିବା, ମଞ୍ଜୁରୀକୃତ ଅର୍ଥର ସଠିକ ବ୍ୟବହାର ଏବଂ ଆସନ୍ତା ମାର୍ଚ୍ଚ ମାସ ଶେଷ ସୁଦ୍ଧା ସମସ୍ତ ଆବାସ ଘର ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପର୍ବପର୍ବାଣୀ ସମୟରେ ଭିଡ଼କୁ ଦୃଷ୍ଟିରେ ରଖି ସମସ୍ତ ଏନଏସିକୁ ମୋବାଇଲ ଟଏଲେଟ କ୍ରୟ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ବିଭିନ୍ନ ଉତ୍ସରୁ ରାଜସ୍ୱ ବୃଦ୍ଧି କରିବା ସହିତ ସହରମାନଙ୍କର ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ଗତି ଆଣିବା ଓ ନାଗରିକମାନଙ୍କୁ ସହରୀ ସଭ୍ୟତାର ସମସ୍ତ ସୁବିଧା ସୁଯୋଗ ଯୋଗାଇବାକୁ ଜିଲ୍ଲାପାଳ ଗୁରୁତ୍ୱ ଦେଇଛନ୍ତି।ବୈଠକରେ ନୂଆପଡ଼ା ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦୀପ କୁମାର ଚନ୍ଦ୍ରକାର, ଖଡିଆଳ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ ମହାରଣା, ଖରିଆର ରୋଡ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ କମଳାସନ ରଥଙ୍କ ସହ ବିଭିନ୍ନ ବିଭାଗର ସମ୍ପୃକ୍ତ ଅଧିକାରୀମାନେ ଯୋଗ ଦେଇଥିଲେ।

# ଦାଦନ ଖଟୁଛନ୍ତି ୱାର୍ଡ ସଭ୍ୟ

ବୈପାରୀଗୁଡ଼ା, ୧୯।୨(ସମିସ): ପେଟ ପାଇଁ ଦି ମୁଠା ଦାନା ଯୋଗାଡ଼ କରିବା ପାଇଁ ଭିଟାମାଟି ଛାଡ଼ି ଅନ୍ୟ ରାଜ୍ୟକୁ ଦାଦନ ଖଟି ଯାଇଛନ୍ତି ୱାର୍ଡ ସଭ୍ୟ। ଏଭଳି ଅଭାବନୀୟ ଚିତ୍ର କୋଟପାଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ୍ ଅଧିନ କାଠପୋଡା ପଞ୍ଚାୟତ ଚିକଟଯୋଡି ଗାଁ ରୁ ଆସିଛି। ଏଠିକାର ନିର୍ବାଚିତ ୱାର୍ଡ ସଭ୍ୟ ରାଜୁଖିଲ। ଗତ ଦୁଇ ମାସ ହେଲା ଘରେ ମାଆ ଓ ସ୍ତ୍ରୀ କୁ ଛାଡି କେରଳ ରାଜ୍ୟକୁ ଦାଦନ ଖଟି ଯାଇଛନ୍ତି। ତେବେ ଲୋକଙ୍କ ସୁଖଦୁଃଖ ବୁଝିବା ପାଇଁ ନିର୍ବାଚିତ ହୋଇଥିବା ୱାର୍ଡ ସଭ୍ୟ ନିଜେ ଦାଦନ ଯିବା ଘଟଣା ଦୁଃଖର ବିଷୟ ବୋଲି କହିଛନ୍ତି ସ୍ଥାନୀୟ ସରପଞ୍ଚ ଗୌରୀ ପାଙ୍ଗି। ସରକାରଙ୍କ କୋଟିକୋଟି ଟଙ୍କାର ଗରିବ କଲ୍ୟାଣ ଯୋଜନା ସତ୍ତ୍ୱେ ଆଜି ବି ଲୋକେ ପେଟ ପାଟଣା ପାଇଁ ରାଜ୍ୟ ବାହାରକୁ ଦାଦନ ଖଟି ଯାଉଛନ୍ତି। ତେବେ ଏହା ଏବେ ଆହୁରି ଗୁରୁତର ସମସ୍ୟା ଭାବେ ଉଭା ହୋଇଛି, ଯେତେବେଳେ ଦି ପଇସା ରୋଜଗାର ପାଇଁ ନିର୍ବାଚିତ ଲୋକ ପ୍ରତିନିଧି ଦାଦନ ଶ୍ରମିକ ସାଜିଛନ୍ତି ।

# କୋରାପୁଟ ଜିଲ୍ଲା ଶୌଣ୍ଡିକ ସମାଜ ବୈଠକ



## ● ନାରାୟଣ ବିଷୋୟୀ ସଭାପତି ମନୋନୀତ

କୋରାପୁଟ,୧୯।୨(ସମିସ): ଶାବର ଶ୍ରୀକ୍ଷେତ୍ର ସ୍ଥିତ ଅତିଥି ଭବନ ସମ୍ମିଳନୀ କକ୍ଷରେ ଗୁରୁବାର କୋରାପୁଟ ଜିଲ୍ଲା ଶୌଣ୍ଡିକ ସମାଜ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲାର ସମସ୍ତ ବ୍ଲକର ପ୍ରତିନିଧି ଯୋଗ ଶୌଣ୍ଡିକ ସମାଜର ବିଭିନ୍ନ ସମସ୍ୟା ଏବଂ ସାମାଜିକ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ବୈଠକ ଶେଷ ପର୍ଯ୍ୟାୟରେ ସମାଜର ନୂତନ କର୍ମକର୍ତ୍ତା ଚୟନ କରା ଯାଇଥିଲା। ଏହି ଅବସରରେ ଦଶମନ୍ତପୁର ବ୍ଲକ ଶାଖା ସଭାପତି ନାରାୟଣ ବିଶୋଇଙ୍କୁ (ପଣ୍ଡିତ) ସର୍ବ ସମ୍ମତି କ୍ରମେ ଜିଲ୍ଲା ସଭାପତି ଭାବରେ ମନୋନୀତ କରା ଯାଇଥିବା ବେଳେ କପିଲ ବିଶୋଇଙ୍କୁ ସମ୍ପାଦକ ଭାବେ ମନୋନୀତ କରା ଯାଇଛି। ସେହିପରି ଜିତେନ୍ଦ୍ର ସୁବୁଦ୍ଧି କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିବା ଜଣା ପଡ଼ିଛି। ଦଶମନ୍ତପୁର ଶୌଣ୍ଡିକ ସଂଘ ସହ ସମ୍ପାଦକ ଚୋଲଗଙ୍ଗ ବିଶୋଇ ସମସ୍ତ ନୂତନ କର୍ମକର୍ତ୍ତା ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ରାଜ୍ୟ ସଂଘ ଉପଦେଷ୍ଟା କଦଣ୍ଡ ଚୌଧୁରୀ ନିର୍ବାଚନ ଅଧିକାରୀ ଭାବରେ ଯୋଗ ଦେଇଥିଲେ।

## ● ମାର୍ଚ୍ଚ ୨୮ ରେ ଓକିଲ ସଂଘ ନିର୍ବାଚନ

# ମନୋରଞ୍ଜନ ରାଉତରାୟ ନିର୍ବାଚନ ଅଧିକାରୀ ନିଯୁକ୍ତ



କୋରାପୁଟ, ୧୯।୨(ସମିସ): ରାଜ୍ୟରେ ଓକିଲ ସଂଘ ନିର୍ବାଚନ ପାଇଁ ଗତବର୍ଷ ଡିସେମ୍ବରରେ ବିଜ୍ଞପ୍ତି ପ୍ରକାଶ ପାଇଥିଲାବେଳେ କୋରାପୁଟ ଓକିଲ ସଂଘର ନିର୍ବାଚନ ମାର୍ଚ୍ଚ ୨୮ ତାରିଖରେ ଅନୁଷ୍ଠିତ ହେବ। ଏହି ଅବସରରେ ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ମନୋରଞ୍ଜନ ରାଉତରାୟଙ୍କୁ ନିଯୁକ୍ତ କରାଯାଇଛି। ସଂଘର ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ସୂଚନା ଅନୁସାରେ, କୋରାପୁଟ ଓକିଲ ସଂଘର (୨୦୨୬-୨୭) ନିର୍ବାଚନ ନିମନ୍ତେ ଏକ ସାଧାରଣ ପରିଷଦ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ସଂଘ ସଭାପତି ପ୍ରଭାତ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ସୁନୀଲ ଜେନା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ ଓ କୋଷାଧ୍ୟକ୍ଷ କମାକ୍ଷା ମାଝୀ ଆୟ ବ୍ୟୟର ହିସାବ ରଖିଥିଲେ। ନିର୍ବାଚନକୁ ସୁପରିଚାଳନା କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିର୍ବାଚନ ଅଧିକାରୀଙ୍କୁ ନିଯୁକ୍ତ ଦିଆଯାଇଥିବା ସଙ୍ଘ ପକ୍ଷରୁ ଜଣା ଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି କୃଷ୍ଣଚନ୍ଦ୍ର ସାଁ, ବିବେକ ରଞ୍ଜନ ସେଠି, ଗୁପ୍ତେଶ୍ୱର ପାଣିଗ୍ରାହୀ, ଜୟନ୍ତ ମିଶ୍ର, ଶରତ ଆଚାର୍ଯ୍ୟ, ଉତ୍ତମ ମିଶ୍ର, କମଳ ଖୁରା, ଦୀପଙ୍କର ପାଣିଗ୍ରାହୀ, ସୁଜାତା ନାୟକ, ନିହାର ପଟ୍ଟନାୟକ, କିଶୋର ପଟ୍ଟନାୟକ, ବିଦ୍ୟାଧର ସାହୁ, ପ୍ରଶାନ୍ତ ପାତ୍ର, ଜଗାରାଓ ଖେମୁଣ୍ଡୁ, ନିତ୍ୟାନନ୍ଦ ମହାନ୍ତି, ମିଟୁ ଜେନା, ରୁବି ସାହୁ, ସଞ୍ଜୟ ଝା, ଶିଶିର ବିଶ୍ୱାଳ, ସୀମାଞ୍ଚଳ ମିଶ୍ର, ପ୍ରଶାନ୍ତ ଶିଆଳ ପ୍ରମୁଖ ଉପସ୍ଥିତ ଥିଲେ।

# ରାସନ ସାମଗ୍ରୀ ଯୋଗାଣ ଦାୟିତ୍ୱ ଗ୍ରହଣ ପାଇଁ ଦାବି

ବୈପାରୀଗୁଡ଼ା,୧୯।୨(ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ପେଦାପୋଡା ପଞ୍ଚାୟତର ରଣାଗୁଡ଼ା ଗାଁର ମା'ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନେ ବୈପାରୀଗୁଡା ବିଡ଼ିଓ ସୁବ୍ରତ ସାହୁଙ୍କ ନିକଟରେ ଫେରାଦ ହୋଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାମଙ୍କ ଅଭିଯୋଗ ଅନୁଯାୟୀ, ପେଦାପୋଡା ପଞ୍ଚାୟତ ପୂର୍ବରୁ ରାମଗିରି ପଞ୍ଚାୟତ ଅଧିନରେ ଥିଲା । ଗତ ୧୦.୩.୨୦୧୭ ରିଖରେ ନୂତନ ଭାବେ ପେଦାପଡା ପଞ୍ଚାୟତ ଗଠନ ହେଲା। ନୂତନ ପଞ୍ଚୟତକୁ ଆଠ ବର୍ଷ ବିତିଲା । କିନ୍ତୁ ରାସନ ସାମଗ୍ରୀ ବଣ୍ଟନ ଦାୟିତ୍ୱ ପଞ୍ଚାୟତକୁ ଦିଆଯାଇନାହିଁ। ଫଳରେ ରାସନ ବଣ୍ଟନରେ ବିଳମ୍ବ ହେଉଛି । ଏଥିରେ ପ୍ରାୟ ୭ଶହରୁ ଉର୍ଦ୍ଧ ରାସନ କାଡଧାରୀ ହଇରାଣ ହେଉଛନ୍ତି। ଏଣୁ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀକୁ ରାସନ ସାମଗ୍ରୀ ବଣ୍ଟନ ଦାୟିତ୍ୱ ଦିଆଯାଉ ବୋଲି ଅଭିଯୋଗ ହୋଇଛି।



# କଡ଼ା ସୁରକ୍ଷାରେ ମାଟ୍ରିକ୍ ପରୀକ୍ଷା ଆରମ୍ଭ



ଜୟପୁର,୧୯ ।୨(ସମିସ): ଆଜି ଠାରୁ ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଦଶମ ଶ୍ରେଣୀ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। କୋରାପୁଟ ଜିଲ୍ଲା ଜୟପୁର ସହର ଏବଂ ବ୍ଲକରେ ସମୁଦାୟ ୧୨ଟି ପରୀକ୍ଷା କେନ୍ଦ୍ରରେ କଡା ସୁରକ୍ଷାବଳୟ ମଧ୍ୟରେ ପ୍ରଥମ ଦିବସରେ ଓଡିଆ ଭାଷା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଜୟପୁର ବ୍ଲକର ଏକମ୍ବା ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ର ଠାରେ ସମସ୍ତ ୧୩୯ ଜଣ ପରୀକ୍ଷାର୍ଥୀ ଉପସ୍ଥିତ ରହିଥିଲେ। ସେହିପରି ଫାମ୍ପୁଣି ଗ୍ରାମ ସ୍ଥିତ ଶ୍ରୀନିବାସ ଉଚ୍ଚ ବିଦ୍ୟାଳୟର ପରୀକ୍ଷା କେନ୍ଦ୍ରର ୧୯୬ଜଣ ପରୀକ୍ଷାର୍ଥୀରୁ ଜଣେ ଅନୁପସ୍ଥିତ ରହିଥିଲେ , ବାରିଣିପୁଟ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ ୨୧୭ଜଣଙ୍କ ମଧ୍ୟରୁ ଜଣେ ଅନୁପସ୍ଥିତ ରହିଥିଲେ। ଆମ୍ବାଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୪୧ଜଣ ଏବଂ ହରଡାପୁଟ ଅନୁସୂଚିତ ଜାତି ଓ ଜନଜାତି ଉଚ୍ଚ ବିଦ୍ୟାଳୟରେ ୨୩୩ ଜଣ ପରୀକ୍ଷାର୍ଥୀଙ୍କୁ ମଧ୍ୟରୁ ଉଭୟ ପରୀକ୍ଷାକେନ୍ଦ୍ରରେ ଜଣେ ଲେଖାଏଁ ପରୀକ୍ଷାର୍ଥୀ ଅନପୁସ୍ଥିତ ରହିଥିଲେ। ଜୟପୁର ସହରର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୩୫୦ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩ଜଣ ଅନୁପସ୍ଥିତ ରହିଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୨୭୫ ଜଣଙ୍କ ମଧ୍ୟରୁ ଜଣେ ଅନୁପସ୍ଥିତ ରହିଥିଲେ ଏବଂ ଏହି କେନ୍ଦ୍ରରେ ମଧ୍ୟମା ପରୀକ୍ଷା ପାଇଁ ୧୪ ଜଣଙ୍କ ମଧ୍ୟରୁ ଜଣେ ଅନୁପସ୍ଥିତ ରହିଥିଲେ। ସରକାରୀ ପୌର ବାଳିକା ଉଚ୍ଚ ବିଦ୍ୟାଳୟରେ ୧୯୪ ଜଣଙ୍କ ମଧ୍ୟରୁ ୩ ଜଣ ଅନୁପସ୍ଥିତ ରହିଥିଲେ। ସିଟ ଉଚ୍ଚ ବିଦ୍ୟାଳୟରେ ୧୪୨ଜଣଙ୍କ ମଧ୍ୟରୁ ଜଣେ ଅନୁପସ୍ଥିତ, ଜେଇଏଲସି ଉଚ୍ଚ ବିଦ୍ୟାଳୟରେ ସମସ୍ତ ୧୪୫ ଜଣ ପରୀକ୍ଷାର୍ଥୀ ଉପସ୍ଥିତ ରହିଥିଲେ। ସେହିପରି ସ୍ଥାନୀୟ ଅରବିନ୍ଦ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଓଡିଶା ମୁକ୍ତବିଦ୍ୟାଳୟ ମାଟ୍ରିକ ପରୀକ୍ଷାର୍ଥୀ ଭାବେ ୨୯୧ ଜଣଙ୍କ ମଧ୍ୟରୁ ୧୧୩ଜଣ ଉପସ୍ଥିତ ରହିଥିବା ବେଳେ ୧୭୮ଜଣ ଅନୁପସ୍ଥିତ ରହିଥିଲେ ଏବଂ ଅନୁରୂପ ଭାବେ ଶାରଦା ବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୨୨୯ ଜଣଙ୍କ ମଧ୍ୟରୁ ୧୫୪ ଜଣ ଉପସ୍ଥିତ ରହିଥିବା ବେଳେ ୭୫ ଜଣ ଅନୁପସ୍ଥିତ ରହିଥିଲେ। ପ୍ରକାଶ ଯେ, ଆଜି ପୂର୍ବାହ୍ନ ୬ଟାରୁ ସାଢେ ୬ଟା ମଧ୍ୟରେ ସ୍ଥାନୀୟ ନୋଡାଲ କେନ୍ଦ୍ର ସରକାରୀ ବାଳିକା ବିଦ୍ୟାଳୟ ଠାରୁ ପ୍ରଶ୍ନପତ୍ର ଓ ଉତ୍ତରଖାତା ନେଇ ବିଭିନ୍ନ ପରୀକ୍ଷାକେନ୍ଦ୍ରକୁ ସ୍ୱତନ୍ତ୍ର ପୁଲିସର କଡା ସୁରକ୍ଷା ମଧ୍ୟରେ ୪ଚକିଆ ଯାନରେ ନିଆଯାଇଥିଲା। ପୂର୍ବାହ୍ନ ସାଢେ ୭ଟାରୁ ୮ ମଧ୍ୟରେ ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଁଚିଥିଲା। ପୂର୍ବାହ୍ନ ୮ଟାରେ ଛାତ୍ରଛାତ୍ରୀ ମାନଙ୍କୁ କପି ନିମନ୍ତେ କଡା ଯାଞ୍ଚ ପରେ ପରୀକ୍ଷାକେନ୍ଦ୍ରକୁ ପ୍ରବେଶ କରାଯାଇଥିଲା । ପୂର୍ବାହ୍ନ ୯ ଟା ଠାରୁ ସାଢେ ୧୧ ଟା ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସେହିପରି ପରୀକ୍ଷା ଶେଷ ହେବା ପରେ ପ୍ରଶ୍ନପତ୍ର ଓ ଉତ୍ତରଖାତା ପୁଣି ସଂଗ୍ରହ କରିବା ପରେ ନୋଡାଲ କେନ୍ଦ୍ରକୁ କଡା ସୁରକ୍ଷା ମଧ୍ୟରେ ଅଣାଯାଇ ସୁରକ୍ଷିତ ଭାବେ ରଖାଯାଇଥଛି।

# ମା' ଦେଉଛି ପରୀକ୍ଷା, କୁନି ଛୁଆକୁ ଧରି ସ୍କୁଲ ବାରଣ୍ଡାରେ ବାପା



କୋରାପୁଟ,୧୯।୨(ସମିସ): ମା' ଦେଉଛି ମାଟ୍ରିକ୍ ପରୀକ୍ଷା। କୁନି ଛୁଆକୁ ଧରି ବାପା ସ୍କୁଲ ଦାଣ୍ଡରେ ଜଗିଛି। ଏଭଳି କିଛି ଦୃଶ୍ୟ ଆଜି କୋରାପୁଟ ସଦର ମହକୁମା ସ୍ଥିତ ସୁନାପୁର ହାଇସ୍କୁଲ ସେଣ୍ଟରରେ ଦେଖିବାକୁ ମିଳିଥିଲା। କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ତୋଟା ଗୁଡ଼ା ଗ୍ରାମରୁ ଶୀତ କାକରରେ ପାଖାପାଖି ୩୫ କିଲୋମିଟର ଦୂରରୁ ବାଇକ୍‌ରେ ମାଟ୍ରିକ ପରୀକ୍ଷା ଦେବାକୁ କୁମାରୀ ଦିଶାରୀ ପହଞ୍ଚିଥିଲେ। ସାଙ୍ଗରେ ଥିଲେ ୧୮ ମାସର କୁନି ଛୁଆ ସହ ସ୍ୱାମୀ ତ୍ରିନାଥ ମୁଦୁଲି। ମା' ମାଟ୍ରିକ ପରୀକ୍ଷା ଦେଇ ପାସ ହେଲେ ମିଳିବ ଅଙ୍ଗନବାଡି ଚାକିରି । ଏହି ଆଶା ନେଇ କୁନି ପିଲାକୁ ସ୍କୁଲ ଦାଣ୍ଡରେ ଧରି ଅପେକ୍ଷା କରିଛି ସ୍ୱାମୀ। ଅବୁଝା ପିଲା ମାକୁ ଖୋଜିଲେ କେତେବେଳେ ବିସ୍କୁଟ କିଣି ଖାଇବାକୁ ଦେଉଥିବା ବେଳ ଆଉ କେତେବେଳେ ଗେହ୍ଲା ଆଦରି କରି କୁନି ଛୁଆକୁ ବୁଝାଇବାକୁ ଚେଷ୍ଟା କରୁଛି ବାପା। ପରିବାର ବର୍ଗ ଆଶା ରଖିଛନ୍ତି ମାଟ୍ରିକ ପରୀକ୍ଷାରେ ପାସ ହେବା ପରେ ଅଙ୍ଗନବାଡ଼ି ଚାକିରିଟିଏ ମିଳିବ ବୋଲି କହିଛନ୍ତି ସ୍ୱାମୀ ତ୍ରିନାଥ। ପରୀକ୍ଷା ସରିବା ପରେ ମା'କୁ ଦେଖି ବାହୁନି ବାହୁନି କାନ୍ଦିଛି କୁନି ଛୁଆ। ୨୦୨୨ ମସିହାରେ ନବମ ଶ୍ରେଣୀରୁ ପାଠ ଛାଡି ଦେଇଥିଲି। ଏବେ ତାକୁ ୨୨ ବର୍ଷ ବୋଲି କୁମାରୀ ଦିଶାରୀ କହିଛନ୍ତି। ପରୀକ୍ଷା ହଲରେ ଛୁଆ କଥା ମନେ ପଡୁଥିଲା । ତଥାପି ପରୀକ୍ଷା ଦେବାକୁ ପଡ଼ିବ ବୋଲି ସେ କହିଛନ୍ତି।

# ସାଧା ବଦଳରେ ଚିକେନ୍ ବିରିୟାନୀ ଦେବାକୁ ନେଇ ଉତ୍ତେଜନା

ଗୁଣୁପୁର, ୧୯।୨(ସମିସ): ନେତାଜୀ ନଗରର ଭୁବନା ମହାପାତ୍ର ନ ଜଣେ ବ୍ରାହ୍ମଣ ସାକାହାରି ଯୁବକ । ସେ ଗୁଣୁପୁର ନୂତନ ବସଷ୍ଟାଣ୍ଡ ନିକଟରେ ଥିବା ହୋଟେଲ ରୟାଲ ଦମ ବିରିୟାନୀର ମେନୁ ପଢିବା ପରେ ସାଦା ବିରିୟାନୀ ଅଛିକି ବୋଲି ପଚାରିଥିଲେ। ହୋଟେଲ ମାଲିକ ସାଧା ବିରିୟାନୀ ଅଛି ବୋଲି କହିବା ପରେ ସେ ଏକ ବିରିୟାନୀ ପାର୍ସଲ ମାଗି ଘରକୁ ନେଇ ସେ ଓ ତାଙ୍କ ଝିଅ ଖାଇବା ଆରମ୍ଭ କରିଥିଲେ। ବିରିୟାନୀର ସୁଆଦ କିଛି ଅଲଗା ଥିବା ଅନୁଭବ କରିଥିଲେ ଏବଂ ଛୋଟ ଛୋଟ ଚିକେନ୍ ଖଣ୍ଡ ମଧ୍ୟ ପାଇଥିଲେ । ତୁରନ୍ତ ଖାଇବା ବନ୍ଦ କରି ଉକ୍ତ ବିରିୟାନୀକୁ ନେଇ ହୋଟେଲକୁ ଯାଇ ପଚରାଉଚରା କରିଥିଲେ। ହୋଟେଲରେ ଥିବା ସାଧା ବିରିୟାନୀ ହାଣ୍ଡି ଦେଖନ୍ତୁ ବୋଲି କହିଥିଲେ। ହୋଟେଲ ମାଲିକ ଜନକ କହିଲେ ଯେ ସମସ୍ତ ବିରିୟାନୀ ସରିଯିବା ଫଳରେ ହାଣ୍ଡି ଧୂଆ ହୋଇ ରଖିଦେଲୁ । ଚିକେନ ବିରିୟାନୀରୁ ହିଁ ଚିକେନ୍ ବାଛି ଖାଲି ବିରିୟାନୀ ଦିଆ ଯାଇଛି ବୋଲି ସ୍ପଷ୍ଟ ହୋଇଥିଲ।। କିଛି ସମୟ ଉଭୟଙ୍କ ମଧ୍ୟରେ ଯୁକ୍ତି ତର୍କ ହୋଇଥିଲେ ମଧ୍ୟ ହୋଟେଲ ମାଲିକ ଭୁଲ୍ ମାନି ନଥିଲେ। ଫଳରେ ଗୁଣୁପୁର ବିଜେଡି ନଗର ସଭାପତି ପୂର୍ଣ୍ଣଚନ୍ଦ୍ର ବାଉରି, ବିଜେପି ନେତା ଟିଙ୍କୁ ପଣ୍ଡା ଏବଂ ସ୍ଥାନୀୟ ଲୋକେ ହୋଟେଲରେ ତାଲା ପକାଇ ପୁଲିସକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ବିରିୟାନୀ କିଣିଥିବା ବ୍ୟକ୍ତିଙ୍କୁ କହିଥିଲେ ଯେ ତୁମେ ଆମିଶ ହୋଟେଲରେ କାହିଁକି ସାଧା ବିରିୟାନୀ କିଣିଲ ବୋଲି ପଚାରିଲେ ଏବଂ ଥାନାକୁ ଆସ ବୋଲି କହି ପଳାଇ ଯାଇଥିଲେ। ଏ ସମ୍ପର୍କରେ ପୁଲିସକୁ ପଚାରିବାରୁ ସେ କହିଛନ୍ତି ଯେ ଏ ସମ୍ପର୍କରେ ଆମକୁ କେହି ଲିଖିତ ଅଭିଯୋଗ କରିନାହାନ୍ତି କି ବର୍ତ୍ତମାନ୍ ସୁଦ୍ଧା ହୋଟେଲ ମାଲିକ ବିରୋଧରେ କହିବା ପାଇଁ କେହି ଆସି ନାହାନ୍ତି । ପୁଲିସ ପକ୍ଷରୁ ହୋଟେଲ ମାଲିକ ଓ ଘର ମାଲିକ ଙ୍କୁ ଡାକି ଥାନାରେ ଅଟକ ରଖା ଯାଇଥିଲା । କିନ୍ତୁ ଅଭିଯୋଗ କାରି ଥାନାକୁ ଆସି ନଥିବା ଯୋଗୁଁ ମାମଲା ରୁଜୁ ହୋଇନାହିଁ ବୋଲି କହିଛନ୍ତି।

# ଗ୍ରାମସାଥୀଙ୍କ ଦାବିପତ୍ର ପ୍ରଦାନ

କୋରୁକୋଣ୍ଡା,୧୯ ।୨(ସମିସ):ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧୀନ ଗ୍ରାମ ସାଥିମାନେ ମହାନା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜାନାର ବିଭିନ୍ନ ସମସ୍ୟାକୁ ନେଇ ମିଳିତ ଭାବେ ଆଜି ଗ୍ରାମ ସାଥି। ଚଳିତ ଆର୍ଥିକ ବର୍ଷ ଶେଷ ହେବାକୁ ଆଉ ମାତ୍ର ମାସେ ଥିବା ବେଳେ ବିଭିନ୍ନ ପଞ୍ଚାୟତର ମନରେଗା ଜନିତ କାର୍ଯ୍ୟ ସକଳର ଅନ୍ତିମ ସମୟ ଉପସ୍ଥିତ ହୋଇ ଥିଲେ ସୁଦ୍ଧା ମନରେଗା ଜନିତ ପ୍ରକଳ୍ପ ସମୂହର ଦୀର୍ଘଦିନର ଅଣକୁଶଳୀ ଶ୍ରମିକ ମଜୁରୀ ପ୍ରାୟ ଦୁଇମାସ, ଅର୍ଦ୍ଧକୁଶଳୀ ଏବଂ ସାମଗ୍ରୀ କ୍ରୟ ଜନିତ ଟଙ୍କା ଦୀର୍ଘ ପାଞ୍ଚ ମାସ ଅତି ବାହିତ ହୋଇଥିଲେ ମଧ୍ୟ ଏଯାବତ ପ୍ରଦାନ କରାଯାଇ ପାରିନାହିଁ। ଯଦିଓ ଏହି ନିକଟ ଅତୀତରେ ଅର୍ଦ୍ଧକୁଶଳୀ ଏବଂ ସାମଗ୍ରୀ କ୍ରୟ ଟଙ୍କା ଆସିଥିବାର ସରକାରୀ ସୂଚନା ପାଇଥିଲେ ସୁଦ୍ଧା କୌଣସି କାରଣ ବଶତଃ ଅନଲାଇନ ସାଇଡ ଖୋଲୁ ନଥିବା ଯୋଗୁ ପୈଠ କରାଯାଇ ପାରୁନାହିଁ। ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲା ମାନଙ୍କରେ ଉକ୍ତ ପ୍ରାପ୍ୟ ସମୂହ ପ୍ରଦାନ କରାଯାଉଥିବା ବେଳେ କେବେଳ ଆମ ଜିଲ୍ଲାରେ ବ୍ୟତିକ୍ରମ ପରିଲକ୍ଷିତ ହେଉଅଛି। ଯାହା ଫଳରେ ଚାଲୁ ରହିଥିଯବା ପ୍ରକଳ୍ପ ସମୂହ ସମାପ୍ତ କରାଯିବା ଦିଗରେ ବିଭିନ୍ନ ପ୍ରକାର ସମସ୍ୟା ପରିଲକ୍ଷିତ ହେଉଅଛି। ଆଗାମୀ ଦିନରେ ସରକାର ନାମ ପରିବର୍ତନ କରିବାକୁ ରହିଥିବା ବେଳେ ବିଗତ ଦିନର ବକେୟା ଅର୍ଥ ବର୍ତ୍ତମାନ ସୁଧା ଶ୍ରମିକ ମାନଙ୍କୁ ପଇଠ କରାଜି ପାରି ନାହି ଏଣୁ ଶ୍ରମିକ ମାନଙ୍କ ମନରେ ଅଶୋନ୍ତୋଷ ଦେଖିବାକୁ ମିଳୁଛି। ଏଣୁ ସରକାରୁଙ୍କୁ ଅନୁରୋଧ ପୂର୍ବକ ବକେୟା ଅର୍ଥ ସୋଘର ପଇଠକରିବାକୁ ଗ୍ରାମସାଥିମାନେ ଅନୁରୋଧ ପୂର୍ବକ ଦାବି ପତ୍ର ପ୍ରଦାନ କରିଥିଲେ।

# ବଟ ଗଣେଶ ମନ୍ଦିର ପ୍ରତିଷ୍ଠା ଉତ୍ସବ

କୋରାପୁଟ,୧୯।୨(ସମିସ): କୋରାପୁଟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକ ଠାରେ ଶ୍ରୀ ଶ୍ରୀ ଶ୍ରୀ ବଟ ଗଣେଶ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଯାଇଛି। ଏହି ଉତ୍ସବ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଗତକାଲି , ଆଜି ଶାଳା ପ୍ରତିଷ୍ଠା, ଶୁଭାଧିବାସ, ଅଙ୍କୁରାରୋପଣ ଓ ଗର୍ଭାଧାନ କର୍ମ ଅନୁଷ୍ଠିତ ହୋଇଯାଇଛି। ଆଜି କଳସ ଯାତ୍ରା କରାଯାଇ କଳସ ସ୍ଥାପନ କରାଯାଇଛି। ଏହାପରେ ଆଚାର୍ଯ୍ୟ ବରଣ ଏବଂ ସନ୍ଧ୍ୟା ପର୍ଯ୍ୟନ୍ତ ହୋମଯଜ୍ଞ କରାଯିବ ବୋଲି ଆୟୋଜକ କମିଟିର ପି କେ ନାୟକ କହିଛନ୍ତି। ୨୧ ତାରିଖ ଦିନ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଛି। କୋରାପୁଟ ସହରବାସୀଙ୍କ ପାଇଁ ୨୧ ତାରିଖ ଦିନ ପ୍ରସାଦ ସେବନର ବ୍ୟବସ୍ଥା ରହିଛି ବୋଲି ଶ୍ରୀ ନାୟକ କହିଛନ୍ତି।

## ● ଉତ୍କଳ ଆଲୁମିନାର ରକ୍ତଦାନ ଶିବିର

# ୧୦୦ ୟୁନିଟ୍ ରକ୍ତ ସଂଗୃହୀତ

ଟିକିରି ,୧୯।୨(ସମିସ): ରାୟଗଡ଼ା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପ ପକ୍ଷରୁ ନୂଆପଡ଼ା ସ୍ଥିତ ଟାଉନସିପ କ୍ଲବ ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ରକ୍ତଦାନ ମହତ ଦାନ, ଏହି ମହତ ଉଦ୍ଦେଶ୍ୟ ନେଇ ଉତ୍କଳ ଆଲୁମିନା ସିଏସଆର ତରଫରୁ ଆୟୋଜିତ ଏହି ରକ୍ତଦାନ ଶିବିରରେ ୧୦୦ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ରକ୍ତଦାନ ଶିବିରକୁ କାରଖାନା ମୁଖ୍ୟ ରବି ନାରାୟଣ ମିଶ୍ର, ଉତ୍କଳ ଆଲମିନା ମହିଳା କ୍ଲବର ସଭାନେତ୍ରୀ ପ୍ରଭାମୟୀ ମିଶ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ରକ୍ତ କେନ୍ଦ୍ରର ଡାକ୍ତର ଗୌତମ ପଟ୍ଟନାୟକ, ସରୋଜକାନ୍ତ ଆଚାର୍ଯ୍ୟ, ବି. କିଶୋର କୁମାର,ଉମାକାନ୍ତ ମିଶ୍ର, ଶଙ୍କର ତାଡ଼ିଙ୍ଗି, ବୁର୍ଷା ହିମିରିକା, ଚିନ୍ମୟ ପରିଛା, ଅନନ୍ତ ଭାତ୍ରା ପ୍ରମୁଖ ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ। ଏହି ରକ୍ତଦାନ ଶିବିରରେ ଉତ୍କଳ ଆଲୁମିନା କମ୍ପାନିର ୟୁନିଟ୍ ହେଡ୍ ରବି ନାରାୟଣ ମିଶ୍ର, ପ୍ରଭାମୟୀ ମିଶ୍ର , କମ୍ପାନିର ସିଏସଆର ମୁଖ୍ୟ ଲୋପାମୁଦ୍ରା ମିଶ୍ର, ଲୋକ ସମ୍ପର୍କ ତଥା କର୍ପୋରେଟ ଆଫାୟାର ବିଭାଗର ସାଧାରଣ ପରିଚାଳକ ପିତାମ୍ବର ବେହେରା, ପ୍ଲାଣ୍ଟ ସିଏସଆର ମୁଖ୍ୟ ଦିଗନ୍ତ ମହାନ୍ତି,କମ୍ପାନିର ଉପସଭାପତି ଉତ୍ତମ ଗିରି,ସିଏସଆର ବିଭାଗ କର୍ମକର୍ତା ରୂପେନ ପଟନାୟକ, ଉତ୍କଳ ଆଲୁମିନା ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ରୋଜେନ୍ଦ୍ର ମଣ୍ଡଳ, ସୁବାସ ଚନ୍ଦ୍ର ନାୟକ,ଲୋକ ସଂପର୍କ ଅଧିକାରୀ କାର୍ତ୍ତିକ ସାହୁ,ଆଶିଷ କୁମାର ସାହୁ, ସତ୍ୟଭାମା ନାୟକ,ମୋହିନୀ ନାୟକ, ସୁଧୀର ନାୟକ, ହେମଲତା ସାଉନ୍ତା, ଗୌରୀ ଶଙ୍କର, ଦେବୀ ପ୍ରିୟା,ସଂଜୀବ, ବାଦଲ ତ୍ରିପାଠି, ଅଜୀତ କୁମାର ନାୟକ,ଦେବବ୍ରତ ଗୌଡ଼, ପି.କୁମାର, ଦୈତାରୀ ସାମନ୍ତରାଏ,ସରିତା ବାଗ, ପ୍ରିତୀମୟୀ ଦୂରୀଆ, ପ୍ରଫୁଲ ମାଝି, ଦୁର୍ଯ୍ୟୋଧନ ମାଝି, ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏଥି ସହିତ ଭବିଷ୍ୟତରେ ରକ୍ତ ଅଭାବରୁ କାହାରିକୁ ମରିବାକୁ ଦିଆଯିବନି ବୋଲି ଶପଥ ଗ୍ରହଣ କରିଥିଲେ ।



# ବାଇକ୍ ଦୁର୍ଘଟଣାରେ ଯୁବକର ଛିଡ଼ିଲା ଗୋଡ଼



କଲ୍ୟାଣସିଂହପୁର,୧୯।୨(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ କରପା ପଞ୍ଚାୟତର କ୍ରୀଷ୍ଟାପାତ୍ରଗୁଡା ନିକଟସ୍ଥ ପାଣି ଟାଙ୍କି ପାଖରେ ବାଇକ ଦୁର୍ଘଟଣାରେ ଯୁବକର ଗୋଡ଼ କଟି ଗୁରୁତର ହୋଇ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ ହୋଇଛି। ବୁଡ଼ାଗୁଡା ପଞ୍ଚାୟତର ଅଲଣ୍ଡା ଗ୍ରାମର ଶାଙ୍କାରାଓ କାଡ୍ରାକା (୪୫) ଟିୟୁସନରୁ ପିଲାଙ୍କୁ କ୍ରୀଷ୍ଟାପାତ୍ରଗୁଡା ଠାରୁ ନେବା ପାଇଁ ଆସି ରାସ୍ତା ପାଶ୍ୱର୍ରେ ବାଇକ ରଖି ବସିରହିଥିଲେ। ସେହି ସମୟରେ ଅନ୍ୟ ଏକ ବାଇକ୍‌ରେ ଭାଗିରଥି ବେନିଆଙ୍କ ପୁଅ ଏଙ୍କେନା ବେନିଆ କାର୍ଯ୍ୟ ସାରି କଲ୍ୟାଣ ସିଂହପୁର ଘରକୁ ଆସୁଥିବା ବେଳେ କ୍ରୀଷ୍ଟା ପାତ୍ର ଗୁଡା ନିକଟରେ ଶାଙ୍କାରାଓ କାଡ୍ରାକାକୁ ଧକ୍କା ଦେବାରୁ ଶାଙ୍କାରାଓଙ୍କ ଗୋଡ଼ ଛିଡି ଯାଇଥିଲା। ଉକ୍ତ ଖବର ପରିବାର ଲୋକ ଜାଣି ଘଟଣା ସ୍ଥଳରେ ପହଞ୍ଚି ରୋଗୀବୁହା ଗାଡିକୁ ଯୋଗାଯୋଗ କରି ସଙ୍ଗେ ସଙ୍ଗେ କଲ୍ୟାଣ ସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଏଠାରେ ଡକ୍ଟର ପ୍ରାଥମିକ ଚିକିତ୍ସା କରି ଦୁହିଁଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦେଇଥିଲେ। ଉକ୍ତ ଯୁବକର କଟା ଗୋଡ଼କୁ ଏକ ଶୀତଳ ବାକ୍ସରେ ରଖି ପଠାଯାଇଛି।


## ଗାଡ଼ି ମାଲିକଙ୍କୁ ଗିରଫ, କ୍ଷତିପୂରଣ ଦାବି

# ପରିବାର ଓ ଗ୍ରାମବାସୀଙ୍କ ଥାନା ଘେରାଉ





ଜୟପୁର,୧୯ ।୨(ସମିସ): ଗତକାଲି ଅପରାହ୍ନ ୪ଟାରେ ଗ୍ଲୋକାଲ ଚିକିତ୍ସାଳୟ ଏବଂ ଜଗନ୍ନାଥ ସାଗରକୁ ସଂଯୋଗ କରୁଥିବା ବାଇପାସ ରାସ୍ତାରେ ସଡ଼କ ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଯୁବକ ଗୁରୁତର ଭାବେ ଆହତ ହୋଇ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ଆଜି ମୃତକ ଏବଂ ଗୁରୁତର ଯୁବକଙ୍କ ପରିବାର ଓ ଗ୍ରାମବାସୀ ମାନେ ଟାଉନ ଥାନାକୁ ଘେରଉ କରିବା ସହିତ ମହିଳା ମାନେ ଥାନା ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଆଜି ଅପରାହ୍ନରୁ ସଂଧ୍ୟା ପର୍ଯ୍ୟନ୍ତ ଥାନା ସମ୍ମୁଖରେ ଉତ୍ତେଜନା ପ୍ରକାଶ ପାଇଥିଲା। ଦୁର୍ଘଟଣା ଘଟିବାର ୨୪ ଘଣ୍ଟା ବିତିଯାଇଥିଲେ ହେଁ ଆଜିସୁଦ୍ଧା ଦୁର୍ଘଟଣା ଘଟାଇଥିବା ଗାଡିକୁ ଚିହ୍ନଟ କରାଯାଇନଥିବା ବେଳେ ମାଲିକଙ୍କୁ ଗିରଫ କରାଯାଇନାହିଁ। ଏହିପରି ମୃତକଙ୍କ ଶବବ୍ୟବଚ୍ଛେଦ ମଧ୍ୟ କରାଯାଇନାହିଁ। ତେଣୁ ତୁରନ୍ତ ଗାଡି ମାଲିକଙ୍କୁ ଗିରଫ ଏବଂ କ୍ଷତିପୂରଣ ରାଶି ପ୍ରଦାନ ଦାବି ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହିପରି ପୁଲିସ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ମହିଳା ମାନେ ଥାନା ସମ୍ମୁଖରେ ଗାଳିଗୁଲଜ କରୁଥିବା ସହ ପୁଲିସ ଦୁର୍ଘଟଣା ଘଟାଇଥିବା ଗାଡି ମାଲିକଙ୍କ ଘଣ୍ଟ ଘୋଡାଉଛି ବୋଲି ପରିବାର ଓ ଗ୍ରାମବାସୀ ମାନେ ଅଭିଯୋଗ କରିଥିଲେ। ଏହିପରି ପୂର୍ବତନ କାଉନସିଲର ତଥା ବରିଷ୍ଠ ବିଜେଡି ନେତା ବାଲାରାୟ ଥାନାରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହିତ କୌଣସି ସମାଧାନ କରିବାକୁ ପ୍ରତିଶୃତି ଦେଇଥିଲେ। ଏହିପରି ପୁଲିସ ପକ୍ଷରୁ ମଧ୍ୟ ଦୁର୍ଘଟଣା ଘଟାଇଥିବା ଗାଡିକୁ ସିସି ଟିଭି ମାଧ୍ୟମରେ ଚିହ୍ନଟ କରାଯାଇ ଅଟକ ରଖାଯାଇଛି ଏବଂ ଗାଡି ମାଲିକଙ୍କୁ ଥାନାକୁ ଆସିବାକୁ ସୂଚନା ଦିଆଯାଇଛି। ମାଲିକ ଆସିବା ପରେ ଆଲୋଚନା କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେବା ପରେ ଆନ୍ଦୋଳନକାରୀ ମାନେ ଧାରଣାରୁ ଉଠିଥିଲେ ଏବଂ ପରିସ୍ଥିତି ଶାନ୍ତ ପଡିଥିଲା। ପ୍ରକାଶଯେ, ଗତରାଲି ଅପରାହ୍ନରେ ଘଟିଥିବା ସଡକ ଦୁର୍ଘଟଣାରେ ବାଇକ ଚାଳକ ସ୍ଥାନୀୟ ସଦରଥାନା ଅଞ୍ଚଳର ପାତ୍ରପୁଟ ଗ୍ରାମର ଘାସିରାମ ଗଲୋରି ମୃତ୍ୟୁ ହୋଇଛଥିବା ବେଳେ ଭଙ୍ଗାଛିଞ୍ଚି ଗ୍ରାମର କ୍ରିସ କୁମାର ନାଗ ଗୁରୁତର ଭାବେ ଆଗତ ହୋଇ ଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। କିନ୍ତୁ ସ୍ଥାନୀୟ ପ୍ରତ୍ୟେକ୍ଷଦର୍ଶୀ କହିବା ଅନୁଯାୟୀ ଏକ ପିକଅପ ଭ୍ୟାନ ଧକ୍କା ଦେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ଏଥିନେଇ ଟାଉନଥାନାରେ ଏକ ମାମଲା ରୁଜୁ ହେବା ସହିତ ତଦନ୍ତ ବେଳେ ସିସିଟିଭି ଫୁଟେଜ ଅନୁଯାୟୀ ଦୁର୍ଘଟଣା ଘଟାଇଥିବା ଗାଡିକୁ ପୁଲିସ ଜବତ କରିଥିଲେ।

# ପ୍ରବୋଧନ ତାଲିମ ଶିବିର ଉଦ୍‌ଯାପିତ



ଚନ୍ଦ୍ରପୁର,୧୯।୨(ସମିସ): ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଥିବା ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକର ଆଦର୍ଶ ବିଦ୍ୟାଳୟଠାରେ ବ୍ଲକର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨୭୨ଜଣ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନେଇ ବ୍ଲକ୍ ସ୍ତରୀୟ ପାଞ୍ଚ ଦିନିଆ "ପ୍ରବୋଧନ' ତାଲିମ୍ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଚନ୍ଦ୍ରପୁର ବ୍ଲକର ଶିକ୍ଷାଧିକାରୀ ଗଣେଷ ଶବର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ କାଳନ୍ଦୀ ଚରଣ ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ସିଙ୍ଗନା ତାଡିଙ୍ଗି, ମଧ୍ୟାହ୍ନ ଭୋଜନର ଦାୟିତ୍ୱରେ ଥିବା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାର ବାଳକୃଷ୍ଣ ବିହାରୀ ଓ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଉମାକାନ୍ତ ମିଶାଲ ଅତିଥି ଭାବରେ ଯୋଗଦେଇ ତାଲିମ କାର୍ଯ୍ୟକ୍ରମକୁ ଶୁଭ ମହୁରତ ଅବସରରେ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ତାଲିମଧାରୀଙ୍କୁ ଜାତୀୟ ଶିକ୍ଷାନୀତି-୨୦୨୦ରେ ନୂତନ ଭାବରେ ଓଡ଼ିଶା ପାଠ୍ୟକ୍ରମ ରୂପରେଖ-୨୦୨୫ ଓ ନୂତନ ପାଠ୍ୟପୁସ୍ତକ ସଞ୍ଚାଳନକୁ କିପରି ଭାବରେ ଶିକ୍ଷାଦାନ ଦେଇ ଶିକ୍ଷା ବ୍ୟବସ୍ଥାରେ ନୂତନ ଅଧ୍ୟାୟ ସୃଷ୍ଟି କରିପାରିବା ଓ ନୂଆ ଶିକ୍ଷା ନୀତିକୁ ଆପେଣେଇବା ପାଇଁ ଉତ୍ସାହିତ କରିଥିଲେ। ପ୍ରକାଶ ଥାଉ କି ଏହି ପ୍ରଶିକ୍ଷଣ ଶିବିରଟି ଚଳିତ ମାସ ୨ ତାରିଖଠାରୁ ଆଜି ପର୍ଯ୍ୟନ୍ତ ତିନୋଟି ପର୍ଯ୍ୟାୟରେ ୧୫ଦିନ ଧରି ଚାଲିଥିଲା। ଏହି ପ୍ରଶିକ୍ଷଣ ଶିବିରକୁ ସମ୍ବଳ ଶିକ୍ଷକ ଚିତ୍ତରଞ୍ଜନ ମାଝୀ, ପ୍ରଦୀପ କୁମାର ବାଉରୀ, ରଜନୀକାନ୍ତ ବଳିୟାରସିଂ, ଲିଲିମା ଖଡିଆ, ପ୍ରସନ୍ନ କୁମାର ତ୍ରିପାଠୀ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଦୁର୍ଗା ଚରଣ ସାହୁ
କୃଷି ବିଭାଗ, ଓଡ଼ିଶା ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀ
'ଭଜନ କଳିକା'ର ରଚୟିତା
ଅର୍ଜୁନପୁର, କେନ୍ଦ୍ରାପଡ଼ା
ଆବିର୍ଭାବ - ୦୮.୦୩.୧୯୪୮
ତିରୋଧାନ - ୦୯.୦୨.୨୦୨୬
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ
ଶୋକ ସନ୍ତପ୍ତ: ପତ୍ନୀ - ଆରତୀ, ପୁତ୍ର: ଲଳିତ, ଲୋକନାଥ, ଲକ୍ଷ୍ମୀନାରାୟଣ, ପୁତ୍ର ବଧୂ: ନମିତା, ସୀମା, ସୁଚିତ୍ରା, କନ୍ୟା: ଲକ୍ଷ୍ମୀପ୍ରିୟା, ନାତି ନାତୁଣୀ: ମାମା, ସୋମୁ, ସୁଚରିତା, ଶୁଭକିନ୍ତା, ଶୁଭସ୍ମିତା, ନୃସିଂହ, ବନ୍ଧୁ, ପରିଜନ ଓ ଆତ୍ମୀୟସ୍ୱଜନ

## ଉରୁବାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

# ଯୁକ୍ତ ଦୁଇ ପରୀକ୍ଷା ପାଇଁ ଆଡ୍‌ମିଟ କାର୍ଡ ମିଳିନଥିବା ଅଭିଯୋଗ



ମାଲକାନଗିରି, ୧୯ ।୨(ସମିସ); ସାରା ରାଜ୍ୟରେ ଆସନ୍ତା କାଲି ଅର୍ଥାତ ଶୁକ୍ରବାର ଠାରୁ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ ହେବାକୁ ଯାଉଛି । ଏନେଇ ବିଭିନ୍ନ ସ୍ଥାନରେ ପୂର୍ବରୁ ଛାତ୍ର ଛାତ୍ରୀଙ୍କୁ ଆଡମିଟ କାର୍ଡ ପ୍ରଦାନ କରାଯାଇଥିବା ବେଳେ ମାଲକାନଗିରି ଜିଲ୍ଲାର ଉରୁବାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କିଛି ଛାତ୍ର ଛାତ୍ରୀଙ୍କୁ ଆଜି ଯାଏଁ ଏହି ଆଡମିଟ କାର୍ଡ ମିଳି ନଥିବା ନେଇ ଅଭିଯୋଗ ହୋଇଛି । ଅପର ପକ୍ଷରେ ଏହାକୁ ମିଥ୍ୟା ଓ ଭିତ୍ତିହୀନ ବୋଲି କହିଛନ୍ତି ଅନୁଷ୍ଠାନର ଅଧ୍ୟକ୍ଷ । ଅଭିଯୋଗ ଅନୁଯାୟୀ ମାଲକାନଗିରି ଜିଲ୍ଲା ଉରୁବାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷରେ ୧୫୮ ଜଣ ଛାତ୍ରଛାତ୍ରୀ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୯୯ ଜଣଙ୍କୁ ଆଡମିଟ କାର୍ଡ ମିଳିଥିବା ସହ ୫୯ ଜଣଙ୍କୁ ଏହା ମିଳି ନଥିବା ଛାତ୍ର ମହେନ୍ଦ୍ର ରାୟ, କିରଣ ସରକାର ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି । ଏହାକୁ ନେଇ ସେମାନେ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଭେଟିଥିଲେ । ହେଲେ ଅଧ୍ୟକ୍ଷ ଯାହାର ଆଡମିଟ କାର୍ଡ ନାହିଁ । ସିଏ ପରୀକ୍ଷା ଦେଇ ପାରିବେ ନାହିଁ ବୋଲି କହିଥିବା ପ୍ରକାଶ କରିଛନ୍ତି । ଫଳରେ ଛାତ୍ର ମାନେ ନିରାଶ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗ କରିଛନ୍ତି । ଜିଲ୍ଲାପାଳ ଅନୁପସ୍ଥିତ ଥିବାରୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ସେମାନେ ଦାବି ପତ୍ର ପ୍ରଦାନ କରି ଏହାର ସମାଧାନ ପାଇଁ ଅନୁରୋଧ କରିଛନ୍ତି ।

### ଆବେଦନ କରିନାହାନ୍ତି : ଅଧ୍ୟକ୍ଷ

ତେବେ ଅପର ପକ୍ଷରେ କିନ୍ତୁ ଏହି ଛାତ୍ର ମାନଙ୍କ ଅଭିଯୋଗକୁ ସିଧା ସଳଖ ଖଣ୍ଡନ କରିଛନ୍ତି ଅଧ୍ୟକ୍ଷ ଗିରିଜା ବେହେରା । ଶ୍ରୀ ବେହେରାଙ୍କ କହିବା ଅନୁଯାୟୀ ଚଳିତ ବର୍ଷ ୧୫୮ ପିଲାଙ୍କ ମଧ୍ୟରୁ କେବଳ ୧୦୮ ଜଣ ଏହି ପରୀକ୍ଷା ନିମନ୍ତେ ଫର୍ମ ଆବେଦନ କରିଥିଲେ ଓ ସେମାନନଙ୍କ ଆଡମିଟ କାର୍ଡ ଆସି ଯାଇଛି । ଏହି ପିଲାଏ ବିଦ୍ୟାଳୟକୁ ସଠିକ ଭାବେ ଆସୁ ନଥିବା ବେଳେ ସେମାନଙ୍କୁ ବାରମ୍ବାର ଅବଗତ କରିବା ପରେ ବି ସେମାନେ ପରୀକ୍ଷା ପାଇଁ ନିଜର ଫର୍ମ ଆବେଦନ ମଧ୍ୟ କରି ନଥିଲେ । ଏହା ସତ୍ୱେ ମଧ୍ୟ ସେ ଏହି ଛାତ୍ର ଛାତ୍ରୀଙ୍କ ଫର୍ମ ଆବେଦନ ପାଇଁ ତାରିଖ ସରିଥିବା ପରେ ବି ଚେଷ୍ଟା କରିଥିଲେ ହେଁ ଏହା ସମ୍ଭବ ହୋଇନଥିଲା । ଯାହା ଫଳରେ ଏହି ପିଲାଙ୍କ ଆଡମିଟ କାର୍ଡ ଆସି ନଥିବା ସେ ପ୍ରକାଶ କରିଛନ୍ତି । ପିଲାଙ୍କ ଦ୍ୱରା ହୋଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ବୋଲି ଶ୍ରୀ ବେହେରା ପ୍ରକାଶ କରିଛନ୍ତି ।

■ ଅପହଞ୍ଚ ଇଲାକାରେ ବଢ଼ୁଛି ପାଣି ସମସ୍ୟା

# ଖଜୁରୀପୁଟରେ ଚୁଆ ପାଣି ଭରସା



ବୈପାରୀଗୁଡ଼ା,୧୯।୨(ସମିସ): ଜଳ ହିଁ ଜୀବନ ଜଳ ବିନା କେହି ବଞ୍ଚି ପାରିବେ ନାହିଁ । ଏହାକୁ ଗୁରୁତ୍ୱ ଦେଇ ସରକାର ଗାଁ ଗାଁରେ ନଳକୂପ ଖନନ କରୁଛନ୍ତି । କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଖାଲୁଖିଆଲି ନୀତି ଯୋଗୁଁ ଲୋକେ ବିଶୁଦ୍ଧ ପାଣି ପାଇପାରୁନାହାନ୍ତି । ଗ୍ରୀଷ୍ମ ପୂର୍ବରୁ ଜଳ କଷ୍ଟ , ପିଇବାକୁ ମିଳୁନି ମୁନ୍ଦାଏ ପାଣି , ବାଧ୍ୟ ହୋଇ ଛୁଆଁ ପାଣି ଉପରେ ନିର୍ଭର କରନ୍ତି ଗ୍ରାମବାସୀ । ବୈପାରୀଗୁଡା ବ୍ଲକ ଅନ୍ତର୍ଗତ କଠପୋଡ଼ା ପଞ୍ଚାୟତରେ ଖଜୁରୀପୁଟ ଠାରେ ଦେଖିବାକୁ ମିଳିଛି । ଖଜୁରୀପୁଟ ଅନ୍ୟ ସାହି ଜୋନାଗୁଡ଼ାରେ ମୋଟ ପନ୍ଦର ପରିବାର ବସବାସ କରନ୍ତି । ଲୋକଙ୍କ ପାନୀୟ ଜଳ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ଦୁଇ ବର୍ଷ ପୂର୍ବେ ଖଜୁରୀପୁଟ ଠାରେ ଗୋଟିଏ ନଳକୂପ ଖନନ କରାଯାଇଥିଲା । ହେଲେ କିଛି ମାସ ପରେ ସେ ନଳକୂପ ଅଚଳ ଅବସ୍ଥାରେ ପଡିରହିଛି । ଫଳରେ ଗ୍ରାମବାସୀ ମାନେ ବାଧ୍ୟ ହୋଇ ଚୁଆ, ପାଣି ଜଳ ବ୍ୟବହାର କରୁଛନ୍ତି କ୍ଷ ସୌର ଚାଳିତ ଜଳ ଯୋଗାଣ ପ୍ରକଳ୍ପ ଦ୍ୱାରା ପାଣି ଯୋଗାଇ ଦେବା ନିମନ୍ତେ ଗ୍ରାମବାସୀ ମାନଙ୍କ ତରଫରୁ ବିଭୁତି ଖରା, ରୋଇଲା, କ୍ରିଷ୍ଟାନି, ମୋତି ଖରା,ଧନୁର୍ଜ୍ୟୟ ଖରା,ଡମ୍ବୁଧର ଖରା ପ୍ରମୁଖ ଦାବୀ କରିଛନ୍ତି । ଏନେଇ ଗ୍ରାମ୍ୟଜଳ ଯୋଗଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରମୋଦ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏନେଇ କୌଣସି ଅଭିଯୋଗ ଆସିନାହିଁ, କିନ୍ତୁ ଅତିଶୀଘ୍ର ନଳକୂପ ମରାମତି କରାଯିବ ସମସ୍ୟା ସମାଧାନ କରାଯିବ କହିଛନ୍ତି । ସରକାର ବିଭିନ୍ନ ଗ୍ରାମାଞ୍ଚଳ ପାଇଁ ଅନେକ ଯୋଜନା ପ୍ରଣୟନ କରୁଥିଲେ ସୁଦ୍ଧା ସଠିକ୍ ବ୍ୟବହାର ଅବହେଳା ଯୋଗୁଁ ଅପହଞ୍ଚ ଇଲାକାରେ ଟୋପାଏ ପାଣି ସମସ୍ୟା ପାଇଁ ଛୁଆଁ ଉପରେ ନିର୍ଭର କରିଥାନ୍ତି କ୍ଷ ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପାନୀୟ ଜଳ ସମସ୍ୟା ଯୋଗାଇବା ନିମନ୍ତେ ଗ୍ରାମବାସୀ ମାନେ ଦାବି କରିଛନ୍ତି ।

## ଶିକାରୀଙ୍କ ବିଦ୍ୟୁତ ତାର ସ୍ପର୍ଶରେ ଯୁବକ ମୃତ

ପଟ୍ଟାଙ୍ଗି,୧୯।୨(ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ଦେଓପଟ୍ଟାଙ୍ଗି ଗ୍ରାମ ଜଙ୍ଗଲରେ ବାର୍‌ହା ଶିକାର ନିମନ୍ତେ ଲାଗିଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଯୁବକର ମୃତ୍ୟୁ ଘଟିଛି । ମୃତ ଯୁବକଙ୍କ ସମ୍ପର୍କୀୟ ଭାଇ ଦୀନବନ୍ଧୁ ଖରାଙ୍କ କହିବା ଅନୁଯାୟୀ ସକାଳୁ ଗ୍ରାମର ଏକ ବ୍ୟକ୍ତି ମୃତ୍ୟୁବରଣ କରିଥିବା ସ୍ଥାନରେ ଉପସ୍ଥିତ ରହିଥିଲେ । ଏହି ସମୟରେ ତାଙ୍କ ସମ୍ପର୍କୀୟ ଭାଇ ଜଗଦୀଶ ଖରା ନିକଟ ଜଙ୍ଗଲର ଲାଗିଥିବା ବିଦ୍ୟୁତରେ ଲାଗି ମୃତ୍ୟୁବରଣ କରିଥିବା ନେଇ ଖବର ପହଞ୍ଚିଥିଲା । ତୁରନ୍ତ ଗ୍ରାମବାସୀ ଏବଂ ପରିବାର ବର୍ଗ ମିଶି ସେଠାରେ ପହଞ୍ଚି ଦେଖିବା ସହ ଉକ୍ତ ଘଟଣା ନେଇ ପଟ୍ଟାଙ୍ଗି ପୋଲିସଙ୍କୁ ସୂଚନା ପ୍ରଦାନ କରିଥିଲେ । ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ମୃତ ଶରୀରଟିକୁ ଜବତ କରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପଟ୍ଟାଙ୍ଗିକୁ ସ୍ଥାନାନ୍ତର କରିଥିଲା । ଉକ୍ତ ଯୁବକ ଜଣକ କାହିଁକି ସେଠାକୁ ଯାଇଥିଲେ, ତାହା କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ଏଥିନେଇ ଅଧିକା ତଦନ୍ତ କରୁଛି । କିନ୍ତୁ ନିକଟବର୍ତ୍ତି ସ୍ଥାନରେ କୌଣସି ବିଦ୍ୟୁତ ସଂଯୋଗ ରହିଥିବା ବେଳେ ଉକ୍ତ ଜଙ୍ଗଲରେ ଜଙ୍ଗଲି ଘୁଷୁରୀ ଶିକାର କରିବା ନିମନ୍ତେ ଜିଆଇ ତାରରେ ବିଦ୍ୟୁତ ସଂଯୋଗ କରାଯାଇଥିବା ବେଳେ ଉକ୍ତ ଅଘଟଣ ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି । ଏଥିନେଇ ପୋଲିସ ଏକ ମାମଲା ରୁଜୁ କରି ଅଧିକା ତଦନ୍ତ କରୁଥିବା ବେଳେ ମୃତ ଶରୀରଟିକୁ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି ।।

## ସେରୁବନ୍ଧ ଖଣି ଖନନ ପାଇଁ ଆସିଥିବା ଅଧିକାରୀଙ୍କୁ ବିରୋଧ



ପଟ୍ଟାଙ୍ଗି,୧୯।୨(ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକର ମାଳିପୁଟ ଠାରୁ ସେରୁବନ୍ଧ ପର୍ବତ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ସହ ଉକ୍ତ ଅଞ୍ଚଳର ଥିବା ଜଙ୍ଗଲ କାଟିବା ନିମନ୍ତେ ନାଲ୍‌କୋର ଥିଲା ଯୋଜନା । କିନ୍ତୁ ଉକ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପାଇ ଘଟଣା ସ୍ଥଳରେ ଶହ ଶହ ଲୋକ ପହଞ୍ଚି କାର୍ଯ୍ୟକ୍ରମକୁ କଲେ ଭଣ୍ଡୁର । ସୂଚନା ଅନୁଯାୟୀ, ଆଜି ନାଲ୍‌କୋର କିଛି ଅଧିକାରୀ ଏବଂ ପୋଲିସ ଓ ବ୍ଲକ ପ୍ରଶାସନ ଅଧିକାରୀ ଗଣ ମିଶି ୨୬ ନଂ ଜାତୀୟ ରାଜପଥ ମାଳିପୁଟ ଗ୍ରାମ ନିକଟରୁ ରାସ୍ତା ମରାମତି ଓ ଜଙ୍ଗଲରୁ ଗଛ କାଟିବା ନିମନ୍ତେ ଶୁଭ ଦେବାର ଯୋଜନା ନେଇ ପହଞ୍ଚିଥିଲେ । କିନ୍ତୁ ଉକ୍ତ ବିଷୟ ନେଇ ସେରୁବନ୍ଧ ସୁରକ୍ଷା ସମିତି ଓ ସ୍ଥାନୀୟ ଲୋକଙ୍କ ନିକଟରେ ସୂଚନା ମିଳିଥିଲା । ତୁରନ୍ତ ଶହ ଶହ ଲୋକ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ କାର୍ଯ୍ୟକ୍ରମ କରିବାକୁ ଦେଇ ନଥିଲେ । ଫଳରେ ଆସିଥିବା ଅଧିକାରୀ ଗଣ ଫେରିଯାଇଥିବା ନେଇ ଜଣାପଡିଛି । କାର୍ଯ୍ୟକ୍ରମ କରିବାକୁ ନ ଦେବା ନିମନ୍ତେ ଆଜି ଦିନ ତମାମ ଲୋକ ମାନେ ଜଗି ରହିଥିବା ଦେଖିବାକୁ ମିଳିଛି । ଆଗାମୀ ଦିନରେ ମଧ୍ୟ ଖଣି ଖନନକୁ ତୀବ୍ର ବିରୋଧ କରାଯିବ ବୋଲି ସେରୁବନ୍ଧ ସୁରକ୍ଷା ସମିତି ପକ୍ଷରୁ ପ୍ରତିକ୍ରିୟା ଦିଆଯାଇଛି । ଉକ୍ତ ସ୍ଥାନରେ ସେରୁବନ୍ଧ ସୁରକ୍ଷା ସମିତିର ସଦସ୍ୟ ଗଣ ଏବଂ ବିଭିନ୍ନ ଗ୍ରାମବାସୀ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଛି ।

## ଛାତ୍ରାବାସରେ ପିଅନଙ୍କ ଆତ୍ମହତ୍ୟା

ନନ୍ଦପୁର,୧୯।୨(ସମିସ): ନନ୍ଦପୁର ବ୍ଲକ ଅନ୍ତର୍ଗତ ମାଛକୁଣ୍ଡ ଥାନା ଅଧୀନ ଜବାଗଡ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରାବାସରେ ଗତ ରାତିରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ଯାହାକୁ ନେଇ ଛାତ୍ରାବାସରେ ଆତଙ୍କ ଖେଳାଯାଇଛି । ଛାତ୍ରାବାସ ପିଅନ ଅଣ୍ଟାବିର ଗାଁର ଶିବ ନାୟକ ବେକରେ କପଡା ଦେଇ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି । ଏ ନେଇ ଜବାଗଡ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ଖୋସଲା ସ୍ଥାନୀୟ ମାଛକୁଣ୍ଡ ଥାନାରେ ଏକ ଲିଖିତ ଏତଲା ଦେଇଛନ୍ତି । ଲିଖିତ ଏତଲା ଅନୁସାରେ ପ୍ରତି ଦିନ ଭଳି ଶିବ ରାତିରେ ଛାତ୍ରମାନଙ୍କୁ ଖାଇବାକୁ ଦେଇ ସାରିବା ପରେ ବିଦ୍ୟାଳୟର ଅଫିସ୍ ରୁମ୍‌କୁ ଯାଇ ଭିତର ପଟୁ କବାଟ ଦେଇ ଶୋଇଥିଲେ । ପରଦିନ ସକାଳୁ ଛାତ୍ରାବାସରେ ଶିବକୁ ଛାତ୍ର ଓ ଶିକ୍ଷକ ମାନେ ଦେଖିବାକୁ ନପାଇ ତାକୁ ଏଣେ ତେଣେ ଖୋଜା ଖୋଜି କରିଥିଲେ । ଖୋଜିବା ସମୟରେ ତା ନିଜ ରୁମ୍‌ରେ ଗାଡିଥିବା ଦେଖିଥିଲେ ଓ ପରେ ଅଫିସ୍ ରୁମ୍ କବାଟ ବନ୍ଦ ଥିବା ଦେଖିଥିଲେ । କିନ୍ତୁ କବାଟ ନ ଖୋଲିବାରୁ ସନ୍ଦେହରେ ସ୍ଥାନୀୟ ସରପଞ୍ଚଙ୍କୁ ଏ ବିଷୟରେ ଅବଗତ କରାଇ ତାଙ୍କ ଉପସ୍ଥିତିରେ କବାଟକୁ ଭାଙ୍ଗିଥିଲେ । ଶିବକୁ ଅଫିସ ରୁମ୍ ଭିତରେ ଝୁଲନ୍ତା ଅବସ୍ଥାରେ ଦେଖି ସଙ୍ଗେ ସଙ୍ଗେ ପୋଲିସକୁ ଖବର ଦେଇଥିଲେ । ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ଥିବାବେଳେ ମାଛକୁଣ୍ଡ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

## ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଙ୍କ କୃତିତ୍ୱ



ଚନ୍ଦାହାଣ୍ଡି,୧୯।୨(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଝାଳିଆପଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଭାଗ୍ୟଶ୍ରୀ ଖମାରୀ ୩ୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି । ଭାଗ୍ୟଶ୍ରୀ ଖମାରୀ ହେଉଛନ୍ତି ଝାଳିଆପଡା ଗ୍ରାମର ତନୁରାମ ଖମାରୀ ଓ ସସ୍ମିତା ଖମାରୀଙ୍କ ଝିଅ । ତାଙ୍କର ଏହି ସଫଳତାକୁ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ବେଶ୍ରା ସହକର୍ମୀ ଲକ୍ଷ୍ମଣ ମାଝୀ ଓ ପରିଚାଳନା କମିଟି ଖୁସି ହେବା ସହ ଭାଗ୍ୟଶ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି ।

# ୨୪ରୁ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା



➤ ଜିଲ୍ଲା ହସ୍ପିଟାଲରେ ଆରମ୍ଭ ହେବ
➤ ଚିକିତ୍ସା କରିବେ ରାଜ୍ୟର ବିଶେଷଜ୍ଞ ଡାକ୍ତରୀ ଦଳ

ମାଲକାନଗିରି,୧୯।୨(ସମିସ): ମାଲକାନଗିରି ଜିଲ୍ଲା ହସ୍ପିଟାଲରେ ଆସନ୍ତା ୨୪ ତାରିଖ ଠାରୁ ୨୭ ତାରିଖ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଶିବିର ଆରମ୍ଭ ହେବାକୁ ଯାଉଛି । ରାଜ୍ୟର ବିଶେଜ୍ଞ ବରିଷ୍ଠ ଡାକ୍ତର ମାନେ ଉପସ୍ଥିତ ରହି ରୋଗୀ ମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବେ । ସେଥି ନିମନ୍ତେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଯାଇଛି । ଜିଲ୍ଲା ହସ୍ପିଟାଲର ମୁଖ୍ୟ ଅଧିକ୍ଷକ ଡ. ଚୌଧୁରୀ ନିହାର ରଞ୍ଜନ ପ୍ରହରାଜଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ବରିଷ୍ଠ ଡାକ୍ତରଙ୍କ ସହ ଡାକ୍ତରଖାନା ପରିଚାଳକ ଏବଂ ବରିଷ୍ଠ ସେବିକାଗଣ ଉପସ୍ଥିତ ରହିଥିଲେ । ଏହି ଶିବିରରେ ରାଜ୍ୟସ୍ତରୀୟ ବିଶେଷଜ୍ଞ ଡାକ୍ତର ଯଥା ସ୍ନାୟୁ ରୋଗ ବିଶେଷଜ୍ଞ, ହୃଦ୍‌ରୋଗ ବିଶେଷଜ୍ଞ, ବୃକ୍କ ରୋଗ ବିଶେଷଜ୍ଞ, ପାଚନତନ୍ତ୍ର ରୋଗ ବିଶେଷଜ୍ଞ, ଅନ୍ତଃସ୍ରାବୀ ରୋଗ ବିଶେଷଜ୍ଞ, ଲାପାରୋସ୍କୋପି ଏବଂ ଶଲ୍ୟ ବିଶେଷଜ୍ଞ ପ୍ରମୁଖ ଡାକ୍ତରୀ ଦଳ ଯୋଗଦେଇ ଚିକିତ୍ସା ସେବା ସହ ଅସ୍ତ୍ରୋପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି । ସେହିପରି ଜିଲ୍ଲାବାସୀଙ୍କୁ ସଚେତନତା ସହ ଶିବିରରେ ଆସୁଥିବା ବିଶେଷଜ୍ଞ ଡାକ୍ତର ସମ୍ପର୍କିତ ବାର୍ତ୍ତା ଦେବା ନିମନ୍ତେ ୭ଟି ବ୍ଲକ ଓ ମାଲକାନଗିରି ସହରାଞ୍ଚଳରେ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର ପ୍ରସାର କରାଯିବା ବ୍ୟବସ୍ଥା କରାଯାଇଛି । ଏହି ଶିବିରକୁ ଅଧିକରୁ ଅଧିକ ରୋଗୀ ଯୋଗଦେଇ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଚିକିତ୍ସା ସେବାର ଲାଭ ଉଠାଇବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି । ଚଳିତ ମାସ ୨୪ ତାରିଖଠାରୁ ୨୭ ତାରିଖ ପର୍ଯ୍ୟନ୍ତ ହେବାକୁ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଶିବିରର ଲାଭ ଉଠାଇବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦୋଳମଣି ପ୍ରଧାନ ସୂଚନା ଦେଇଛନ୍ତି ।

## ଚିତ୍ର ଆଙ୍କି ସ୍ୱାବଲମ୍ବୀ ଶିଳ୍ପୀରାଣୀ



ଉମରକୋଟ,୧୯।୨(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦ ୱାର୍ଡ ନମ୍ବର ୧୨ଯୁଭି ୩ ଡଙ୍ଗରିଗୁଡାର ସ୍ୱର୍ଗତ ସଦାନନ୍ଦ ବିଶ୍ୱାସଙ୍କ ଝିଅ ଶିଳ୍ପୀରାଣୀ ବିଶ୍ୱାସ । ଶିଳ୍ପୀରାଣୀର ପିଲାଟି ଦିନରୁ ଚିତ୍ର କରିବାର ଯେଉଁ ନିଶା ଥିଲା, ତାହାକୁ ପେଷାରେ ବଦଳାଇବାକୁ ଉଦ୍ୟମ ଆରମ୍ଭ କରିଥିଲେ । ପାଠ ଶେଷ ପରେ ଚାକିରି ପଛରେ ନ ଗୋଡ଼ାଇ ନିଜେ ସ୍ୱାବଲମ୍ବୀ ହେବାକୁ ମନ ବଳାଇଥିଲେ । ଶିଳ୍ପୀରାଣୀ ବିଶ୍ୱାସ ଜଣେ ଉଚ୍ଚ ଶିକ୍ଷିତ ଯୁବତୀ । କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ଅର୍ଥଶାସ୍ତ୍ରରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି ଓ ଦିନେ ୟୁ ଟ୍ୟୁବ୍‌ରୁ ମଣ୍ଡଳା ଆର୍ଟ ସମ୍ପର୍କରେ ଜାଣି ତାହାକୁ ଶିଖିବା ପରେ ପରୀକ୍ଷା ମୂଳକଭାବେ ଏକ ଚିତ୍ର କରି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ । ଯାହା ଅନେକ ପ୍ରଶଂସା ସାଉଣ୍ଟିଥିଲା । ସେହି ସୋସିଆଲ ମିଡିଆର ପୋଷ୍ଟ ଓ ଅନେକ ଲୋକ ନିଜ ଘର ପାଇଁ ଅର୍ଡର ଦେଇଥିଲେ । ଧୀରେ ଧୀରେ ଲୋକଙ୍କ ଅର୍ଡର ସଂଖ୍ୟା ବଢ଼ିବାରେ ଲାଗିଲା । ବର୍ତ୍ତମାନ ସୁଦ୍ଧା ଶିଳ୍ପୀରାଣୀ ୮୦୦ ରୁ ଉର୍ଦ୍ଧ ଲୋକଙ୍କୁ ଚିତ୍ର କରି ବିକ୍ରି କରିସାରିଲେଣି । ସେ ଆଉ ପଛକୁ ଫେରି ଚାହିଁନାହାନ୍ତି । ନିଜେ ଅନେକ ଚିତ୍ରକରି ତାହାକୁ ବିକ୍ରି କରିଛନ୍ତି । ଉମରକୋଟ ଭଳି ଦୁର୍ଗମ ଅଞ୍ଚଳର ଜଣେ ଶିଳ୍ପୀଙ୍କ ଚିତ୍ର ଏବେ ଦେଶ ବାହାରେ ମଧ୍ୟ ଆଦୃତ ହୋଇପାରିଛି । ଶିଳ୍ପୀରାଣୀଙ୍କ ହାତ ତିଆରି ଜଗନ୍ନାଥ ଚିତ୍ରର କାନାଡା, ଅଷ୍ଟ୍ରେଲିଆ ଓ ଦୁବାଇରେ ବେଶ୍ ଚାହିଦା ରହିଛି । ଏହାଦ୍ୱାରା ବେଶ୍ ଭଲ ଅର୍ଥ ମଧ୍ୟ ରୋଜଗାର ହେଉଥିବା ଶିଳ୍ପୀରାଣୀ ବିଶ୍ୱାସ କହିଛନ୍ତି । ଦେଶ ବାହାରୁ ଆସିଥିବା ଅର୍ଡରର କାମ ଚାଲିଛି । ଖୁବ ଶୀଘ୍ର ସେଗୁଡିକ ପୋଷ୍ଟାଲ ମାଧ୍ୟମରେ ପଠାଇବି ବୋଲି କହିଛନ୍ତି । ଏହି ଚିତ୍ର ପାଇଁ ବ୍ୟବହୃତ ରଙ୍ଗ ପରିବେଶ ଉପଯୋଗୀ ହୋଇଥିବା ବେଳେ କଞ୍ଚାମାଲ ସବୁ ଦିଲ୍ଲୀରୁ ଆଣିବାକୁ ପଡୁଛି ବୋଲି ଶିଳ୍ପୀରାଣୀ କହିଛନ୍ତି । ଆଗାମୀ ଦିନରେ ଆର୍ଟ କ୍ଲାସ୍ ଖୋଲିବା ସହ ସ୍ଥାନୀୟ ଯୁବକ ଯୁବତୀଙ୍କୁ କର୍ମ ଯୋଗାଇବା ଲକ୍ଷ୍ୟ ରଖିଥିବା ଶିଳ୍ପୀରାଣୀ କହିଛନ୍ତି । ଶିଳ୍ପୀରାଣୀଙ୍କ ଚିତ୍ରର ଏକ ସ୍ୱତନ୍ତ୍ରତା ରହିଛି । ଆମ ଅଞ୍ଚଳର କଳାକୃତି ଦେଶ ବାହାରେ ଯାଉଛି ; ଯାହାକି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ପାଇଁ ଗର୍ବର ବିଷୟ ପାଲଟିଛି । ଏହି ପ୍ରୟାସ ଜାରି ରଖିଲେ ଜଣେ ସଫଳ ଉଦ୍ୟୋଗୀ ହୋଇପାରିବେ ବୋଲି କ୍ରେତା ଏବଂ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହୋଇଛି । ଏହି ମଣ୍ଡଳା ଆର୍ଟ ପାଇଁ ଉତ୍ସାହ ଓ ସହଯୋଗ କରିଥିବାରୁ ମାଁ ନିଳିମା ବିଶ୍ୱାସ, ଭାଇ ରିଷି ବିଶ୍ୱାସ, ଅଙ୍କିତା ହାଲଦାର , ପ୍ରତିଜ୍ଞା ପଟ୍ଟନାୟକ, କୋସିକ ମିର୍ଦ୍ଧା, ଅଞ୍ଜନ ହାଲଦାର, ଆଶିଷ ମହାପାତ୍ର ଓ ସାନ୍ତନୁ ସାହୁଙ୍କୁ ହୃଦୟରୁ କୃତଜ୍ଞତା ଜଣାଇଛନ୍ତି ।

## ସୁନାଚେନ୍ ଲୁଟ ଘଟଣାରେ ୨ ଗିରଫ

ମୁନିଗୁଡା, ୧୯।୨(ସମିସ): ମୁନିଗୁଡା ସହରର ଗୁଣ୍ଡିଚାନଗର ଛକରେ ଘରେପଶି ଛୁରୀରେ ଆକ୍ରମଣ ସହ ସୁନାଚେନ୍ ଲୁଟ୍ ଘଟଣାର ପର୍ଦ୍ଦାଫାଶ କରିଛି ମୁନିଗୁଡା ପୁଲିସ । ଏହି ଘଟଣାରେ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଲୁଟ୍ ସୁନା ଉଦ୍ଧାର କରି ସଂପୃକ୍ତ ପରିବାରକୁ ଫେରାଇଛି ପୁଲିସ । ଗତ ଡିସେମ୍ବର ୧୩ ତାରିଖ ସନ୍ଧ୍ୟାରେ ଘରଭଡା ବାହାନାରେ ଅଜୟ କୁମାର ରାଉତଙ୍କ ଘରେ ୨ ଜଣ ଯୁବକ ପଶି ତାଙ୍କ ସ୍ତ୍ରୀଙ୍କୁ ଛୁରୀରେ ଆକ୍ରମଣ କରିବା ସହ ବେକରେ ପିନ୍ଧିଥିବା ସୁନା ଚେନ ଲୁଟି ନେଇଥିଲେ । ଏ ନେଇ ଅଜୟ ଥାନାର ଦ୍ୱାରସ୍ଥ ହୋଇଥିଲେ । ଏତଲାକୁ ଭିତ୍ତି କରି ପୁଲିସ ତଦନ୍ତକରି ଲୁଟ୍ ସୁନା ଉଦ୍ଧାର କରି ହସ୍ତାନ୍ତର କରିବା ସହ ଅଭିଯୁକ୍ତ ଯୁଧିଷ୍ଠି କୈଶଲ୍ୟା ଓ ରୋହିତ ହିଆଲକୁ ଗିରଫକରି କୋର୍ଟ ଚାଲାଣ କରିଛି । ଅପରପକ୍ଷରେ ସୁନା ଫେରି ପାଇବା ପରେ ପୁଲିସକୁ ଧନ୍ୟବାଦ ଜଣାଇଛନ୍ତି ଅଜୟ କୁମାର ରାଉତ ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନୂତନ କୋଠାରେ ଗୃହ ପ୍ରବେଶ କାର୍ଯ୍ୟକ୍ରମ



ରାୟଗଡ଼ା,୧୯।୨(ସମିସ): ଆଜି ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଦ୍ୱାରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନୂତନ କୋଠାରେ ଗୃହ ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସକାଳ ୮ଟା ୩୦ ମିନିଟ୍ ସମୟରେ ପୂଜକ ବଡ଼ବାବୁ କାଳିଚରଣ ରଥଙ୍କ ମନ୍ତ୍ର ପାଠ ଓ ଦେବ କାର୍ଯ୍ୟ ହୋମଯଜ୍ଞ ସହ ପୂଜା ଅର୍ଚ୍ଚନା କରାଯାଇଥିଲା । ପ୍ରାୟ ୩କୋଟି ୬୧ଲକ୍ଷ ୭୮ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି କୋଠାକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ଫେବୃଆରୀ ୨ ତାରିଖରେ ଉଦ୍‌ଘାଟିତ କରିଥିଲେ । ଆଜିର କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ନବୀନ ଚନ୍ଦ୍ର ନାୟକ, ଅତିରକ୍ତ ଜିଲ୍ଲାପାଳ ରାଜସ୍ୱ ନିହାର ରଞ୍ଜନ କହଁର, ଡେପୁଟି କଲେକ୍ଟର ନିର୍ମଳ ସାହୁ, ସହକାରୀ ଜିଲ୍ଲାପାଳ ମାନଭଂଜନ କହଁର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ସହକାରୀ ଜିଲ୍ଲାସୂଚନା ଅଧିକାରୀ ଦେବରାଜ ଟାକ୍ରୀ, ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ଏନ ଗୁଣ ଶେଖର, ଜିଲ୍ଲା କ୍ରୀଡ଼ା ଅଧିକାରୀ ସେଖ ଆଲେନୁର, ଡେପୁଟି କଲେକ୍ଟର ବିଚିତ୍ରସେଠୀ, ଲିପ୍ସା ପଟେଲ,ରଶ୍ମିରେଖା ବିଷୋୟୀ,ଶିବ ପ୍ରସାଦ ସାହୁ, ନୂତନ ଭାବେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ, ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ ଯୋଗଦେଇ ଥିଲେ । ଏହାପରେ ନୂତନ କୋଠାରେ ନିର୍ମିତ ସଭାଗୃହରେ ଏକ ଷ୍ଟାଫ ମିଟିଙ୍ଗ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣି ସମସ୍ତ ବିଭାଗୀୟ କାର୍ଯ୍ୟକ୍ରମ ବିଷୟରେ ସମୀକ୍ଷା କରି କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ । ସମସ୍ତଙ୍କୁ ନିଷ୍ଠାପର ଭାବରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।

## ଜଗନ୍ନାଥ ସାଗର ପୁନରୁଦ୍ଧାର ଦୁର୍ନୀତି ଅଭିଯୋଗ

# ପୌର ଅଧ୍ୟକ୍ଷ ଇସ୍ତଫା ଦିଅନ୍ତୁ : ପୂର୍ବତନ ପୌର ଉପାଧ୍ୟକ୍ଷ



ଜୟପୁର, ୧୯ ।୨(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରରେ ରାଜନୀତି ସରଗରମ ହୋଇଯାଇଛି । ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଉପାଧ୍ୟକ୍ଷ ତଥା ବିଜେଡିର ବରିଷ୍ଠ ନେତା ସୂର୍ଯ୍ୟ ନାରାୟଣ ରଥ ଏକ ସାମ୍ବାଦିକ ସମ୍ମିଳନୀରେ ଜୟପୁର ପୌରସଂସ୍ଥାର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ଜଣେ ଲୋକ ପ୍ରତିନିଧ ଏବଂ ଦାୟିତ୍ୱ ସମ୍ପନ୍ନ ପଦବୀରେ ରହିଥିଲେ ସୁଦ୍ଧା ନିଜ ବ୍ୟକ୍ତିଗତ ବ୍ୟବସାୟିକ ସାମ୍ରାଜ୍ୟକୁ ବଞ୍ଚାଇ ରଖିବା ପାଇଁ ହାଇକୋର୍ଟ ଭଳି ଏକ ପବିତ୍ର ସଂସ୍ଥାକୁ ବିଭ୍ରାନ୍ତ କରିବା ସହିତ ମିଥ୍ୟା ସତ୍ୟପାଠ ମାଧ୍ୟମରେ ରୁଟ ପରମିଟ ହାସଲ କରିବା ଏକ କଳଙ୍କ ଇତିହାସ ସୃଷ୍ଟି କରିବା ସହିତ ଜୟପୁର ସହରର ପାଇଁ ଏହା ଦୁର୍ଭାଗ୍ୟ ଜନକ ବୋଲି ଅଭିଯୋଗ କରିବା ସହିତ ତୁରନ୍ତ ପୌର ଅଧ୍ୟକ୍ଷ ଶ୍ରୀ ମହାନ୍ତି ନୈତିକତା ଦୃଷ୍ଟିରୁ ନିଜ ପଦବୀରୁ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଛନ୍ତି । ଏହିପରି ନିଜ ମାଲିକାନାରେ ରହିଥିବା ଘରୋଇ ବସର ଅସ୍ଥାୟୀ ରୁଟ ପରମିଟ ସ୍ଥାୟୀ କରିବା ନେଇ ନିର୍ଦ୍ଧାରିତ ସମୟରେ ଆବେଦନ କରିନଥିବା ଯୋଗୁଁ ଉକ୍ତ ଅସ୍ଥାୟୀ ପେରମିଟ ଖାରଜ ହୋଇଯାଇଥିଲା । କିନ୍ତୁ ହାଇକୋର୍ଟରେ ମିଥ୍ୟା ସତ୍ୟପାଠ ମାଧ୍ୟମରେ ବିଶାଖପାଟଣାର ଏକ ଘରୋଇ ଚିକିତ୍ସାଳୟରେ ଏପ୍ରିଲ ମାସରୁ ଜୁଲାଇ ମାସ ପର୍ଯନ୍ତ ଦୀର୍ଘ ୧୦୬ ଦିନ ଚିକିତ୍ସିତ ହେଉଥିବା ନେଇ ଲିଖିତ ଭାବେ ଜଣାଇଥିଲେ । ଯଦି ସେ ସେଠାରେ ଚିକିତ୍ସା ହେଉଥିଲେ ଉକ୍ତ ଦୀର୍ଘ ୩ ମାସ ପର୍ଯ୍ୟନ୍ତ ଜୟପୁର ସହର ଏବଂ ଅନ୍ୟାନ୍ୟ ସ୍ଥାନରେ ପୌରସଂସ୍ଥା ଓ ସରକାରୀ କାର୍ଯ୍ୟକ୍ରମରେ କିଭଳି ଉପସ୍ଥିତ ରହି ସଭା ଏବଂ ଅନ୍ୟାନ୍ୟ କାର୍ଯ୍ୟ କରିଥିଲେ । ଏହିପରି ଏହା ବାବଦକୁ ଗସ୍ତଖର୍ଚ୍ଚ ବାବଦକୁ ପୌରସଂସ୍ଥା ପକ୍ଷରୁ ପ୍ରଦାନ କରାଯାଇଥିବା ୪ ଚକିଆ ଯାନରେ ପେଟ୍ରୋଲ କିମ୍ବା ଡିଜେଲ ବାବଦକୁ ଟଙ୍କା କିଭଳି ପୈଠ କରାଯାଇଛ ବୋଲି ପ୍ରଶ୍ନ କରିବା ସହିତ ଏହା ଭିଜିଲାନ୍ସ ଦ୍ୱାରା ତଦନ୍ତ କରିବାକୁ ଦାବି କରିଛନ୍ତି । ଏହି ଅଭିଯୋଗ ନେଇ ପୂର୍ବରୁ ଜଗତଜନନୀ ଘରୋଇ ବସ ମାଲିକ ସଂଘ ପକ୍ଷରୁ ଅଭିଯୋଗ ଅଣାଯାଇଥିଲା । କିନ୍ତୁ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ତଥା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟୀତ୍ୱରେ ଜଣେ ଯୁବ ମହିଳା ଭାରତୀୟ ପ୍ରଶାସନିକ ଅଧିକାରୀ ରହିଥିବା ବେଳେ ଏହାର ତଦନ୍ତ ନ କରିବା ଏବଂ ଚୁପ ରହିବାର କାରଣ କଣ ବୋଲି ପୂର୍ବତନ ଉପାଧ୍ୟକ୍ଷ ଶ୍ରୀ ରଥ ପ୍ରଶ୍ନ କରିଛନ୍ତି । ଏହିପରି ଜଗନ୍ନାଥ ସାଗର ଉନ୍ନତୀକରଣ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ ଦେଖାଇ ଅଧିକାଂଶ ଟଙ୍କା ନିର୍ମାଣକାରୀ ସଂସ୍ଥା ଉପାଧ୍ୟକ୍ଷ ଶ୍ରୀ ରଥ ଅଭିଯୋଗ କରିଛନ୍ତି । ଏହିପରି ବିଜେଡି ଦଳ ପକ୍ଷରୁ ରାଜ୍ୟ ଗୃହ ଓ ନଗର ଉନ୍ନୟନ୍ନ ବିଭାଗିୟ ମନ୍ତ୍ରୀ, ସଚିବ, ଜିଲ୍ଲାପାଳ ଏବଂ ପୌର ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଭାବେ ଏହାର ତଦନ୍ତ କରିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିବ । ଅନ୍ୟଥା

### ନିଜ ବ୍ୟବସାୟକୁ ବଞ୍ଚାଇବା ପାଇଁ ମିଥ୍ୟା ସତ୍ୟପାଠ

ପୌରସଂସ୍ଥା ପକ୍ଷରୁ ଆରସାତ କରାଯାଇଛି । ବର୍ତ୍ତମାନ ଜଗନ୍ନାଥ ସାଗରର ଉନ୍ନତିମୂଳକ କାର୍ଯ୍ୟ ସମ୍ପନ୍ନ କରିବା ପୌରସଂସ୍ଥାର ଉଦ୍ଦେଶ୍ୟ ନାହିଁ । ଏହାର ପୁନଃଉଦ୍ଧାର ନାମରେ ବିଭିନ୍ନ ସଂସ୍ଥାର ପାଣ୍ଠି ଓ ରାଜ୍ୟ ସରକାରଙ୍କ ପାଣ୍ଠି ଲୁଟ କରିବାର ଜଗନ୍ନାଥ ସାଗର ମୁଖ୍ୟ ଉତ୍ସ ପାଲଟିଛି । ଏହି ଦୁର୍ନିତୀରେ ସିଧାସଳଖ ପୌର ଅଧ୍ୟକ୍ଷ ଶ୍ରୀ ମହାନ୍ତି ସଂଶ୍ଳିଷ୍ଟ ରହିଥିବା ବେଳେ ଜୟପୁର ବିଧାୟକ ମଧ୍ୟ ଏଥିର ସଂଶ୍ଳିଷ୍ଟ ରହିଛନ୍ତି । ନଚେତ ସାଧାରଣ ସଭା ବୈଠକରେ ପୌରଅଧ୍ୟକ୍ଷ ଶ୍ରୀ ମହାନ୍ତି କୌଣସି ଦୁର୍ନିତୀ କରିଲେ ତାଙ୍କୁ ତୁରନ୍ତ ପଦବୀରୁ ହଟାଇବାକୁ ଦାବି କରିବେ ବୋଲି ଭାଷଣବାଜି କହୁଥିବା ବିଧାୟକ ବର୍ତ୍ତମାନ ଜଗନ୍ନାଥ ସାଗର ଏବଂ ପୌରସଂସ୍ଥାର ଦୁର୍ନୀତି ବିରୋଧରେ କୌଣସି ମନ୍ତବ୍ୟ ନ ଦେବା ସ୍ପଷ୍ଟ କରୁଛି ବୋଲି ପୂର୍ବତନ ଆଗାମୀ ଦିନରେ ଜୟପୁରରେ ବିଜେଡି ଦଳ ପକ୍ଷରୁ ଏକ ଜୋରଦାର ଆନ୍ଦୋଳନ କରିବା ସହିତ ପୌର ଅଧ୍ୟକ୍ଷ ନିଜ ପଦବୀରୁ ଇସ୍ତଫା ଦେବା ବାଧ୍ୟ କରାଯିବ । ଅନ୍ୟଥା ପୌର ଅଧ୍ୟକ୍ଷ ଶ୍ରୀ ମହାନ୍ତି ତାଙ୍କୁ ଭୋଟ ଦେଇ ଜୟଯୁକ୍ତ କରିଥିବା ସହର ବାସିନ୍ଦାଙ୍କୁ ସାଧାରଣରେ କ୍ଷମା ପ୍ରାର୍ଥନା କରିବା ସହିତ ନିଜ ଦୋଷକୁ ସ୍ୱୀକାର କରୁନ୍ତ ବୋଲି ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଜୟପୁର ନଗର ବିଜେଡି ସଭାପିତ ଏ. ଶ୍ରୀନିବାସ ରାଓ ଉପସ୍ଥିତ ରହିଥିଲେ । ଏଥିନେଇ ପୌର ଅଧକ୍ଷ ଶ୍ରୀ ମହାନ୍ତିଙ୍କୁ ମତାମତ ନେଇ ଯୋଗାଯୋଗ କରିବାରୁ ଆଗାମୀ ଦିନରେ ଏକ ସାମ୍ବାଦିକ ସମ୍ମିଳନୀ ମାଧରେ ଏହି ଅଭିଯୋଗର ସମସ୍ତ ଉତ୍ତର ଦେବା ସହିତ ଖୁଲାସା କରିବି ବୋଲି କହିଛନ୍ତି ।